# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶନିବାର, ଜୁନ୍ ୮/୨୦୨୪ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, June 8/2024 Page 20 ₹ 7.00

୫୦ଶ ଭାଗ ୧୯୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 194 ମୂଲ୍ୟ ₹୭/-



# NEET (UG) 2024

## Aakashians Create History

Aakash
Medical | IIT-JEE | Foundations

AIR 1




**21** Aakashians Get AIR 1 (14 Classroom + 7 Distance & Digital)

**115272*** Aakashians Qualified in NEET (UG) 2024 (102209 Classroom + 13063 Distance & Digital)

*Still Counting

**36** in Top 100 AIR (All India Rank)

**165** in Top 500 AIR (All India Rank)

**335** in Top 1000 AIR (All India Rank)

**36** State / UTs Toppers

Including Students from Classroom, Digital & DLP Courses across all Categories

## Our Top Performers from Odisha Classroom Program




Scan the code to check all the ranks & watch what the toppers have to say

and many more...

Though every care has been taken to publish the result, yet Aakash Educational Services Ltd. shall not be responsible for inadvertent error, if any.

**Come Back STRONGER NEET / JEE 2025**

## Admissions Open - Get Up to 90% Scholarship*

**Repeater / Dropper Batches** (XII Passed Students) for JEE / NEET 2025

Scan to apply

*Terms & Conditions apply.

**2 Year Integrated Courses** (XI Studying Students) for JEE / NEET 2026

**Batches Commencement from 13th & 20th June, 2024**

**DIRECT ADMISSION - Avail 100% Scholarship based on NEET (UG) 2024 Scores***

**06** Branches in Odisha

**Call Your Nearest Branch**

- **Bhubaneswar (Bhoumanagar)** 8800852494, 7008005000
- **Bhubaneswar (Chandrasekharpur)** 8800874104, 7008005000
- **Cuttack (Link Road)** 8800849243, 7008005000
- **Baleswar Branch** 8800538720, 7008005000
- **Berhampur Branch** 8800502470, 7008005000
- **Sambalpur Branch** 8448693770, 7008005000

SCAN FOR NEAREST BRANCH

CALL (TOLL-FREE): **1800-102-2727**

VISIT: **aakash.ac.in**

For Franchise Enquiry: Email ID: **franchise@aesl.in**

Aakash Medical | IIT-JEE | Foundations

## ସଂକ୍ଷେପରେ

### ୧୫ରୁ ଅଷ୍ଟାଦଶ ଲୋକ ସଭାର ପ୍ରଥମ ଅଧିବେଶନ

ନୂଆଦିଲ୍ଲୀ,୭ା୬

ଚଳିତ ମାସ ୧୫ ତାରିଖରୁ ଅଷ୍ଟାଦଶ ଲୋକ ସଭାର ପ୍ରଥମ ଅଧିବେଶନ ଆରମ୍ଭ ହୋଇପାରେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଏନ୍‌ଡିଏ ନେତା ନରେନ୍ଦ୍ର ମୋଦି ରବିବାର ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ପରେ ଜୁନ୍ ତୃତୀୟ ସପ୍ତାହରେ ପାର୍ଲାମେଣ୍ଟ ନିମ୍ନ ସଦନ ଆଦ୍ୟ ଅଧିବେଶନ ଆରମ୍ଭ ହେବ। ଅଧିବେଶନ ପ୍ରାରମ୍ଭରେ ନବନିର୍ବାଚିତ ଏମ୍‌ପିମାନେ ୨ ଦିନ ଧରି ଶପଥ ନେବେ। ଏହା ପରେ ନୂଆ ବାଚସ୍ପତି ଚୟନ କରାଯିବ। ବାଚସ୍ପତି ବଛାଯିବାର ଦିନକ ପରେ ରାଷ୍ଟ୍ରପତି ଲୋକ ସଭା ଓ ରାଜ୍ୟ ସଭାର ମିଳିତ ଅଧିବେଶନକୁ ସମ୍ବୋଧିତ କରିବା ସହ ଆନୁଷ୍ଠାନିକ ଭାବେ ସେସନ୍ ଆରମ୍ଭ କରିବେ। ତେବେ ଏ ସଂକ୍ରାନ୍ତରେ ନୂଆ କ୍ୟାବିନେଟ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ପ୍ରଥମ ଅଧିବେଶନର ଅବଧି ସଂକ୍ଷିପ୍ତ ରହିବ। ଏହା ଜୁନ୍ ୨୨ରେ ଶେଷ ହୋଇପାରେ।

### ଏନ୍‌ଡିଏ ଏବେ ନୀତୀଶ-ନାଇଡୁ ନିର୍ଭରଶୀଳ ମେଣ୍ଟ: କଂଗ୍ରେସ

ନୂଆଦିଲ୍ଲୀ,୭ା୬

ଭାଜପା ଲୋକ ସଭା ନିର୍ବାଚନରେ ସ୍ପଷ୍ଟ ବହୁମତ ନ ପାଇବାରୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ମୁଖ୍ୟ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ସମର୍ଥନରେ ସରକାର ଗଢ଼ିବାକୁ ଯାଉଛି। ଏହାକୁ ଦେଖି ଶାସକ ଦଳକୁ କଂଗ୍ରେସ କଟାକ୍ଷ କରିଛି। କଂଗ୍ରେସ ମିଡିଆ ବିଭାଗ ମୁଖ୍ୟ ପୱନ ଖେରା କହିଛନ୍ତି, ଏନ୍‌ଡିଏ ଏବେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ହୋଇ ରହିନାହିଁ। ଏହା ନୀତୀଶ-ନାଇଡୁ ଡିପେଣ୍ଡେଣ୍ଟ ଆଲାଏନ୍ସ ପାଲଟିଯାଇଛି। ପାର୍ଲାମେଣ୍ଟ ପରିସରରୁ ଦେଶର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିଗୁଡ଼ିକୁ କାହିଁକି ସ୍ଥାନାନ୍ତର କରାଯାଇଛି, ସେନେଇ ଦେଶବାସୀ ଜବାବ ମାଗୁଛନ୍ତି ବୋଲି ଖେରା କହିଛନ୍ତି।

### ‘ମନ୍ତ୍ରୀପଦ’ ଫୋନ୍ କଲ୍‌କୁ ବିଶ୍ୱାସ କରନ୍ତୁ ନାହିଁ: ମୋଦି

ନୂଆଦିଲ୍ଲୀ,୭ା୬

ଶପଥ ଗ୍ରହଣ ଉତ୍ସବ ପାଖେଇ ଆସୁଥିବାବେଳେ ଏମ୍‌ପିମାନଙ୍କ ନିକଟକୁ ‘ମନ୍ତ୍ରୀପଦ’ ଆବଣ୍ଟନ ନେଇ ମିଛ ଫୋନ୍‌କଲ୍ ଯାଇପାରେ ବୋଲି ଏନ୍‌ଡିଏ ନେତା ନରେନ୍ଦ୍ର ମୋଦି ସତର୍କ କରାଇଛନ୍ତି। ପୁରୁଣା ସଂସଦ ଭବନରେ ବୈଠକ ବେଳେ ନବନିର୍ବାଚିତ ଏମ୍‌ପିମାନଙ୍କୁ ସମ୍ବୋଧିତ କରି ମୋଦି କହିଛନ୍ତି, ଇଣ୍ଡି ମେଣ୍ଟ ଆପଣମାନଙ୍କ ମଧ୍ୟରୁ ଅନେକଙ୍କୁ ଫୋନ୍ କରି ମନ୍ତ୍ରଣାଳୟ ଓ ପୋର୍ଟଫୋଲିଓ ଦିଆଯାଉଥିବା କଥା କହିପାରେ। କିଛିଦିନ ହେଲା ଟିଭି ଚ୍ୟାନେଲଗୁଡ଼ିକରେ ମଧ୍ୟ କାହାକୁ କେଉଁ ମନ୍ତ୍ରଣାଳୟ ମିଳିବ, ସେନେଇ ଅନେକ ରିପୋର୍ଟ ପ୍ରସାର କରାଯାଉଛି। ଏଭଳି ରିପୋର୍ଟରେ କୌଣସି ସତ୍ୟତା ନାହିଁ। ତେଣୁ ମନ୍ତ୍ରୀପଦ ସମ୍ପର୍କିତ କଲ୍ ଗଲେ, ସତ୍ୟାସତ୍ୟ ଯାଞ୍ଚ ନ କରି କେହି ଉଲ୍ଲସିତ ହୁଅନ୍ତୁ ନାହିଁ ବୋଲି ସେ ପରାମର୍ଶ ଦେଇଛନ୍ତି।



ସମ୍ବିଧାନ ସଦନରେ ଶୁକ୍ରବାର ଅନୁଷ୍ଠିତ ଏନ୍‌ଡିଏ ସଂସଦୀୟ ଦଳ ବୈଠକରେ ମେଣ୍ଟ ନେତା ନରେନ୍ଦ୍ର ମୋଦିଙ୍କୁ ସ୍ୱାଗତ କରୁଛନ୍ତି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା। ତାଙ୍କ ସହ ଟିଡିପି ମୁଖ୍ୟ ଏନ୍. ଚନ୍ଦ୍ରାବାବୁ ନାଇଡୁ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ଅନ୍ୟ ସହଯୋଗୀ ଦଳଗୁଡ଼ିକର ନେତାମାନେ ଉପସ୍ଥିତ।

## ବର୍ଷକ ମଧ୍ୟରେ ନିର୍ବାଚନ: ବଘେଲ

ନୂଆଦିଲ୍ଲୀ,୭ା୬



ଭୂପେଶ ବଘେଲ

ଲୋକ ସଭା ନିର୍ବାଚନରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରି ନ ଥିବା ଭାଜପା ସହଯୋଗୀ ଦଳଗୁଡ଼ିକର ସହଯୋଗରେ କେନ୍ଦ୍ରରେ ସରକାର ଗଢ଼ିବାକୁ ଯାଉଛି। ତେବେ ବର୍ଷକ ମଧ୍ୟରେ ଦେଶ ମଧ୍ୟବର୍ତ୍ତିକାଳୀନ ସାଧାରଣ ନିର୍ବାଚନର ସମ୍ମୁଖୀନ ହେବ ବୋଲି ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ଭୂପେଶ ବଘେଲ ଶୁକ୍ରବାର ପୂର୍ବାନୁମାନ କରିଛନ୍ତି। ୬ ମାସରୁ ବର୍ଷକ ମଧ୍ୟରେ ନିର୍ବାଚନ ହୋଇପାରେ। ଏଥିପାଇଁ ପ୍ରସ୍ତୁତ ରହିବାକୁ ସେ ଦଳୀୟ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏକ ସାଧାରଣ ସଭାକୁ ଉଦ୍‌ବୋଧନ ଦେବା ଅବସରରେ ବଘେଲ କହିଥିଲେ, ଦେଶବାସୀ ନିର୍ବାଚନରେ ଭାଜପାକୁ ଉପଯୁକ୍ତ ଶିକ୍ଷା ଦେଇଛନ୍ତି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ତାଙ୍କ ରାଜସ୍ଥାନ ପ୍ରତିପକ୍ଷ ଭଜନଲାଲ୍ ଶର୍ମା ଏବଂ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କୁ ସେ କଟାକ୍ଷ କରିଛନ୍ତି। ଯୋଗୀଙ୍କ ଆସନ ଦୋହଲୁଥିବାବେଳେ ଭଜନଲାଲ୍ ଟଳମଳ ହେଉଛନ୍ତି। ଫଡ୍‌ନବିସ ଇସ୍ତଫା ପ୍ରସ୍ତାବ ଦେଇଛନ୍ତି। ଯେଉଁମାନେ ଦିନକୁ ୩ ଥର ପୋଷାକ ବଦଳାଉଥିଲେ, ଏବେ ଗୋଟିଏ ପୋଷାକରେ ୩ଟି କାର୍ଯ୍ୟକ୍ରମରେ ଯୋଗଦେଉଛନ୍ତି ବୋଲି ନରେନ୍ଦ୍ର ମୋଦିଙ୍କୁ ଆକ୍ଷେପ କରି ବଘେଲ କହିଛନ୍ତି।

# ଦରବୃଦ୍ଧି, ବେକାରି: ଗ୍ରାମାଞ୍ଚଳରେ ଭାଜପାକୁ କାଳ

ନୂଆଦିଲ୍ଲୀ,୭ା୬

ସଂସଦୀୟ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାରତୀୟ ଜନତା ପାର୍ଟି (ଭାଜପା) ଏହାର ଏକ-ତୃତୀୟାଂଶ ଗ୍ରାମାଞ୍ଚଳ ଆସନ ହରାଇଦେଇଛି। ଗ୍ରାମାଞ୍ଚଳରେ ନିଯୁକ୍ତିର ଅଭାବ ଓ ଉଚ୍ଚ ମୁଦ୍ରାସ୍ଫୀତି ଯୋଗୁ ବଢୁଥିବା ଅସନ୍ତୋଷ ଏଥିରୁ ପ୍ରତିଫଳିତ ହୋଇଛି। ଗତ ଏପ୍ରିଲ ୧୯ରୁ ଜୁନ୍ ୧ ମଧ୍ୟରେ ଅଷ୍ଟାଦଶ ଲୋକ ସଭାର ୫୪୩ ଆସନ ପାଇଁ ୭ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହାର ଫଳାଫଳ ଜୁନ୍ ୪ରେ ଆସିଥିଲା। ଭାଜପା ଏଥର ୨୪୦ ଆସନ ପାଇଛି, ଯାହାକି ୨୦୧୯ ନିର୍ବାଚନ ତୁଳନାରେ ୬୩ କମ୍। ଶାସକ ଦଳର ଦୁର୍ବଳ ପ୍ରଦର୍ଶନ ଲୋକ ସଭାରେ ଅନ୍ୟ ଦଳଗୁଡ଼ିକ ପ୍ରତି ନିର୍ଭରଶୀଳ ହେବାକୁ ବାଧ୍ୟ କରିଛି। ୨୦୧୯ରେ ଗ୍ରାମାଞ୍ଚଳରେ ଭାଜପାକୁ ୨୦୧ ଲୋକ ସଭା ଆସନ ମିଳିଥିଲା। ଏଥର ଏହା ୧୨୬କୁ ଖସିଆସିଥିବା ବିଶ୍ଳେଷଣରୁ ଜଣାପଡ଼ିଛି। ଏହି ଆସନଗୁଡ଼ିକ ମଧ୍ୟରେ ଆସାମ, ଜମ୍ମୁ-କଶ୍ମୀର ଓ ଲଦାଖ ଭଳି ଅଞ୍ଚଳର ସୀମା ପୁନଃ ନିର୍ଦ୍ଧାରିତ ସଂସଦୀୟ କ୍ଷେତ୍ରଗୁଡ଼ିକୁ ସାମିଲ କରାଯାଇନାହିଁ। ନୂଆଦିଲ୍ଲୀର ସେଣ୍ଟର ଫର୍ ପଲିସି ରିସର୍ଚ୍ଚରେ କାର୍ଯ୍ୟରତ ରାଜନୈତିକ ବିଶେଷଜ୍ଞ ରାହୁଲ ବର୍ମା କହିଛନ୍ତି, ମୋଦିଙ୍କ ଦଳ ବିଶେଷକରି ଉତ୍ତର ପ୍ରଦେଶ ଓ ରାଜସ୍ଥାନ ଭଳି ହିନ୍ଦୀଭାଷୀ ରାଜ୍ୟରେ ଜନ ସମର୍ଥନ ହରାଇଦେଇଛି। ସବୁଠୁ ସମୃଦ୍ଧ ଦକ୍ଷିଣ ଭାରତ ଓ ଆର୍ଥିକ ବିକାଶ ଦିଗରେ ଅଗ୍ରସର ପଶ୍ଚିମ ଭାଗରେ ମଧ୍ୟ ଭାଜପାକୁ ନିରାଶ ହେବାକୁ ପଡ଼ିଛି। ଗ୍ରାମାଞ୍ଚଳର ଦୁର୍ଦ୍ଦଶା ଏହି ନୈରାଶ୍ୟଜନକ ପ୍ରଦର୍ଶନର ଏକ କାରଣ ହୋଇଥାଇପାରେ ବୋଲି ସେ କହିଛନ୍ତି।

ମୋଦିଙ୍କ ଅଧୀନରେ ଭାରତ ବିଶ୍ୱର ଅନ୍ୟତମ ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତିରେ ପରିଣତ ହୋଇଛି। କିନ୍ତୁ ଦେଶର କାର୍ଯ୍ୟଶକ୍ତିରେ ପ୍ରବେଶ କରୁଥିବା ଆଶାୟୀଙ୍କ ପାଇଁ ବହୁ କମ୍ ସଂଖ୍ୟକ ଚାକିରି ରହିଛି। ଭାରତର ୧୪୦ କୋଟି ଲୋକଙ୍କ ମଧ୍ୟରୁ ୬୦% ଗ୍ରାମାଞ୍ଚଳରେ ବସବାସ କରନ୍ତି। ସେମାନେ କର୍ମନିଯୁକ୍ତିର ଅଭାବ ଦେଇ ଗତି କରୁଥିବାବେଳେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ ବୃଦ୍ଧି ଦାଉ ସାଧୁଛି।

ମୋଦି ଦ୍ରୁତ ଅଭିବୃଦ୍ଧିକୁ ନେଇ ନିଜ ଟ୍ରାକ୍ ରେକର୍ଡ, ଗରିବଙ୍କ ପାଇଁ ସରକାରୀ କାର୍ଯ୍ୟକ୍ରମ ଏବଂ ଭାଜପାର ହିନ୍ଦୁ ଜାତୀୟତାବାଦକୁ ନେଇ ନିର୍ବାଚନ ପ୍ରଚାର କରିଥିଲେ। କିନ୍ତୁ ଫଳାଫଳ ଦର୍ଶାଉଛି ଯେ, ଭାଜପା ଦେଶର ୩୪୪ ଗ୍ରାମାଞ୍ଚଳ କିମ୍ବା ଅର୍ଦ୍ଧଗ୍ରାମାଞ୍ଚଳ ଆସନରେ ବେରୋଜଗାର, ମୁଦ୍ରାସ୍ଫୀତି ଏବଂ ଆୟରେ ଅସମାନତାକୁ ନେଇ ବିରୋଧୀଙ୍କ ଟାର୍ଗେଟରେ ନଇଁପଡ଼ିଛି। ସମ୍ଭବତଃ ଭାଜପା ନିର୍ବାଚନ ପୂର୍ବରୁ ଯେଉଁ ସବୁ ବଡ଼ ଘୋଷଣାକୁ ନେଇ ଆତ୍ମବିଶ୍ୱାସୀ ଥିଲା, ସେଗୁଡ଼ିକ ଗ୍ରାମାଞ୍ଚଳର ମତଦାତାଙ୍କ ପାଇଁ ଗୌଣ ହୋଇଯାଇଛି ବୋଲି ବର୍ମା କହିଛନ୍ତି।

ବେରୋଜଗାରି ହାର ମାର୍ଚ୍ଚରେ ୭.୪% ଥିବାବେଳେ ଏପ୍ରିଲରେ ୮.୧%କୁ ବଢ଼ିଥିବା ନେଇ ଘରୋଇ ଥିଙ୍କ୍‌ଟ୍ୟାଙ୍କ୍ ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି ପକ୍ଷରୁ କୁହାଯାଇଛି। କୋଭିଡ୍-୧୯ ମହାମାରୀ ପୂର୍ବରୁ ଏହି ହାର ୬% ଥିଲା। ନିର୍ବାଚନରେ ବେରୋଜଗାରି ଏକ ଫ୍ୟାକ୍ଟର ଥିଲା ବୋଲି ଭାଜପା ସ୍ୱୀକାର କରିଛି। ଏଥିସହ ଯାହା କରାଯାଇପାରିଥାନ୍ତା କରାଯାଇଛି ବୋଲି କହିଛି। ୧୨୬ ଆସନରେ ଏହାର ଭୋଟ ହାର ପ୍ରାୟ ୩% ହ୍ରାସ ପାଇଛି। ଏଥିଯୋଗୁ ସେହି ଆସନଗୁଡ଼ିକରେ ମୋଦିଙ୍କ ହାରାହାରି ବିଜୟ ବ୍ୟବଧାନ ୧୫.୬%କୁ ଖସିଯାଇଛି, ଯାହାକି ୨୦୧୯ରେ ୨୨.୯% ଥିଲା। ଅନ୍ୟପକ୍ଷେ ଗତ ନିର୍ବାଚନରେ ସହରାଞ୍ଚଳର ୧୭୯ ଆସନର ମଧ୍ୟରୁ ଭାଜପାକୁ ୯୦ ସିଟ୍‌ରେ ସଫଳତା ମିଳିଥିଲା। ଏଥର ସେଥିରୁ ୭୮ ଆସନକୁ ଦଖଲ କରିବାରେ ଦଳ ସକ୍ଷମ ହୋଇଛି। ଭୋଟରମାନେ ଦରବୃଦ୍ଧି, ବେରୋଜଗାରି, ଆୟ ହ୍ରାସ, ଦୁର୍ନୀତି ନିବବାରଣରେ ବିଫଳତା ଓ ଠକେଇ ଆଦିକୁ ନେଇ ଚିନ୍ତିତ ବୋଲି ଲୋକନୀତି-ସିଏସ୍‌ଡିଏସ୍ ପକ୍ଷରୁ ନିର୍ବାଚନ ପରେ କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି।

## ମାନହାନି ମାମଲାରେ ରାହୁଲଙ୍କୁ ଜାମିନ

ବେଙ୍ଗାଲୁରୁ,୭ା୬

ଏକ ମାନହାନି ମାମଲାରେ ବେଙ୍ଗାଲୁରୁର ସ୍ୱତନ୍ତ୍ର ଅଦାଲତ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଶୁକ୍ରବାର ଜାମିନ ପ୍ରଦାନ କରିଛନ୍ତି। ଗତବର୍ଷ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ପୂର୍ବରୁ ତତ୍କାଳୀନ ଭାଜପା ସରକାର ବିରୋଧରେ କେତେକ ଖବରକାଗଜରେ ମାନହାନିକାରୀ ବିଜ୍ଞାପନ ପ୍ରକାଶ ପାଇଥିଲା। ରାଜ୍ୟ ଭାଜପା ସରକାର ୨୦୧୯ରୁ ୨୦୨୩ ମଧ୍ୟରେ ଅନେକ ବଡ଼ ଦୁର୍ନୀତିରେ ସମ୍ପୃକ୍ତ ଥିବା ଏଥିରେ ଅଭିଯୋଗ ହୋଇଥିଲା। ଏନେଇ କର୍ଣ୍ଣାଟକ ଭାଜପା ସଭାପତି ରାହୁଲ ଓ ଅନ୍ୟମାନଙ୍କ ବିରୋଧରେ ମାନହାନି ମାମଲା ଦାଏର କରିଥିଲେ। ଗତ ୧ ତାରିଖରେ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଏବଂ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କୁ ଜାମିନ ପ୍ରଦାନ କରିଥିଲେ। ସେହି ସମୟରେ ଶିବକୁମାର ରାଜ୍ୟ କଂଗ୍ରେସ ମୁଖ୍ୟ ଥିଲେ। ଜୁନ୍ ୭ରେ ହାଜର ହେବା ଲାଗି ବିଚାରପତି କେ.ଏନ୍. ଶିବକୁମାର ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ୨ଟି ଶୁଣାଣିରେ ହାଜର ହୋଇ ନ ଥିବାରୁ ରାହୁଲ କୋର୍ଟଙ୍କୁ କ୍ଷମା ମାଗିଥିଲେ।

## ବାୟୋଫାର୍ମାସ୍ୟୁଟିକାଲ ଆଲିଆନ୍ସରେ ଭାରତ

ନୂଆଦିଲ୍ଲୀ,୭ା୬

ବାୟୋଫାର୍ମାସ୍ୟୁଟିକାଲ୍ ସେକ୍ଟରରେ ଏକ ସଫଳ ଯୋଗାଣ ଶୃଙ୍ଖଳ ନିର୍ମାଣ ଲାଗି ମିଳିତ ଉଦ୍ୟମ ସ୍ୱରୂପ ଭାରତ, ଦକ୍ଷିଣ କୋରିଆ, ଜାପାନ, ଆମେରିକା ଏବଂ ୟୁରୋପୀୟ ସଂଘ ଗୁରୁବାର ଏକ ମେଣ୍ଟ ଶୁଭାରମ୍ଭ କରିଛନ୍ତି। କାଲିଫର୍ନିଆର ସାନ୍ ଡିଏଗୋରେ ଅନୁଷ୍ଠିତ ବାୟୋଫାର୍ମାସ୍ୟୁଟିକାଲ ଆଲିଆନ୍ସର ଉଦ୍‌ଘାଟନୀ ଉତ୍ସବରେ ଏହା ଘୋଷଣା କରାଯାଇଛି। ଅଂଶଗ୍ରହଣକାରୀ ଦେଶଗୁଡ଼ିକର ସରକାରୀ ଅଧିକାରୀ ଏବଂ ବାୟୋ ଓ ଫାର୍ମାସ୍ୟୁଟିକାଲ କମ୍ପାନୀଗୁଡ଼ିକର ପ୍ରତିନିଧିମାନେ ଏଥିରେ ଭାଗ ନେଇଛନ୍ତି। ସୂଚନାଯୋଗ୍ୟ, କୋଭିଡ୍-୧୯ ମହାମାରୀ ବେଳେ ଔଷଧ ଯୋଗାଣରେ ଅଭାବ ଅନୁଭୂତ ହୋଇଥିଲା। ଭବିଷ୍ୟତରେ ଏଭଳି ସମସ୍ୟା ଯେପରି ନ ହୁଏ, ସେଥିପାଇଁ ଆଲିଆନ୍ସ ଆରମ୍ଭ ହୋଇଛି।



ବେଜିଂରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶୋହବାଜ୍ ଶରିଫଙ୍କ ସହ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍।

## ଜିନ୍‌ପିଙ୍ଗ୍‌ଙ୍କୁ ଭେଟିଲେ ଶରିଫ୍

**ବେଜିଂ,୭ା୬:** ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ ଶୁକ୍ରବାର ବେଜିଂରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କୁ ସାକ୍ଷାତ କରିଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତୃତୀୟ ପାଳି ପାଇଁ ଶପଥ ନେବାକୁ ଯାଉଥିବାବେଳେ ଦୁଇ ପଡ଼ୋଶୀ ରାଷ୍ଟ୍ରମୁଖ୍ୟଙ୍କ ଏହି ଭେଟକୁ କୂଟନୈତିକ ସ୍ତରରେ ତାତ୍ପର୍ଯ୍ୟପୂର୍ଣ୍ଣ ମନେକରାଯାଉଛି। କାରଣ ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକର ମୁଖ୍ୟମାନଙ୍କୁ ମୋଦିଙ୍କ ଶପଥ ଗ୍ରହଣ ଉତ୍ସବକୁ ନିମନ୍ତ୍ରଣ କରାଯାଇଥିବାବେଳେ କେବଳ ପାକିସ୍ତାନକୁ ଡକାଯାଇ ନାହିଁ। ଶେହବାଜ୍‌ଙ୍କ ବଡ଼ଭାଇ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ୍ ଶରିଫ୍ ଭାରତ-ପାକିସ୍ତାନ ସମ୍ପର୍କର ଜଣେ ବଡ଼ ସମର୍ଥକ ଭାବେ ଜଣାଶୁଣା। ୨୦୧୪ରେ ମୋଦି ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ରୂପେ ଶପଥ ନେବାବେଳେ ପାକିସ୍ତାନର ତତ୍କାଳୀନ ପ୍ରଧାନମନ୍ତ୍ରୀ ନୱାଜ୍ ଶରିଫ୍ ଏଥିରେ ଯୋଗଦେଇଥିଲେ। ଇତିମଧ୍ୟରେ ଶେହବାଜ୍‌ଙ୍କ ସହ ସାକ୍ଷାତ ପରେ ଜିନ୍‌ପିଙ୍ଗ୍ କହିଛନ୍ତି, ପାକିସ୍ତାନ ସହ ରଣନୈତିକ ସମ୍ପର୍କ ବୃଦ୍ଧି, କ୍ଷେତ୍ରୀୟ ଶାନ୍ତି, ସ୍ଥିରତା, ବିକାଶ ଓ ସମୃଦ୍ଧି ଉପରେ ଆଲୋଚନା ହୋଇଛି। ଚାଇନା ପ୍ରତି ଦୀର୍ଘ ସମର୍ଥନ ପାଇଁ ଜିନ୍‌ପିଙ୍ଗ୍ ପାକିସ୍ତାନକୁ ଧନ୍ୟବାଦ ଦେଇଛନ୍ତି।

## ୯ରେ କଙ୍ଗନାଙ୍କ ବିରୋଧରେ କୃଷକ ଆନ୍ଦୋଳନ

ନୂଆଦିଲ୍ଲୀ,୭ା୬

ଅଭିନେତ୍ରୀରୁ ନେତ୍ରୀ ସାଜିଥିବା ଭାଜପା ଏମ୍‌ପି କଙ୍ଗନା ରାଣାୱତ୍‌ଙ୍କ ବିରୋଧରେ କୃଷକଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି। କଙ୍ଗନାଙ୍କୁ ଗୁରୁବାର ଚଣ୍ଡିଗଡ଼ ଏୟାରପୋର୍ଟରେ ଚାପୁଡ଼ା ମାରିଥିବା ସିଆଇଏସ୍‌ଏଫ୍‌ର ମହିଳା କନ୍‌ଷ୍ଟେବଲଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବାବେଳେ ତାଙ୍କ ବିରୋଧରେ ମାମଲା ମଧ୍ୟ ରୁଜୁ ହୋଇଛି। ଏହି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଏବଂ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଦାବିରେ କୃଷକ ସଙ୍ଗଠନଗୁଡ଼ିକ ଆସନ୍ତା ୯ ତାରିଖରୁ ଆନ୍ଦୋଳନ କରିବାକୁ ଯୋଜନା କରିଛନ୍ତି। କୃଷକମାନେ ରବିବାର ପଞ୍ଜାବର ମୋହାଲିରେ ‘ଇନ୍‌ସାଫ୍ ମାର୍ଚ୍ଚ’ କରିବାକୁ ବାହାରିଛନ୍ତି। ୩୫ ବର୍ଷୀୟା ପଞ୍ଜାବୀ ମହିଳା ଗାର୍ଡ କୁଲ୍‌ୱିନ୍ଦର କୌର ଏକ ଭିଡିଓ ଜାରି କରି କହିଛନ୍ତି, ୨୦୨୦-୨୧ରେ କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ବିରୋଧରେ ବିକ୍ଷୋଭ ବେଳେ କଙ୍ଗନା କହିଥିଲେ, ଏମାନେ ୧୦୦ ଟଙ୍କା ପାଇଁ ଆନ୍ଦୋଳନ କରୁଛନ୍ତି। ସେତେବେଳେ କୃଷକ ଆନ୍ଦୋଳନରେ ତାଙ୍କ ମା’ ମଧ୍ୟ ସାମିଲ ଥିଲେ ବୋଲି କୁଲ୍‌ୱିନ୍ଦର କହିଛନ୍ତି। ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ଏବଂ କିଷାନ ମଜଦୁର ମୋର୍ଚ୍ଚା ଭଳି ପ୍ରମୁଖ କୃଷକ ସଙ୍ଗଠନଗୁଡ଼ିକ କୁଲ୍‌ୱିନ୍ଦରଙ୍କୁ ସମର୍ଥନ ଜଣାଇଛନ୍ତି।



କଙ୍ଗନା ରାଣାୱତ



କୁଲ୍‌ୱିନ୍ଦର କୌର

# ଅବସରପ୍ରାପ୍ତ ଡିଆଇଜିଙ୍କୁ ୭ ବର୍ଷ ଜେଲ

ମୋହାଲି,୭ା୬

**ପଞ୍ଜାବ ଫେକ୍ ଏନ୍‌କାଉଣ୍ଟର ମାମଲା**

**ଅପହରଣ, ହତ୍ୟା ମାମଲାରେ ପୂର୍ବତନ ଡିଏସ୍‌ପିଙ୍କୁ ଆଜୀବନ**

୧୯୯୩ରେ ଘଟିଥିବା ଏକ ଫେକ୍ ଏନ୍‌କାଉଣ୍ଟର ମାମଲାରେ ପଞ୍ଜାବର ପୂର୍ବତନ ଡିଆଇଜି ଦିଲ୍‌ବାଗ ସିଂଙ୍କୁ ଶୁକ୍ରବାର ୭ ବର୍ଷ ସଶ୍ରମ କାରାଦଣ୍ଡାଦେଶ ହୋଇଥିବାବେଳେ ପୂର୍ବତନ ଡିଏସ୍‌ପି ଗୁରବଚନ ସିଂଙ୍କୁ ଆଜୀବନ ଜେଲଦଣ୍ଡ ହୋଇଛି। ଗୁଲଶନ କୁମାର ନାମକ ଜଣେ ପରିବା ବିକ୍ରେତାଙ୍କୁ ଅପହରଣ ଓ ହତ୍ୟା ମାମଲାରେ ଗୁରବଚନଙ୍କୁ ସ୍ୱତନ୍ତ୍ର ସିବିଆଇ କୋର୍ଟ ବିଚାରପତି ଆର୍.କେ. ଗୁପ୍ତା ଗୁରୁବାର ଦୋଷୀସାବ୍ୟସ୍ତ କରିଥିଲେ। ମିଥ୍ୟା ଏନ୍‌କାଉଣ୍ଟର ମାମଲାରେ ଦିଲ୍‌ବାଗ ଦୋଷୀସାବ୍ୟସ୍ତ ହୋଇଥିଲେ। ଅଭିଯୋଗ ଅନୁଯାୟୀ ୧୯୯୩ ଜୁନ୍‌ରେ ଡିଏସ୍‌ପି ଦିଲ୍‌ବାଗ ସିଂ ଏବଂ ଏସ୍‌ଏଚ୍‌ଓ ଗୁରବଚନ ସିଂଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଚମନ ଲାଲ୍, ତାଙ୍କ ପୁଅ ପର୍ଭିନ କୁମାର, ବବି କୁମାର ଏବଂ ଗୁଲ୍‌ଶନ କୁମାରଙ୍କୁ ସେମାନଙ୍କ ତରନ ତାରନସ୍ଥିତ ଘରୁ ଉଠାଇନେଇଥିଲେ। ଚମନଲାଲ୍ ଓ ତାଙ୍କ ଅନ୍ୟ ୨ ପୁଅଙ୍କ କିଛିଦିନ ପରେ ମୁକ୍ତ କରାଯାଇଥିବାବେଳେ ଗୁଲଶନଙ୍କୁ ହାଜତରେ ରଖାଯାଇଥିଲା। ଜୁନ୍ ୨୩ରେ ଗୁଲ୍‌ଶନଙ୍କୁ ଅନ୍ୟ ୩ ଜଣଙ୍କ ସହ ଏନ୍‌କାଉଣ୍ଟରରେ ହତ୍ୟା କରାଯାଇଥିଲା। ସେମାନଙ୍କ ମୃତଦେହକୁ ପରିବାରକୁ ନ ଫେରାଇ ଦାବିଦାର ନ ଥିବା ଦର୍ଶାଇ ସତ୍କାର କରାଯାଇଥିଲା। ପରେ ମୃତ ଅନ୍ୟ ୩ ଜଣ କର୍ନେଲ, ଜର୍ନେଲ ଏବଂ ହରିଜିନ୍ଦର ସିଂ ବୋଲି ଜଣାପଡ଼ିଥିଲେ। ୧୯୯୫ରେ ସୁପ୍ରିମକୋର୍ଟ ଉକ୍ତ ମାମଲାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରିଥିଲେ। ଡିଏସ୍‌ପି ଦିଲ୍‌ବାଗ, ଇନ୍ସପେକ୍ଟର ଗୁରବଚନ ଏବଂ ଏଏସ୍‌ଆଇ ଅର୍ଜୁନ ସିଂ, ଦାବିନ୍ଦର ସିଂ, ବଲବୀର ସିଂଙ୍କ ନାଁରେ ୧୯୯୯ରେ ଚାର୍ଜଶିଟ୍ ହୋଇଥିଲା। ବିଚାର ଚାଲିଥିବା ସମୟରେ ଅର୍ଜୁନ, ଦାବିନ୍ଦର ଏବଂ ବଲବୀରଙ୍କର ମୃତ୍ୟୁ ଘଟିଥିଲା।

# ତେଜସ୍ ରାଜଧାନୀ ଏକ୍ସପ୍ରେସ୍ ଲାଇନଚ୍ୟୁତ



ନୂଆଦିଲ୍ଲୀ,୭ା୬

ଭୁବନେଶ୍ୱରରୁ ନୂଆଦିଲ୍ଲୀ ଯାଉଥିବା ତେଜସ୍ ରାଜଧାନୀ ଏକ୍ସପ୍ରେସ୍‌ର ଏକ ବଗି ଶୁକ୍ରବାର ସକାଳେ ଗାଜିଆବାଦ ଷ୍ଟେଶନରେ ଲାଇନଚ୍ୟୁତ ହୋଇଛି। ଟ୍ରେନ୍‌ଟି ଧୀରେ ଧୀରେ ଗଡୁଥିବାରୁ ଏହି ଦୁର୍ଘଟଣାରେ କୌଣସି ଯାତ୍ରୀ ଆହତ ହୋଇନାହାନ୍ତି। ଲାଇନଚ୍ୟୁତ୍ ବଗିକୁ ଟ୍ରେନ୍‌ରୁ ଅଲଗା କରାଯିବା ପରେ ଯାତ୍ରୀମାନଙ୍କୁ ଅନ୍ୟ ଏକ କୋଚ୍‌ରେ ନିଆଯାଇଥିଲା। ଟ୍ରେନ୍‌ଟି ଗାଜିଆବଦ ଛାଡ଼ି ନୂଆଦିଲ୍ଲୀରେ ସୁରକ୍ଷିତ ଭାବେ ପହଞ୍ଚିଛି। ତେବେ ବଗି ଲାଇନଚ୍ୟୁତ ହେବାର କାରଣ ଅନୁଧ୍ୟାନ କରାଯାଉଥିବା ନର୍ଦ୍ଦର୍ନ ରେଲୱେର ଜନସମ୍ପର୍କ ଅଧିକାରୀ ଦୀପକ କୁମାର କହିଛନ୍ତି।

### ଡ୍ରାଇଭର ଶୋଇପଡ଼ିବାରୁ ଟ୍ରେନ୍ ଦୁର୍ଘଟଣା

ପଞ୍ଜାବରେ ୪ ଦିନ ପୂର୍ବରୁ ଏକ ମାଲ୍‌ବାହୀ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଉକ୍ତ ଟ୍ରେନ୍‌ର ଲୋକୋ ପାଇଲଟ୍ ଏବଂ ତାଙ୍କ ସହକାରୀ ଶୋଇପଡ଼ିବାରୁ ଏହି ଦୁର୍ଘଟଣା ଘଟିଥିଲା ବୋଲି ତଦନ୍ତରୁ ଜଣାପଡ଼ିଛି। ଶୋଇପଡ଼ିଥିବାରୁ ରେଡ୍ ସିଗ୍‌ନାଲରେ ସେମାନେ ବ୍ରେକ୍ ଚାପିପାରି ନ ଥିଲେ ବୋଲି ରେଲୱେର ଜଣେ ଅଧିକାରୀ କହିଛନ୍ତି। ଗତ ୨ ତାରିଖ ରାତି ୩ଟା ୧୫ରେ ପଞ୍ଜାବର ସିରହିନ୍ଦ ଜଙ୍କଶନ ଏବଂ ସାଧୁଗଡ଼ ରେଳ ଷ୍ଟେଶନ ମଧ୍ୟରେ ଏହି ଦୁର୍ଘଟଣା ଘଟିଥିଲା। ମାଲ୍‌ବାହୀ ଟ୍ରେନ୍ ଇଞ୍ଜିନ ଲାଇନଚ୍ୟୁତ ହୋଇ ମୁଖ୍ୟ ପାସେଞ୍ଜର ଲାଇନ ପାଖାପାଖି ରହିଥିଲା। ସେହି ସମୟରେ ଉକ୍ତ ଲାଇନରେ ଆସୁଥିବା ଜମ୍ମୁ-ତାୱି ସମର ସ୍ପେଶାଲ ଟ୍ରେନ୍ ଆସୁଥିଲା। ପଡ଼ିରହିଥିବା ଇଞ୍ଜିନ ସହ ସ୍ପେଶାଲ ଟ୍ରେନ୍ ଇଞ୍ଜିନ ଧକ୍କା ହେବାରୁ ଏହା ଲାଇନଚ୍ୟୁତ ହୋଇଥିଲା।

ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ଶନିବାର, ଜୁନ୍ ୮/୨୦୨୪ | Bhubaneswar, Saturday, June 8/2024 | ପୃଷ୍ଠା-୧



**କିରଣ ମନୀଷାଙ୍କୁ ଗୁରୁଦାୟିତ୍ୱ**
ଏସିଆନ ୟୁଥ୍ ଚେସ୍ ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳର କୋଚ୍ ମନୋନୀତ ହୋଇଛନ୍ତି ଓଡ଼ିଶାର ପ୍ରଥମ ମହିଳା ଗ୍ରାଣ୍ଡମାଷ୍ଟର କିରଣ ମନୀଷା ମହାନ୍ତି। ୧୮

୧୫ **‘ଦିଲବର୍-୨’ରେ ନୋରା ଫତେହିଙ୍କ ନୂଆ ଅବତାର**
‘ଦିଲବର ୨.୦’ ଫିଲ୍ମରେ ଅଭିନେତ୍ରୀ ନୋରା ଫତେହିଙ୍କ ନୂଆ ଅବତାର । ଯାହାକୁ ନେଇ ତାଙ୍କ ଫ୍ୟାନ୍‌ମାନେ ଏବେ ବେଶ୍ ଉତ୍ସାହିତ ।



# କିଏ ହେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୬(ସୁନିତ୍ ମିଶ୍ର)

ଓଡ଼ିଶାରେ ସଦ୍ୟସମାପ୍ତ ବିଧାନସଭା ନିର୍ବାଚନରେ ବିଜେଡିକୁ ହରାଇ ଭାଜପା ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭାହୋଇ ସରକାର ଗଠନ ଦିଗରେ ଅଗ୍ରସର ହୋଇଛି। ଶପଥ ଗ୍ରହଣ ପାଇଁ ପ୍ରସ୍ତୁତି ଜୋର୍‌ଦାର ଚାଲିଛି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାକୁ ନିର୍ବାଚନ ପ୍ରଚାର ପାଇଁ ଆସିଥିବାବେଳେ ରାଜ୍ୟରେ ଭାଜପା ନିଶ୍ଚିତ ସରକାର କରିବ ଏବଂ ଜଣେ ଓଡ଼ିଆ ଝିଅ କିମ୍ବା ପୁଅ ମୁଖ୍ୟମନ୍ତ୍ରୀ ହେବେ ବୋଲି ବାରମ୍ବାର ଦୋହରାଇଥିଲେ। ଓଡ଼ିଶାରେ ଭାଜପାର ମୁଖ୍ୟମନ୍ତ୍ରୀ ଜୁନ୍ ୧୦ ତାରିଖରେ ଶପଥ ନେବେ ବୋଲି ମଧ୍ୟ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ। ତେଣୁ ଏବେ ଭାଜପା କାହାକୁ ମୁଖ୍ୟମନ୍ତ୍ରୀ କରିବ ତାହାକୁ ନେଇ ଚର୍ଚ୍ଚା ସରଗରମ ହୋଇଛି। ଅନ୍ୟପଟେ କେବଳ ମୁଖ୍ୟମନ୍ତ୍ରୀ ରହିବେ ନା ଅନ୍ୟ ଭାଜପା ଶାସିତ ରାଜ୍ୟଗୁଡ଼ିକ ଭଳି କେହି ଜଣେ କିମ୍ବା ଦୁଇ ଜଣ ଉପମୁଖ୍ୟମନ୍ତ୍ରୀ ହେବେ, ତାକୁ ନେଇ ମଧ୍ୟ ଆଲୋଚନା ହେଉଛି। ଦଳରେ ଏହା ଉପରେ ବିଚାରବିମର୍ଶ ଚାଲିଥିବା ଭାଜପା ନେତାମାନେ କହିଛନ୍ତି।

ଭାଜପାର ଶପଥ ଗ୍ରହଣ ସମାରୋହ ଆସନ୍ତା ୧୦ ତାରିଖରେ ଜନତା ମଇଦାନଠାରେ ଆୟୋଜନ ହେବ। ନୂଆ ମୁଖ୍ୟମନ୍ତ୍ରୀଙ୍କ ସମେତ କ୍ୟାବିନେଟ୍‌ର ଅନ୍ୟ ସଦସ୍ୟମାନେ ଏହି ଅବସରରେ ଶପଥ ନେବେ। ଏନେଇ ଗତ ଗୁରୁବାର ଆନୁଷ୍ଠାନିକ ଭାବେ ବରିଷ୍ଠ ଅଧିକାରୀମାନଙ୍କୁ ଅବଗତ କରାଯାଇଛି। ଭାଜପାରୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କାହାକୁ କରାଯିବ ତାହା ଉପରେ ରାଜ୍ୟବାସୀଙ୍କ ନଜର ରହିଛି। ଏଭଳି ସ୍ଥିତିରେ ବିଜୟୀ ବିଧାୟକମାନଙ୍କ ମଧ୍ୟରୁ ହିଁ କାହାକୁ ଭାଜପା ମୁଖ୍ୟମନ୍ତ୍ରୀ ଭାବେ ବାଛିବାର ଅଧିକ ସମ୍ଭାବନା ଥିବା ନେଇ ଚର୍ଚ୍ଚା ହେଉଛି। ଓଡ଼ିଶାରୁ ଏଥର ୨୧ ଲୋକ ସଭା ଆସନ ମଧ୍ୟରୁ ୨୦ ଜଣ ଏମ୍‌ପି ଭାଜପାରୁ ବିଜୟୀ ହୋଇଛନ୍ତି। ଏହି ସଂଖ୍ୟା ଯୋଗୁ କେନ୍ଦ୍ରରେ ଭାଜପାର ସମ୍ମାନ ରକ୍ଷା ପାଇଛି। ନବନିର୍ବାଚିତ ସାଂସଦମାନଙ୍କ ମଧ୍ୟରୁ କେନ୍ଦ୍ରରେ ଯେଉଁ କେତେଜଣ ପରିଚିତ ଚେହେରା ବା କ୍ଷମତାଶାଳୀ ନେତା ରହିଛନ୍ତି ତାଙ୍କ ଭିତରୁ କାହାକୁ ମୁଖ୍ୟମନ୍ତ୍ରୀ ଆସନ ମିଳିବା ନେଇ ସାଧାରଣରେ ଚର୍ଚ୍ଚା ହେଲେ ମଧ୍ୟ ତାହା ଏବର ସ୍ଥିତିରେ କଠିନ ବ୍ୟାପାର ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ଏଥର ଭାଜପା କେନ୍ଦ୍ରରେ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବିଫଳ ହୋଇଥିବାରୁ ସରକାର ଗଠନ କରିବା ଲାଗି ଅନ୍ୟ ସହଯୋଗୀ ଦଳଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇଛି। ତେଣୁ କୌଣସି ବିଜୟୀ ଏମ୍‌ପିଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ବାଛି ଭାଜପା କେନ୍ଦ୍ରରେ ଗୋଟିଏ ଲୋକ ସଭା ଆସନକୁ ଖାଲି କରିବ ବୋଲି ବିଶ୍ୱାସ ହେଉନାହିଁ। ଜିତିଥିବା କୌଣସି ଏମ୍‌ପିଙ୍କୁ ଯଦି ଏଠାରେ ମୁଖ୍ୟମନ୍ତ୍ରୀ କରାଯାଏ ଏବଂ ସେହି ଲୋକ ସଭା ଆସନରେ ଉପନିର୍ବାଚନ ହୁଏ, ଭାଜପା ପୁନର୍ବାର ସେଠାରେ ଜିତିବାର ନିଶ୍ଚିତତା ପ୍ରଶ୍ନବାଚୀରେ ଆସିଯିବ। କାରଣ ଓଡ଼ିଶାରେ ୨୪ ବର୍ଷ କ୍ଷମତାରେ ଥିବା ବିଜେଡିକୁ ହଟାଇବା ପରେ କୌଣସି ଆସନରେ ଉପନିର୍ବାଚନ ହେଲେ ଉକ୍ତ ଦଳ ପ୍ରତି ମଧ୍ୟ ଲୋକଙ୍କ ଅନୁକମ୍ପା ରହିପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଚଳିତ ନିର୍ବାଚନରେ ପରାଜିତ ହୋଇଛନ୍ତି। ଏଭଳି ସମୟରେ ତାଙ୍କୁ ମୁଖ୍ୟମନ୍ତ୍ରୀ କରିବା ଲାଗି କୌଣସି ନବନିର୍ବାଚିତ ବିଧାୟକ ନିଜ ଆସନ ଛାଡ଼ିବାକୁ ରାଜି ହେବେ ସେକଥା ମଧ୍ୟ ସେତେଟା ସମ୍ଭବ ଲାଗୁନାହିଁ। ତେଣୁ ନିର୍ବାଚିତ ବିଧାୟକମାନଙ୍କ ମଧ୍ୟରୁ କାହାକୁ ହିଁ ମୁଖ୍ୟମନ୍ତ୍ରୀ ଆସନରେ ଭାଜପା କେନ୍ଦ୍ରୀୟ ନେତାମାନେ ବସାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ୟପଟେ ଜିତିଥିବା ବିଧାୟକମାନଙ୍କ ମଧ୍ୟରୁ ଜଣେ ଓବିସି, ଆଦିବାସୀ, ଦଳିତ ପ୍ରାର୍ଥୀଙ୍କୁ ମଧ୍ୟ ଦଳ ମୁଖ୍ୟମନ୍ତ୍ରୀ ଆସନରେ ଯେ ନ ବସାଇବ ସେକଥା କୁହାଯାଇ ନ ପାରେ।

ଏପରିସ୍ଥଳେ ଜନତା ମଇଦାନଠାରେ ଶପଥ ଉତ୍ସବର ପ୍ରସ୍ତୁତି ଦାୟିତ୍ୱ ନେବାକୁ ୫୦ ଜଣ ସରକାରୀ ଅଧିକାରୀଙ୍କୁ ବଛାଯାଇଛି। ଏହି ଉତ୍ସବରେ ଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସମେତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଯୋଗଦେବା କାର୍ଯ୍ୟକ୍ରମ ରହିଛି। ତେବେ ଶପଥ ଉତ୍ସବ କାର୍ଯ୍ୟକ୍ରମ ସମ୍ପର୍କରେ ଭାଜପା ରାଜ୍ୟ ସଭାପତି ଶୁକ୍ରବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବିଜୟୀ ବିଧାୟକ, ଜିଲା ସଭାପତି ଏବଂ ଅନ୍ୟ କାର୍ଯ୍ୟକର୍ତ୍ତାମାନଙ୍କ ସହ ବିଧିବଦ୍ଧ ଭାବେ ଆଲୋଚନା କରିଛନ୍ତି। ଆସନ୍ତା ୮ ତାରିଖରେ ଭାଜପାର ବିଧାୟକ ଦଳ ବୈଠକ ବସିବ ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ଏହାସହ କେନ୍ଦ୍ରରୁ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତକରି ଏଥିରେ ସାମିଲ କରାଯିବା ମଧ୍ୟ ସମ୍ଭାବନା ରହିଛି। ଏଠାରେ ମନେପକାଇ ଦିଆଯାଇପାରେ, କଂଗ୍ରେସରେ କେବେହେଲେ ବିଧାୟକମାନଙ୍କୁ ପଚରାଯାଇ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବଛାଯାଉ ନ ଥିଲା। ଗୋଟିଏ ‘ବନ୍ଦ ଲଫାପା’ରେ ଗୋଟିଏ ନାମ ଆସିଥାଏ। ଯାହାକୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଘୋଷଣା କରିଥାଆନ୍ତି। ଦେଖିବାର ବାକି ଅଛି କଂଗ୍ରେସ ଭଳି ଭାଜପାରେ ମଧ୍ୟ ବନ୍ଦ ଲଫାପାରେ ହାଇକମାଣ୍ଡଙ୍କ ନିର୍ଦ୍ଦେଶ ଆସିବ କି। ଅନ୍ୟତ୍ର ବିଧାୟକମାନଙ୍କ ମତ ଖୋଲାଖୋଲି ଲୋଡ଼ି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବଛାଯିବ କି ନାହିଁ ତାହା ହେଉଛି ଏବେକାର ଚର୍ଚ୍ଚା।

**ଆଜିର ସମ୍ପାଦକୀୟ**
**ଅଭିଜ୍ଞତାକୁ ସ୍ୱୀକୃତି**



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ସନ୍ଧ୍ୟାରେ ଏନ୍‌ଡିଏ ନେତା ନରେନ୍ଦ୍ର ମୋଦିଙ୍କୁ ଭାବୀ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି।

# ସରକାର ଗଢ଼ିବାକୁ ମୋଦିଙ୍କୁ ଆମନ୍ତ୍ରଣ

ନୂଆଦିଲ୍ଲୀ,୭।୬

ଭାରତୀୟ ଜନତା ପାର୍ଟି (ଭାଜପା) ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ନେତା ନରେନ୍ଦ୍ର ମୋଦି ଶୁକ୍ରବାର ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇଛନ୍ତି। ରାଷ୍ଟ୍ରପତି ଉକ୍ତ ଦାବିକୁ ଗ୍ରହଣକରି ତାଙ୍କୁ ସରକାର ଗଢ଼ିବା ଲାଗି ଆମନ୍ତ୍ରଣ କରିଛନ୍ତି। ରବିବାର ସନ୍ଧ୍ୟା ୭ଟା ୧୫ ମିନିଟ୍‌ରେ ରାଷ୍ଟ୍ରପତି ଭବନରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ☞ପୃଷ୍ଠା-୨

## ‘ଜଗନ୍ନାଥ ଗରିବଙ୍କ ଭଗବାନ’

ପ୍ରଭୁ ଶ୍ରୀଜଗନ୍ନାଥ ଗରିବଙ୍କ ଭଗବାନ। ତାଙ୍କ ଆଶୀର୍ବାଦରେ ଆଗାମୀ ୨୫ ବର୍ଷରେ ଦେଶର ବିକାଶ ଯାତ୍ରାରେ ଓଡ଼ିଶା ବିକାଶର ଇଞ୍ଜିନ ହେବାକୁ ଯାଉଛି ବୋଲି ଶୁକ୍ରବାର ଭାଜପା ନେତା ନରେନ୍ଦ୍ର ମୋଦି କହିଛନ୍ତି। ପୁରୁଣା ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ଏନ୍‌ଡିଏ ସଂସଦୀୟ ଦଳ ବୈଠକରେ ଏମ୍‌ପିଙ୍କୁ ସମ୍ବୋଧିତ କରି ମୋଦି କହିଥିଲେ, ସେ ଯେତେବେଳେ ପ୍ରଭୁ ଜଗନ୍ନାଥଙ୍କ କଥା ଚିନ୍ତା କରନ୍ତି, ସେତେବେଳେ ତାଙ୍କୁ ଗରିବଙ୍କ ଭଗବାନ ରୂପରେ ଦେଖନ୍ତି। ଓଡ଼ିଶାରୁ ବୈପ୍ଳବିକ ଫଳାଫଳ ଆସିଛି। ଜଗନ୍ନାଥଙ୍କ ଆଶୀର୍ବାଦରେ ଓଡ଼ିଶା ବିକାଶର ଇଞ୍ଜିନ ପାଲଟିବ। ମୋଦିଙ୍କ ଏଭଳି ସମ୍ବୋଧନରେ ଏମ୍‌ପିମାନେ ଉଲ୍ଲସିତ ହୋଇ ଟେବୁଲ ବାଡ଼େଇ ଖୁସି ବ୍ୟକ୍ତ କରିଥିଲେ।



**ଆଜିର ମନ୍ତବ୍ୟ**

ପାକିସ୍ତାନ ବିଚାରବିମର୍ଶ ଜରିଆରେ ଭାରତ ସହ ବିବାଦର ସମାଧାନ ଚାହେଁ। ଭାରତ ସମେତ ସମସ୍ତ ପଡୋଶୀ ଦେଶଗୁଡ଼ିକ ସହିତ ସହଯୋଗମୂଳକ ସମ୍ପର୍କ ପାଇଁ ଇସ୍‌ଲାମାବାଦ ଆଗ୍ରହୀ।

**-ମୁମତାଜ ଜହରା, ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର**

# ଆଜି କ’ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ୨୧୮ତମ ପୂଣ୍ୟତିଥି, ସ୍ଥାନ: ମଧୁସୂଦନ ନଗରସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- କୋଠଘର ଆମ ସାହିତ୍ୟ ପରିବାରର ପଞ୍ଚମ ବାର୍ଷିକୋତ୍ସବ, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ପର୍ବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ ସକାଳ ୯ଟା ୩୦।
- ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା ୪୫।
- ୯ମ ନ୍ୟାଶନାଲ କନକ୍ଲେଭ ଅନ ଏନ୍‌ଭାଇରୋନମେଣ୍ଟ, ଏନର୍ଜି ଆଣ୍ଡ କ୍ଲାଇମେଟ୍ ଚେଞ୍ଜ, ସ୍ଥାନ: ହୋଟେଲ ନ୍ୟୁ ମାରିୟନ୍, ସମୟ: ପୂର୍ବାହ୍ନ ୧୦ଟା। ଓ କଳିଙ୍ଗ ଏକ୍ସିଲେନ୍ସ ଆୱାର୍ଡ, ସମୟ: ପରାହ୍ନ ୫ଟା ୩୦।
- ଶ୍ରୀଶ୍ରୀ ହନୁମାନଙ୍କ ଦ୍ୱିତୀୟ ବାର୍ଷିକୋତ୍ସବ, ସ୍ଥାନ: ବାଲିଅନ୍ତା ତଳଗଡ଼ ଗ୍ରାମର ବେଲେଶ୍ୱର ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଏଥେନା ବୁକ୍ସ, ଭୁବନେଶ୍ୱରର ରୌପ୍ୟଜୟନ୍ତୀ ସମ୍ବତ୍ସର, ସ୍ଥାନ: ଭାରତୀୟ ବିଦ୍ୟା ଭବନ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଓଡ଼ିଶା ଖଦି ଓ ଗ୍ରାମଦ୍ୟୋଗ ବୋର୍ଡ, ଭୁବନେଶ୍ୱର ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୋର୍ଡର ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଋଷିକୂଲ୍ୟା ସାହିତ୍ୟ ସମ୍ମିଳନୀର ସାହିତ୍ୟ ସଭା, ସ୍ଥାନ: ଏଥେନା ବୁକ୍ସ କାର୍ଯ୍ୟାଳୟ, ପ୍ଲଟ ନଂ- ୧୦୪୬/୨୯୦୫, ସମୟ: ଅପରାହ୍ନ ୪ଟା ୪୦।
- ସ୍ୱରାଳାପ କଲ୍‌ଚରାଲ ଟ୍ରଷ୍ଟର ୭ମ ବାର୍ଷିକୋତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ଅପରାହ୍ନ ୫ଟା ୩୦।
- ପକ୍ଷୀଘର ପ୍ରକାଶନୀ ପକ୍ଷରୁ ୧୧ତମ ବସନ୍ତ ଶତପଥୀ ସ୍ମାରକୀ ବକ୍ତୃତା, ସ୍ଥାନ: ଭାରତୀୟ ବିଦ୍ୟା ଭବନ, ସମୟ: ସନ୍ଧ୍ୟା ୬ଟା।
- ଜ୍ୟୋତିକଳା ମନ୍ଦିର ପକ୍ଷରୁ ଓଡ଼ିଶୀ ସମ୍ମାନ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟାବାସ ପକ୍ଷରୁ ଉପସରଣମ୍, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଜାତୀୟସ୍ତରୀୟ କଳା ପ୍ରଦର୍ଶନୀର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ରିଜିଓନାଲ ଆର୍ଟ ଗ୍ୟାଲେରୀ, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ଦି ବେଲ୍ ପକ୍ଷରୁ ଦକ୍ଷତା ଗଠନ ସମ୍ପର୍କିତ କର୍ମଶାଳା, ସ୍ଥାନ: ଗୋପବନ୍ଧୁ ଆୟୁର୍ବେଦ ସମ୍ମିଳନୀ କକ୍ଷ, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ରଜ ମହୋତ୍ସବ ଅବସରରେ ନୀଳାଦ୍ରି କଲ୍‌ଚରାଲ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ଆଖଣ୍ଡଳମଣି ମନ୍ଦିର ପରିସର, ପୁରୀ, ସମୟ: ଅପରାହ୍ନ ୪ଟା।

## ଖୋର୍ଦ୍ଧା

- ୪୬ତମ ରାଜ୍ୟସ୍ତରୀୟ ବାର୍ଷିକ ଯୁବ ସମ୍ମିଳନୀ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: କେରଙ୍ଗ, ମହମୁଦାବାଦ ମସଜିଦ୍ ପରିସର, ସମୟ: ସକାଳ ୯ଟା ୩୦।
- ଶୀତଳଷଷ୍ଠୀ ଯାତ୍ରା(ଶିବବିବାହ) ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଅମୃତେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣ, ଖଙ୍ଗୁରିଆ, ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଆମ୍ବଗଡ଼ିଆ ବିକାଶ ପରିଷଦ ଆନୁକୂଲ୍ୟରେ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଭଗବାନପୁର ବୈଠକ ବଙ୍ଗଳା, ରୂପସା ଏଫସିଆଇ ନିକଟ, ସମୟ: ପୂର୍ବାହ୍ନ ୧୧ଟା।
- କବି ଡ. ବ୍ରଜନାଥ ରଥଙ୍କର ଦଶମ ଶ୍ରାଦ୍ଧୋତ୍ସବ, ସ୍ଥାନ: ଶାନ୍ତିକାନନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ନୃତ୍ୟ ସଙ୍ଗୀତ କଳାମନ୍ଦିରର ୬୮ତମ ବାର୍ଷିକ ଉତ୍ସବ, ସ୍ଥାନ: ଟାଉନ ହଲ୍, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ଶନି ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: ବାଇପାସ୍, ଭଦ୍ରକ, ସମୟ: ସକାଳ ୬ଟା।
- ସର୍ବୋଦୟ ମଣ୍ଡଳ ପକ୍ଷରୁ ନବନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଭାଜପା ବିଧାନସଭା କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ଅଷ୍ଟମପ୍ରହର ଅହୋରାତ୍ର ନାମ ସଙ୍କୀର୍ତ୍ତନ, ସ୍ଥାନ: କପୁଣ୍ଡି, ହାଟଡିହୀ, ସମୟ: ସକାଳ ୫ ଟା।
- ସାଇ ଭକ୍ତଙ୍କ ଭଜନ ସନ୍ଧ୍ୟା, ସ୍ଥାନ: ଗୋପ, ହାଟଡ଼ିହୀ, ସମୟ: ଅପରାହ୍ନ ୫ ଟା।
- ଅଷ୍ଟମପ୍ରହର ଶୁଭ ଅଧିବାସ, ସ୍ଥାନ: ଜଳକଳଙ୍ଗ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା

## ମୟୂରଭଞ୍ଜ

- ଓଆର୍‌ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥ ମନ୍ଦିରର ୧୦ମ ବାର୍ଷିକୋତ୍ସବ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ଡିହିରାକୁଳ, ଉଦଳା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ଓଡ଼ିଶା ଆର୍ଟସର ପ୍ରଶିକ୍ଷଣ ଶିବିର ଉଦଯାପନ,ସ୍ଥାନ: ଆସିକା ରୋଡ ଚତୁର୍ଭୁଜ ଧର୍ମଶାଳା, ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ

- ବିଶ୍ୱ ସାମୁଦ୍ରିକ ଦିବସ ପାଳନ, ସ୍ଥାନ: ଗୋପାଳପୁର ବେଳାଭୂମି,ସମୟ: ସକାଳ ୭ଟା।

## କନ୍ଧମାଳ

- ରାମଚରିତ ମାନସ ପାରାୟଣ, ପ୍ରବଚନ, ସ୍ଥାନ: ନୂଆଗାଁ ମାନସ ପଡିଆ, ସମୟ: ସକାଳ ୭ଟା, ସନ୍ଧ୍ୟା ୭ଟା।
- ମା’ ନାରାୟଣୀଙ୍କ ଯାତ୍ରା ଉପଲକ୍ଷେ ମେଲୋଡି, ସ୍ଥାନ: ଫୁଲବାଣୀ କରୋନେଶନ ପଡିଆ, ସମୟ ସନ୍ଧ୍ୟା ୭ଟା।
- କନ୍ଧମାଳ ଷ୍ଟାଡିୟମରେ ଅପେରା ପରିବେଷଣ, ସ୍ଥାନ: ଫୁଲବାଣୀ, ସମୟ- ରାତି ୧୦ଟା।

## ଜଗତ୍‌ସିଂହପୁର

- ପରମଜ୍ୟୋତି କଳାକ୍ଷେତ୍ର ଟ୍ରଷ୍ଟର ୨ ଦିନିଆ କଳା ସମ୍ପନ୍ନ ନୃତ୍ୟ,ଗୀତ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ସଦନ ମୁକ୍ତାକାଶ ମଣ୍ଡପ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଶୀତଳଷଷ୍ଠୀ ଉପଲକ୍ଷେ ଯଜ୍ଞ ଅଗ୍ନି ସ୍ଥାପନ ଓ ସହସ୍ର କୁମ୍ଭାବିଷେକ, ସ୍ଥାନ: ଗର୍ତ୍ତେଶ୍ୱର ମହାଦେବ ପୀଠ, ରାଜନଗର, ସମୟ: ସକାଳ ୫ଟା।
- ଦିବ୍ୟ ଦେବାଳୟ କାର୍ଯ୍ୟକ୍ରମ, ସ୍ଥାନ: ଜଜାଙ୍ଗ, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ତ୍ରିନାଥ ଗୋସାଇଁଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଆଳି ଥାନା ପରିସର, ସମୟ: ସକାଳ ୭ଟା।

## ଯାଜପୁର

- ବାର୍ଷିକ ଏନ୍‌ସିସି ପ୍ରଶିକ୍ଷଣ ଶିବିର, ସ୍ଥାନ: ବାବା ଭୈରବାନନ୍ଦ ସ୍ୱୟଂଶାସିତ କଲେଜ ପରିସର, ସମୟ: ସକାଳ ୯ଟା।

## ନୟାଗଡ଼

- କପିଳେଶ୍ୱର ଦେବଙ୍କ ମନ୍ଦିରର ୩ୟ ବାର୍ଷିକ ଉତ୍ସବ, ସ୍ଥାନ: ସିମିଳିସାହି ପଞ୍ଚାୟତର ଦେଢଶର ଗ୍ରାମ, ଦଶପଲ୍ଲା, ସମୟ: ସକାଳ: ୮ଟା।

## ରାୟଗଡ଼ା

- ବିଷମ କଟକ ତାଲୁକା ସେବା କମିଟି ପକ୍ଷରୁ ଆଇନ ସଚେତନତା ଶିବିର, ସ୍ଥାନ: ବ୍ଲକ କନଫରେନ୍ସ ହଲ, ଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ସିଦ୍ଧି ବିନାୟକ ମନ୍ଦିର, ସ୍ୱାମୀ ଆୟାପ୍ପା, କାର୍ତ୍ତିକେଶ୍ୱର ମନ୍ଦିର ପୁନଃ ସ୍ୱରଚନା ଓ ନବନିର୍ମିତ କଲ୍ୟାଣ ମଣ୍ଡପ ପ୍ରତିଷ୍ଠା ମୋହତ୍ସବ ଦ୍ୱିତୀୟ ଦିବସ, ସ୍ଥାନ: ନବରଙ୍ଗପୁର ରାଜୁ ସାହି, ସମୟ: ସକାଳ ୬ଟାରୁ ଆରମ୍ଭ।

## କୋରାପୁଟ

- ଜୈବିକ ପ୍ରଣାଳୀରେ ଚାଷ କରିବା ନେଇ ପ୍ରଶିକ୍ଷଣ ଶିବିର, ସ୍ଥାନ: କୋଟପ ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର

- ମୁରାସ୍ଥିତ ବିଦ୍ୟାସାଗର ଜ୍ଞାନମନ୍ଦିର ଆନୁକୂଲ୍ୟରେ ନିଃଶୁଳ୍କ ଯୋଗଶିବିର, ସ୍ଥାନ: ମାନେଶ୍ୱର ବ୍ଲକ ନୂଆଁଡିହୁରା ପଞ୍ଚାୟତ ମୁରା ଗ୍ରାମ ରାମଚଣ୍ଡୀ ମନ୍ଦିର କଲ୍ୟାଣ ମଣ୍ଡପ, ସମୟ: ସକାଳ ୫ଟା।
- ମୁରାସ୍ଥିତ ବିଦ୍ୟାସାଗର ଜ୍ଞାନମନ୍ଦିର ଆନୁକୂଲ୍ୟରେ ନିଃଶୁଳ୍କ ସ୍ୱାସ୍ଥ୍ୟ ସଚେତନତା ଶିବିର, ସ୍ଥାନ: ମାନେଶ୍ୱର ବ୍ଲକ ନୂଆଁଡିହୁରା ପଞ୍ଚାୟତ ମୁରା ଗ୍ରାମ ରାମଚଣ୍ଡୀ ମନ୍ଦିର କଲ୍ୟାଣ ମଣ୍ଡପ, ସମୟ: ସକାଳ ୭ଟା।
- ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ସମ୍ବଲପୁର ଜିଲା ଜୁଡୋ ହଲ, ସମୟ: ସକାଳ ୭ଟା।
- ଜିଲା କ୍ରିଡା ସଂଘ ଆୟୋଜିତ ଜିଲାସ୍ତରୀୟ ନକ୍‌ଆଉଟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୭ଟା।
- ଝାଡୁଆପଡ଼ା ଲୋକନାଥ ବାବାଙ୍କ ପତରପେଡ଼ିଁ, ସ୍ଥାନ: କଂସାରିପଡା, ସମୟ: ସନ୍ଧ୍ୟା ୭ଟା।
- ମୁଦିପଡା ଜାଗେଶ୍ୱର ବାବାଙ୍କ ପତରପେଡ଼ିଁ, ସ୍ଥାନ: ମୁଦିପଡା, ସମୟ: ସନ୍ଧ୍ୟା ୭ଟା।
- ବାଲିବନ୍ଧା ସୋମନାଥ ବାବାଙ୍କ ପତରପେଡ଼ିଁ, ସ୍ଥାନ: ଆଥା କଲୋନୀ, ସମୟ: ସନ୍ଧ୍ୟା ୭ଟା
- ବଡବଜାର ଶିତଳେଶ୍ୱର ବାବାଙ୍କ ପତରପେଡ଼ିଁ, ସ୍ଥାନ: ସାହେବ ବଙ୍ଗଳା, ସମୟ: ରାତି ୮ଟା।
- ଠକୁରପଡା ବାବାଙ୍କ ପତରପେଡ଼ିଁ, ସ୍ଥାନ: ପାଞ୍ଚଗଛିଆ ସ୍ଥିତ ଗୁରୁନାନକ କମ୍ପ୍ଲେକ୍ସ, ସମୟ: ରାତି ୮ଟା।
- ବୁଢ଼ାରଜା ମହାଦେବଙ୍କ ପତରପେଡ଼ିଁ, ସ୍ଥାନ: ଜଗନ୍ନାଥ କଲୋନୀ, ସମୟ: ରାତି ୮ଟା।

## ବଲାଙ୍ଗୀର

- ଗ୍ରୀଷ୍ମକାଳୀନ ଖୋଖୋ ତାଲିମ ଶିବିର, ସ୍ଥାନ: ଟାଉନ ବାଳକ ଉଚ୍ଚ ବିଦ୍ୟାଳୟ ପଡିଆ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ମାସିକ ରଚନା ସନ୍ଧ୍ୟା, ଆମ ପରିବେଶ: ଆମ ଦାୟିତ୍ୱ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ପିପି ଏକାଡେମୀ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ୧୫ ମିନିଟ।

## ସୁବର୍ଣ୍ଣପୁର

- ଗୁରୁଜନ୍ମ ଉତ୍ସବ, ସ୍ଥାନ: ମହାକାଳେଶ୍ୱର ମନ୍ଦିର, କଳାପଥର, ଉଲୁଣ୍ଡା ବ୍ଲକ, ସମୟ: ସକାଳ ୯ ଟା
- ଶୀତଳଷଷ୍ଠୀ ଯାତ୍ରା ଅବସରରେ ଦେବ ନିମନ୍ତ୍ରଣ, ସ୍ଥାନ: ସୋନପୁର ଚନ୍ଦ୍ରଶେଖର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।
- ତରଭା ଶନି ମନ୍ଦିରରେ ମହାଆଳତି, ସ୍ଥାନ: ତରଭା ନୂଆପଡ଼ା ଶନିମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା

- ବ୍ରହ୍ମକୁମାରୀ ପକ୍ଷରୁ ନିଶାନିବାରଣ ସଚେତନତା କର୍ମଶାଳା,ସ୍ଥାନ: ଡାଇମଣ୍ଡ ଭବନ, ସମୟ: ସକାଳ ୭ଟା୩୦।
- ରମ୍ଭା ତୃତୀୟ ଉତ୍ସବ ପାଳିତ,ସ୍ଥାନ: କାଳିମନ୍ଦିର ପରିସର, ସମୟ: ସକାଳ ୮ଟା।

## ବରଗଡ଼

- ସ୍ୱପ୍ନେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଉତ୍ସବ, (ପତରପେଣ୍ଡି କାର୍ଯ୍ୟକ୍ରମ), ସ୍ଥାନ: ସ୍ୱପ୍ନେଶ୍ୱର ଶିବ ମନ୍ଦିର, କଣ୍ଟାପଡ଼ା, ପଦ୍ମପୁର, ସମୟ: ସକାଳ ୭ଟା।
- ଶୀତଳଷଷ୍ଠୀ ଯାତ୍ରା (ଗଣସନ), ସ୍ଥାନ: କଣ୍ଟାଝୁଡ଼ା, ଗାଇସିଲେଟ, ସମୟ: ସକାଳ ୯ଟା।
- ଶୀତଳଷଷ୍ଠୀ ମହୋତ୍ସବ (ଅମୃତ ମଣୋହୀ ଭୋଗ ଅର୍ପଣ), ସ୍ଥାନ: ବରପାଲି, ସମୟ: ମଧ୍ୟାହ୍ନ ୧୨ଟା।
- ଶୀତଳଷଷ୍ଠୀ ମହୋତ୍ସବ, (ତାରକାସୁର ଦରବାର, ସାଂସ୍କୃତିକ କାର୍ଯ୍ୟକ୍ରମ), ସ୍ଥାନ: ବଡ଼ପଡ଼ା, ପଦ୍ମପୁର, ସମୟ: ରାତି ୮ଟା।

## କଳାହାଣ୍ଡି

- ଭାଜପାର ନିର୍ବାଚନୀ ସମୀକ୍ଷା ବୈଠକ, ସ୍ଥାନ: ଜୁନାଗଡ଼ସ୍ଥିତ ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଭାଗିବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।

## ଦେବଗଡ଼

- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର ଓ ହନୁମାନ ବାଟିକା, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।
- ମା’ କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ଆଳତୀ, ସ୍ଥାନ: ସହର ଧର୍ମଶାଳା ଛକ ଶନି ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ଭଗବତ ଗୀତା ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ସହରସ୍ଥିତ ଟିବ୍ରିୱାଲ ଧର୍ମଶାଳା, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ୍।
- ରକ୍ତଦାନ ଶିବିର, ସ୍ଥାନ: ସରବାହାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ଅପରାହ୍ନ ୪ଟା ୩୦ ମିନିଟ୍।

# ରେପୋ ରେଟ୍ ୬.୫%ରେ ସ୍ଥିର ରହିଲା

**ଭୁବନେଶ୍ୱର,୭।୬**
**(ଅନୁରାଧା ମହାରଣା)**

**ଆର୍‌ବିଆଇ ଏମ୍‌ପିସି ବୈଠକ**



ଶକ୍ତିକାନ୍ତ ଦାସ

ଭାରତୀୟ ରିଜର୍ଭ ବ୍ୟାଙ୍କର ମୁଦ୍ରା ନୀତି (ଏମ୍‌ପିସି) ବୈଠକ ଫଳାଫଳ ଆସିଛି। ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ଏହି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଘୋଷଣା କରିଛନ୍ତି। ଏଥର ମଧ୍ୟ ରେପୋ ହାରରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ରେପୋ ହାର ୬.୫%ରେ ସ୍ଥିର ରହିଛି। କମିଟିର ୬ ଜଣ ସଦସ୍ୟଙ୍କ ମଧ୍ୟରୁ ୪ ଜଣ ଏହି ନିଷ୍ପତ୍ତି ନେଇଥିଲେ। ୨୦୨୩ ଫେବୃଆରୀରୁ ଆର୍‌ବିଆଇ ରେପୋ ରେଟ୍ ଅପରିବର୍ତ୍ତିତ ରହିଛି। ଆର୍‌ବିଆଇ ପ୍ରତି ଦୁଇ ମାସରେ ଏମ୍‌ପିସି ବୈଠକ କରୁଥିବାବେଳେ ୨୦୨୪-୨୫ର ଏହା ଦ୍ୱିତୀୟ ବୈଠକ ଥିଲା। ଏହାପୂର୍ବରୁ ଏପ୍ରିଲ ମାସରେ ବୈଠକ ବସିଥିଲା। ମୁଦ୍ରାସ୍ଫୀତି ମୁକାବିଲା ପାଇଁ ରେପୋ ରେଟ୍ ହେଉଛି ଏକ ଶକ୍ତିଶାଳୀ ଉପାଦାନ, ଯାହା ଆର୍ଥିକ ପରିସ୍ଥିତି ଅନୁଯାୟୀ ଆର୍‌ବିଆଇ ସମୟ ସମୟରେ ବ୍ୟବହାର କରିଥାଏ। ଯେତେବେଳେ ମୁଦ୍ରାସ୍ଫୀତି ବହୁତ ଅଧିକ ରହିଥାଏ, ଆର୍‌ବିଆଇ ରେପୋ ହାର ବଢ଼ାଇଥାଏ। ସାଧାରଣତଃ ୦.୫୦ କିମ୍ବା ତା’ଠାରୁ କମ୍ ହାରରେ ରେପୋ ରେଟ୍ ବୃଦ୍ଧି ହୁଏ। ମାତ୍ର ଯେତେବେଳେ ଅର୍ଥନୀତି ଏକ ଖରାପ ପର୍ଯ୍ୟାୟ ଦେଇ ଗତି କରୁଥାଏ, ପୁନରୁଦ୍ଧାର ପାଇଁ ଅର୍ଥ ପ୍ରବାହ ବୃଦ୍ଧି କରିବାର ଆବଶ୍ୟକତା ଥାଏ, ଏପରି ସ୍ଥିତିରେ ଆର୍‌ବିଆଇ ରେପୋ ହାର ହ୍ରାସ କରିଥାଏ। ରେପୋ ହାର ବୃଦ୍ଧି ହେଲେ ଋଣ ମଧ୍ୟ ମହଙ୍ଗା ହୁଏ। ଏହା ସାଧାରଣ ଲୋକଙ୍କ ଉପରେ ଇଏମ୍‌ଆଇ ଭାର ବଢ଼ାଇଥାଏ। ସେହିପରି ୨୦୨୫ ଆର୍ଥିକ ବର୍ଷରେ ଦେଶର ଜିଡିପି ଅଭିବୃଦ୍ଧି ୭.୨ ପ୍ରତିଶତ ରହିବ ବୋଲି ଅନୁମାନ କରାଯାଇଛି, ଯାହା ଗତ ଆର୍ଥିକ ବର୍ଷ ତୁଳନାରେ ଅଧିକ। ଗତ ଆର୍ଥିକ ବର୍ଷରେ ଏହା ୭ ପ୍ରତିଶତ ରହିଥିଲା। ଏହା ବ୍ୟତୀତ ମୁଦ୍ରାସ୍ଫୀତି ହାର ୪ ପ୍ରତିଶତକୁ ଫେରାଇ ଆଣିବା ଲାଗି ଆର୍‌ବିଆଇ ପ୍ରତିଶ୍ରୁତିବଦ୍ଧ ବୋଲି ଶକ୍ତିକାନ୍ତ ଦାସ କହିଛନ୍ତି।

# ୧୨ରୁ ଶିମିଳିପାଳ ବନ୍ଦ




**ବାରିପଦା,୭।୬**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବର୍ଷାଋତୁ ଆଗମନକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ନିମନ୍ତେ ଜୁନ୍ ୧୨ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବନ୍ଦ ରହିବ। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ବିଭାଗୀୟ ବିଜ୍ଞପ୍ତି ଜାରି କରିଛନ୍ତି।

ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ତମ ଜୈବମଣ୍ଡଳ ଭାବେ ଶିମିଳିପାଳକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ପ୍ରତିବର୍ଷ ବର୍ଷାଋତୁ ଆଗମନ ପୂର୍ବରୁ ପର୍ଯ୍ୟଟକମାନଙ୍କୁ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ ବନ୍ଦ କରାଯାଇଥାଏ। ତେବେ ଚଳିତ ବର୍ଷ ମୌସୁମୀର ଆଗମନ ହେବା ସୂଚନା ପାଇ ଜୁନ୍ ୧୫ ପରିବର୍ତ୍ତେ ୧୨ତାରିଖରୁ ଶିମିଳିପାଳ ବନ୍ଦ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବର୍ଷା ଯୋଗୁ ଶିମିଳିପାଳ ମଧ୍ୟରେ ଥିବା ରାସ୍ତାଗୁଡ଼ିକ ଧୋଇଯାଇ ବିପଦସଙ୍କୁଳ ହୋଇପଡ଼ିଥାଏ। ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ସାମୟିକ ଭାବେ ପ୍ରବେଶ ନିଷେଧ କରାଯାଇଥାଏ। ଏହି ସମୟ ମଧ୍ୟରେ ଅଭୟାରଣ୍ୟରେ ଥିବା ରାସ୍ତାର ମରାମତି କରାଯାଇଥାଏ। ସେହିପରି ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ଜାମୁଆଣି, ଗୁଡ଼ୁଗୁଡିଆ, କୁମାରୀ, ବରେହିପାଣି ଓ ରାମତୀର୍ଥ ଇକୋ ଟୁରିଜମ୍‌ରେ ପର୍ଯ୍ୟଟକଙ୍କ ରହଣି ସମେତ ପର୍ଯ୍ୟଟନ ପାଇଁ ଖୋଲା ରହିବ ବୋଲି ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ୨୦୨୨-୨୩ରେ ମୋଟ ୪୧,୩୪୬ ପର୍ଯ୍ୟଟକ ୭୯୩୩ଟି ଗାଡ଼ିରେ ଅଭୟାରଣ୍ୟକୁ ବୁଲିବାକୁ ଆସିଥିବା ବେଳେ ୩,୮୮,୭୯୫ଟଙ୍କା ରାଜସ୍ୱ ଆଦାୟ ହୋଇଥିଲା। ତେବେ ୨ ମାସ ଧରି ବିଭିନ୍ନ ଦାବି ନେଇ ସ୍ଥାନୀୟ ଲୋକେ ଅଭୟାରଣ୍ୟ ରାସ୍ତାକୁ ଅବରୋଧ କରିବା ଯୋଗୁ ପର୍ଯ୍ୟଟକଙ୍କ ସଂଖ୍ୟା କମିଥିବା ନେଇ ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ଡ. ଗୋଗିନେନୀ କହିଛନ୍ତି। ସେହିପରି ୨୦୨୩-୨୪ ବର୍ଷରେ ପିଠାବଟା ଗେଟ୍ ଦେଇ ୨୩୪୯ ଗାଡ଼ିରେ ୧୨,୯୦୯ ଓ କାଳିଆମି ଗେଟ୍ ଦେଇ ୨୩୫୬ ଗାଡ଼ିରେ ୧୩,୨୧୦ ପର୍ଯ୍ୟଟକ ଶିମିଳିପାଳକୁ ପ୍ରବେଶ କରିଥିଲେ। ଅଦ୍ୟାବଧି ୨ଟି ଗେଟ୍ ଦେଇ ମୋଟ ୪୬୫୪ଟି ଗାଡ଼ିରେ ୨୫,୮୪୬ ପର୍ଯ୍ୟଟକ ଶିମିଳିପାଳ ବୁଲିବାକୁ ଆସିଥିବା ନେଇ ବିଭାଗ ସୂଚନା ଦେଇଛି।

# ଯୁକ୍ତ୨ ନାମଲେଖା ଆବେଦନ ଆରମ୍ଭ

**ଭୁବନେଶ୍ୱର, ୭।୬ (ଅସମାପିକା ସାହୁ)**

୨୦୨୪-୨୫ ଶିକ୍ଷାବର୍ଷରେ ଯୁକ୍ତ୨ ପ୍ରଥମ ବର୍ଷ ବା ଏକାଦଶ ଶ୍ରେଣୀରେ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଓ ସଂସ୍କୃତ ବିଷୟରେ ନାମଲେଖା ପାଇଁ ଶୁକ୍ରବାରଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ସାମ୍ସ ପୋର୍ଟାଲ ତଥ୍ୟାନୁସାରେ, ଶୁକ୍ରବାର ରାତି ୧୦ଟା ୩୦ ସୁଦ୍ଧା ୨୨,୩୮୨ ଛାତ୍ରୀଛାତ୍ର ଆବେଦନ କରିଥିବାବେଳେ ୨୨,୧୭୪ ଜଣ ଅନ୍‌ଲାଇନ୍‌ରେ ଫି’ ଦାଖଲ କରିଛନ୍ତି। ଛାତ୍ରୀଛାତ୍ର ସାମ୍ସ ପୋର୍ଟାଲ www. samsodisha.gov.inରେ ଜୁଲାଇ ୬ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଆବେଦନ କରିପାରିବେ। ୧୮ ତାରିଖରେ ପ୍ରଥମ ମେରିଟ ଲିଷ୍ଟ ପ୍ରକାଶ ପାଇବ। ୧୯ରୁ ୨୩ତାରିଖ ପର୍ଯ୍ୟନ୍ତ ମନୋନୀତ ହୋଇଥିବା ଛାତ୍ରୀଛାତ୍ର ନାମଲେଖାଇବେ। ଅଗଷ୍ଟ ୧ରେ ଦ୍ୱିତୀୟ ପର୍ଯ୍ୟାୟ ମେରିଟ ଲିଷ୍ଟ ପ୍ରକାଶ ପାଇବ। ୨ରୁ ୬ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ହେବ। ସୂଚନାଯୋଗ୍ୟ, ରାଜ୍ୟର ୨,୨୨୧ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଓ ସଂସ୍କୃତ ବିଷୟରେ ମୋଟ ୫,୨୫,୪୬୫ ସିଟ୍ ରହିଛି। ସେଥିମଧ୍ୟରୁ କଳାରେ ୨,୯୪,୮୪୦, ବିଜ୍ଞାନରେ ୧,୬୬,୯୨୯, ବାଣିଜ୍ୟରେ ୪୦,୧୦୪, ଧନ୍ଦାମୂଳକ ଶିକ୍ଷାରେ ୧୦,୫୦୪ ଏବଂ ସଂସ୍କୃତରେ ୧୩,୦୮୮ ସିଟ୍‌ରେ ଏହି ନାମଲେଖା ହେବ।

**ପ୍ରଥମ ପୃଷ୍ଠାରୁ...**

## ସରକାର ଗଢ଼ିବାକୁ ...

ମୋଦି ଲଗାତର ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ରୂପେ ଶପଥ ନେବେ। ରାଷ୍ଟ୍ରପତି ମୁର୍ମୁ ଏନ୍‌ଡିଏ ସଂସଦୀୟ ଦଳ ନେତା ନରେନ୍ଦ୍ର ମୋଦିଙ୍କୁ ଭାବୀ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛନ୍ତି। ରାଷ୍ଟ୍ରପତି ତାଙ୍କୁ ଏ ସଂକ୍ରାନ୍ତ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଏହା ପୂର୍ବରୁ ଭାଜପା ଏନ୍‌ଡିଏର ନେତାମାନେ ରାଷ୍ଟ୍ରପତିଙ୍କୁ ଭେଟି ମୋଦିଙ୍କ ପ୍ରତି ସମର୍ଥନପତ୍ର ଦେଇଥିଲେ। ଭାବୀ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ୨୦୪୭ରେ ଭାରତ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବାକୁ ଯାଉଥିବାବେଳେ ଅଷ୍ଟାଦଶ ଲୋକ ସଭା ଦେଶବାସୀଙ୍କ ଆଶା ଆକାଂକ୍ଷା ପୂରଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବାକୁ ଯାଉଛି। ଏହା ପୂର୍ବରୁ ପୂର୍ବାହ୍ନରେ ପୁରୁଣା ପାର୍ଲାମେଣ୍ଟ ବିଲ୍ଡିଂର ସେଣ୍ଟ୍ରାଲ ହଲ୍‌ରେ ଏନ୍‌ଡିଏର ନବନିର୍ବାଚିତ ଏମ୍‌ପିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସହଯୋଗୀ ଦଳଗୁଡ଼ିକ ମୋଦିଙ୍କୁ ଏନ୍‌ଡିଏ ନେତା ଚୟନ ଉପରେ ସର୍ବସମ୍ମତିକ୍ରମେ ଏକ ସଂକଳ୍ପନାମା ପାରିତ କରିଥିଲେ। ଏନ୍‌ଡିଏର ୨୧ ଜଣ ନେତା ମୋଦିଙ୍କ ରାଷ୍ଟ୍ର ନିର୍ମାଣ ପ୍ରୟାସକୁ ପ୍ରଶଂସା କରିବା ସହ ଉକ୍ତ ପ୍ରସ୍ତାବରେ ସ୍ୱାକ୍ଷର କରିଥିବା ନେଇ ଶାସକ ମେଣ୍ଟର ସଂସଦୀୟ ଦଳ ବୈଠକରେ ଭାଜପା ନେତା ପ୍ରହ୍ଲାଦ ଜୋଷୀ ସୂଚନା ଦେଇଛନ୍ତି। ଏହି ଅବସରରେ ସମ୍ବୋଧିତ କରି ମୋଦି କହିଥିଲେ, ଏନ୍‌ଡିଏ ତାଙ୍କୁ ମେଣ୍ଟର ନେତୃତ୍ୱ ନେବାକୁ ଚୟନ କରିବା ତାଙ୍କ ପାଇଁ ସୌଭାଗ୍ୟର କଥା। ଏନ୍‌ଡିଏ ଭଳି ଅନ୍ୟ କୌଣସି ମେଣ୍ଟ କେବେ ସଫଳ ହୋଇନାହିଁ। ଆମକୁ ସଂଖ୍ୟାଗରିଷ୍ଠତା ମିଳିଛି। କିନ୍ତୁ ଦେଶ ଚଳାଇବାକୁ ହେଲେ ସହମତି ଗୁରୁତ୍ୱପୂର୍ଣ୍ଣ। ନୂଆ ସରକାର ମଧ୍ୟବିତ୍ତଙ୍କ ସଞ୍ଚୟ ବୃଦ୍ଧି ଓ ସେମାନଙ୍କ ଜୀବନର ମାନରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱ ଦେବ। ରାଜନାଥ ସିଂ ଏନ୍‌ଡିଏ ନେତା ଭାବେ ମୋଦିଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଏହାକୁ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ମୁଖ୍ୟ ଏନ୍. ଚନ୍ଦ୍ରାବାବୁ ନାଇଡୁ, ବିହାର ମୁଖ୍ୟମନ୍ତ୍ରୀ ତଥା ସଂଯୁକ୍ତ ଜନତା ଦଳ (ଜେଡିୟୁ) ଅଧ୍ୟକ୍ଷ ନୀତୀଶ କୁମାର, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ତଥା ଶିବସେନା ମୁଖ୍ୟ ଏକନାଥ ଶିନ୍ଦେ, ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି-ରାମ ବିଳାସ) ମୁଖ୍ୟ ଚିରାଗ ପାଶ୍ୱାନ ଏବଂ ଅନ୍ୟ ନେତାମାନେ ସମର୍ଥନ କରିଥିଲେ। ପ୍ରକାଶ ଯେ, ନିକଟରେ ଅନୁଷ୍ଠିତ ଲୋକ ସଭା ନିର୍ବାଚନରେ ଭାଜପା ୨୪୦ ଆସନରେ ସୀମିତ ରହିଯାଇଥିବାବେଳେ ଏନ୍‌ଡିଏ ୨୯୩ ଆସନ ଦଖଲ କରିଛି। ତେଣୁ ସହଯୋଗୀ ଦଳଗୁଡ଼ିକର ବିନା ସମର୍ଥନରେ ସରକାର ଗଢ଼ିବା ଭାଜପା ପାଇଁ ଅସମ୍ଭବ। ଶପଥ ଗ୍ରହଣ ଉତ୍ସବକୁ ବାଂଲାଦେଶ ପ୍ରଧାନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା, ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ୱିକ୍ରମସିଂଘେ, ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଳ ଦହଲ ‘ପ୍ରଚଣ୍ଡ’, ଭୁଟାନ ପ୍ରଧାନମନ୍ତ୍ରୀ ଶେରିଙ୍ଗ୍ ଟୋବ୍‌ଗୟ, ମରିସସ୍ ପ୍ରଧାନମନ୍ତ୍ରୀ ପ୍ରବିନ୍ଦ ଜଗନ୍ନାଥ ଓ ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କୁ ନିମନ୍ତ୍ରଣ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ଅର୍ଥଲାଭ ସାଙ୍ଗକୁ ବନ୍ଧୁମାନଙ୍କ ମତାନ୍ତର ଜନିତ କଳହର ମଧ୍ୟ ସୂଚନା ରହିଛି। ଅବଶ୍ୟ ଆନୁଷ୍ଠାନିକ କାର୍ଯ୍ୟ, ପ୍ରତ୍ୟୁଷ ଯାତ୍ରାଦିରେ ସଫଳତା ହାସଲ କରିବେ। କୃତ୍ତିକା ନକ୍ଷତ୍ର କେତେକ ଆକସ୍ମିକ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ପ୍ରକାଶନ, ପ୍ରଶାସନ, କଳା, ସାହିତ୍ୟ, ସଙ୍ଗୀତ ଓ ସାମ୍ବାଦିକତା କ୍ଷେତ୍ର ମନ୍ଦ ହେବନି।

**ବୃଷ** - ଉନ୍ନତ ଚିନ୍ତାକୁ ବାସ୍ତବତାରେ ପରିଣତ କରିବାର ଯୋଜନାରେ ସଫଳତା ହାସଲ କରିବେ। ଆଜିର ନୂତନ କର୍ମାରମ୍ଭ, ଧାର୍ମିକ କାର୍ଯ୍ୟ ତଥା ମନୋରଞ୍ଜନ ପ୍ରୀତିପ୍ରଦ ହେବ। ରାହୁଙ୍କ କୁପ୍ରଭାବରୁ ସାମୟିକ ଭୁଲ୍ ବୁଝାମଣା ଜନିତ ମନାନ୍ତର ଆଶଙ୍କା ରହିଛି। ରୋହିଣୀ ନକ୍ଷତ୍ର ବିନା କାରଣରେ କାହା ସାଙ୍ଗରେ ଶତ୍ରୁତା କରିବା ଠିକ୍ ହେବନାହିଁ।

**ମିଥୁନ** - ଯାହାକୁ ଅତି ନିଜର ମନେ କରୁଥିବେ ସିଏହିଁ ମୁହଁ ପଛରେ ସମାଲୋଚନା କରିବ। ଅର୍ଥ ଓ ସମ୍ମାନ ପାଇବେ, ସହକର୍ମୀଙ୍କ ସହାନୁଭୂତି ଯୋଗୁ କର୍ମ ମୁଖର ହେବେ ଓ କାମ ମଧ୍ୟ ଅଟକିବ ନାହିଁ। ମୃଗଶିରା ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହେବେ। କର୍ମକ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ** - ସ୍ୱାସ୍ଥ୍ୟ ଚିନ୍ତା, ବୃଥା ସନ୍ଦେହ, ମୂଲ୍ୟହୀନ କଥାକୁ ଗୁରୁତ୍ୱ ଦେବାରେ ମନକୁ ନିୟୋଜିତ କରିବେ। ପର୍ଯ୍ୟାପ୍ତ ଖର୍ଚ୍ଚକୁ ରୋକିବା ଦିଗରେ ଅସମର୍ଥ ହୋଇପାରନ୍ତି। କର୍ମକ୍ଷେତ୍ରରେ ସ୍ଥାନାନ୍ତର, ବ୍ୟବସାୟରେ କ୍ଷତି, ବୃଥାଭ୍ରମଣ ଦ୍ୱାରା ଟେନ୍‌ସନରେ ରହିବେ। ଶୁକ୍ରଙ୍କ ପ୍ରଭାବରୁ ପାରିବାରିକ ସୁଖ, ଆନୁଷ୍ଠାନିକ କାମର ସୁଯୋଗ ଲାଭକରିବେ।

**ସିଂହ** - ପୂର୍ବାଫାଲଗୁନୀ ସ୍ଥଗିତ କାମକୁ ସମ୍ପନ୍ନ କରିବା ସକାଶେ ଖର୍ଚ୍ଚାନ୍ତ ହେବେ। ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଗତି କରୁଥିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ଚିନ୍ତାଧାରା ମନକୁ ବିବ୍ରତ କରିପାରେ। ପାରିବାରିକ ଜୀବନରେ ଉଚିତ୍ ବୁଝାମଣା ପାଇଁ ଚେଷ୍ଟା କରିପାରନ୍ତି। ଶିଳ୍ପ,ବାଣିଜ୍ୟ କ୍ଷେତ୍ରରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**କନ୍ୟା** - ନିଜ ଅପେକ୍ଷା ଅନ୍ୟମାନଙ୍କ ସକାଶେ ଅଧିକ ବ୍ୟସ୍ତତା ଅନୁଭବ କରିବେ। କର୍ମକ୍ଷେତ୍ରରେ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଚେଷ୍ଟାକଲେ ସଫଳତା ମିଳିବ। ଚିତ୍ରା ନକ୍ଷତ୍ରର ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ପରିବାରର ବରାଦ ଅନୁଯାୟୀ ଅଳଙ୍କାର ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ତୁଳା** - ଆଜି ସ୍ୱାତୀ ନକ୍ଷତ୍ର ଯେଉଁ କାମରେ ହାତ ଦେବେ ତାହା ପୂରଣ ହେବ। ଯାହାକୁ ଯାହା କହିବେ ସେ ନିର୍ବିବାଦରେ ତାହାକୁ ସ୍ୱୀକାର କରିନେବ। ମାତ୍ର ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ଘରୋଇ ସମସ୍ୟା ସମାଧାନ କ୍ଷେତ୍ରରେ ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି।

**ବିଛା** - ଅନୁରାଧା ନକ୍ଷତ୍ର କର୍ମାରମ୍ଭ ସକାଶେ ମାନସିକତା ସୃଷ୍ଟି କରିବେ। ଅତୀତର ଅପମାନ, ସମସ୍ୟା ଓ କାର୍ଯ୍ୟ ସାଧନରେ ଅସାମର୍ଥ୍ୟତା ବିଷୟରେ ସମୀକ୍ଷା କରିପାରନ୍ତି। କାମ ହାସଲ ଉଦ୍ଦେଶ୍ୟରେ ବନ୍ଧୁଙ୍କ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ବିବାଦୀୟ ଘଟଣାର ଫଳାଫଳ ସପକ୍ଷରେ ଯିବାର ସମ୍ଭାବନା ରହିଛି।

**ଧନୁ** - ସ୍ଥଗିତ ରହିଥିବା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଟି ଆଜି ସମ୍ପନ୍ନ ହୋଇଯିବ। ଘରୋଇ ସମସ୍ୟା କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହୋଇ ମନ୍ତବ୍ୟ ଦେବା ଠିକ୍ ହେବନାହିଁ। ଉତ୍ତରାଷାଢା ନକ୍ଷତ୍ର କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା ଖେଳକୁଦରେ ପ୍ରଶଂସା ପାଇବେ। ଆତ୍ମୀୟଙ୍କ ବ୍ୟବହାରରେ ପରିବର୍ତ୍ତନ ଲକ୍ଷ୍ୟକରି ସାମୟିକ ଚିନ୍ତା ପ୍ରକଟ କରିପାରନ୍ତି।

**ମକର** - ସାଧାରଣ କେତେକ ସମସ୍ୟାକୁ ବାଦ୍ ଦେଲେ ଦିନଟି ଭଲରେ ଭଲରେ କଟିବ। ଧନିଷ୍ଠା ନକ୍ଷତ୍ର ପାଇଁ ପ୍ରତ୍ୟେକ ପ୍ରକାରର ଅନୁକୂଳ ବାତାବରଣ ରହିଥିଲେ ମଧ୍ୟ ସଂଗଠନ, ରାଜନୀତି, ସଭାସମିତି, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ଅତି ନିକଟରେ ରହିଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ।

**କୁମ୍ଭ** - ନିଜ ଲୋକ ଆପଣଙ୍କ କାମକୁ ପଛରେ ରଖି ପର ପାଇଁ ବ୍ୟଗ୍ରତା ସୃଷ୍ଟି କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ଫଳରେ ଆଶ୍ୱସ୍ତି ଅନୁଭବ କରିବେ। ଶତଭିଷା ନକ୍ଷତ୍ର ବନ୍ଧୁଙ୍କ ସହ ପ୍ରାତଃ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲିତ ହେବ। ଆର୍ଥିକ ସ୍ଥିତି ବିଶେଷ ଥିବା କାରଣରୁ ଚାହୁଁଥିବା ଜିନିଷ ପାଇବେ କିମ୍ବା ଭାବୁଥିବା କାମଟି କରିବାରେ ସମର୍ଥ ହେବେ।

**ମୀନ** - ଆଜି ଯେମିତି ମନଟି ଉଚ୍ଚା କାମଗୁଡ଼ିକ ମଧ୍ୟ ତଦ୍ରୂପ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ। ପରିବର୍ତ୍ତିତ ପରିସ୍ଥିତିରେ ପାରିବାରିକ ଜୀବନ ସୁଖରେ କଟିବ। ଆଇନ ଅଦାଲତରେ, ପରିବହନରେ କିମ୍ବା କୌଣସି ବାଦବିବାଦରେ ଆପୋସ ସମାଧାନ ଘଟିପାରେ। ରେବତୀ ନକ୍ଷତ୍ର ବୃଥାଭ୍ରମଣ, ଜମା ଭଲ ସମ୍ପର୍କ ନଥିବା ବ୍ୟକ୍ତିମାନଙ୍କ ସକାଶେ ଦୁଶ୍ଚିନ୍ତା ବୃଦ୍ଧି ପାଇପାରେ।

ଆଜି ଜୁନ୍ ୮ ତାରିଖ, ଜ୍ୟେଷ୍ଠ ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା, ଶନିବାର, ରାଶିନକ୍ଷତ୍ର-ଆର୍ଦ୍ରା/ମିଥୁନ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୦୭ ଗତେ ଘ.୧୨।୧୨ମଧ୍ୟେ, ଘ.୦୩।୦୩ ଗତେ ଘ.୦୩।୪୨ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୨୮ ଗତେ ଘ.୧୦।୦୭ ମଧ୍ୟେ ରାହୁକାଳ।




# ୧୦ରେ ଆସିବେ ମୋଦି

- ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ଯୋଗଦେବେ
- ଆଜି ବସିବ ନବ ନିର୍ବାଚିତ ବିଧାୟକ ଦଳ ବୈଠକ

ଭୁବନେଶ୍ୱର,୭।୬(ଅନିଲ ଦାସ)



ଆସନ୍ତା ୧୦ ତାରିଖରେ ରାଜ୍ୟରେ ଭାଜପା ସରକାରଙ୍କ ଶପଥଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସୁରକ୍ଷା ବ୍ୟବସ୍ଥା ତଦାରଖ କରିବା ପାଇଁ ଶୁକ୍ରବାର ଏସ୍‌ପିଜି ଓଡ଼ିଶାରେ ଆସି ପହଞ୍ଚିଛନ୍ତି। ତେବେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସୂଚୀ ଏ ପର୍ଯ୍ୟନ୍ତ ହସ୍ତଗତ ହୋଇ ନ ଥିବା ପୋଲିସ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି। ଅନ୍ୟ ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ୧୦ ତାରିଖରେ ଭୁବନେଶ୍ୱରରେ ପହଞ୍ଚି ଶପଥଗ୍ରହଣ କାର୍ଯ୍ୟକ୍ରମରେ ଯୋଗଦେବେ। ସେହିଦିନ ସନ୍ଧ୍ୟାରେ କିମ୍ବା ୧୧ ତାରିଖ ସକାଳେ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି। ଶପଥଗ୍ରହଣ କାର୍ଯ୍ୟକ୍ରମରେ ଅମିତ ଶାହା ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଶପଥଗ୍ରହଣ କାର୍ଯ୍ୟକ୍ରମ ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଜନତା ମଇଦାନରେ ଶପଥଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେଥିପାଇଁ ମଞ୍ଚ ସଜ୍ଜା ଜୋରସୋରରେ ଚାଲିଛି। ଅନ୍ୟପକ୍ଷରେ ଭାଜପାର ନବ ନିର୍ବାଚିତ ବିଧାୟକମାନଙ୍କର ବୈଠକ ଶନିବାର ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଏହି ବୈଠକରେ ନବ ନିର୍ବାଚିତ ବିଧାୟକମାନେ ଦଳର କେନ୍ଦ୍ରୀୟ କମିଟି ଅନୁମୋଦନ କ୍ରମେ ମୁଖ୍ୟମନ୍ତ୍ରୀ ଚୟନ କରିବେ ବୋଲି କୁଚିଣ୍ଡା ବିଧାୟକ ରବି ନାରାୟଣ ନାଏକ କହିଛନ୍ତି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଭାବେ ଏଭଳି ଜଣେ ବ୍ୟକ୍ତିଙ୍କୁ ଚୟନ କରାଯିବ ଯାହାଙ୍କର ରାଜନୈତିକ ଅଭିଜ୍ଞତା ଥିବା ସହ ଓଡ଼ିଶାର ଇତିହାସ ଓ ସଂସ୍କୃତି ଉପରେ ଧାରଣା ରହିଥିବ। ସମସ୍ତ ନବ ନିର୍ବାଚିତ ବିଧାୟକ ଦଳର ଜଣେ ଜଣେ ଶୃଙ୍ଖଳିତ କର୍ମୀ। ମୁଖ୍ୟମନ୍ତ୍ରୀ ଚୟନ ସମ୍ପର୍କରେ କେନ୍ଦ୍ରୀୟ ନେତୃତ୍ୱ ଯାହା ନିଷ୍ପତ୍ତି ନେବେ ତାହାକୁ ସମସ୍ତେ ଖୁସିରେ ଗ୍ରହଣ କରିବେ ବୋଲି ସେ କହିଛନ୍ତି। ଭାଜପା ସରକାର ଓଡ଼ିଶାର ବିକାଶ ପାଇଁ କାମ କରିବ। ନିର୍ବାଚନ ବେଳେ ଦଳ ପକ୍ଷରୁ ଇସ୍ତାହାରରେ ଯେଉଁସବୁ ପ୍ରତିଶ୍ରୁତି ଦିଆଯାଇଛି ସେସବୁକୁ ପୂରଣ କରାଯିବ ବୋଲି ରବି ନାରାୟଣ କହିଛନ୍ତି।

# ୬ ମାସ ଛୁଟିରେ ଗଲେ ସୁଜାତା କାର୍ତ୍ତିକେୟନ

ଭୁବନେଶ୍ୱର,୭।୬(ଅନିଲ ଦାସ)



ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ତଥା ୨୦୦୦ ବ୍ୟାଚ୍ ଆଇଏଏସ୍ ଅଫିସର ସୁଜାତା ଆର୍. କାର୍ତ୍ତିକେୟନ ୧୮୦ ଦିନ (ମେ' ୩୧ରୁ ନଭେମ୍ବର ୨୬ ତାରିଖ ପର୍ଯ୍ୟନ୍ତ) ଛୁଟିରେ ଯାଇଛନ୍ତି। ତାଙ୍କ ଝିଅ ଦଶମ ପରୀକ୍ଷା ଦେବାକୁ ଥିବାରୁ ଯତ୍ନ ନେବା ପାଇଁ ସେ ଛୁଟି ନେଇଥିବା ଦର୍ଶାଇଛନ୍ତି। ସର୍ବଭାରତୀୟ ପ୍ରଶାସନିକ ସେବା ରୁଲ୍ସ-୧୯୫୫ର ରୁଲ୍(୧୮-ଘ)ରେ ଥିବା ବ୍ୟବସ୍ଥା ଅନୁସାରେ ସୁଜାତାଙ୍କୁ ଏହି ଛୁଟି ମଞ୍ଜୁର କରାଯାଇଥିବା ସାଧାରଣ ପ୍ରଶାସନ ବିଭାଗ ଅଫିସ ଅର୍ଡରରେ ଦର୍ଶାଇଛି। ସୁଜାତା ନେଇଥିବା ଅବଧିର ଛୁଟିକୁ ସାଧାରଣ ଛୁଟିରୁ ବାଦ୍ ଦିଆଯିବ ନାହିଁ। ପିଲାର ଯତ୍ନ ପାଇଁ ନେଇଥିବା ଛୁଟିକୁ ସବୈତନିକ ଛୁଟି ଭାବେ ବିବେଚନା କରାଯିବ। ଛୁଟି ସରିବା ପରେ ଉକ୍ତ ଦରମା ପାଇବାକୁ ସେ ହକ୍‌ଦାର ହେବେ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗର ଅଫିସ୍ ଅର୍ଡର ଅନୁସାରେ ସୁଜାତା ମେ' ୧୦ ତାରିଖରୁ ଛୁଟିରେ ରହିଛନ୍ତି। ପିଲା ଯତ୍ନ ପାଇଁ ୬ମାସ ଛୁଟି(ମେ' ୩୧ରୁ ନଭେମ୍ବର ୨୬) ଅବଧିକୁ ପିଛିଲା ଭାବେ ଜୁନ୍ ୫ ତାରିଖରେ ମଞ୍ଜୁର ହୋଇଥିବା ଜଣାପଡ଼ିଛି।

# ୯ରେ ଦକ୍ଷିଣ ଓଡ଼ିଶା ଛୁଇଁପାରେ ମୌସୁମୀ

## ୩ ଜିଲାରେ ଗ୍ରୀଷ୍ମ ପ୍ରବାହ, ୧୧ ଜିଲାରେ ଗୁଳୁଗୁଳି

ଭୁବନେଶ୍ୱର,୭।୬(ଅନିଲ ଦାସ)

ଆସନ୍ତା ୨-୩ ଦିନ ମଧ୍ୟରେ ରାଜ୍ୟକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବା ସମ୍ଭାବନା ରହିଛି। ଏଥିପାଇଁ ପାଗ ଅନୁକୂଳ ହୋଇଛି। ମୌସୁମୀ ପ୍ରଥମେ ଦକ୍ଷିଣ ଓଡ଼ିଶାର କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଆଦି ଜିଲାର କେତେକ ଭାଗରେ ପ୍ରବେଶ କରିବ। ୯ ଓ ୧୦ ତାରିଖରେ ଉକ୍ତ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ତେବେ ୧୧ରୁ ଏହା ଦୁର୍ବଳ ହୋଇଯିବ। ଆସନ୍ତା ୧୭ ତାରିଖ ଯାଏ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବାକୁ ଥିବାରୁ ମୌସୁମୀ ଅଗ୍ରସର ପାଇଁ ପାଗ ଅନୁକୂଳ ହେବ ନାହିଁ। ଏହି ସମୟରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩ରୁ ୪୪ ଡିଗ୍ରୀକୁ ଛୁଇଁବା ସମ୍ଭାବନା ରହିଛି। ଆସନ୍ତା ୧୮ ଏବଂ ୧୯ ତାରିଖରେ ପାଗ ଅନୁକୂଳ ରହିବ। ବାଂଲାଦେଶ ଏବଂ ପଶ୍ଚିମବଙ୍ଗ ଉପକୂଳରେ ଘୂର୍ଣ୍ଣିବଳୟ ରହିଛି। ଏହା ଲଘୁଚାପ ରୂପ ନେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ମୌସୁମୀ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ଜିଲାରେ ପ୍ରବେଶ କରିବା ସମ୍ଭାବନା ରହିଛି। ପାଗ ଅନୁକୂଳ ହେବା ପରେ ରାଜ୍ୟର ଅନ୍ୟ ଭାଗକୁ ମୌସୁମୀ ପ୍ରବେଶ କରିବ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବାକୁ ଥିବାବେଳେ ଉପକୂଳ ଓଡ଼ିଶାରେ ଗରମ ସାଙ୍ଗକୁ ଗୁଳୁଗୁଳି ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ବରଗଡ଼, ବଲାଙ୍ଗୀର ଏବଂ ନୂଆପଡ଼ା ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବ। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାରେ ଗରମ ସାଙ୍ଗକୁ ଆର୍ଦ୍ରତା ବୃଦ୍ଧି ପାଇବ। ଅସହ୍ୟ ଗୁଳୁଗୁଳି ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ୍ୱାର୍ଣ୍ଣିଂ ଦିଆଯାଇଛି। ତେବେ ଏହି ସମୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ ଏବଂ ଢେଙ୍କାନାଳ ଆଦି ଜିଲାରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ରାଜ୍ୟର ବିଭିନ୍ନ ଭାଗରେ ଆସନ୍ତା ୧୧ ତାରିଖ ଯାଏ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି।

# ୧୮ରୁ ଖୋଲିବ ସ୍କୁଲ

**ଦିନକ ପୂର୍ବରୁ ଯୋଗଦେବେ ଶିକ୍ଷକ, କର୍ମଚାରୀ**

ଭୁବନେଶ୍ୱର,୭।୬(ଅସମାପିକା ସାହୁ)

ରାଜ୍ୟରେ ଗ୍ରୀଷ୍ମ ଛୁଟି ସରି ଆସୁଥିବାବେଳେ ଆସନ୍ତା ୧୮ ତାରିଖରୁ ସ୍କୁଲ ଖୋଲିବ। ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଆସିବା ଆଗରୁ ସମସ୍ତ ପ୍ରସ୍ତୁତି ସରିବ। ସ୍କୁଲ ଖୋଲିବାର ଏକ ସପ୍ତାହ ପୂର୍ବରୁ ସ୍ୱଚ୍ଛତା ନେଇ ସୁନିଶ୍ଚିତ କରାଯିବ। ଏହାସହ ଦିନକ ପୂର୍ବରୁ ସମସ୍ତ ଶିକ୍ଷକ, କର୍ମଚାରୀ କାର୍ଯ୍ୟରେ ଯୋଗଦେବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ବିଭାଗର ବାର୍ଷିକ କ୍ୟାଲେଣ୍ଡର ଅନୁଯାୟୀ ଆସନ୍ତା ୧୮ ତାରିଖରେ ରାଜ୍ୟର ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟ ଖୋଲିବ। ବିଦ୍ୟାଳୟ ଖୋଲିବାକୁ ଆଉ ମାତ୍ର ୧୦ଦିନ ଥିବାବେଳେ ବିଭାଗୀୟ ସଚିବ ଅଶ୍ୱଥି ଏସ୍. ଭର୍ଚ୍ଚୁଆଲରେ ସମୀକ୍ଷା କରିଛନ୍ତି। ସ୍କୁଲ ଖୋଲିବାର ସପ୍ତାହେ ପୂର୍ବରୁ ସମସ୍ତ ଶ୍ରେଣୀଗୃହ ଓ କ୍ୟାମ୍ପସକୁ ସଫାସୁତୁରା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପାଣି ଟାଙ୍କି ସଫା କରିବା, ଶ୍ରେଣୀଗୃହର ଆସବାବପତ୍ର ସଫା କରି ଠିକ୍ ଭାବେ ସଜାଇବା ଓ ଶୌଚାଳୟକୁ ବ୍ୟବହାର ଉପଯୋଗୀ କରିବାକୁ କହିଛନ୍ତି। ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ପାଇଁ ରୋଷେଇ ଘର, ଗ୍ୟାସ୍ ଚୁଲା ପରି ଆନୁଷଙ୍ଗିକ ପ୍ରସ୍ତୁତି କରିବା, ସ୍ମାର୍ଟ ଶ୍ରେଣୀଗୃହ, ଇ-ଲାଇବ୍ରେରୀ ସହ ଇଣ୍ଟରନେଟ୍ ସଂଯୋଗ ସୁନିଶ୍ଚିତ କରିବା ପାଇଁ ସମସ୍ତ ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟ ଖୋଲିବାର ଦିନକ ପୂର୍ବରୁ ଅର୍ଥାତ୍ ୧୭ତାରିଖ ଦିନ ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀଙ୍କ ସମେତ ରୋଷେୟା ଓ ସହାୟକ କାର୍ଯ୍ୟରେ ଯୋଗଦେବେ। ସ୍କୁଲରେ ସ୍ୱଚ୍ଛତା ନେଇ ସମସ୍ତ କାର୍ଯ୍ୟ ହୋଇଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ ୧୭ ତାରିଖରେ ଜିଲା ଏବଂ ରାଜ୍ୟ ଯାଞ୍ଚ ଟିମ୍ ସ୍କୁଲ ପରିଦର୍ଶନ କରିବାକୁ ସେ ପରାମର୍ଶ ଦେଇଛନ୍ତି।

# ୨୮ରେ ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା

ଭୁବନେଶ୍ୱର,୭।୬(ଅସମାପିକା ସାହୁ)

**ଜୁଲାଇ ୧୫ରେ ଫଳ ପ୍ରକାଶ ପାଇବ**

ଚଳିତବର୍ଷ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷାର ଇନ୍‌ଷ୍ଟାଣ୍ଟ ପରୀକ୍ଷା ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ। ଯେଉଁ ଛାତ୍ରୀଛାତ୍ର ଏଗ୍ରିଗେଟ୍ ମାର୍କ ରଖି ସମସ୍ତ ବିଷୟରେ ପାସ୍ ହୋଇ କେବଳ ଗୋଟିଏ ବିଷୟରେ ଫେଲ୍ ହୋଇଥିବେ ସେମାନେ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେବେ। ତେବେ ଏହି ପରୀକ୍ଷା ଲାଗି ପ୍ରଥମ ପର୍ଯ୍ୟାୟ ଫର୍ମପୂରଣ ଗତ ୧ରୁ ୫ ତାରିଖରେ ଶେଷ ହୋଇଥିବା ବେଳେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱିତୀୟ ସୁଯୋଗ ଦେଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୧୧ରୁ ୧୨ ତାରିଖ ପର୍ଯ୍ୟନ୍ତ ଆବେଦନ କରାଯିବ। ୧୩ ତାରିଖ ସୁଦ୍ଧା ଆବେଦନକାରୀ ସେମାନଙ୍କ ଡକ୍ୟୁମେଣ୍ଟ ଅପ୍‌ଲୋଡ୍ କରିବାକୁ କୁହାଯାଇଛି। ୨୦ ତାରିଖରେ ଆଡମିଟ୍ କାର୍ଡ ପ୍ରଦାନ ଓ ୨୮ ତାରିଖରେ ପରୀକ୍ଷା ଅନୁଷ୍ଠିତ ହେବ। ଜୁଲାଇ ୧୫ରେ ଫଳ ପ୍ରକାଶ କରାଯିବ ବୋଲି ପରିଷଦ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ତେବେ ଚଳିତବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷା ଇନ୍‌ଷ୍ଟାଣ୍ଟ ପରୀକ୍ଷାରେ ପ୍ରାୟ ୧୫ଶହ ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ସୂଚନା ଦିଆଯାଇଛି।

# ଫେରିଲେ ପାଣ୍ଡିଆନ୍, ନବୀନ ନିବାସରେ ଅରୁଣ ପଟ୍ଟନାୟକ

ଭୁବନେଶ୍ୱର,୭।୬(ଅନିଲ ଦାସ)

ବିଜେଡିର ନିର୍ବାଚନୀ ବିପର୍ଯ୍ୟୟ ପରେ ନୂଆଦିଲ୍ଲୀ ଯାଇଥିବା ଦଳୀୟ ନେତା କାର୍ତ୍ତିକ ପାଣ୍ଡିଆନ ଶୁକ୍ରବାର ରାତିରେ ଭୁବନେଶ୍ୱର ଫେରିଆସିଥିବା ଜଣାପଡ଼ିଛି। ଏପରିକି ସେ ନବୀନ ନିବାସରେ ପହଞ୍ଚିଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି। ବିଜୁ ପଟ୍ଟନାୟକଙ୍କ ନାତି ତଥା ନବୀନ ପଟ୍ଟନାୟକଙ୍କ ପୁତୁରା ଅରୁଣ ପଟ୍ଟନାୟକ (ପ୍ରେମ ପଟ୍ଟନାୟକଙ୍କ ପୁଅ) ମଧ୍ୟ ନବୀନ ନିବାସରେ ପହଞ୍ଚିଥିବା ସୂଚନା ମିଳିଛି।

ବିଜେଡିର ବିପର୍ଯ୍ୟୟ ପାଇଁ ପାଣ୍ଡିଆନ ଓ ତାଙ୍କ ଟିମ୍‌କୁ ବିଶେଷ ଭାବେ ଦାୟୀ କରାଯାଉଛି। ଏଭଳି ସ୍ଥଳେ ଅରୁଣଙ୍କ ଆଗମନ ରାଜ୍ୟ ରାଜନୀତିରେ ଉଷ୍ମତା ଭରିଦେଇଛି। କେଉଁ କାରଣ ପାଇଁ ଏଭଳି ସମୟରେ ଆସିଲେ ସେ ନେଇ ତର୍ଜମା ଚାଲିଛି। ସେ ନବୀନଙ୍କ ଉତ୍ତରାଧିକାରୀ ହୋଇ ବିଜେଡିର ନେତୃତ୍ୱ ନେଇପାରନ୍ତି ବୋଲି ଆଲୋଚନା ହେଉଛି।

ମିଳିଥିବା ସୂଚନା ମୁତାବକ, ଉଭୟ ଅରୁଣ ଓ ପାଣ୍ଡିଆନ ଦିଲ୍ଲୀରୁ ଗୋଟିଏ ବିମାନରେ ଭୁବନେଶ୍ୱରରେ ପହଞ୍ଚି ସିଧା ନବୀନ ନିବାସ ଯାଇଥିଲେ। ସେମାନଙ୍କୁ ବିମାନ ବନ୍ଦରରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି) ସ୍ୱାଗତ କରିଥିବା ଜଣାପଡ଼ିଛି। ନବୀନ ନିବାସରେ କିଛି ସମୟ ଆଲୋଚନା ହୋଇଥିବା ବେଳେ ଆଗାମୀ ଦିନରେ ଦଳର ସାଙ୍ଗଠନିକ ଆଭିମୁଖ୍ୟ କ'ଣ ରହିବ, ବିରୋଧୀ ଭୂମିକା ତୁଲାଇବାରେ କେଉଁଭଳି ପଦକ୍ଷେପ ନିଆଯିବ ଏବଂ ପରାଜିତ ନେତାମାନଙ୍କ ମନୋବଳକୁ ବଢ଼ାଇ ସେମାନଙ୍କୁ କିଭଳି ଦଳୀୟ କାର୍ଯ୍ୟରେ ସକ୍ରିୟ କରାଯିବ ସେ ନେଇ ଆଲୋଚନା ହୋଇଥିବା କୁହାଯାଉଛି। ନିର୍ବାଚନ ଫଳ ପ୍ରକାଶ ପରେ ନବୀନ ପଟ୍ଟନାୟକ ସକ୍ରିୟ ଭାବେ ଦଳୀୟ ନେତାଙ୍କୁ ଭେଟି ସମୀକ୍ଷା ଓ ଆଲୋଚନା କରୁଥିବାବେଳେ ପାଣ୍ଡିଆନ ସେଥିରେ ସାମିଲ ହୋଇ ନ ଥିଲେ ବୋଲି ଜଣାପଡ଼ିଛି। ତେବେ ରାଜ୍ୟରେ ଭାଜପାର ଉତ୍‌ଥାନ ଯୋଗୁ ବିଜେଡିର ଅସ୍ତିତ୍ୱକୁ ନେଇ ଦଳୀୟ କର୍ମୀ ମହଲରେ ଆଶଙ୍କା ଦେଖାଦେବା ପୂର୍ବରୁ ଅରୁଣଙ୍କ ଦ୍ୱାରା ଦଳୀୟ ସଂଗଠନକୁ ମଜଭୁତ କରିବାକୁ ଉଦ୍ୟମ ହେଉଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଅରୁଣ କୁଆଡ଼େ ନବୀନଙ୍କ ମନୋବଳ ବଢ଼ାଇବା ପାଇଁ ଭୁବନେଶ୍ୱର ଆସିଥିବା ଦଳୀୟ ମହଲରୁ ଶୁଣିବାକୁ ମିଳୁଛି।

## ଦୁର୍ଘଟଣାରେ ଡ୍ରାଇଭର ମୃତ

ଜଳେଶ୍ୱର,୭।୬(ରବିନାରାୟଣ ପାତ୍ର)

୬୦ ନଂ. ଜାତୀୟ ରାଜପଥର ଜଳେଶ୍ୱର ନିକଟ ମଧୁବନ ଢାବା ନିକଟରେ ଛିଡା ହୋଇଥିବା ଏକ ଡମ୍ଫର ପଛପଟୁ ଏକ କଣ୍ଟେନର ପିଟିବାରୁ କଣ୍ଟେନର ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ଗାଡ଼ି ମଝିରେ ଚାପି ହୋଇ ରହିଥିବା ଡ୍ରାଇଭରଙ୍କୁ ପୋଲିସ ଓ ସ୍ଥାନୀୟ ଲୋକେ ଜିକେଭଟ୍ଟର ହସ୍‌ପିଟାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ସକାଳ ୬ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ମୃତ ଡ୍ରାଇଭର ହେଲେ ବିହାର ଅଞ୍ଚଳର ଟିଙ୍କୁ ସିଂ (୩୬)। ଜଳେଶ୍ୱର ପୋଲିସ ଉଭୟ ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

# ପୋଲିସ ଗୁଳିରେ ୫ ମାଓବାଦୀ ନିହତ

ମାଲକାନଗିରି,୭।୬(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ର ନାରାୟଣପୁର ଓ ଦାନ୍ତେୱାଡା ସୀମାବର୍ତ୍ତୀ ଅଞ୍ଚଳରେ ପୋଲିସ ସହ ଗୁଳି ବିନିମୟ ଘଟି ୫ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ନାରାୟଣପୁର ଓ ଦାନ୍ତେୱାଡା ସୀମାବର୍ତ୍ତୀ ଗୋଭେଲ ଜଙ୍ଗଲରେ ପୋଲିସର ତଲାସି ଅଭିଯାନ ବେଳେ ଜଙ୍ଗଲରେ ଲୁଚି ରହିଥିବା ମାଓବାଦୀଙ୍କ ସହ ଗୁଳି ବିନିମୟ ହୋଇଥିଲା। ଦୀର୍ଘ ସମୟ ଧରି ଗୁଳି ବିନିମୟ ପରେ ପୋଲିସକୁ ସାମ୍ନାକରି ନ ପାରି ମାଓବାଦୀମାନେ ପଳାଇ ଯାଇଥିଲେ। ଏହାପରେ ପୋଲିସ ପକ୍ଷରୁ ସେଠାରେ ପୁନଃ ତଲାସି ଅଭିଯାନ ବେଳେ ୫ ମାଓବାଦୀଙ୍କ ମୃତଦେହ ଜବତ କରାଯାଇଥିବା ସୂଚନା ମିଳିଛି। ଦାନ୍ତେୱାଡା ଏସ୍‌ପି ଗୌରଭ ରାୟ ଏବଂ ନାରାୟଣପୁର ଏସ୍‌ପି ପ୍ରଭାତ କୁମାର ଏହି ଘଟଣାର ସୂଚନା ଦେବା ସହ ପୋଲିସ ପାର୍ଟି ଜଙ୍ଗଲରେ ତଲାସିରୁ ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ଜଣାପଡିବ ବୋଲି କହିଛନ୍ତି।

# ବଜ୍ରପାତରେ ଗଲା ୬ ଜୀବନ

ଠାକୁରମୁଣ୍ଡା,(ତାରାକାନ୍ତ ପଟ୍ଟନାୟକ)/କାମାକ୍ଷାନଗର (ସୁଧୀର କୁମାର ପରିଡ଼ା)/ ଖଡ଼ିଆଳ (ସୁଜିତ କୁମାର ପ୍ରଧାନ)/ ଖଣ୍ଡପଡ଼ା, (ଅଜୟ କୁମାର ମହାରଣା)/ କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ)/ ଫୁଲବାଣୀ, (ରାକେଶ କୁମାର ରାଉତ), ୭।୬



**୮ ଗୁରୁତର**

ରାଜ୍ୟର ବିଭିନ୍ନ ସ୍ଥାନରେ ଶୁକ୍ରବାର କାଳବୈଶାଖୀ ପ୍ରଭାବରେ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇ ୬ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୮ଜଣ ଗୁରୁତର ହୋଇଛନ୍ତି।

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଅଧୀନ ମହୁଲଡ଼ିହା ପଞ୍ଚାୟତ କୁଇଲିପାଳ ଗ୍ରାମରେ ଅପରାହ୍ନରେ ବଜ୍ରପାତରେ ଝିଅର ମୃତ୍ୟୁ ହୋଇଥିବା ବେଳେ ମା' ବାପା ଗୁରୁତର ହୋଇଛନ୍ତି। ମୃତ ନାବାଳିକା ହେଲେ ସମବାରୀ ନାଏକ (୧୫)। ତାଙ୍କ ବାପା ଝୁଦୁରାଇ ନାଏକ ଓ ମା' ଜିରା ନାଏକଙ୍କୁ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ରେଙ୍ଗାଳି ବାମ ପାର୍ଶ୍ୱ କେନାଲର ବାଘୁଆ ଗ୍ରାମ ନିକଟରେ ବଜ୍ରପାତ ଘଟି ଜଣେ ଫାଇନାନ୍ସ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଟକ ଜିଲା ବଡ଼ମ୍ବା ଥାନା କୃଷ୍ଣଚନ୍ଦ୍ରପୁର ଗ୍ରାମର ସନ୍ତୋଷ କୁମାର ବେହେରା (୨୦)। ତାଙ୍କ ସହ ଥିବା ଢେଙ୍କାନାଳ ଟାଉନପ୍ଲାନିଂ ଅଞ୍ଚଳର ସୋନିଆ ରାଣୀ ଜେନା(୧୯) ଗୁରୁତର ହୋଇଛନ୍ତି। ଦୁହେଁ କାମାକ୍ଷାନଗରସ୍ଥିତ ଏକ ଫାଇନାନ୍ସ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ବିରାଶାଳ ଅଞ୍ଚଳରୁ ଟଙ୍କା ଆଦାୟ କରି କାମାକ୍ଷାନଗର ଫେରୁଥିବା ବେଳେ ରେଙ୍ଗାଳି ବାମ ପାର୍ଶ୍ୱ କେନାଲ ଉପରେ ବଜ୍ରପାତ ଘଟିଥିଲା। ଖବରପାଇ କାମାକ୍ଷାନଗର ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଦୁହିଁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ସନ୍ତୋଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୋନିଆରାଣୀଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ସେହିପରି ମାଳପୁରା ଗ୍ରାମର ଦେବସ୍ମିତା ନାଏକ(୩୦) ଘରେ ବସିଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଛନ୍ତି। ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି। ଲୋକନାଥପୁର ଶାଶନ ଗ୍ରାମର ସ୍ୱାଗତିକା ଜେନା (୩୭), ଆଶା ପାତ୍ର (୩୮), ମହୁଲପାଳ ଗ୍ରାମର କୌଶଲ୍ୟା ଦେହୁରୀ (୭୦) ମଧ୍ୟ ବଜ୍ରପାତରେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି।

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅଧୀନ କିରକିଟା ଗ୍ରାମରେ ଶୁକ୍ରବାର ବଜ୍ରପାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ସେହି ଗ୍ରାମର ତହସିଲ ମାଝି (୬୪)। ସେହିପରି ଗୁରୁତର ହୋଇଥିବା ସିଙ୍ଗଲ ମାଝି (୬୫) ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଅପରାହ୍ନ ୪ଟାରେ ତହସିଲ ଓ ସିଙ୍ଗଲ ନିକଟସ୍ଥ ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ତହସିଲଙ୍କ ମୃତ୍ୟୁ ହୋଇଥିଲା। ମୃତ ଓ ଆହତଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ବଳଭଦ୍ରପ୍ରସାଦ ପଞ୍ଚାୟତ ଅଧୀନ ଗୌଡପାଟଣା ଗାଁର ଯୁଗଳ ବେହେରାଙ୍କ ସ୍ତ୍ରୀ ସୁକାନ୍ତି(୫୦)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ସେ ନିକଟସ୍ଥ ତୋଟାକୁ ଆମ୍ବ ଗୋଟାଇବାକୁ ଯାଇ ଫେରିବା ବାଟରେ ବଳଭଦ୍ରପ୍ରସାଦ ପଞ୍ଚାୟତ ସମ୍ମୁଖରେ ବଜ୍ରପାତର ଶୀକାର ହୋଇଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

କେନ୍ଦୁଝର ଟାଉନ ଥାନା ଅଧୀନ ଗୁମୁରା ଗ୍ରାମରେ ବଜ୍ରପାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପ୍ରଦୀପ କୁମାର ଜେନା(୬୦)। ଗାଈ ଚରାଇବାକୁ ଯାଇଥିବା ବେଳେ ସେ ବଜ୍ରପାତରେ ଟଳି ପଡ଼ିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫୩/୨୪) ରୁଜୁ ହୋଇଛି।

କନ୍ଧମାଳ ଜିଲା ଟିକାବାଲି ବ୍ଲକ ପାବୁରିଆ ପଞ୍ଚାୟତ ଜିଡିଙ୍ଗିସାହିରେ ବର୍ଷା ପବନ ଆସିବା ବେଳେ ଆମ୍ବ ଗୋଟାଇବାକୁ ଯାଇଥିବା ଜଣେ ନାବାଳକଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ସେ ହେଲେ ସନତ ପ୍ରଧାନଙ୍କ ଏକ ପାତ୍ର ପୁଅ ଗାଙ୍ଗୁରାମ(୧୪)।



"ଯେ ସେହି ସତ୍ୟ ଶିବ ସୁନ୍ଦର ଭଗବାନଙ୍କୁ କୁତ୍ସିତ ଓ ସୟତାନ ଭିତରେ ବି ଦେଖିପାରେ ଏବଂ ସେମାନଙ୍କ ପ୍ରତି ପ୍ରେମାନୁଭୂତିରେ ସେମାନଙ୍କୁ କୁତ୍ସିତତା ଓ ସୟତାନୀ କବଳରୁ ମୁକ୍ତ କରିବାକୁ ସଂକଳ୍ପ କରେ– ତେବେ ତାକୁଇ ଆମେ ଯଥାର୍ଥ ସୁଗୁଣବନ୍ତ ଓ ନୀତିବାନ ବ୍ୟକ୍ତି ବୋଲି କହିବା । **–ଶ୍ରୀଅରବିନ୍ଦ**



# ଅଭିଜ୍ଞତାକୁ ସ୍ୱୀକୃତି



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ବରିଷ୍ଠ ଆଇଏଏସ୍ ଅଧିକାରୀ ତଥା ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟର ସଚିବ ସୌରଭ ଗର୍ଗଙ୍କୁ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟକାରିତା ମନ୍ତ୍ରଣାଳୟର ସଚିବ ଭାବେ ନିଯୁକ୍ତ କରାଯାଇଛି । ଉଲ୍ଲେଖନୀୟ ଯେ, ଜୁଲାଇ ୩୧ ରେ ଅବସର ପରେ ୧ ବର୍ଷ ପର୍ଯ୍ୟନ୍ତ ଗର୍ଗ ଏହି ପଦବୀରେ କାର୍ଯ୍ୟ କରିବେ । ସେ ଜାତୀୟ ପରିସଂଖ୍ୟାନ ଆୟୋଗର ସଚିବ ଭାବରେ ମଧ୍ୟ ଦାୟିତ୍ୱ ବହନ କରିବେ । କୌତୂହଳର ବିଷୟ, ପି.କେ. ତ୍ରିପାଠୀଙ୍କୁ ଭାରତର ଲୋକପାଳ ସଚିବ ଭାବରେ ତାଙ୍କ ସେବା ନିବୃତ୍ତି ପର୍ଯ୍ୟନ୍ତ ଏବଂ ତା' ପରେ ଚୁକ୍ତିରେ ୨ ବର୍ଷ ପର୍ଯ୍ୟନ୍ତ ସେହି ଦାୟିତ୍ୱରେ ନିଯୁକ୍ତ କରିବା ପରେ ତତ୍‌କ୍ଷଣାତ ଗର୍ଗଙ୍କୁ ନୂତନ ନିଯୁକ୍ତି ଦିଆଯାଇଛି । ଜଣେ ସଫଳ ଅର୍ଥନୀତିଜ୍ଞ ଭାବେ ଗର୍ଗଙ୍କ ଏକାଡେମିକ ପ୍ରମାଣପତ୍ର ପ୍ରଭାବଶାଳୀ । ସେ ଆଇଆଇଏମ୍,ଅହମ୍ମଦାବାଦ ଏବଂ ଆଇଆଇଟି, ଦିଲ୍ଲୀ ବ୍ୟତୀତ ଜନ୍ ହପ୍‌କିନ୍ସ ବିଶ୍ୱବିଦ୍ୟାଳୟରେ ଅର୍ଥନୀତି ଅଧ୍ୟୟନ କରିଥିଲେ । ନୀତି ତଥା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାରେ ଏହି ଓଡ଼ିଶା କ୍ୟାଡର ଅଧିକାରୀଙ୍କ ବିଶେଷ ଅବଦାନ ରହିଛି । ବିଶେଷକରି ଓଡ଼ିଶାରେ କାଳିଆ ଯୋଜନା ଆରମ୍ଭକରି ତାହାକୁ କାର୍ଯ୍ୟକାରୀ କରାଇବାରେ ତାଙ୍କର ଭୂମିକା ରହିଛି । ଏହା ମଧ୍ୟ ଜାତୀୟ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ପାଇଁ ଏକ ମଡେଲ ଭାବରେ କାର୍ଯ୍ୟ କରିଛି । ୟୁନିକ୍ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ)ର ସିଇଓ ଥିବା ସମୟରେ ଡାଇରେକ୍ଟ ଟ୍ରାନ୍ସଫର ସ୍କିମ୍ ଆଣିବାରେ ଗର୍ଗଙ୍କର ପ୍ରମୁଖ ହାତ ରହିଥିଲା । ଗର୍ଗଙ୍କ ନିଯୁକ୍ତିକୁ ନେଇ ଦିଲ୍ଲୀର ବାବୁ ପରିସରରେ କିଛି ଅସନ୍ତୋଷ ସୃଷ୍ଟି ହୋଇଛି ଏବଂ ଏହା ଉପରେ କି ଧାରଣା ସୃଷ୍ଟି ହୋଇଛି ତାହା ସମୟାନୁସାରେ ସାମ୍ନାକୁ ଆସିବ । କିନ୍ତୁ ଗୋଟିଏ କଥା ସ୍ପଷ୍ଟ, ଅବସର ପରେ ଗର୍ଗଙ୍କ ଅବିରତ ସେବା ତାଙ୍କର ବହୁମୂଲ୍ୟ ଅଭିଜ୍ଞତାକୁ ସ୍ୱୀକୃତି ଦେବା ସହ ନେତୃତ୍ୱରେ ନିରନ୍ତରତାର ଇଚ୍ଛାଶକ୍ତିକୁ ସୂଚିତ କରେ ।

### ଆଗାମୀ ଲକ୍ଷ୍ୟରେ ଅଦଳବଦଳ

ଏକ ବ୍ୟସ୍ତବହୁଳ ନିର୍ବାଚନ ମଝିରେ କେନ୍ଦ୍ର ସରକାର ଯୁଗ୍ମ ସଚିବ ସ୍ତରରେ ପ୍ରମୁଖ ନିଯୁକ୍ତି ଘୋଷଣାକରି ନେତୃତ୍ୱରେ ଏକ ରଣନୀତିକ ପରିବର୍ତ୍ତନର ସଙ୍କେତ ଦେଇଛନ୍ତି । ଏହି ଅମଲାତାନ୍ତ୍ରିକ ପୁନର୍ଗଠନରେ ଅତିରିକ୍ତ ସଚିବ ଭାବରେ ୧୯୯୫ରୁ ୧୯୯୯ ବ୍ୟାଚ୍ ପର୍ଯ୍ୟନ୍ତ ୨୬ ଆଇଏଏସ୍ ଅଧିକାରୀଙ୍କ ନିଯୁକ୍ତି ଚୟନ ଅନ୍ତର୍ଭୁକ୍ତ । ପ୍ରମୁଖ ନିଯୁକ୍ତି ମଧ୍ୟରେ ରହିଛନ୍ତି ଭାରତର ନିର୍ବାଚନ ଆୟୋଗ (ଇସି)ରେ କାର୍ଯ୍ୟରତ ଅଜୟ ଭାଦୋ, ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ)ର ଅଧିକାରୀ ତଥା ଏବେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)ରେ କାର୍ଯ୍ୟରତ ଭି.ଶେଷାଦ୍ରି ଏବଂ ତେଲଙ୍ଗାନା ଶକ୍ତି ବିଭାଗର ମୁଖ୍ୟ ସୟଦ ଅଲି ମୁର୍ତାଜା ରିଜ୍‌ଭି । ନିଯୁକ୍ତିର ଏଭଳି ହଠାତ୍ ପରିବର୍ତ୍ତନରେ ନୂଆଦିଲ୍ଲୀ ପ୍ରଶାସନର ନିରନ୍ତରତା ଏବଂ ସ୍ଥିରତାକୁ ନେଇ ଏବେ କଳ୍ପନା ଜଳ୍ପନା ପ୍ରକାଶ ପାଇଛି । କିନ୍ତୁ ଏହା କେବଳ ଆଗାମୀ ଦିନରେ ଆହୁରି ବ୍ୟାପକ ପରିବର୍ତ୍ତନର ଏକ ସଙ୍କେତ ବୋଲି ବୁଝିବାକୁ ହେବ । ସୂତ୍ରରୁ ପ୍ରକାଶ ଯେ,ସରକାର ଖୁବ୍ ଶୀଘ୍ର ଅନ୍ୟ ଏକ ନିଯୁକ୍ତି ତାଲିକା ପ୍ରକାଶ କରିପାରନ୍ତି । ଏହା ମଧ୍ୟ ଅନୁମାନ କରାଯାଉଛି ଯେ, ମୋଦି ସରକାରରେ କେତେଜଣ ପ୍ରମୁଖ ବ୍ୟକ୍ତିତ୍ୱ ସେମାନଙ୍କ ପଦବୀରେ ପୂର୍ବବତ୍ ରହିପାରନ୍ତି । ଯେତେବେଳେ ନୂତନ ସରକାର ଘୋଷଣା ହେବ ସେତେବେଳେ ତୁମେ ଏହା ଜାଣିପାରିବ । ଏହା ବ୍ୟତୀତ ଏହିସବୁ ପଦକ୍ଷେପ ମୋଦି ସରକାରଙ୍କ କ୍ଷମତାକୁ ଫେରିବାର ଆତ୍ମବିଶ୍ୱାସକୁ ବି ସ୍ପଷ୍ଟ କରିଛି । ତେଣୁ, ନିର୍ବାଚନ ବ୍ୟସ୍ତତା ସତ୍ତ୍ୱେ ଏହା ନିଶ୍ଚିତ କରିଛି ଯେ, ଏହି ସମୟ ମଧ୍ୟରେ ପ୍ରଶାସନର କିଛି ପ୍ରମୁଖ ଦିଗକୁ ଅଣଦେଖା କରାଯାଇ ନାହିଁ ।

### ନିର୍ବାଚନ ବର୍ଷରେ ଚଢ଼ାଉ

ସାଧାରଣ ନିର୍ବାଚନ ପୂର୍ବରୁ ବିଭିନ୍ନ ଦୁର୍ନୀତି ମାମଲାରେ ଅନେକ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀ ଏନ୍‌ଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ (ଇଡି) ବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ ଅନ୍ୟାନ୍ୟ ଅନୁସନ୍ଧାନକାରୀ ଏଜେନ୍ସିର ତଦନ୍ତ ପରିସରରେ ରହିଥିବା ଦେଖାଯାଇଛି । ସେମାନଙ୍କ ବିରୋଧରେ ଦୁର୍ନୀତିଠାରୁ ଆରମ୍ଭକରି ଅର୍ଥ ହେରଫେର ପର୍ଯ୍ୟନ୍ତ ଅଭିଯୋଗ ରହିଛି ଏବଂ କେତେକ ଚଢ଼ାଉକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ସମାଲୋଚନା କରାଯାଇଛି । ନିକଟରେ ୨୦୦୨ ବ୍ୟାଚ୍ ଝାଡ଼ଖଣ୍ଡ କ୍ୟାଡର ଆଇଏଏସ୍ ଅଧିକାରୀଙ୍କୁ ଅର୍ଥ ହେରଫେର ମାମଲାରେ ପଚରାଉଚରା ପାଇଁ ଇଡି ଡକାଇଥିଲା । ସେହିଭଳି ଜଣେ ଛତିଶଗଡ଼ କ୍ୟାଡର ୨୦୦୩ ବ୍ୟାଚ୍ ଆଇଏଏସ୍ ଅଧିକାରୀଙ୍କୁ ଇଡି ଗିରଫ କରିଥିଲା ଏବଂ ଅନୁସନ୍ଧାନରେ ରାଜ୍ୟରେ ଏକ ମଦ ସିଣ୍ଡିକେଟ କାର୍ଯ୍ୟକଳାପରେ ତାଙ୍କର ପ୍ରମୁଖ ଭୂମିକା ଥିବା ଜଣାପଡ଼ିଛି । ଅନ୍ୟ ଏକ ଘଟଣାରେ, ମହାଦେବ ବେଟିଂ ଆପ୍ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଛତିଶଗଡ଼ର ଅତି କମ୍‌ରେ ୫ଜଣ ଆଇପିଏସ୍ ଅଧିକାରୀ ଦୁର୍ନୀତି ନିବାରଣ ବ୍ୟୁରୋ ସ୍କାନରରେ ଅଛନ୍ତି । ଅନ୍ୟ ଏକ ହାଇପ୍ରୋଫାଇଲ ମାମଲାରେ ଇଡି ଜଣେ ପୂର୍ବତନ କେନ୍ଦ୍ର ସଚିବ(ଡିପିଆଇଆଇଟି)ଙ୍କ ଅଫିସରେ ଚଢ଼ାଉକରି ଟଙ୍କା ହେରଫେର ଘଟଣାର ତଦନ୍ତ କରିଥିଲା । ନିର୍ବାଚନ ବର୍ଷରେ ହୋଇଥିବା ଏହି ଚଢ଼ାଉ ଏବଂ ଗିରଫଦାରି ସମୟ ପଛରେ ଥିବା ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହା କାହାକୁ ଅଛପା ନାହିଁ ଯେ, ଏହି ଅଧିକାରୀମାନଙ୍କ ମଧ୍ୟରୁ କେତେକେ ବିରୋଧୀ ଶାସିତ ରାଜ୍ୟରେ ଅଛନ୍ତି । ଏହି କାର୍ଯ୍ୟଗୁଡ଼ିକ କେବଳ ନ୍ୟାୟର ସ୍ୱାର୍ଥରେ ଅଛି ନା ଏକ ରାଜନୈତିକ ବିବାଦର ଏକ ବିଷୟ ଅଛି ? ଏହାର ଉତ୍ତର ହୁଏତ ଅସ୍ପଷ୍ଟ ହୋଇପାରେ ଏବଂ ଏହା କେବଳ ଭାରତର ଜଟିଳ ରାଜନୈତିକ ଦୁନିଆରେ ଆଉ ଏକ ଷଡ଼ଯନ୍ତ୍ର ଯୋଗ କରିଥାଏ ।

Email: dilipcherian@gmail.com

# ମାଟି: ସୃଷ୍ଟି ଓ ସ୍ଥିତିର କାରକ



**ପ୍ରକାଶ ତ୍ରିପାଠୀ**

ନିକଟରେ ସୋସିଆଲ ମିଡିଆରେ ଗୋଟିଏ ଭିଡିଓ ଦେଖୁଥିଲି । ଖାଦ୍ୟକୁ କିପରି ଅଧିକ ସୁସ୍ୱାଦୁ କରାଯିବ, ତାହା ଉପରେ ଭିଡିଓଟି ପ୍ରସ୍ତୁତ ହୋଇଥିଲା । ଆଲୁମିନିୟମ ପାତ୍ରରେ ରୋଷେଇ କଲାବେଳେ କିଛି ଛୋଟ ଛୋଟ ମାଟିଦୀପ ସେଥିରେ ପକାଇ ଦିଆଯାଉଛି । ଏହା ଦ୍ୱାରା ପ୍ରସ୍ତୁତ ଖାଦ୍ୟ ମାଟିପାତ୍ରରେ ପ୍ରସ୍ତୁତ ଖାଦ୍ୟ ପରି ସୁସ୍ୱାଦୁ ହୋଇଯାଉଛି । ଏହା ସମସ୍ତେ, ବିଶେଷ କରି ସତୁରି ଦଶକ ପୂର୍ବରୁ ଜନ୍ମ ହୋଇଥିବା ପ୍ରତ୍ୟେକ ମଣିଷ ସ୍ୱୀକାର କରିବେ ଯେ, ମାଟିପାତ୍ରରେ ଓ କାଠ ଚୁଲିରେ ରନ୍ଧାଯାଉଥିବା ଖାଦ୍ୟ ଅନ୍ୟ ଯେ କୌଣସି ପାତ୍ରରେ ପ୍ରସ୍ତୁତ ଖାଦ୍ୟଠାରୁ ନିଶ୍ଚିତ ଅଧିକ ସୁସ୍ୱାଦୁ । ସେଥିପାଇଁ ଏବେ ଛୋଟ-ବଡ଼ ସବୁ ସହରରେ ମାଟିହାଣ୍ଡି ମାଂସ, ମାଟିହାଣ୍ଡି ଲସି, ମାଟିହାଣ୍ଡି ଚା ଆଦି ଫଳକ ଲଗାଯାଇ ଗରାଖମାନଙ୍କୁ ଆକର୍ଷିତ କରାଯାଉଛି । ଏବେ ଲୋକେ ବୁଝିଲେଣି ଯେ ଅତୀତରେ ଲୋକମାନେ ଯେଉଁ ମାଟି ହାଣ୍ଡିରେ ରୋଷେଇ କରୁଥିଲେ, ତାହାର ସ୍ୱାଦ ଉତ୍କୃଷ୍ଟ ଥିଲା ଓ ଖାଦ୍ୟର ଗୁଣାତ୍ମକ ମାନ ଓ ପୋଷକ ତତ୍ତ୍ୱ ବି ଅକ୍ଷୁଣ୍ଣ ରଖୁଥିଲା । ସତୁରି ଦଶକ ବା ତା' ପୂର୍ବରୁ ପ୍ରତି ପରିବାରରେ ମାଟି ନିର୍ମିତ ପାତ୍ର ଓ ଘରୋଇ ଉପକରଣ ବ୍ୟବହୃତ ହେଉଥିଲା । ଅନ୍ନ, ଡାଲି ଓ ସମସ୍ତ ଦୈନନ୍ଦିନ ଖାଦ୍ୟ ପ୍ରସ୍ତୁତିଠାରୁ ଆରମ୍ଭ କରି କ୍ଷୀର ସିଝିବା, ଦହି ପ୍ରସ୍ତୁତି, ଘିଅ ପ୍ରସ୍ତୁତି ଓ ଯାବତୀୟ ପିଠା ପ୍ରସ୍ତୁତି ମାଟିପାତ୍ରରେ ହେଉଥିଲା । ମାଟିହାଣ୍ଡିରେ ପ୍ରସ୍ତୁତ ଖାଦ୍ୟ ନଷ୍ଟ ନ ହୋଇ ଅନେକ ସମୟ ରହିପାରୁଥିଲା । ମାଟିହାଣ୍ଡି, ତେଲୁଣି ବା ଯେ କୌଣସି ମାଟିପାତ୍ରରେ ପ୍ରସ୍ତୁତ ଖାଦ୍ୟର ସ୍ୱାଦ ଓ ବାସ୍ନା ଥିଲା ନିଆରା । ମାଟିପାତ୍ରଠାରୁ ଦୂରେଇ ଆମେ ଏବେ ଖୋଜୁଛୁ ତାହାର ସ୍ୱାଦ ଓ ବାସ୍ନାକୁ । ସେଥିପାଇଁ ଉପରୋକ୍ତ ଫଳକ ଲଗାଯାଇଥିବା ହୋଟେଲ ବା ରେଷ୍ଟୋରାଁରେ ଆମେ ଅଧିକ ଭିଡ଼ ଲଗାଉଛୁ ।

ମାଟି ଓ ମଣିଷର ସମ୍ପର୍କ ଅତି ପୁରାତନ । ସେଥିପାଇଁ ଦାର୍ଶନିକମାନେ ମଣିଷ ଶରୀରକୁ ମାଟିର କଣ୍ଢେଇ ସହ ତୁଳନା କରିଥାନ୍ତି । ଦିନେ ନା ଦିନେ ସମସ୍ତଙ୍କୁ ଏଇ ମାଟିରେ ମିଶିବାକୁ ପଡ଼ିବ । ମାଟିକୁ ନେଇ କେତେ ଗଳ୍ପ, ଉପନ୍ୟାସ, କବିତା, ଚଳଚ୍ଚିତ୍ର ପ୍ରସ୍ତୁତ ହେଉଛି ତା'ର ହିସାବ ନାହିଁ । ସମାଜସେବାକୁ ଜୀବନର ଏକମାତ୍ର ବ୍ରତ କରିଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ହୃଦୟସ୍ପର୍ଶୀ କବିତା "ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଚାଲି ଯାଆନ୍ତୁ ପିଠିରେ" ଏବେ ବି ଜନମାନସରେ ଆଦୃତ । ଯଦି ଜୀବନର ଅନ୍ତ ପରେ ମାଟିରେ ମିଶିବା ସତ୍ୟ, ତେବେ ଜୀବନ ଥିବା ସମୟରେ ମାଟିଠାରୁ ଆମର ଏ ଦୂରତା କାହିଁକି । ମାଟିକୁ ମା' ସହ ତୁଳନା କରି ଜନ୍ମମାଟିର ସମ୍ମାନ ପ୍ରଦର୍ଶନ କରୁ, ମାଟିକୁ ପୂଜା କରୁ । ନୂଆ ଘରଟିଏ କରିବା ପୂର୍ବରୁ, ମାଟି ମା'



ର ପୂଜା କରୁ । ମାଟି ନିର୍ମିତ ଘର ଓ ତା' ଭିତରେ ମାଟିର ଆଟୁ ପ୍ରକୃତି ପ୍ରଦତ୍ତ ଶୀତତାପ ନିୟନ୍ତ୍ରିତ ଘର ହୋଇଥାଏ । ମାଟି ମାଠିଆ ବା ସୁରେଇ ପିଇବା ପାଣିକୁ ଥଣ୍ଡା ରଖେ । ମାଟି ନିର୍ମିତ କୋଠିରେ ଶସ୍ୟକୁ ଅନେକ ଦିନ ପର୍ଯ୍ୟନ୍ତ ରୋଗ ପୋକରୁ ସୁରକ୍ଷିତ ରଖାଯାଇପାରେ । ପୂର୍ବେ ମାଟି ନିର୍ମିତ ନନ୍ଦ ଦ୍ୱାରା ଗଭୀର କୂପ ନିର୍ମାଣ କରାଯାଉଥିଲା, ଯାହାକି ରୋଷେଇ ଠାରୁ ଆରମ୍ଭ କରି ସମସ୍ତ ଗୃହ କାର୍ଯ୍ୟ ଓ କୃଷି କାର୍ଯ୍ୟ ସମ୍ପାଦନ ହେଉଥିଲା । ଏଇ ମାଟିକୁ ନେଇ କୁମ୍ଭକାର ସମ୍ପ୍ରଦାୟଙ୍କ ବୃତ୍ତି ମଧ୍ୟ ସ୍ୱୀକୃତି ପାଇଥିଲା । ପଇସା ସଞ୍ଚିବା ମାଟିଘଡ଼ିଠାରୁ ଆରମ୍ଭ କରି ସମସ୍ତ ରୋଷେଇ ଉପକରଣ, ଘର ନିର୍ମାଣଠାରୁ ଆରମ୍ଭ କରି ଯଜ୍ଞକୁଣ୍ଡ ପର୍ଯ୍ୟନ୍ତ ସବୁ ମାଟିରେ ନିର୍ମାଣ ହେଉଥିଲା ଓ ମଣିଷ ସହ ମାଟି ପ୍ରତି କ୍ଷେତ୍ରରେ ଓତପ୍ରୋତ ଭାବେ ଜଡ଼ିତ ଥିଲା । ହୋମ, ଯଜ୍ଞ ଆଦି ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମରେ ବ୍ୟବହୃତ ଦୀପ, ସରା, ପୂର୍ଣ୍ଣକୁମ୍ଭ ଆଦି ସମସ୍ତ ଉପକରଣ ମାଟି ନିର୍ମିତ ଥିଲା । ବିଭିନ୍ନ ପର୍ବ ପର୍ବାଣିରେ ଦେବଦେବୀଙ୍କ ପ୍ରତିମୂର୍ତ୍ତି ଏବେ ବି ମାଟିରେ ନିର୍ମାଣ ହେଉଛି । କେତେକ ଗାଁରେ ମାଟି ନିର୍ମିତ ଦେବଦେବୀ ମଧ୍ୟ ପୂଜିତ ହେଉଛନ୍ତି ।

ସଭ୍ୟତାର ବିକାଶ ହେଉଛି । ତା' ସହ ମଣିଷ ଓ ମାଟିର ଦୂରତା ବଢ଼ି ବଢ଼ି ଚାଲିଛି । ରୋଷେଇ ଘରେ ଇନ୍ଧନ ପରିବର୍ତ୍ତନ ସହ ରୋଷେଇ ପାତ୍ର ବି ବଦଳି ଗଲା । ମାଟିପାତ୍ରକୁ ବଦଳେଇ ତା' ସ୍ଥାନରେ ବିଭିନ୍ନ ଧାତୁ ନିର୍ମିତ ପାତ୍ର ଆପଣାଇବା ପରଠାରୁ ନୂଆ ନୂଆ ରୋଗକୁ ଆମନ୍ତ୍ରଣ କରିବା ସହ ଖାଦ୍ୟର ଗୁଣାତ୍ମକ ମାନ ଓ ସ୍ୱାଦକୁ ପଛରେ ଛାଡ଼ି ଆସିଲେ । ଶସ୍ୟ ସଂରକ୍ଷଣରେ ମାଟି କୋଠି ବଦଳରେ ଧାତୁ ନିର୍ମିତ ପାତ୍ର ଅବା ସିନ୍ଥେଟିକ୍ ଓ ପ୍ଲାଷ୍ଟିକ ବ୍ୟାଗ୍ ବ୍ୟବହାର କରୁଛୁ । ଏପରିକି ମାଟି ପ୍ରସ୍ତୁତ ଇଟା ଘର ନିର୍ମାଣରେ ବନ୍ଦ ହେବାକୁ ବସିଲାଣି । ବିବାହ, ବ୍ରତ ଓ ଅନ୍ୟାନ୍ୟ ହୋମଯଜ୍ଞରେ ବେଦି ଓ ଯଜ୍ଞକୁଣ୍ଡ ଆଉ ମାଟିରେ ନିର୍ମାଣ ହେଉନାହିଁ । ପିଇବା ପାଣି ଆଉ ମାଠିଆ ବା ସୁରେଇରେ ଶୀତଳ ନ କରି ପ୍ଲାଷ୍ଟିକ ବା ଷ୍ଟିଲ୍ ନିର୍ମିତ ରେଫ୍ରିଜରେଟରରେ ଶୀତଳ ହେଉଛି । ସ୍ୱାସ୍ଥ୍ୟ ପାଇଁ ଏହା କ୍ଷତିକାରକ ଜାଣି ମଧ୍ୟ ଏହାକୁ ଅଧିକରୁ ଅଧିକ ବ୍ୟବହାର କରୁଛୁ । ଛୋଟ ଛୋଟ ପିଲାଙ୍କ ହାତରେ ଏବେ ମାଟି କଣ୍ଢେଇ ବଦଳରେ ପ୍ଲାଷ୍ଟିକ ଓ ଇଲେକ୍ଟ୍ରୋନିକ୍ସ କଣ୍ଢେଇ ଶୋଭା ପାଉଛି । ଏ ସବୁ ପରିବେଶ ପାଇଁ କ୍ଷତିକାରକ ଜାଣି ମଧ୍ୟ ଆଧୁନିକ ସଭ୍ୟତାର ଦ୍ୱାହିଦେଇ ଆମେ ଏସବୁକୁ ଆପଣେଇ ଚାଲିଛୁ ।

ଏବେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମାଟିର ବ୍ୟବହାର କମି କମି ଯାଉଛି । ସହରରେ ମାଟି ଆଉ ଦେଖାଯାଉନି । ନିକଟସ୍ଥ ଗାଁ ଗଣ୍ଡାରୁ କିଛି ବେପାରୀ ସହରବାସୀଙ୍କୁ କେଜି ଦରରେ ମାଟି ବିକୁଛନ୍ତି । ଜାଗା ଯେତିକି ଘର ସେତିକି । ଖୋଲା ଜାଗା ଥିଲେ ତ ମାଟି ମିଳିବ ନା । ଯଦିବା କେଉଁଠି ଖୋଲା ଜାଗା ଅଛି ତାକୁ ବି ସିମେଣ୍ଟ ପ୍ଲାଷ୍ଟର କରିଦିଆଯାଉଛି । କାଳେ ମାଟି ଲାଗି ପାଦ ଅପରିଷ୍କାର ହୋଇଯିବ । ଖାଲି ପାଦରେ ଦୈନିକ କିଛି ସମୟ ମାଟି ଜାଗାରେ ଚାଲିବାକୁ ଏବେ ଡାକ୍ତରମାନେ ପରାମର୍ଶ ଦେଲେଣି । ସେଥିପାଇଁ ସହର ଭିତରେ ଥିବା ପାର୍କରେ ଭାରି ଭିଡ଼ । ସହରରେ ମାଟିର କୃତ୍ରିମ ଅଭାବ । ମାଟି ଆଜି କଂକ୍ରିଟର ଆବରଣ ତଳେ ଅଣ ନିଃଶ୍ୱାସୀ । ଘରର ସାଜସଜ୍ଜା ତଥା ଆଭିଜାତ୍ୟ ପ୍ରଦର୍ଶନ ପାଇଁ କିଛି ଲୋକ ମାଟି କିଣି ଫୁଲକୁଣ୍ଡ ପ୍ରସ୍ତୁତ କରୁଛନ୍ତି ତ ଆଉ କିଛି ଲୋକ ପ୍ଲାଷ୍ଟିକ କୁଣ୍ଡରେ ପ୍ଲାଷ୍ଟିକ ଫୁଲଗଛରେ ଆତ୍ମସନ୍ତୋଷ ପାଉଛନ୍ତି । ଡ୍ରଇଂ ରୁମ୍‌ରେ ଏବେ ମାଟି ନିର୍ମିତ ପାତ୍ର ଓ କିଛି ଆସବାବପତ୍ର ପ୍ରାଚୀନ ବସ୍ତୁ ଭାବେ ଶୋଭା ପାଇଲାଣି । ମାଟିର ବ୍ୟବହାର ଏବେ ସୀମିତ । ପରମ୍ପରା ରକ୍ଷା ଆଳରେ କିଛି ଧାର୍ମିକ ତଥା ପାରମ୍ପରିକ ଉତ୍ସବରେ ମାଟି ପାତ୍ରର ବ୍ୟବହାର ହେଉଥିବା ବେଳେ ବିଭିନ୍ନ ପର୍ବପର୍ବାଣିରେ ଦେବୀଦେବତାଙ୍କ ମୂର୍ତ୍ତି ପ୍ରସ୍ତୁତିରେ ବି ମାଟିର ବ୍ୟବହାରକୁ ସୀମିତ କରାଗଲାଣି । ଶ୍ରାବଣର ପହିଲି ପରଶରେ ଓଦା ମାଟିର ବାସ୍ନା ଆଉ କବି ବା ଲେଖକଙ୍କୁ ଭାବପ୍ରବଣ କରୁନାହିଁ କି ଏବର ନୂଆପିଢ଼ି ମାଟି କାଦୁଅରେ ଚାଷକାମ କରିବାକୁ ଆଉ ଆଗ୍ରହ ସୃଷ୍ଟି କରୁନାହିଁ ।

ଆଧୁନିକତା ଆଡ଼କୁ ଅଗ୍ରସର ହେଉଥିବା ମଣିଷ ପ୍ରକୃତିଠାରୁ ଦୂରେଇ ଯାଉଥିବା ସତ୍ୟ । ଏହି କ୍ରମରେ ପ୍ରକୃତିର ମୁଖ୍ୟ ଉପାଦାନ ମାଟିଠାରୁ ବି ମଣିଷ ଦୂରେଇ ଯାଉଛି । ଏହାର ଅର୍ଥ ନୁହେଁ ଯେ ମାଟିକୁ ନଷ୍ଟ କରିଦେବା । ପଲିଥିନ, ପ୍ଲାଷ୍ଟିକ, ରାସାୟନିକ ଦ୍ରବ୍ୟ, ଇଲେକ୍ଟ୍ରୋନିକ ବର୍ଜ୍ୟବସ୍ତୁ ଦ୍ୱାରା ମାଟି ଆଜି ବ୍ୟାଧିଗ୍ରସ୍ତ । କଂକ୍ରିଟ ଆବରଣ ଯୋଗୁ ମାଟି ପାଖରେ ଆଉ ବର୍ଷାଜଳ ପହଞ୍ଚିପାରୁନି । ମଣିଷ ସହ ପ୍ରତ୍ୟେକ ଜୀବଜନ୍ତୁଙ୍କ ବଞ୍ଚିବା ପାଇଁ ମୃତ୍ତିକା ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ମାଟି ଉଦ୍ଭିଦଗୁଡ଼ିକର ବୃଦ୍ଧି ଏବଂ ବିକାଶରେ ସାହାଯ୍ୟ କରେ, ଯାହାକି ମଣିଷକୁ ଖାଦ୍ୟ, ପୋଷାକ, ଆସବାବପତ୍ର ଏବଂ ଔଷଧ ଯୋଗାଇଥାଏ । ଏହା ଜୀବାଣୁ, କବକ ଇତ୍ୟାଦି ସହିତ ଅନେକ ଜୀବ ସୃଷ୍ଟିକୁ ସମର୍ଥନ କରେ । ମୃତ ଜୀବମାନଙ୍କୁ କ୍ଷୟ କରି ପରିବେଶ ସନ୍ତୁଳନ ବଜାୟ ରଖେ । ମାଟି ବିନା ଜୀବନର ସୃଷ୍ଟି ଓ ସ୍ଥିତି ଅସମ୍ଭବ । ସେଥିପାଇଁ ମାଟିକୁ ସୁସ୍ଥ ରଖିବା ପ୍ରତ୍ୟେକ ମଣିଷର କର୍ତ୍ତବ୍ୟ ହେଉ ।

ମୋ:୯୪୩୭୨୩୨୪୬୩

# ପରା, ଅପରା ବିଦ୍ୟା



**ଶ୍ରୀବତ୍ସ ନାୟକ**

ଶିକ୍ଷାର୍ଥୀମାନଙ୍କର ମାନସିକ, ଭୌତିକ, ଆଧ୍ୟାତ୍ମିକ, ସାଂସ୍କୃତିକ ଓ ସାମାଜିକ ବିକାଶ କରିବା ଏବଂ ତତ୍ ସଙ୍ଗେ ସଙ୍ଗେ ଆର୍ଥିକ ପ୍ରଗତି ଓ ସାମାଜିକ ଉନ୍ନତି ମାଧ୍ୟମରେ ଏକ ସୁସ୍ଥ ସମୃଦ୍ଧ ରାଷ୍ଟ୍ର ନିର୍ମାଣ ନିମନ୍ତେ ଭାରତବର୍ଷରେ ପ୍ରାଚୀନ କାଳରୁ ଏକ ସୁଦୃଢ଼, ସୁଚିନ୍ତିତ, ସୁସଂଗଠିତ ଓ ସୁସଂଯତ ଶିକ୍ଷା ବ୍ୟବସ୍ଥା ପ୍ରଚଳିତ ହୋଇଆସୁଛି । ଏହି ଶିକ୍ଷା ବ୍ୟବସ୍ଥା ଦୁଇଟି ତତ୍ତ୍ୱ ଉପରେ ଆଧାରିତ ଥିଲା ଯଥା ପରା ବିଦ୍ୟା (ପରା ପ୍ରକୃତିରୁ ଜାତ) ଓ ଅପରା ବିଦ୍ୟା(ଅପରା ପ୍ରକୃତିରୁ ଜାତ) । ପରା ବିଦ୍ୟା ଚେତନତତ୍ତ୍ୱ (ଆଧ୍ୟାତ୍ମିକ ବିଦ୍ୟା, ବୁଦ୍ଧି, ମନ, ଚିତ୍ତ, ଆତ୍ମତତ୍ତ୍ୱ ଇତ୍ୟାଦି) ଉପରେ ଏବଂ ଅପରା ବିଦ୍ୟା(ଚିକିତ୍ସାଶାସ୍ତ୍ର, ଯୁଦ୍ଧଶାସ୍ତ୍ର, ବିଜ୍ଞାନ, ବାଣିଜ୍ୟ, ଗଣିତ ବିଦ୍ୟା, ଭୂତତ୍ତ୍ୱ ବିଦ୍ୟା, ପ୍ରାଣୀ ବିଦ୍ୟା, ଉଦ୍ଭିଦ ବିଦ୍ୟା, ବ୍ୟବହାରିକ ବିଦ୍ୟା, ଅର୍ଥଶାସ୍ତ୍ର, କୃଷି ଓ ଗୋପାଳନ ଇତ୍ୟାଦି) ଭୌତିକ ବିଦ୍ୟା ବା ଜଡତତ୍ତ୍ୱ ଉପରେ ପର୍ଯ୍ୟବସିତ । ଜଡ଼ବସ୍ତୁ ଭାବେ ରକ୍ତ, ମାଂସ, ହାଡ଼, ବାୟୁ, ପାଣି ସ୍ନାୟୁ, ମାଂସପେଶୀକୁ ନେଇ ମଣିଷ ଶରୀର ତିଆରି ହୋଇଥିବାବେଳେ, ତା' ମଧ୍ୟରେ ଏକ କ୍ଷୁଦ୍ରାତିକ୍ଷୁଦ୍ର ଈଶ୍ୱରୀୟ ସତ୍ତା ଭାବେ ଚେତନାର ଇନ୍ଦ୍ରିୟ ଲୁକ୍କାୟିତ ଭାବେ ଅଛି । ଏହି ଜଡ଼ଶରୀର ଓ ଚେତନାର ସତ୍ତାର ସମିଶ୍ରଣରେ ଏକ ମନୁଷ୍ୟ ଜୀବନ ସମ୍ଭବପର ହୋଇଥାଏ । ଜଡ଼ ଶରୀର ପାଇଁ ଯେଉଁଭଳି ଜଡ ତତ୍ତ୍ୱର ଗୁରୁତ୍ୱ ରହିଛି ଅନୁରୂପ ଭାବେ ଚେତନାର ସତ୍ତା ନିମନ୍ତେ ଚେତନ ତତ୍ତ୍ୱର ଆବଶ୍ୟକ ରହିଛି । ତେଣୁ ଏକ ସୁସ୍ଥ ଓ ପୂର୍ଣ୍ଣାଙ୍ଗ ବ୍ୟକ୍ତି ନିମନ୍ତେ ଉଭୟ ବିଦ୍ୟା ଅପରିହାର୍ଯ୍ୟ । ପୁରାଣ ଶାସ୍ତ୍ର ଅନୁସାରେ ତ୍ରେତୟା ଯୁଗରେ ଶ୍ରୀରାମଚନ୍ଦ୍ରଙ୍କୁ ମହର୍ଷି ବଶିଷ୍ଠ ପରା ବିଦ୍ୟା ଶିକ୍ଷା ଦେଇଥିବାବେଳେ ମହର୍ଷି ବିଶ୍ୱାମିତ୍ର ଅପରା ବିଦ୍ୟା ସମ୍ପର୍କରେ ଅବଗତ କରାଇଥିଲେ । ଫଳରେ ଶ୍ରେଷ୍ଠ ପୁରୁଷର ଆଖ୍ୟା ବହନ କରିଥିଲେ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ର । ସାମ୍ପ୍ରତିକ ପରିସ୍ଥିତିରେ ସମଗ୍ର ମାନବଜାତି ଅପରା ବିଦ୍ୟା ଅଧ୍ୟୟନ କରି ଉଗ୍ର ଆଧୁନିକତାର ଚରମ ସୀମାରେ ପହଞ୍ଚିସାରିଛି, ଅସମ୍ଭବ ମନେହେଉଥିବା କାର୍ଯ୍ୟକୁ ସମ୍ଭବପର କରିଛି, ବିଜ୍ଞାନର ଗ୍ରାହକ ବନିଯାଇ ଦିନକୁ ଦିନ ନୂତନତ୍ୱର ସନ୍ଧାନରେ ମତୁଆଲା ହେଉଛି, ମହାକାଶ ଉପରେ ଗବେଷଣା କରୁଛି, କୃଷି କ୍ଷେତ୍ରରେ ଜୈବିକ ସାର ଓ ବିହନର ପ୍ରୟୋଗକରି କମ୍ ସମୟରେ ଅଧିକ ଉତ୍ପାଦନକ୍ଷମ ହୋଇପାରିଛି, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ମାତ୍ରାଧିକ ପ୍ରୟୋଗ କରି ଶିଳ୍ପ, ସ୍ୱାସ୍ଥ୍ୟ ଓ ଗମନାଗମନ ଆଦି କ୍ଷେତ୍ରରେ ସଫଳତାର ଶିଖର ଛୁଇଁଥିଲେ ମଧ୍ୟ ପରା ବିଦ୍ୟାର ଅଭାବ ଯୋଗୁ ଆମକୁ ଏକ ପୂର୍ଣ୍ଣାଙ୍ଗ ବିକଶିତ ମାନବ ରୂପେ ପରିଗଣିତ କରିବା ଶ୍ରେୟସ୍କର ନୁହେଁ । ପରା ବିଦ୍ୟାକୁ ଉପେକ୍ଷା କରି କେବଳ ଅପରା ବିଦ୍ୟା ଅଧ୍ୟୟନ କରିବା ଦ୍ୱାରା ଆମ ସମାଜରେ ଶିକ୍ଷିତଙ୍କ ସଂଖ୍ୟା ଆଶାତୀତ ବୃଦ୍ଧି ପାଉଥିଲେ ମଧ୍ୟ ଜ୍ଞାନୀଙ୍କ ସଂଖ୍ୟା ନଗଣ୍ୟ ହୋଇଯାଉଛି । ଫଳରେ ବିକାଶ ଆଳରେ ଆମେ କେତେ ବିନାଶ କରୁଛେ ତା'ର ଆତ୍ମସମୀକ୍ଷା କରୁନାହିଁ ।

ଗୀତା ଶାସ୍ତ୍ର ଅନୁସାରେ 'ଅଧ୍ୟାତ୍ମ ବିଦ୍ୟା ବିଦ୍ୟାନାମ ଅର୍ଥାତ୍ ଅଧ୍ୟାତ୍ମ ବିଦ୍ୟା କେବଳ ବିଦ୍ୟା ଏବଂ ଆଉ ସବୁ ଅବିଦ୍ୟା । ଏହି ଅଧ୍ୟାତ୍ମ ବିଦ୍ୟା ହିଁ ହେଉଛି ପରା ବିଦ୍ୟା । ଉପନିଷଦଗୁଡ଼ିକ ଏହାକୁ ଆତ୍ମବିଦ୍ୟା ଓ ବ୍ରହ୍ମ ବିଦ୍ୟା ବୋଲି ଆଖ୍ୟା



ଦେଇଥିବାବେଳେ ମାର୍କସ ମୁଲର ଏହାକୁ ଗୁପ୍ତ ଶିକ୍ଷା ବା ଶ୍ରେଷ୍ଠ ବିଦ୍ୟା ଭାବେ ଅଭିହିତ କରିଛନ୍ତି । ଅତୀତରେ ପାରମ୍ପରିକ ଗୁରୁକୁଳ ଶିକ୍ଷା ବ୍ୟବସ୍ଥା ଓ ଯୌଥ ପରିବାରରୁ ଏହି ପରା ବିଦ୍ୟାକୁ ଅଧ୍ୟୟନ କରିବା ବିଦ୍ୟାର୍ଥୀମାନଙ୍କର ନିତ୍ୟନିୟତ କର୍ମ ଥିଲା । ଏହାକୁ ଅଧ୍ୟୟନ କରିବା ଦ୍ୱାରା ଇନ୍ଦ୍ରିୟର ସଂଯମତା ଆସୁଥିଲା, ମନରୁ ଅକର୍ମ, କୁକର୍ମ, ଅଧର୍ମ, ଅବଗୁଣ, କାମ, କ୍ରୋଧ, ଈର୍ଷା, ଲୋଭ, ଅହଂକାର, ବୃଥା ଆସ୍ଫାଳନ, ଦ୍ୱେଷ, ମୋହ ଆଦି ବିକାର ଭାବ ଦୂରୀଭୂତ ହୋଇ ମାନବିକ ଭାବନା, ସହନଶୀଳତା, ନିଃସ୍ୱାର୍ଥପରତା, ବିବେକୀ ଓ ସଂଯମୀ ଭାବ ପରିପ୍ରକାଶ ହେବା ଦ୍ୱାରା ବ୍ରହ୍ମଜ୍ଞାନ ପ୍ରାପ୍ତ ହେଉଥିଲା, ଫଳରେ ଏକ ବ୍ୟକ୍ତି ସର୍ବ କୁବନ୍ଧନରୁ ମୁକ୍ତ ହୋଇ ମୋକ୍ଷ ପ୍ରାପ୍ତି ହେଉଥିଲା । ଜୀବସତ୍ତା ବ୍ୟତୀତ ଯେଉଁ ସ୍ୱତନ୍ତ୍ର ଇନ୍ଦ୍ରିୟ ଭାବେ ମନୁଷ୍ୟକୁ ଚେତନାର ଇନ୍ଦ୍ରିୟ ପ୍ରଦାନ କରି ବିଶ୍ୱନିୟନ୍ତା ତାଙ୍କ ସୃଷ୍ଟିର ସର୍ବଶ୍ରେଷ୍ଠ ପ୍ରାଣୀ ଭାବେ ମନୁଷ୍ୟକୁ ବିବେଚନା କରିଛନ୍ତି । ପରା ବିଦ୍ୟାକୁ ଅଧ୍ୟୟନ କରି ଏହି ଚେତନାର ଇନ୍ଦ୍ରିୟ ମାଧ୍ୟମରେ ମନୁଷ୍ୟ ଜୀବସତ୍ତା ସମ୍ପର୍କରେ ଧାରଣା ସୃଷ୍ଟିକରେ, ଭୁଲ୍ ଠିକ୍‌ର ବିଚାର କରେ, ଈଶ୍ୱରୀୟ ଶକ୍ତିକୁ ଅନୁଭବ କରେ, ଜୀବଜଗତର ସୁରକ୍ଷା କରେ, ସୃଷ୍ଟିର ରହସ୍ୟ ଉନ୍ମୋଚନ କରେ, ଆତ୍ମ ସମୀକ୍ଷା କରେ କିନ୍ତୁ ପରା ବିଦ୍ୟାର ଅଭାବ ଯୋଗୁ ମନୁଷ୍ୟ ଠାରେ ଏହାର ବିପରୀତ କାର୍ଯ୍ୟ ପ୍ରତିଫଳିତ ହୋଇଥାଏ । ପରା ବିଦ୍ୟା ଭଳି ଅପରା ମଧ୍ୟ ବିଦ୍ୟାର ଏକ ତତ୍ତ୍ୱ । ଏହାକୁ ଅଧ୍ୟୟନ କରିବା ଦ୍ୱାରା ମଣିଷ ଜଡ଼ବସ୍ତୁ ଉପରେ ଆଧିପତ୍ୟ ବିସ୍ତାର କରିଥାଏ । ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ସ୍ତରରେ ଏହା ପ୍ରଦାନ କରାଯାଇଥାଏ । ଏହାକୁ ଆହରଣ କରି ମଣିଷ ତା'ର ଜୀବନ କାଳ ମଧ୍ୟରେ ଅନେକ ଅର୍ଥ, ସମ୍ମାନ, କ୍ଷମତା ପ୍ରାପ୍ତି ହୋଇଥାଏ ସତ କିନ୍ତୁ ତଥାପି ମଣିଷ ଆଜି ସୁଖ, ଶାନ୍ତିରେ ଜୀବନଯାପନ କରିପାରୁନାହିଁ । ସବୁ ପାଇ ମଧ୍ୟ ଅଭାବ । ସମସ୍ତେ ଥାଇ ମଧ୍ୟ ଏକଲା ଭାବେ ବଞ୍ଚିଛି । ସବୁ ଥାଇ ଆଜି ଅଶାନ୍ତିର ବାତାବରଣ ଭିତର ଗତି କରୁଛେ । ବାସ୍ତବତାକୁ ଅନୁଭବ ନ କରି କଳ୍ପନାତୀତ ହୋଇପଡିଛି । ବିଶ୍ୱର ଅନେକ ବଳଶାଳୀ ଓ ବିତ୍ତଶାଳୀ ଦେଶ ମଧ୍ୟ ଏଥିରୁ ବାଦ୍ ପଡିନାହାନ୍ତି । ନ୍ୟୁକ୍ଲିଅର୍ ବମ୍, ଉନ୍ନତ ଯାନ୍ତ୍ରିକ ଯୁଦ୍ଧ ବିମାନ, ଲକ୍ଷାଧିକ ପଦାତିକ ବାହିନୀ ସତ୍ତ୍ୱେ ମଧ୍ୟ ନିଜକୁ ଅସୁରକ୍ଷିତ ମନେକରୁଛନ୍ତି । ଏକଦା ଏକ ସମୟ ଥିଲା କିଛି ନ ଥାଇ ମଧ୍ୟ ମଣିଷ ଖୁସି ଥିଲା କିନ୍ତୁ ଆଜି ସର୍ବସ୍ୱ ହାସଲ କଲା ପରେ ମଧ୍ୟ ସବୁ ଥାଇ ବି ମଣିଷ ମନରେ ଅନେକ ଦୁଃଖ । ଏଥିରୁ ଜଣାଯାଏ ଯେ କେବଳ ଅପରା ବିଦ୍ୟା ଅଧ୍ୟୟନ କଲେ ହେବ ନାହିଁ ବରଂ ସମୟ ଆସିଛି ଆମକୁ ଏ ବିଷୟରେ ଚିନ୍ତା କରିବାକୁ ପଡ଼ିବ ।

ଭାଗବତରେ ବର୍ଣ୍ଣିତ ଅଛି, "ଅବିଦ୍ୟା ବନ୍ଧେ ଜୀବ ବନ୍ଧୀ, ଜ୍ଞାନ ଉଦୟେ ସର୍ବସିଦ୍ଧି" । ଅର୍ଥାତ୍ ଅପରା ବିଦ୍ୟା ଦ୍ୱାରା ମନୁଷ୍ୟ ବନ୍ଧନ ଯୁକ୍ତ ହୋଇଥାଏ କିନ୍ତୁ ପରା ବିଦ୍ୟା ମାଧ୍ୟମରେ ଜ୍ଞାନ ଉଦୟ ହେଲେ ସର୍ବସିଦ୍ଧି ହୋଇଥାଏ । ତେଣୁ ଯଥାର୍ଥରେ କୁହାଯାଇଛି ଯେ ବିଦ୍ୟା ତ ତାହା ଯାହା ମଣିଷକୁ ମୁକ୍ତି ପ୍ରଦାନ କରିଥାଏ । ଭାରତର ଗରିମାମୟ ଶିକ୍ଷା ବ୍ୟବସ୍ଥାରେ ଯେଉଁ ପରା ଓ ଅପରା ବିଦ୍ୟାର ତତ୍ତ୍ୱ ଅଛି ତାହାକୁ ନିଶ୍ଚିତ ଭାବେ ଅଧ୍ୟୟନ କଲେ ଏକ ସୁସ୍ଥ ରାଷ୍ଟ୍ର ନିର୍ମାଣ ହୋଇପାରିବ ଏଥିରେ ସନ୍ଦେହ ନାହିଁ ।

**ଅଧ୍ୟାପକ,ବାଣିଜ୍ୟ ବିଭାଗ,**
**ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ,କଟକ**
**ମୋ: ୯୪୩୮୦୭୦୮୪୯**

## ଏଇ ଭାରତରେ

ଚାକିରି ଜୀବନରୁ ଅବସର ନେବା ପରେ ଲୋକେ ବିଶ୍ରାମ ଚାହାନ୍ତି । କିନ୍ତୁ ଅନେକଙ୍କ କ୍ଷେତ୍ରରେ ଏଥିରେ କିଛି ବ୍ୟତିକ୍ରମ ପରିଲକ୍ଷିତ ହୋଇଥାଏ, ଯାହା ଘଟୁଛି ତାମିଲନାଡୁର ଏକ ଦମ୍ପତିଙ୍କ କ୍ଷେତ୍ରରେ । ଧରମପୁରୀ ଜିଲାର ଏନ୍. ମଧୁବଲାନ ଓ ଆର୍.ଆର୍. ସୁଶୋଲା କୃଷି ବିଭାଗରୁ ଅବସର ନେବା ପରେ ଏକ ଫାର୍ମ କରିଛନ୍ତି । ଅନ୍‌ଲାଇନରେ ସେମାନେ ବଗିଚା ସମ୍ପର୍କରେ ଚାଷୀମାନଙ୍କୁ ମାଗଣାରେ ପ୍ରଶିକ୍ଷଣ ଦେଉଛନ୍ତି ଏବଂ ଅଧ ଏକର ଜମିରେ ମିନି ଜଙ୍ଗଲ ସୃଷ୍ଟି କରିପାରିଛନ୍ତି । କେବଳ ଏତିକି ନୁହେଁ ସେମାନେ ଛାତ ଉପରେ ୧୫୦୦ ବର୍ଗଫୁଟ ଜାଗାରେ ସୁନ୍ଦର ବଗିଚା କରିଛନ୍ତି । ଜୈବିକ ପଦ୍ଧତିରେ ଚାଷ କରୁଛନ୍ତି । ଏହି ବଗିଚାରୁ ସେମାନେ ବିଭିନ୍ନ ପ୍ରକାର ଫଳ ଉତ୍ପାଦନ କରୁଛନ୍ତି । ଏହି ଦମ୍ପତି ମାଗଣାରେ ଅନ୍‌ଲାଇନ କ୍ଲାସ୍ କରୁଛନ୍ତି ଓ ସେଥିରେ ବଗିଚା, ସିଞ୍ଚନ ଜଳସେଚନ ବିଷୟରେ ପ୍ରଶିକ୍ଷଣ ଦେଉଛନ୍ତି । ଏହା ସହ ଜୈବିକ ଉପାୟରେ ମାଟିର ଉର୍ବରତା ବୃଦ୍ଧି ସମ୍ପର୍କରେ ୫୦ଟି କ୍ଲାସ ମାଧ୍ୟମରେ ଶିକ୍ଷା ଦେଉଛନ୍ତି । ସେମାନେ ୩୦ରୁ ଅଧିକ ଭର୍ଚୁଆଲ କ୍ଲାସ୍ କରି ୩,୦୦୦ରୁ ଅଧିକ ଲୋକଙ୍କୁ ପ୍ରଶିକ୍ଷଣ ଦେଇ ସାରିଲେଣି । ସେମାନେ ଛାତ ଉପରେ ବଗିଚା କରି ଉତ୍ପାଦନ କରିବାର ଫଟୋ ମଧ୍ୟ ଶେୟାର କରୁଛନ୍ତି, ଯାହା ଅତ୍ୟନ୍ତ ଖୁସିର ବିଷୟ ବୋଲି କୁହନ୍ତି ମଧୁବଲାନ ।

## ୫୦ ବର୍ଷ ତଳର ଧରିତ୍ରୀ

**୮ ଜୁନ୍ ୧୯୭୫**

- ଏଲ୍.ଏନ୍. ମିଶ୍ର ହତ୍ୟା ଘଟଣାରେ ସମ୍ପୃକ୍ତ ଅରୁଣ କୁମାର ଠାକୁର, ଉମାକାନ୍ତ ଝା ଓ ଯୋଗେନ୍ଦ୍ର ଝା ଜାମିନରେ ଖଲାସ ।
- ବାଂଲାଦେଶର ବହୁପ୍ରତୀକ୍ଷିତ ଜାତୀୟ ଦଳର ସଙ୍ଗଠନ ରାଷ୍ଟ୍ରପତି ଶେଖ ମୁଜିବୁର ରହମାନଙ୍କ ଦ୍ୱାରା ଘୋଷିତ ।
- ବିଶ୍ୱବିଶ୍ରୁତ ଚିତ୍ରଶିଳ୍ପୀ ପାବ୍‌ଲୋ ପିକାସୋଙ୍କ ଏକମାତ୍ର ସନ୍ତାନ ପାଉଲୋ ପିକାସୋଙ୍କ ୫୪ ବର୍ଷ ବୟସରେ ପରଲୋକ ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | 4 | | | 5 | 7 | | |
| 9 | 1 | | | | | | | |
| 7 | | 5 | | | 6 | | | 4 |
| | | | | | | | 6 | 3 |
| 6 | | | | | | 4 | | |
| | | | | | | 1 | | 2 |
| | 3 | | 6 | | 2 | | | |
| | | 2 | 4 | 9 | | | 5 | |
| | | 7 | 1 | 3 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 3 | 6 | 7 | 5 | 9 | 8 | 4 |
| 5 | 9 | 7 | 2 | 4 | 8 | 3 | 6 | 1 |
| 8 | 6 | 4 | 9 | 1 | 3 | 7 | 5 | 2 |
| 1 | 4 | 8 | 3 | 6 | 2 | 5 | 7 | 9 |
| 7 | 2 | 9 | 5 | 8 | 1 | 6 | 4 | 3 |
| 6 | 3 | 5 | 7 | 9 | 4 | 1 | 2 | 8 |
| 9 | 5 | 2 | 4 | 3 | 6 | 8 | 1 | 7 |
| 3 | 8 | 6 | 1 | 2 | 7 | 4 | 9 | 5 |
| 4 | 7 | 1 | 8 | 5 | 9 | 2 | 3 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରତ୍ନଯୋଡ଼ି ପୀଠର ବିକାଶ ହେଉ

ମହାଶୟ,

କଟକ ସଦର ଅନ୍ତର୍ଗତ ସିଦ୍ଧେଶ୍ୱରପୁର ନିକଟସ୍ଥ ରତ୍ନଯୋଡ଼ି ପୀଠ ଅବସ୍ଥିତ । ଏଠାରେ ବିଶ୍ୱଶାନ୍ତି ଯଜ୍ଞ, ନାମ ସଂକୀର୍ତ୍ତନ ଏବଂ ଶ୍ରୀରାମଚରିତ ମାନସ ପାରାୟଣ ନିୟମିତ ଭାବେ କରାଯାଏ । ପୀଠର ମହିମା ମାଳିକାରେ ଉଲ୍ଲେଖ କରାଯାଇଅଛି । ଏଠାରେ ବହୁ ସାଧୁସନ୍ଥଙ୍କ ସମାବେଶ ହୁଏ । ଏଣୁ ପୀଠରେ ପାଚେରି, ରାସ୍ତା ଓ ଗୃହର ଆବଶ୍ୟକ । ଏହିସବୁ ସମସ୍ୟା ପ୍ରତି ସରକାର ଅଧିକ ଧ୍ୟାନ ଦିଅନ୍ତୁ । ସାଧୁସନ୍ଥଙ୍କ ପାଇଁ ଅତିଥିଗୃହ ଏବଂ ସଭାସମିତି କକ୍ଷର ଅଭାବ ପୂରଣ କରାଯାଉ ।

**–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

## ଚିରନ୍ତନୀ

ଚକିତେ ଆସେ ପଶି ସବୁ ଘରେ ନବ ରାଗେ
ଗୋପନତମ ଗତି
ଅନୁମତି ନାହିଁ ମାଗେ !
ଛଡ଼ାଇ ଯାଏ ଘେନି ବଦନରୁ ସବୁ କଥା
ଦାରୁଣ ପରଶରେ
ଝଡ଼ିପଡ଼େ ତନୁଲତା ।
–(ମରଣ ପାଳି)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଏନ୍‌ଟିଏକୁ ଜବାବ ମାଗିଲେ କଲିକତା, ଦିଲ୍ଲୀ ହାଇକୋର୍ଟ

## ଏନ୍‌ଇଇଟି ପରୀକ୍ଷା ଅନିୟମିତତା

**କୋଲକାତା/ନୂଆଦିଲ୍ଲୀ,୭।୬**

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଚଳିତ ବର୍ଷ ହୋଇଥିବା ନାଶନାଲ ଇଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି) ପରିଚାଳନାରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ଏହା ଉପରେ କଲିକତା ହାଇକୋର୍ଟ ଶୁକ୍ରବାର ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)କୁ ଜବାବ ମାଗିଛନ୍ତି। ଜଷ୍ଟିସ୍ ଅପୂର୍ବ ସିହ୍ନା ରାୟ ଏବଂ କୌଶିକ ଚାନ୍ଦଙ୍କ ଖଣ୍ଡପୀଠ ଏନ୍‌ଇଇଟି ପରୀକ୍ଷା ଅନିୟମିତତା ନେଇ ପିଟିଶନ୍‌ର ଶୁଣାଣି କରିଥିଲେ।

ନିଟ୍ ପରୀକ୍ଷାରେ ୬୭ ଜଣ ଛାତ୍ରୀଛାତ୍ରଙ୍କୁ ୭୨୦ରୁ ୭୨୦ ନମ୍ବର ଦିଆଯାଇଥିବା ଜଣାପଡ଼ିବା ପରେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ତ୍ରୁଟିପୂର୍ଣ୍ଣ ମାର୍କିଂ ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସର୍ବାଧିକ ନମ୍ବର ୭୨୦ରୁ କେତେଜଣ ଛାତ୍ରୀଛାତ୍ର ୭୧୮ କିମ୍ବା ୭୧୯ ରଖିପାରିଲେନି କିପରି ବୋଲି ଆବେଦନକାରୀ ପ୍ରଶ୍ନ ଉଠାଇଛନ୍ତି। ୨୦୧୮ରେ ଏକ ରିଟ୍ ପିଟିଶନ୍ (ଅକ୍ଷତ ଅଗ୍ରୱାଲ ଓ ଅନ୍ୟମାନେ ବନାମ କେନ୍ଦ୍ର ସରକାର) ଉପରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ଆଧାର କରି ଏଭଳି ନମ୍ବର ଦିଆଯାଇଥିବା ଏନ୍‌ଟିଏ ଯଥାର୍ଥତା ଦର୍ଶାଇବା ପାଇଁ ପ୍ରୟାସ କରିପାରନ୍ତି। ତେବେ ଏନ୍‌ଟିଏ ବିନା ସତ୍ୟପାଠରେ ଏଭଳି ନିଷ୍ପତ୍ତି ନେଇପାରିବେ ନାହିଁ। ସେହି ଅନୁଯାୟୀ ପିଟିଶନ୍‌ରେ ହୋଇଥିବା ଅଭିଯୋଗ ଉପରେ ଜବାବ ରଖିବା ତାରିଖଠାରୁ ୧୦ ଦିନ ମଧ୍ୟରେ ସତ୍ୟପାଠ ଦାଖଲ କରିବା ନିମନ୍ତେ ହାଇକୋର୍ଟ ଏନ୍‌ଟିଏକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ମେଧା ତାଲିକା ପ୍ରସ୍ତୁତିରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସଂରକ୍ଷଣ ନୀତିକୁ ଅନୁପାଳନ କରାଗଲା, ତାହା ସତ୍ୟପାଠରେ ଦର୍ଶାଇବାକୁ ହାଇକୋର୍ଟ କହିଛନ୍ତି। ୨ ସପ୍ତାହ ପରେ ମାମଲାକୁ ନିୟମିତ ଖଣ୍ଡପୀଠରେ ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ କୁହାଯାଇଛି। କୋର୍ଟଙ୍କ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଏନ୍‌ଟିଏକୁ ଏ ନ୍ ଇ ଇ ଟି ( ୟୁ ଜି ) ୨୦୨୪ ପରୀକ୍ଷା ସମ୍ପର୍କିତ ସମସ୍ତ ରେକର୍ଡ ସଂରକ୍ଷିତ କରି ରଖିବାକୁ ହେବ। ରିଟ୍ ପିଟିଶନ ରାୟ ଅନୁଯାୟୀ କାଉନସେଲିଂ ପ୍ରକ୍ରିୟାର ଫଳାଫଳ ଆସିବ ବୋଲି ଖଣ୍ଡପୀଠ କହିଛନ୍ତି।

ସେହିପରି ଦିଲ୍ଲୀ ହାଇକୋର୍ଟ ଏନ୍‌ଇଇଟି (ୟୁଜି) ପରୀକ୍ଷାର୍ଥୀଙ୍କ ପିଟିଶନ ଆଧାରରେ ଏନ୍‌ଟିଏକୁ ମତାମତ ରଖିବାକୁ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ନିଟ୍ ପରୀକ୍ଷାରେ ଗୋଟିଏ ପ୍ରଶ୍ନର ଦୁଇଟି ଠିକ୍ ଉତ୍ତର ଆନ୍ସର ଶିଟ୍‌ରେ ରହିଥିବାରୁ ଏହା ଉପରେ ପରୀକ୍ଷାର୍ଥୀ ଜଣଙ୍କ ପ୍ରଶ୍ନ ଉଠାଇଛନ୍ତି। ଯେଉଁମାନେ ଏହି ପ୍ରଶ୍ନର ଉତ୍ତର ଦେଇନାହାନ୍ତି ଏବଂ ଯେଉଁମାନେ ଦୁଇଟି ଠିକ୍ ଉତ୍ତର ମଧ୍ୟରୁ ଗୋଟିଏ ଦେଇଛନ୍ତି, ସେମାନଙ୍କୁ ସମାନ ମାର୍କ ମିଳିବା ଆବଶ୍ୟକ ବୋଲି ପରୀକ୍ଷାର୍ଥୀ ପିଟିଶନରେ ନିବେଦନ କରିଥିବାବେଳେ ଜଷ୍ଟିସ୍ ଡି.କେ. ଶର୍ମାଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ଏନ୍‌ଟିଏ ଓକିଲଙ୍କଠାରୁ ଏହା ଉପରେ ଜବାବ ମାଗିଛନ୍ତି। ପିଟିଶନର ଦର୍ଶାଇଥିଲେ, ପ୍ରତିଯୋଗିତାମୂଳକ ପରୀକ୍ଷାରେ ନିଷ୍ପକ୍ଷତା ଜରୁରୀ। ସମସ୍ତଙ୍କୁ ସମାନ ଆଧାରରେ ମୂଲ୍ୟାୟନ କରାଯିବା ଆବଶ୍ୟକ। କେବଳ ଗୋଟିଏ ଅପ୍ସନ ଠିକ୍ ବୋଲି ପ୍ରଶ୍ନପତ୍ରରେ ସ୍ପଷ୍ଟ ଉଲ୍ଲେଖ ଥିବାବେଳେ କର୍ତ୍ତୃପକ୍ଷ ଦୁଇଟି ଠିକ୍ ଉତ୍ତର ରଖି ଉକ୍ତ ନିଷ୍ପକ୍ଷତା ସହ ସାଲିସ୍ କରିଥିବା ଆବେଦନକାରୀ ଦର୍ଶାଇଛନ୍ତି। ଆବେଦନକାରୀ ୨ ଠିକ୍ ଉତ୍ତର ଥିବା ପ୍ରଶ୍ନର ସମାଧାନ କରି ନ ଥିଲେ। ସେ ୭୨୦ରୁ ୬୩୩ ନମ୍ବର ରଖିଛନ୍ତି। ମୋଟ ପର୍ସେଣ୍ଟାଇଲ୍ ପ୍ରାୟ ୯୮ ଥିବାବେଳେ ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟ ର‌୍ୟାଙ୍କ ୪୪,୭୦୦ ପାଖାପାଖି ରହିଛି। ଗୋଟିଏ ମାତ୍ର ମାର୍କ ପାଇଁ ତାଙ୍କର ଅଲ୍ ଇଣ୍ଡିଆ ର‌୍ୟାଙ୍କ୍ ବଦଳି ଯାଇପାରେ। ତେଣୁ ଏନ୍‌ଇଇଟି ରେଜଲ୍ଟକୁ ସଂଶୋଧନ କରି ପୁନଃପ୍ରକାଶ କରିବା ନିମନ୍ତେ ଏନ୍‌ଟିଏକୁ ନିର୍ଦ୍ଦେଶ ଦେବା ପାଇଁ ଆବେଦନକାରୀ ନିବେଦନ କରିଛନ୍ତି।

# ‘ଶୀଘ୍ର ଆଉଥରେ ଏନ୍‌ଇଇଟି କରାଯାଉ’

## ଏନ୍‌ଟିଏକୁ ପତ୍ର ଲେଖିଲା ଓଡ଼ିଶା ଅଭିଭାବକ ମହାସଂଘ

**ଭୁବନେଶ୍ୱର, ୭।୬(ଅସମାପିକା ସାହୁ)**

ଡାକ୍ତରୀ ପଢ଼ିବା ଲାଗି ହୋଇଥିବା ଏନ୍‌ଇଇଟି ପ୍ରବେଶିକା ପରୀକ୍ଷାରେ ବଡ଼ ଘୋଟାଲା ହୋଇଛି। ଲକ୍ଷାଧିକ ପିଲାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଏହି ପରୀକ୍ଷା ବାତିଲ କରି ଖୁବ୍‌ଶୀଘ୍ର ଆଉଥରେ ସମ୍ପୂର୍ଣ୍ଣ ସ୍ୱଚ୍ଛ ଭାବେ ପରୀକ୍ଷା କରି ଫଳାଫଳ ପ୍ରକାଶ କରିବାକୁ ଓଡ଼ିଶା ଅଭିଭାବକ ମହାସଂଘ ଦାବି କରିଛି। ଏନେଇ ମହାସଂଘ ସଭାପତି ବାସୁଦେବ ଭଟ୍ଟ ଏନ୍‌ଟିଏକୁ ପତ୍ର ଲେଖିଛନ୍ତି। ବାସୁଦେବ କହିଛନ୍ତି, ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ଜଣାପଡୁଛି। ୬୭ଜଣ ପିଲା ଶତ ପ୍ରତିଶତ ମାର୍କ ରଖିବା, ଗୋଟିଏ ପରୀକ୍ଷା କେନ୍ଦ୍ରରୁ ୬ଜଣ ଶତ ପ୍ରତିଶତ ନମ୍ବର ରଖିବା, ପୂର୍ବ ଘୋଷିତ ଜୁନ୍ ୧୪ ବଦଳରେ ୧୦ଦିନ ପୂର୍ବରୁ ନିର୍ବାଚନ ଫଳାଫଳ ଘୋଷଣା ଦିନ ଜୁନ ୪ରେ ଫଳାଫଳ ପ୍ରକାଶ କରିବା, ପରୀକ୍ଷା ପ୍ରଶ୍ନ ପତ୍ର ଲିକ୍ ହେବା, ଗ୍ରେସ୍ ମାର୍କ ପ୍ରଦାନ କରିବା ଭଳି ଅନେକ ଘଟଣା ଏହି ଆଶଙ୍କାକୁ ଆହୁରି ଦୃଢ଼ଭୂତ କରୁଛି। ଗତବର୍ଷ ଦୁଇଜଣ ପିଲା ଶତ ପ୍ରତିଶତ ମାର୍କ ରଖିଥିଲେ। ଦୁଇ ତିନି ବର୍ଷ ପୂର୍ବରୁ କେହି ପିଲା ଶତ ପ୍ରତିଶତ ରଖୁ ନ ଥିଲେ। ଏବର୍ଷ କିନ୍ତୁ ବିରଳ। ସେପଟେ ପ୍ରଶ୍ନ ପତ୍ର ଲିକ୍ ଓ ଅନିୟମିତତାକୁ ନେଇ ନ୍ୟାୟାଳୟଙ୍କ ଆଦେଶରେ ପିଲାଙ୍କୁ ଗ୍ରେସ ମାର୍କ ପ୍ରଦାନ କରିଥିବା କଥା ଏନ୍‌ଟିଏ କହିଛି। ପରୀକ୍ଷା ପରିଚାଳନାରେ ଏନ୍‌ଟିଏ କିପରି ଦାୟିତ୍ୱହୀନ ଭାବେ କାର୍ଯ୍ୟ କରୁଛି ତାକୁ ନେଇ ଶିକ୍ଷାବିତମାନେ ମଧ୍ୟ ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଲକ୍ଷାଧିକ ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳି କିଛି ଅସାଧୁ ଶିକ୍ଷା ମାଫିଆ ଓ ବଡ଼ବଡ଼ିଆଙ୍କୁ ଖୁସି କରିବାକୁ ଏପରି କରାଯାଇଛି ବୋଲି ମହାସଂଘ କହିଛି। ବାହାର ରାଜ୍ୟରେ ଅଧିକ ଅଭିଯୋଗ ଆସୁଥିବା ଗଣମାଧ୍ୟମରୁ ଜଣାପଡୁଛି। କିନ୍ତୁ ଓଡ଼ିଶାରେ ବି ବହୁ ପିଲା ଏହାର ଶିକାର ହୋଇଛନ୍ତି। ସର୍ବଭାରତୀୟସ୍ତରୀୟ ପରୀକ୍ଷା ହୋଇଥିବାରୁ ସେମାନେ ସାମ୍ନାକୁ ଆସିପାରୁନାହାନ୍ତି ବୋଲି ବାସୁଦେବ କହିଛନ୍ତି।

# ରେଜଲ୍ଟ ବିଭ୍ରାଟରୁ ତେଜିଲା ଅସନ୍ତୋଷ

**ଭୁବନେଶ୍ୱର, ୭।୬(ଅସମାପିକା ସାହୁ)**

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖାଇବା ଲାଗି ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ଏନ୍‌ଇଇଟି(ୟୁଜି)-୨୦୨୪ ଫଳ ପ୍ରକାଶ ପାଇବା ପରେ ଏଥିରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅସନ୍ତୋଷ ତେଜିଛି। ଜୁନ୍ ୧୪ରେ ଫଳ ବାହାରିବାର ଥିଲେ ମଧ୍ୟ ୧୦ଦିନ ପୂର୍ବରୁ, ତାହା ପୁଣି ସାଧାରଣ ନିର୍ବାଚନ ଫଳାଫଳ ବାହାରିବା ଦିନ ପ୍ରକାଶ କରାଯାଇଛି। ପୁଣି କେତେକ ପିଲାଙ୍କୁ ଗ୍ରେସ୍ ମାର୍କ ଦିଆଯାଇଛି। ଏହାକୁ ନେଇ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଅଭିଭାବକ ଓ ଶିକ୍ଷାବିତ୍‌ମାନେ ସନ୍ଦେହ ପ୍ରକାଶ କରିବା ସହ ଏନ୍‌ଇଇଟି ପରୀକ୍ଷା ଫଳରେ ସ୍କାମ୍ ହୋଇଥିବା କହୁଛନ୍ତି। ପୁଣି ଏକ ସାଙ୍ଗରେ ୬୭ଜଣ ର‌୍ୟାଙ୍କ-୧ ପାଇବା ଏବଂ ଗ୍ରେସ୍ ମାର୍କ ଦିଆଯିବା ମଧ୍ୟ ଏନ୍‌ଇଇଟିରେ ପ୍ରଥମ ବୋଲି କୁହାଯାଉଛି।




### ଭଲ ର‌୍ୟାଙ୍କ୍ ଆସିପାରିଥାନ୍ତା



ମୋର ୭୧୫ ସ୍କୋର୍ ରହିଛି। ସ୍କୋର୍ ଭଲ ଥିଲେ ମଧ ର‌୍ୟାଙ୍କ କମିଯାଇଛି। ପରୀକ୍ଷା ଯେପରି ହୋଇଥିଲା ଆହୁରି ଭଲ ରେଜଲ୍ଟ ଆସିପାରିଥାନ୍ତା। ଭଲ ଜାଗାରେ ନାମଲେଖାଇ ପାରିଥାନ୍ତି। କିନ୍ତୁ ଏବେ ତାହା ହୋଇପାରିବ ନାହିଁ। ଆଉଥରେ ପରୀକ୍ଷା କରାଯିବା ସପକ୍ଷରେ ମୁଁ ନାହିଁ। ଯେଉଁ ସେଣ୍ଟରରେ ସମୟ ଅଭାବ ଯୋଗୁ ଗ୍ରେସ୍ ମାର୍କ ଦିଆଗଲା, ସେହି ପିଲାଙ୍କ ପାଇଁ ଆଉଥରେ ପରୀକ୍ଷା କରାଗଲେ ଚଳିବ।

- ପ୍ରୀତମ ପାତ୍ର, ପରୀକ୍ଷାର୍ଥୀ

### ଅନିୟମିତତା ହୋଇଥିବା ଜଣାପଡୁଛି



ମୋର ୬୮୧ ନମ୍ବର ଓ ର‌୍ୟାଙ୍କ ୮,୧୭୪ ରହିଛି, ଯାହାକି ମୁଁ ଆଶା କରି ନ ଥିଲି। ଗତବର୍ଷ ଏହିଭଳି ସ୍କୋର ରଖିଥିବା ପିଲା ୧୬୦୦ ପାଖାପାଖି ର‌୍ୟାଙ୍କ୍ ପାଇଥିଲେ। ତେଣୁ ଏଥର ଏନ୍‌ଇଇଟି-ୟୁଜି ପରୀକ୍ଷାରେ ଅନିୟମିତତା ହୋଇଥିବା ଜଣାପଡୁଛି। ଏନ୍‌ଟିଏ ଗ୍ରେସ୍ ମାର୍କ ଦିଏ ବୋଲି ମୁଁ ପ୍ରଥମଥର ଶୁଣୁଛି। ତେବେ ଆଉଥରେ ପରୀକ୍ଷା କରାଯିବା ସପକ୍ଷରେ ମୁଁ ନାହିଁ। କାରଣ ଏବେ ପରୀକ୍ଷା ପ୍ରସ୍ତୁତି ପାଇଁ ପୂର୍ବଭଳି ସମୟ ପାଇବୁ ନାହିଁ। ଆଉଥରେ ପରୀକ୍ଷା ହେଲେ ମୁଁ ନିଜେ ଦେଇପାରିବି ନାହିଁ।

- ରୋନିତ କୁମାର ରାଉତ, ପରୀକ୍ଷାର୍ଥୀ

## ସୋସିଆଲ ମିଡିଆରେ ଉଠୁଥିବା ପ୍ରମୁଖ ପ୍ରଶ୍ନ

- ଏନ୍‌ଟିଏ ପରିଚାଳିତ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ପାଇଁ ଦାୟୀ କିଏ?
- ପରୀକ୍ଷାକେନ୍ଦ୍ରରେ ଅବ୍ୟବସ୍ଥା କାହିଁକି? ବିଳମ୍ବରେ ପ୍ରଶ୍ନପତ୍ର ପହଞ୍ଚିଲା କାହିଁକି?
- କେଉଁଆଧାରରେକେତେଗ୍ରେସ୍‌ମାର୍କଦିଆଯାଇଛି?
- କେତେଜଣ ପିଲାଙ୍କୁ ଗ୍ରେସ୍ ମାର୍କ ବା ଅତିରିକ୍ତ ସମୟ ପ୍ରଦାନ କରାଯାଇଛି?
- ଗୋଟିଏ ସେଣ୍ଟରରୁ ପ୍ରାୟ ୬ଜଣ ପିଲାଙ୍କୁ ପୂର୍ଣ୍ଣମାର୍କ(୭୨୦) ମିଳିଲା କିପରି?
- ଗୋଟିଏ ପ୍ରଶ୍ନ ଭୁଲ୍ ଲେଖିଲେ ୪ ମାର୍କ କଟିବ, ଅର୍ଥାତ୍ ସର୍ବନିମ୍ନ ୭୧୬ କିମ୍ବା ତା’ଠାରୁ କମ୍ ମାର୍କ ରହିବ। ମାତ୍ର ପିଲାମାନେ ୭୧୮ ବା ୭୧୯ ମାର୍କ କିପରି ରଖିଲେ?
- ନର୍ମାଲାଇଜେଶନ ମାର୍କ ବିଷୟରେ ଏନ୍‌ଟିଏ ବିସ୍ତୃତ ତଥ୍ୟ ରଖୁନାହିଁ କାହିଁକି?
- ନିର୍ଦ୍ଧାରିତ ତାରିଖ ଜୁନ୍ ୧୪ର ୧୦ ଦିନ ପୂର୍ବରୁ ଅର୍ଥାତ୍ ଜୁନ୍ ୪ ନିର୍ବାଚନୀ ଫଳାଫଳ ଘୋଷଣା ଦିନ କାହିଁକି ଏନ୍‌ଇଇଟି ଫଳ ପ୍ରକାଶ କରାଗଲା?

### ଏନ୍‌ଇଇଟିରେ ଗ୍ରେସ୍ ମାର୍କ ସମ୍ପର୍କରେ ଜାଣି ନ ଥିଲି



ଚଳିତ ଏନ୍‌ଇଇଟି-ୟୁଜି ପରୀକ୍ଷାକୁ ନେଇ ମନରେ ବହୁ ଆଶଙ୍କା ରହିଛି। ମୋର ୬୯୦ ସ୍କୋର୍ ଥିଲେ ମଧ ର‌୍ୟାଙ୍କ୍ ୫,୦୩୯ ରହିଛି। ଗତବର୍ଷ ୬୯୦ ସ୍କୋର୍‌ରେ ବି ପିଲାଙ୍କର ଭଲ ର‌୍ୟାଙ୍କ ଆସିଥିଲା। ଏଥର ଯେଉଁ ର‌୍ୟାଙ୍କ ଆସିଛି, ତାହା ଆଶା କରି ନ ଥିଲି। ସେହିଭଳି ଏନ୍‌ଇଇଟିରେ ଗ୍ରେସ୍ ମାର୍କ ଦିଆଯାଏ ବୋଲି କେବେ ଶୁଣି ନ ଥିଲି। କେଉଁ ଆଧାରରେ କିଛି ପିଲାଙ୍କୁ କେମିତି ଗ୍ରେସ୍ ମାର୍କ ଦିଆଗଲା ତାହା ଜାଣିପାରିଲୁନି। ଆଉଥରେ ପରୀକ୍ଷା କରାଗଲେ ସମୟ ନଷ୍ଟ ହେବ। କିନ୍ତୁ ଅନିୟମିତତା ପାଇଁ ପରୀକ୍ଷା ଆଉଥରେ ହେବା ଉଚିତ।

- ସୁପ୍ରିତ ମିଶ୍ର, ପରୀକ୍ଷାର୍ଥୀ

### ପିଲାଙ୍କ ମାନସିକ ସ୍ଥିତି ବିଗୁଡୁଛି



ମୋର କିଛି ଡାକ୍ତରୀ ବନ୍ଧୁଙ୍କ ପିଲା ଚଳିତଥର ଏହି ପରୀକ୍ଷା ଦେଇଥିଲେ। ସେମାନେ ବହୁତ ପରିଶ୍ରମ କରିଥିଲେ। ମାତ୍ର ଗୋଟିଏ ବା ଦୁଇଟି ପ୍ରଶ୍ନର ଭୁଲ୍ କରି ମଧ ସେମାନେ ଉପଯୁକ୍ତ ର‌୍ୟାଙ୍କ ପାଇବାରୁ ବଞ୍ଚିତ ହେବା ପରେ ମାନସିକ ସ୍ତରରେ ଭାଙ୍ଗିପଡ଼ିଛନ୍ତି। କ୍ୟାରିୟର ଆରମ୍ଭରୁ ଏମିତି ଶକ୍ତ ଧକ୍କା ଲାଗିବା ଛାତ୍ରସମାଜ ପାଇଁ ଶୁଭଙ୍କର ନୁହେଁ। ପରୀକ୍ଷା ବାତିଲ କରି ପୁଣି ପରୀକ୍ଷା ଦେବା ମଧ ପିଲାଙ୍କ ପାଇଁ ସହଜ କଥା ନୁହେଁ। ଯେଉଁ ପିଲାମାନଙ୍କୁ ଗ୍ରେସ୍ ମାର୍କ ଦିଆଯାଇଛି ସେ ମାର୍କ ପ୍ରତ୍ୟାହାର କରି ପୁଣିଥରେ ର‌୍ୟାଙ୍କ ପ୍ରଦାନ କରାଯିବା ଦରକାର।

- ପ୍ରଫେସର ଡା. ଶୁଭେନ୍ଦୁ ମିଶ୍ର, ଭୁବନେଶ୍ୱର

### ର‌୍ୟାଙ୍କରେ ଖୁସି ନୁହେଁ



ମୋର ୬୯୫ ସ୍କୋର୍ ରହିଥିଲେ ବି ୨,୭୭୫ ର‌୍ୟାଙ୍କ ରହିଛି। ମୋର ମାର୍କ ପାଇଁ ମୁଁ ଖୁସି ଅଛି। କିନ୍ତୁ ଏଥର ଏନ୍‌ଟିଏ ରେଜଲ୍ଟ ଫେୟାର ହୋଇନାହିଁ। ବହୁ ଛାତ୍ରୀଛାତ୍ର ଭଲ ସ୍କୋର ପାଇଥିଲେ ମଧ ର‌୍ୟାଙ୍କ ଭଲ ନ ଥିବାରୁ ଭଲ ମେଡିକାଲ କଲେଜରେ ଆଡ଼ମିଶନ ମିଳିବ ନାହିଁ। ସେହିଭଳି କିଛି ପିଲାଙ୍କୁ ଗ୍ରେସ୍ ମାର୍କ ଦିଆଯାଇଛି, ଯାହାକୁ ନେଇ ଏନ୍‌ଟିଏ ପୂର୍ବରୁ କିଛି କହି ନ ଥିଲା। ହଠାତ୍ ଏଭଳି ରେଜଲ୍ଟ ପ୍ରକାଶ କରିବା ଠିକ୍ ହୋଇନାହିଁ। - **ରୌନକ ମଲ୍ଲିକ, ପରୀକ୍ଷାର୍ଥୀ**

### ଗ୍ରେସ୍ ମାର୍କ ପ୍ରତ୍ୟାହାର କରାଯାଉ



ମୋ ପୁଅ ୭୨୦ରୁ ୭୦୫ ମାର୍କ ରଖିଥିଲେ ମଧ ର‌୍ୟାଙ୍କ ୧୧୩୦ ପାଇଛି। ଏତେ ପରିଶ୍ରମ କରି ମଧ ପିଲାଙ୍କ ଭବିଷ୍ୟତ ଅନ୍ଧାର ଘେରରେ ରହିଛି। ଏମ୍ସ ବିଏଚ୍‌ୟୁ ଭଳି ମେଡିକାଲ କଲେଜରେ ନାମ ଲେଖାଇ ନ ପାରିବା ଦୁଃଖଦାୟକ। ନିର୍ଦ୍ଧାରିତ ସମୟ ପୂର୍ବରୁ ପରୀକ୍ଷାଫଳ ପ୍ରକାଶ, ଗ୍ରେସ୍ ମାର୍କ ପ୍ରଦାନ, ପ୍ରଶ୍ନପତ୍ର ଲିକ୍, ପରୀକ୍ଷା ପାଇଁ ଅତିରିକ୍ତ ସମୟ ପ୍ରଦାନ ଏସବୁ ଘଟଣାରୁ ବଡ଼ ସ୍କାମ୍‌ର ଗନ୍ଧ ବାରି ହୋଇପଡୁଛି। କୋଲକାତା ହାଇକୋର୍ଟ ଅନିୟମିତତା ହୋଇଥିବା ପ୍ରଶ୍ନ ଉପରେ ଏନ୍‌ଟିଏକୁ ଉତ୍ତର ମାଗିଛନ୍ତି। ତେବେ କେଉଁ ଆଧାରରେ କେଉଁ ସେଣ୍ଟର କେତେଜଣ ପିଲାଙ୍କୁ କେତେ ଗ୍ରେସ୍ ମାର୍କ ରଖାଯାଇଛି ସେ ସେସମ୍ପର୍କରେ ତଥ୍ୟ ରଖିବା ସହ ଗ୍ରେସ୍ ମାର୍କ କମାଇ ପୁଣିଥରେ ର‌୍ୟାଙ୍କ ପ୍ରଦାନ କରାଯାଉ।

- ପ୍ରଫେସର ପ୍ରିୟରଞ୍ଜନ ଦାଶ, ଅଭିଭାବକ, କଟକ

### ଆଉଥରେ ପରୀକ୍ଷା କରାଯାଉ



ଏନ୍‌ଇଇଟି-ୟୁଜିରେ ଏକାଥରକେ ୬୭ଜଣ ର‌୍ୟାଙ୍କ-୧ ପାଇବାରୁ ଜଣାପଡୁଛି ଏଥିରେ ଅନିୟମିତା ହୋଇଛି। ଏତେ ସଂଖ୍ୟକ ପ୍ରଥମ ସ୍ଥାନରେ ରହିବା ପ୍ରଥମ ଘଟଣା। ପିଲା ଭଲ ସ୍କୋର୍ ରଖିଲେ ମଧ ର‌୍ୟାଙ୍କ ଭଲ ପାଇବେ ନାହିଁ। ଆଉ ମେଡିକାଲ କଲେଜରେ ସିଟ୍‌ର ବି ଅଭାବ ହେବ। ତେଣୁ ଆଉଥରେ ପରୀକ୍ଷା କରାଯାଇ ମେଧାବୀ ଛାତ୍ରୀଛାତ୍ର ପ୍ରତି ନ୍ୟାୟ ଦିଆଯାଉ। ତେବେ ଏଭଳି ଅନିୟମିତତା ପ୍ରଥମ ନୁହେଁ। ଏଥିପାଇଁ ର‌୍ୟାକେଟ ଚାଲୁଛି। ଏହି ପରୀକ୍ଷା ପାଇଁ ମୋ ପାଖକୁ ଗତ ଡିସେମ୍ବରରେ ଫୋନ ଆସିଥିଲା ଏବଂ ୮୦ଲକ୍ଷ ଟଙ୍କା ମଗାଯାଇଥିଲା। ମୋତେ କୁହାଯାଇଥିଲା, ‘ଆପଣଙ୍କର କିଏ ପିଲା ଅଛନ୍ତି କହିବେ ତାଙ୍କୁ ଆମେ ଭଲ ର‌୍ୟାଙ୍କ ଦେବୁ ଏବଂ ଭୁବନେଶ୍ୱର ଏମ୍ସରେ ବି ପଢ଼ିବାର ସୁଯୋଗ ଦେବୁ’। ମୁଁ କିନ୍ତୁ ରୋକଠୋକ ମନାକରିଥିଲି।

- ଆର୍. ଏନ୍. ପଣ୍ଡା, ଶିକ୍ଷାବିତ୍

# ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ ହେଉ: କଂଗ୍ରେସ





କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ଦଳର ନେତ୍ରୀ ପ୍ରିୟଙ୍କା ଗାନ୍ଧୀ।

**ନୂଆଦିଲ୍ଲୀ, ୭।୬**

ଏନ୍‌ଇଇଟି ପରୀକ୍ଷାରେ ହୋଇଥିବା ଅନିୟମିତତାର ଏକ ଉଚ୍ଚସ୍ତରୀୟ ତଦନ୍ତ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ କରାଯିବାକୁ କଂଗ୍ରେସ ଶୁକ୍ରବାର ଦାବି କରିଛି। ଭାଜପା ଯୁବବର୍ଗଙ୍କୁ ଠକିବା ସହ ସେମାନଙ୍କ ଭବିଷ୍ୟତ ସହ ଖେଳୁଛି ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଅଭିଯୋଗ କରିଛନ୍ତି। ପେପର ଲିକ୍, ରିଗିଂ ଏବଂ ଦୁର୍ନୀତି ଏନ୍‌ଇଇଟି ସମେତ ଅଧିକାଂଶ ପରୀକ୍ଷାର ଅବିଚ୍ଛେଦ୍ୟ ଅଙ୍ଗ ହୋଇଗଲାଣି। ଏଥିପାଇଁ ମୋଦି ସରକାର ଦାୟୀ ବୋଲି ଖାର୍ଗେ ଏକ୍ସ’ରେ ଲେଖିଛନ୍ତି। ନିଟ୍ ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀମାନଙ୍କୁ ନ୍ୟାୟ ଦେବାକୁ ହେଲେ ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ହେବା ଲାଗି ଆମେ ଦାବି କରୁଛୁ ବୋଲି କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି। ଲକ୍ଷ ଲକ୍ଷ ପିଲା ଦେଇଥିବା ପରୀକ୍ଷାରେ ଅନିୟମିତତା ଆଦୌ ଗ୍ରହଣୀୟ ନୁହେଁ ଏବଂ ଏହା କ୍ଷମାଯୋଗ୍ୟ ନୁହେଁ ବୋଲି କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି।

କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ପରୀକ୍ଷା ଅନିୟମିତତା ପାଇଁ ମୋଦି ସରକାରଙ୍କୁ ନିନ୍ଦା କରିଛନ୍ତି। ପ୍ରଥମେ ପ୍ରଶ୍ନପତ୍ର ଲିକ୍ ହେଲା। ଏବେ ରେଜଲ୍ଟରେ ଦୁର୍ନୀତି ହୋଇଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ତଦନ୍ତ ଜରିଆରେ ସେମାନଙ୍କ ବୈଧ ଅଭିଯୋଗର ସମାଧାନ କରାଯିବାକୁ ପ୍ରିୟଙ୍କା ଆହ୍ୱାନ ଦେଇଛନ୍ତି। ପରୀକ୍ଷାର୍ଥୀମାନଙ୍କ ଅଭିଯୋଗ ଅନୁଯାୟୀ, ୬୭ ଜଣଙ୍କୁ ୧୦୦ ପ୍ରତିଶତ ନମ୍ବର ଦିଆଯାଇ ସେମାନଙ୍କୁ ଶୀର୍ଷ ର‌୍ୟାଙ୍କ୍‌ରେ ରଖାଯାଇଛି, ଯେଉଁଥିରେ ଗୋଟିଏ ପରୀକ୍ଷା କେନ୍ଦ୍ରର ୬ ଜଣ ରହିଛନ୍ତି। ଅନ୍ୟପକ୍ଷରେ ପରୀକ୍ଷା ପରିଚାଳନାକାରୀ ସଂସ୍ଥା ଏନ୍‌ଟିଏ ଅନିୟମିତତା ଅଭିଯୋଗକୁ ଖଣ୍ଡନ କରିଛି। ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରେ ପରିବର୍ତ୍ତନ କରାଯାଇଥିଲା। ଏଥିସହିତ ପରୀକ୍ଷା କେନ୍ଦ୍ରରେ ପିଲାମାନେ ହରାଇଥିବା ସମୟ ପାଇଁ ଗ୍ରେସ୍ ମାର୍କ ଦିଆଯିବା ଯୋଗୁ କେତେଜଣ ପିଲା ଅଧିକ ନମ୍ବର ରହିଥିବା ଏନ୍‌ଟିଏ କହିଛି।

# ଡିପ୍ରେଶନରେ ଆତ୍ମହତ୍ୟା କଲେ ଛାତ୍ରୀ

ଏନ୍‌ଇଇଟି ପରୀକ୍ଷା ଫଳ ଆସିବା ପରେ ରାଜସ୍ଥାନ କୋଟାସ୍ଥିତ ଏକ କୋଚିଂ ସେଣ୍ଟରର ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ବାଗିଶା ତିୱାରୀ ନାମ୍ନୀ ଏହି ୧୮ ବର୍ଷୀୟା ଛାତ୍ରୀ ଜଣଙ୍କ କୋଟାସ୍ଥିତ ଜବାହରନଗରରେ ବର୍ଷେ ହେଲା ରହି ଏନ୍‌ଇଇଟି ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ। ତାଙ୍କ ଘର ମଧ୍ୟପ୍ରଦେଶର ରେୱା ଅଞ୍ଚଳରେ। ମଙ୍ଗଳବାର ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ବାଗିଶା ୭୨୦ରୁ ୩୨୦ ମର୍କ ରଖିଥିବା ଜାଣିବାକୁ ପାଇଥିଲେ। ଖରାପ ପ୍ରଦର୍ଶନକୁ ନେଇ ସେ ଭାଙ୍ଗିପଡ଼ିଥିଲେ। ଶେଷରେ ବୁଧବାର ସେ ରହୁଥିବା କୋଠା ଉପରୁ ତଳକୁ ଡେଇଁ ଆତ୍ମହତ୍ୟା କରିଥିଲେ। କୋଟାରେ କୋଚିଂ ନେଉଥିବା ଛାତ୍ରୀଛାତ୍ର ଆତ୍ମହତ୍ୟା କରିବା ଚଳିତ ବର୍ଷର ଏହା ଦଶମ ଘଟଣା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଗେଷ୍ଟ ହାଉସ୍ ପାଇଁ ଅଭିଜ୍ଞ କର୍ମଚାରୀ ଆବଶ୍ୟକ
- TOURIST CAR DRIVER (Innova Crysta) : 3 Nos.
- GUEST HOUSE INCHARGE : 2 Nos.
- FRONT OFFICE ASSISTANT: 1 No.
- SECURITY GUARD : 2 Nos.

(ATTRACTIVE SALARY WITH OTHER PERKS)
WALK-IN-INTERVIEW
at Residency 24x7, 13 West, Ashok Nagar, (Behind Khadi Niketan), BBSR (10AM to 5PM)
Contact: 7656915989

ମାର୍କେଟିଙ୍ଗ୍ ମ୍ୟାନେଜର ଆବଶ୍ୟକ
ମାର୍ବଲ ଏବଂ ସାନିଟାରି ଦୋକାନ ପାଇଁ ମାର୍କେଟିଙ୍ଗ୍ ପିଲା ଆବଶ୍ୟକ। ବୟସ : 20-35, ଦରମା - 15,000 to 20,000। ଅଭିଜ୍ଞତା ଥିଲେ ଅଗ୍ରାଧିକାର ମିଳିବ।
Mob - 8249410328

ଶିକ୍ଷକ ଆବଶ୍ୟକ
ଉଭୟ ଇଂରାଜୀ ଓ ଓଡ଼ିଆ ମାଧ୍ୟମ ବିଦ୍ୟାଳୟ, ଭୁବନେଶ୍ୱର ପାଇଁ ୧୦ଟି ଶିକ୍ଷକ ଆବଶ୍ୟକ।
ମୋ. ନଂ.: 7978084379, 9337119851

See Career Appointment on every Wednesday & Saturday

LCJ SILVER-LALCHAND JEWELLERS REQUIRES
SALES STAFF: 7Nos. For the Bhubaneswar Store.
Minimum Quali: +3 & 2 Years Retail Experience.
Send Resume at Mail ID: indramani_r@yahoo.com
or Call: 0674-2535555, 9776456453.

इंस्टीट्यूट ऑफ बैंकिंग पर्सोनेल सिलेक्शन®
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS
असेसमेंट में, हम पर भरोसा रखता है भारत
In assessment, India trusts us
Scan to visit Website

ସିଆର୍‌ପି ଆର୍‌ଆର୍‌ବିଏସ୍ XIII
ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆର୍‌ଆର୍‌ବିଏସ୍)ରେ ଅଫିସର୍ସ (ସ୍କେଲ୍- I, II ଓ III) ଏବଂ ଅଫିସ୍ ଆସିଷ୍ଟାଣ୍ଟ୍ସ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା
ୱେବ୍‌ସାଇଟ୍: www.ibps.in

କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି http://cgrs.ibps.in ରେ ଲଗ୍ ଇନ୍ କରନ୍ତୁ
ଆର୍‌ଆର୍‌ବିଗୁଡ଼ିକରେ ଗ୍ରୁପ୍ “ଏ” - ଅଫିସର୍ସ (ସ୍କେଲ୍-I, II ଓ III) ଏବଂ ଗ୍ରୁପ୍ “ବି” - ଅଫିସ୍ ଆସିଷ୍ଟାଣ୍ଟ୍ସ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ପାଇଁ ଆସନ୍ତା ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି ଆର୍‌ଆର୍‌ବିଏସ୍ XIII) ଲାଗି ଅନ୍‌ଲାଇନ୍ ପରୀକ୍ଷା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍ (ଆଇବିପିଏସ୍) ଦ୍ୱାରା ନିମ୍ନପ୍ରଦତ୍ତ ସମ୍ଭାବ୍ୟ ଅନୁସୂଚୀ ଅନୁଯାୟୀ ସଞ୍ଚାଳନ କରାଯିବ। ସମାନ ପ୍ରକ୍ରିୟା ଅଧୀନରେ ଗ୍ରୁପ୍ “ଏ” ଅଫିସର୍ସ (ସ୍କେଲ୍- I, II ଓ III)ଙ୍କ ନିଯୁକ୍ତି ଲାଗି ସାକ୍ଷାତ୍‌କାର ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ନାବାର୍ଡ ଏବଂ ଆଇବିପିଏସ୍ ସହାୟତାରେ ନୋଡାଲ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ସମ୍ଭବତଃ ନଭେମ୍ବର, ୨୦୨୪ରେ ସଂଯୋଜିତ ହେବ।
ସିଆର୍‌ପି ଆର୍‌ଆର୍‌ବିଏସ୍ - XIII ନିମନ୍ତେ ଆବେଦନ କରିବା ଲାଗି ଇଚ୍ଛୁକ ପ୍ରାର୍ଥୀମାନେ ଏହା ସୁନିଶ୍ଚିତ କରିନେବା ଆବଶ୍ୟକ ଯେ ସେମାନେ ନିର୍ଦ୍ଧାରିତ ତାରିଖରେ ଆଇବିପିଏସ୍ ଦ୍ୱାରା ଜାରି ଏବଂ ଆଇବିପିଏସ୍‌ର ପ୍ରାଧିକୃତ ୱେବ୍‌ସାଇଟ୍‌ରେ ସ୍ଥାନିତ କରାଯାଇଥିବା ବିସ୍ତୃତ ଅଧିସୂଚନାରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ ସର୍ବନିମ୍ନ ଯୋଗ୍ୟତା ପୂରଣ କରୁଥିବେ।

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ ଅନ୍‌ଲାଇନ୍ ପଞ୍ଜୀକରଣ ଏବଂ ଦରଖାସ୍ତ ଦେୟ/ଇଣ୍ଟିମେଶନ ଦେୟ ପୈଠ | ୦୭।୦୬।୨୦୨୪ରୁ ୨୭।୦୬।୨୦୨୪ |
| ପ୍ରାକ୍-ପରୀକ୍ଷା ତାଲିମ (ପିଇଟି) ସଞ୍ଚାଳନ ● | ୨୨।୦୭।୨୦୨୪ରୁ ୨୭।୦୭।୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି | ଅଗଷ୍ଟ, ୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ଫଳାଫଳ | ଅଗଷ୍ଟ/ସେପ୍ଟେମ୍ବର, ୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍/ସିଙ୍ଗଲ୍ | ସେପ୍ଟେମ୍ବର/ଅକ୍ଟୋବର, ୨୦୨୪ |

● ପିଇଟି ଅନ୍‌ଲାଇନ୍ ପଦ୍ଧତି କିମ୍ବା ଶାରୀରିକ ପଦ୍ଧତିରେ ସଞ୍ଚାଳିତ କରାଯାଇପାରେ।
ବିବରଣୀ ତଥା ଅପଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୦୭।୦୬।୨୦୨୪
ନିର୍ଦ୍ଦେଶକ



ନରେନ୍ଦ୍ର ମୋଦି ଏନ୍‌ଡିଏ ସଂସଦୀୟ ଦଳ ନେତା ନିର୍ବାଚିତ ହେବା ପରେ ନୂଆଦିଲ୍ଲୀରେ ଭାଜପାର ବର୍ଷୀୟାନ ନେତା ଏଲ୍‌.କେ. ଆଡ୍‌ଭାନୀଙ୍କୁ ଭେଟୁଛନ୍ତି।



## ମୋଦିଙ୍କୁ ଦହି ଖୁଆଇଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୭।୬

ଭାଜପା ନେତା ନରେନ୍ଦ୍ର ମୋଦି ଶୁକ୍ରବାର ଏନ୍‌ଡିଏ ସଂସଦୀୟ ଦଳ ନେତା ନିର୍ବାଚିତ ହେବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ କେନ୍ଦ୍ରରେ ସରକାର ଗଢ଼ିବା ପାଇଁ ଆନୁଷ୍ଠାନିକ ଭାବେ ଆମନ୍ତ୍ରଣ କରିଛନ୍ତି। ରବିବାର ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବାକୁ ଯାଉଥିବା ମୋଦିଙ୍କୁ ରାଷ୍ଟ୍ରପତି ଏହି ଅବସରରେ ମିଠାଦହି ଖୁଆଇଥିଲେ। କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାତକୁ ନେବା ପୂର୍ବରୁ ଦହି-ଚିନି ଖାଇବା ଭାରତୀୟ ସଂସ୍କୃତି ଅନୁଯାୟୀ ଶୁଭ ବିବେଚନା କରାଯାଇଥାଏ।

# ଯାଜପୁରରେ ପରିବାରବାଦ ରାଜନୀତି ବିଫଳ

ଯାଜପୁର,୭।୬(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାରେ ପରିବାରବାଦ ରାଜନୀତିକୁ ଭୋଟର ଏଥର ନାପସନ୍ଦ କରିଛନ୍ତି। ଫଳରେ ଚଳିତ ସାଧାରଣ ନିର୍ବାଚନରେ କୋରେଇ ଆସନରୁ ବିଜେଡିର ସନ୍ଧ୍ୟାରାଣୀ ଦାସ, ସୁକିନ୍ଦାରୁ ପ୍ରୀତିରଞ୍ଜନ ଘଡେଇ ଓ ଧର୍ମଶାଳାରୁ ପ୍ରଣବ ବଳବନ୍ତରାୟ ପରାଜିତ ହୋଇଛନ୍ତି। ଉତ୍ତରାଧିକାରୀ ଭାବେ ରାଜନୀତିକୁ ଆସିଥିବା ପ୍ରୀତିରଞ୍ଜନ ଓ ପ୍ରଣବ ପୂର୍ବରୁ ସଫଳ ହୋଇଥିବାବେଳେ ସନ୍ଧ୍ୟାରାଣୀ ଆରମ୍ଭରୁ ଭୋଟରଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିନାହାନ୍ତି।

ଯାଜପୁର ଜିଲା ଦାନଗଦି ଓ ସୁକିନ୍ଦା ବ୍ଲକକୁ ନେଇ ଗଠିତ ଖଣି ତଥା ଶିଳ୍ପ ସମୃଦ୍ଧ ସୁକିନ୍ଦା ନିର୍ବାଚନମଣ୍ଡଳୀରେ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ହେଲା ପ୍ରଫୁଲ୍ଲ ଘଡ଼େଇ ଏବଂ ତାଙ୍କ ପୁଅ ପ୍ରୀତିରଞ୍ଜନ ନିର୍ବାଚିତ ହୋଇ ଆସୁଥିଲେ। ଏପରି କି ବାପପୁଅ ଏକାଧିକ ମନ୍ତ୍ରୀ ପଦବୀ ପାଇଛନ୍ତି। ୩ ଦଶନ୍ଧି ମଧ୍ୟରେ ରାସ୍ତାଘାଟ, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ ଆଦି ସମସ୍ୟା ଲାଗି ରହିଛି। ଏହାବାଦ୍ ବିସ୍ଥାପିତଙ୍କୁ ଥଇଥାନ ଓ ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ ଦିଆଯାଇ ନାହିଁ। ଅଣଓଡ଼ିଆ ଯୁବତୀଯୁବକଙ୍କୁ ଏଠାକାର ବଡ଼ବଡ଼ ଖଣି ଓ ଶିଳ୍ପ ସଂସ୍ଥାରେ ପ୍ରାଧାନ୍ୟ ଦିଆଯାଇଛି। ଗତ ୧୦ ବର୍ଷ ମଧ୍ୟରେ କୌଣସି ନିର୍ବାଚିତ ଲୋକ ପ୍ରତିନିଧି ସ୍ଥାନୀୟ ନିଯୁକ୍ତି ସପକ୍ଷରେ ମୁହଁ ଖୋଲିନାହାନ୍ତି। ବରଂ ସେହି ଶିଳ୍ପ ଓ ଖଣି କର୍ତ୍ତୃପକ୍ଷଙ୍କ ସହଯୋଗୀ ହୋଇଛନ୍ତି। ଏହାର ବିରୋଧରେ ପ୍ରଭାବିତ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭିନ୍ନ ସମୟରେ ଆନ୍ଦୋଳନ, ଦାବି ହୋଇ ଆସୁଥିଲେ ହେଁ କେହି ସେମାନଙ୍କ ଦୁଃଖ ବୁଝିବାକୁ ଆଗଭର ହୋଇନାହାନ୍ତି। ଏହା ବେକାର ଯୁବତୀଯୁବକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ସୃଷ୍ଟି କରିଆସିଥିଲା। ତାହା ଭୋଟରେ ରୂପାନ୍ତର ହେବାରୁ ବିଜେଡି ପ୍ରାର୍ଥୀ ପ୍ରୀତିରଞ୍ଜନ ୯୫୭୭ ଭୋଟ ବ୍ୟବଧାନରେ ଭାଜପା ପ୍ରାର୍ଥୀ ପ୍ରଦୀପ ବଳସାମନ୍ତଙ୍କଠାରୁ ପରାସ୍ତ ହୋଇଛନ୍ତି ବୋଲି ଚର୍ଚ୍ଚା ହେଉଛି।

କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାୟ ୨ ଦଶନ୍ଧି ପରେ ଭାଜପା କ୍ଷମତାକୁ ଫେରିଛି। ୧୯୭୪ରୁ ୨୦୦୦ ପର୍ଯ୍ୟନ୍ତ ଏଠାରେ ଅଶୋକ ଦାସ ୬ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୧୯୯୩ରେ ଯାଜପୁର ଏକ ସ୍ୱତନ୍ତ୍ର ଜିଲା ମାନ୍ୟତା ପାଇଥିଲା। ଏହାପରେ ୨୦୦୯ରେ ଅଶୋକଙ୍କ ପୁଅ ପ୍ରଣବ ପ୍ରକାଶ ଦାସ(ବବି) ଯାଜପୁର ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ ହୋଇ ହ୍ୟାଟ୍ରିକ କରିଥିଲେ। ଚଳିତ ନିର୍ବାଚନରେ ସେ ବିଜେଡିରୁ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ହୋଇ ପରାଜିତ ହୋଇଛନ୍ତି। ଅନ୍ୟପକ୍ଷେ କୋରେଇରେ ଯେହେତୁ ତାଙ୍କ ପିତା ଦୀର୍ଘବର୍ଷ ଧରି ପ୍ରତିନିଧିତ୍ୱ କରିଥିଲେ, ସେହି ଦୃଷ୍ଟିରୁ ତାଙ୍କ ମାଆ ସନ୍ଧ୍ୟାରାଣୀଙ୍କୁ ବିଜେଡି ପ୍ରାର୍ଥୀ କରିଥିଲା। କିନ୍ତୁ କୋରେଇ ଭୋଟର ଏହାକୁ ଗ୍ରହଣ କରିନାହାନ୍ତି। କୋରେଇ ନିର୍ବାଚନମଣ୍ଡଳୀରେ ଥିବା ବ୍ୟାସନଗର ପୌରାଞ୍ଚଳର ବିକାଶ ଅତି ନଗଣ୍ୟ ହୋଇଥିବାରୁ ସହରବାସୀ ଭାଜପା ସପକ୍ଷରେ ଯାଇଥିବା କୁହାଯାଉଛି। ବ୍ୟାସନଗର ସହରରେ ଯେଉଁ କେତେକ ସରକାରୀ କାର୍ଯ୍ୟାଳୟ ରହିଛି ସେହିସବୁକୁ ପୁଣି ଥରେ ଯାଜପୁର ଟାଉନକୁ ଉଠାଇ ନିଆଯିବ ବୋଲି ସହରବାସୀ ଆଶଙ୍କା କରିଥିଲେ। ଏହି କ୍ରମରେ ଭାଜପା ପ୍ରାର୍ଥୀ ଆକାଶ ଦାସନାୟକ ୫୬୪୬ ଭୋଟ ବ୍ୟବଧାନରେ ସନ୍ଧ୍ୟାରାଣୀଙ୍କୁ ପରାସ୍ତ କରିଛନ୍ତି।

ଲଘୁ ଖଣିଜ ସମ୍ପଦରେ ଭରପୂର ଧର୍ମଶାଳା ବିଧାନସଭା ନିର୍ବାଚନମଣ୍ଡଳୀରେ ମଧ୍ୟ ପରିବାରବାଦ ରାଜନୀତି ଚାଲି ଆସିଥିଲା। ୧୯୯୫ରୁ ୨୦୧୪ ପର୍ଯ୍ୟନ୍ତ କଳ୍ପତରୁ ଦାସ ଲଗାତର ବିଧାୟକ ନିର୍ବାଚିତ ହୋଇଆସିଥିଲେ। ୨୦୧୨ରେ ସେ ପଞ୍ଚାୟତିରାଜ ମନ୍ତ୍ରୀ ହୋଇଥିଲେ। ଏହାପରେ ତାଙ୍କ ପୁତ୍ର ପ୍ରଣବ ବଳବନ୍ତରାୟ ୨୦୧୪ରୁ ବିଧାୟକ ନିର୍ବାଚିତ ହୋଇ ଆସିଥିବାବେଳେ ଏଥର ତାଙ୍କର ହ୍ୟାଟ୍ରିକ ଲକ୍ଷ୍ୟ ରହିଥିଲା। କିନ୍ତୁ ତାହା ପୂରଣ ହେଲା ନାହିଁ। ପ୍ରାୟ ୩ ଦଶନ୍ଧି ହେଲା ଏହି ନିର୍ବାଚନମଣ୍ଡଳୀର ବହୁ ମୂଲ୍ୟବାନ କଳାପଥର ଲୁଟ ହୋଇଥିବା ନେଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ ଓ ହାଇକୋର୍ଟରେ ଅଭିଯୋଗ ହୋଇଛି। ଏପରି କି ପ୍ରଶାସନ ପକ୍ଷରୁ ସାଟେଲାଇଟ୍ ମାପଚୁପ କରି ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଜରିମାନା ନିର୍ଦ୍ଦେଶ ହୋଇଛି। ହେଲେ ଏହି ପ୍ରକ୍ରିୟାରେ ୧୦ରୁ ଊର୍ଦ୍ଧ୍ୱ ରାଜନୈତିକ ପ୍ରଭାବଶାଳୀ ପଥର ବ୍ୟବସାୟୀଙ୍କୁ ଛାଡି ଦିଆଯାଇଥିବାରୁ ସରକାର ବିପୁଳ କୋଟି ଟଙ୍କାର ରାଜସ୍ୱ ହରାଇଥିଲେ ବୋଲି ଆଲୋଚନା ହୋଇଥିଲା। ଏହାକୁ ବିରୋଧୀ ମୁଖ୍ୟ ଅସ୍ତ୍ର କରି ନିର୍ବାଚନ ଲଢ଼ିଥିଲେ। ଏଥିରେ ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଶେଖର ସାହୁ ସଫଳତା ପାଇବା ସହ ସେ ୪୧୫୦ ଭୋଟ ବ୍ୟବଧାନରେ ବିଧାୟକ ପ୍ରଣବଙ୍କୁ ପରାଜିତ କରିଛନ୍ତି।

## ନୋଟାରୁ କମ୍ ଭୋଟ ପାଇଲେ ୭ ପ୍ରାର୍ଥୀ

ବଲାଙ୍ଗୀର, ୭।୬
(ବୀରେନ୍ଦ୍ର କୁମାର ଝାଙ୍କର)

**ବଲାଙ୍ଗୀର ଲୋକ ସଭା ନିର୍ବାଚନମଣ୍ଡଳୀ**
■ନୋଟାରେ ପଡିଲା ୧୬,୦୬୪ ଖଣ୍ଡ ଭୋଟ

ସଦ୍ୟ ସମାପ୍ତ ସାଧାରଣ ନିର୍ବାଚନ ଫଳାଫଳ ବହୁ ଦିଗରୁ ପ୍ରାର୍ଥୀ, କର୍ମୀ ଏବଂ ସମର୍ଥକଙ୍କୁ ଚକିତ କରିଛି। ଲୋକ ସଭା ଓ ବିଧାନସଭା ନିର୍ବାଚନରେ ଭାଜପାର ଅବିଶ୍ୱସନୀୟ ବିଜୟ ଘଟିଛି। ବଲାଙ୍ଗୀର ଲୋକ ସଭା ଆସନ ଅକ୍ତିଆର କରିବା ସହ ୭ଟି ବିଧାନସଭାରୁ ୫ଟି ଆସନ ଭାଜପା ପ୍ରାର୍ଥୀ ହାତେଇଛନ୍ତି। ଦୁଇଟି ଆସନ ବିଜେଡିକୁ ମିଳିଛି। କଂଗ୍ରେସ ପ୍ରାର୍ଥୀ ସମସ୍ତ ଆସନ ହରାଇଛନ୍ତି। ବଲାଙ୍ଗୀର ଲୋକ ସଭା ଆସନରେ ଭାଜପା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ ରେକର୍ଡ ୫ ଥର ବିଜୟୀ ହୋଇଛନ୍ତି। ସେ ସମୁଦାୟ ୬,୧୭,୭୪୪ ଖଣ୍ଡ ଭୋଟ ପାଇଛନ୍ତି। ସେ ବିଜେଡି ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କ ଠାରୁ ୧,୩୨,୬୬୪ ଖଣ୍ଡ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ବିଜେଡି ପ୍ରାର୍ଥୀ ସୁରେନ୍ଦ୍ର ୪,୮୫,୦୮୦ ଖଣ୍ଡ ଭୋଟ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ମନୋଜ ମିଶ୍ର ୨,୩୦,୮୭୪ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ।

ଚଳିତ ଲୋକ ସଭା ନିର୍ବାଚନରେ ବଲାଙ୍ଗୀର ଆସନରୁ ୧୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ତିନି ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ଦଳ ପ୍ରାର୍ଥୀଙ୍କୁ ବାଦ୍ ଦେଲେ ଅନ୍ୟ ୭ ଜଣ ପ୍ରାର୍ଥୀଙ୍କ ଭୋଟ ସଂଖ୍ୟା ନିରାଶାଜନକ ରହିଛି। ବଲାଙ୍ଗୀର ଲୋକ ସଭା ଆସନରେ ନନ୍ ଅଫ୍ ଦି ଏବଭ୍ (ନୋଟା)ରେ ୧୬,୦୬୪ ଖଣ୍ଡ ଭୋଟ ପଡିଛି। ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ତିନି ପ୍ରମୁଖ ଦଳ ପ୍ରାର୍ଥୀ ସଙ୍ଗୀତା, ସୁରେନ୍ଦ୍ର ଓ ମନୋଜଙ୍କୁ ଛାଡ଼ିଦେଲେ ଅନ୍ୟ ୭ ଜଣ ପ୍ରାର୍ଥୀଙ୍କୁ ନୋଟାରେ ପଡିଥିବା ଭୋଟଠାରୁ ଢେର କମ୍ ଭୋଟ ମିଳିଛି। ବଲାଙ୍ଗୀର ଲୋକ ସଭା ଆସନରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି ପ୍ରାର୍ଥୀ ଭାବେ ଯୁବ ସଙ୍ଗଠକ ସୁନୀଲ କୁମାର ଭୋଇ ପ୍ରାର୍ଥୀ ହୋଇଥିଲେ। ତାଙ୍କୁ ୧୦,୩୫୫ ଖଣ୍ଡ ଭୋଟ ମିଳିଛି। ସେ ଚତୁର୍ଥ ସ୍ଥାନରେ ରହିଛନ୍ତି। ବହୁଜନ ସମାଜ ପାର୍ଟି ତରଫରୁ ଜଗଦୀଶ ଚନ୍ଦ୍ର ବିଭାର ପ୍ରାର୍ଥୀ ହୋଇଥିଲେ। ତାଙ୍କୁ ୯,୪୬୯ ଖଣ୍ଡ ଭୋଟ ମିଳିଛି। ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିବା ବଳରାମ ସିଂ ଯାଦବଙ୍କୁ ୮,୬୭୪ ଖଣ୍ଡ ଭୋଟ ମିଳିଛି। ଆମ୍ବେଦକ୍ରାଇଟ୍ ପାର୍ଟି ଅଫ୍ ଇଣ୍ଡିଆ ପ୍ରାର୍ଥୀ ମଧୁସୂଦନ ବାରିକଙ୍କୁ ୭,୨୫୨ ଖଣ୍ଡ ଭୋଟ ମିଳିଛି। ସ୍ୱାଧୀନ ପ୍ରାର୍ଥୀ ବଳରାମ ସା ୬,୦୯୭ ଖଣ୍ଡ ଭୋଟ ପାଇଛନ୍ତି। ନ୍ୟାଶନାଲ ଅପନି ପାର୍ଟି ପ୍ରାର୍ଥୀ ଅକ୍ଷୟ ଦିଶ୍ରୀ ୫,୪୬୯ ଖଣ୍ଡ ଭୋଟ ପାଇଛନ୍ତି। ଏକମ୍ ସନାତନ ଭାରତ ଦଳ ପ୍ରାର୍ଥୀ ରାଜେଶ କୁମାର ପଣ୍ଡା ସବୁଠୁ କମ୍ ୩,୧୭୦ ଖଣ୍ଡ ଭୋଟ ପାଇଛନ୍ତି। ଏହି ୭ ଜଣ ପ୍ରାର୍ଥୀ ନୋଟାରୁ ମଧ୍ୟ କମ୍ ଭୋଟ ପାଇଛନ୍ତି। ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାକୁ ନେଇ ଗଠିତ ବଲାଙ୍ଗୀର ଲୋକ ସଭା ଆସନ ଅନ୍ତର୍ଗତ ୭ଟି ବିଧାନସଭା ଆସନରୁ କଣ୍ଟାବାଞ୍ଜି ଆସନରେ ୧,୬୪୯ ଖଣ୍ଡ ଭୋଟ ନୋଟାରେ ପଡିଛି। ସେହିପରି ପାଟଣାଗଡ଼ରେ ୨,୪୬୦ ଖଣ୍ଡ, ବଲାଙ୍ଗୀରରେ ୧୫୫୬ ଖଣ୍ଡ, ଲୋଇସିଂହାରେ ୨,୧୬୦ ଖଣ୍ଡ, ଟିଟିଲାଗଡରେ ୨,୨୯୦ ଖଣ୍ଡ, ସୋନପୁରରେ ୧,୯୦୫ ଖଣ୍ଡ ଓ ବୀରମହାରାଜପୁର ଆସନରେ ୧,୫୫୯ ଖଣ୍ଡ ଭୋଟ୍ ନୋଟାରେ ପଡିଛି।

# ବିଜେଡି ହାରିବାରୁ ୪ କି.ମି. ଗଡ଼ିଲେ

## ମାନସିକ ପୂରଣ କଲେ ଜଗନ୍ନାଥ

ନୟାଗଡ଼/ରଣପୁର,୭।୬(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ମହାପ୍ରଭୁ ଶ୍ରୀଜଗନ୍ନାଥ ମାନସିକ ପୂରଣ କରି ବିଜେଡିକୁ ଓଡ଼ିଶାରେ ପରାଜିତ କରିବା ପରେ ଡହ ଡହ ଖରାରେ ୪ କିମି ରାସ୍ତାରେ ଗଡ଼ି ଗଡ଼ି ଜଣେ ଯୁବକ ଯାଇଛନ୍ତି। ଏଭଳି ଘଟଣା ନୟାଗଡ଼ ଜିଲା ରଣପୁର ଏନ୍‌ଏସିରେ ଶୁକ୍ରବାର ଚର୍ଚ୍ଚାର ବିଷୟ ପାଲଟିଛି। ରଣପୁର ଏନ୍‌ଏସି ୨ ନମ୍ବର ୱାର୍ଡ ସାନଗଡ଼ ଭିତରସାହିର କେତନ ପ୍ରଧାନଙ୍କ ପୁଅ ତ୍ରିନାଥ (୩୪) ରଣପୁରର ଜଗନ୍ନାଥଙ୍କ ନିକଟରେ ମନାସିଥିଲେ ବିଜେଡ ପରାସ୍ତ ହେଲେ ଘରଠାରୁ ମନ୍ଦିର ପର୍ଯ୍ୟନ୍ତ ଖରାରେ ଗଡ଼ି ଗଡ଼ି ଯିବେ। ମାନସିକ ପୂରଣ ପରେ ଶୁକ୍ରବାର ନିଜ ଘରଠାରୁ ୪ କିମି ରାସ୍ତାରେ ରଣପୁର ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ତ୍ରିନାଥ ଗଡ଼ି ଗଡ଼ି ଯାଇଥିଲେ। ଠାକୁରଙ୍କୁ ଦର୍ଶନ କରି ନିଜକୁ ଧନ୍ୟ ମନେ କରିଛନ୍ତି। ୪ କିମି ରାସ୍ତା ଯିବାକୁ ତାଙ୍କୁ ୫ ଘଣ୍ଟା



ଖରାରେ ତ୍ରିନାଥ ରାସ୍ତାରେ ଗଡ଼ିଗଡ଼ି ଜଗନ୍ନାଥ ମନ୍ଦିରକୁ ଯାଉଛନ୍ତି।

ଲାଗିଥିଲା। ଏହି ସମୟରେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ ଉପାଧ୍ୟକ୍ଷ ପ୍ରିୟବ୍ରତ ପ୍ରହରାଜ ଉପସ୍ଥିତ ଥିଲେ। ତ୍ରିନାଥ କହିଛନ୍ତି, ମାନସିକ ପୂରଣ ହୋଇଥିବାରୁ ଏଭଳି କରିଛନ୍ତି। ସେ ଜଣେ ଗରିବ ଶ୍ରେଣୀର ଲୋକ। ସ୍ଥାନୀୟ ବିଜେଡିର ନେତା, କର୍ମୀ ତାଙ୍କୁ ଓ ତାଙ୍କ ପରିବାରକୁ ବିଭିନ୍ନ ସମୟରେ ହଇରାଣ କରୁଥିଲେ। ତାଙ୍କ ପରି ଗରିବଙ୍କୁ ସବୁ ସରକାରୀ ଯୋଜନାରୁ ବଞ୍ଚିତ କରାଇଲେ। ଏପରି କି ନିର୍ଯାତନା ଦେଇ ଗାଁରେ ବାସନ୍ଦ କରାଇ ଏକଘରିଆ କରି ରଖିଥିଲେ। ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଖବରପାଇ ରଣପୁର ଭାଜପା ନେତ୍ରୀ ସୁରମା ପାଢ଼ୀ ତାଙ୍କ ଘରକୁ ଯାଇ ସେତେବେଳେ ସହଯୋଗର ହାତ ବଢାଇଥିଲେ। ପରେ ତ୍ରିନାଥ ମାନସିକ କରିଥିଲେ କି, ବିଜେଡି ସରକାର ହଟି ରାଜ୍ୟରେ ଭାଜପା ସରକାର ଆସିଲେ ଗଡ଼ି ଗଡ଼ି ରଣପୁର ଜଗନ୍ନାଥ ମନ୍ଦିରକୁ ଯିବେ, ଯାହାକି ପୂରଣ ହୋଇଥିବାରୁ ସେ ଖୁସିବ୍ୟକ୍ତ କରିଛନ୍ତି।

## ୬ ବର୍ଷ ପାଇଁ କଟକ ଜିଲା କଂଗ୍ରେସ ସଭାପତି ବହିଷ୍କୃତ

ଭୁବନେଶ୍ୱର,୭।୬(ଅନିଲ ଦାସ)

କଟକ ଜିଲା କଂଗ୍ରେସ ସଭାପତି ମାନସ ରଞ୍ଜନ ଚୌଧୁରୀଙ୍କୁ ଶୁକ୍ରବାର ଦଳରୁ ୬ ବର୍ଷ ପାଇଁ ବହିଷ୍କାର କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅନୁମୋଦନ କ୍ରମେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ତାଙ୍କୁ ବହିଷ୍କାର କରିଛନ୍ତି। ଏ ନେଇ ପିସିସି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ବହିଷ୍କୃତ ପରେ ମାନସ କଂଗ୍ରେସ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ ଗତ ୩୦ ବର୍ଷ ଧରି କଂଗ୍ରେସର ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟକରି ଆସୁଥିଲେ। ଦଳର କାର୍ଯ୍ୟାନୁଷ୍ଠାନ ତାଙ୍କୁ ଆଶ୍ଚର୍ଯ୍ୟ କରିଛି। ନିଜ ଦୋଷକୁ ଘୋଡ଼ାଇବାକୁ ଯାଇ ପିସିସି ସଭାପତି ତାଙ୍କୁ ଦଳରୁ ବହିଷ୍କାର କରିଛନ୍ତି। ଦଳୀୟ ପ୍ରାର୍ଥୀ ଓ କର୍ମୀଙ୍କ ପାଇଁ ମୁହଁ ଖୋଲି ଯଦି ବହିଷ୍କାର ହେବାକୁ ପଡୁଛି, ତେବେ ସେ ଏଭଳି କାର୍ଯ୍ୟ ବାରମ୍ବାର କରିବେ ବୋଲି ମାନସ କହିଛନ୍ତି।

## ଓଟିଡିସି ଅଧ୍ୟକ୍ଷ ଲେନିନ୍ ମହାନ୍ତି ଇସ୍ତଫା ଦେଲେ

ଭୁବନେଶ୍ୱର,୭।୬(ଶର୍ମିଷ୍ଠା ପାଣିଗ୍ରାହୀ)



ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି)ର ଅଧ୍ୟକ୍ଷ ଲେନିନ୍ ମହାନ୍ତି ତାଙ୍କ ପଦବୀରୁ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ସେ ୨୦୨୨ ମସିହାରେ ଅଧ୍ୟକ୍ଷ ପଦରେ ଅବସ୍ଥାପିତ ହୋଇଥିଲେ। ଏଥିସହ ମହାନ୍ତି ବିଜୁ ଜନତା ଦଳର ମୁଖପାତ୍ର ଅଛନ୍ତି। ଗତ ୪ ତାରିଖରେ ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରେ ସେ ଓଟିଡିସି ଅଧ୍ୟକ୍ଷ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ଏ ନେଇ ମହାନ୍ତି କହିଛନ୍ତି, ସରକାର ପରିବର୍ତ୍ତନ ହେବା ଏକ ସ୍ୱାଭାବିକ ପ୍ରକ୍ରିୟା। ପର୍ଯ୍ୟଟନ କ୍ଷେତ୍ରରେ ଏକ ରୂପାନ୍ତରୀକରଣ ହେବା ଆମେ ସମସ୍ତେ ଦେଖିଛୁ। ସମସ୍ତଙ୍କ ସହଯୋଗରେ ୪୦ବର୍ଷର ପେଣ୍ଡିଙ୍ଗ କାମକୁ ମୋ କାର୍ଯ୍ୟକାଳ ମଧ୍ୟରେ ଶେଷ କରିବାକୁ ଆମେ ସମସ୍ତେ ଚେଷ୍ଟା କରିଛୁ। ପଦବୀରୁ ଇସ୍ତଫା ଦେଲେ ମଧ୍ୟ ଓଡ଼ିଶା ଲୋକଙ୍କ ପାଇଁ ମୋ ନେତା ନବୀନ ପଟ୍ଟନାୟକଙ୍କ ସହ ରହି ଆଗାମୀ ଦିନରେ କାମ କରିବେ ବୋଲି ଲେନିନ୍ କହିଛନ୍ତି।

## ପ୍ରଶାନ୍ତ ଜଗଦ୍ଦେବଙ୍କୁ ୩ ଦିନ ଅନ୍ତରୀଣ ଜାମିନ

ଖୋର୍ଦ୍ଧା,୭।୬(ପ୍ରଭାତ ପାଣିଗ୍ରାହୀ)

**ଇଭିଏମ୍ ଭଙ୍ଗାରୁଜା ମାମଲା**

ଇଭିଏମ୍ ଭଙ୍ଗାରୁଜା ମାମଲାରେ ଖୋର୍ଦ୍ଧାର ନବନିର୍ବାଚିତ ଭାଜପା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ୩ ଦିନିଆ ଅନ୍ତରୀଣ ଜାମିନ ମିଳିଛି। ଶୁକ୍ରବାର ଖୋର୍ଦ୍ଧାର ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ) ଅଜୟ ପ୍ରଧାନ ଏହି ଜାମିନ ମଞ୍ଜୁର କରିଛନ୍ତି।

ଆସନ୍ତା ୧୦ ତାରିଖରେ ଭାଜପା ରାଜ୍ୟରେ ସରକାର ଗଢ଼ିବା ପାଇଁ ଶପଥ ଗ୍ରହଣ କରିବ। ଶପଥ ଗ୍ରହଣ କାର୍ଯ୍ୟକ୍ରମ, ପୁତୁରାଙ୍କ ଶୁଦ୍ଧିକ୍ରିୟାରେ ଯୋଗଦାନ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟାକୁ ନେଇ ପ୍ରଶାନ୍ତଙ୍କୁ ଜାମିନ ଦେବା ପାଇଁ ତାଙ୍କର ବରିଷ୍ଠ ଓକିଲ ପ୍ରଭାତ ଦାସ ଗୁରୁବାର ଏଡିଜେ-୧ଙ୍କ କୋର୍ଟରେ ମଧ୍ୟବର୍ତ୍ତିକାଳୀନ (ଅନ୍ତରୀଣ) ଜାମିନ ପାଇଁ ଆବେଦନ କରିଥିଲେ। ଶୁକ୍ରବାର କୋର୍ଟ ଏହାର ଶୁଣାଣି କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ଉଲ୍ଲେଖଥାଉକି, ଗତ ୩୧ତାରିଖରେ ଏଡିଜେ-୨ୟ ପ୍ରଶାନ୍ତଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ।

ସୂଚନାଯୋଗ୍ୟ, ଗତ ୨୫ ତାରିଖରେ ବୋଲଗଡ଼ ବ୍ଲକ କାଉଁରୀପାଟଣା ମତଦାନ କେନ୍ଦ୍ରରେ ଇଭିଏମ୍ ଭାଙ୍ଗିବା, ଗଣ୍ଡଗୋଳ, ପ୍ରିଜାଇଡିଂ ଅଫିସରଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ପ୍ରଶାନ୍ତ ଗିରଫ ହୋଇ ଜେଲ ଯାଇଥିଲେ। ଜେଲରେ ସେ ଅସୁସ୍ଥ ହୋଇପଡ଼ିବାରୁ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୨୮ ତାରିଖରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପ୍ରଶାନ୍ତଙ୍କ ଶରୀରରେ ମଧୁମେହ ସ୍ତର ବଢ଼ିଯାଇ ରକ୍ତଚାପ ବୃଦ୍ଧି ପାଇଥିବା ପରୀକ୍ଷାରୁ ଜଣାପଡ଼ିଥିଲା। ତାଙ୍କୁ ଅଧିକ ଚିକିତ୍ସା ପାଇଁ ୨୯ ତାରିଖରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେହିଦିନଠାରୁ ଏସ୍‌ସିବିରେ ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ତାଙ୍କର ଚିକିତ୍ସା ଜାରି ରହିଛି।

## ଜିତିଛନ୍ତି ବିଜେଡି ପ୍ରାର୍ଥୀ, କମିଛି ଭୋଟ

ହାଟଡ଼ିହୀ, ୭।୬(ଶୁଭକାନ୍ତ ନାୟକ)

**ଆନନ୍ଦପୁର ବିଧାନସଭା ନିର୍ବାଚନମଣ୍ଡଳୀ**

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ବିଜୟଲାଭ କରିଛନ୍ତି। ସେ ୭୧ ହଜାର ୬୫୧ ଖଣ୍ଡ ଭୋଟ ପାଇଛନ୍ତି। ମାତ୍ର ଏଠାରେ ପୂର୍ବ ନିର୍ବାଚନ ଅପେକ୍ଷା ଦଳର ଭୋଟହାର ହ୍ରାସ ପାଇଛି। ଅନ୍ୟପକ୍ଷରେ କଂଗ୍ରେସ ଓ ଭାଜପାର ଭୋଟ ପରିମାଣ ବଢ଼ିଥିବା ପରିଲକ୍ଷିତ ହୋଇଛି।

ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ସଦ୍ୟ ସମାପ୍ତ ନିର୍ବାଚନରେ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ପୂର୍ବ ୩ ବିଧାନସଭା ନିର୍ବାଚନରେ ବିଜେଡି ଏଠାରେ କ୍ରମାଗତ ଭାବେ ବିଜୟୀ ହୋଇ ଆସୁଥିବା ବେଳେ ଏଥର ବି ଗଡ଼ ଦଖଲ କରିଛି। ମାତ୍ର ୨୦୧୯ ନିର୍ବାଚନଠାରୁ କଂଗ୍ରେସ, ଭାଜପା ଅଧିକ ସକ୍ରିୟ ହୋଇ ନିଜର ଭୋଟ ପରିମାଣକୁ ଯଥେଷ୍ଟ ବୃଦ୍ଧି କରିଛନ୍ତି, ଯାହାକି ଏଥର ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହେଉଛି। ୨୦୧୯ରେ କଂଗ୍ରେସକୁ ୪୫ ହଜାର ୬୫୭ ଖଣ୍ଡ, ବିଜେଡିକୁ ୮୯ ହଜାର ୮୫୦ ଏବଂ ଭାଜପାକୁ ୩୧ ହଜାର ୫୫୪ ଖଣ୍ଡ ଭୋଟ ମିଳିଥିଲା। ନୋଟା ଭୋଟ ସଂଖ୍ୟା ୧ ହଜାର ୨୯ ଖଣ୍ଡ ଥିଲା। ୨୦୨୪ ନିର୍ବାଚନରେ ମୋଟ ୧ ଲକ୍ଷ ୮୦ ହଜାର ୫୯୯ ଜଣ ଭୋଟ ଦେଇଥିଲେ। ପୋଷ୍ଟାଲ ଭୋଟ ଦେଇଥିବା ୫୧୪ ଜଣଙ୍କ ମଧ୍ୟରୁ କଂଗ୍ରେସକୁ ସର୍ବାଧିକ ୧୯୪ ଖଣ୍ଡ, ଭାଜପାକୁ ୧୬୩ ଖଣ୍ଡ, ବିଜେଡିକୁ ୧୩୫ ଖଣ୍ଡ, ଅନ୍ୟାନ୍ୟକୁ ୨୦ ଖଣ୍ଡ ଭୋଟ ମିଳିଥିଲା। ତେବେ ଇଭିଏମ୍ ଏବଂ ପୋଷ୍ଟାଲ ଭୋଟକୁ ମିଶାଇ କଂଗ୍ରେସକୁ ଏଥର ୬୦ ହଜାର ୬୮୫ ଖଣ୍ଡ, ବିଜେଡିକୁ ୭୧ ହଜାର ୬୫୧ ଖଣ୍ଡ, ଭାଜପାକୁ ୪୨ ହଜାର ୫୯୧ ଖଣ୍ଡ ଭୋଟ ମିଳିଛି। ନୋଟାକୁ ୧ ହଜାର ୬୦୫ ଖଣ୍ଡ ଭୋଟ ମିଳିଥିଲା। ଅପରପକ୍ଷେ ଲୋକ ସଭା କ୍ଷେତ୍ରରେ ନିର୍ବାଚନକୁ ଲକ୍ଷ୍ୟକଲେ ୨୦୧୪ ଏବଂ ୨୦୧୯ ନିର୍ବାଚନରେ ବିଜେଡି ବିଜୟୀ ହୋଇଥିବା ବେଳେ ୨୦୨୪ ନିର୍ବାଚନରେ ଭାଜପା ବିଜୟୀ ହୋଇଛି। ସୂଚନାଯୋଗ୍ୟ, ୨୦୧୯ରେ ଜିଲାରେ ୬ଟି ବିଧାନସଭା କ୍ଷେତ୍ରରୁ ୫ଟିରେ ବିଜେଡି ବିଜୟୀ ହୋଇଥିଲା। ଲୋକ ସଭା ଆସନ ମଧ୍ୟ ବିଜେଡି ହାତେଇଥିଲା। ୨୦୨୪ରେ ୩ ବିଧାନସଭା ଆସନରେ ବିଜେଡି ଏବଂ ୩ଟିରେ ଭାଜପା ବିଜୟୀ ହୋଇଛି। ଲୋକ ସଭା ଆସନ ଭାଜପା ହାତକୁ ଯାଇଛି।

## ରୁଷିଆ: ୪ ଭାରତୀୟ ଡାକ୍ତରୀ ଛାତ୍ରୀଛାତ୍ର ନଦୀରେ ବୁଡ଼ିଗଲେ

**ନୂଆଦିଲ୍ଲୀ,୭।୬:** ରୁଷିଆର ସେଣ୍ଟ ପିଟର୍ସବର୍ଗ ନିକଟରେ ଥିବା ଏକ ନଦୀରେ ୪ ଜଣ ଭାରତୀୟ ଡାକ୍ତରୀ ଛାତ୍ରୀଛାତ୍ର ବୁଡ଼ିଯାଇଥିବାବେଳେ ଜଣଙ୍କୁ ଉଦ୍ଧାର କରାଯାଇଛି। ବୁଡ଼ିଯାଇଥିବା ପିଲାମାନଙ୍କ ମୃତଦେହ ସେମାନଙ୍କ ପରିବାରକୁ ପଠାଇବା ପାଇଁ ରୁଷିଆରେ ଥିବା ଭାରତୀୟ ମିଶନ ପକ୍ଷରୁ ଉଦ୍ୟମ ଚାଲିଛି। ମୃତକଙ୍କ ମଧ୍ୟରେ ୨ ଜଣ ଛାତ୍ର ଓ ୨ ଛାତ୍ରୀ ଥିବାବେଳେ ସେମାନଙ୍କ ବୟସ ୧୮ରୁ ୨୦ ବର୍ଷ ମଧ୍ୟରେ। ସେମାନେ ନୋଭଗୋରୋଡ ଷ୍ଟେଟ୍ ୟୁନିଭର୍ସିଟିରେ ପଢୁଥିଲେ। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ,ଜଣେ ଭାରତୀୟ ଛାତ୍ରୀ ଭୋଲ୍‌ଖୋଭ୍ ନଦୀରେ ବୁଡ଼ିଯାଉଥିବା ଦେଖି ତାଙ୍କୁ ବଞ୍ଚାଇବାକୁ ଅନ୍ୟ ୪ ଛାତ୍ରୀଛାତ୍ର ଯାଇଥିଲେ ଓ ସମସ୍ତେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଜଣକୁ ଉଦ୍ଧାର କରିଥିଲେ।

## ଭାରତ ସମେତ ୧୧ ଦେଶରୁ ରାଷ୍ଟ୍ରଦୂତ ଫେରାଇନେଲା ନେପାଳ

କାଠମାଣ୍ଡୁ,୭।୬

ନେପାଳ ସରକାର ଭାରତ, ଆମେରିକା ସମେତ ୧୧ ଦେଶରୁ ଏହାର ରାଷ୍ଟ୍ରଦୂତମାନଙ୍କୁ ପ୍ରତ୍ୟାହାର କରିନେଇଛି। ନେପାଳ ଉପମୁଖ୍ୟମନ୍ତ୍ରୀ ଏବଂ ବହିର୍ବ୍ୟାପାର ମନ୍ତ୍ରୀ କାଜି ଶ୍ରେଷ୍ଠଙ୍କ ଦୃଢ଼ ପ୍ରତିବାଦ ସତ୍ତ୍ୱେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପକମଲ ଦହଲ 'ପ୍ରଚଣ୍ଡ' ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ଲାଗି ରବିବାର ନୂଆଦିଲ୍ଲୀ ଆସିବାକୁ ଥିବାବେଳେ ଏହା ପୂର୍ବରୁ ରାଷ୍ଟ୍ରଦୂତଙ୍କୁ ଫେରାଇ ନିଆଯାଇଛି। ପ୍ରତ୍ୟାହୃତ ହୋଇଥିବା ରାଷ୍ଟ୍ରଦୂତମାନେ ନେପାଳୀ କଂଗ୍ରେସ କୋଟାରେ ନିଯୁକ୍ତି ପାଇଥିଲେ। ଏହି ଦଳ ପ୍ରଚଣ୍ଡଙ୍କ ମେଣ୍ଟରୁ ଓହରିଯାଇ କେ.ପି. ଶର୍ମା ଓଲିଙ୍କ ସହ ହାତ ମିଳାଇଥିବାରୁ ଉକ୍ତ ରାଷ୍ଟ୍ରଦୂତମାନଙ୍କୁ ଫେରାଇ ନିଆଯାଇଛି।



ରାଫାହରେ ଇସ୍ରାଏଲୀ ସେନାର ଆକ୍ରମଣ ଜାରି ରହିଥିବାବେଳେ ସେଠାରେ ଆଶ୍ରୟ ନେଇଥିବା ଲୋକେ ଆସବାବପତ୍ର ଧରି ପଳାୟନ କରୁଛନ୍ତି।

## ୯-୧୦ରେ ଦିଲ୍ଲୀ ଆକାଶରେ ଉଡ଼ିବନି ବିମାନ

ନୂଆଦିଲ୍ଲୀ,୭।୬

ଏନ୍‌ଡିଏ ନେତା ଜୁନ୍ ୯ରେ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବାକୁ ଯାଉଛନ୍ତି। ଏଥିପାଇଁ ସୁରକ୍ଷା ଦୃଷ୍ଟିରୁ ୯ ଓ ୧୦ ତାରିଖ ଦୁଇଦିନ ଧରି ଜାତୀୟ ରାଜଧାନୀ ଦିଲ୍ଲୀକୁ 'ନୋ ଫ୍ଲାଇଂ ଜୋନ୍' ଘୋଷଣା କରାଯାଇଛି। ଦିଲ୍ଲୀ ପୋଲିସ କମିଶନର ସଞ୍ଜୟ ଆରୋରା ଶୁକ୍ରବାର ରାତିରେ ଏ ସମ୍ପର୍କିତ ପ୍ରୋହିବିଟୋରି ଅର୍ଡର ଜାରି କରି ସୂଚନା ଦେଇଛନ୍ତି। ଆରୋରା କହିଛନ୍ତି, କେତେଜଣ ନିର୍ଦ୍ଦିଷ୍ଟ ଅପରାଧୀ ସମାଜ ବିରୋଧୀ ତତ୍ତ୍ୱ ଏବଂ ଆତଙ୍କବାଦୀ ଭାରତ ଓ ଦେଶର ସାଧାରଣ ଜନତାଙ୍କ ସୁରକ୍ଷା ପ୍ରତି ବିପଦ ସାଜିପାରନ୍ତି। ତେଣୁ ସିଆର୍‌ପିସି ଧାରା ୧୪୪ ଅନୁଯାୟୀ ଏଭଳି ସୁରକ୍ଷାଗତ ପଦକ୍ଷେପ ନିଆଯାଇଛି।

## ଲାଲୁଙ୍କ ନାଁରେ ଚୂଡ଼ାନ୍ତ ଚାର୍ଜଶିଟ୍

ନୂଆଦିଲ୍ଲୀ,୭।୬

### ନିଯୁକ୍ତି ପାଇଁ ଜମି ଦୁର୍ନୀତି ମାମଲା



ରେଲ୍‌ୱେରେ ନିଯୁକ୍ତି ପାଇଁ ଜମି ଦୁର୍ନୀତି ମାମଲାରେ ପୂର୍ବତନ ରେଳମନ୍ତ୍ରୀ ଲାଲୁ ଯାଦବଙ୍କ ବିରୋଧରେ ସିବିଆଇ ଶୁକ୍ରବାର ଚୂଡ଼ାନ୍ତ ଚାର୍ଜଶିଟ୍ ଦାଖଲ କରିଛି। ସ୍ୱତନ୍ତ୍ର କୋର୍ଟରେ ଦାଖଲ ହୋଇଥିବା ଏହି ଅଭିଯୋଗପତ୍ରରେ ରେଲୱେର ସବୁ ଜୋନ୍‌ରେ ଦିଆଯାଇଥିବା ନିଯୁକ୍ତିରେ ଦୁର୍ନୀତି ନେଇ ଅଭିଯୋଗ ହୋଇଛି। ଲାଲୁଙ୍କ ପରିବାର ସଦସ୍ୟମାନେ ରେଲୱେରେ ନିଯୁକ୍ତି ଦେବା ପାଇଁ ଆଶାୟୀମାନଙ୍କଠାରୁ ଜମି ନେଇଥିବା ଅଭିଯୋଗ ହୋଇଥିଲା। ଏହି ଦୁର୍ନୀତି ଷଡ଼ଯନ୍ତ୍ରରେ ରେଲୱେର କେତେଜଣ ଅଫିସର ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଥିଲା।

## ୫୩୫ କୋଟି ବଢ଼ିଗଲା ନାଇଡୁ ସ୍ତ୍ରୀଙ୍କ ସମ୍ପତ୍ତି

ହାଇଦ୍ରାବାଦ,୭।୬



ନର ଭୁବନେଶ୍ୱରୀ

ତେଲୁଗୁଦେଶମ୍ ପାର୍ଟି (ଟିଡିପି) ମୁଖ୍ୟ ଏନ୍. ଚନ୍ଦ୍ରାବାବୁ ନାଇଡୁ ୧୯୯୨ ମସିହାରେ ହେରିଟେଜ୍ ଫୁଡ୍ସ ନାମରେ ଏକ କମ୍ପାନୀ ପ୍ରତିଷ୍ଠା କରିଥିଲେ। ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନରେ ଟିଡିପିକୁ ଆଶାତୀତ ସଫଳତା ମିଳିବା ପରେ ଉକ୍ତ କମ୍ପାନୀର ଶେୟାର ମୂଲ୍ୟ ଆକାଶ ଛୁଇଁଛି। କମ୍ପାନୀରେ ଚନ୍ଦ୍ରାବାବୁଙ୍କ ସ୍ତ୍ରୀ ନର ଭୁବନେଶ୍ୱରୀଙ୍କ ସର୍ବାଧିକ ୨,୨୬,୧୧,୫୨୫ ଷ୍ଟକ୍ ରହିଛି। ପୁଅ ନର ଲୋକେଶ ହେଉଛନ୍ତି ହେରିଟେଜ୍ ଫୁଡ୍ସର ୧,୦୦,୩୭,୪୫୩ ଶେୟାରର ମାଲିକ। ଜୁନ୍ ୩ରେ ଏହି କମ୍ପାନୀର ପ୍ରତି ଶେୟାର ମୂଲ୍ୟ ୪୨୪ ଟଙ୍କା ଥିଲା। ୪ ତାରିଖରେ ଭୋଟ ଗଣତି ପରେ ଫଳାଫଳ ଘୋଷଣା ପରେ ଏହା ୬୬୧ ଟଙ୍କା ୨୫ ପଇସାକୁ ବୃଦ୍ଧି ପାଇଥିଲା। ଫଳରେ ଗତ ୫ ଦିନ ମଧ୍ୟରେ ଭୁବନେଶ୍ୱରୀଙ୍କ ସମ୍ପତ୍ତି ୫୩୫ କୋଟି ଟଙ୍କା ବଢ଼ିଥିବାବେଳେ ଲୋକେଶଙ୍କୁ ୨୩୭ କୋଟି ଟଙ୍କାର ଲାଭ ମିଳିଛି। ହେରିଟେଜ୍ ଫୁଡ୍ସ ଆନ୍ଧ୍ର ସମେତ ଓଡ଼ିଶା, ତେଲଙ୍ଗାନା, କର୍ନାଟକ, କେରଳ, ତାମିଲନାଡୁ, ମହାରାଷ୍ଟ୍ର ଏବଂ ଉତ୍ତର ଭାରତରେ କ୍ଷୀର ଓ ଦୁଗ୍ଧଜାତ ସାମଗ୍ରୀ ଯୋଗାଣ କରିଥାଏ।

## ୨ ସପ୍ତାହ ମଧ୍ୟରେ ରାହୁଲଙ୍କୁ ଗୋଟିଏ ଆସନ ଛାଡ଼ିବାକୁ ହେବ

ନୂଆଦିଲ୍ଲୀ,୭।୬

କଂଗ୍ରେସ ନେତା ରାହୁଲ ଗାନ୍ଧୀ କେରଳର ୱାୟନାଡ୍ ଏବଂ ଉତ୍ତରପ୍ରଦେଶର ରାଏବରେଲୀ ଲୋକ ସଭା ଆସନରୁ ଜିତିଛନ୍ତି। ତେବେ ସାମ୍ବିଧାନିକ ନିୟମ ଅନୁଯାୟୀ ତାଙ୍କୁ ଗୋଟିଏ ଆସନ ରଖି ଅନ୍ୟଟି ଛାଡ଼ିବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଲୋକ ସଭାର ପୂର୍ବତନ ସେକ୍ରେଟାରୀ ଜେନେରାଲ ତଥା ସମ୍ବିଧାନ ବିଶେଷଜ୍ଞ ପି.ଡି.ଟି. ଆଚାରୀ କହିଛନ୍ତି, ଜଣେ ପ୍ରାର୍ଥୀ ଏକକାଳୀନ ଦୁଇଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ଉଭୟ ସିଟ୍ ଜିତିଲେ, ତାଙ୍କୁ ନିର୍ବାଚନ ଫଳ ପ୍ରକାଶର ୧୪ ଦିନ ମଧ୍ୟରେ ଗୋଟିଏ ଆସନ ଛାଡ଼ିବାକୁ ପଡ଼ିଥାଏ। ଅଷ୍ଟାଦଶ ଲୋକ ସଭାର ନୂଆ ବାଚସ୍ପତି ନିର୍ବାଚନ ପର୍ଯ୍ୟନ୍ତ ଓମ୍ ବିର୍ଲା ପ୍ରୋଟେମ୍ ସ୍ପିକର ରହିବେ। ତେଣୁ ରାହୁଲ ବିର୍ଲାଙ୍କ ନିକଟକୁ ଏହି ସମୟ ଭିତରେ ଗୋଟିଏ ଆସନର ଇସ୍ତଫାପତ୍ର ପଠାଇପାରିବେ।

## କବିତାଙ୍କ ବିରୋଧରେ ସିବିଆଇର ଅତିରିକ୍ତ ଚାର୍ଜଶିଟ୍

ନୂଆଦିଲ୍ଲୀ,୭।୬

ଦିଲ୍ଲୀ ଅବକାରୀ ନୀତି ସହ ଜଡ଼ିତ ଦୁର୍ନୀତି ମାମଲାରେ ସିବିଆଇ ଶୁକ୍ରବାର ଦିଲ୍ଲୀର ଏକ ଅଦାଲତରେ ବିଆର୍‌ଏସ୍ ନେତ୍ରୀ କେ. କବିତାଙ୍କ ନାଁରେ ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରିଛି। ସ୍ୱତନ୍ତ୍ର ସିବିଆଇ ବିଚାରପତି କାବେରୀ ବାୱେଜା ଉକ୍ତ ଅଭିଯୋଗ ଫର୍ଦ୍ଦକୁ ବିଚାର ପାଇଁ ଗ୍ରହଣ କରିଛନ୍ତି। ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କବିତାଙ୍କୁ ଗିରଫ କରିବା ପରେ ସେ ବିଚାର ବିଭାଗୀୟ ହାଜତରେ ରହିଛନ୍ତି।


**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଞ୍ଜିନିୟରିଂ), ଦ.ପୂ. ରେଳପଥ ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। [illegible]

(PR-228)

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: OPTCL TECH TOWER, Janpath, Saheed Nagar, Bhubaneswar-751007
CIN:U40102OR2004SGC007553
Lifeline of Odisha

No. CAD-179 **TENDER ALERT**

**1)Tender Call Notice No. ETCN/CTC/CLE/01/24-25:** PCC & Re-metalling work of 132kV Switchyard at 132/33kV Chandikhole Grid S/S under EHT (O&M) Circle, Cuttack.
**2)Tender Call Notice No.- 01/2024-25:** Supply of different types of reputed make PVC Pipes and bends required for 220/132/33kV Grid S/S, Narendrapur under EHT (O&M) Division, Berhampur.
**3)Tender Call Notice No. 02/2024-25:** Servicing, repairing of 2 Ton Split type Acs with supply of spare parts installed inside the control room of 220/132/33kV GSS, Narendrapur Under EHT (O&M) Division, Berhampur.
**4)E-Tender Call Notice No. CHP-01/2024-25:** PCC & Metal Spreading in 33kV Switchyard at 132/33kV Grid S/S, Angul under EHT(O&M) Division, Chainpal Under EHT (O&M) Circle, Chainpal.
For more details please visit OPTCL's website: **www.optcl.co.in.**
OIPR-04011/11/0002/2425 FIPR-02/2024-25
/optcl.odisha /optcl_odisha

GOVERNMENT OF ODISHA No. A-12
**DEPARTMENT OF WATER RESOURCES**
**OFFICE OF THE ADDL. CHIEF ENGINEER MECHANICAL CIRCLE, BHUBANESWAR**
Email Address: semechcircle104@gmail.com
**e-Procurement Notice No. ACEM/MDL-01/2024-25**

| | | |
|---|---|---|
| 1. | Name of the Work | Fabrication Supply and Erection of C.R. cum H.R. Gate of Dahisahi Distributary at RD - 0.0m off taking at RD 8765m of Dhansul Distributary under Betnoti Canal Division, Laxmiposi for the year 2024-25 |
| 2. | No. of Works | 01 (One) |
| 3. | Category of Executors | SSI Units registered under DIC/ NSIC/MSME for Irrigation Shutters/ Hydro Mechanical Gates |
| 4. | Bid Identification No. | ACEM/MDL-01/2024-25 |
| 5. | Tender Cost | Rs.19,31,790/- |
| 6. | Period of Completion | 30 (Thirty) Calendar Days |
| 7. | Date & time of availability of bid documents in the portal | From Dt.10.06.2024 (11.00 A.M.) to Dt.20.06.2024 (5.00 P.M.) |
| 8. | Last date/time for receipt of bid in the portal | Dt.20.06.2024 (upto 5.00 P.M.) |
| 9. | Date and place of opening of Bid | Dt.21.06.2024 (11.00 A.M. onwards in the O/o. the undersigned) |
| 10. | Name of the Officer Inviting Bid | Addl. Chief Engineer, Mechanical Circle, Bhubaneswar |

Further details can be seen from the e-procurement portal **https://tendersodisha.gov.in.**
OIPR-32405/11/0001/2425 **Sd./- Addl. Chief Engineer Mechanical Circle, Bhubaneswar**

GOVERNMENT OF ODISHA
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, HARABHANGI IRRIGATION DIVISION, ADAVA, DIST.: GAJAPATI, ODISHA**
e-mail - eeharabhangi@gmail.com
**e-Procurement Notice No. SE-HID-ADV-01/2024-25**

No. A-7: Bid document consisting of work, estimated cost, cost of tender paper, time of completion, class of contractor, the set of terms and conditions of contract and other necessary documents can be seen in e-procurement portal **http://tendersodisha.gov.in**.

| | | |
|---|---|---|
| 1. | Type of the Work | System Improvement Works |
| 2. | No. of Work | 18 Nos. |
| 3. | Class of Contractor | "D", "C" and "B" Class |
| 4. | Bid Identification No. | HID-01/2024-25 to HID-18/2024-25 |
| 5. | Estimated Cost | Rs.5.15 lakh to 39.53 lakh |
| 6. | Period of Completion | 45 days to 90 days |
| 7. | Date & time of availability of bid documents in the portal | From 12.06.2024, 10.00 A.M. to 23.06.2024 upto 5.30 P.M. |
| 8. | Last date/time for receipt of bids in the portal | 23.06.2024 upto 5.30 P.M. |
| 9. | Name of the Officer Inviting Bid | Superintending Engineer, Harabhangi Irrigation Division, Adava, Dist.: Gajapati, Odisha |

Any addendum/corrigendum/cancellation of tender can also be seen in the said website.
Date of opening of the Bid: 24.06.2024 at 11.00 A.M.
Further details can be seen from the Govt. website: **www.tendersodisha.gov.in**.
OIPR-32474/11/0001/2425 **Sd./- Superintending Engineer Harabhangi Irrigation Division Adava, Dist.: Ganjam**

**PARADIP PORT AUTHORITY**
**e -TENDER NOTICE No. EM/PED-11/2024**
No.EM/PED/TECH-63/2023/128, Dt. 04.06.24
Name of the work : "Supply, Installation, Testing & Commissioning of Smart Energy Meters at Paradip Port Authority ".
Estimated Cost :Rs.1,10,79,900/-.
Last Date & time of submission of bid : Dt.24/06/2024 up to 16:30 Hrs.
Refere out website for details: https://eprocure.gov.in/eprocure/app .
Executive Engineer (E), (PED-II)
PPA/PR/09/2024-2025,Dt.06/06/2024

**ପୂର୍ବ ତଟ ରେଳପଥ**
ଫାଇଲ୍ ନଂ.DRM/Engg/KUR/24-25/ E-Tender/22,ତା.31.05.2024ରିଖ
(1) ଟେଣ୍ଡର ସଂ.e-Tender-TMKUR-77-2024,ତା.27.05.2024ରିଖ
**ବିବରଣୀ:** 24 ମାସ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଉପ ମୁଖ୍ୟ ଯନ୍ତ୍ରୀ/ଏସ୍‌ଇଏନ/ସହାୟକ ମଣ୍ଡଳ ଯନ୍ତ୍ରୀ/ଟ୍ରାକ୍ ମେସିନ୍ (TM) ଅଧୀନସ୍ଥ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ IOH ଡିପୋ/ଖୋର୍ଦ୍ଧା ରୋଡ଼ ଠାରେ ଟ୍ରାକ୍ ମେସିନ୍ ସମ୍ବନ୍ଧୀୟ ବିଭିନ୍ନ ପାର୍ଟଗୁଡ଼ିକର ପ୍ରସ୍ତାବିତ ୱେଲ୍ଡିଙ୍ଗ୍ ଏବଂ ଗ୍ୟାସ୍ କଟିଙ୍ଗ୍ ତଥା BCM ସ୍କ୍ରୟାର ପାର୍ଟଗୁଡ଼ିକର ରିକଣ୍ଡିସନିଙ୍ଗ୍ ଏବଂ ବେସ୍ BCM ମେସିନ୍ ବେସ୍ ଡିପୋ ଠାରେ PQRS/SQRS ଏବଂ ବେସ୍ ଡିପୋ ଏବଂ ଅନ୍ୟ ଟ୍ରାକ୍ ମେସିନ୍ କାର୍ଯ୍ୟପ୍ରକ୍ରିୟା ସାଇଟ୍ ଠାରେ PQRS/SQRS।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹):** 98.28 ଲକ୍ଷ, EMD (₹): 1,96,600/-।
(2) ଟେଣ୍ଡର ସଂ.eTender-SPL-KUR-83-2024,ତା.24.05.2024ରିଖ
**ବିବରଣୀ:** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଭଦ୍ରକ-ଖୋର୍ଦ୍ଧା ରୋଡ଼ ମେନ୍ ଲାଇନରେ ବାରଙ୍ଗ-ମଞ୍ଚେଶ୍ୱର ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ୍ ନଂ.184 ପରିବର୍ତ୍ତେ ରେଲୱେ କି.ମି. 426/21-23 ଠାରେ ପ୍ରସ୍ତାବିତ ରୋଡ଼ ଓଭର ବ୍ରିଜ୍ (ROB) ସ୍ପାନ୍ (1x48mtr ବୋ ଷ୍ଟ୍ରିଙ୍ଗ୍ ଗର୍ଡର + 1x 18 mtr. କମ୍ପୋଜିଟ୍ ଗର୍ଡର) ର ନିର୍ମାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹):** 1729.70 ଲକ୍ଷ, EMD (₹) : 10,14,900/-।
**ଶେଷ ହେବା ଅବଧି:** 24 (ଚବିଶ) ମାସ (କ୍ରମ. ସଂ. 1 ପାଇଁ) ଏବଂ 12 (ବାର) ମାସ (କ୍ରମ. ସଂ. 2 ପାଇଁ)।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.19.06.2024 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
**ଦ୍ରଷ୍ଟବ୍ୟ:** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ)/ ଖୋର୍ଦ୍ଧା ରୋଡ଼
PR-182/P/24-25

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, रामगढ़।**
रामगढ़ थाना के सामने, गांधी चौक, रामगढ़ कैन्ट, जिला– रामगढ़, झारखण्ड– 829122, ई-मेल– eercdramgarh-jhr@nic.in

**एफ०–2 फार्म ऑफ कॉन्ट्रक्ट आधारित अति–अल्पकालीन ई–निविदा सूचना**
ई–निविदा प्रसंग संख्या :– RCD/RAMGARH/ 422 /2024-25 (2nd Call)
दिनांक :– 06-06-2024

| | | |
|---|---|---|
| 1. | कार्य का नाम | IRQP Work of Rajrappa to Chitarpur Road from KM 0.00 to 1.80 under Road Division, Ramgarh for the year 2023-24 |
| 2. | प्राक्कलित राशि (रूपये में) | रुपये 1,40,61,400/– (एक करोड चालीस लाख एकसठ हजार चार सौ) मात्र |
| 3. | कार्य समाप्ति की अवधि | 60(साठ) दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 10/06/2024 10:30 बजे पूर्वाह्न् |
| 5. | निविदा प्राप्ति की अंतिम तिथि एवं समय | 19/06/2024 12:00 बजे दिन तक |
| 6. | निविदा आमंत्रित करने वाले पदाधिकारी का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, रामगढ़ |
| 7. | प्रोक्योरमेंट पदाधिकारी का सम्पर्क नं० | 98351–25637 |
| 8. | ई–प्रोक्योरमेट सेल का हेल्प लाईन नं० | 0651–2403007 |

➢ निविदा की अन्य शर्ते वेबसाइट **http://jharkhandtenders.gov.in**
➢ पथ निर्माण विभाग, झारखण्ड में निबंधित निविदाकारों को यूकैन से संबंधित प्रमाण पत्र की छाया प्रति संलग्न करना अनिवार्य है।
➢ निविदा की राशि घट बढ़ सकती है।
➢ **PWD** कोड में संशोधन के फलस्वरुप 10 प्रतिशत न्यूनतम दर की अधिसीमा समाप्त कर दी गई है।
➢ **Cost of bidding document (Non-refundable fee) & Bid Security as indicated shall be payable online through** http://jharkhandtenders.gov.in.

कार्यपालक अभियंता, पथ निर्माण विभाग, पथ प्रमण्डल, रामगढ़
PR 325404 (Road) 24-25 (D)

No.MM-04
GOVERNMENT OF ODISHA
**FOREST, ENVIRONMENT & CLIMATE CHANGE DEPARTMENT OFFICE OF THE DIVISIONAL FOREST OFFICER, ANGUL FOREST DIVISION - 759122**
E-mail ID - dfoangul@gmail.com, dfo.angul@odisha.gov.in
Phone No - 8895641929
Bid Identification No. DFO, ANG 02/2024-2025
Dated. 05.06.2024
Letter No. 4217/1F, Dated, Angul the 5th June, 2024
**NOTICE INVITING TENDER**

| Sl. No | Name of the Work | Procurement of Different Planting materials for Planting Season - 2024-2025 https://angul.odisha.gov.in |
|---|---|---|
| 1 | Estimated Cost | Depending upon funds availability |
| 3 | Period & time of completion | 15 days from the date of issue of orders |
| 4 | Date & time of availability of the bid document in the portal | 06.06.2024 to 20.06.2024 |
| 5 | Last date/Time for receipt of bid in the portal | Up to 5.00 PM of 20.06.2024 |
| 6 | Date & Time of bid opening | 11.30 hours on Dated 21.06.2024 |
| 7 | Name & Address of the officer inviting Bid | Divisional Forest Officer, Angul Forest Division, Pin - 759122 |

Others can see the details from Notice inviting Tenders, available in website - https://angul.odisha.gov.in. Corrigendum if any, shall only be published in the above website.
**Sd./- Divisional Forest Officer Angul Forest Division**
OIPR-08027/11/0002/2425

**झारखण्ड सरकार**
**कार्यपालक अभियंता, का कार्यालय**
**ग्रामीण विकास विशेष प्रमंडल, पाकुड़**
**अतिअल्पकालीन ई-निविदा आमंत्रण सूचना**
अतिअल्पकालीन ई– निविदा सूचना संख्या – **RDD/SD/PAKUR/27/2023-24 (3rd call)**
1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 01 | पाकुड़ जिला पाकुड़ प्रखण्ड अन्तर्गत संग्रामपुर डारा नाला पर उच्च स्तरीय पुल निर्माण | 3,89,55,600.00 | 7,79,200.00 | 10,000.00 | 18 (Eighteen Month) |

2. वेबसाइट में निविदा प्रकाशन की तिथि – 14.06.2024
3. ई–निविदा प्राप्ति की तिथि एवं समय – दिनांक 14.06.2024 से दिनांक 21.06.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, पाकुड़
5. ई–निविदा खोलने की तिथि एवं समय –25.06.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पाकुड़
7. ई–निविदा प्रकोष्ठ का दूरभाष सं० – 7991153157 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।
कार्यपालक अभियंता, ग्रामीण विकास विशेष प्रमंडल, पाकुड़
PR 325456 Rural Development (24-25)_D

Govt. of Jharkhand
Energy Department
**Jharkhand Renewable Energy Development Agency (JREDA)**
3rd Floor, S.L.D.C. Building, Kusai Colony, Doranda, Ranchi-834002.
Ph.: 0651-2491161, Fax: 0651-2491165,
E-mail: info@jreda.com; Website: www.jreda.com
**e-Procurement Notice**
**Tender reference no.: 02/JREDA/GCRT/RD/24-25**
**Dated: 05.06.2024**
Online bids are invited for Rate Contract for Design, Manufacture, Testing, Supply, Installation & Commissioning of Grid connected Rooftop SPV Power Plants of different capacities including five years Comprehensive Maintenance Contract (CMC) on Turnkey basis on Government Residential Buildings anywhere in the state of Jharkhand (JREDA). The details are as follows:

| | | |
|---|---|---|
| 1 | Name of the work | Rate Contract for Design, Manufacture, Testing, Supply, Installation & Commissioning of 03 MWp Grid connected Rooftop SPV Power Plants of different capacities including Five Y ears Comprehensive Maintenance Contract (CMC) on Turnke y basis on Government Residential Buildings anywhere in the state of Jharkhand |
| 2 | Estimated cost (Rs.) | **Rs. 15,00,00,000/- inclusive GST** |
| 3 | Tentative quantity (kWp) | **03 MWp** |
| 4 | Completion of work | **04 (Four) Months** |
| 5 | Period of contract | **05 ( Five) Years** |
| 6 | Date of publication of NIT on website: http://jharkhandtenders.gov.in | **10.06.2024 (Monday)** |
| 7 | Date & time of Pre-bid meeting | **20.06.2024 (Thursday)** at 2.00 P.M. |
| 8 | Last date & time for receipt of online bids | **01.07.2024 (Monday)** upto 05:00 PM |
| 9 | Submission of Bid fee and EMD through Online Via SBI Payment Gateway of Jharkhand Tenders. | **01.07.2024 (Monday)** upto 05:00 PM |
| 10 | Technical Bid Opening Date & Time | **03.07.2024 (Wednesday)** at 3.00 P.M. |
| 11 | Name & address of office inviting tender | Director, Jharkhand Renewable Energy Development Agency(JREDA) 3rd Floor, SLDC Building, Kusai, Doranda, Ranchi- 834002 (Jharkhand) |
| 12 | Contact no. of procurement officer | 0651-2491163/67/61/7004806449 |
| 13 | Helpline no. of e-procurement | 0651-2491163/67/61 |

**Any corrigendum/addendum can be seen on website: http://jharkhandtenders.gov.in &** www.jreda.com**. Further details can be seen on website:** http://jharkhandtenders.gov.in & www.jreda.com
**Sd/- Director, JREDA, Ranchi**
PR 325439 Energy(24-25)D

**ସଂକ୍ଷେପରେ**

## ଶ୍ରୀଜଗନ୍ନାଥଙ୍କ ନୀତି ଲାଗି ଓୟୁଏଟି ପଠାଇଲା ପଦ୍ମ, ତୁଳସୀ



ସାକ୍ଷୀଗୋପାଳ,୭।୬(ଭରତ ରାଉତ): ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନୀତି ଲାଗି ଓୟୁଏଟିର ସାକ୍ଷୀଗୋପାଳସ୍ଥିତ ପୁରୀ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରଥମକରି ୫୦ କେଜି ତୁଳସୀ ଓ ୧୦୦ଟି ପଦ୍ମଫୁଲ ଶ୍ରୀମନ୍ଦିର ପଠାଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ୨୦ ଡିସିମିଲ ପରିମିତ ଅଞ୍ଚଳରେ ତୁଳସୀ ବଗିଚା ଏବଂ ୫୦ ଡିସିମିଲ ବିଶିଷ୍ଟ ପୋଖରୀରେ ସୁରମ୍ୟ ପଦ୍ମବନ ସୃଷ୍ଟି କରାଯାଇଛି। ଉକ୍ତ ତୁଳସୀ ବଗିଚାର ୭ଟି ପଟାଳିରେ କଳାତୁଳସୀ ଏବଂ ୭ଟି ପଟାଳିରେ ଧଳାତୁଳସୀ ଲଗାଯାଇଛି। ଏହି ବଗିଚାରେ ସିମ୍ ଅଙ୍ଗନା, ସିମ୍-ଆୟୁ ଆଦି ଉନ୍ନତ କିସମର ତୁଳସୀ ଚାଷ କରାଯାଇଛି। ସେହିଭଳି ଶ୍ରୀମନ୍ଦିରରେ ମହାଲକ୍ଷ୍ମୀଙ୍କ ପୂଜା ପାଇଁ ପଦ୍ମ ପୋଖରୀରେ ଗୋଲାପି ଓ ଧଳା ରଙ୍ଗର ପଦ୍ମଫୁଲ ପ୍ରଜାତି ଚାଷ କରାଯାଇଛି। ପ୍ରତ୍ୟେକ ଗୁରୁବାର ସାକ୍ଷୀଗୋପାଳସ୍ଥିତ ପୁରୀ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଶ୍ରୀମନ୍ଦିରକୁ ୨୫ରୁ ୩୦ କେଜି ତୁଳସୀ ଶାଖା ଓ ୫୦ଟି ପଦ୍ମଫୁଲ ପଠାଯିବାକୁ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଯାଇଛି। ତେବେ ଶୁକ୍ରବାର ପ୍ରଥମ ଦଫାରେ ଅଧିକ ଫୁଲ ଓ ତୁଳସୀ ପ୍ରେରଣ କରାଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ ରାଉଳଙ୍କ ମାର୍ଗଦର୍ଶନକ୍ରମେ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

## ପାଣ୍ଡିଆନଙ୍କୁ ଗିରଫ ପାଇଁ ଶ୍ରୀଜଗନ୍ନାଥ ସେନାର ଦାବି

ପୁରୀ,୭।୬(ଅଜିତ୍ କୁମାର ମହାନ୍ତି)- ଓଡ଼ିଆ ଅସ୍ମିତାକୁ ନଷ୍ଟ କରିଥିବା ଏବଂ ଓଡ଼ିଶାରୁ ୫୦ ହଜାର କୋଟି ଲୁଟି ନେଇଥିବା ଅଭିଯୋଗରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ ଗିରଫ କରିବା ପାଇଁ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ମୁଖ୍ୟଙ୍କ ନିକଟରେ ଅଭିଯୋଗ କରାଯାଇଛି। ଶ୍ରୀଜଗନ୍ନାଥ ସେନାର କେନ୍ଦ୍ରୀୟ ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ପାଣ୍ଡିଆନ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ହଜାର ହଜାର କୋଟି ଟଙ୍କାର ଦୁର୍ନୀତି କରିଛନ୍ତି। ସେହିପରି ପୁରୀରେ ଶ୍ରୀମନ୍ଦିର ପ୍ରକଳ୍ପ ଆଳରେ ୪ ହଜାର ୨୦୦ କୋଟି ଟଙ୍କାର ହେରଫେର କରିଛନ୍ତି। ଏପରିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦ୍ୱାର ଦ୍ୱାର ବୁଲି ଭିକ ମଗାଇ ୧୫୫ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି, ଯାହାକୁ ନେଇ ଅଗଣିତ ଜଗନ୍ନାଥପ୍ରେମୀଙ୍କ ହୃଦୟରେ ଆଘାତ ଲାଗିଛି। ତେଣୁ ପାଣ୍ଡିଆନଙ୍କୁ ଗିରଫ କରିବା ପାଇଁ ପଟ୍ଟନାୟକ ଦାବି କରିଛନ୍ତି।

# ବାଇକ୍ ଚୋରି କରୁଥିଲେ ପୂଜାରୀ, ଗିରଫ ହେଲେ

**୨୪ ବାଇକ୍ ଜବତ, ମାଲିକଙ୍କୁ ହସ୍ତାନ୍ତର**

**ଡବଲ ଲକ୍ କରିବାକୁ ପୋଲିସ କମିଶନରଙ୍କ ଅପିଲ**

ଭୁବନେଶ୍ୱର,୭।୬(ସତ୍ୟଜିତ୍ ରାଉତ)





ଗିରଫ କୃପାସିନ୍ଧୁ ମହାପାତ୍ର ଓ ଜବତ ବାଇକ୍।

ବୃତ୍ତି ପୂଜାରୀ, ନିଶା ବାଇକ ଚୋରି। ଟ୍ରାଫିକ୍ ଛକରେ ମନ୍ତ୍ର ଉଚ୍ଚାରଣ କରି ଯେଉଁ ହାତରେ ଶତାଧିକ ଲୋକଙ୍କ ମଥାରେ ଚନ୍ଦନ ଲଗାଉଥିଲେ, ସେହି ହାତରେ କରୁଥିଲେ ଅପରାଧ। ରାଜଧାନୀର ବିଭିନ୍ନ ସ୍ଥାନରୁ ବାଇକ ଚୋରି କରୁଥିବା ସମ୍ପୃକ୍ତ ପୂଜାରୀ ଶେଷରେ କମିଶନରେଟ୍ ପୋଲିସ ହାତରେ ଧରାପଡିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଯାଁଳା ଦକ୍ଷୀଣମୁଣ୍ଡ ମୁହାଣସାହିର କୃପାସିନ୍ଧୁ ମହାପାତ୍ର (୫୪)। ତାଙ୍କଠାରୁ ୨୪ଟି ଚୋରି ବାଇକ ଜବତ ହୋଇଛି। କ୍ୟାପିଟାଲ ଥାନା ପକ୍ଷରୁ କୃପାସିନ୍ଧୁଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଜାମିନ ନ ମିଳିବାରୁ କୃପାସିନ୍ଧୁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତାଙ୍କୁ ରିମାଣ୍ଡରେ ଆଣି ଅଧିକ ତଥ୍ୟ ଯୋଗାଡ କରିବାକୁ ପୋଲିସ ଯୋଜନା କରିଛି। ଅଭିଯୁକ୍ତ କୃପାସିନ୍ଧୁ କ୍ୟାପିଟାଲ ହସ୍ପିଟାଲ, ଏମ୍ସ, ବିଏମ୍‌ସି ମଲ୍, କଳିଙ୍ଗ ହସ୍ପିଟାଲ, ଆପୋଲୋ ହସ୍ପିଟାଲ ସମେତ ଯାଆଁଳା, ଜଟଣୀ, ଖୋର୍ଦ୍ଧା ଟାଉନ, ବାଲକାଟୀ ଅଞ୍ଚଳରୁ ବାଇକ ଚୋରି କରିଥିବାବେଳେ ହସ୍ପିଟାଲ ନିକଟ ପାର୍କିଂକୁ ସେ ଅଧିକ ଟାର୍ଗେଟ୍ କରୁଥିଲେ। ଡବଲ ଲକ୍ ହୋଇ ନ ଥିବା ଓ ହ୍ୟାଣ୍ଡେଲ ଠିକ୍ ଭାବେ ଚାଲୁ ନ ଥିବା ବାଇକକୁ ଖୋଜୁଥିଲେ। ଏହାପରେ ମାଷ୍ଟର ଚାବି ସାହାଯ୍ୟରେ ବାଇକକୁ ଚୋରି କରୁଥିଲେ। ପରେ ଉକ୍ତ ବାଇକ ସବୁକୁ ପ୍ରକୃତ ମୂଲ୍ୟଠୁ ଢେର କମ୍ ଦରରେ ବିକ୍ରି କରି ଦେଉଥିଲେ। କୃପାସିନ୍ଧୁ ଏଯାଏ ୨୦ରୁ ଊର୍ଦ୍ଧ୍ୱ ବାଇକକୁ ବିକ୍ରି କରିଥିବା ମାନିଛନ୍ତି। ଗତ ମାର୍ଚ୍ଚ ୬ରେ ଅଭିଯୋଗକାରୀ ନିରଞ୍ଜନ ସିଂ ତାଙ୍କ ବାଇକକୁ (ଓଆର୍‌୦୨ବିକେ୪୬୭୯) କ୍ୟାପିଟାଲ ହସ୍ପିଟାଲ ପାର୍କିଂରେ ରଖି ଭିତରକୁ ଯାଇଥିଲେ। ସେହି ସମୟରେ ଉକ୍ତ ବାଇକକୁ କୃପାସିନ୍ଧୁ ଚୋରି କରି ନେଇଯାଇଥିଲେ। ଏନେଇ ନିରଞ୍ଜନଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୧୯୫/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଅଭିଯୁକ୍ତ କୃପାସିନ୍ଧୁ କ୍ୟାପିଟାଲ ଥାନାରେ ୩, ଖଣ୍ଡଗିରି ଥାନାରେ ୩ ଓ ଶହୀଦନଗର ଥାନାରେ ଗୋଟିଏ ମାମଲାରେ ସମ୍ପୃକ୍ତ ରହିଥିବା ତଦନ୍ତବେଳେ ଜଣାପଡିଛି। ଅନ୍ୟପକ୍ଷରେ ତାଙ୍କଠାରୁ ଜବତ ହୋଇଥିବା ଚୋରି ବାଇକ ସବୁକୁ ପୋଲିସ ପକ୍ଷରୁ ପ୍ରକୃତ ମାଲିକଙ୍କୁ ଫେରାଇ ଦେଇଛି। ତେବେ କୌଣସି ସ୍ଥାନରେ ବାଇକ ପାର୍କିଂ କରିବା ବେଳେ ତାହାକୁ ଡବଲ୍ ଲକ୍ କରିବାକୁ ପୋଲିସ କମିଶନର ସଞ୍ଜୀବ ପଣ୍ଡା ଏହି ଅବସରରେ ଅପିଲ୍ କରିଛନ୍ତି।

# ଚନ୍ଦକା ପରେ ଏବେ ହାତୀଙ୍କ ବାସସ୍ଥଳୀ ନାରଗୋଦା

ବେଗୁନିଆ,୭।୬(ହରପ୍ରସନ୍ନ ପଣ୍ଡା)

- ବେଗୁନିଆରେ ହାତୀ ଉତ୍ପାତ
- ସଞ୍ଜ ନଇଁଲେ ପଡୁଛି ତାଟି କବାଟ, ଲୋକେ ଭୟଭୀତ
- ୬ ବର୍ଷରେ ଗଲାଣି ୧୩ ଜୀବନ



ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ଦୀର୍ଘ ବର୍ଷ ହେଲା ହାତୀ ଉତ୍ପାତ ବୃଦ୍ଧି ପାଇଛି। ଏଥିଯୋଗୁ ଅନେକ ଲୋକ ସର୍ବସ୍ୱାନ୍ତ ହେଉଥିବାବେଳେ ଆକ୍ରମଣରେ ନିରୀହ ଲୋକଙ୍କ ଜୀବନ ମଧ୍ୟ ଚାଲିଯାଉଛି। ଦିନକୁ ଦିନ ହାତୀପଲଙ୍କ ଉତ୍ପାତ ଏପରି ହେଉଛି ଯେ, ସଞ୍ଜ ନଇଁଲେ ଗାଁରେ ତାଟି କବାଟ ପଡୁଥିବାବେଳେ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏହାର ସମାଧାନ ଦିଗରେ ପ୍ରଶାସନ ଓ ଜଙ୍ଗଲ ବିଭାଗର ଅବହେଳାକୁ ଲୋକେ ଦାୟୀ କରୁଥିବାବେଳେ ପ୍ରତିକାର ଦିଗରେ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ଫଳରେ ଆଗାମୀ ଦିନରେ ଏଭଳି କେତେ ଯେ ଅଘଟଣ ନ ଘଟିବ, ତାହା କିଏ କହିବ। ପ୍ରକାଶଥାଉ କି, ବର୍ଷକୁ ଥରେ ପାଚିଲା ଧାନ ଖାଇବାକୁ ହାତୀପଲ ଏହି ବ୍ଲକ ଅଞ୍ଚଳକୁ ଆସୁଥିଲେ। ପଲ ମଧ୍ୟରେ ୪ରୁ ୫ଟି ହାତୀ ଆସି ଖୋର୍ଦ୍ଧା, ଟାଙ୍ଗୀ ଏବଂ ବେଗୁନିଆ ବନ ବିଭାଗ ଅଞ୍ଚଳରେ ବିଚରଣ କରି ପୁଣି ଫେରିଯାଉଥିଲେ। ପରେ ସେମାନେ ୨୦୧୭ରୁ ସୁରକ୍ଷିତ ବାସସ୍ଥଳୀ ଭାବେ ବେଗୁନିଆ ବ୍ଲକର ନାରଗୋଦା ଜଙ୍ଗଲରେ ବାସକଲେ। ହାତୀ ବିଚରଣ ପାଇଁ ଆବଶ୍ୟକ ଜଙ୍ଗଲ ଓ ଜଳବାୟୁ ସେମାନଙ୍କୁ ସୁହାଇଥିଲା। ନାରଗୋଦା ଜଙ୍ଗଲ ପରିସରରେ ହାତୀପଲ ବଂଶ ବୃଦ୍ଧି କରିଥିଲେ। ୭ ବର୍ଷ ପରେ ଏବେ ୩୦ରୁ ୪୦ ଟିକିଆ ହାତୀପଲ ଦେଖିବାକୁ ମିଳୁଛି। ବିଭିନ୍ନ ସମୟରେ ସେମାନେ ଗାଁମୁହାଁ ହୋଇ ଅନେକ ଧନଜୀବନ ହାନି କରୁଛନ୍ତି। ଏମାନଙ୍କ ଉତ୍ପାତରେ ଚାଷୀ ପରିବାର ସର୍ବାଧିକ କ୍ଷତି ସହୁଛନ୍ତି। କେତେବେଳେ କ୍ଷେତରେ ଫସଲ ହାନି କରୁଛନ୍ତି ତ ଆଉ କେତେବେଳେ ଆକ୍ରମଣ କରିବାକୁ ପଛାଉନାହାନ୍ତି। ଅନେକ ସମୟରେ ହାତୀ ମଣିଷ ମଧ୍ୟରେ ଲଢ଼େଇ ହେଉଥିବା ନଜିର ରହିଛି। ବ୍ଲକର ୭ଟି ପଞ୍ଚାୟତ ଅଧୀନ ୬୦ରୁ ଅଧିକ ଗ୍ରାମରେ ହାତୀ ପଲ ଆଡ୍ଡା ଜମାଉଛନ୍ତି। ସିକୋ, ହଜ, ଶଗଡ଼ଭଙ୍ଗା, ବୋତଲମା, ହୀରାପୁର, ଦେଉଳି ଏବଂ ପରିଛଳ ଆଦି ୭ଟି ପଞ୍ଚାୟତର ଅନେକ ଗ୍ରାମରେ ସଞ୍ଜ ନଇଁଲେ ତାଟି କବାଟ ପଡୁଥିବା ସହ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଅନ୍ୟପକ୍ଷରେ ହାତୀ ଶିକାରରେ ଗତ ୬ ବର୍ଷ ମଧ୍ୟରେ ଗୋଡ଼ା, ଦଲକ, ହଜ, ସିକୋ, ଦେଉଳି, ଓଗାଳପୁର ଏବଂ ପରିଛଳ ଗ୍ରାମର ୧୩ ଜଣଙ୍କ ପ୍ରାଣହାନି ହୋଇଥିବା ସରକାରୀ ରିପୋର୍ଟରେ ଦର୍ଶାଯାଇଛି। ସେହିପରି ଅନେକ ଲୋକ ମଧ୍ୟ ହାତୀ ଆକ୍ରମଣରେ ଆହତ ହୋଇଥିବା ଜଣାପଡ଼ିଛି। ତେବେ ୨୦୨୩ରେ ସରକାରଙ୍କ ପକ୍ଷରୁ 'ହାତୀ ମେରା ସାଥୀ' ଆପ୍ ମାଧ୍ୟମରେ ଜନଜାଗରଣ ସୃଷ୍ଟି ପାଇଁ ନିୟମ ଜାରି ହୋଇଥିଲା। ହାତୀ ଏବଂ ମଣିଷଙ୍କ ମଧ୍ୟରେ ଅଘଟଣ ଘଟୁଥିବା ଗାଁକୁ ଯାଇ ବନ ବିଭାଗ ଜନସଚେତନତା ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ ଥିଲା। ତାହା ମଧ୍ୟ ଫେଲ୍ ମାରିଛି। ଏହାସହ ଯଦି ହାତୀ ଏହି ଅଞ୍ଚଳରେ ବିଚରଣ କରୁଛନ୍ତି, ତାହାଲେ ବନ ବିଭାଗର ପାଟ୍ରୋଲିଂ ଠିକ୍ ପରିଚାଳନା ହେଉଛି କି ନାହିଁ ସ୍ଥାନୀୟ ଲୋକଙ୍କ ମନରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଖୋର୍ଦ୍ଧା ଡିଏଫ୍‌ଓ ପୂର୍ଣ୍ଣିମା ପାଣ୍ଡିଆନଙ୍କୁ ପଚାରିବାରେ, ହାତୀ ରହିଥିବା ସ୍ଥାନରେ ପାଟ୍ରୋଲିଂ କରାଯାଉଛି। ଅଘଟଣ ରୋକିବାକୁ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ କହିଛନ୍ତି।

# ଶ୍ରୀମନ୍ଦିର ଆଲୋକୀକରଣ ବନ୍ଦ





ଶ୍ରୀମନ୍ଦିରକୁ ପ୍ରବେଶ ଲାଗି ପୁରୀ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ପାଇଁ ତିଆରି ହୋଇଥିବା ଏସି ଶେଡ୍ ଖୋଲା ଯାଉଛି।

ପୁରୀ,୭।୬(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିକ୍ରମା ଲୋକାର୍ପଣ ଉତ୍ସବ ସମୟରୁ ଶ୍ରୀମନ୍ଦିରକୁ ଆଲୋକୀକରଣ କରାଯାଇଥିଲା। ଶ୍ରୀମନ୍ଦିର ଚାରିପାଖରେ ଲୁହାର ବଡ଼ ବଡ଼ ଷ୍ଟାଣ୍ଡ କରାଯାଇ ସେଥିରେ ଲାଇଟ ଖଞ୍ଜାଯାଇଥିଲା। ଫଳରେ ରାତିରେ ଶ୍ରୀମନ୍ଦିର ଉଜ୍ଜ୍ୱଳ ଆଲୋକରେ ଝଲସୁଥିଲା। ନୀଳଚକ୍ର ବହୁ ଦୂରରୁ ଭକ୍ତଙ୍କୁ ଦୃଶ୍ୟ ହେଉଥିଲା। ତେବେ ରାଜ୍ୟରେ ବିଜେଡି ସରକାରର ପତନ ପରେ ଏବଂ ନୂତନ ସରକାର ଗଠନ ପୂର୍ବରୁ ଉକ୍ତ ଲାଇଟଗୁଡିକୁ କାଢି ଦିଆଯାଇଛି। ତେଣୁ ଦୁଇ ତିନି ଦିନ ହେବ ଶ୍ରୀମନ୍ଦିର ଆଉ ଆଗଭଳି ଉଜ୍ଜ୍ୱଳ ଆଲୋକମାଳାରେ ଝଲସୁନାହିଁ। ଯାହାକୁ ନେଇ ସେବାୟତଙ୍କଠାରୁ ଆରମ୍ଭ କରି ଭକ୍ତଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ତେବେ ଲାଇଟଗୁଡିକୁ କାହିଁକି କଢାଗଲା ସେ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମ୍ପୃକ୍ତ ଠିକା ସଂସ୍ଥା ଉକ୍ତ ଆଲୋକୀକରଣ ବ୍ୟବସ୍ଥାକୁ ବନ୍ଦ କରିବା ସହ ଶ୍ରୀମନ୍ଦିର ଚାରିପାଖରେ ଲାଗିଥିବା ସମସ୍ତ ଲାଇଟ କାଢି ନେଇଯାଇଥିବା ଅଭିଯୋଗ ହେଉଛି। ଆଲୋକୀକରଣ ବନ୍ଦ ହେବା ପରେ ସେବାୟତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। କାହା ଅନୁମତିରେ ଲାଇଟ କଢାଗଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

### ଖୋଲାଗଲା ଏସି ଶେଡ୍

ଅପରପକ୍ଷରେ ଆଗାମୀ ରଥଯାତ୍ରାକୁ ଦୃଷ୍ଟିରେ ରଖି ବଡ଼ଦାଣ୍ଡରେ ଥିବା ଏସି ଶେଡ୍ ଖୋଲା ଆରମ୍ଭ ହୋଇଛି। ଭକ୍ତଙ୍କ ସୁବିଧା ନିମନ୍ତେ ସରକାରଙ୍କ ପକ୍ଷରୁ ବଡ଼ଦାଣ୍ଡରେ ଏସି ଶେଡ୍ ନିର୍ମାଣ କରାଯାଇଥିଲା। ଫଳରେ ଭକ୍ତମାନେ ଏସି ଶେଡ୍ ଦେଇ ଆସିବା ସହ ବ୍ୟାରିକେଡ୍‌ରେ ଯାଉଥିଲେ। ତେବେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ରାସ୍ତାର ଗୋଟିଏ ପାର୍ଶ୍ୱରେ ଏସି ଶେଡ୍ ରହିଥିବା ବେଳେ ଗୋଟିଏ ପାର୍ଶ୍ୱରେ ରଥ ନିର୍ମାଣ କାଠ ଗଦା ହୋଇରହିଛି। ତେଣୁ ରାସ୍ତା ସଂକୀର୍ଣ୍ଣ ହୋଇ ପ୍ରବଳ ଗହଳି ହେଉଥିଲା। ଏପରିକି ଟ୍ରାଫିକରେ ଆମ୍ବୁଲାନ୍ସ ଫସିରହୁଥିଲା। ରଥଯାତ୍ରାକୁ ଆଉ ୧ ମାସ ରହିଥିବା ବେଳେ ବର୍ତ୍ତମାନ ଠାରୁ ଏସି ଶେଡ୍ ଖୋଲା ପ୍ରକ୍ରିୟା ଆରମ୍ଭ ହୋଇଛି। ଅପରପକ୍ଷରେ ନିର୍ବାଚନରେ ବିଜେଡିର ପରାଜୟ ହେତୁ ରଥଯାତ୍ରା ବହୁ ପୂର୍ବରୁ ଏସି ଶେଡ୍‌କୁ ଖୋଲିଦିଆଯାଉଥିବା ସାଧାରଣରେ ଆଲୋଚନା ହେଉଛି। ତେବେ ଏସି ଶେଡ୍ ପୁଣି ଲାଗିବ କି ନାହିଁ ତାହା ରଥଯାତ୍ରା ପରେ ଜଣାପଡ଼ିବ।

# ଶିଶୁପୁତ୍ରକୁ ଜନ୍ମଦେଲେ ଟ୍ରେନ୍‌ଯାତ୍ରୀ

କଟକ,୭।୬(କାର୍ତ୍ତିକ ସାହୁ)

**ଆର୍‌ପିଏଫ୍‌ର ଗର୍ଭବତୀଙ୍କୁ ସହାୟତା**



କଟକ ଆର୍‌ପିଏଫ୍‌ର ମେରି ସହେଲି ଟିମ୍ ଗର୍ଭବତୀ ଥିବା ଜଣେ ମହିଳା ଯାତ୍ରୀଙ୍କୁ ଉପଯୁକ୍ତ ସମୟରେ ସହାୟତା ପ୍ରଦାନ କରିଛନ୍ତି। ଯଦ୍ୱାରା ମହିଳା ଜଣଙ୍କ ନିରାପଦରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି। ମହିଳା ଜଣକ ହେଲେ ବିଜୟୱାଡ଼ାରୁ ଆସିଥିବା ସେରିନା ବିବି(୩୧)।

ସୂଚନା ଅନୁସାରେ, ଚେନ୍ନାଇ-ସାଲିମାର ଏକ୍ସପ୍ରେସ୍ ଟ୍ରେନ୍‌ରେ ମହିଳା ଜଣକ ତାଙ୍କ ସ୍ୱାମୀଙ୍କ ସହ ଯାତ୍ରା କରୁଥିଲେ। କଟକ ରେଳଷ୍ଟେଶନରେ ଟ୍ରେନ୍ ପହଞ୍ଚିବାବେଳେ ତାଙ୍କର ଗର୍ଭଯନ୍ତ୍ରଣା ଆରମ୍ଭ ହୋଇଥିଲା। ଆର୍‌ପିଏଫ୍‌ର ମେରି ସହେଲି ଟିମ୍ ଏହା ଦେଖିବା ପରେ ତୁରନ୍ତ ଷ୍ଟ୍ରେଚର ଧରି ସହାୟତା ପାଇଁ ଆଗେଇ ଆସିଥିଲେ। ସେମାନେ ମହିଳାଙ୍କୁ ଷ୍ଟେଶନ୍‌ରୁ ଏସ୍‌ସିବି ମେଡିକାଲ ନେଇଥିଲେ। ସେଠାରେ ସେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଏବେ ମାଆ ଓ ଶିଶୁ ସୁସ୍ଥ ଥିବା ଜଣାପଡିଛି। ମେରି ସହେଲି ଟିମ୍ ଓ ଏଏସ୍‌ଆଇ ସ୍ମୃତି ରଞ୍ଜନ ସାହୁଙ୍କ ସମୟୋପଯୋଗୀ ଉଦ୍ୟମ ଯୋଗୁ ଏହା ସମ୍ଭବ ହୋଇପାରିଛି। ମହିଳାଙ୍କ ପରିବାର ପକ୍ଷରୁ କଟକ ଆରପିଏଫ୍‌କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ଶପଥ ନେବା ପୂର୍ବରୁ କେଦାରଗୌରୀ ପୁଷ୍କରିଣୀ ପଙ୍କୋଦ୍ଧାର କଲେ ବିଧାୟକ

ଭୁବନେଶ୍ୱର,୭।୬(ସୁବାସ ଚନ୍ଦ୍ର ପ୍ରଧାନ)

ଓଡ଼ିଶାରେ ସାଧାରଣ ନିର୍ବାଚନରେ ଏକାମ୍ର ନିର୍ବାଚନମଣ୍ଡଳୀ ବିଧାୟକ ବାବୁ ସିଂଙ୍କୁ ଲୋକେ ପୂର୍ଣ୍ଣ ବହୁମତରେ ଆଶୀର୍ବାଦ କରିଛନ୍ତି। ତେବେ ନବ ନିର୍ବାଚିତ ବିଧାୟକ ସିଂ ଶପଥ ଗ୍ରହଣ ପୂର୍ବରୁ ସେ ଅଞ୍ଚଳର ସମସ୍ୟା ସମାଧାନ ପାଇଁ ଅଣ୍ଟା ଭିଡିଛନ୍ତି। ନିର୍ବାଚନ ଫଳ ବାହାରିବା ପରଦିନଠାରୁ ସେ ବିଭିନ୍ନ ୱାର୍ଡ଼ ବୁଲି ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରି ସମାଧାନ ପାଇଁ ପ୍ରୟାସ ଆରମ୍ଭ କରୁଛନ୍ତି। ଆଗକୁ ବର୍ଷା ଆସିବା ପୂର୍ବରୁ ସେ ନିଜ ଉଦ୍ୟମରେ ବିଭିନ୍ନ ସ୍ଥାନରେ ଡ୍ରେନ ଓ ନାଳଗୁଡ଼ିକୁ ସଫା କରୁଛନ୍ତି। ସେ ଏସବୁ କାର୍ଯ୍ୟରେ ନିଜେ ଉପସ୍ଥିତ ରହି ତଦାରଖ ମଧ୍ୟ କରୁଛନ୍ତି। ପୁରୁଣା ଭୁବନେଶ୍ୱରରେ ପ୍ରଭୁ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଶୀତଳ ଷଷ୍ଠୀ ଯାତ୍ରା ପୂର୍ବରୁ କେଦାରଗୌରୀ ପୁଷ୍କରିଣୀର ପଙ୍କଉଦ୍ଧାର କରି ଦଳ ମୁକ୍ତ କରିଛନ୍ତି। ଏକାମ୍ର ନିର୍ବାଚନମଣ୍ଡଳୀରେ ପୂର୍ବ ବିଧାୟକଙ୍କ ପାଖରେ ଅଭିଯୋଗ ହେଉଥିଲେ ମଧ୍ୟ ତାହା ସମାଧାନ ହେଉ ନ ଥିଲା, ହେଲେ ଏବେ ତାହା ସମାଧାନ ହୋଇପାରିବ ବୋଲି ଲୋକେ ଚର୍ଚ୍ଚା କରୁଛନ୍ତି। ଏ ସମ୍ପର୍କରେ ବିଧାୟକ ବାବୁ ସିଂ କହନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ଲିଙ୍ଗରାଜଙ୍କ ଆଶୀର୍ବାଦରୁ ଏକାମ୍ରବାସୀଙ୍କ ସେବା କରିବାର ସୁଯୋଗ ମିଳିବା ତାଙ୍କ ପାଇଁ ସୌଭାଗ୍ୟର ବିଷୟ। ମୋଦି ଯାହା କୁହନ୍ତି, ତାହା କରନ୍ତି, ପ୍ରଧାନମନ୍ତ୍ରୀ ଓଡ଼ିଶାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରାଯିବ। ଓଡ଼ିଶା ଏବଂ ଓଡ଼ିଆ ଅସ୍ମିତାକୁ ଏକ ନୂଆ ଶିଖରରେ ପହଞ୍ଚାଇବାକୁ ଭାଜପା ପ୍ରତିଶ୍ରୁତିବଦ୍ଧ। ୨୪ ବର୍ଷ ପରେ ପ୍ରଥମ ଥର ପାଇଁ ଭାଜପାର ସରକାର ହେବାକୁ ଯାଉଛି। ଏକାମ୍ର ନିର୍ବାଚନମଣ୍ଡଳୀରେ ଜନସାଧାରଣ କେହି ନିଜର ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେବେନାହିଁ। ଏହା ତାଙ୍କର ପ୍ରାଥମିକ କାର୍ଯ୍ୟ ବୋଲି କହିଥିଲେ।

**ପୁରୀ ବାଣ ବିସ୍ଫୋରଣ ଘଟଣାର ଦ୍ୱିତୀୟ ପର୍ଯ୍ୟାୟ ତଦନ୍ତ**

# 'ସତର୍କତାମୂଳକ ପଦକ୍ଷେପ ନିଆଯାଇ ନ ଥିଲା'

ପୁରୀ,୭।୬(ଅଜିତ୍ କୁମାର ମହାନ୍ତି)

ପୁରୀ ବାଣ ବିସ୍ଫୋରଣ ଘଟଣାର ଦ୍ୱିତୀୟ ପର୍ଯ୍ୟାୟ ତଦନ୍ତ ଶୁକ୍ରବାର ଶେଷ ହୋଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ସତ୍ୟବ୍ରତ ସାହୁ ପୁରୀ ସର୍କିଟ ହାଉସରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ୩ ଜଣ ଆପତ୍ତି ଅଭିଯୋଗ ଜଣାଇଛନ୍ତି। ଏଭଳି ଅଘଟଣ ରୋକିବାକୁ ପ୍ରଶାସନ ପକ୍ଷରୁ କୌଣସି ସତର୍କତାମୂଳକ ଆଗୁଆ ପଦକ୍ଷେପ ନିଆଯାଇ ନ ଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ ଅଭିଯୋଗ କରିଛନ୍ତି।

ପୂର୍ବରୁ ଗତ ୫ ତାରିଖରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ଅଭିଯୋଗ ଶୁଣାଣିରେ ୩୦ଜଣ ଆପତ୍ତି ଅଭିଯୋଗ ଜଣାଇବା ସହ ତଥ୍ୟ ପ୍ରଦାନ କରିଥିଲେ। ଏମାନଙ୍କ ମଧ୍ୟରେ କ୍ଷତିଗ୍ରସ୍ତଙ୍କ ପରିବାର ସଦସ୍ୟ, ଗ୍ରାମବାସୀ, ପ୍ରତ୍ୟକ୍ଷଦର୍ଶୀ, ଉଦ୍ଧାରକାରୀ ବ୍ୟକ୍ତି, ଗଣମାଧ୍ୟମ ପ୍ରତିନିଧି, ସ୍ୱେଚ୍ଛାସେବୀ ଓ ସାଧାରଣ ଲୋକ ରହିଥିଲେ। ସେହିପରି ପୋଲିସ, ଅଗ୍ନିଶମ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଜମାନବନ୍ଦୀ ଦେଇଥିଲେ। ଅଧିକାରୀମାନଙ୍କୁ ଏସ୍‌ଆର୍‌ସି ଘଟଣା ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ଶୁଣାଣିରେ ୩ଜଣ ଆପତ୍ତି ଅଭିଯୋଗ ଜଣାଇଥିଲେ। ଆହତମାନଙ୍କର ଉନ୍ନତ ଚିକିତ୍ସା ପାଇଁ ଏକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଟିମ୍ ସେମାନଙ୍କ ଘରକୁ ଯାଇ ସ୍ଥିତି ଅନୁଧ୍ୟାନ କରି ଉପଯୁକ୍ତ ପରାମର୍ଶ ଦେବାକୁ ବ୍ୟବସ୍ଥା କରାଯାଇଛି। ଶୁଣାଣି ସମୟରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ର, ଅତିରିକ୍ତ ଏସ୍‌ଆର୍‌ସି ପଦ୍ମନାଭ ବେହେରା, ଡେପୁଟି କଲେକ୍ଟର ପ୍ରଫୁଲ୍ଲ କୁମାର ମିଶ୍ର, ସହକାରୀ ଜିଲାପାଳ ପଞ୍ଚାନନ ପରିଜା ଏବଂ ଏସ୍‌ଆର୍‌ସି କାର୍ଯ୍ୟାଳୟର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣି ସମ୍ପର୍କରେ ଜିଲାପାଳ ସ୍ୱାଇଁ ସୂଚନା ଦେଇ କହିଛନ୍ତି ଯେ, ଗତ ୨୯ ତାରିଖରେ ଚାପଖେଳ ବେଳେ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ବାଣ ବିସ୍ଫୋରଣ ଘଟିଥିଲା। ଏହି ଘଟଣାର ତଦନ୍ତ ନିମନ୍ତେ ସରକାରଙ୍କ ପକ୍ଷରୁ ଏକ କମିଟି ଗଠନ କରାଯିବା ସହ ଏସ୍‌ଆର୍‌ସିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଏସ୍‌ଆର୍‌ସି ପୁରୀ ଆସି କ୍ଷେତ୍ର ପରିଦର୍ଶନ କରିବା ସହ ଗତ ୫ ତାରିଖରେ ରାଉଣ୍ଡ ତଦନ୍ତ କରିଥିଲେ। ଶୁକ୍ରବାର ଦ୍ୱିତୀୟ ଥର ପାଇଁ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ମୋଟ ୩୩ ଜଣ ବ୍ୟକ୍ତିବିଶେଷ ସେମାନଙ୍କ ଅଭିଯୋଗ ଓ ମତାମତ ପ୍ରଦାନ କରିଛନ୍ତି। ଏମାନଙ୍କ ମଧ୍ୟରେ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ପ୍ରତ୍ୟକ୍ଷଦର୍ଶୀ, ଆହତଙ୍କ ପରିବାର ସଦସ୍ୟ ଆଦି ରହିଥିଲେ। ବିଭିନ୍ନ ବିଭାଗର ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଆବଶ୍ୟକ ପଡ଼ିଲେ ଆଉ ଥରେ ଏସ୍‌ଆର୍‌ସି ପୁରୀ ଆସି ତଦନ୍ତ କରି ସରକାରଙ୍କୁ ରିପୋର୍ଟ ଦେଇପାରନ୍ତି ବୋଲି ସ୍ୱାଇଁ କହିଛନ୍ତି। ଅପରପକ୍ଷେ ବିସ୍ଫୋରଣ ପରେ ଘଟଣାସ୍ଥଳରେ ପହଞ୍ଚିଥିବା ସୁଶାନ୍ତ କୁମାର ମହାପାତ୍ର ଏସ୍‌ଆର୍‌ସିଙ୍କୁ ଦେଖାକରି ତାଙ୍କ ମତ ରଖିଥିଲେ। ମହାପାତ୍ର କହିଛନ୍ତି, ଘଟଣା ଘଟିବାର କିଛି ସମୟ ପରେ ସେ ସେଠାରେ ପହଞ୍ଚିଥିଲେ। ଘଟଣାସ୍ଥଳରେ ରକ୍ତଛିଟା ସହ ପୋଡ଼ା ଜିନିଷ ପଡ଼ିରହିଥିଲା। ଚାପଡଙ୍ଗା ଉପରେ ଏକ ଡ୍ରୋନ ଉଡୁଥିଲା। ମାତ୍ର ଡ୍ରୋନରେ ବାଣ ବିସ୍ଫୋରଣ ସମ୍ପର୍କରେ କୌଣସି ସୂଚନା ନାହିଁ କି ପୋଲିସ ନିକଟରେ ଖବର ନାହିଁ। ଭକ୍ତଙ୍କ ସୁରକ୍ଷା ପାଇଁ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା। ଯାନିଯାତ୍ରା ସମୟରେ ଆମ୍ବୁଲାନ୍ସ, ଦମକଳ ନ ଥିଲା କି ଆବଶ୍ୟକ ସଂଖ୍ୟକ ପୋଲିସ ମୁତୟନ ନ ଥିଲେ। ବାଣ ଫୁଟାଯାଉଥିବା ସ୍ଥାନକୁ ଲୋକଙ୍କୁ ନ ଛାଡ଼ିବା ପାଇଁ କିଛିଦୂରରେ ଦଉଡ଼ି ବାନ୍ଧିଦେଇଥିଲେ ଏପରି ଅଘଟଣକୁ ଏଡ଼ାଇ ଦିଆଯାଇପାରିଥାନ୍ତା। ପୋଲିସ ପକ୍ଷରୁ ମଧ୍ୟ କୌଣସି ଆଗୁଆ ସତର୍କ ସୂଚନା ଦିଆଯାଇ ନ ଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ବର୍ନ ୟୁନିଟ୍ ଓ ଆବଶ୍ୟକ ଭିତ୍ତିଭୂମି ନାହିଁ ବୋଲି ଏସ୍‌ଆର୍‌ସିଙ୍କୁ ସେ ଅଭିଯୋଗ ଜଣାଇଥିବା ମହାପାତ୍ର ପ୍ରକାଶ କରିଛନ୍ତି।



ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଏସ୍‌ଆର୍‌ସି ସତ୍ୟବ୍ରତ ସାହୁ ତଦନ୍ତ କରୁଛନ୍ତି।

**ଏସ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ ଆଣିଲେ ପ୍ରତ୍ୟକ୍ଷଦର୍ଶୀ**

# କାର୍ଯ୍ୟ କରୁନାହାନ୍ତି ଟ୍ରାଫିକ୍ ଭଲ୍ୟୁଣ୍ଟିୟର

## ଚୟନକୁ ୪ ମାସ ବିତିଲାଣି

କଟକ,୭।୬(କାର୍ତ୍ତିକ ସାହୁ)

କଟକ ସହରରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଷ୍ଟୁଡେଣ୍ଟ ଟ୍ରାଫିକ୍ ଭଲ୍ୟୁଣ୍ଟିୟର ବ୍ୟବସ୍ଥା କରାଯାଇଛି। ହେଲେ ଏହି ବ୍ୟବସ୍ଥା ଏବେ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ପ୍ରାୟ ୫ ମାସ ହେବ ସହରର ବିଭିନ୍ନ ଛକଜାଗାରେ ଷ୍ଟୁଡେଣ୍ଟ ଟ୍ରାଫିକ ଭଲ୍ୟୁଣ୍ଟିୟର ଆଉ ଦେଖାଯାଉନାହାନ୍ତି। ଦିନକୁ ଦିନ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଥିବାବେଳେ ଟ୍ରାଫିକ ଭଲ୍ୟୁଣ୍ଟିୟରମାନଙ୍କ ଅନୁପସ୍ଥିତି ସହରବାସୀଙ୍କୁ ଅଡୁଆରେ ପକାଉଥିବା ଚର୍ଚ୍ଚା ହେଉଛି।

ସୂଚନା ଅନୁସାରେ, ସହରର ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ପାଇଁ କଟକ ସହରାଞ୍ଚଳ ପୋଲିସରେ ଯଥେଷ୍ଟ ଟ୍ରାଫିକ କର୍ମଚାରୀ ନ ଥିବାରୁ ଏହାର ବିକଳ୍ପ ଭାବେ କିଛିବର୍ଷ ତଳେ ଆରମ୍ଭ ହୋଇଥିଲା ଷ୍ଟୁଡେଣ୍ଟ ଟ୍ରାଫିକ ଭଲ୍ୟୁଣ୍ଟିୟର ବ୍ୟବସ୍ଥା। ଏଥିରେ କଟକ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ୧୮ ବର୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରମାନଙ୍କୁ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରିବାର ସୁଯୋଗ ଦିଆଯାଇଆସୁଛି। ସେମାନଙ୍କୁ ଦୈନିକ ୩ ଘଣ୍ଟା ଲେଖାଏ ମାସକୁ ୧୫ ଦିନ କାର୍ଯ୍ୟ କରାଇବାର ବ୍ୟବସ୍ଥା ରହିଛି। ସେମାନେ ପାଠପଢ଼ା ସହିତ ସ୍ୱେଚ୍ଛାସେବୀ ଭାବେ ଟ୍ରାଫିକ ପରିଚାଳନା କରିବେ।



ଗୋଟିଏ ଦିନ ୩ ଘଣ୍ଟା କାର୍ଯ୍ୟ କରି ଜଣେ ଷ୍ଟୁଡେଣ୍ଟ ଭଲ୍ୟୁଣ୍ଟିୟର ପାଉଛି ମାତ୍ର ୧୦୦ ଟଙ୍କା। ଏଭଳି ଭାବରେ ଜଣେ ଷ୍ଟୁଡେଣ୍ଟ ଭଲ୍ୟୁଣ୍ଟିୟର ମାସକୁ ମାତ୍ର ୧୫୦୦ ଟଙ୍କା ପାଉଛି, ଯାହାକି ପକେଟ ମନି ସଦୃଶ। ଏଥିସହ କାର୍ଯ୍ୟ କରିବା ପାଇଁ ଡ୍ରେସ୍‌କୋର୍ଡ ଭାବେ ସେମାନଙ୍କୁ କମିଶନରେଟ୍ ପୋଲିସ ପକ୍ଷରୁ ଜୋତା, ଡ୍ରେସ୍ ଓ ଟୋପି ଯୋଗାଇ ଦିଆଯାଉଛି। ସେ ଜଣେ ଦାୟିତ୍ୱସମ୍ପନ୍ନ ସ୍ୱେଚ୍ଛାସେବୀ ଭାବେ ଆତ୍ମସନ୍ତୋଷ ଲାଭ କରିବା ସହ ନିଜକୁ ଦୃଢ଼ ଭାବେ ଗଢ଼ି ତୋଳିବାର ଶୃଙ୍ଖଳା ଜ୍ଞାନର ଖୋରାକ ମଧ୍ୟ ପାଉଛି। ଏତିକି ବ୍ୟତୀତ ଆଉ କିଛି ପ୍ରୋତ୍ସାହନ ନାହିଁ। ସେମାନେ ଗୋଟିଏ ବର୍ଷ ନିମନ୍ତେ କାର୍ଯ୍ୟ କରୁଛନ୍ତି। ଅବଧି ଶେଷ ହେବା ପରେ ପୁଣି ଚୟନ କରାଯାଉଛି। ଏହି ଚୟନବେଳେ ପୁରୁଣା ଓ ନୁଆ ଭଲ୍ୟୁଣ୍ଟିୟରଙ୍କୁ ସାମିଲ କରାଯାଉଛି। ତେବେ ଗତବର୍ଷ କାର୍ଯ୍ୟ କରିଥିବା ଷ୍ଟୁଡେଣ୍ଟ ଭଲ୍ୟୁଣ୍ଟିୟରମାନଙ୍କ ଅବଧି ଶେଷ ହେବା ପରେ ନୂତନ ଚୟନ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିପାଇଁ ଭୁବନେଶ୍ୱରସ୍ଥିତ ପୋଲିସ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଛାତ୍ରୀଛାତ୍ରମାନେ ଏଥିପାଇଁ ଆବେଦନ କରିବା ପରେ ଚୟନ ମଧ୍ୟ ଶେଷ ହୋଇସାଇଛି। ପୂର୍ବ ବର୍ଷଗୁଡ଼ିକରେ କଟକ ସହରାଞ୍ଚଳ ନିମନ୍ତେ ୧୦୦ ଜଣ ଷ୍ଟୁଡେଣ୍ଟ ଟ୍ରାଫିକ୍ ଭଲ୍ୟୁଣ୍ଟିୟରଙ୍କୁ ଚୟନ କରାଯାଉଥିଲା। ମାତ୍ର ଏଥର ୧୨୦ ଜଣଙ୍କୁ ଚୟନ କରାଯାଇଛି। ଏହି ଚୟନ ପ୍ରକ୍ରିୟା ପ୍ରାୟ ୪ ମାସ ତଳୁ ଶେଷ ହୋଇସାରିଛି। ହେଲେ ଅଦ୍ୟାବଧି ଷ୍ଟୁଡେଣ୍ଟ ଭଲ୍ୟୁଣ୍ଟିୟରମାନଙ୍କୁ କାର୍ଯ୍ୟ କରିବା ନିମନ୍ତେ ଡକାଯାଉନାହିଁ। ଏ ନେଇ କଟକସ୍ଥିତ ଟ୍ରାଫିକ ଏସିପି ସୁଶାନ୍ତ କୁମାର ସିଂହ କହିଛନ୍ତି, ଷ୍ଟୁଡେଣ୍ଟ ଟ୍ରାଫିକ ଭଲ୍ୟୁଣ୍ଟିୟର ଚୟନ କାର୍ଯ୍ୟ ଶେଷ ହୋଇସାରିଛି। ସେମାନଙ୍କର ମାପ ଅନୁସାରେ ଡ୍ରେସ୍, ଜୋତା ଆଦି ତିଆରି ନିମନ୍ତେ ଭୁବନେଶ୍ୱରସ୍ଥିତ ପୋଲିସ କମିଶନରଙ୍କ କାର୍ଯ୍ୟାଳୟକୁ ତାଲିକା ପଠାସରିଛି। ନିର୍ବାଚନ ପାଇଁ ସମସ୍ତ କାର୍ଯ୍ୟ ଟିକେ ବିଳମ୍ବ ହୋଇଛି। ତେବେ କମିଶନରଙ୍କ କାର୍ଯ୍ୟାଳୟରୁ ଡ୍ରେସ୍ କୋଡ୍ ମିଳିବା ପରେ ସେମାନଙ୍କୁ ଟ୍ରାଫିକ ପରିଚାଳନାରେ ଯୋଗଦେବାକୁ ଡକାଯିବ।

## ସଂକ୍ଷେପରେ

### ମହାନଦୀରୁ ଅଚିହ୍ନା ମୃତଦେହ ଜବତ

କଟକ ସଦର, ୭।୬(ସୁଶାନ୍ତ କୁମାର ଜେନା)

କିଶନ ନଗର ଥାନା ଅନ୍ତର୍ଗତ ମହାନଦୀର ମୁର୍କୁଣ୍ଡି ପୋଲ ନିକଟରୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଶୁକ୍ରବାର ସକାଳେ ଉଦ୍ଧାର କରାଯାଇଛି। ସେ ଜିନ୍ସ ପ୍ୟାଣ୍ଟ ଓ ଗଞ୍ଜି ପିନ୍ଧିଥିବାବେଳେ ତାଙ୍କ ବୟସ ପ୍ରାୟ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ସକାଳେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ସାଲେପୁର ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। ପରେ କିଶନ ନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୮/୨୪) ରୁଜୁ ହୋଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ସମ୍ପୃକ୍ତ ଯୁବକଙ୍କ ମୃତ୍ୟୁ ୩/୪ ଦିନ ମଧ୍ୟରେ ହୋଇଥିବା ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ କହିଛନ୍ତି।

### ଶିବିରରୁ ୨୫ ୟୁନିଟ୍ ରକ୍ତ ସଂଗ୍ରହ

ମଙ୍ଗୁଳି-ଜଗତପୁର,୭।୬(ମାନସ ସାମଲ)

କଟକ ଜିଲା ଟାଙ୍ଗୀସ୍ଥିତ ବାପୁଜୀ କ୍ଲବ ପରିସରରେ ସାଲେପୁରର ବିବେକାନନ୍ଦ କର ମେମୋରିଆଲ ଟ୍ରଷ୍ଟ ଓ ବାପୁଜୀ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ରବୀନ୍ଦ୍ର ନାଥ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରୁ ୨୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଟ୍ରଷ୍ଟର ପ୍ରତିଷ୍ଠାତା ପ୍ରଶାନ୍ତ କୁମାର କର ଯୋଗଦେଇ ରକ୍ତର ଅଭାବ ଦୂର କରିବା ପାଇଁ ଟ୍ରଷ୍ଟ ତରଫରୁ ପ୍ରତିବର୍ଷ ରକ୍ତଦାନ ଶିବିର ଆୟୋଜନ କରାଯାଇଥାଏ ବୋଲି କହିଥିଲେ। କ୍ଲବ ସମ୍ପାଦକ ବାପୁପ୍ରିୟ ରାମ, ସଭ୍ୟ ରୋହିତ କୁମାର ମହାନ୍ତି, ଶିବରାମ ଦାସ, ବିନୋଦ କୁମାର ବେହେରା, କମଳାକାନ୍ତ ମଲ୍ଲିକ, ନାରାୟଣ ସ୍ୱାଇଁ, ରାଜକିଶୋର ସାହୁ, ସୁବାସ ଚନ୍ଦ୍ର ବେହେରା, ଜଗବନ୍ଧୁ ବେହେରା ଓ ଲକ୍ଷ୍ମୀନାରାୟଣ ଦାସ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ନିଖୋଜ ଯୁବକଙ୍କ ମୃତଦେହ ମିଳିଲା

ବାଲିଅନ୍ତା,୭।୬(ନୀଳମାଧବ ସାହୁ)

ବାଲିଅନ୍ତା ହାଇସ୍କୁଲ ସମ୍ମୁଖ ପୁରୀ ମୁଖ୍ୟ କେନାଲରେ ବୁଡ଼ି ନିଖୋଜ ଥିବା ଯୁବକଙ୍କ ମୃତଦେହ ପାହାଳ ପୋଲିସ ଶୁକ୍ରବାର ସକାଳେ କେନାଲ ପାଣିରୁ ଜବତ କରିଛି। ମୃତକ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଅଞ୍ଚଳର ସୌମ୍ୟରଞ୍ଜନ ଦାସ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୧/୨୪) ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୌମ୍ୟରଞ୍ଜନ ଗୁରୁବାର ସନ୍ଧ୍ୟାରେ କେନାଲ ବ୍ରିଜ୍ ବାଡ଼ରେ ବସିଥିବାବେଳେ ତଳକୁ ଖସିପଡ଼ି ନିଖୋଜ ହୋଇଯାଇଥିଲେ। ଅଗ୍ନିଶମ ବାହିନୀ କେନାଲରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲା।

# ଆଇନ ଶୃଙ୍ଖଳା, ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ




ରଥଯାତ୍ରା ପ୍ରସ୍ତୁତି ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

ଆଠଗଡ,୭।୬(ସତ୍ୟପ୍ରସାଦ ରଥ)

## ରଥଯାତ୍ରା ପ୍ରସ୍ତୁତି ବୈଠକ

ଆଠଗଡ଼ ଉପଖଣ୍ଡର ସମ୍ମିଳନୀ କକ୍ଷରେ ରଥଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଶାନ୍ତ ତରାଇ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଦେବୋତ୍ତର ସୁପରଭାଇଜର ଭବାନୀଶଙ୍କର ପଣ୍ଡା ରଥଯାତ୍ରାର ବିସ୍ତୃତ ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ ରଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଓ କାରିଗରମାନଙ୍କ ଦ୍ୱାରା ଠିକ୍ ସମୟରେ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ରଥଯାତ୍ରା ଉପଲକ୍ଷେ ବହୁ ଜନସମାଗମକୁ ଦୃଷ୍ଟିରେ ରଖି ପାନୀୟ ଜଳ, ପରିମଳ ବ୍ୟବସ୍ଥା, ରଥଖଳାର ପରିଚ୍ଛନ୍ନତା, ବିଦ୍ୟୁତ ସରବରାହ, ଯାନବାହନ ନିୟନ୍ତ୍ରଣ, ଆଇନଶୃଙ୍ଖଳା, ସୂଚନା କେନ୍ଦ୍ର ଇତ୍ୟାଦି କିପରି ସୁଚାରୁ ରୂପେ ହୋଇପାରିବ ସେ ଉପରେ ଉପଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ର କୁମାର ମଲ୍ଲିକ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ମିଶ୍ର, ନିର୍ବାହୀ ଅଧିକାରୀ ଆଠଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ପ୍ରଦୀପ କୁମାର ଶାହା, ଭାରପ୍ରାପ୍ତ ପୋଲିସ ଅଧିକାରୀ ଆଠଗଡ ଥାନା ଅନିରୁଦ୍ଧ ମୁଦୁଲି, ରାଜପୁରୋଧା ସୁଶାନ୍ତ କୁମାର ମିଶ୍ର, ସଂକୀର୍ତ୍ତନ ଅଧିକାରୀ ଅଜୟ କୁମାର ଦାସ, ଆଠଗଡ ରଥଯାତ୍ରା ସହ ସମ୍ପୃକ୍ତ ଯନ୍ତ୍ରୀ, ଅଧିକାରୀ ଓ କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧି,ଦେବୋତ୍ତର ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ସହକାରୀ ଅଧିକାରୀ ତାପସ କୁମାର ଓଝା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



କଟକ ବକ୍ସିବଜାରସ୍ଥିତ ସତ୍‌ସଙ୍ଗ ବିହାରରେ ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବଙ୍କ ଜନ୍ମୋତ୍ସବ ଅବସରରେ ଅନୁଷ୍ଠିତ ସତ୍‌ସଙ୍ଗରେ ଉପସ୍ଥିତ ଶ୍ରଦ୍ଧାଳୁ।

# ମାନସ ଚୌଧୁରୀଙ୍କ ନିଲମ୍ବନକୁ ନେଇ ସମାଲୋଚନା

କଟକ,୭।୬(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲା କଂଗ୍ରେସ କମିଟି ସଭାପତି ମାନସ ଚୌଧୁରୀଙ୍କୁ ଶୁକ୍ରବାର ଦଳରୁ ନିଲମ୍ବନ କରାଯାଇଛି। ଏହାକୁ ଜିଲା କଂଗ୍ରେସ କମିଟିର ସଦସ୍ୟମାନେ ଘୋର ବିରୋଧ କରିଛନ୍ତି। ଜିଲା କଂଗ୍ରେସ ମୁଖ୍ୟ ମୁଖପାତ୍ର ଅଶୋକ ସ୍ୱାଇଁ ଏହାକୁ ନିନ୍ଦା କରିବା ସହ କଂଗ୍ରେସ ରାଜ୍ୟ ନେତୃବୃନ୍ଦଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଚଳିତ ନିର୍ବାଚନରେ କଂଗ୍ରେସର ସମସ୍ତ ବରିଷ୍ଠ ନେତୃବୃନ୍ଦଙ୍କଠାରୁ ମାନସ ଦଳ ପାଇଁ ଅଧିକ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ କରିଥିଲେ। ତାଙ୍କ ଲୋକପ୍ରିୟତାକୁ ଖସାଇବା ପାଇଁ ଏକ ପ୍ରକାର ହୀନଚକ୍ରାନ୍ତ କରାଯାଇଛି। ମାନସ ଜିଲା କଂଗ୍ରେସ କମିଟି ସଭାପତି ସହ ଅଖିଳ ଭାରତ କଂଗ୍ରେସ କମିଟିର ସକ୍ରିୟ ସଦସ୍ୟ ଓ କେନ୍ଦ୍ର କଂଗ୍ରେସ କମିଟିର ଜଣେ ଆଗଧାଡିର ନେତା। ରାଜ୍ୟର କଂଗ୍ରେସ ନେତୃବୃନ୍ଦମାନେ ତାଙ୍କୁ ଏକପ୍ରକାର କଂଗ୍ରେସର ଦ୍ରୋହୀ ବୋଲି ଆକ୍ଷେପ କରିଛନ୍ତି। ମାନସଙ୍କ ବିରୋଧରେ ଷଡ଼ଯନ୍ତ୍ର କରିଥିବା ବ୍ୟକ୍ତି ତାଙ୍କୁ ନିଃସର୍ତ୍ତ କ୍ଷମାପ୍ରାର୍ଥନା ସହ ରାଜ୍ୟ କଂଗ୍ରେସ ଏ ପ୍ରକାର ଭୁଲ୍ କେବେ ନ କରିବା ପାଇଁ କଟକ ଜିଲା କଂଗ୍ରେସର କର୍ମୀମାନେ ଚେତାବନୀ ଦେଇଛନ୍ତି।

# ଶିଶୁପୁତ୍ରକୁ ଜନ୍ମ ଦେଲେ ଟ୍ରେନ୍‌ଯାତ୍ରୀ



ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ମେଡିକାଲ ନିଆଯାଉଛି।

କଟକ,୭।୬(କାର୍ତ୍ତିକ ସାହୁ)

## ଆର୍‌ପିଏଫ୍‌ର ଗର୍ଭବତୀଙ୍କୁ ସହାୟତା

କଟକ ଆର୍‌ପିଏଫ୍‌ର ମେରି ସହେଲି ଟିମ୍ ଗର୍ଭବତୀ ଥିବା ଜଣେ ମହିଳା ଯାତ୍ରୀଙ୍କୁ ଉପଯୁକ୍ତ ସମୟରେ ସହାୟତା ପ୍ରଦାନ କରିଛନ୍ତି। ଯଦ୍ୱାରା ମହିଳା ଜଣଙ୍କ ନିରାପଦରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି। ମହିଳା ଜଣକ ହେଲେ ବିଜୟୱାଡ଼ାରୁ ଆସିଥିବା ସେରିନା ବିବି(୩୧)।

ସୂଚନା ଅନୁସାରେ, ଚେନ୍ନାଇ-ସାଲିମାର ଏକ୍ସପ୍ରେସ୍ ଟ୍ରେନ୍‌ରେ ମହିଳା ଜଣକ ତାଙ୍କ ସ୍ୱାମୀଙ୍କ ସହ ଯାତ୍ରା କରୁଥିଲେ। କଟକ ରେଳଷ୍ଟେଶନରେ ଟ୍ରେନ୍ ପହଞ୍ଚିବାବେଳେ ତାଙ୍କର ଗର୍ଭଯନ୍ତ୍ରଣା ଆରମ୍ଭ ହୋଇଥିଲା। ଆର୍‌ପିଏଫ୍‌ର ମେରି ସହେଲି ଟିମ୍ ଏହା ଦେଖିବା ପରେ ତୁରନ୍ତ ଷ୍ଟ୍ରେଚର ଧରି ସହାୟତା ପାଇଁ ଆଗେଇ ଆସିଥିଲେ। ସେମାନେ ମହିଳାଙ୍କୁ ଷ୍ଟେଶନ୍‌ରୁ ଏସ୍‌ସିବି ମେଡିକାଲ ନେଇଥିଲେ। ସେଠାରେ ସେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଏବେ ମାଆ ଓ ଶିଶୁ ସୁସ୍ଥ ଥିବା ଜଣାପଡିଛି। ମେରି ସହେଲି ଟିମ୍ ଓ ଏଏସ୍‌ଆଇ ସ୍ମୃତି ରଞ୍ଜନ ସାହୁଙ୍କ ସମୟୋପଯୋଗୀ ଉଦ୍ୟମ ଯୋଗୁ ଏହା ସମ୍ଭବ ହୋଇପାରିଛି। ମହିଳାଙ୍କ ପରିବାର ପକ୍ଷରୁ କଟକ ଆରପିଏଫ୍‌କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ହାଇକୋର୍ଟଙ୍କ ଜବାବ ଦାଖଲ ନିର୍ଦ୍ଦେଶ

କଟକ,୭।୬(କାର୍ତ୍ତିକ ସାହୁ)

## ଓଏସ୍‌ଆର୍‌ଟିସିର ଦୋକାନ ଘର ଖାଲି ପାଇଁ ନୋଟିସ ମାମଲା



ଓଡ଼ିଶା ଷ୍ଟେଟ୍ ରୋଡ୍ ଟ୍ରାନ୍ସପୋର୍ଟ କର୍ପୋରେଶନ୍ (ଓଏସ୍‌ଆର୍‌ଟିସି)ର ବାଦାମବାଡ଼ି କାର୍ଯ୍ୟାଳୟ ସମ୍ମୁଖ ଡିଟିଏମ୍ ମାର୍କେଟ୍ କମ୍ପ୍ଲେକ୍ସ ପରିସରସ୍ଥ ଦୋକାନ ଘର ଖାଲି ପାଇଁ ହୋଇଥିବା ନୋଟିସ୍ ବିରୋଧରେ ଆଗତ ଆବେଦନର ଶୁଣାଣି ହାଇକୋର୍ଟରେ ହୋଇଛି। ହାଇକୋର୍ଟ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ମାମଲାର ଶୁଣାଣି କରି ଓଏସ୍‌ଆର୍‌ଟିସିକୁ ନୋଟିସ୍ ଜାରି କରିଛନ୍ତି। ହାଇକୋର୍ଟ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ କରିବା ନିମନ୍ତେ ଓଏସ୍‌ଆର୍‌ଟିସିକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଜୁଲାଇ ୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀ ଅନୁସାରେ, ବାଦାମବାଡ଼ି କାର୍ଯ୍ୟାଳୟ ସମ୍ମୁଖ ଡିଟିଏମ୍ ମାର୍କେଟ୍ କମ୍ପ୍ଲେକ୍ସ ପରିସରରେ ଥିବା ଦୋକାନ ଘରଗୁଡିକରେ କେତେକ ବ୍ୟକ୍ତି ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଦୋକାନୀମାନଙ୍କ ନିମନ୍ତେ ଅନ୍ୟ ବ୍ୟବସ୍ଥା ଗ୍ରହଣ ନ କରି ଓଏସ୍‌ଆର୍‌ଟିସି ପକ୍ଷରୁ ହଠାତ୍ ସେମାନଙ୍କୁ ଦୋକାନ ବନ୍ଦ କରିବା ପାଇଁ ଆଦେଶ ଦିଆଯାଇଥିଲା। ଏଭଳି ଆଦେଶକୁ ବେଆଇନ ଦର୍ଶାଇ ଆବେଦନକାରୀ ପପିଆ ସିକଦର୍ ଏବଂ ଅନ୍ୟମାନଙ୍କ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ଦୋକାନଘର ଖାଲି କରିବା ଦ୍ୱାରା ସେମାନଙ୍କ ଜୀବନ ଜୀବିକା ପ୍ରଭାବିତ ହେବ ବୋଲି ଆବେଦନରେ ଦର୍ଶାଯାଇଛି।

# 'ଗୁରୁ ଦୟାନିଧି ଥିଲେ ଯୋଗଜନ୍ମା ପୁରୁଷ'

କଟକ,୭।୬ (କାର୍ତ୍ତିକ ସାହୁ)

ଗୁରୁ ଦୟାନିଧି ଦାସ ପ୍ରାରମ୍ଭିକ ଅବସ୍ଥାରେ ଓଡ଼ିଶୀ ନୃତ୍ୟକୁ ବିକଶିତ କରିବାରେ ସହାୟକ ହୋଇଥିଲେ। ସେ ଘରକୁ ଘର ବୁଲି ବହୁ କଷ୍ଟ ସ୍ୱୀକାର କରିଥିଲେ। ସେ ଥିଲେ ଜଣେ ଯୋଗଜନ୍ମା ପୁରୁଷ। ସରକାରୀ ସ୍ତରରେ ତାଙ୍କୁ ଉପଯୁକ୍ତ ସମ୍ମାନ ମିଳିବା ଦରକାର ବୋଲି ଗୁରୁ ଦୟାନିଧି ଦାସଙ୍କ ଜନ୍ମବାର୍ଷିକୀ ସମାରୋହରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଦୟାନିଧି ସ୍ମୃତି କଳା ପରିଷଦର ମିଳିତ ଆନୁକୂଲ୍ୟରେ କଳାବିକାଶ କେନ୍ଦ୍ରଠାରେ ଗୁରୁ ଦୟାନିଧିଙ୍କ ଜନ୍ମବାର୍ଷିକୀ ସମାରୋହ ଶୁକ୍ରବାର ପାଳିତ ହୋଇଯାଇଛି। ଡ. ପ୍ରଫୁଲ୍ଲ କୁମାର ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହକୁ ମୁଖ୍ୟ ଅତିଥି ଡ. ସଂତୃପ୍ତ ମିଶ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ବରେଣ୍ୟ ଅତିଥି ପ୍ରଫେସର ଡ. ନିରଞ୍ଜନ ତ୍ରିପାଠୀ, କଳାବିକାଶ କେନ୍ଦ୍ରର ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ରନାଥ ମହାନ୍ତି ଓ ଟ୍ରଷ୍ଟି ରାଜକିଶୋର କ୍ୟାଲ ଯୋଗଦେଇ ଗୁରୁ ଦୟାନିଧିଙ୍କ ସ୍ମୃତିଚାରଣ କରିଥିଲେ। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ ନିର୍ବାହୀ ଅଧିକାରୀ ସିକତା ଦାସ ଓ ଅନ୍ୟତମ କାର୍ଯ୍ୟ ନିର୍ବାହୀ ଅନୁଜା ତାରିଣୀ ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ବିଶେଷାଙ୍କ 'କଳାସୃଜନୀ' ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦିକା ଡ. ବିଜୟଲକ୍ଷ୍ମୀ ଦାସ କାର୍ଯ୍ୟକ୍ରମ ପରିଚାଳନା, ଉପସଭାପତି ନରସିଂହ ମହାପାତ୍ର ଅତିଥି ପରିଚୟ ପ୍ରଦାନ ଓ ସାଂସ୍କୃତିକ ସମ୍ପାଦକ ବିଭୁପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ସମାରୋହରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ବୋଲେରୋ ଧକ୍କାରେ ଯୁବକ ମୃତ, ରାସ୍ତାରୋକୋ

ନିଶ୍ଚିନ୍ତକୋଇଲି,୭।୬(ଅଶୋକ କୁମାର ମହାପାତ୍ର)

କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି କଲେଜଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ବୋଲେରୋ ଧକ୍କାରେ ଜଣେ ଦଳିତ ଯୁବକଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକମାନେ ନିଶ୍ଚିନ୍ତକୋଇଲି ଥାନା ଛକ ନିକଟରେ ଟାୟାର ଜାଳି ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା ପଞ୍ଚାୟତ ଆଏଣ୍ଡା ଗ୍ରାମର ତପନ କାଣ୍ଡି(୨୬) ଓ ରାକେଶ କୁମାର ମଲିକ(୨୪)ବାଇକ୍‌ରେ ଯାଉଥିଲେ। ବାଟରେ ତେଲ ସରିଯିବାରୁ ବାଇକ୍‌କୁ ଗଡାଇ ଗଡାଇ ନେଉଥିଲେ। ଏହି ସମୟରେ ତପନ ରାସ୍ତା ପାର୍ଶ୍ୱରେ ଠିଆ ହୋଇଯାଇଥିଲେ। ହଠାତ୍ କଟକ ଆଡୁ କେନ୍ଦ୍ରାପଡା ଅଭିମୁଖେ ଦ୍ରୁତଗତିରେ ଯାଉଥିବା ବୋଲେରୋ(ଓଡ଼ି୦୫ଆର୍-୭୪୬୭) ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତପନଙ୍କ ମୃତ୍ୟୁକୁ ନେଇ ଉତ୍ତ୍ୟକ୍ତ ଲୋକେ ନିଶ୍ଚିନ୍ତକୋଇଲି ଥାନା ଛକ ନିକଟରେ ରାସ୍ତା ଅବରୋଧ କରିଥିଲେ। ଏଥିଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ମାହାଙ୍ଗାର ବିଜୟୀ ବିଧାୟକ ପ୍ରାର୍ଥୀ ସାରଦା ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ଅନ୍ୟ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏନେଇ ତପନଙ୍କ ଦାଦା ସନାତନ କାଣ୍ଡି ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା।




ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକମାନେ ରାସ୍ତାରୋକୋ କରିଛନ୍ତି।

# ଚନ୍ଦକା ପରେ ଏବେ ହାତୀଙ୍କ ବାସସ୍ଥଳୀ ନାରଗୋଦା

- ବେଗୁନିଆରେ ହାତୀ ଉତ୍ପାତ
- ସଞ୍ଜ ନଇଁଲେ ପଡୁଛି ତାଟି କବାଟ, ଲୋକେ ଭୟଭୀତ
- ୬ ବର୍ଷରେ ଗଲାଣି ୧୩ ଜୀବନ

ବେଗୁନିଆ,୭।୬(ହରପ୍ରସନ୍ନ ପଣ୍ଡା)



ଶୁକ୍ରବାର ଅପରାହ୍ନରେ ନାରଗୋଦା ଜଙ୍ଗଲରୁ ୧୬ ଟିକିଆ ହାତୀ ପଲ ବିଚରଣ ପାଇଁ ବାହାରିଛନ୍ତି।

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ଦୀର୍ଘ ବର୍ଷ ହେଲା ହାତୀ ଉତ୍ପାତ ବୃଦ୍ଧି ପାଇଛି। ଏଥିଯୋଗୁ ଅନେକ ଲୋକ ସର୍ବସ୍ୱାନ୍ତ ହେଉଥିବାବେଳେ ଆକ୍ରମଣରେ ନିରୀହ ଲୋକଙ୍କ ଜୀବନ ମଧ୍ୟ ଚାଲିଯାଉଛି। ଦିନକୁ ଦିନ ହାତୀପଲଙ୍କ ଉତ୍ପାତ ଏପରି ହେଉଛି ଯେ, ସଞ୍ଜ ନଇଁଲେ ଗାଁରେ ତାଟି କବାଟ ପଡୁଥିବାବେଳେ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏହାର ସମାଧାନ ଦିଗରେ ପ୍ରଶାସନ ଓ ଜଙ୍ଗଲ ବିଭାଗର ଅବହେଳାକୁ ଲୋକେ ଦାୟୀ କରୁଥିବାବେଳେ ପ୍ରତିକାର ଦିଗରେ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ଫଳରେ ଆଗାମୀ ଦିନରେ ଏଭଳି କେତେ ଯେ ଅଘଟଣ ନ ଘଟିବ, ତାହା କିଏ କହିବ। ପ୍ରକାଶଥାଉ କି, ବର୍ଷକୁ ଥରେ ପାଚିଲା ଧାନ ଖାଇବାକୁ ହାତୀପଲ ଏହି ବ୍ଲକ ଅଞ୍ଚଳକୁ ଆସୁଥିଲେ। ପଲ ମଧ୍ୟରେ ୪ରୁ ୫ଟି ହାତୀ ଆସି ଖୋର୍ଦ୍ଧା, ଟାଙ୍ଗୀ ଏବଂ ବେଗୁନିଆ ବନ ବିଭାଗ ଅଞ୍ଚଳରେ ବିଚରଣ କରି ପୁଣି ଫେରିଯାଉଥିଲେ। ପରେ ସେମାନେ ୨୦୧୭ରୁ ସୁରକ୍ଷିତ ବାସସ୍ଥଳୀ ଭାବେ ବେଗୁନିଆ ବ୍ଲକର ନାରଗୋଦା ଜଙ୍ଗଲରେ ବାସକଲେ। ହାତୀ ବିଚରଣ ପାଇଁ ଆବଶ୍ୟକ ଜଙ୍ଗଲ ଓ ଜଳବାୟୁ ସେମାନଙ୍କୁ ସୁହାଇଥିଲା। ନାରଗୋଦା ଜଙ୍ଗଲ ପରିସରରେ ହାତୀପଲ ବଂଶ ବୃଦ୍ଧି କରିଥିଲେ। ୭ ବର୍ଷ ପରେ ଏବେ ୩୦ରୁ ୪୦ ଟିକିଆ ହାତୀପଲ ଦେଖିବାକୁ ମିଳୁଛି। ବିଭିନ୍ନ ସମୟରେ ସେମାନେ ଗାଁମୁହାଁ ହୋଇ ଅନେକ ଧନଜୀବନ ହାନି କରୁଛନ୍ତି। ଏମାନଙ୍କ ଉତ୍ପାତରେ ଚାଷୀ ପରିବାର ସର୍ବାଧିକ କ୍ଷତି ସହୁଛନ୍ତି। କେତେବେଳେ କ୍ଷେତରେ ଫସଲ ହାନି କରୁଛନ୍ତି ତ ଆଉ କେତେବେଳେ ଆକ୍ରମଣ କରିବାକୁ ପଛାଉନାହାନ୍ତି। ଅନେକ ସମୟରେ ହାତୀ ମଣିଷ ମଧ୍ୟରେ ଲଢ଼େଇ ହେଉଥିବା ନଜିର ରହିଛି। ବ୍ଲକର ୭ଟି ପଞ୍ଚାୟତ ଅଧୀନ ୬୦ରୁ ଅଧିକ ଗ୍ରାମରେ ହାତୀ ପଲ ଆଡ୍ଡା ଜମାଉଛନ୍ତି। ସିକୋ, ହଜ, ଶଗଡ଼ଭଙ୍ଗା, ବୋତଲମା, ହୀରାପୁର, ଦେଉଳି ଏବଂ ପରିଛଲ ଆଦି ୭ଟି ପଞ୍ଚାୟତର ଅନେକ ଗ୍ରାମରେ ସଞ୍ଜ ନଇଁଲେ ତାଟି କବାଟ ପଡୁଥିବା ସହ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଅନ୍ୟପକ୍ଷରେ ହାତୀ ଶିକାରରେ ଗତ ୬ ବର୍ଷ ମଧ୍ୟରେ ଗୋଡ଼ା, ଦଳକ, ହଜ, ସିକୋ, ଦେଉଳି, ଓଗାଳପୁର ଏବଂ ପରିଛଳ ଗ୍ରାମର ୧୩ ଜଣଙ୍କ ପ୍ରାଣହାନି ହୋଇଥିବା ସରକାରୀ ରିପୋର୍ଟରେ ଦର୍ଶାଯାଇଛି। ସେହିପରି ଅନେକ ଲୋକ ମଧ୍ୟ ହାତୀ ଆକ୍ରମଣରେ ଆହତ ହୋଇଥିବା ଜଣାପଡ଼ିଛି। ତେବେ ୨୦୨୩ରେ ସରକାରଙ୍କ ପକ୍ଷରୁ 'ହାତୀ ମେରା ସାଥୀ' ଆପ୍ ମାଧ୍ୟମରେ ଜନଜାଗରଣ ସୃଷ୍ଟି ପାଇଁ ନିୟମ ଜାରି ହୋଇଥିଲା। ହାତୀ ଏବଂ ମଣିଷଙ୍କ ମଧ୍ୟରେ ଅଘଟଣ ଘଟୁଥିବା ଗାଁକୁ ଯାଇ ବନ ବିଭାଗ ଜନସଚେତନତା ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ ଥିଲା। ତାହା ମଧ୍ୟ ଫେଲ୍ ମାରିଛି। ଏହାସହ ଯଦି ହାତୀ ଏହି ଅଞ୍ଚଳରେ ବିଚରଣ କରୁଛନ୍ତି, ତାହାଲେ ବନ ବିଭାଗର ପାଟ୍ରୋଲିଂ ଠିକ୍ ପରିଚାଳନା ହେଉଛି କି ନାହିଁ ସ୍ଥାନୀୟ ଲୋକଙ୍କ ମନରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଖୋର୍ଦ୍ଧା ଡିଏଫ୍ଓ ପୂର୍ଣ୍ଣିମା ପାଣ୍ଡିଆନଙ୍କୁ ପଚାରିବାରେ, ହାତୀ ରହିଥିବା ସ୍ଥାନରେ ପାଟ୍ରୋଲିଂ କରାଯାଉଛି। ଅଘଟଣ ରୋକିବାକୁ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ କହିଛନ୍ତି।

# ଶ୍ରୀମନ୍ଦିର ଆଲୋକୀକରଣ ବନ୍ଦ

ପୁରୀ,୭।୬(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିକ୍ରମା ଲୋକାର୍ପଣ ଉତ୍ସବ ସମୟରୁ ଶ୍ରୀମନ୍ଦିରକୁ ଆଲୋକୀକରଣ କରାଯାଇଥିଲା। ଶ୍ରୀମନ୍ଦିର ଚାରିପାଖରେ ଲୁହାର ବଡ଼ ବଡ଼ ଷ୍ଟାଣ୍ଡ କରାଯାଇ ସେଥିରେ ଲାଇଟ ଖଞ୍ଜାଯାଇଥିଲା। ଫଳରେ ରାତିରେ ଶ୍ରୀମନ୍ଦିର ଉଜ୍ଜ୍ୱଳ ଆଲୋକରେ ଝଲସୁଥିଲା। ନୀଳଚକ୍ର ବହୁ ଦୂରରୁ ଭକ୍ତଙ୍କୁ ଦୃଶ୍ୟ ହେଉଥିଲା। ତେବେ ରାଜ୍ୟରେ ବିଜେଡି ସରକାରର ପତନ ପରେ ଏବଂ ନୂତନ ସରକାର ଗଠନ ପୂର୍ବରୁ ଉକ୍ତ ଲାଇଟଗୁଡ଼ିକୁ କାଢି ଦିଆଯାଇଛି। ତେଣୁ ଦୁଇ ତିନି ଦିନ ହେବ ଶ୍ରୀମନ୍ଦିର ଆଉ ଆଗଭଳି ଉଜ୍ଜ୍ୱଳ ଆଲୋକମାଳାରେ ଝଲସୁନାହିଁ। ଯାହାକୁ ନେଇ ସେବାୟତଙ୍କଠାରୁ ଆରମ୍ଭ କରି ଭକ୍ତଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ତେବେ ଲାଇଟଗୁଡ଼ିକୁ କାହିଁକି କଢାଗଲା ସେ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମ୍ପୃକ୍ତ ଠିକା ସଂସ୍ଥା ଉକ୍ତ ଆଲୋକୀକରଣ ବ୍ୟବସ୍ଥାକୁ ବନ୍ଦ କରିବା ସହ ଶ୍ରୀମନ୍ଦିର ଚାରିପାଖରେ ଲାଗିଥିବା ସମସ୍ତ ଲାଇଟ କାଢି ନେଇଯାଇଥିବା ଅଭିଯୋଗ ହେଉଛି। ଆଲୋକୀକରଣ ବନ୍ଦ ହେବା ପରେ ସେବାୟତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। କାହା ଅନୁମତିରେ ଲାଇଟ କଢାଗଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

## ଖୋଲାଗଲା ଏସି ଶେଡ୍

ଅପରପକ୍ଷରେ ଆଗାମୀ ରଥଯାତ୍ରାକୁ ଦୃଷ୍ଟିରେ ରଖି ବଡ଼ଦାଣ୍ଡରେ ଥିବା ଏସି ଶେଡ୍ ଖୋଲା ଆରମ୍ଭ ହୋଇଛି। ଭକ୍ତଙ୍କ ସୁବିଧା ନିମନ୍ତେ ସରକାରଙ୍କ ପକ୍ଷରୁ ବଡ଼ଦାଣ୍ଡରେ ଏସି ଶେଡ୍ ନିର୍ମାଣ କରାଯାଇଥିଲା। ଫଳରେ ଭକ୍ତମାନେ ଏସି ଶେଡ୍ ଦେଇ ଆସିବା ସହ ବ୍ୟାରିକେଡ୍‌ରେ ଯାଉଥିଲେ। ତେବେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ରାସ୍ତାର ଗୋଟିଏ ପାର୍ଶ୍ୱରେ ଏସି ଶେଡ୍ ରହିଥିବା ବେଳେ ଗୋଟିଏ ପାର୍ଶ୍ୱରେ ରଥ ନିର୍ମାଣ କାଠ ଗଦା ହୋଇରହିଛି। ତେଣୁ ରାସ୍ତା ସଂକୀର୍ଣ୍ଣ ହୋଇ ପ୍ରବଳ ଗହଳି ହେଉଥିଲା। ଏପରିକି ଟ୍ରାଫିକରେ ଆମ୍ବୁଲାନ୍ସ ଫସିରହୁଥିଲା। ରଥଯାତ୍ରାକୁ ଆଉ ୧ ମାସ ରହିଥିବା ବେଳେ ବର୍ତ୍ତମାନ ଠାରୁ ଏସି ଶେଡ୍ ଖୋଲା ପ୍ରକ୍ରିୟା ଆରମ୍ଭ ହୋଇଛି। ଅପରପକ୍ଷରେ ନିର୍ବାଚନରେ ବିଜେଡିର ପରାଜୟ ହେତୁ ରଥଯାତ୍ରା ବହୁ ପୂର୍ବରୁ ଏସି ଶେଡ୍‌କୁ ଖୋଲିଦିଆଯାଉଥିବା ସାଧାରଣରେ ଆଲୋଚନା ହେଉଛି। ତେବେ ଏସି ଶେଡ୍ ପୁଣି ଲାଗିବ କି ନାହିଁ ତାହା ରଥଯାତ୍ରା ପରେ ଜଣାପଡ଼ିବ।

# ପୁରୀ କେନାଲରୁ ନିଖୋଜ ଯୁବକଙ୍କ ମୃତଦେହ ମିଳିଲା

ବାଲିଅନ୍ତା,୭।୬(ନୀଳମାଧବ ସାହୁ)

ବାଲିଅନ୍ତା ହାଇସ୍କୁଲ ସମ୍ମୁଖ ପୁରୀ ମୁଖ୍ୟ କେନାଲରେ ବୁଡ଼ି ନିଖୋଜ ଥିବା ଯୁବକଙ୍କ ମୃତଦେହ ପାହାଳ ଥାନା ପୋଲିସ ଶୁକ୍ରବାର ସକାଳେ କେନାଲ ପାଣିରେ ଭାସୁଥିବା ଅବସ୍ଥାରେ ଜବତ କରିଛି। ମୃତକ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଅଞ୍ଚଳର ସୋମ୍ୟରଞ୍ଜନ ଦାସ (୨୪)। ଏନେଇ ପାହାଳ ଥାନାରେ ୨୧/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୋମ୍ୟରଞ୍ଜନ ଗୁରୁବାର ସନ୍ଧ୍ୟାରେ କେନାଲ ବ୍ରିଜ୍ ବାଡ଼ରେ ବସିଥିବାବେଳେ କେନାଲକୁ ଖସିପଡ଼ି ନିଖୋଜ ହୋଇଯାଇଥିଲେ। ଅଗ୍ନିଶମ ବାହିନୀ କେନାଲରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲା। ତେବେ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ କେନାଲରେ ଭାସୁଥିବା ଦେଖିବାକୁ ମିଳିଥିଲା।

# 'ସତର୍କତାମୂଳକ ପଦକ୍ଷେପ ନିଆଯାଇ ନ ଥିଲା'

ପୁରୀ,୭।୬(ଅଜିତ୍ କୁମାର ମହାନ୍ତି)

- ପୁରୀ ବାଣ ବିସ୍ଫୋରଣ ଘଟଣାର ଦ୍ୱିତୀୟ ପର୍ଯ୍ୟାୟ ତଦନ୍ତ
- ଏସଆରସିଙ୍କ ନିକଟରେ ଅଭିଯୋଗ ଆଣିଲେ ପ୍ରତ୍ୟକ୍ଷଦର୍ଶୀ



ପୁରୀ ବାଣ ବିସ୍ଫୋରଣ ଘଟଣାର ଦ୍ୱିତୀୟ ପର୍ଯ୍ୟାୟ ତଦନ୍ତ ଶୁକ୍ରବାର ଶେଷ ହୋଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆର୍‌ସି) ସତ୍ୟବ୍ରତ ସାହୁ ପୁରୀ ସର୍କିଟ ହାଉସରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ୩ ଜଣ ଆପତ୍ତି ଅଭିଯୋଗ ଜଣାଇଛନ୍ତି। ଏଭଳି ଅଘଟଣ ରୋକିବାକୁ ପ୍ରଶାସନ ପକ୍ଷରୁ କୌଣସି ସତର୍କତାମୂଳକ ଆଗୁଆ ପଦକ୍ଷେପ ନିଆଯାଇ ନ ଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ ଅଭିଯୋଗ କରିଛନ୍ତି।

ପୂର୍ବରୁ ଗତ ୫ ତାରିଖରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ଅଭିଯୋଗ ଶୁଣାଣିରେ ୩୦ଜଣ ଆପତ୍ତି ଅଭିଯୋଗ ଜଣାଇବା ସହ ତଥ୍ୟ ପ୍ରଦାନ କରିଥିଲେ। ଏମାନଙ୍କ ମଧ୍ୟରେ କ୍ଷତିଗ୍ରସ୍ତଙ୍କ ପରିବାର ସଦସ୍ୟ, ଗ୍ରାମବାସୀ, ପ୍ରତ୍ୟକ୍ଷଦର୍ଶୀ, ଉଦ୍ଧାରକାରୀ ବ୍ୟକ୍ତି, ଗଣମାଧ୍ୟମ ପ୍ରତିନିଧି, ସ୍ୱେଚ୍ଛାସେବୀ ଓ ସାଧାରଣ ଲୋକ ରହିଥିଲେ। ସେହିପରି ପୋଲିସ, ଅଗ୍ନିଶମ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଜମାନବନ୍ଦୀ ଦେଇଥିଲେ। ଅଧିକାରୀମାନଙ୍କୁ ଏସ୍ଆର୍‌ସି ଘଟଣା ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ଶୁଣାଣିରେ ୩ଜଣ ଆପତ୍ତି ଅଭିଯୋଗ ଜଣାଇଥିଲେ। ଆହତମାନଙ୍କର ଉନ୍ନତ ଚିକିତ୍ସା ପାଇଁ ଏକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଟିମ୍ ସେମାନଙ୍କ ଘରକୁ ଯାଇ ସ୍ଥିତି ଅନୁଧ୍ୟାନ କରି ଉପଯୁକ୍ତ ପରାମର୍ଶ ଦେବାକୁ ବ୍ୟବସ୍ଥା କରାଯାଇଛି। ଶୁଣାଣି ସମୟରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ର, ଅତିରିକ୍ତ ଏସ୍ଆର୍‌ସି ପଦ୍ମନାଭ ବେହେରା, ଡେପୁଟି କଲେକ୍ଟର ପ୍ରଫୁଲ୍ଲ କୁମାର ମିଶ୍ର, ସହକାରୀ ଜିଲାପାଳ ପଞ୍ଚାନନ ପରିଜା ଏବଂ ଏସ୍ଆର୍‌ସି କାର୍ଯ୍ୟାଳୟର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣି ସମ୍ପର୍କରେ ଜିଲାପାଳ ସ୍ୱାଇଁ ସୂଚନା ଦେଇ କହିଛନ୍ତି ଯେ, ଗତ ୨୯ ତାରିଖରେ ଚାପଖେଳ ବେଳେ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ବାଣ ବିସ୍ଫୋରଣ ଘଟିଥିଲା। ଏହି ଘଟଣାର ତଦନ୍ତ ନିମନ୍ତେ ସରକାରଙ୍କ ପକ୍ଷରୁ ଏକ କମିଟି ଗଠନ କରାଯିବା ସହ ଏସ୍ଆର୍‌ସିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଏସ୍ଆର୍‌ସି ପୁରୀ ଆସି କ୍ଷେତ୍ର ପରିଦର୍ଶନ କରିବା ସହ ଗତ ୫ ତାରିଖରେ ରାଉଣ୍ଡ ତଦନ୍ତ କରିଥିଲେ। ଶୁକ୍ରବାର ଦ୍ୱିତୀୟ ଥର ପାଇଁ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ମୋଟ ୩୩ ଜଣ ବ୍ୟକ୍ତିବିଶେଷ ସେମାନଙ୍କ ଅଭିଯୋଗ ଓ ମତାମତ ପ୍ରଦାନ କରିଛନ୍ତି। ଏମାନଙ୍କ ମଧ୍ୟରେ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ପ୍ରତ୍ୟକ୍ଷଦର୍ଶୀ, ଆହତଙ୍କ ପରିବାର ସଦସ୍ୟ ଆଦି ରହିଥିଲେ। ବିଭିନ୍ନ ବିଭାଗର ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଆବଶ୍ୟକ ପଡ଼ିଲେ ଆଉ ଥରେ ଏସ୍ଆର୍‌ସି ପୁରୀ ଆସି ତଦନ୍ତ କରି ସରକାରଙ୍କୁ ରିପୋର୍ଟ ଦେଇପାରନ୍ତି ବୋଲି ସ୍ୱାଇଁ କହିଛନ୍ତି। ଅପରପକ୍ଷେ ବିସ୍ଫୋରଣ ପରେ ଘଟଣାସ୍ଥଳରେ ପହଞ୍ଚିଥିବା ସୁଶାନ୍ତ କୁମାର ମହାପାତ୍ର ଏସ୍ଆର୍‌ସିଙ୍କୁ ଦେଖାକରି ତାଙ୍କ ମତ ରଖିଥିଲେ। ମହାପାତ୍ର କହିଛନ୍ତି, ଘଟଣା ଘଟିବାର କିଛି ସମୟ ପରେ ସେ ସେଠାରେ ପହଞ୍ଚିଥିଲେ। ଘଟଣାସ୍ଥଳରେ ରକ୍ତଛିଟା ସହ ପୋଡ଼ା ଜିନିଷ ପଡ଼ିରହିଥିଲା। ଚାପଡଙ୍ଗା ଉପରେ ଏକ ଡ୍ରୋନ ଉଡୁଥିଲା। ମାତ୍ର ଡ୍ରୋନରେ ବାଣ ବିସ୍ଫୋରଣ ସମ୍ପର୍କରେ କୌଣସି ସୂଚନା ନାହିଁ କି ପୋଲିସ ନିକଟରେ ଖବର ନାହିଁ। ଭକ୍ତଙ୍କ ସୁରକ୍ଷା ପାଇଁ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା। ଯାନିଯାତ୍ରା ସମୟରେ ଆମ୍ବୁଲାନ୍ସ, ଦମକଳ ନ ଥିଲା କି ଆବଶ୍ୟକ ସଂଖ୍ୟକ ପୋଲିସ ମୁତୟନ ନ ଥିଲେ। ବାଣ ଫୁଟାଯାଉଥିବା ସ୍ଥାନକୁ ଲୋକଙ୍କୁ ନ ଛାଡ଼ିବା ପାଇଁ କିଛିଦୂରରେ ଦଉଡ଼ି ବାନ୍ଧିଦେଇଥିଲେ ଏପରି ଅଘଟଣକୁ ଏଡ଼ାଇ ଦିଆଯାଇପାରିଥାନ୍ତା। ପୋଲିସ ପକ୍ଷରୁ ମଧ୍ୟ କୌଣସି ଆଗୁଆ ସତର୍କ ସୂଚନା ଦିଆଯାଇ ନ ଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ବର୍ନ ୟୁନିଟ୍ ଓ ଆବଶ୍ୟକ ଭିତ୍ତିଭୂମି ନାହିଁ ବୋଲି ଏସ୍ଆର୍‌ସିଙ୍କୁ ସେ ଅଭିଯୋଗ ଜଣାଇଥିବା ମହାପାତ୍ର ପ୍ରକାଶ କରିଛନ୍ତି।

# ଶ୍ରୀଜଗନ୍ନାଥଙ୍କ ନୀତି ଲାଗି ଓୟୁଏଟି ପଠାଇଲା ପଦ୍ମ, ତୁଳସୀ



ସାକ୍ଷୀଗୋପାଳ,୭।୬(ଭରତ ରାଉତ)

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନୀତି ଲାଗି ଓୟୁଏଟିର ସାକ୍ଷୀଗୋପାଳସ୍ଥିତ ପୁରୀ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରଥମକରି ୫୦ କେଜି ତୁଳସୀ ଓ ୧୦୦ଟି ପଦ୍ମଫୁଲ ଶ୍ରୀମନ୍ଦିର ପଠାଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ୨୦ ଡିସିମିଲ ପରିମିତ ଅଞ୍ଚଳରେ ତୁଳସୀ ବଗିଚା ଏବଂ ୫୦ ଡିସିମିଲ ବିଶିଷ୍ଟ ପୋଖରୀରେ ସୁରମ୍ୟ ପଦ୍ମବନ ସୃଷ୍ଟି କରାଯାଇଛି। ଉକ୍ତ ତୁଳସୀ ବଗିଚାରେ ୭ଟି ପଟାଳିରେ କଳାତୁଳସୀ ଏବଂ ୭ଟି ପଟାଳିରେ ଧଳାତୁଳସୀ ଲଗାଯାଇଛି। ଏହି ବଗିଚାରେ ସିମ୍ ଅଙ୍ଗନା, ସିମ୍- ଆୟୁ ଆଦି ଉନ୍ନତ କିସମର ତୁଳସୀ ଚାଷ କରାଯାଉଛି। ସେହିଭଳି ଶ୍ରୀମନ୍ଦିରରେ ମହାଲକ୍ଷ୍ମୀଙ୍କ ପୂଜା ପାଇଁ ପଦ୍ମ ପୋଖରୀରେ ଗୋଲାପି ଓ ଧଳା ରଙ୍ଗର ପଦ୍ମଫୁଲ ପ୍ରଜାତି ଚାଷ କରାଯାଉଛି। ପ୍ରତ୍ୟେକ ଗୁରୁବାର ସାକ୍ଷୀଗୋପାଳସ୍ଥିତ ପୁରୀ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଶ୍ରୀମନ୍ଦିରକୁ ୨୫ରୁ ୩୦ କେଜି ତୁଳସୀ ଶାଖା ଓ ୫୦ଟି ପଦ୍ମଫୁଲ ପଠାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଯାଇଛି। ତେବେ ଶୁକ୍ରବାର ପ୍ରଥମ ଦଫାରେ ଅଧିକ ଫୁଲ ଓ ତୁଳସୀ ପ୍ରେରଣ କରାଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ ରାଉଳଙ୍କ ମାର୍ଗଦର୍ଶନକ୍ରମେ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

# ହାଇକୋର୍ଟଙ୍କ ଜବାବ ଦାଖଲ ନିର୍ଦ୍ଦେଶ

କଟକ,୭।୬ (କାର୍ତ୍ତିକ ସାହୁ)

**ଓଏସଆରଟିସିର ଦୋକାନ ଘର ଖାଲି ପାଇଁ ନୋଟିସ ମାମଲା**

ଓଡ଼ିଶା ଷ୍ଟେଟ୍ ରୋଡ୍ ଟ୍ରାନ୍ସପୋର୍ଟ କର୍ପୋରେସନ୍ (ଓଏସଆରଟିସି)ର ବାଦାମବାଡ଼ି କାର୍ଯ୍ୟାଳୟ ସମ୍ମୁଖ ଟିଏମ୍ ମାର୍କେଟ୍ କମ୍ପ୍ଲେକ୍ସ ପରିସରସ୍ଥ ଦୋକାନ ଘର ଖାଲି ପାଇଁ ହୋଇଥିବା ନୋଟିସ୍ ବିରୋଧରେ ଆଗତ ଆବେଦନର ଶୁଣାଣି ହାଇକୋର୍ଟରେ ହୋଇଛି। ହାଇକୋର୍ଟ ବିଚାରପତି ଏମ୍.ଏସ୍. ରମଣଙ୍କ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ମାମଲାର ଶୁଣାଣି କରି ଓଏସଆରଟିସିକୁ ନୋଟିସ୍ ଜାରି କରିଛନ୍ତି। ହାଇକୋର୍ଟ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ କରିବା ନିମନ୍ତେ ଓଏସଆରଟିସିକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଜୁଲାଇ ୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି। ମାମଲାର ବିବରଣୀ ଅନୁସାରେ, ବାଦାମବାଡ଼ି କାର୍ଯ୍ୟାଳୟ ସମ୍ମୁଖ ଟିଏମ୍ ମାର୍କେଟ୍ କମ୍ପ୍ଲେକ୍ସ ପରିସରରେ ଥିବା ଦୋକାନ ଘରଗୁଡ଼ିକରେ କେତେକ ବ୍ୟକ୍ତି ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଦୋକାନୀମାନଙ୍କ ନିମନ୍ତେ ଅନ୍ୟ ବ୍ୟବସ୍ଥା ଗ୍ରହଣ ନ କରି ଓଏସଆରଟିସି ପକ୍ଷରୁ ହଠାତ୍ ସେମାନଙ୍କୁ ଦୋକାନ ବନ୍ଦ କରିବା ପାଇଁ ଆଦେଶ ଦିଆଯାଇଥିଲା। ଏଭଳି ଆଦେଶକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ପଟ୍ଟିଆ ସିକନ୍ଦର ଏବଂ ଅନ୍ୟମାନଙ୍କ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ଦୋକାନଘର ଖାଲି କରିବା ଦ୍ୱାରା ସେମାନଙ୍କ ଜୀବନ ଜୀବିକା ପ୍ରଭାବିତ ହେବ ବୋଲି ଆବେଦନରେ ଦର୍ଶାଯାଇଛି।

# ସରପଞ୍ଚଙ୍କ ସ୍ୱାମୀ, ସହଯୋଗୀଙ୍କୁ କାବୁକଲେ ଗ୍ରାମବାସୀ

ନିଶ୍ଚିନ୍ତକୋଇଲି,୭।୬(ଅଶୋକ କୁମାର ମହାପାତ୍ର)

**ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି**

ନେମାଳ ଥାନା ଅଧୀନ ପାଳଦା ପଞ୍ଚାୟତ କାର୍ଯ୍ୟାଳୟରୁ ଗୁରୁବାର ବିଳମ୍ବିତ ରାତିରେ ସରପଞ୍ଚଙ୍କ ସ୍ୱାମୀ ଓ ତାଙ୍କ ସହଯୋଗୀମାନେ ପଞ୍ଚାୟତର କାଗଜପତ୍ର, କମ୍ପ୍ୟୁଟର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ଗ୍ରାମବାସୀଙ୍କ ହାତରେ ଧରାପଡ଼ିଛନ୍ତି। ଏହାପରେ ଧରାପଡ଼ିଥିବା ଅଭିଯୁକ୍ତମାନଙ୍କୁ ପୋଲିସ ଜିମା ଦିଆଯାଇଛି। ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ପାଳଦା ପଞ୍ଚାୟତ ସରପଞ୍ଚ ରିଙ୍କି ବେହେରାଙ୍କ ସ୍ୱାମୀ ରମାକାନ୍ତ ବେହେରା, ପଞ୍ଚାୟତ କାର୍ଯ୍ୟାଳୟ ପିଅନ ସନ୍ତୋଷ ମଲ୍ଲିକ, ବିଜେଡି ଯୁବ ନେତା କହ୍ନେଇ ମଲ୍ଲିକ। ଅଭିଯୁକ୍ତଙ୍କ ସମେତ ଅନ୍ୟ ୨ଜଣ ଯୋଗାଣଦାତାଭାବେ ବିଳମ୍ବିତ ରାତିରେ ପଞ୍ଚାୟତ କାର୍ଯ୍ୟାଳୟର ତାଲା ଭାଙ୍ଗି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଏଲ୍ଇଡି, କମ୍ପ୍ୟୁଟର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଯାଉଥିବାବେଳେ କେତେକଣ ଗ୍ରାମବାସୀ ସୂଚନା ପାଇ ସେମାନଙ୍କୁ ଘେରାଉ ୩ ଅଭିଯୁକ୍ତଙ୍କୁ କାବୁକରିଥିଲେ। ଅନ୍ୟ ୨ଜଣ ଖସିପଳେଇବାକୁ ସକ୍ଷମ ହୋଇଥିଲେ। ଏସମ୍ପର୍କରେ ଗ୍ରାମବାସୀ ନେମାଳ ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଥାନାକୁ ନେଇଥିଲେ।

# ଶେଷ ପର୍ଯ୍ୟାୟରେ ୩ ରଥର ଚକ କାର୍ଯ୍ୟ

ପୁରୀ,୭।୬(ଅଜିତ୍ ମହାନ୍ତି)



ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ୩ ରଥର ଚକ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୩ ରଥର ୪୨ଟି ଚକ ମଧ୍ୟରୁ ୩୯ଟି ଚକର ଉଭୟ ପାର୍ଶ୍ୱ ପନ୍ଦାରିରେ ୨ଟି ଲେଖାଏ ପନ୍ଦାରି ଚାବି ବା ପନ୍ଦାରି ଜୋକିଆ ବାଡ଼ିଆ ଶେଷ ହୋଇଛି। ୩ ରଥର ବାକି ରହିଥିବା ଗୋଟିଏ ଗୋଟିଏ ଚକର ଅଖିଦଣ୍ଡ ତୁଲିଆ ସହ ପଇ କଲସା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିସହ ଶୁକ୍ରବାର ଓଝା ସେବକମାନେ ୩ ରଥର ଶେଷ ହୋଇଥିବା ୩୯ଟି ଚକ ଉଭୟ ପାର୍ଶ୍ୱ ପନ୍ଦାରିରେ ୨ଟି ଲେଖାଏ ଜୋକିଆ କଣ୍ଟା ବା ପନ୍ଦାରି ଚାବି ବାଡ଼ିଆ ଶେଷ କରିଛନ୍ତି। ଏଥିସହ ୩ ରଥର ପ୍ରଥମ ଭୂଇଁ, ଦ୍ୱିତୀୟ ଭୂଇଁ ଏବଂ ଅଗ ଭୂଇଁ ପାଇଁ ଉଦ୍ଦିଷ୍ଟ ୧୨ଟି ଭୂଇଁ ଚଉଡା କାଠର ଚଉପଟ କାର୍ଯ୍ୟ ଶେଷହୋଇ ବିନ୍ଧ ପାଇଁ ମାପ ଚିହ୍ନ ପଡ଼ିଛି। ୩ ରଥର ପାଟବନ୍ଧ ଚଉପଟ କାର୍ଯ୍ୟ ଜାରି ରହିଛି। ୩ ରଥର ପାଟବଣା ଚଉପଟ କାର୍ଯ୍ୟ ଶେଷହେବା ପରେ ଗଗରରା ଏବଂ ନାହାକା ନିର୍ମାଣ ଆରମ୍ଭ ହେବ। ଅପରପକ୍ଷରେ କରତି ସେବକମାନେ ନନ୍ଦିଘୋଷ ରଥର ପୋଲ ଗଯଳ ତିଆରି ପାଇଁ ୪୦ ଫୁଟିଆ ପୋଲ ଗଯଳ କାଠର ଗୋଟିଏ ପାର୍ଶ୍ୱ ବାରିଶରେ ଚାଞ୍ଛି ସମତଳ କରିଛନ୍ତି। ଅନ୍ୟ ପାର୍ଶ୍ୱ ସମତଳ କାର୍ଯ୍ୟ ଶେଷ ପରେ ଚିରାଟ ଆରମ୍ଭ ହେବ। ରୂପକାର ସେବକମାନେ ୩ ରଥର କୋଣଗୁଡ଼ରେ ରୂପ ଖୋଦେଇ ଜାରି ରଖିବା ସହ ଖୋଦେଇ ଶେଷ ହୋଇଥିବା ରୂପଗୁଡ଼ିକର ପଲିଶ କାର୍ଯ୍ୟ ଜାରି ରହିଛି। ଦୋଲବେଦି କୋଣ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ଦଣ୍ଡା କଣ୍ଟା, ଗଗରରା କଣ୍ଟା ଶେଷ କଲାପରେ ଗଯଳ କଣ୍ଟା ଏବଂ ଭୂଇଁ କଣ୍ଟା ଏବଂ ଚାର ପରିଛା ବାଡିଆ କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ସେହିପରି ଭୋଇ ସେବକମାନେ ଯନ୍ତା ଗାଡ଼ କାର୍ଯ୍ୟ ଶେଷ ହୋଇଥିବାରୁ ଯନ୍ତା ଗାଡ଼ରେ ମାଟି ପକାଇ ଯନ୍ତାଗାଡ଼ ବନ୍ଦ କରିଛନ୍ତି।

# ବର୍ଷ ସାରା ମିଳେ ଶହେରୁ ଊର୍ଦ୍ଧ୍ୱ ପ୍ରକାର ଶୁଖୁଆ

ବୋଲଗଡ଼,୭।୬(ଦେବବ୍ରତ ହୋତା)



ଗରିବ ହେଉ କି ଧନୀ ସମସ୍ତଙ୍କର ପ୍ରିୟ ଶୁଖୁଆ। ଅବଶ୍ୟ ଅନେକେ ଏହାକୁ ନାକ ଟେକିଥାନ୍ତି। ତେବେ ଗରିବର ପଖାଳ କଂସା ସାଙ୍ଗକୁ ଶୁଖୁଆ ଟିକିଏ ହୋଇଗଲେ କିମ୍ବା ଧନି ଲୋକର ପଟିଲାଗଦା ମେଣ୍ଟାଇବାକୁ ଭଜିକି ଭଜି ଶୁଖୁଆ ଅନେକ ସ୍ଥାନରେ ମିଳେ। କିନ୍ତୁ ଖୋର୍ଦ୍ଧା ଓ ନୟାଗଡ଼ ଜିଲା ସୀମାନ୍ତ ଗ୍ରାମ ରାଜସୁନାଖଳା ଶୁଖୁଆ ସବୁଠୁ ନିଆରା। ବିନା ରାସାୟନିକ ପଦ୍ଧତିରେ ପ୍ରସ୍ତୁତ ଏହି ଶୁଖୁଆ ସ୍ୱାଦ, ସୁଲଭତା, ବିଭିନ୍ନ ପ୍ରଜାତି ଏବଂ ଗୁଣବତ୍ତା ଦୃଷ୍ଟିରୁ ବେଶ୍ ପରିଚିତ। ଖୋର୍ଦ୍ଧାରୁ ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥ ଦେଇ ଯିବାବେଳେ ପଡ଼େ ରାଜସୁନାଖଳାର ଏହି ଶୁଖୁଆହାଟ। ଯାତ୍ରୀମାନେ ଏହି ହାଟ ଦେଇ ଯିବାବେଳେ ଶୁଖୁଆର ତୀବ୍ର ଗନ୍ଧକୁ ଅନୁଭବ କରନ୍ତି। ସ୍ଥାନୀୟ ଅଞ୍ଚଳବାସୀଙ୍କ ମତରେ, ଏଠାର ଶୁଖୁଆ ବ୍ୟବସାୟ ୧୫୦ ବର୍ଷରୁ ଊର୍ଦ୍ଧ୍ୱ ହେଲେ ମଧ୍ୟ ୧୯୭୦ରୁ ୧୯୭୩ ମସିହାରେ ଏଠାରେ ସ୍ଥାୟୀ ହାଟ ସୃଷ୍ଟି ହୋଇଥିଲା। ଶଙ୍କର ମଲିକ ନାମକ ଜଣେ ବ୍ୟବସାୟୀ ରାଜସୁନାଖଳା ବଜାରରେ ପ୍ରଥମେ ସ୍ଥାୟୀ ଭାବେ ଏହି ବ୍ୟବସାୟ ଆରମ୍ଭ କରିଥିଲେ। ଏବେ ଏହି ବଜାର ଓ ଆଖପାଖରେ ୫ଟି ବଡ଼ ଗୋଦାମ ଏବଂ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଦୋକାନ ଥିବାବେଳେ ରାଜ୍ୟର ବାଲୁଗାଁ, ଚୁମ୍ପା, ଅସ୍ତରଙ୍ଗ, ଚିଲିକା, ପାରାଦ୍ୱୀପ, ଇଚ୍ଛାପୁର, ଗୋପାଳପୁର ଆଦି ଅଞ୍ଚଳରୁ ଟ୍ରକ୍ ଟ୍ରକ୍ ଶୁଖୁଆ ଏଠାକୁ ଆସିଥାଏ। ଏଠାରେ ବର୍ଷସାରା ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପ୍ରକାରର ଶୁଖୁଆ ମିଳେ। ବର୍ତ୍ତମାନ ଚାହିଦା ଦୃଷ୍ଟିରୁ ସ୍ୱାଦିଷ୍ଟ ଓ ଦାମୀ ଶୁଖୁଆ ଭାବରେ ଇଲିସି, ଖଇଙ୍ଗା, ଚିଙ୍ଗୁଡ଼ି ଆଦି ଗ୍ରାହକଙ୍କ ପ୍ରଥମ ପସନ୍ଦ। ଅଳଣା ଶୁଖୁଆ ଭାବେ କୋକିଲି, ପାଉଁଆ, ଚିଙ୍ଗୁଡ଼ି ଛୋଟ ଓ ବଡ଼ କଉଆ, ମରାଳ, ଟେମି, କଣ୍ଟାଳ, ପାନ୍ଦୁ, କଡ଼କଡ଼ି, ରାଙ୍ଗି, ଝିଙ୍ଗିଲି, କିଳିକି, ଫୁଲଫୁଟି ଇତ୍ୟାଦି ଅନେକ ପ୍ରଜାତି ଶୁଖୁଆ ଏଠାରେ ଉପଲବ୍ଧ ହୋଇଥାଏ। ଏହି ଶୁଖୁଆ କିଣିବାକୁ ଏଠାକୁ ସୁଦୂର ଦଶପଲ୍ଲା, ବାଣୀଗୋଛା, ବଡ଼ମ୍ବା, ଖଣ୍ଡପଡ଼ା ଆଦି ଅନେକ ଅଞ୍ଚଳର ମହିଳା, ପୁରୁଷ ବିଭିନ୍ନ ଗ୍ରାମାଞ୍ଚଳରେ ପାଦରେ ଚାଲି କିମ୍ବା ସାଇକେଲ ଓ ଗାଡ଼ିରେ ନେଇ ବିକ୍ରିକରି ପରିବାର ପୋଷିଥାନ୍ତି। ଶୁଖୁଆ କରିବା ସମୟରେ ଲୁଣି ଶୁଖୁଆକୁ ଲୁଣ ଦେଇ ଶୁଖାଯାଇଥାଏ। ଏହି ଶୁଖୁଆକୁ ପ୍ରାକୃତିକ ସୂର୍ଯ୍ୟକିରଣରେ ଶୁଖାଯାଇଥାଏ ଏବଂ ଅଳଣା ଶୁଖୁଆକୁ ଖରାରେ ଶୁଖେଇ ପ୍ରସ୍ତୁତ କରାଯାଏ। ଶୁଖୁଆ ୩ରୁ ୪ ମାସ ପର୍ଯ୍ୟନ୍ତ ଖରାପ ନ ହୋଇ ଭଲ ରହିଥାଏ। ଏହି ଗଣେଶ ବଜାରସ୍ଥିତ ଶୁଖୁଆ ହାଟ କମିଟି ସଭାପତି ତପନ ବେହେରା କୁହନ୍ତି, ଏଠାରେ ଆମେ ବିନା ରାସାୟନିକ ପଦ୍ଧତିରେ ପ୍ରସ୍ତୁତ ଶୁଖୁଆ ଆଣି ବିକ୍ରି କରୁ, ଯାହାକି ସ୍ୱାସ୍ଥ୍ୟପ୍ରଦ। ଆଗରୁ ଏଠି ସନ୍ତୋଷଜନକ ବ୍ୟବସାୟ ହେଉଥିବାବେଳେ ବିଗତ ୨/୩ ବର୍ଷ ଧରି ବେପାର ମାନ୍ଦା ଧରିଛି। ବେଗୁନିଆ ବ୍ଲକ ସାରୁଅଠାରେ ରାଜପଥ ପାର୍ଶ୍ୱରେ ଏକ ନୂଆ ଶୁଖୁଆ ହାଟ ଖୋଲିବା ଯୋଗୁ ଏହି ହାଟରେ ଦୂରଦୂରାନ୍ତରୁ ଆସୁଥିବା ଗ୍ରାହକଙ୍କ ବାହନ ପାଇଁ ପାର୍କିଂ ଅସୁବିଧା କାରଣରୁ ଏପରି ହୋଇଥିବା ସେ କହିଛନ୍ତି।

# ଶ୍ରୀମନ୍ଦିର ଆଲୋକୀକରଣ ବନ୍ଦ

## ଖୋଲାଗଲା ଏସି ଶେଡ୍

ପୁରୀ,୭।୬(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିକ୍ରମା ଲୋକାର୍ପଣ ଉତ୍ସବ ସମୟରୁ ଶ୍ରୀମନ୍ଦିରକୁ ଆଲୋକୀକରଣ କରାଯାଇଥିଲା। ଶ୍ରୀମନ୍ଦିର ଚାରିପାଖରେ ଲୁହାର ବଡ଼ ବଡ଼ ଷ୍ଟାଣ୍ଡ କରାଯାଇ ସେଥିରେ ଲାଇଟ ଖଞ୍ଜାଯାଇଥିଲା। ଫଳରେ ରାତିରେ ଶ୍ରୀମନ୍ଦିର ଉଜ୍ଜ୍ୱଳ ଆଲୋକରେ ଝଲସୁଥିଲା। ନୀଳଚକ୍ର ବହୁ ଦୂରରୁ ଭକ୍ତଙ୍କୁ ଦୃଶ୍ୟ ହେଉଥିଲା। ତେବେ ରାଜ୍ୟରେ ବିଜେଡି ସରକାରର ପତନ ପରେ ଏବଂ ନୂତନ ସରକାର ଗଠନ ପୂର୍ବରୁ ଉକ୍ତ ଲାଇଟଗୁଡ଼ିକୁ କାଢ଼ି ଦିଆଯାଇଛି। ତେଣୁ ଦୁଇ ତିନି ଦିନ ହେବ ଶ୍ରୀମନ୍ଦିର ଆଉ ଆଗଭଳି ଉଜ୍ଜ୍ୱଳ ଆଲୋକମାଳାରେ ଝଲସୁନାହିଁ। ଯାହାକୁ ନେଇ ସେବାୟତଙ୍କଠାରୁ ଆରମ୍ଭ କରି ଭକ୍ତଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ତେବେ ଲାଇଟଗୁଡ଼ିକୁ କାହିଁକି କଢ଼ାଗଲା ସେ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମ୍ପୃକ୍ତ ଠିକା ସଂସ୍ଥା ଉକ୍ତ ଆଲୋକୀକରଣ ବ୍ୟବସ୍ଥାକୁ ବନ୍ଦ କରିବା ସହ ଶ୍ରୀମନ୍ଦିର ଚାରିପାଖରେ ଲାଗିଥିବା ସମସ୍ତ ଲାଇଟ କାଢ଼ି ନେଇଯାଇଥିବା ଅଭିଯୋଗ ହେଉଛି। ଆଲୋକୀକରଣ ବନ୍ଦ ହେବା ପରେ ସେବାୟତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। କାହା ଅନୁମତିରେ ଲାଇଟ କଢ଼ାଗଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ଆଗାମୀ ରଥଯାତ୍ରାକୁ ଦୃଷ୍ଟିରେ ରଖି ବଡ଼ଦାଣ୍ଡରେ ଥିବା ଏସି ଶେଡ୍ ଖୋଲା ଆରମ୍ଭ ହୋଇଛି। ଭକ୍ତଙ୍କ ସୁବିଧା ନିମନ୍ତେ ସରକାରଙ୍କ ପକ୍ଷରୁ ବଡ଼ଦାଣ୍ଡରେ ଏସି ଶେଡ୍ ନିର୍ମାଣ କରାଯାଇଥିଲା। ଫଳରେ ଭକ୍ତମାନେ ଏସି ଶେଡ୍ ଦେଇ ଆସିବା ସହ ବ୍ୟାରିକେଡ୍‌ରେ ଯାଉଥିଲେ। ତେବେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ରାସ୍ତାର ଗୋଟିଏ ପାର୍ଶ୍ୱରେ ଏସି ଶେଡ୍ ରହିଥିବା ବେଳେ ଗୋଟିଏ ପାର୍ଶ୍ୱରେ ରଥ ନିର୍ମାଣ କାଠ ଗଦା ହୋଇରହିଛି। ତେଣୁ ରାସ୍ତା ସଂକୀର୍ଣ୍ଣ ହୋଇ ପ୍ରବଳ ଗହଳି ହେଉଥିଲା। ଏପରିକି ଟ୍ରାଫିକରେ ଆମ୍ବୁଲାନ୍ସ ଫସିରହୁଥିଲା। ରଥଯାତ୍ରାକୁ ଆଉ ୧ ମାସ ରହିଥିବା ବେଳେ ବର୍ତ୍ତମାନ ଠାରୁ ଏସି ଶେଡ୍ ଖୋଲା ପ୍ରକ୍ରିୟା ଆରମ୍ଭ ହୋଇଛି। ଅପରପକ୍ଷରେ ନିର୍ବାଚନରେ ବିଜେଡିର ପରାଜୟ ହେତୁ ରଥଯାତ୍ରା ବହୁ ପୂର୍ବରୁ ଏସି ଶେଡ୍‌କୁ ଖୋଲିଦିଆଯାଉଥିବା ସାଧାରଣରେ ଆଲୋଚନା ହେଉଛି। ତେବେ ଏସି ଶେଡ୍ ପୁଣି ଲାଗିବ କି ନାହିଁ ତାହା ରଥଯାତ୍ରା ପରେ ଜଣାପଡ଼ିବ।





ନିମାପଡ଼ାର ନବନିର୍ବାଚିତ ବିଧାୟିକା ପ୍ରଭାତୀ ପରିଡ଼ା ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି ।

## ମହାପ୍ରଭୁଙ୍କ ଦର୍ଶନ କଲେ ଅରୁଣ, ବ୍ରଜ ଓ ପ୍ରଭାତୀ

ପୁରୀ,୭।୬(ଅଜିତ୍ କୁମାର ମହାନ୍ତି)

ନିର୍ବାଚନରେ ବିଜୟୀ ହୋଇଥିବା ନେତାମାନେ ଏବେ ଶ୍ରୀମନ୍ଦିର ମୁହାଁ। ଏହି ପରିପ୍ରେକ୍ଷୀରେ ନିମାପଡ଼ାର ନବନିର୍ବାଚିତ ବିଧାୟିକା ପ୍ରଭାତୀ ପରିଡ଼ା ଶୁକ୍ରବାର ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ପରିଡା ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ଦଳୀୟ କର୍ମୀ ଓ ନେତା ତାଙ୍କୁ ସ୍ୱାଗତ କରିଥିଲେ। ସେ ଶ୍ରୀମନ୍ଦିରକୁ ଯାଇ ଶ୍ରୀବିଗ୍ରହଙ୍କ ଦର୍ଶନ କରିଥିଲେ। ଭିତରବେଢ଼ାରେ ଥିବା ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରି ଶ୍ରୀମନ୍ଦିର ପରିସରରେ କିଛି ସମୟ ବିତାଇ ଫେରିଥିଲେ। ଏହି ଅବସରରେ ପରିଡା କହିଛନ୍ତି, ମହାପ୍ରଭୁ ଭାଜପାକୁ ଓଡ଼ିଶା ଲୋକଙ୍କ ସେବା କରିବାକୁ ସୁଯୋଗ ଦେଇଛନ୍ତି। ସେ ଯେପରି ଲୋକଙ୍କ ସେବା କରିପାରିବେ ସେ ନେଇ ମହାପ୍ରଭୁଙ୍କ ଆଶୀର୍ବାଦ ନେବାକୁ ଆସିଛନ୍ତି। ମହାପ୍ରଭୁଙ୍କ ନିକଟରେ ନିଜକୁ ସମର୍ପଣ କରିଛନ୍ତି। ମହାପ୍ରଭୁଙ୍କ ଇଚ୍ଛା ବିନା କୌଣସି କାର୍ଯ୍ୟ ହୋଇ ନ ଥାଏ। ଆସନ୍ତା ୧୦ ତାରିଖରେ ରାଜ୍ୟରେ ନୂତନ ମନ୍ତ୍ରୀମଣ୍ଡଳ ଗଠନ ହେବାକୁ ଯାଉଛି। ନୂଆ ସରକାର ଆସିବାର ୬ଘଣ୍ଟା ମଧ୍ୟରେ ଭକ୍ତଙ୍କ ନିମନ୍ତେ ଚାରିଦ୍ୱାର ଖୋଲାହେବ ବୋଲି ପରିଡା କହିଛନ୍ତି।

ସେହିପରି ବିଜେଡି ନେତା ତଥା ନୟାଗଡ଼ର ନବନିର୍ବାଚିତ ବିଧାୟକ ଅରୁଣ ସାହୁ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ପରେ ସାହୁ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ନେଲି। ଓଡ଼ିଶା ତଥା ଓଡ଼ିଆ ଲୋକଙ୍କର କିପରି ଉନ୍ନତି ହେବ ସେ ନେଇ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କଲି। ସେହିପରି ରାଜ୍ୟରେ ନୂଆ ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାକୁ ଚେଷ୍ଟା କରୁ। ବିଜେଡି ତାର ରଣନୀତି ପ୍ରସ୍ତୁତ କରିବ। ବିଜେଡିକୁ ସୁଦୃଢ଼ କରିବାକୁ କାର୍ଯ୍ୟ କରାଯିବ। ପରାଜୟର ସମୀକ୍ଷା ହେବ। ଏନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ ହୋଇଛି। ପରାଜୟର କାରଣ କ'ଣ ରହିଛି ଏବଂ ଏଥିପାଇଁ କିଏ ଦାୟୀ ତା'ର ତର୍ଜମା କରାଯାଇ ବିଜେଡି ସୁପ୍ରିମୋଙ୍କୁ ପ୍ରଦାନ କରାଯିବ। ଜିତିବା ହାରିବା ୩ଟି କାରଣ ଉପରେ ନିର୍ଭର କରେ। ତେବେ ଗଣତନ୍ତ୍ରରେ ଜନତା ହେଉଛନ୍ତି ମାଲିକ। ତେଣୁ ଜନମତକୁ ସମ୍ମାନ ଦେବାକୁ ପଡ଼ିବ। ଚାରିଦ୍ୱାର ଖୋଲିବା ଉପରେ ଜନତା ସୁଚିନ୍ତିତ ମତ ସରକାରଙ୍କୁ ପ୍ରଦାନ କରନ୍ତୁ ବୋଲି ସାହୁ କହିଥିଲେ। ସେହିପରି ତାଳଚେରର ନବ ନିର୍ବାଚିତ ବିଜେଡି ବିଧାୟକ ବ୍ରଜ ପ୍ରଧାନ ମଧ୍ୟ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିଥିଲେ।

## ସଂକ୍ଷେପରେ

### ସାହିତ୍ୟ ସ୍ରଷ୍ଟାଙ୍କୁ କାଳଜୟୀ ରଚନା ଅମର ରଖିଛି

ସାକ୍ଷୀଗୋପାଳ,୭।୬
(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ୍)

ଯୁଗଧ୍ୱନି ସାହିତ୍ୟ ସଂସଦ ପକ୍ଷରୁ ଏକ ସାହିତ୍ୟ ଆସର ସ୍ଥାନୀୟ ଗବକୁଣ୍ଡ ନିକଟ ହରିପୁର ଗ୍ରାମରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଉପଦେଷ୍ଟା ସ୍ୱର୍ଗତ ଡ. ଚାଇନା ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଜନ୍ମସ୍ଥାନରେ ଆୟୋଜିତ ଏହି ସଭାରେ ସଭାପତି ଡ. କାଳନ୍ଦୀ ଚରଣ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ନାଉଗାଁ ସାଂସ୍କୃତିକ ପରିଷଦ ସଭାପତି ଜ୍ୟୋତିଷ ଚନ୍ଦ୍ର ଦାସ ଯୋଗଦେଇ ସାହିତ୍ୟ ସ୍ରଷ୍ଟାଙ୍କ କାଳଜୟୀ ରଚନା ତାଙ୍କୁ ଅମର ରଖିଛି ବୋଲି କହିଥିଲେ। କଟକ ମୁକାମେଶ୍ୱରସ୍ଥ ତପୋବନ ଆଶ୍ରମର ପ୍ରତିଷ୍ଠାତା କ୍ରିୟାଯୋଗୀ ସ୍ୱାମୀ ବିଶ୍ୱାତ୍ମାନନ୍ଦ ଗିରି ଜୀବାତ୍ମା- ପରମାତ୍ମାଙ୍କ ଦିବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନବିହାରୀ ମିଶ୍ର, ରବି ପଟ୍ଟନାୟକ, ହୃଦାନନ୍ଦ ରାୟ, ଅକ୍ଷୟ ରାଉତ, ସରୋଜ ନାୟକ, ସଚ୍ଚିଦାନନ୍ଦ ପରିଡ଼ା, ଯାଜ୍ଞସେନୀ ନାୟକ, ସୁଜାତା ମହାରଣା, ହିମାଂଶୁ ମହାନ୍ତି, ଅଶୋକ ମୁଦୁଲି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଯଜ୍ଞ ପୂର୍ଣ୍ଣାହୁତି

ସାକ୍ଷୀଗୋପାଳ,୭।୬
(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ):

ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ନିକଟସ୍ଥ ଶ୍ରୀରାମ ମନ୍ଦିରରେ ଅନୁଷ୍ଠିତ ନବଦିନ ବ୍ୟାପୀ ଶ୍ରୀରାମଚରିତ ମାନସ ନବାନ୍ନ ପାରାୟଣ ଓ ପ୍ରବଚନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ବୁଧବାର ରାତିରେ ପୂର୍ଣ୍ଣାହୁତି ହୋଇଯାଇଛି। ଏହି ଅବସରରେ ପଣ୍ଡିତ ନିରଞ୍ଜନ ଦୀକ୍ଷିତ, ଲିଙ୍ଗରାଜ ପଣ୍ଡା, ବଂଶୀଧର ପାଢ଼ୀ, ରବୀନ୍ଦ୍ରନାଥ ଷଡ଼ଙ୍ଗୀ, ପୂଜା ପଣ୍ଡା ରବୀନ୍ଦ୍ରନାଥ ମହାପାତ୍ର ପ୍ରମୁଖ ଆହୁତି, ପୂଜାର୍ଚ୍ଚନା, ଆଳତି ଓ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ବ୍ୟାସ ନାରାୟଣ ଦାଶ, ପ୍ରବକ୍ତା ମାନସ ସୁଧାକର ଡ. ଅଭିମନ୍ୟୁ ବରାଳ, କୁନି ଭାରତୀ ଠାକୁରଙ୍କ ମହିମା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ସିଦ୍ଧ ବଳରାମ ସଂକୀର୍ତ୍ତନ ମଣ୍ଡଳୀ ପୋଡଙ୍ଗସାହି ହରିରାମ କୀର୍ତ୍ତନ ପରିବେଷଣ କରିଥିଲେ। ଲକ୍ଷ୍ମୀଧର ପାଣିଙ୍କ ନିର୍ଦ୍ଦେଶନାରେ ଆଧ୍ୟାତ୍ମିକ ଭଜନ ପରିବେଷଣ କରାଯାଇଥିଲା। ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱାସୀ ତ୍ରିପାଠୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବିଶ୍ୱନାଥ ମହାପାତ୍ର ଏହାର ପରିଚାଳନା କରିଥିଲେ।

### ଭାଜପାରେ ମିଶିଲେ ବିଜେଡି କାଉନସିଲର

ନିମାପଡ଼ା,୭।୬(ବିଚିତ୍ରାନନ୍ଦ ସାହୁ)

ନିର୍ବାଚନ ପରେ ନିମାପଡ଼ା ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ଗୁରୁବାର ସ୍ଥାନୀୟ ଗ୍ରୀନ୍‌ଲ୍ୟାଣ୍ଡ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ନବ ନିର୍ବଚିତ ବିଧାୟିକା ପ୍ରଭାତୀ ପରିଡ଼ା, ଭାଜପା ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ, ବରିଷ୍ଠ ଭାଜପା ନେତା ଜୀବନାନନ୍ଦ ମହାପାତ୍ର, ନିରଞ୍ଜନ ନାୟକ, ବ୍ରଜେନ୍ଦ୍ର ପ୍ରଧାନ, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶଙ୍କ ସମେତ କେତେଜଣ କାଉନ୍‌ସିଲର ଯୋଗଦେଇଥିଲେ। ସମାରୋହରେ ନିମାପଡ଼ା ଏନ୍‌ଏସିର ୧୧ନଂ. ୱାର୍ଡର ବିଜେଡି କାଉନ୍‌ସିଲର ଅନସୂୟା ପାଣି ଦଳ ତ୍ୟାଗ କରି ଭାଜପାରେ ଯୋଗଦେଇଥିଲେ। ବିଧାୟିକା ପରିଡ଼ା ତାଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ। ନିମାପଡ଼ା ଏନ୍‌ଏସିର ବିଜେଡିର ବହୁ ବରିଷ୍ଠ ନେତା ଓ କର୍ମୀମାନେ ଦଳ ଛାଡ଼ି ଭାଜପାରେ ସାମିଲ ହେବେ ବୋଲି ଭାଜପା ନେତୃବୃନ୍ଦ କହିଛନ୍ତି।

## ଅନିଶ୍ଚିତତାରେ ଅଧାପନ୍ତରିଆ ପ୍ରକଳ୍ପର ଭାଗ୍ୟ

ଅସ୍ତରଙ୍ଗ,୭।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଚଳିତ ସାଧାରଣ ନିର୍ବାଚନରେ କାକଟପୁର ବିଧାନସଭା ଆସନରୁ ବିଧାୟକ ଭାବେ ତୁଷାରକାନ୍ତି ବେହେରା ପୁନଃ ନିର୍ବାଚିତ ହୋଇଛନ୍ତି। ତେବେ ଏଥର ରାଜ୍ୟରେ ଭାଜପା ସରକାର ଗଠନ କରିବାକୁ ଯାଉଥିବାରୁ ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ଚାଲିଥିବା ସରକାରୀ ପ୍ରକଳ୍ପଗୁଡ଼ିକର ଭାଗ୍ୟ ଅନିଶ୍ଚିତତା ଭିତରକୁ ଠେଲିହୋଇଯାଇଛି। ସମ୍ପୃକ୍ତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ତ୍ୱରାନ୍ୱିତ ହେବ ନା ଅଧାପନ୍ତରିଆ ହୋଇରହିଯିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅସ୍ତରଙ୍ଗରେ ନୂତନ ମେଡିକାଲ ନିର୍ମାଣ, ପ୍ରତି ପଞ୍ଚାୟତକୁ ପାନୀୟଜଳ ଯୋଗାଣ ସମେତ ଅନେକ ସମସ୍ୟା ରହିଥିବା ବେଳେ ନୂତନ ଅସ୍ତରଙ୍ଗ ଥାନା, ତାଳଦା ସେତୁ ଓ ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟନ ଅପେକ୍ଷାରେ ରହିଛି। ନୂତନ ରାଜ୍ୟ ସରକାରଙ୍କ ଏଥିପ୍ରତି କିପରି ମନୋଭାବ ରହିବ ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ବିଜେଡି ସରକାରଙ୍କ ଗତ ୫ବର୍ଷ କାର୍ଯ୍ୟକାଳ ମଧ୍ୟରେ ୨ବର୍ଷ କୋଭିଡ୍ କଟକଣା ଯୋଗୁ ବହୁ କାର୍ଯ୍ୟ ଠିକ୍ ସମୟରେ ଶେଷ ହୋଇପାରିନାହିଁ। କାକଟପୁର ନିର୍ବାଚନମଣ୍ଡଳୀରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ବାକି ରହିଛି। ଗତ କିଛିବର୍ଷ ମଧ୍ୟରେ ଫଳକ ଲଗାଯାଇ ଯେଉଁ ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ କରାଯାଇଥିଲା, ସେଥିମଧ୍ୟରୁ କେତେକ ଅଧାପନ୍ତରିଆ ହୋଇପଡ଼ିରହିଥିବାବେଳେ ଆଉ କେତେକ ପ୍ରକଳ୍ପ ଫଳକରେ ସୀମିତ ରହିଛି।



ରାଜ୍ୟର ବିଭିନ୍ନ ପୀଡ଼ିତ ପରିବାର ପକ୍ଷରୁ ନ୍ୟାୟ ଦାବିରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପଦାନ କରାଯାଉଛି ।

## ପାଣ୍ଡିଆନଙ୍କୁ ଗିରଫ ପାଇଁ ଶ୍ରୀଜଗନ୍ନାଥ ସେନାର ଦାବି

ପୁରୀ,୭।୬(ଅଜିତ୍ କୁମାର ମହାନ୍ତି)

ଓଡ଼ିଆ ଅସ୍ମିତାକୁ ନଷ୍ଟ କରିଥିବା ଏବଂ ଓଡ଼ିଶାରୁ ୫୦ ହଜାର କୋଟି ଲୁଟି ନେଇଥିବା ଅଭିଯୋଗରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ ଗିରଫ କରିବା ପାଇଁ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ମୁଖ୍ୟଙ୍କ ନିକଟରେ ଅଭିଯୋଗ କରାଯାଇଛି। ଶ୍ରୀଜଗନ୍ନାଥ ସେନାର କେନ୍ଦ୍ରୀୟ ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ପାଣ୍ଡିଆନ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ହଜାର ହଜାର କୋଟି ଟଙ୍କାର ଦୁର୍ନୀତି କରିଛନ୍ତି। ସେହିପରି ପୁରୀରେ ଶ୍ରୀମନ୍ଦିର ପ୍ରକଳ୍ପ ଆଳରେ ୪ ହଜାର ୨୦୦ କୋଟି ଟଙ୍କାର ହେରଫେର କରିଛନ୍ତି। ଏପରିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦ୍ୱାର ଦ୍ୱାର ବୁଲି ଭିକ ମଗାଇ ୧୫୫ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି, ଯାହାକୁ ନେଇ ଅଗଣିତ ଜଗନ୍ନାଥପ୍ରେମୀଙ୍କ ହୃଦୟରେ ଆଘାତ ଲାଗିଛି। ତେଣୁ ପାଣ୍ଡିଆନଙ୍କୁ ଗିରଫ କରିବା ପାଇଁ ପଟ୍ଟନାୟକ ଦାବି କରିଛନ୍ତି।

## 'ନ୍ୟାୟ ପାଇଁ ଲଢ଼େଇ ପରିବାର' ପକ୍ଷରୁ ଶୋଭାଯାତ୍ରା

ପୁରୀ,୭।୬(ଅଜିତ୍ କୁମାର ମହାନ୍ତି)

'ନ୍ୟାୟ ପାଇଁ ଲଢ଼େଇ ପରିବାର' ପକ୍ଷରୁ ପୀଡ଼ିତ ପରିବାର ସହ ଏକ ପଦଯାତ୍ରା କରାଯାଇ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପଦାନ କରାଯାଇଛି। ଏହି ଅବସରରେ ନ୍ୟାୟ ପାଇଁ ଲଢ଼େଇ ପରିବାରର ରାଜ୍ୟ ସଭାପତି ସୁବ୍ରତ ଦାଶ କହିଛନ୍ତି, ଧର୍ମର ଜୟ ଏବଂ ଅଧର୍ମର ପରାଜୟ ହୋଇଛି। ବିଜେଡି ସରକାର ସମୟରେ ଅନେକ ପୀଡ଼ିତ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିଲେ। ତେଣୁ ନ୍ୟାୟ ପାଇଁ ପରିବାର ପକ୍ଷରୁ୨୦୨୧ ମସିହା ଡିସେମ୍ବର ୩୧ ତାରିଖରେ ପ୍ରଥମଥର ପାଇଁ ପୁରୀ ଆସି ମହା ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲୁ କି ଅନ୍ୟାୟ ସରକାର ଧ୍ୱଂସ ହେଇଯାଉ। ଆଜି ତାହା ପ୍ରମାଣିତ ହୋଇଛି। ଆଗାମୀ ଦିନରେ ନୂତନ ସରକାର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ପୀଡିତମାନଙ୍କୁ ନ୍ୟାୟ ଦେବାକୁ ନିବେଦନ କରିବୁ।

## ବିଜେଡି କର୍ମୀ ଏବେ ଭାଜପାମୁହାଁ

ନିମାପଡ଼ା,୭।୬(ବିଚିତ୍ରାନନ୍ଦ ସାହୁ)

ଚଳିତ ନିର୍ବାଚନରେ ରାଜ୍ୟରେ ଶୋଚନୀୟ ଭାବେ ବିଜେଡିର ପରାଜୟ ହୋଇଥିବାରୁ ନବୀନ ପଟ୍ଟନାୟକ ତଥା ବିଜେଡି କର୍ମୀମାନେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଛନ୍ତି। ଏହି ନିର୍ବାଚନରେ ୨୧ଟି ଲୋକ ସଭା ଆସନରୁ ଜଣେ ହେଲେ କେହି ଏମ୍‌ପି ନିର୍ବାଚିତ ହୋଇ ନ ପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବିଷୟ। ଏବେ ଓଡ଼ିଶାର ଦୁଃଖ ଓ ଦାବିକୁ ପାର୍ଲାମେଣ୍ଟରେ କିଏ ଉପସ୍ଥାପନ କରିବ ତାହା ଚର୍ଚ୍ଚାର ବିଷୟ ହୋଇଛି। ଓଡ଼ିଶା ବିଧାନସଭା ଆସନରେ ବିଜେଡିର ଅତି ଦୟନୀୟ ଅବସ୍ଥା ଦଳୀୟ ନେତା ଓ କର୍ମୀଙ୍କୁ ସ୍ତବ୍ଧ କରିଛି। ଏହି ପରିପ୍ରେକ୍ଷୀରେ ନିମାପଡ଼ା ବିଜେଡିରେ ମଧ୍ୟ ଅନୁରୂପ ଅବସ୍ଥା ସୃଷ୍ଟି ହୋଇଛି। ନିମାପଡ଼ାରେ ବିଜେଡି ବିଧାୟକ ପ୍ରାର୍ଥୀ ଦିଲୀପ ନାୟକ ଭାଜପା ବିଧାୟକ ପ୍ରଭାତୀ ପରିଡ଼ା ପ୍ରାର୍ଥୀଙ୍କଠାରୁ ୪ ହଜାର ୫୮୮ ଭୋଟରେ ହାରିଥିଲେ ମଧ୍ୟ ଦଳର ସମ୍ମାନ ରକ୍ଷା କରିଛନ୍ତି। ନିମାପଡ଼ାରେ ବିଜେଡିର ସଙ୍ଗିନ ସ୍ଥିତି ଯୋଗୁ ନିର୍ବାଚନମଣ୍ଡଳୀରେ ବହୁ ବିଜେଡି ନେତା ଓ କର୍ମୀ ଭାଜପା ମୁହାଁ ହୋଇଥିବା ଦେଖାଯାଉଛି। ରାଜ୍ୟରେ ବିଜେଡି ସରକାର ଚାଲୁଥିବାବେଳେ ବିଜେଡିର ବହୁ ପ୍ରାର୍ଥୀ ପରାଜିତ ହୋଇଥିବାରୁ ନିମାପଡ଼ାରେ ବିଜେଡିକୁ ଭରସା କରିପାରୁ ନ ଥିବା କେତେଜଣ ବିଜେଡି ନେତା ନିଜ ନାମ ଗୋପନ ରଖି କହିଛନ୍ତି। ଏଭଳି ପରିସ୍ଥିତିରେ ନିମାପଡ଼ାରେ ବହୁ ବିଜେଡି ନେତା, କର୍ମୀ, ନିର୍ବାଚିତ ଜନପ୍ରତିନିଧିମାନେ ତାଙ୍କର ରାଜନୈତିକ ସ୍ଥିତିକୁ ବଜାୟ ରଖିବାକୁ ଖୁବ୍‌ଶୀଘ୍ର ଭାଜପାରେ ସାମିଲ ହେବା ଆଶଙ୍କା ରହିଥିବା ଜଣାପଡ଼ିଛି।

## ଜଗନ୍ନାଥ ଅଟୋମୋବାଇଲ୍ସରେ ଅଗ୍ନିକାଣ୍ଡ



ଅସ୍ତରଙ୍ଗ,୭।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)

### ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିଗଲା

ଅସ୍ତରଙ୍ଗ ବଜାରସ୍ଥିତ ଜଗନ୍ନାଥ ଅଟୋମୋବାଇଲ୍ସରେ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ଅନେକ ସରଞ୍ଜାମ ପୋଡ଼ିଯାଇଛି। ସୂଚନା ମୁତାବକ, ଜଗନ୍ନାଥ ଅଟୋମୋବାଇଲ୍ସର ମାଲିକ ଜଗନ୍ନାଥ ଖୁଣ୍ଟିଆ ଶୁକ୍ରବାର ସନ୍ଧ୍ୟା ୬ଟା ୩୦ରେ ଦୋକାନ ସାମ୍ନା ଶଟର ବନ୍ଦ କରିବା ପରେ ପଛପାର୍ଶ୍ୱ କବାଟ ବନ୍ଦ କରୁଥିଲେ। ଏହି ସମୟରେ ଷ୍ଟାବିଲାଇଜରରେ ବିଦ୍ୟୁତ୍ ଶର୍ଟସର୍କିଟ ହୋଇ ହଠାତ ନିଆଁ ଲାଗିଯାଇଥିଲା। ଫଳରେ ଶୋ' ରୁମ୍ ପରିସର ଧୂଆଁମୟ ହେବା ସହ ସ୍ପେୟାର ପାର୍ଟସ୍, ମୋବିଲ୍ ଓ ଲକ୍ଷାଧିକ ଟଙ୍କାର ଗାଡ଼ି ସରଞ୍ଜାମ ସହ ଅଫିସ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ ଲାଗିଥିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିବା ସହ ଶୋ' ରୁମ୍‌ରେ ଥିବା ଅନେକ ବାଇକ୍ ବାହାରକୁ ନେଇଆସିଥିଲେ। ଅଗ୍ନିଶମ ଷ୍ଟେଶନ ଅଫିସର ପ୍ରହଲ୍ଲାଦ ରାୟ, ଆଗ୍ନିକ ସୁବ୍ରତ ସାମଲ, ଗାଡ଼ି ଚାଳକ ତାପସ ରାଉତ ପ୍ରମୁଖ ନିଆଁକୁ ଆୟତ୍ତ କରିଥିଲେ।

## ନବୀନଙ୍କୁ ଝୁରୁଛନ୍ତି ଗ୍ରାମାଞ୍ଚଳର ବୃଦ୍ଧାବୃଦ୍ଧ

ଅସ୍ତରଙ୍ଗ,୭।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)





ସାଧାରଣ ନିର୍ବାଚନ ଶେଷ ହୋଇ ଫଳାଫଳ ପ୍ରକାଶ ପାଇସାରିଛି। ଦୀର୍ଘ ୨୪ବର୍ଷର ବିଜେଡି ଶାସନର ପତନ ଘଟିଛି। ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବାବେଳେ ତାଙ୍କୁ ଅସ୍ତରଙ୍ଗ ବ୍ଲକର ବୃଦ୍ଧାବୃଦ୍ଧ ଝୁରିହେଉଛନ୍ତି। ତାଙ୍କର ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଦ୍ୱାରା ସେମାନେ କିପରି ଉପକୃତ ହୋଇପାରିଛନ୍ତି ତାହାର ପ୍ରଶଂସା କରୁଛନ୍ତି।

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ନଗର ପଞ୍ଚାୟତର ବସନ୍ତ ବେହେରା ତାଙ୍କ ପିଲାଦିନରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ପୂଜା କରିବା ସହ ବାପା ବୋଲି ସମ୍ବୋଧନ କରିଥାନ୍ତି। ସେହିପରି ବିଜୁ ପଟ୍ଟନାୟକଙ୍କ ପୁତ୍ର ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭାଇ ବୋଲି ସମ୍ବୋଧନ କରନ୍ତି। ଏପରିକି ଦୀର୍ଘବର୍ଷ ହେଲା ପ୍ରତ୍ୟେକ ଦିନ ସକାଳୁ ସ୍ନାନ ସାରି ୪ କିଲୋମିଟର ସାଇକେଲରେ ଯାଇ ଆର୍ତ୍ତତ୍ରାଣ ବିଦ୍ୟାପୀଠ ବରାଙ୍ଗ ବିଦ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ପୂଜା କରିଥାନ୍ତି। ସମ୍ପ୍ରତି ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ସେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟକୁ ଯାଇ ପୂଜା କରିବା ପରେ ବସି ମନଦୁଃଖରେ କାନ୍ଦୁଥିବାର ଦେଖିବାକୁ ମିଳିଛି। ସେହିପରି ନୂଆଗଡ଼ ଗ୍ରାମର ଆର୍ତ୍ତତ୍ରାଣ ସ୍ୱାଇଁ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ବାର୍ଦ୍ଧକ୍ୟ ଭତ୍ତା, ହରିଶ୍ଚନ୍ଦ୍ର ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରୋଗୀ ସେବା ଆଦି ଯୋଜନା ଗ୍ରାମାଞ୍ଚଳ ଲୋକଙ୍କ ମନ ଜିଣି ନେଇଥିଲା। ନବୀନ ଇସ୍ତଫା ଦେବା ପରେ ଗାଁ ଗହଳିର ଅନେକ ଲୋକ ବିଶେଷକରି ଗରିବଙ୍କ ମନରେ ଦୁଃଖ ଛାଇଯାଇଛି।

## 'ସାଧାରଣ ଜନତା ନିଜ ଅଧିକାର ସାବ୍ୟସ୍ତ ପାଇଁ ସମର୍ଥ ହୁଅନ୍ତୁ'

### ମାନବାଧିକାର ସୁରକ୍ଷା ସଂଘ ତରଫରୁ ସଂକଳ୍ପ

ପୁରୀ,୭।୬(ଅଜିତ୍ କୁମାର ମହାନ୍ତି)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

ମାନବାଧିକାର ସୁରକ୍ଷା ସଂଘ ତରଫରୁ ସଂକଳ୍ପ-୨୦୨୪ ଶୁକ୍ରବାର ସ୍ଥାନୀୟ ଚକ୍ରତୀର୍ଥ ରୋଡସ୍ଥିତ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ଅଧ୍ୟକ୍ଷ ପଣ୍ଡିତ ପ୍ରିୟପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ସମାଜସେବୀ ରାଜେଶ ମିଶ୍ର ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରୀୟ ଅଧ୍ୟକ୍ଷ ହାରିତ୍ ହରିଶ୍ଚନ୍ଦ୍ର, ସମ୍ମାନିତ ଅତିଥି ଭାବେ ସଂଘର ମହାସଚିବ ହାନିଫ୍ ପଠାନ୍ ଏବଂ ବିଶିଷ୍ଟ ଅତିଥି ଭାବେ ସନାତନ ପରିବାର ରାଷ୍ଟ୍ରୀୟ ଅଧ୍ୟକ୍ଷ ରାହୁଲ ନାମା ପ୍ରମୁଖ ଯୋଗଦାନ କରିଥିଲେ। ଅତିଥିମାନେ ନିଜ ଅଭିଭାଷଣରେ ସାଧାରଣ ଜନତା ତୃଣମୂଳ ସ୍ତରରୁ କିପରି ନିଜ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ନିଜେ ସମର୍ଥ ଓ ଯତ୍ନବାନ ହେବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଥାନା ଠାରୁ ଆରମ୍ଭ କରି ବିଭିନ୍ନ ପ୍ରଶାସନିକ ସରକାରୀ ଦପ୍ତର ପର୍ଯ୍ୟନ୍ତ ଆତ୍ମନିର୍ଭରଶୀଳ ହେବା ନିମନ୍ତେ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ଓଡ଼ିଶାର ବିଭିନ୍ନ ଜିଲାରୁ ଉପସ୍ଥିତ ସଭାପତି ଓ ସମ୍ପାଦକଙ୍କ ସମେତ ସଦସ୍ୟମାନଙ୍କୁ ମାନବାଧିକାର ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲା ସଭାପତି କୃପାସିନ୍ଧୁ ପଣ୍ଡା, ବିକାଶ ସେଠୀ, ସର୍ବାଣୀ ଦାସ, ଅଭିମନ୍ୟୁ ସ୍ୱାଇଁ ଓ ଗଣେଶ୍ୱର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବାବେଳେ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା ସଭାପତି କୃପାସିନ୍ଧୁ ପଣ୍ଡା ପରିଚାଳନା କରିଥିଲେ।




୭।୬।୨୦୨୪

| | |
|---|---|
| ୪,୯୪,୬୨୩ ଟଙ୍କା | |
| ସୁନା | ୧୫୦ ମିଲିଗ୍ରାମ୍ |
| ରୁପା | ୨୭.୯୫୦ ଗ୍ରାମ୍ |

# 'ସତର୍କତାମୂଳକ ପଦକ୍ଷେପ ନିଆଯାଇ ନ ଥିଲା'

■ ପୁରୀ ବାଣ ବିସ୍ଫୋରଣ ଘଟଣାର ଦ୍ୱିତୀୟ ପର୍ଯ୍ୟାୟ ତଦନ୍ତ
■ ଏସ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ ଆଣିଲେ ପ୍ରତ୍ୟକ୍ଷଦର୍ଶୀ

ପୁରୀ,୭।୬(ଅଜିତ୍ କୁମାର ମହାନ୍ତି)


ଅଭିଯୋଗ ଶୁଣାଣିରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ ଏବଂ ଅନ୍ୟ ଅନ୍ୟ ଅଧିକାରୀମାନେ ।

ପୁରୀ ବାଣ ବିସ୍ଫୋରଣ ଘଟଣାର ଦ୍ୱିତୀୟ ପର୍ଯ୍ୟାୟ ତଦନ୍ତ ଶୁକ୍ରବାର ଶେଷ ହୋଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ସତ୍ୟବ୍ରତ ସାହୁ ପୁରୀ ସର୍କିଟ ହାଉସରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ୩ ଜଣ ଆପତ୍ତି ଅଭିଯୋଗ ଜଣାଇଛନ୍ତି। ଏଭଳି ଅଘଟଣ ରୋକିବାକୁ ପ୍ରଶାସନ ପକ୍ଷରୁ କୌଣସି ସତର୍କତାମୂଳକ ଆଗୁଆ ପଦକ୍ଷେପ ନିଆଯାଇ ନ ଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ ଅଭିଯୋଗ କରିଛନ୍ତି।

ପୂର୍ବରୁ ଗତ ୫ ତାରିଖରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ଅଭିଯୋଗ ଶୁଣାଣିରେ ୩୦ଜଣ ଆପତ୍ତି ଅଭିଯୋଗ ଜଣାଇବା ସହ ତଥ୍ୟ ପ୍ରଦାନ କରିଥିଲେ। ଏମାନଙ୍କ ମଧ୍ୟରେ କ୍ଷତିଗ୍ରସ୍ତଙ୍କ ପରିବାର ସଦସ୍ୟ, ଗ୍ରାମବାସୀ, ପ୍ରତ୍ୟକ୍ଷଦର୍ଶୀ, ଉଦ୍ଧାରକାରୀ ବ୍ୟକ୍ତି, ଗଣମାଧ୍ୟମ ପ୍ରତିନିଧି, ସ୍ୱେଚ୍ଛାସେବୀ ଓ ସାଧାରଣ ଲୋକ ରହିଥିଲେ। ସେହିପରି ପୋଲିସ, ଅଗ୍ନିଶମ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଜମାନବନ୍ଦୀ ଦେଇଥିଲେ। ଅଧିକାରୀମାନଙ୍କୁ ଏସ୍‌ଆର୍‌ସି ଘଟଣା ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ଶୁଣାଣିରେ ୩ଜଣ ଆପତ୍ତି ଅଭିଯୋଗ ଜଣାଇଥିଲେ। ଆହତମାନଙ୍କର ଉନ୍ନତ ଚିକିତ୍ସା ପାଇଁ ଏକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଟିମ୍ ସେମାନଙ୍କ ଘରକୁ ଯାଇ ସ୍ଥିତି ଅନୁଧ୍ୟାନ କରି ଉପଯୁକ୍ତ ପରାମର୍ଶ ଦେବାକୁ ବ୍ୟବସ୍ଥା କରାଯାଇଛି। ଶୁଣାଣି ସମୟରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ର, ଅତିରିକ୍ତ ଏସ୍‌ଆର୍‌ସି ପଦ୍ମନାଭ ବେହେରା, ଡେପୁଟି କଲେକ୍ଟର ପ୍ରଫୁଲ୍ଲ କୁମାର ମିଶ୍ର, ସହକାରୀ ଜିଲାପାଳ ପଞ୍ଚାନନ ପରିଜା ଏବଂ ଏସ୍‌ଆର୍‌ସି କାର୍ଯ୍ୟାଳୟର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣି ସମ୍ପର୍କରେ ଜିଲାପାଳ ସ୍ୱାଇଁ ସୂଚନା ଦେଇ କହିଛନ୍ତି ଯେ, ଗତ ୨୯ ତାରିଖରେ ଚାପଖେଳ ବେଳେ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ବାଣ ବିସ୍ଫୋରଣ ଘଟିଥିଲା। ଏହି ଘଟଣାର ତଦନ୍ତ ନିମନ୍ତେ ସରକାରଙ୍କ ପକ୍ଷରୁ ଏକ କମିଟି ଗଠନ କରାଯିବା ସହ ଏସ୍‌ଆର୍‌ସିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଏସ୍‌ଆର୍‌ସି ପୁରୀ ଆସି କ୍ଷେତ୍ର ପରିଦର୍ଶନ କରିବା ସହ ଗତ ୫ ତାରିଖରେ ରାଉଣ୍ଡ ତଦନ୍ତ କରିଥିଲେ। ଶୁକ୍ରବାର ଦ୍ୱିତୀୟ ଥର ପାଇଁ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ମୋଟ ୩୩ ଜଣ ବ୍ୟକ୍ତିବିଶେଷ ସେମାନଙ୍କ ଅଭିଯୋଗ ଓ ମତାମତ ପ୍ରଦାନ କରିଛନ୍ତି। ଏମାନଙ୍କ ମଧ୍ୟରେ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ପ୍ରତ୍ୟକ୍ଷଦର୍ଶୀ, ଆହତଙ୍କ ପରିବାର ସଦସ୍ୟ ଆଦି ରହିଥିଲେ। ବିଭିନ୍ନ ବିଭାଗର ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଆବଶ୍ୟକ ପଡ଼ିଲେ ଆଉ ଥରେ ଏସ୍‌ଆର୍‌ସି ପୁରୀ ଆସି ତଦନ୍ତ କରି ସରକାରଙ୍କୁ ରିପୋର୍ଟ ଦେଇପାରନ୍ତି ବୋଲି ସ୍ୱାଇଁ କହିଛନ୍ତି। ଅପରପକ୍ଷେ ବିସ୍ଫୋରଣ ପରେ ଘଟଣାସ୍ଥଳରେ ପହଞ୍ଚିଥିବା ସୁଶାନ୍ତ କୁମାର ମହାପାତ୍ର ଏସ୍‌ଆର୍‌ସିଙ୍କୁ ଦେଖାକରି ତାଙ୍କ ମତ ରଖିଥିଲେ। ମହାପାତ୍ର କହିଛନ୍ତି, ଘଟଣା ଘଟିବାର କିଛି ସମୟ ପରେ ସେ ସେଠାରେ ପହଞ୍ଚିଥିଲେ। ଘଟଣାସ୍ଥଳରେ ରକ୍ତଛିଟା ସହ ପୋଡ଼ା ଜିନିଷ ପଡ଼ିରହିଥିଲା। ଚାପଡଙ୍ଗା ଉପରେ ଏକ ଡ୍ରୋନ ଉଡୁଥିଲା। ମାତ୍ର ଡ୍ରୋନରେ ବାଣ ବିସ୍ଫୋରଣ ସମ୍ପର୍କରେ କୌଣସି ସୂଚନା ନାହିଁ କି ପୋଲିସ ନିକଟରେ ଖବର ନାହିଁ। ଭକ୍ତଙ୍କ ସୁରକ୍ଷା ପାଇଁ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା। ଯାନିଯାତ୍ରା ସମୟରେ ଆମ୍ବୁଲାନ୍ସ, ଦମକଳ ନ ଥିଲା କି ଆବଶ୍ୟକ ସଂଖ୍ୟକ ପୋଲିସ ମୁତୟନ ନ ଥିଲେ। ବାଣ ଫୁଟାଯାଉଥିବା ସ୍ଥାନକୁ ଲୋକଙ୍କୁ ନ ଛାଡ଼ିବା ପାଇଁ କିଛିଦୂରରେ ଦଉଡ଼ି ବାନ୍ଧିଦେଇଥିଲେ ଏପରି ଅଘଟଣକୁ ଏଡ଼ାଇ ଦିଆଯାଇପାରିଥାନ୍ତା। ପୋଲିସ ପକ୍ଷରୁ ମଧ୍ୟ କୌଣସି ଆଗୁଆ ସତର୍କ ସୂଚନା ଦିଆଯାଇ ନ ଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ବର୍ନ ୟୁନିଟ୍ ଓ ଆବଶ୍ୟକ ଭିତ୍ତିଭୂମି ନାହିଁ ବୋଲି ଏସ୍‌ଆର୍‌ସିଙ୍କୁ ସେ ଅଭିଯୋଗ ଜଣାଇଥିବା ମହାପାତ୍ର ପ୍ରକାଶ କରିଛନ୍ତି।

## ରଥଖଳାରୁ...

### ଶେଷ ପର୍ଯ୍ୟାୟରେ ୩ ରଥର ଚକ କାର୍ଯ୍ୟ

ପୁରୀ,୭।୬(ଅଜିତ୍ ମହାନ୍ତି)

ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ୩ ରଥର ଚକ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୩ ରଥର ୪୨ଟି ଚକ ମଧ୍ୟରୁ ୩୯ଟି ଚକର ଉଭୟ ପାର୍ଶ୍ୱ ପନ୍ଦାରିରେ ୨ଟି ଲେଖାଏ ପନ୍ଦାରି ଚାବି ବା ପନ୍ଦାରି ଜୋକିଆ ବାଡ଼ିଆ ଶେଷ ହୋଇଛି। ୩ ରଥର ବାକି ରହିଥିବା ଗୋଟିଏ ଗୋଟିଏ ଚକର ଅଖବିନ୍ଧ ତୁଲିଆ ସହ ପଇ କଳସା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିସହ ଶୁକ୍ରବାର ଓଝା ସେବକମାନେ ୩ ରଥର ଶେଷ ହୋଇଥିବା ୩୯ଟି ଚକ ଉଭୟ ପାର୍ଶ୍ୱ ପନ୍ଦାରିରେ ୨ଟି ଲେଖାଏ ଜୋକିଆ କଣ୍ଟା ବା ପନ୍ଦାରି ଚାବି ବାଡ଼ିଆ ଶେଷ କରିଛନ୍ତି। ଏଥିସହ ୩ ରଥର ପ୍ରଥମ ଭୂଇଁ, ଦ୍ୱିତୀୟ ଭୂଇଁ ଏବଂ ଅଗ ଭୂଇଁ ପାଇଁ ଉଦ୍ଦିଷ୍ଟ ୧୨ଟି ଭୂଇଁ ଚଉତା କାଠର ଚଉପଟ କାର୍ଯ୍ୟ ଶେଷହୋଇ ବିନ୍ଧ ପାଇଁ ମାପ ଚିହ୍ନ ପଡ଼ିଛି। ୩ ରଥର ପାଟଦଣ୍ଡା ଚଉପଟ କାର୍ଯ୍ୟ ଜାରି ରହିଛି। ୩ ରଥର ପାଟଦଣ୍ଡା ଚଉପଟ କାର୍ଯ୍ୟ ଶେଷହେବା ପରେ ଗରଗରା ଏବଂ ନାହାକା ନିର୍ମାଣ ଆରମ୍ଭ ହେବ। ଅପରପକ୍ଷରେ କରତି ସେବକମାନେ ନନ୍ଦିଘୋଷ ରଥର ପୋଲ ଗୟଳ ଚିରଟ ପାଇଁ ୪୦ ଫୁଟିଆ ପୋଲ ଗୟଳ କାଠର ଗୋଟିଏ ପାର୍ଶ୍ୱ ବାରିଶିରେ ଚାଞ୍ଛି ସମତଳ କରିଛନ୍ତି। ଅନ୍ୟ ପାର୍ଶ୍ୱ ସମତଳ କାର୍ଯ୍ୟ ଶେଷ ପରେ ଚିରଟ ଆରମ୍ଭ ହେବ। ରୂପକାର ସେବକମାନେ ୩ ରଥର କୋଣଗୁଜରେ ରୂପ ଖୋଦେଇ ଜାରି ରଖିବା ସହ ଖୋଦେଇ ଶେଷ ହୋଇଥିବା ରୂପଗୁଡ଼ିକର ପଲିଶ୍ କାର୍ଯ୍ୟ ଜାରି ରହିଛି। ଦୋଳବେଦି କୋଣ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ଦଣ୍ଡା କଣ୍ଟା, ଗରାଗରା କଣ୍ଟା ଶେଷ କଲାପରେ ଗୟଳ କଣ୍ଟା ଏବଂ ଭୂଇଁ କଣ୍ଟା ଏବଂ ଚାର ପରିଛା ବାଡିଆ କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ସେହିପରି ୩ ରଥର ଭୋଇ ସେବକମାନେ ଯନ୍ତା ଗାଡ଼ କାର୍ଯ୍ୟ ଶେଷ ହୋଇଥିବାରୁ ଯନ୍ତା ଗାଡ଼ରେ ମାଟି ପକାଇ ଯନ୍ତାଗାଡ଼ ବନ୍ଦ କରିଛନ୍ତି।



## ସଂକ୍ଷେପରେ

### ଜୁଆଖେଳ ସନ୍ଦେହରେ ଚଢ଼ାଉ

ଯୋଗେଶ୍ୱରପୁର,୭।୬(ରଶ୍ମିରଞ୍ଜନ ସାହୁ)

ଗୋପ ଥାନା ନୟାହାଟ ଫାଣ୍ଡି ପୋଲିସ ଶୁକ୍ରବାର କୋରୁଆଳପାଞ୍ଚଣା ଗ୍ରାମରେ ଜୁଆଖେଳ ଚାଲିଥିବା ସନ୍ଦେହରେ ଚଢ଼ାଉ କରିଥିଲା। ସେଠାରୁ ୨ ଜଣଙ୍କୁ ଧରିଆଣି ଥାନାରେ ପଚରାଉଚରା ପରେ ଛାଡ଼ିଦେଇଥିବା ଜଣାପଡ଼ିଛି। ଗ୍ରାମର ନୟାହାଟ କଳାବୋଦା ମୁଖ୍ୟରାସ୍ତା କଡ଼ରେ ଜୁଆଖେଳ ଚାଲୁଥିବା ଖବରପାଇ ନୟାହାଟ ଫାଣ୍ଡି ଅଧିକାରୀ କୁନାଲ କୁମାର ସଦଳବଳେ ଚଢ଼ାଉ କରିଥିଲେ। ଏ ସମ୍ପର୍କରେ ଗୋପ ଥାନା ଆଇଆଇସି ପ୍ରଶାନ୍ତ ପଢିଆରୀଙ୍କୁ ପଚାରିବାରେ, ଏନେଇ କୌଣସି ଲିଖିତ ଅଭିଯୋଗ ନାହିଁ। ତଥାପି ଘଟଣାର ତଦନ୍ତରୁ ନୟାହାଟ ଅଞ୍ଚଳରେ ଆଦୌ ଜୁଆଖେଳ ହେଉ ନ ଥିବା ସେ କହିଛନ୍ତି। ଏନେଇ ବଉଳାଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ କମଳାକାନ୍ତ କୁଅଁରଙ୍କୁ ପଚାରିବାରୁ, ଗ୍ରାମରେ ଟିକେଟସେଲ୍ ଯାତ୍ରା ଚାଲିଥିବାବେଳେ କେତେଜଣ ବ୍ୟକ୍ତି ରାସ୍ତା ଉପରେ ଜୁଆ ନୁହେଁ ତାସ୍ ଖେଳୁଥିଲେ। ସେମାନଙ୍କୁ ପୋଲିସ ଧରିନେଇ ସେମାନଙ୍କଠାରୁ ଜୁଆଖେଳର ପ୍ରମାଣ ନ ଥିବାରୁ ପଚରାଉଚରା କରି ଛାଡ଼ିଦେଇଛି। ଦେସ୍ଥଳି, ମାଳିତୋଟା, ପଲ୍ଲୀ, ବିଶୁଳିପଡ଼ା ପ୍ରମୁଖ ସ୍ଥାନରେ ଦୀର୍ଘଦିନ ହେବ ଜୁଆଖେଳ ହେଉ ନ ଥିବା ପୋଲିସ ପ୍ରକାଶ କରିଛି।

### ଜଗତ୍‌ସିଂହପୁର ଏମ୍‌ପିଙ୍କୁ ବିପୁଳ ସମ୍ବର୍ଦ୍ଧନା

ଅସ୍ତରଙ୍ଗ,୭।୬(ପ୍ରଦୀପ୍ତ ଦୀକ୍ଷିତ)

ଜଗତ୍‌ସିଂହପୁର ଲୋକ ସଭା ପ୍ରାର୍ଥୀ ବିଭୁପ୍ରସାଦ ତରାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରାଜଶ୍ରୀ ମଲ୍ଲିକଙ୍କୁ ୪୦,୬୯୬ ଖଣ୍ଡ ଭୋଟରେ ହରାଇ ବାଜିମାତ୍ କରିଛନ୍ତି। ତରାଇ ୫ ଲକ୍ଷ ୮୯ ହଜାର ୯୩ ଖଣ୍ଡ ଭୋଟ ପାଇ ବିଜୟୀ ହେବା ପରେ ତାଙ୍କୁ ବିଭିନ୍ନ ଲୋକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। କାକଟପୁର ନିର୍ବାଚନମଣ୍ଡଳୀ ଅସ୍ତରଙ୍ଗ ଅଞ୍ଚଳର ଦିବାକର ଛାଟୋଇଙ୍କ ସହ କର୍ମକର୍ତ୍ତାମାନେ ତରାଇଙ୍କୁ ଭେଟି ପୁଷ୍ପଗୁଚ୍ଛ ଦେଇ ଓ ମିଠା ଖୁଆଇ ଅଭିନନ୍ଦନ ଜଣାଇଥିଲେ। ଅସ୍ତରଙ୍ଗ ବ୍ଲକ ଉପାଧ୍ୟକ୍ଷ ଦୁର୍ଜୟ ମିଶ୍ର, ନୂଆଗଡ଼ ସରପଞ୍ଚ ଜିତେନ୍ଦ୍ର ସ୍ୱାଇଁ, ଇନ୍ଦ୍ରମଣି ଜେନା, ଦିପୁ ବିଶ୍ୱାଳ, ପବିତ୍ର ଲେଙ୍କାଙ୍କ ସହ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।


ଓଡ଼ିଶା ରାଜ୍ୟପାଳ ରଘୁବର ଦାସ ସସ୍ତ୍ରୀକ ଶୁକ୍ରବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି ।

## ନୟାହାଟରେ ଟ୍ରାଫିକ ସମସ୍ୟା ଗୁରୁତର

ଯୋଗେଶ୍ୱରପୁର,୭।୬ (ରଶ୍ମିରଞ୍ଜନ ସାହୁ):

ନୟାହାଟ ବଜାର ଦିନକୁ ଦିନ ସଙ୍କୁଚିତ ହେଉଥିବାବେଳେ ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୟାହାଟ ଏକ ବ୍ୟବସାୟିକ ସ୍ଥଳୀ ହୋଇଥିବାବେଳେ ରାସ୍ତା ଓସାର କରାଯାଉ ନ ଥିବାରୁ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଗୁରୁତର ହେବାରେ ଲାଗିଛି। ସୋମବାର, ବୁଧବାର, ଶୁକ୍ରବାର, ରବିବାର ହାଟ ଦିନମାନଙ୍କରେ ଟ୍ରାଫିକ ସମସ୍ୟା ଶିଙ୍ଗପାନିଆଠାରୁ ନୟାହାଟ ହାଇସ୍କୁଲ ପର୍ଯ୍ୟନ୍ତ ବସ୍, ଟ୍ରକ୍, ହାଇୱା, କାର୍ ଓ ଶହ ଶହ ସଂଖ୍ୟାରେ ବାଇକ ରାସ୍ତା ଉପରେ ବହୁ ସମୟ ଧରି ଅଟକି ରହୁଛନ୍ତି। ଜରୁରିକାଳୀନ ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ମଧ୍ୟ ଏଥିରୁ ବାଦ୍ ପଡୁନାହିଁ। ଫଳରେ ଟ୍ରାଫିକ ସମସ୍ୟା ଦୂର କରିବାକୁ ପୋଲିସକୁ ନାକେଦମ ହେବାକୁ ପଡୁଛି। ଗାଡ଼ିଗୁଡିକ ଯିବାକୁ ପ୍ରଶାସନ ପକ୍ଷରୁ କୁଣ୍ଡେଇ କେନାଲ ବନ୍ଧ ଉପରେ ବାଇପାସ୍ ରାସ୍ତା ନିର୍ମାଣ ହୋଇଥିଲେ ମଧ୍ୟ ଏଥିରେ ଗୋଟିଏ ବଡ଼ ଗାଡି ଗଲେ ଅନ୍ୟ କୌଣସି ଗାଡ଼ି ପାସ୍ କରିପାରୁନାହିଁ। ନୟାହାଟ ବଜାରରେ ସରକାରୀ ଜାଗା ଥିବାବେଳେ ରାସ୍ତାକୁ ଓସାର କରିବାକୁ ସାଧାରଣରେ ଦାବି ହେଉଛି।

## ପ୍ରଭାତୀଙ୍କୁ ସ୍ୱାଗତ, ସମ୍ବର୍ଦ୍ଧନା


ଶୋଭାଯାତ୍ରାରେ ନବନିର୍ବାଚିତ ବିଧାୟିକା ପ୍ରଭାତୀ ପରିଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଉଛି ।

ବଲଙ୍ଗା/ଗୋପ/ନିମାପଡ଼ା, ୭।୬ (କେଦାରେଶ୍ୱର ନନ୍ଦ/ ଭାରତୀ ଭୂଷଣ ଉପାଧ୍ୟାୟ/ ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଭାଜପା ବିଧାୟିକା ପ୍ରଭାତୀ ପରିଡ଼ା ଓ ଦଳର ମୁଖପାତ୍ର ସମୀର ରଞ୍ଜନ ଦାଶ ନିମାପଡ଼ା ନିର୍ବାଚନମଣ୍ଡଳୀର ପ୍ରବେଶ ପଥ ହରିପୁରଠାରୁ ଶୁକ୍ରବାର ଏକ ବିରାଟ ବିଜୟ ଶୋଭାଯାତ୍ରାରେ ବାହାରି ଖେଲାର, ଧନୁଆ, ରଟିଲୋ, ଜୟଶ୍ରୀଛକ, ନିମାପଡ଼ା, ଚାରିଛକ, ଗୋପ ନାଗପୁର ଆଦି ଅଞ୍ଚଳ ପରିକ୍ରମା କରି ବଣିଆସାହି ପଞ୍ଚାୟତରେ ଶେଷ ହୋଇଥିଲା। ଏହି ଅବସରରେ ପ୍ରଭାତୀ ପରିଡ଼ା ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା ନିଶ୍ଚିତ ବୋଲି ଦଳର ମୁଖପାତ୍ର ଦାଶ ଦୃଢୋକ୍ତି ପ୍ରକାଶ କରିଛନ୍ତି। ବିଭିନ୍ନ ଛକ ବଜାରରେ ଦଳୀୟ ସମର୍ଥକମାନେ ଉଭୟଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବିଧାୟିକା ପରିଡ଼ା କହିଥିଲେ, ଏ ବିଜୟ ତାଙ୍କର ନୁହେଁ, ସମଗ୍ର ନିର୍ବାଚନମଣ୍ଡଳୀବାସୀଙ୍କର। ତାଙ୍କୁ ସେବା କରିବାକୁ ସୁଯୋଗ ଦେଇଥିବାରୁ ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ଶୋଭାଯାତ୍ରାରେ ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, ନଗର ଭାଜପା ସଭାପତି ନିରଞ୍ଜନ ନାୟକ, ନାରୀନେତ୍ରୀ ମୀନଲତା ବେହେରା, ରାଜକିଶୋର ସାହୁ, ଭଗବାନ ମିଶ୍ର, ପୂର୍ଣ୍ଣଚନ୍ଦ୍ର ଓଝା, କୈଳାସ କର, କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ସମେତ ବହୁସଂଖ୍ୟକ କର୍ମୀ ସାମିଲ ଥିଲେ।

## ହଜିଯାଉଥିବା ସଂସ୍କୃତି, ପରମ୍ପରା ଉପରେ ଗୁରୁତ୍ୱ

ଗୋପ,୭।୬(ଭାରତୀ ଭୂଷଣ ଉପାଧ୍ୟାୟ)

ରଜ ଉତ୍ସବ ପାଳନ ହେବା ଲାଗି ଗୁରୁବାର ମଧ୍ୟାହ୍ନରେ ଗୋପ ବ୍ଲକ କୁଆଁପଡ଼ା ପଞ୍ଚାୟତ ଅଧୀନ ମଦରଙ୍ଗ ନୀଳକଣ୍ଠେଶ୍ୱର ଶୈବପୀଠ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରହଲ୍ଲାଦ ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ଚଳିତବର୍ଷ ରଜ ଉତ୍ସବ ମା' ଅଡ଼ଙ୍ଗେଇ ସାଂସ୍କୃତିକ ପରିଷଦ ଦ୍ୱାରା ଅନୁଷ୍ଠିତ ହେଉଥିବାବେଳେ ପ୍ରଥମ କରି ବାବା ନୀଳକଣ୍ଠେଶ୍ୱର ଶୈବପୀଠ ପରିସରରେ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବିଶେଷକରି ଓଡ଼ିଆ ଘରର ପରମ୍ପରା, ଭାଇଚାରା, ସଂସ୍କୃତି ହଜି ଯାଉଥିବାବେଳେ ଉତ୍ସବରେ ଓଡ଼ିଆ ଘରର ପିଠାପଣା, ପାନ, ହୁଳହୁଳି, ଶଙ୍ଖନାଦ, ଲୁଡୁଖେଳ, ତାସ୍ ଖେଳ ସହିତ ଅନ୍ୟାନ୍ୟ ଖେଳ ପ୍ରଦର୍ଶନ କରାଯିବା ସହ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ ବୋଲି ଜଣାପଡ଼ିଛି। ବୈଠକରେ ନିର୍ମଳ ପ୍ରଧାନ, ରାମଚନ୍ଦ୍ର ଓଝା, ମାଷ୍ଟର ପିଣ୍ଟୁ ଓ ନବକିଶୋର, କାଳନ୍ଦୀ ଚରଣ ସ୍ୱାଇଁ, ଦେବସ୍ମିତା ସ୍ୱାଇଁ, ଲକ୍ଷ୍ମୀଧର କରଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ। ରଜ ଉତ୍ସବ ୩ ଦିନ ଧରି ଚାଲିବା ସହିତ ଓଡ଼ିଆ ଘରର ପରମ୍ପରା ଭାଇଚାରା ସଂସ୍କୃତି ପ୍ରଚାର ପ୍ରସାର ଦିଗରେ ଦୃଷ୍ଟି ଦିଆଯିବ ବୋଲି ସଂଗଠନ ସମ୍ପାଦକ ଫକୀର ବିଶ୍ୱାଳ ସୂଚନା ଦେଇଛନ୍ତି।

## ଶ୍ରୀଜଗନ୍ନାଥଙ୍କ ନୀତି ଲାଗି ଓୟୁଏଟି ପଠାଇଲା ପଦ୍ମ, ତୁଳସୀ

ସାକ୍ଷୀଗୋପାଳ,୭।୬(ଭରତ ରାଉତ)

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନୀତି ଲାଗି ଓୟୁଏଟିର ସାକ୍ଷୀଗୋପାଳସ୍ଥିତ ପୁରୀ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରଥମକରି ୫୦ କେଜି ତୁଳସୀ ଓ ୧୦୦ଟି ପଦ୍ମଫୁଲ ଶ୍ରୀମନ୍ଦିର ପଠାଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ୨୦ ଡିସିମିଲ ପରିମିତ ଅଞ୍ଚଳରେ ତୁଳସୀ ବଗିଚା ଏବଂ ୫୦ ଡିସିମିଲ ବିଶିଷ୍ଟ ପୋଖରୀରେ ସୁରମ୍ୟ ପଦ୍ମବନ ସୃଷ୍ଟି କରାଯାଇଛି। ଉକ୍ତ ତୁଳସୀ ବଗିଚାର ୭ଟି ପଟାଳିରେ କଳାତୁଳସୀ ଏବଂ ୭ଟି ପଟାଳିରେ ଧଳାତୁଳସୀ ଲଗାଯାଇଛି। ଏହି ବଗିଚାରେ ସିମ୍ ଅଙ୍ଗନା, ସିମ୍-ଆୟୁ ଆଦି ଉନ୍ନତ କିସମର ତୁଳସୀ ଚାଷ କରାଯାଇଛି। ସେହିଭଳି ଶ୍ରୀମନ୍ଦିରରେ ମହାଲକ୍ଷ୍ମୀଙ୍କ ପୂଜା ପାଇଁ ପଦ୍ମ ପୋଖରୀରେ ଗୋଲାପି ଓ ଧଳା ରଙ୍ଗର ପଦ୍ମଫୁଲ ପ୍ରଜାତି ଚାଷ କରାଯାଇଛି। ପ୍ରତ୍ୟେକ ଗୁରୁବାର ସାକ୍ଷୀଗୋପାଳସ୍ଥିତ ପୁରୀ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଶ୍ରୀମନ୍ଦିରକୁ ୨୫ରୁ ୩୦ କେଜି ତୁଳସୀ ଶାଖା ଓ ୫୦ଟି ପଦ୍ମଫୁଲ ପଠାଯିବାକୁ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଯାଇଛି। ତେବେ ଶୁକ୍ରବାର ପ୍ରଥମ ଦଫାରେ ଅଧିକ ଫୁଲ ଓ ତୁଳସୀ ପ୍ରେରଣ କରାଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ ରାଉଳଙ୍କ ମାର୍ଗଦର୍ଶନକ୍ରମେ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।


ପଦ୍ମ ପୋଖରୀ ପରିଦର୍ଶନ ଅବସରରେ ଓୟୁଏଟିର ଅଧିକାରୀମାନେ ।

## 'ବାଣ ବିସ୍ଫୋରଣ ଘଟଣାରେ ପ୍ରଶାସନର ଅବହେଳା ଦାୟୀ'

### ଏସ୍‌ଆର୍‌ସିଙ୍କୁ ଅଭିଯୋଗପତ୍ର ଦେଲା ପୁରୀ ବିକାଶ ପରିଷଦ

ପୁରୀ,୭।୬(ଅଜିତ୍ କୁମାର ମହାନ୍ତି)



ପୁରୀ ବାଣ ବିସ୍ଫୋରଣ ଘଟଣାର ତଦନ୍ତ ସମ୍ପର୍କରେ ପୁରୀ ବିକାଶ ପରିଷଦ ପକ୍ଷରୁ ଜଗନ୍ନାଥ ବସ୍ତିଆ ଶୁକ୍ରବାର ସ୍ୱତନ୍ତ୍ର ରିଲିଫ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ଭେଟି ଅଭିଯୋଗ ପ୍ରଦାନ କରିଛନ୍ତି। ବସ୍ତିଆ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ମହାପ୍ରଭୁଙ୍କ ଭଉଁରି ଚନ୍ଦନ ଯାତ୍ରା ଚାଲିଥିବା ବେଳେ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଏବଂ ଅଗ୍ନିଶମ ଅଧିକାରୀଙ୍କ ଚରମ ଅବହେଳା ଯୋଗୁ ବାଣ ବିସ୍ଫୋରଣ ହୋଇ ଏପର୍ଯ୍ୟନ୍ତ ୧୬ ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ଆଉ କେତେଜଣ ବ୍ୟକ୍ତି ଆହତ ଅବସ୍ଥାରେ ଡାକ୍ତରଖାନାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଏବଂ ଅଗ୍ନିଶମ ଅଧିକାରୀ ଯଦି ବେଆଇନ ଆତସବାଜି ପ୍ରଦର୍ଶନ ବନ୍ଦ କରିଥାନ୍ତେ ତାହାହେଲେ ଏତେବଡ଼ ଅଘଟଣ ହୋଇ ନ ଥାନ୍ତା। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଆହତମାନଙ୍କୁ ଆବଶ୍ୟକ ଜରୁରୀକାଳୀନ ଚିକିତ୍ସା ଯୋଗାଯାଇ ପାରିଥିଲେ କେତେଜଣ ବ୍ୟକ୍ତିଙ୍କ ମୃତ୍ୟୁ ରୋକାଯାଇ ପାରିଥାଆନ୍ତା। ଡାକ୍ତର ଏବଂ ଆମ୍ବୁଲାନ୍ସ ଅଭାବରୁ ବାଣ ବିସ୍ଫୋରଣରେ ଗୁରୁତର ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ଆବଶ୍ୟକ ଚିକିତ୍ସା ପାଇଁ କଟକ ଓ ଭୁବନେଶ୍ୱର ସ୍ଥାନାନ୍ତରରେ ବିଳମ୍ବ ଘଟିଥିଲା। ତେବେ ଭଉଁରି ଚନ୍ଦନ ଯାତ୍ରା ସମୟରେ ଜନସାଧାରଣଙ୍କ ସୁରକ୍ଷା ତଥା କର୍ତ୍ତବ୍ୟରେ ଚରମ ଅବହେଳା କରିଥିବା ଏବଂ ଜନଗହଳି ଭିତରେ ବେଆଇନ ଭାବେ ବାଣ ଫୁଟାଇବା ପାଇଁ ସୁଯୋଗ ଦେଇଥିବା କୁମ୍ଭାରପଡ଼ା ଥାନା ଅଧିକାରୀଙ୍କ ସମେତ ସୁରକ୍ଷା ଦାୟିତ୍ୱରେ ଥିବା ସମସ୍ତ ପୋଲିସ ଓ ଅଗ୍ନିଶମ ଅଧିକାରୀମାନଙ୍କୁ ଯଥାଶୀଘ୍ର ସରକାରୀ ଚାକିରିରୁ ବହିଷ୍କାର କରାଯାଉ। ଜିଲା ମୁଖ୍ୟ ଚିକିତ୍ସାଳୟରେ ୫୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ବର୍ନ ୟୁନିଟ୍ ନିର୍ମାଣ କରାଯାଉ । ସେଠାରେ ପୋଡ଼ାଜଳା ରୋଗୀଙ୍କ ଚିକିତ୍ସା ପାଇଁ ଆବଶ୍ୟକ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ଦିଆଯାଉ। ବାଣ ବିସ୍ଫୋରଣରେ ଆହତଙ୍କୁ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାରେ ଅବହେଳା କରିଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ଆମ୍ବୁଲାନ୍ସ ଯୋଗାଇବାରେ ଅବହେଳା କରିଥିବା ସଂସ୍ଥା ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ( ଭଉଁରି ଯାତ୍ରା) ଦେଖିବା ପାଇଁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିବାବେଳେ ସେଠାରେ ବେଆଇନ ଭାବେ ଅତାସବାଜି ପ୍ରଦର୍ଶନ ପାଇଁ ବାଣୁଆଙ୍କୁ ନିୟୋଜିତ କରିଥିବା ଓ ଏଥିପାଇଁ ଅର୍ଥ ଯୋଗାଇ ଦେଇଥିବା ସରକାରୀ ଅଧିକାରୀ ଏବଂ ଅନ୍ୟ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯିବା ସହ ଗିରଫ କରାଯାଉ। ବାଣ ବିସ୍ଫୋରଣରେ ମୃତକଙ୍କ ପରିବାରକୁ ଅନ୍ୟୁନ ୧୦ ଲକ୍ଷ ଏବଂ ଆହତମାନଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଉ। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ପାଇଁ ପରିବାରର ଜଣଙ୍କୁ ସରକାରୀ ଚାକିରି ପ୍ରଦାନ କରାଯାଉ । ଭବିଷ୍ୟତରେ ଏଭଳି ବାଣ ବିସ୍ଫୋରଣ ଘଟଣା ରୋକିବା ପାଇଁ ପୁରୀର ସମସ୍ତ ସାମାଜିକ, ସାଂସ୍କୃତିକ, ଧାର୍ମିକ, ପାରମ୍ପରିକ ଏବଂ ରାଜନୈତିକ କାର୍ଯ୍ୟକ୍ରମରେ ଆତସବାଜି ପ୍ରଦର୍ଶନ ସଂପୂର୍ଣ ନିଷେଧ କରାଯାଉ। ରଥଯାତ୍ରା, ଚନ୍ଦନଯାତ୍ରା, ଦୋଳଯାତ୍ରା, ସ୍ନାନଯାତ୍ରା, ନୀଳାଦ୍ରି ବିଜେ, ଗୁଆଲି ଯାତ୍ରା, ଶୀତଳ ଷଷ୍ଠୀ, ଦୀପାବଳୀ ଏବଂ ସାହିଯାତରେ ଆତସବାଜି ପ୍ରଦର୍ଶନ ସମ୍ପୂର୍ଣ୍ଣ ନିଷେଧ କରାଯାଉ। ପୁରୀ ବିଶ୍ୱ ପ୍ରସିଦ୍ଧ ତୀର୍ଥକ୍ଷେତ୍ର ଓ ପର୍ଯ୍ୟଟନ ସହର ହୋଇଥିବାରୁ ଏଠାରେ ବାଣ ପ୍ରସ୍ତୁତି ଏବଂ ବିକ୍ରି ନିଷେଧ କରାଯାଉ ବୋଲି ବସ୍ତିଆ ଦାବି କରିଛନ୍ତି।

# ରାତିରେ ଚାଲିଛି ବେଆଇନ ବାଲି ଚାଲାଣ

■ ଦୁର୍ବଳ ହେଉଛି ନଦୀ ବନ୍ଧ ଓ ପଠା
■ କୁମ୍ଭକର୍ଣ୍ଣ ନିଦ୍ରାରେ ମାଇନିଂ ବିଭାଗ
■ ମୌସୁମୀ ଆସିଲେ ସମସ୍ୟା ବଢ଼ିବ

ନିଶ୍ଚିନ୍ତକୋଇଲି, ୭।୬ (ଅଶୋକ କୁମାର ମହାପାତ୍ର)

ରାଜସ୍ୱ ବିଭାଗ ଖଣି ବିଭାଗକୁ ବାଲିଘାଟ ହସ୍ତାନ୍ତର ପରେ ଦିନକୁଦିନ ବେଆଇନ ବାଲି ଚାଲାଣ ବଢ଼ିବାରେ ଲାଗିଛି। ମହାନଦୀ ଓ ଲୁଣାନଦୀରୁ ଏହି ବାଲି ଚୋରି ହେଉଛି। ଏହାସତ୍ତ୍ୱେ କଟକରେ ଥିବା ଖଣି ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଫଳରେ ବିଭାଗ ପକ୍ଷରୁ ମାସିକ କୋଟି କୋଟି ଟଙ୍କା ରାଜସ୍ୱ ହାନି ହେଉଛି। ଅପରପକ୍ଷରେ ନଦୀ ଶଯ୍ୟାକୁ ଜେସିବି ମାଧ୍ୟମରେ ଖୋଳି ବାଲି ଉତ୍ତୋଳନ କରାଯାଇ ହାଇୱାରେ ନଦୀ ବନ୍ଧରେ ପରିବହନ କରାଯାଉଛି। ଫଳରେ ନଦୀର ପଠା ଓ ବନ୍ଧ ଦୁର୍ବଳ ହେଉଛି। ବନ୍ୟା ସମୟରେ ଏହି ସ୍ଥାନରେ ଘାଇ ଆଶଙ୍କାରେ ସ୍ଥାନୀୟ ଲୋକେ ଏହାର ପ୍ରତିବାଦ କରୁଛନ୍ତି। ତେବେ ପୋଲିସ ଓ ରାଜସ୍ୱ ବିଭାଗ ନିଜ ଉପରୁ ଦାୟିତ୍ୱ ଖସାଇ ମାଇନିଂ ବିଭାଗ କାର୍ଯ୍ୟାନୁଷ୍ଠାନ ନେବ ବୋଲି କହି ଚୁପ୍ ବସୁଛନ୍ତି। ଫଳରେ ବାଲି ଚୋରି ଉପରେ ଏଯାବତ କୌଣସି ଅଙ୍କୁଶ ଲାଗି ପାରିନାହିଁ। ମାଇନିଂ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ପରି ଅନୁମେୟ ହେଉଛି।

ସୂଚନା ଅନୁଯାୟୀ, କଟକ ଜିଲା କିଶୋରନଗର ଅଧୀନ ଉତ୍ତରକୂଳ ପଞ୍ଚାୟତ ମାହାଳ ହାଟ ଓ ନିଶ୍ଚିନ୍ତକୋଇଲି ତହସିଲ ଅଧୀନ କୁଳଗାଁଇଶାଳୋ, ଲୋକନାଥପୁର ଓ ସହଦେବପୁର ଘାଟରୁ କ୍ରମାଗତ ଭାବେ ବାଲି ଚାଲାଣ ହେଉଛି। ଆଗକୁ ବର୍ଷାଦିନ ଥିବାରୁ ହାଇୱା ମାଲିକ ଓ ଘାଟ ମାଲିକ ପର୍ଯ୍ୟାପ୍ତ ପରିମାଣ ବାଲି ଉତ୍ତୋଳନ କରି ମହଜୁଦ ରଖୁଛନ୍ତି। ଏହାକୁ ଚଢ଼ାଦାମରେ ଲୋକଙ୍କୁ ବିକ୍ରି କରୁଛନ୍ତି। ବାଲି ମାଫିଆମାନେ ଭାରିଯାନ ସାହାଯ୍ୟରେ ବାଲି ଚାଲାଣ କରୁଥିବା କାରଣରୁ ନଦୀବନ୍ଧ ପ୍ରତି ବିପଦର ଆଶଙ୍କା ସୃଷ୍ଟି ହୋଇଛି। କିଶନନଗର ତହସିଲ ଅଧୀନରେ ଉତ୍ତରକୂଳ ପଞ୍ଚାୟତର ମାହାଳ ହାଟରେ ଫାଣ୍ଡି ଅଞ୍ଚଳ ରହିଛି। ମାହାଳ ହାଟ ଫାଣ୍ଡି ନିକଟରେ ଥିବା ମହାନଦୀର ବାମ ପାର୍ଶ୍ୱର ଏକ ଘାଟରୁ ରାତିରେ ବାଲି ମାଫିଆମାନେ ଜେସିବି ସାହାଯ୍ୟରେ ବାଲି ଉତ୍ତୋଳନ କରୁଥିବା ଅଭିଯୋଗ ହୋଇଛି। ମାଫିଆମାନେ ରାତିରେ ବାଲି ଉତ୍ତୋଳନ କରି ହାଇୱା ଯୋଗେ ରାଜ୍ୟର ବିଭିନ୍ନ ସ୍ଥାନକୁ ବାଲି ପଠାଉଛନ୍ତି। ସରକାରୀ ନୀତି ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଇ ଏହି ବାଲି ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି। ଏପରିକି ଏହି ସ୍ଥାନରୁ ବାଲି ଉତ୍ତୋଳନ ନିମନ୍ତେ କୌଣସି ପ୍ରଶାସନିକ ମଞ୍ଜୁରୀ ମିଳିନାହିଁ। ଏହାଦ୍ୱାରା ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି। ଏନେଇ ସ୍ଥାନୀୟ ଲୋକେ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରୁଥିଲେ ମଧ୍ୟ ଏଥିପ୍ରତି କେହିହେଲେ କର୍ଣ୍ଣପାତ କରୁନାହାନ୍ତି।

ଆଉ ଅଳ୍ପ ଦିନ ପରେ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କରିବ। ମହାନଦୀ ବନ୍ୟା ଜଳରେ ଉଚ୍ଛୁଳି ପଡିବ। ଏପରିସ୍ଥଳେ ନଦୀବନ୍ଧ ଦୁର୍ବଳ ରହିଛି। ଦୈନନ୍ଦିନ ଶତାଧିକ ସଂଖ୍ୟାରେ ବାଲି ବୋଝେଇ ଭାରିଯାନ ନଦୀ ବନ୍ଧ ଦେଇ ଚାଲାଣ କରଯାଉଥିବାରୁ ବନ୍ଧ ପ୍ରତି ବିପଦ ଆଶଙ୍କା ସୃଷ୍ଟି ହୋଇଛି । ପ୍ରଶାସନ ତରଫରୁ ତୁରନ୍ତ ବାଲିମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆଗାମୀ ଦିନରେ ଏଠାରେ ଘାଇ ସୃଷ୍ଟି ହୋଇ ନିଶ୍ଚିନ୍ତକୋଇଲି ବ୍ଲକର ବହୁ ପଞ୍ଚାୟତ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ଏସମ୍ପର୍କରେ କଟକ ଜିଲା ମାଇନିଂ ଅଧିକାରୀ ସମ୍ବିତ ସାହୁଙ୍କୁ ପଚାରିବାରେ କୁହନ୍ତି, ନିର୍ବାଚନରେ ବ୍ୟସ୍ତତା ଲାଗି ଏହି ଚଢ଼ାଉ ପ୍ରକ୍ରିୟା ଶିଥିଳ ହୋଇଯାଇଥିଲା। ଏବେ ନିର୍ବାଚନ ସରିଯାଇଥିବାରୁ ଆଗାମୀ ଦିନରେ ବାଲି ଚାଲାଣ ରୋକିବା ପାଇଁ ଜୋର୍‌ଦାର ଚଢ଼ାଉ କରାଯିବ। ତେବେ ଚୋରା ବାଲି ଚାଲାଣ ସମ୍ପର୍କରେ ତାଙ୍କ ନିକଟରେ କୌଣସି ଅଭିଯୋଗ ନାହିଁ। ଅଭିଯୋଗ ଆସିଲେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ପ୍ରକାଶ କରିଛନ୍ତି।



ମହାନଦୀର ବାମ ପାର୍ଶ୍ୱର ଏକ ଘାଟରୁ ରାତିରେ ଜେସିବି ସାହାଯ୍ୟରେ ବାଲି ଉତ୍ତୋଳନ ଚାଲିଛି।

## ବାଲୁଙ୍କେଶ୍ୱର ରାମନାଟ୍ୟ ପରିବାରର ବାର୍ଷିକ ଉତ୍ସବ

ବାଙ୍କୀ,୭।୬(ଜ୍ଞାନେନ୍ଦ୍ରମୋହନ ମିଶ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ ଦୁଲଣାପୁର ଗ୍ରାମର ବାବା ବାଲୁଙ୍କେଶ୍ୱର ରାମନାଟ୍ୟ ପରିବାରର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସମରକେଶରୀ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ବାସବରାଜେଶ୍ୱର ରୁଦ୍ରବଂଶୀ ବାର୍ଷିକ ବିବରଣୀ ପାଠ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥିଭାବେ ପାଲା ଗାୟକ ଦିଲୀପ କୁମାର ମହାପାତ୍ର, ଶିକ୍ଷାବିତ୍ ବନମାଳୀ ରାଉତ, ସାମାଜିକ କର୍ମୀ କିଷନ ମହାପାତ୍ର, ନାଟ୍ୟକାର ନିରଞ୍ଜନ ମହାପାତ୍ର, ଅନୁଷ୍ଠାନର ପ୍ରତିଷ୍ଠାତା ବାନାମ୍ବର ରଣା ପ୍ରମୁଖ ଯୋଗଦେଇ ପଲ୍ଲୀ ଗାଁର ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବାରେ ବାଲୁକେଶ୍ୱର ରାମନାଟ୍ୟ ପରିବାରର ଭୂମିକା ପ୍ରଶଂସନୀୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ କଳାକାର ଅନ୍ୟାନ୍ୟ ରଣା, ପ୍ରଜ୍ଞା ପରିଡା, ପ୍ରିୟସୀ ରଣା ଓ ପ୍ରିତମୟ ମହାରଣାଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଚିତ୍ରାନନ୍ଦ ମହାପାତ୍ର ଏହାକୁ ପରିଚାଳନା କରିଥିଲେ । ଶେଷରେ ଲଙ୍କା ଦହନ ନାଟକ ମଞ୍ଚସ୍ଥ ହୋଇଥିଲା।

## ଅନ୍ତର୍ଜାତୀୟ ଖାଦ୍ୟମେଳାରେ ରୁଚିର ଆକର୍ଷଣୀୟ ଷ୍ଟଲ୍



ନୂଆଦିଲ୍ଲୀ,୭।୬

ଫେଡେରେଶନ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ବହୁପ୍ରତୀକ୍ଷିତ ଅନ୍ତର୍ଜାତୀୟ ଖାଦ୍ୟମେଳା ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ନୂଆଦିଲ୍ଲୀର ଆଇଆଇସିସି କେନ୍ଦ୍ରଠାରେ ଆନ୍ତର୍ଜାତିକ ଖାଦ୍ୟମେଳା 'ଅନ୍ନପୂର୍ଣ୍ଣା ଇଣ୍ଟରନ୍ୟାଶନାଲ ଫୁଡ୍ ଫେଷ୍ଟ'ର ଶୁଭାରମ୍ଭ କରାଯାଇଛି। ଏହି ମେଳାରେ ଦେଶବିଦେଶର ବହୁ ପ୍ରତିଷ୍ଠିତ ଖାଦ୍ୟ ଓ ପାନୀୟ ପ୍ରକ୍ରିୟାକରଣ ଶିଳ୍ପୋଦ୍ୟୋଗ ଅଂଶଗ୍ରହଣ କରିଥିଲାବେଳେ 'ରୁଚି ଫୁଡ୍‌ଲାଇନ' ମଧ୍ୟ ଅଂଶଗ୍ରହଣ କରିଛି। ଏପରିକି ପ୍ରଦର୍ଶନୀ ମଣ୍ଡପଠାରେ ଖୋଲିଥିବା ରୁଚି ମଣ୍ଡପକୁ ଶିଳ୍ପ ମନ୍ତ୍ରଣାଳୟର ସଚିବ ଅନିତା ପ୍ରବୀଣ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫିକିର ଉପନିର୍ଦ୍ଦେଶକ ବି.କେ.ନାୟକଙ୍କ ସମେତ ରୁଚିର ନିର୍ଦ୍ଦେଶିକା ରଶ୍ମି ସାହୁ, ଆଞ୍ଚଳିକ ବିକ୍ରୟ ପ୍ରବନ୍ଧକ ପୂର୍ଣ୍ଣେନ୍ଦୁ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଏହି ଆନ୍ତର୍ଜାତିକ ଖାଦ୍ୟମେଳାରେ ରୁଚି ଫୁଡ୍‌ଲାଇନର ମସଲାଜାତ ସାମଗ୍ରୀ, ଜୈବିକ ହଳଦୀ, ହଳଦୀ ବାଥ୍, ଜୈବିକ ହଳଦୀ କାପ୍‌ସୁଲ୍, ଶାଗୁ, ସୁଜି, ଡାଲିଆ, ଫାର୍ମ ବି ଉତ୍ପାଦ, ପୁଷ୍ଟିକର ମିଲେଟ୍ ଭଳି ଖାଦ୍ୟ ସାମଗ୍ରୀ ସମେତ ଅନେକ ସ୍ୱାସ୍ଥ୍ୟକର ଖାଦ୍ୟ ଓ ବିଶୁଦ୍ଧ ପାନୀୟ ସବୁକୁ ମିଶାଇ ୩୦୦ରୁ ଅଧିକ ସାମଗ୍ରୀ ପ୍ରଦର୍ଶିତ ହେଉଛି। ଏଥିରେ ଦେଶବିଦେଶର ଅନେକ ପ୍ରତିଷ୍ଠିତ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗୀ ରଶ୍ମି ସାହୁଙ୍କ ସହ ବ୍ୟବସାୟିକ ଆଲୋଚନା କରିଥିଲେ।

## ସରପଞ୍ଚଙ୍କ ସ୍ୱାମୀ, ସହଯୋଗୀଙ୍କୁ କାବୁ କଲେ ଗ୍ରାମବାସୀ

**ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି**

ନିଶ୍ଚିନ୍ତକୋଇଲି,୭।୬ (ଅଶୋକ କୁମାର ମହାପାତ୍ର)

ନେମାଳ ଥାନା ଅଧୀନ ପାଳଦା ପଞ୍ଚାୟତ କାର୍ଯ୍ୟାଳୟରୁ ଗୁରୁବାର ବିଳମ୍ବିତ ରାତିରେ ସରପଞ୍ଚଙ୍କ ସ୍ୱାମୀ ଓ ତାଙ୍କ ସହଯୋଗୀମାନେ ପଞ୍ଚାୟତର କାଗଜପତ୍ର, କମ୍ପ୍ୟୁଟର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ଗ୍ରାମବାସୀଙ୍କ ହାତରେ ଧରାପଡିଛନ୍ତି। ଏହାପରେ ଧରାପଡ଼ିଥିବା ଅଭିଯୁକ୍ତମାନଙ୍କୁ ପୋଲିସ ଜିମା ଦିଆଯାଇଛି। ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ପାଳଦା ପଞ୍ଚାୟତର ସରପଞ୍ଚ ଚିନ୍ମୟୀ ବେହେରାଙ୍କ ସ୍ୱାମୀ ରମାକାନ୍ତ ବେହେରା, ପଞ୍ଚାୟତ କାର୍ଯ୍ୟାଳୟ ପିଅନ ସନ୍ତୋଷ ମଳିକ, ବିଜେଡି ଯୁବ ନେତା କହ୍ନେଇ ମଳିକ। ଗିରଫ ଅଭିଯୁକ୍ତଙ୍କ ସମେତ ଅନ୍ୟ ୨ଜଣ ଯୋଜନାବଦ୍ଧଭାବେ ବିଳମ୍ବିତ ରାତିରେ ପଞ୍ଚାୟତ କାର୍ଯ୍ୟାଳୟର ତାଲା ଭାଙ୍ଗି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଏଲ୍‌ଇଡି, କମ୍ପ୍ୟୁଟର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଯାଉଥିଲାବେଳେ କେତେଜଣ ଗ୍ରାମବାସୀ ସୂଚନାପାଇ ସେମାନଙ୍କୁ ଗୋଡ଼ାଇ ୩ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଅନ୍ୟ ୨ଜଣ ଖସିଯିବାକୁ ସକ୍ଷମଥିଲେ। ଏସମ୍ପର୍କରେ ଗ୍ରାମବାସୀ ନେମାଳ ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଥାନାକୁ ନେଇଥିଲେ।



ଅଭିଯୁକ୍ତମାନଙ୍କୁ ଗ୍ରାମବାସୀ ପୋଲିସ ଜିମା ଦେଉଛନ୍ତି।

## ସ୍ୱରୋଜଗାର, ଦକ୍ଷତା ବିକାଶ ସମ୍ପର୍କିତ କର୍ମଶାଳା



କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

ବାଙ୍କୀ,୭।୬ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ରଚିକା ହାଟ ପରିସରରେ ସ୍ୱରୋଜଗାର ଓ ଦକ୍ଷତା ବିକାଶ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ବୟନଶିଳ୍ପ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଜାତୀୟ କୁଟୀରଶିଳ୍ପ ବିକାଶ କାର୍ଯ୍ୟକ୍ରମ ଅନୁଯାୟୀ ଗ୍ରାମାଞ୍ଚଳର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଶିକ୍ଷାଭାରତୀ ଟ୍ରଷ୍ଟ ପକ୍ଷରୁ ଏହି କର୍ମଶାଳା ଆୟୋଜନ କରାଯାଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ତ୍ରିପାଠୀ ଏଥିରେ ସଭାପତିତ୍ୱ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ କୁଟୀରଶିଳ୍ପ ସହକାରୀ ନିର୍ଦ୍ଦେଶକ ପୁଷ୍ପରାଜ ଯୋଗଦେଇ ସ୍ୱରୋଜଗାରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଭାରତ ସରକାରଙ୍କ କୁଟୀର ଶିଳ୍ପ ବିକାଶ ଅଧିକାରୀ କୁମାର ପ୍ରମେନ୍ଦ୍ର ସିହ୍ନା ଯୋଗଦେଇ ସିଲେଇ, ଏମ୍ବ୍ରୋଡୋରି ଓ ସୂକ୍ଷ୍ମସୂଚୀ କାମରେ ଦକ୍ଷତା ରହିଲେ ସ୍ୱରୋଜଗାର କରିପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ସ୍ୱରୋଜଗାର ଦ୍ୱାରା ସମସ୍ତେ ଆତ୍ମନିର୍ଭରଶୀଳ ହୋଇପାରିଲେ ସେମାନଙ୍କର ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇବ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଶ୍ରଦ୍ଧାଞ୍ଜଳି ଶତପଥୀ ଯୋଗ ଦେଇଥିବାବେଳେ ରୋଜାଲିନ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ସମ୍ମୁଖରେ ଧାରଣା




ଥାନା ସମ୍ମୁଖରେ ଭାଜପା କର୍ମୀମାନେ ଧାରଣା ଦେଇଛନ୍ତି।

**ମାଳଶାସନ ପଞ୍ଚାୟତରେ ନିର୍ବାଚନୀ ହିଂସା**

ସାଲେପୁର,୭।୬ (ଅରବିନ୍ଦ ଭୂୟାଁ)

ସାଲେପୁର ଥାନା ଅନ୍ତର୍ଗତ ମାଳଶାସନ ପଞ୍ଚାୟତର ଭୋଟଗ୍ରହଣ କେନ୍ଦ୍ରରେ ଭାଜପା ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟଙ୍କ ନିର୍ବାଚନ ଏଜେଣ୍ଟ ସଞ୍ଜୟ ରାଉତ ଓ ଅନ୍ୟ ଜଣେ ଭାଜପା କର୍ମୀଙ୍କୁ ପନିକି ଓ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏନେଇ ସାଲେପୁର ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ପୋଲିସ ଗିରଫ କରିନାହିଁ। ଏହାର ପ୍ରତିବାଦରେ ଭାଜପା ନେତା ଅରିନ୍ଦମ ରାୟ, ହିମାଂଶୁ ମହାନ୍ତି ଓ ଯୁବନେତା ରଶ୍ମି ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ବହୁ ମହିଳା ଓ ପୁରୁଷ ଭାଜପା କର୍ମୀ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ସେମାନେ ଏକ ଶୋଭାଯାତ୍ରାରେ ସାହେଶ୍ୱରୀ ମନ୍ଦିର ପରିସରରୁ ବାହାରି ସାଲେପୁର ବଜାର ପରିକ୍ରମା କରି ଥାନାରେ ପହଞ୍ଚି ଧାରଣାରେ ବସିଥିଲେ। ପୋଲିସ ଆନ୍ଦୋଳନକାରୀମାନଙ୍କୁ ବୁଝାଶୁଝା କରିବା ସହ ୨୪ଘଣ୍ଟା ଭିତରେ ଅଭିଯୁକ୍ତଙ୍କୁ ଗିରଫ କରିବ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ଆନ୍ଦୋଳନରେ କଟକ ଜିଲା ଭାଜପା ସଭାପତି ରାମନାରାୟଣ ମହାନ୍ତି, ସାଲେପୁର ମଣ୍ଡଳ ସଭାପତି ବିକ୍ରମ କେଶରୀ ବଳ, ହେମନ୍ତ କୁମାର ସାହୁ, ସତ୍ୟବାଦୀ ଚୟନୀ ବରିଷ୍ଠ ନେତା କୁଞ୍ଜମୋହନ ସେଠୀ, ଲୁଲୁପ କୁମାର ବିଶ୍ୱାଳ, ଧ୍ରୁବଚରଣ ମହାନ୍ତି, ପୂର୍ଣ୍ଣିମା ବସ୍ତିଆ, ବିଜୟଲକ୍ଷ୍ମୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ଘଟଣାରେ ପୋଲିସ ଅଦ୍ୟାବଧି ୧୧ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## 'ସତର୍କତାମୂଳକ ପଦକ୍ଷେପ ନିଆଯାଇ ନ ଥିଲା'

■ ପୁରୀ ବାଣ ବିସ୍ଫୋରଣ ଘଟଣାର ଦ୍ୱିତୀୟ ପର୍ଯ୍ୟାୟ ତଦନ୍ତ
■ ଏସ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ ଆଣିଲେ ପ୍ରତ୍ୟକ୍ଷଦର୍ଶୀ

ପୁରୀ,୭।୬(ଅଜିତ୍ କୁମାର ମହାନ୍ତି)

ପୁରୀ ବାଣ ବିସ୍ଫୋରଣ ଘଟଣାର ଦ୍ୱିତୀୟ ପର୍ଯ୍ୟାୟ ତଦନ୍ତ ଶୁକ୍ରବାର ଶେଷ ହୋଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ସତ୍ୟବ୍ରତ ସାହୁ ପୁରୀ ସର୍କିଟ ହାଉସରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ୩ ଜଣ ଆପତ୍ତି ଅଭିଯୋଗ ଜଣାଇଛନ୍ତି। ଏଭଳି ଅଘଟଣ ରୋକିବାକୁ ପ୍ରଶାସନ ପକ୍ଷରୁ କୌଣସି ସତର୍କତାମୂଳକ ଆଗୁଆ ପଦକ୍ଷେପ ନିଆଯାଇ ନ ଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ ଅଭିଯୋଗ କରିଛନ୍ତି।

ପୂର୍ବରୁ ଗତ ୫ ତାରିଖରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ଅଭିଯୋଗ ଶୁଣାଣିରେ ୩୦ଜଣ ଆପତ୍ତି ଅଭିଯୋଗ ଜଣାଇବା ସହ ତଥ୍ୟ ପ୍ରଦାନ କରିଥିଲେ। ଏମାନଙ୍କ ମଧ୍ୟରେ କ୍ଷତିଗ୍ରସ୍ତଙ୍କ ପରିବାର ସଦସ୍ୟ, ଗ୍ରାମବାସୀ, ପ୍ରତ୍ୟକ୍ଷଦର୍ଶୀ, ଉଦ୍ଧାରକାରୀ ବ୍ୟକ୍ତି, ଗଣମାଧ୍ୟମ ପ୍ରତିନିଧି, ସ୍ୱେଚ୍ଛାସେବୀ ଓ ସାଧାରଣ ଲୋକ ରହିଥିଲେ। ସେହିପରି ପୋଲିସ, ଅଗ୍ନିଶମ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଜମାନବନ୍ଦୀ ଦେଇଥିଲେ। ଅଧିକାରୀମାନଙ୍କୁ ଏସ୍‌ଆର୍‌ସି ଘଟଣା ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ଶୁଣାଣିରେ ୩ଜଣ ଆପତ୍ତି ଅଭିଯୋଗ ଜଣାଇଥିଲେ। ଆହତମାନଙ୍କର ଉନ୍ନତ ଚିକିତ୍ସା ପାଇଁ ଏକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଟିମ୍ ସେମାନଙ୍କ ଘରକୁ ଯାଇ ସ୍ଥିତି ଅନୁଧ୍ୟାନ କରି ଉପଯୁକ୍ତ ପରାମର୍ଶ ଦେବାକୁ ବ୍ୟବସ୍ଥା କରାଯାଇଛି। ଶୁଣାଣି ସମୟରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ର, ଅତିରିକ୍ତ ଏସ୍‌ଆର୍‌ସି ପଦ୍ମନାଭ ବେହେରା, ଡେପୁଟି କଲେକ୍ଟର ପ୍ରଫୁଲ୍ଲ କୁମାର ମିଶ୍ର, ସହକାରୀ ଜିଲାପାଳ ପଞ୍ଚାନନ ପରିଜା ଏବଂ ଏସ୍‌ଆର୍‌ସି କାର୍ଯ୍ୟାଳୟର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣି ସମ୍ପର୍କରେ ଜିଲାପାଳ ସ୍ୱାଇଁ ସୂଚନା ଦେଇ କହିଛନ୍ତି ଯେ, ଗତ ୨୯ ତାରିଖରେ ଚାପଖେଳ ବେଳେ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ବାଣ ବିସ୍ଫୋରଣ ଘଟିଥିଲା। ଏହି ଘଟଣାର ତଦନ୍ତ ନିମନ୍ତେ ସରକାରଙ୍କ ପକ୍ଷରୁ ଏକ କମିଟି ଗଠନ କରାଯିବା ସହ ଏସ୍‌ଆର୍‌ସିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଏସ୍‌ଆର୍‌ସି ପୁରୀ ଆସି କ୍ଷେତ୍ର ପରିଦର୍ଶନ କରିବା ସହ ଗତ ୫ ତାରିଖରେ ରାଉଣ୍ଡ ତଦନ୍ତ କରିଥିଲେ। ଶୁକ୍ରବାର ଦ୍ୱିତୀୟ ଥର ପାଇଁ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ମୋଟ ୩୩ ଜଣ ବ୍ୟକ୍ତିବିଶେଷ ସେମାନଙ୍କ ଅଭିଯୋଗ ଓ ମତାମତ ପ୍ରଦାନ କରିଛନ୍ତି। ଏମାନଙ୍କ ମଧ୍ୟରେ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ପ୍ରତ୍ୟକ୍ଷଦର୍ଶୀ, ଆହତଙ୍କ ପରିବାର ସଦସ୍ୟ ଆଦି ରହିଥିଲେ। ବିଭିନ୍ନ ବିଭାଗର ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଆବଶ୍ୟକ ପଡ଼ିଲେ ଆଉ ଥରେ ଏସ୍‌ଆର୍‌ସି ପୁରୀ ଆସି ତଦନ୍ତ କରି ସରକାରଙ୍କୁ ରିପୋର୍ଟ ଦେଇପାରନ୍ତି ବୋଲି ସ୍ୱାଇଁ କହିଛନ୍ତି। ଅପରପକ୍ଷେ ବିସ୍ଫୋରଣ ପରେ ଘଟଣାସ୍ଥଳରେ ପହଞ୍ଚିଥିବା ସୁଶାନ୍ତ କୁମାର ମହାପାତ୍ର ଏସ୍‌ଆର୍‌ସିଙ୍କୁ ଦେଖାକରି ତାଙ୍କ ମତ ରଖିଥିଲେ। ମହାପାତ୍ର କହିଛନ୍ତି, ଘଟଣା ଘଟିବାର କିଛି ସମୟ ପରେ ସେ ସେଠାରେ ପହଞ୍ଚିଥିଲେ।

ଘଟଣାସ୍ଥଳରେ ରକ୍ତଛିଟା ସହ ପୋଡ଼ା ଜିନିଷ ପଡ଼ିରହିଥିଲା। ଚାପଡଙ୍ଗା ଉପରେ ଏକ ଡ୍ରୋନ ଉଡୁଥିଲା। ମାତ୍ର ଡ୍ରୋନରେ ବାଣ ବିସ୍ଫୋରଣ ସମ୍ପର୍କରେ କୌଣସି ସୂଚନା ନାହିଁ କି ପୋଲିସ ନିକଟରେ ଖବର ନାହିଁ। ଭକ୍ତଙ୍କ ସୁରକ୍ଷା ପାଇଁ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା। ଯାନିଯାତ୍ରା ସମୟରେ ଆମ୍ବୁଲାନ୍ସ, ଦମକଳ ନ ଥିଲା କି ଆବଶ୍ୟକ ସଂଖ୍ୟକ ପୋଲିସ ମୁତୟନ ନ ଥିଲେ। ବାଣ ଫୁଟାଯାଉଥିବା ସ୍ଥାନକୁ ଲୋକଙ୍କୁ ନ ଛାଡ଼ିବା ପାଇଁ କିଛିଦୂରରେ ଦଉଡ଼ି ବାନ୍ଧିଦେଇଥିଲେ ଏପରି ଅଘଟଣକୁ ଏଡ଼ାଇ ଦିଆଯାଇପାରିଥାନ୍ତା। ପୋଲିସ ପକ୍ଷରୁ ମଧ୍ୟ କୌଣସି ଆଗୁଆ ସତର୍କ ସୂଚନା ଦିଆଯାଇ ନ ଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ବର୍ନ ୟୁନିଟ୍ ଓ ଆବଶ୍ୟକ ଭିତ୍ତିଭୂମି ନାହିଁ ବୋଲି ଏସ୍‌ଆର୍‌ସିଙ୍କୁ ସେ ଅଭିଯୋଗ ଜଣାଇଥିବା ମହାପାତ୍ର ପ୍ରକାଶ କରିଛନ୍ତି।



ଅଭିଯୋଗ ଶୁଣାଣିରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ ଏବଂ ଅନ୍ୟ ଅନ୍ୟ ଅଧିକାରୀମାନେ ।

## ସଂକ୍ଷେପରେ

### ଟ୍ରକ୍‌କୁ ଧକ୍କା ଦେଲା ବାଇକ୍, ଜଣେ ମୃତ, ଜଣେ ଆହତ

ବେଗୁନିଆ,୭।୬(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ବାଘମାରୀ-ସାରୁଅ ମଧ୍ୟବର୍ତ୍ତୀ ଶଙ୍ଖ ନିକଟରେ ଏକ ଟ୍ରକ୍ ଖରାପ ହୋଇ ରହିଥିବାବେଳେ ଶୁକ୍ରବାର ତାକୁ ଏକ ବାଇକ୍ ପଛପଟୁ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ଡାକ୍ତରଖାନା ପଠାଯାଇଛି। ତେବେ ୨ ଜଣଙ୍କ ପରିଚୟ ମିଳି ନ ଥିବାବେଳେ ମୃତକ ବୋଲଗଡ଼ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ଉକ୍ତ ୨ ଜଣ ଏକ ବାଇକ୍‌ରେ ଖୋର୍ଦ୍ଧାରୁ ଫେରୁଥିବାବେଳେ ଉକ୍ତ ଖରାପ ଟ୍ରକ୍‌କୁ ଧକ୍କା ଦେଇ ତଳେ ପଡ଼ିଯାଇଥିଲେ। ଏହି ଦୁର୍ଘଟଣାରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାତାୟାତ କରୁଥିବା ଯାନବାହନ କିଛି ସମୟ ଅଟକି ରହିଲା। ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ନିର୍ଦ୍ଦେଶରେ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ୍ ନିୟନ୍ତ୍ରଣ କରିଥିଲେ।

### ଟ୍ରକ୍ ପଛରେ ପିଟିହେଲା ସ୍କୁଟି: ଜଣେ ମୃତ, ଜଣେ ଗୁରୁତର

ଯାଁଳା,୭।୬(ବୁଲା ବାରିକ)

ଆଜି ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟା ବେଳେ ଇନ୍‌ଫୋଭ୍ୟାଲି ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ପିତାପଲ୍ଲୀ ଓଭରବ୍ରିଜ୍ ଉପରେ ଟ୍ରକ୍ ପଛରେ ଏକ ସ୍କୁଟି ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ଼ ଜିଲା ଶରଣକୁଳ ଥାନା ବାଉଁଶିଆ ଗ୍ରାମର ଦିବାକର ତ୍ରିପାଠୀ (୪୮)। ଅନ୍ୟ ଜଣେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁସାରେ, ପିତାପଲ୍ଲୀ ଓଭରବ୍ରିଜ୍ ଉପରେ ଏକ ଟ୍ରକ୍‌ର ଚକା ପଙ୍କଚର ହୋଇଯିବାରୁ ହେଲ୍‌ପର ଚକ ଖୋଲି ସଜାଡ଼ିବାକୁ ଗାଡ଼ି ଠିଆ କରିଥିଲେ। ସେହି ସମୟରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଏକ ସ୍କୁଟିରେ ଦିବାକର ଓ ତାଙ୍କ ବନ୍ଧୁ ଆସୁଥିଲେ। କୌଣସି କାରଣରୁ ଭାରସାମ୍ୟ ହରାଇ ସ୍କୁଟିଟି ଟ୍ରକ୍ ପଛରେ ପିଟି ହୋଇଯାଇଥିଲା। ଫଳରେ ଦୁହେଁ ଗୁରୁତର ଆହତ ହୋଇଥିଲେ। ଇନ୍‌ଫୋଭ୍ୟାଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍‌ସ ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ଦିବାକରଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ବ୍ୟକ୍ତିଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଦିବାକରଙ୍କ ଭଉଣୀ ଇନ୍‌ଫୋଭ୍ୟାଲି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୨ଟି ଗାଡ଼ି ଜବତ କରି ଘଟଣାର ତଦନ୍ତ ଚଳାଇଛି।

# ପାଇକ ସ୍ମାରକୀସ୍ଥଳ ପାଲଟିଛି ଅଳିଆଗଦା

## ମନ୍ଥର ଗତିରେ ଚାଲିଛି କାମ

ଖୋର୍ଦ୍ଧା,୭।୬ (ପ୍ରଭାତ ପାଣିଗ୍ରାହୀ)

ପାଇକ ବିଦ୍ରୋହ ଓଡ଼ିଆ ଜାତିର ଅସ୍ମିତା। ଏ ଜାତିର ଗର୍ବ ଓ ଗୌରବ। ଇଂରେଜଙ୍କ ବିରୋଧରେ ପୁଞ୍ଜୀଭୂତ ଅସନ୍ତୋଷ, ଦେଶ ମାତୃକାର ସ୍ୱାଧୀନତା ପାଇଁ ପାଇକ ବୀରଙ୍କ ବୀରତ୍ୱର ଗାଥା ବହନ କରୁଛି ପାଇକ ବିଦ୍ରୋହ। ଏହାର ସ୍ମୃତି ସ୍ୱରୂପ ୫ବର୍ଷ ତଳେ ୨୦୧୯ ଡିସେମ୍ବର ୮ରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇ ପାଦଦେଶରେ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ୨ବର୍ଷ ତଳେ ସ୍ମାରକୀ ନିର୍ମାଣ ପାଇଁ ଭୂମିପୂଜା ହୋଇ ମାଟି ଖନନ ପରଠାରୁ କାମ ବନ୍ଦ ରହିଛି। ସ୍ମାରକୀ ନିର୍ମାଣ ସ୍ଥଳ ଏବେ ମୁକ୍ତ ଡମ୍ପିଂୟାର୍ଡ ପାଲଟିଛି। ନିକଟସ୍ଥ ଶିଳ୍ପାନୁଷ୍ଠାନରୁ ବାହାରୁଥିବା ବର୍ଜ୍ୟବସ୍ତୁ ଏଠାରେ ପାହାଡ଼ ଭଳି ଗଦା ହେଲାଣି। ଶ୍ରେୟ ରାଜନୀତିରେ ବଳିପଡ଼ିଛି ପାଇକ ସ୍ମାରକୀ ନିର୍ମାଣ।

ପ୍ରକାଶ ଯେ, ବରୁଣେଇ ପାଦଦେଶରେ ସ୍ମାରକୀ ନିର୍ମାଣ ପାଇଁ କେନ୍ଦ୍ର ସରକାର ୫୦ ଏକର ଜାଗା ମାଗିଥିବାବେଳେ ରାଜ୍ୟ ସରକାର ୧୦ ଏକର ଜାଗା ଯୋଗାଇ ଦେଇଥିଲେ। ପ୍ରସ୍ତାବିତ ଜମି ଜବରଦଖଲମୁକ୍ତ ଏବଂ ପରେ ରାଜ୍ୟ ସରକାର ପ୍ରସ୍ତାବିତ ଜମିର ଫ୍ରି ପ୍ରିମିୟମ ଭାବେ ଯୋଗାଇଦେବା ଲାଗି ବିଭିନ୍ନ ସଙ୍ଗଠନ ଦାବି କରିଥିଲେ। ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଖୋର୍ଦ୍ଧା ମୌଜାର ବରୁଣେଇ ପାହାଡ଼ ପାଦଦେଶରେ ଏକର ୯.୬୮୫ ଡେସିମିଲ ସରକାରୀ ଜମିକୁ ପାଇକ ବିଦ୍ରୋହ ସ୍ମୃତି ଉଦ୍ଦେଶ୍ୟରେ ପାଇକ ସ୍ମାରକୀ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ବିନା ପ୍ରିମିୟମ, କ୍ୟାପିଟାଲ ଭ୍ୟାଲୁ ଏବଂ ଇନ୍ସିଡେଣ୍ଟାଲ ଚାର୍ଜରେ ସଂସ୍କୃତି ମନ୍ତ୍ରାଳୟ ଭାରତ ସରକାରଙ୍କ ସପକ୍ଷରେ ଦେବା ଲାଗି ରାଜ୍ୟ କ୍ୟାବିନେଟର ଅନୁମୋଦନ କ୍ରମେ ଏଥିନିମନ୍ତେ ୩୧କୋଟି ୯୬ଲକ୍ଷ, ୬୨,୯୩୪ ଟଙ୍କା ରାଜସ୍ୱ ଦେୟ ଛାଡ କରିଥିଲେ।

୨୦୨୨ ଡିସେମ୍ବର ୨୬ରେ ସ୍ଥାନୀୟ ପ୍ରଶାସନ ଉପସ୍ଥିତିରେ ଭୂମିପୂଜା କରାଯାଇ ନିଅଁ ଖୋଳାଯାଇଥିଲା। ତେବେ ଜଙ୍ଗଲ ବିଭାଗ ପକ୍ଷରୁ ଲାଗିଥିବା ଜମିରେ ଗଛ ସମ୍ପ୍ରସାରଣ ନ ହେବା ପର୍ଯ୍ୟନ୍ତ କାମ କରିପାରିବେ ନାହିଁ ବନଖଣ୍ଡ ଅଧିକାରୀଙ୍କ ତାଗିଦା ଯୋଗୁ ଗତ ଜାନୁଆରୀ ମାସରୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ବହୁ ବାଦ ବିବାଦ ପରେ ଖୋର୍ଦ୍ଧା ଡିଏଫ୍‌ଓ ଗଛ ସମ୍ପ୍ରସାରଣ ଲାଗି ୫୫ଲକ୍ଷ ଟଙ୍କା ପ୍ରଦାନ ପରେ ଗଛ ସମ୍ପ୍ରସାରଣ ଚାଲିଛି। ତେବେ ଏହା ମନ୍ଥର ଗତିରେ ହେଉଛି। ପ୍ରସ୍ତାବିତ ଜମିରେ ଜଙ୍ଗଲ ବିଭାଗର ୧୩ଶହ ଗଛ ରହିଥିବାବେଳେ ସେଥିରୁ ୭୭୯ ଗଛ ଅନ୍ୟତ୍ର ସ୍ଥାନାନ୍ତରିତ ହେବ। ସେହିପରି ଉକ୍ତ ଜମିରେ ବିଦ୍ୟୁତ ବିଭାଗର ୩୩ ଓ ୧୧ କେଭି ତାର, ଉଚ୍ଚ କ୍ଷମତାସମ୍ପନ୍ନ ଖୁଣ୍ଟ ରହିଛି। ଏହାକୁ ସ୍ଥାନାନ୍ତର ଲାଗି ୩କୋଟି ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳ ରିପୋର୍ଟ ଜିଲା ପ୍ରଶାସନ ଏବଂ କେନ୍ଦ୍ର କୁ ପଠାଯାଇଥିବା ବିଦ୍ୟୁତ ବିଭାଗ ସୂଚନା ଦେଇଛି। ତେବେ ପ୍ରସ୍ତାବିତ ଜମିରୁ ଏଯାବତ ବିଦ୍ୟୁତ ଖୁଣ୍ଟ, ଇଲେଭେନ କେଭି ତାର ସଂପ୍ରସାରିତ କରାଯାଇନାହିଁ। ଆଗକୁ ମୌସୁମୀ ଆସୁଛି, ବର୍ଷା ଦିନରେ ଏହା ସମ୍ଭବପର ନୁହେଁ ବୋଲି କୁହାଯାଇଛି। ଏନେଇ ପିସିସି ସମ୍ପାଦକ ଶିଶିର ପରିଡା କୁହନ୍ତି, ଏବେ ଭାଜପା ଓଡ଼ିଶାରେ ସରକାର ଗଢିବ। ଏହାକୁ ପ୍ରାଥମିକତା ଦେଇ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରନ୍ତୁ। ଶିଳାନ୍ୟାସର ୫ବର୍ଷ ବିତିଲାଣି, ଇଟା ଖଣ୍ଡେ ପଡ଼ିପାରିଲାନାହିଁ। ପଟିଆରା ରାଜନୀତିରେ ବଳିପଡିଲା ସ୍ମାରକୀ। ସେହିପରି କଳିଙ୍ଗ ପାଇକ ସଙ୍ଗଠନ ସମ୍ପାଦକ କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ କହିଛନ୍ତି, ବହୁ ପ୍ରତୀକ୍ଷିତ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟ ପଦ୍ମ ଘୁଞ୍ଚିଚାଲିଛି। ସ୍ମାରକୀ ନିର୍ମାଣ ଲାଗି ରହିଥିବା ବିବାଦ ତୁଟିବା ପରେ ଭୂମିପୂଜା ହୋଇଥିଲା। ତେବେ ଭୂମିପୂଜା ପରଠୁ ନିର୍ମାଣ କାର୍ଯ୍ୟ ଅଟକି ରହିଛି। ଭାଜପା ସରକାର ଏହି କାର୍ଯ୍ୟକୁ ପ୍ରାଥମିକତା ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

# ବାବା ବାଲୁଙ୍କେଶ୍ୱର ରାମନାଟ୍ୟ ପରିବାରର ବାର୍ଷିକୋତ୍ସବ



କଳାପଥର,୭।୬(ଗଙ୍ଗାଧର ସାହୁ)

ଦୁଲଣାପୁର ଗ୍ରାମର ବାବା ବାଲୁଙ୍କେଶ୍ୱର ରାମନାଟ୍ୟ ପରିବାରର ଦ୍ୱିତୀୟ ବାର୍ଷିକୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସମର କେଶରୀ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ବାସବରାଜେଶ୍ୱର ରୁଦ୍ରବଂଶୀ ବାର୍ଷିକ ବିବରଣୀ ପଠନ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାଲାଗାୟକ ଦିଲୀପ ମହାପାତ୍ର, ଶିକ୍ଷାବିତ୍ ବନମାଳୀ ରାଉତ, ସାମାଜିକ କର୍ମୀ କିଷନ ମହାପାତ୍ର, ନାଟ୍ୟକାର ନିରଞ୍ଜନ ମହାପାତ୍ର, ଅନୁଷ୍ଠାନ ପ୍ରତିଷ୍ଠାତା ବାନାମ୍ବର ରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପଲ୍ଲୀ ଗାଁର ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାରେ ବାଲୁକେଶ୍ୱର ରାମନାଟ୍ୟ ପରିବାର ପ୍ରଶଂସନୀୟ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ କଳାକାର ଅନ୍ୟାନ୍ୟ ରଣା, ପ୍ରଜ୍ଞା ପରିଡ଼ା, ପ୍ରିୟସୀ ରଣା ଓ ପ୍ରୀତିମୟ ମହାରଣାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଚିତ୍ରାନନ୍ଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଲଙ୍କା ଦହନ ନାଟକ ମଞ୍ଚସ୍ଥ ହୋଇଥିଲା।



ନାଟକ 'କର୍ଣ୍ଣ ଖୋଜୁଛି ଠିକଣା ତା'ର' ମଞ୍ଚସ୍ଥ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ବାଙ୍କୀରେ ସ୍ୱରୋଜଗାର, ଦକ୍ଷତା ବିକାଶ କର୍ମଶାଳା

କଳାପଥର,୭।୬(ଗଙ୍ଗାଧର ସାହୁ)

ବାଙ୍କୀ ରଚିକ ହାଟ ପରିସରରେ ସ୍ୱରୋଜଗାର ଓ ଦକ୍ଷତା ବିକାଶ ଉପରେ ଏକ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ବୟନଶିଳ୍ପ ମନ୍ତ୍ରାଳୟ ଆନୁକୂଲ୍ୟରେ ଜାତୀୟ କୁଟିର ଶିଳ୍ପ ବିକାଶ କାର୍ଯ୍ୟକ୍ରମ ଅନୁଯାୟୀ, ଗ୍ରାମାଞ୍ଚଳ ମହିଳାଙ୍କୁ ସ୍ୱରୋଜଗାର ଓ ଦକ୍ଷତା ବିକାଶ ସକାଶେ ଏହି କର୍ମଶାଳା ଶିକ୍ଷାଭାରତୀ ଟ୍ରଷ୍ଟ ଦ୍ୱାରା ପରିଚାଳନା କରାଯାଇଥିଲା। ଟ୍ରଷ୍ଟ ଅଧ୍ୟକ୍ଷ ରମେଶ ଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ କୁଟିର ଶିଳ୍ପ ସହକାରୀ ନିର୍ଦ୍ଦେଶକ ପୁଷ୍ପରାଜ ଯୋଗଦାନ କରି ସ୍ୱରୋଜଗାରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଭରତ ସରକାରଙ୍କ କୁଟିର ଶିଳ୍ପ ବିକାଶ ଅଧିକାରୀ କୁମାର ପ୍ରମେନ୍ଦ୍ର ସିହ୍ନା ଯୋଗଦାନ କରି ସିଲେଇ, ଏମ୍ବ୍ରୋଡେରି ଓ ସୂକ୍ଷ୍ମସୂଚୀ କାମରେ ଦକ୍ଷତା ରହିଲେ ସ୍ୱରୋଜଗାର କରିପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ ମହାପାତ୍ର ଯୋଗଦେଇ ସ୍ୱରୋଜଗାର ଦ୍ୱାରା ସମସ୍ତେ ନିଜେ ନିଜେ ଆତ୍ମନିର୍ଭରଶୀଳ ହୋଇପାରିଲେ ସେମାନଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇବ ବୋଲି ଉଲ୍ଲେଖ କରିଥିଲେ। ଅନ୍ୟତମ ଅତିଥି ଭାବେ ଶ୍ରଦ୍ଧାଞ୍ଜଳିଶତପଥୀ ଯୋଗଦାନ କରିଥିଲେ। ରୋଜାଲିନ ସେଠ୍ ଧନ୍ୟବାଦ ଦେଇଥିଲେ।

# ସାବିତ୍ରୀ ଉପଲକ୍ଷେ ନାଟକ 'କର୍ଣ୍ଣ ଖୋଜୁଛି ଠିକଣା ତା'ର' ମଞ୍ଚସ୍ଥ

ବୋଲଗଡ଼,୭।୬(ଦେବବ୍ରତ ହୋତା)

ପବିତ୍ର ସାବିତ୍ରୀ ଅମାବାସ୍ୟା ଉପଲକ୍ଷେ ବୋଲଗଡ଼ ବ୍ଲକ ମାଣିକାଗୋଡ଼ା ଗ୍ରାମ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ରାତ୍ର ସମୟରେ ମା' ମହିଷମର୍ଦ୍ଦିନୀ ଯୁବକ ସଂଘ ପକ୍ଷରୁ ଏକ ନାଟକ 'କର୍ଣ୍ଣ ଖୋଜୁଛି ଠିକଣା ତା'ର' ମଞ୍ଚସ୍ଥ ହୋଇଯାଇଛି। ନାଟ୍ୟ ପରିଚାଳନାରେ ଶରତ ଚନ୍ଦ୍ର ପ୍ରଧାନ, ସନ୍ତୋଷ ପ୍ରଧାନ, ମହେଶ୍ୱର ବିଶ୍ୱାଳ, ଅରୁଣ ସ୍ୱାଇଁ ସହଯୋଗ କରିଥିଲେ। କ୍ଲବ ସମ୍ପାଦକ ଶତ୍ରୁଘ୍ନ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। କ୍ଲବ ସଭାପତି ସୁମନ୍ତ ପରିଡ଼ା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ନିର୍ବାଚନମଣ୍ଡଳୀର ସମସ୍ତଙ୍କୁ ଦଳମତ ନିର୍ବିଶେଷରେ ସମାନତା ଓ ନ୍ୟାୟ ପ୍ରଦାନ କରାଯିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରଫୁଲ୍ଲ ପ୍ରଧାନ, ଶୁଭେନ୍ଦୁ ସାହୁ, ଖୋର୍ଦ୍ଧା ଜିଲା ଭାଜପା ସମ୍ପାଦକ ଇଂ. କର୍ପୂର ସାହୁ, ସରପଞ୍ଚ ପ୍ରତିନିଧି ତ୍ରିନାଥ ସ୍ୱାଇଁ, ସମିତିସଭ୍ୟା ପ୍ରତିନିଧି ଶରତ ଦଳାଇ, ଗାନ୍ଧୀବଜାର ବଣିକ ସଂଘ ସଭାପତି ଭୀମସେନ ଦଳାଇ, ନାଟ୍ୟକାର ସୌମ୍ୟରଞ୍ଜନ ସୁବୁଦ୍ଧି, ନାଟ୍ୟ ନିର୍ଦ୍ଦେଶକ ସରୋଜ ପ୍ରଧାନ, ଉପେନ୍ଦ୍ର ସୁବୁଦ୍ଧି, ପ୍ରମୋଦ ବାରିକ, ପୁରୁଷୋତ୍ତମ ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ। ମିନି ବ୍ୟାଙ୍କ ସମ୍ପାଦକ ବିରଞ୍ଚି ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। କ୍ଲବର ସାଂସ୍କୃତିକ ସମ୍ପାଦକ ଦିଗନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ହୃଦ୍‌ଘାତରେ ଗ୍ରାମରକ୍ଷୀଙ୍କ ମୃତ୍ୟୁ

ବୋଲଗଡ଼,୭।୬(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ଗ୍ରାମର ଦେବରାଜ ମହାପାତ୍ର(୫୨)ଙ୍କ ଶୁକ୍ରବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସେ ଗତ ୩ ବର୍ଷ ଧରି ବୃକକ୍ ଜନିତ ରୋଗରେ ପୀଡ଼ିତ ଥାଇ ଚିକିତ୍ସିତ ହେଉଥିଲେ। ତେବେ ସେ ଶୁକ୍ରବାର ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାଏଲିସିସ୍ ସାରି ଫେରିବା ବାଟରେ ତାଙ୍କର ହୃଦଘାତ୍ ଘଟିବାରୁ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ଗରିବ ସୀମାରେଖା ତଳେ ଥିବା ଦେବରାଜ ବୋଲଗଡ଼ ଥାନାରେ ଗ୍ରାମରକ୍ଷୀ ଭାବେ କାର୍ଯ୍ୟରତ ଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ଧର୍ମପରାୟଣ ଓ ହସଖୁସି ମିଜାଜ୍‌ର ବ୍ୟକ୍ତି ଥିଲେ। ଏକ ଶୋକାକୁଳ ପରିବେଶରେ ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସେ ନିଃସନ୍ତାନ ଥିବାରୁ ତାଙ୍କ ପୁତୁରା ଚଗଲା ମହାପାତ୍ର ମୁଖାଗ୍ନି ଦେଇଥିଲେ।

# ପୁଅ ଜନ୍ମଦିନରେ ସଡ଼କ ସୁରକ୍ଷା ସଚେତନତା କଲେ ବାପା

ବେଗୁନିଆ,୭।୬(ସନ୍ଧ୍ୟାରାଣୀ ମିଶ୍ର)

ଜନ୍ମଦିନ ପାଳନ କରିବାକୁ ଲୋକେ ବିଭିନ୍ନ ପ୍ରକାର ସଉକ ରଖିଥାଆନ୍ତି। ବେଗୁନିଆ ବ୍ଲକ ନିକଟସ୍ଥ ପଣ୍ଡାଳମ ଗ୍ରାମର ଶିକ୍ଷକ ଚିନ୍ମୟ ପଣ୍ଡା ନିଜର ପୁଅ ଅଂଶୁମାନଙ୍କ ଜନ୍ମଦିନ ପାଳନ ଅବସରରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରିଥିଲେ। ବାଘମାରି-କଣ୍ଟିଲୋ ୪୮ ନଂ. ରାଜ୍ୟ ରାଜପଥର ଗୋବିନ୍ଦପୁର ଛକଠାରେ ରାସ୍ତାରେ ଯାତାୟାତ କରୁଥିବା ୪ ଚକିଆ ଓ ୨ ଚକିଆ ଯାନଗୁଡ଼ିକୁ ସିଟ ବେଲଟ ବାନ୍ଧିବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା, ମୁଣ୍ଡରେ ହେଲମେଟ୍ ପିନ୍ଧିବା ଓ ଅଧିକ ଦ୍ରୁତ ବେଗରେ ଗାଡ଼ି ନ ଚଳାଇବା ଓ ଟ୍ରାଫିକ ନିୟମ ମାନିବା ଆଦି ନିୟମ ସମ୍ପର୍କରେ ଅବଗତ କରିବା ସହ ମିଠା ବାଣ୍ଟିଥିଲେ। ଏଥିରେ ଦିଲୀପ କୁମାର ପଣ୍ଡା ଓ କବି ଗଙ୍ଗାଧର ଓଝା ସହଯୋଗ କରିଥିଲେ।

### ନୂଆଦିଲ୍ଲୀରେ ବୈକୁଣ୍ଠ ଚେତନା ସମାରୋହ

ଭୁବନେଶ୍ୱର, ୭।୬ (ବନ୍ଦନା ସେଠୀ)

ସମାଜ ସଂସ୍କାରକ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ଜୀବନ ଦର୍ଶନ ଉପରେ ଆଧାରିତ ବୈକୁଣ୍ଠ ଚେତନା ସମାରୋହ ନୂଆଦିଲ୍ଲୀର ହଜଖାସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୁରୀ ରାଧାବଲ୍ଲଭ ମଠ ମହନ୍ତ ଓ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ପ୍ରଚାର ସମିତି ଅଧ୍ୟକ୍ଷ ମହନ୍ତ ରାମକୃଷ୍ଣ ଦାସ ମହାରାଜ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ହରେକୃଷ୍ଣ ଶତପଥୀ ଯୋଗଦେଇଥିଲେ। ବାବା ବୈକୁଣ୍ଠନାଥଙ୍କ ପଟ୍ଟଶିଷ୍ୟ ବାବା ସତ୍ୟାନନ୍ଦ ଦାସ ମହାରାଜଙ୍କ ପୌରହିତ୍ୟରେ ଏହି ସମାରୋହରେ ଆକାଶବାଣୀ କଟକର ପୂର୍ବତନ ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ସାମଲ ସଂଯୋଜନା କରିଥିଲେ। ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ନୀଳାଚଳ ସେବା ସଂଘର ସମ୍ପାଦକ ରବୀନ୍ଦ୍ର ପ୍ରଧାନ, ଦେବେନ୍ଦ୍ର ନାଥ ପରିଡ଼ା ଉପସ୍ଥିତ ଥିଲେ।

# 'ଦଳମତ ନିର୍ବିଶେଷରେ ସେବା ମନୋଭାବ ନେଇ କାର୍ଯ୍ୟ କରିବି'

## ବିଭିନ୍ନ ସ୍ଥାନରେ ନବନିର୍ବାଚିତ ବିଧାୟକ ପ୍ରଦୀପ ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବେଗୁନିଆ,୭।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶ ସହିତ ଲୋକେ ଯେଉଁ ଆଶା ଓ ବିଶ୍ୱାସ ରଖି ତାଙ୍କୁ ବିଜୟୀ କରାଇଛନ୍ତି ତାହା ସେ ଅତୁଟ ରଖିବେ ବୋଲି ନବନିର୍ବାଚିତ ବିଜେଡି ବିଧାୟକ ପ୍ରଦୀପ କୁମାର ସାହୁ କହିଛନ୍ତି। ବେଗୁନିଆ ନିର୍ବାଚନମଣ୍ଡଳୀବାସୀ ତାଙ୍କୁ ସେବା କରିବାର ସୁଯୋଗ ଦେଇଥିବାରୁ ସେ ନିର୍ବାଚନମଣ୍ଡଳୀବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଚାଷୀ, ଗରିବ ଓ ଦିନମଜୁରିଆଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ଉଦ୍ୟମ କରାଯିବ। ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ଉପରେ ଅଗ୍ରାଧିକାର ଦିଆଯିବ ବୋଲି ସୂଚନା ଦେବା ସହିତ ବେଗୁନିଆ ଓ ବୋଲଗଡ଼ ଅଞ୍ଚଳର ଜନସାଧାରଣଙ୍କ ସେବା କରିବା ପାଇଁ ସେ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ।

ଦୀର୍ଘବର୍ଷ ପରେ ବେଗୁନିଆ ନିର୍ବାଚନମଣ୍ଡଳୀର ଜଣେ ସ୍ଥାନୀୟ ବ୍ୟକ୍ତି ବିଧାୟକ ଭାବେ ନିର୍ବାଚିତ ହୋଇଥିବାରୁ ଜନସାଧାରଣଙ୍କ ମଧ୍ୟରେ ଖୁସିର ମାହୋଲ ସୃଷ୍ଟି ହୋଇଛି। ବିଗତ ବର୍ଷଗୁଡ଼ିକରେ ବାହାର ବ୍ୟକ୍ତି ଆସି ଏଠାରେ ପ୍ରତିନିଧିତ୍ୱ କରୁଥିବାରୁ ଅଞ୍ଚଳର ଉନ୍ନୟନ କାର୍ଯ୍ୟ ହୋଇପାରୁ ନ ଥିବାବେଳେ ଲୋକେ ସେମାନଙ୍କ ପାଖକୁ ଧାଇଁ ଧାଇଁ ଠିକ୍ ଭାବେ ସେବା ପାଇପାରୁ ନ ଥିଲେ। ବେଗୁନିଆରେ ୨୦୧୯ ପରଠୁ ଉନ୍ନୟନ କାର୍ଯ୍ୟ ଠପ୍ ହୋଇଯାଇଥିଲା। ଏବେ କିନ୍ତୁ ସାହୁ ଏଠାରୁ ନିର୍ବାଚିତ ହେବା ପରେ ଲୋକଙ୍କ ଆଶା ବଢ଼ିଯାଇଛି। କିନ୍ତୁ ସରକାର ପରିବର୍ତ୍ତନ ଉନ୍ନୟନ କାର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ସାଜିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ସାହୁ ଏଠାରୁ ବହୁ ଭୋଟ ବ୍ୟବଧାନରେ ନିର୍ବାଚିତ ହେବା ପରେ ତାଙ୍କୁ ବିଭିନ୍ନ ସ୍ଥାନରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି। ବେଗୁନିଆ ଇତିହାସରେ ସର୍ବାଧିକ ୪୭ ହଜାର ୮୧୪ ଖଣ୍ଡ ଭୋଟ ବ୍ୟବଧାନରେ ବିଜେଡି ବିଧାୟକ ପ୍ରାର୍ଥୀ ସାହୁ ଏଥର ବିଜୟୀ ହୋଇଛନ୍ତି। ୨୦୧୪ରେ ପ୍ରଶାନ୍ତ କୁମାର ଜଗଦ୍ଦେବ ବେଗୁନିଆରୁ ସର୍ବକାଳୀନ ୪୩ହଜାର ୪୨୫ଖଣ୍ଡ ଭୋଟ ବ୍ୟବଧାନରେ ଜିତି ରେକର୍ଡ କରିଥିଲେ। ଏଥର କିନ୍ତୁ ପ୍ରଶାନ୍ତଙ୍କ ସେହି ରେକର୍ଡକୁ ପ୍ରଦୀପ ଭାଙ୍ଗିଛନ୍ତି। ପ୍ରଦୀପଙ୍କୁ ମୋଟ ୯୦ ହଜାର ୯୬୪ ଖଣ୍ଡ ଭୋଟ ମିଳିଥିବାବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ରଣବିଜୁଳି ୪୩ ହଜାର ୧୫୦ ଖଣ୍ଡ ଭୋଟ ପାଇଛନ୍ତି। ପ୍ରଦୀପ ଯେତିକି ଭୋଟ ବ୍ୟବଧାନରେ ଜିତିଛନ୍ତି, ସେତିକି ଭୋଟ ଭାଜପା ପ୍ରାର୍ଥୀଙ୍କୁ ମିଳିନାହିଁ। କିନ୍ତୁ ବେଗୁନିଆ ନିର୍ବାଚନମଣ୍ଡଳୀରେ ଭାଜପା ଦ୍ୱିତୀୟ ବୃହତ ଦଳ ଭାବେ ଠିଆ ହୋଇଛି। ଦ୍ୱିତୀୟ ସ୍ଥାନରେ ରହୁଥିବା କଂଗ୍ରେସ ଏବେ ତୃତୀୟ ସ୍ଥାନକୁ ଖସି ଆସିଛି। କଂଗ୍ରେସ ପ୍ରାର୍ଥୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ମାତ୍ର ୧୮ ହଜାର ୧୪୪ ଖଣ୍ଡ ଭୋଟ ପାଇଛନ୍ତି।



ନବନିର୍ବାଚିତ ବିଧାୟକ ପ୍ରଦୀପ ସାହୁଙ୍କୁ ସ୍ୱାଗତ କରାଯାଉଛି।

# ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ, ମହାଶମ୍ଭୁ ମେଳଣ



ଶୋଭାଯାତ୍ରାରେ ଠାକୁରଙ୍କୁ ସୁସଜ୍ଜିତ ବିମାନରେ ନିଆଯାଉଛି।

ବାଣପୁର/ବାଲୁଗାଁ, ୭।୬ (ଦିଲୀପ ସ୍ୱାଇଁ/ସଂଗ୍ରାମ ପାଇକରାୟ)

ଚିଲିକା ବ୍ଲକର ହରିପୁର ଶାସନସ୍ଥିତ ପ୍ରସିଦ୍ଧ ଶୈବପୀଠ ପଶ୍ଚିମାଭିମୁଖ ଶ୍ରୀ ଶ୍ରୀ ପ୍ରତାପେଶ୍ୱର ମହାଦେବଙ୍କ ପୀଠରେ ଗତ ସପ୍ତାହେ ବ୍ୟାପୀ ଚାଲିଥିବା ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞର ଶୁକ୍ରବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଯାଇଛି। ଏହି ଅବସରରେ ୨୫ତମ ବାର୍ଷିକ ମହାଶମ୍ଭୁ ମେଳଣ ମଧ୍ୟ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନାଧିପତି ଶ୍ରୀ ଶ୍ରୀ ପ୍ରତାପେଶ୍ୱର ମହାଦେବଙ୍କ ଆମନ୍ତ୍ରଣ କ୍ରମେ ଚିଲିକା ଓ ବାଣପୁର ବ୍ଲକ ସମେତ ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, କଟକ, ଢେଙ୍କାନାଳ ଜିଲାର ବିଭିନ୍ନ ସ୍ଥାନରୁ ମୋଟ ୩୮ ମହାଶମ୍ଭୁ, ୧୦ ବିଷ୍ଣୁ ଠାକୁର ଓ ୮ ଶକ୍ତିପୀଠରୁ କାଠି ଠାକୁରାଣୀ ଏଥିରେ ସାମିଲ ହୋଇଥିଲେ। ଯଜ୍ଞ ପୂର୍ଣ୍ଣାହୁତି ପରେ ଆମନ୍ତ୍ରିତ ଦେବଦେବୀଙ୍କୁ ଭେଟ ପୂଜା ଅର୍ପଣ କରାଯାଇଥିଲା। ସମସ୍ତ ଦେବଦେବୀ ସୁସଜ୍ଜିତ ବିମାନରେ ବିଜେ ହୋଇ ପାଟପଟୁଆର ସହ ମେଳଣ ପଡ଼ିଆରେ ସମବେତ ହୋଇ ମେଳଣ ପଡ଼ିଆ ପ୍ରଦକ୍ଷିଣ କରି ସ୍ୱସ୍ଥାନକୁ ବାହୁଡ଼ି ଯାଇଥିଲେ। ଦେବଦେବୀଙ୍କୁ ଦର୍ଶନ ପାଇଁ ହରିପୁରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା।



ମେଳଣ ଅବସରରେ ବାହାରିଥିବା ଶୋଭାଯାତ୍ରା।

ମନ୍ଦିର ପରିଚାଳନା ଓ ଯଜ୍ଞ କମିଟି ଏବଂ ହରିପୁର ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ରୋଗରୁ ମୁକ୍ତି, ପ୍ରାକୃତିକ ଦୁର୍ବିପାକରୁ ବର୍ତ୍ତିବା, ବିଶ୍ୱରେ ଶାନ୍ତି ଏବଂ ସମାଜରେ କଲ୍ୟାଣ ନିମନ୍ତେ ଏହି ଯଜ୍ଞ ଆୟୋଜନ ହୋଇଆସୁଛି। ମହନ୍ତ ମହାରାଜ ଶ୍ରୀ ଶ୍ରୀ ରାମମୋହନ ଦାସଜୀ ମହାରାଜ ଓ ହରିପୁର ଗ୍ରାମବାସୀ ବୃନ୍ଦ ଏହାକୁ ପରିଚାଳନା କରିଥିଲେ। ମାନସିକଧାରୀ ରୁଦ୍ର ସେବକ ଓ ସେବିକାମାନେ ଏଥିରେ ବହୁ ସଂଖ୍ୟାରେ ସାମିଲ ହୋଇ ସହଯୋଗ କରିଥିଲେ। ନାରୁଣୀ ପୋଲିସ ଓ ଚିଲିକା ବ୍ଲକ ପ୍ରଶାସନ ପକ୍ଷରୁ ଆବଶ୍ୟକ ସେବା ଯୋଗାଇ ଦିଆଯାଇଥିଲା।

## ସଂକ୍ଷେପରେ

### ପୁରୀ କେନାଲରୁ ନିଖୋଜ ଯୁବକଙ୍କ ମୃତଦେହ ମିଳିଲା

ବାଲିଅନ୍ତା,୭।୬(ନୀଳମାଧବ ସାହୁ)

ବାଲିଅନ୍ତା ହାଇସ୍କୁଲ ସମ୍ମୁଖ ପୁରୀ ମୁଖ୍ୟ କେନାଲରେ ବୁଡ଼ି ନିଖୋଜ ଥିବା ଯୁବକଙ୍କ ମୃତଦେହ ପାହାଳ ଥାନା ପୋଲିସ ଶୁକ୍ରବାର ସକାଳେ କେନାଲ ପାଣିରେ ଭାସୁଥିବା ଅବସ୍ଥାରେ ଜବତ କରିଛି। ମୃତକ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଅଞ୍ଚଳର ସୌମ୍ୟରଞ୍ଜନ ଦାସ (୨୪)। ଏନେଇ ପାହାଳ ଥାନାରେ ୨୧/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୋମ୍ୟରଞ୍ଜନ ଗୁରୁବାର ସନ୍ଧ୍ୟାରେ କେନାଲ ବ୍ରିଜ୍ ବାଡ଼ରେ ବସିଥିବାବେଳେ କେନାଲକୁ ଖସିପଡ଼ି ନିଖୋଜ ହୋଇଯାଇଥିଲେ। ଅଗ୍ନିଶମ ବାହିନୀ କେନାଲରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲା।

### ଟ୍ରକ୍‌କୁ ଧକ୍କାଦେଲା ବାଇକ୍; ଜଣେ ମୃତ, ଜଣେ ଆହତ

ବେଗୁନିଆ,୭।୬(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ବାଘମାରୀ-ସାରୁଅ ମଧ୍ୟବର୍ତ୍ତୀ ଶଙ୍ଖ ନିକଟରେ ଖରାପ ହୋଇ ଅଟକି ରହିଥିବା ଏକ ଟ୍ରକ୍ ପଛରେ ପିଟି ହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁଘଟିଛି। ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ଡାକ୍ତରଖାନା ପଠାଯାଇଛି। ଆହତଙ୍କ ପରିଚୟ ମିଳି ନ ଥିବାବେଳେ ମୃତକ ବୋଲଗଡ଼ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ଦୁହେଁ ବାଇକ୍‌ରେ ଖୋର୍ଦ୍ଧାରୁ ଫେରୁଥିବାବେଳେ ଏହି ଘଟଣା ଘଟିଥିଲା। ତେବେ ଦୁର୍ଘଟଣାରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାତାୟାତ କରୁଥିବା ଯାନବାହନ କିଛି ସମୟ ଅଟକି ରହିଲା। ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ନିର୍ଦ୍ଦେଶରେ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ୍ ନିୟନ୍ତ୍ରଣ କରିଥିଲେ।

### ଟ୍ରକ୍ ପଛରେ ପିଟିହେଲା ସ୍କୁଟି: ଜଣେ ମୃତ, ଜଣେ ଗୁରୁତର

ଯାଁଳା,୭।୬(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ପିତାପଲ୍ଲୀ ଓଭରବ୍ରିଜ୍ ଉପରେ ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟା ବେଳେ ଟ୍ରକ୍ ପଛରେ ଏକ ସ୍କୁଟି ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ଼ ଜିଲା ଶରଣକୁଳ ଥାନା ବାଉଁଶିଆ ଗ୍ରାମର ଦିବାକର ତ୍ରିପାଠୀ (୪୮)। ଅନ୍ୟ ଜଣେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁସାରେ, ପିତାପଲ୍ଲୀ ଓଭରବ୍ରିଜ୍ ଉପରେ ଏକ ଟ୍ରକ୍‌ର ଚକା ପଙ୍କଚର ହୋଇଯିବାରୁ ହେଲ୍‌ପର ଚକ ଖୋଲି ସଜାଡ଼ିବାକୁ ଗାଡ଼ି ଠିଆ କରିଥିଲେ। ସେହି ସମୟରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଏକ ସ୍କୁଟିରେ ଦିବାକର ଓ ତାଙ୍କ ବନ୍ଧୁ ଆସୁଥିଲେ। କୌଣସି କାରଣରୁ ଭାରସାମ୍ୟ ହରାଇ ସ୍କୁଟିଟି ଟ୍ରକ୍ ପଛରେ ପିଟି ହୋଇଯାଇଥିଲା। ଫଳରେ ଦୁହେଁ ଗୁରୁତର ଆହତ ହୋଇଥିଲେ। ଇନ୍‌ଫୋଭ୍ୟାଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍‌ସ ଡାକ୍ତରଖାନା ପଠାଇଥିଲେ। ଡାକ୍ତର ଦିବାକରଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ବ୍ୟକ୍ତିଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

**ଉଠାଦୋକାନୀଙ୍କୁ ଥଇଥାନ କରିପାରୁନି ବିଏମ୍‌ସି**

# ସହରସାରା ଅଘୋଷିତ ବଜାର

ଭୁବନେଶ୍ୱର, ୭।୬(ବନ୍ଦନା ସେଠୀ)

ରାଜଧାନୀ ସାରା ଜବରଦଖଲ ମାଡିଗଲାଣି। ସ୍ମାର୍ଟ ସିଟି ଭୁବନେଶ୍ୱର ଦିନକୁ ଦିନ ଅବ୍ୟବସ୍ଥିତ ହୋଇପଡିଲାଣି। ସହରର ବିଭିନ୍ନ ପ୍ରମୁଖ ଛକ, ରାସ୍ତାକଡ଼, ଫୁଟ୍‌ପାଥ, ସାଇକେଲ୍‌ଟ୍ରାକ୍ ସବୁଠି ଏବେ ଅଘୋଷିତ ବଜାର ସୃଷ୍ଟି ହୋଇ ସାରିଲାଣି। ଫଳରେ ଲୋକଙ୍କ ଯାତାୟାତ ବାଧାପ୍ରାପ୍ତ ହେବା ସହିତ ସହର ବିକୃତ ହେବାରେ ଲାଗିଛି। ଦିନକୁ ଦିନ ଏହି ସଂଖ୍ୟା ବଢି ଚାଲିଥିଲେ ମଧ୍ୟ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଚୁପ୍ ବସିବା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବିଏମ୍‌ସି ପକ୍ଷରୁ ଭେଣ୍ଡିଂଜୋନ୍ କରାଯାଇ ଉଠାଦୋକାନୀଙ୍କୁ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ କେଉଁଠି ସ୍ଥାନ ଅଭାବରୁ ଭେଣ୍ଡିଂଜୋନ୍ ହୋଇ ପାରୁ ନ ଥିବାବେଳେ, ଆଉ କେଉଁଠି ଭେଣ୍ଡିଂଜୋନ୍ ନିର୍ମାଣ ହୋଇଥିଲେ ମଧ୍ୟ ତାଲା ପଡିରହିଛି। ସହରରେ ମୋଟ୍ ୩୨ହଜାର ଉଠାଦୋକାନୀ ଥିବାବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୨ହଜାର ଦୋକାନୀଙ୍କୁ ଥଇଥାନ କରାଯାଇଛି। ବାକି ୩୦ହଜାର ଉଠାଦୋକାନୀ ନିଜର ଗୁଜୁରାଣ ମେଣ୍ଟାଇବାକୁ ଯେଉଁଠି ପାରୁଛନ୍ତି ସେଠି ନିଜର ପସରା ମେଲାଉଛନ୍ତି। ଯାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ବିଜେବି କଲେଜ ସମ୍ମୁଖ ଫୁଟ୍‌ପାଥ୍। କଲେଜ ଓ ସମ୍ମୁଖରେ କୋର୍ଟ ଥିବାରୁ ସହରର ବ୍ୟସ୍ତବହୁଳ ଅଞ୍ଚଳ ଭାବେ ଏହା ପରିଚିତ। ତେଣୁ ଏଠାରେ ସାଧାରଣତଃ ଟ୍ରାଫିକ୍ ଜାମ୍ ରହିଥାଏ। ଏବେ ଫୁଟ୍‌ପାଥ୍‌ରେ ଫଳ ବଜାର ଗଢ଼ି ଉଠିଥିବାରୁ ଏହି ସମସ୍ୟା ଆହୁରି ଜଟିଳ ହୋଇପଡୁଥିବା ଦେଖିବାକୁ ମିଳୁଛି। ୨/୩ବର୍ଷ ତଳେ ଏଠାରେ ଗୋଟିଏ ଫଳ ଦୋକାନ ଖୋଲିଥିଲା। ତାହାର କିଛିଦିନ ପରେ ଆଉ ୨/୩ଟି ଦୋକାନ ଖୋଲିଲା। ଏବେ ସେଠାରେ ୮୩ଜଣ ଦୋକାନୀ ପସରା ମେଲାଇ ବେପାର କରୁଛନ୍ତି। ବିଜେବି କଲେଜ ଫାଟକଠାରୁ ଭିଜିଲାନ୍ସ କାର୍ଯ୍ୟାଳୟ ଯାଏ ଅଘୋଷିତ ବଜାର ସୃଷ୍ଟି ହୋଇଛି। ସମାନ ସ୍ଥିତି ପ୍ରଦର୍ଶନୀ ପଡ଼ିଆ ସମ୍ମୁଖ ରାସ୍ତାରେ ମଧ୍ୟ ଦେଖାଯାଉଛି। ପୂର୍ବରୁ କୌଣସି ମେଳା, ପ୍ରଦର୍ଶନୀ ପଡିଲେ ବାହାରେ ବିଭିନ୍ନ ସାମଗ୍ରୀର ପସରା ମେଲିଥାଏ। ମାତ୍ର ଏବେ ବର୍ଷ ତମାମ ଫଳଠାରୁ ଆରମ୍ଭ କରି ଡ୍ରେସ୍ ଏବଂ ଗୃହସଜ୍ଜା ସାମଗ୍ରୀ ଦୋକାନ ଖୋଲୁଛି। ଗୋଟିଏ ଦୁଇଟି ଦୋକାନରୁ ଆରମ୍ଭ ହୋଇ ଏବେ ସେଠାରେ ପ୍ରାୟ ୭୦ଜଣ ଦୋକାନୀ ବ୍ୟବସାୟ କରୁଛନ୍ତି। ସେହିପରି ସତ୍ୟନଗରସ୍ଥିତ ବ୍ଲାଇଣ୍ଡ୍ ଆସୋସିଏଶନ ସମ୍ମୁଖରେ ୫୫ଜଣ ଉଠାଦୋକାନୀ ବ୍ୟବସାୟ କରୁଥିବାବେଳେ, ଚନ୍ଦ୍ରଶେଖରପୁରସ୍ଥିତ ଓମ୍‌ଫେଡ୍ ଓ ରେଳ ଭବନ ସମ୍ମୁଖରେ ୧୦୮ଜଣ, ନୂଆ ଏୟାରପୋର୍ଟ ପଛ ରାସ୍ତାରେ ୯୨ଜଣ, କିମ୍ସ ହସ୍ପିଟାଲ ସମ୍ମୁଖ ରାସ୍ତାରେ ୮୫ଜଣ, ସମ୍ ହସ୍ପିଟାଲ ପାଖରେ ୭୦-୮୦ଜଣ, ଏମ୍ସ ହସ୍ପିଟାଲ ରାସ୍ତା ପାର୍ଶ୍ୱରେ ୧୫୦ଜଣ ଉଠାଦୋକାନୀ ବେପାର କରୁଥିବା ଦେଖିବାକୁ ମିଳୁଛି। ସେହିପରି ସତ୍‌ସଙ୍ଗ ବିହାର ନିକଟ ଶ୍ୟାମାପ୍ରସାଦ ପାର୍କ ପାର୍ଶ୍ୱରେ ଗୋଟିଏ ଦୁଇଟି ଦୋକାନରୁ ଆରମ୍ଭ ହୋଇଥିବା ବ୍ୟବସାୟ ଏବେ ଲମ୍ବା ଧାଡ଼ିରେ ଚାଲିଛି। ଅଭିଯୋଗ ହେଲେ ବିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଟିମ୍ ମଝିରେ ମଝିରେ ଆସି ଦୋକାନୀଙ୍କୁ ଉଠାଇ ଦେଉଛନ୍ତି। ମାତ୍ର ଦିନେ ଦୁଇଦିନ ପରେ ଯଥା ପୂର୍ବଂ ତଥା ପର ସ୍ଥିତି ସୃଷ୍ଟି ହେଉଛି। ସହରର ମୁଖ୍ୟ ରାସ୍ତାଘାଟ, ସାଇକେଲ୍ ଟ୍ରାକ୍, ଫୁଟ୍‌ପାଥ୍ ଆଦି ସ୍ଥାନଗୁଡିକରେ ଜବରଦଖଲ ହେବାକୁ ଦିଆଯିବ ନାହିଁ ବୋଲି ବିଏମ୍‌ସି ବାରମ୍ବାର ଘୋଷଣା କରିଛି। ମାତ୍ର ଉଠାଦୋକାନୀଙ୍କୁ ଥଇଥାନ କରିବାରେ ବିଏମ୍‌ସି ବିଫଳ ହେଉଥିବାରୁ ସବୁ ଦେଖି ମଧ୍ୟ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା କୁହାଯାଉଛି। ଫଳରେ ଲୋକଙ୍କ ପାଇଁ ତିଆରି ହୋଇଥିବା ଚଲାପଥ ଏବଂ ସାଇକେଲ୍ ଟ୍ରାକ୍ ଏବେ ବ୍ୟବସାୟୀଙ୍କ କବ୍‌ଜାରେ ରହିଛି।

ଅପରପକ୍ଷେ ବିଏମ୍‌ସି ଉଠାଦୋକାନୀମାନଙ୍କୁ ବ୍ୟବସ୍ଥିତ କରୁ ନ ଥିବାରୁ ବାଧହୋଇ ସେମାନେ ରାଜରାସ୍ତାରେ ବେପାର କରୁଥିବା ଉଠାଦୋକାନୀ ମହାସଂଘ ସଭାପତି ପ୍ରତାପ ସାହୁ କହିଛନ୍ତି। ବର୍ଷବର୍ଷ ଧରି ଉଠାଦୋକାନୀମାନେ ରାସ୍ତାକଡ଼ରେ ବ୍ୟବସାୟ କରୁଛନ୍ତି। ବିଏମ୍‌ସି ସେମାନଙ୍କୁ ଆଜି ପର୍ଯ୍ୟନ୍ତ ଥଇଥାନ କରିପାରୁ ନାହିଁ। ମାତ୍ର ଯେତେବେଳେ ଇଚ୍ଛା ସେତେବେଳେ ସେମାନଙ୍କୁ ଉଚ୍ଛେଦ କରୁଛି। ଏହାଦ୍ୱାରା ସେମାନେ ନିଜ ଗୁଜୁରାଣ ମେଣ୍ଟାଇବାକୁ ସମର୍ଥ ହେଉନାହାନ୍ତି। ତେଣୁ ଗୋଟିଏ ଯାଗାରୁ ଉଚ୍ଛେଦ ହେବା ପରେ ସେମାନେ ଅନ୍ୟ କେଉଁଠି ଖାଲି ସ୍ଥାନ ଦେଖି ବ୍ୟବସାୟ କରୁଛନ୍ତି। ଯେ ପର୍ଯ୍ୟନ୍ତ ବିଏମ୍‌ସି ସେମାନଙ୍କୁ ଥଇଥାନ ନ କରିଛି, ସେମାନେ ଏହିଭଳି ବ୍ୟବସାୟ କରିବାକୁ ବାଧ ହେବେ ବୋଲି ପ୍ରତାପ କହିଛନ୍ତି।

ଏନେଇ ବିଏମ୍‌ସିର ଭେଣ୍ଡିଂଜୋନ୍ ଆଣ୍ଡ୍ କିଓସ୍କ ଦାୟିତ୍ୱରେ ଥିବା ଡେପୁଟି କମିଶନର ଅଜୟ କୁମାର ମହାନ୍ତି କହିଛନ୍ତି, ଉଠାଦୋକାନୀମାନଙ୍କୁ ପର୍ଯ୍ୟାୟକ୍ରମେ ଥଇଥାନ କରାଯିବ। ଯଦିଓ ଏକ୍‌ଜାକ୍ଟ ଫିଗର ନାହିଁ, ତଥାପି ପ୍ରାୟ ୩ଶହ ଦୋକାନୀଙ୍କୁ ଥଇଥାନ କରାଯିବ। ନିର୍ବାଚନ ସରିଲା, ଖୁବ୍‌ଶୀଘ୍ର କମିଟି ଫର୍ମେଶନ ହେବାପରେ କେଉଁ ଯାଗାରେ କାହାକୁ ଥଇଥାନ କରାଯିବ ଦେଖିବୁ।



ବିଜେବି କଲେଜ ନିକଟ ରାସ୍ତା ପାର୍ଶ୍ୱରେ ଥିବା ଫଳ ବଜାର।



ବ୍ଲାଇଣ୍ଡ ଆସୋସିଏଶନ୍ ସାମ୍ନା



ପ୍ରଦର୍ଶନୀ ପଡ଼ିଆ ପାର୍ଶ୍ୱ

## ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବରେ ପରିମଳ, ଭିଡ଼ ନିୟନ୍ତ୍ରଣ କରିବ ବିଏମ୍‌ସି

ଭୁବନେଶ୍ୱର, ୭।୬ (ବନ୍ଦନା ସେଠୀ)

ସାଧାରଣ ନିର୍ବାଚନରେ ସ୍ୱଷ୍ଟ ବହୁମତ ପାଇବା ପରେ ଭାଜପା ସରକାର ଗଢିବାକୁ ଯାଉଛି। ଜୁନ୍ ୧୦ରେ ନୂଆ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ପରିଷଦ ଶପଥ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଜନତା ମଇଦାନରେ ହେବାକୁ ଥିବା ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ସହ ପ୍ରସ୍ତୁତି ଜୋର୍‌ସୋର୍‌ରେ ଚାଲିଛି। ସମାରୋହର ହଜାର ହଜାର ଲୋକ ସାମିଲ ହେବେ। ତେଣୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଥିବାବେଳେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ ପରିମଳ ଓ ଭିଡ଼ ନିୟନ୍ତ୍ରଣର ଦାୟିତ୍ୱ ଦିଆଯାଇଛି। ଶନିବାରଠାରୁ ବିଏମ୍‌ସିର ଅଧିକାରୀମାନେ ଏଥିରେ ନିୟୋଜିତ ରହିବେ। ଉତ୍ସବର ପରିମଳ ଦାୟିତ୍ୱ ବିଏମ୍‌ସି କମିଶନରଙ୍କୁ ଦିଆଯାଇଥିବାବେଳେ ଭିଡ଼ ନିୟନ୍ତ୍ରଣ ଦାୟିତ୍ୱ ଉଭୟ କମିଶନର ଏବଂ ଜିଲାପାଳଙ୍କୁ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବରେ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେବାକୁ ଥିବାବେଳେ ଏହାକୁ ନିୟନ୍ତ୍ରଣ କରିବା ଏବଂ ସମସ୍ତଙ୍କୁ ଜିଲାଓ୍ୱାରୀ ବସାଇବା ପାଇଁ ଦାୟିତ୍ୱ ଦିଆଯାଇଛି। ଏଥିରେ ବିଏମ୍‌ସିର ଶହେରୁ ଊର୍ଦ୍ଧ୍ୱ ଅଧିକାରୀ, କର୍ମଚାରୀ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀ ନିୟୋଜିତ ହେବେ ବୋଲି ସୂଚନା ଦିଆଯାଇଛି। ଏନେଇ ଶୁକ୍ରବାର ବିଏମ୍‌ସିର ଅଧିକାରୀମାନେ ଜନତା ମଇଦାନ ଯାଇ ସ୍ଥିତି ପରଖିଥିଲେ।

## କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱରରେ ବେପାର, ୨ ଗିରଫ

ଭୁବନେଶ୍ୱର,୭।୬
(ସୂର୍ଯ୍ୟକାନ୍ତ ବେହେରା)

କନ୍ଧମାଳରୁ ବେଆଇନ ଭାବେ ଗଞ୍ଜେଇ ଆଣି ଭୁବନେଶ୍ୱରରେ କାରରେ ବିକ୍ରି କରୁଥିବା ୨ ନିଶାବେପାରୀଙ୍କୁ ମୈତ୍ରୀବିହାର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରଙ୍ଗମାଟିଆର ଦୀପକ କୁମାର ଦାସ ଓ ଚକେଇସିଆଣିର ସଞ୍ଜୟ କୁମାର ସେଠୀ। ଉଭୟଙ୍କଠାରୁ ୧୭ କେଜି ଗଞ୍ଜେଇ, ଅପରାଧରେ ବ୍ୟବହୃତ କାର ଓ ୨ଟି ମୋବାଇଲ ଫୋନ ଜବତ ହୋଇଛି। ଏନେଇ ପୋଲିସ ମାମଲା (ନଂ.୨୪୯/୨୦୨୪) ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଗଞ୍ଜେଇ କାହାଠାରୁ ଆଣୁଥିଲେ, ଛାତ୍ରଙ୍କ ସହ ଅନ୍ୟ କାହାକୁ ଯୋଗାଉଥିଲେ, ତାହାର ଅଧିକ ତଦନ୍ତ ଜାରି ରଖିଛି ପୋଲିସ।





ଗିରଫ ୨ ଅଭିଯୁକ୍ତ, ଜବତ କାର୍ ଓ ଗଞ୍ଜେଇ

## ଅମାନିଆ ବାଇକ୍ ଚାଳକଙ୍କ ପାଇଁ ଚେକିଂ କଡ଼ାକଡ଼ି

ବାଲିଅନ୍ତା,୭।୬(ନୀଳମାଧବ ସାହୁ)

ଅମାନିଆ ବାଇକ୍ ଚାଳକଙ୍କୁ ସାବାଡ଼ କରିବାକୁ କମିଶନରେଟ୍ ପୋଲିସର ବାଲିଅନ୍ତା ଥାନା ପୋଲିସ ପକ୍ଷରୁ ଚେକିଂକୁ ଜୋର୍‌ଦାର କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ବାଲିଅନ୍ତା ମହାତ୍ମା ସେତୁ ନିକଟରେ ଚେକିଂ କରାଯାଇଥିଲା। ଏଥିରେ ଉଚ୍ଚ ଶବ୍ଦ କରି ରାସ୍ତାରେ ଯାତାୟାତ କରୁଥିବା ବାଇକ୍ ଚାଳକ, ବାଇକ୍‌ରେ ୩ ଜଣ ବସିବା ଓ ବାଇକ୍ ଚାଳନା ସମୟରେ ମୋବାଇଲ ବ୍ୟବହାର କରୁଥିବା ୧୦ରୁ ଊର୍ଦ୍ଧ୍ୱ ଅମାନିଆ ଚାଳକ ଧରାପଡ଼ିଥିଲେ। ହେଲମେଟ ପିନ୍ଧି ବାଇକ୍ ଚଳାଇବାକୁ ପୋଲିସ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଥିଲା। ଚେକିଂ ଯୋଗୁ ରାସ୍ତାରେ ଯାତାୟାତ କରୁଥିବା କେତେଜଣ ଚାଳକ ବାଟ ଭାଙ୍ଗି ଫେରିଯାଇଥିଲେ। ତେବେ ହାଟ ବଜାରକୁ ଆସୁଥିବା ସ୍ଥାନୀୟ ଅଞ୍ଚଳର ଲୋକେ ପୋଲିସର ଏଭଳି ଅଚାନକ ଚେକିଂ ଯୋଗୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପୋଲିସ ଏସ୍‌ଆଇ ମାନସ ମଲିକଙ୍କ ନେତୃତ୍ୱରେ ଏଏସ୍‌ଆଇ ଅନିଲ ନାୟକଙ୍କ ସମେତ ପ୍ରାୟ ୮ ପୋଲିସ କର୍ମଚାରୀ ଏହି ଚେକିଂରେ ନିୟୋଜିତ ଥିଲେ।

## ନୂଆଦିଲ୍ଲୀରେ ବୈକୁଣ୍ଠ ଚେତନା ସମାରୋହ





ଭୁବନେଶ୍ୱର, ୭।୬ (ବନ୍ଦନା ସେଠୀ)

ସାହିତ୍ୟିକ, ସ୍ୱାଧୀନତା ସଂଗ୍ରାମୀ ତଥା ସମାଜ ସଂସ୍କାରକ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ଜୀବନ ଦର୍ଶନ ଉପରେ ଆଧାରିତ କାର୍ଯ୍ୟକ୍ରମ ବୈକୁଣ୍ଠ ଚେତନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ନୂଆଦିଲ୍ଲୀର ହଉଜଖାସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ରାଧାବଲ୍ଲଭ ମଠର ମହନ୍ତ ଓ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ପ୍ରଚାର ସମିତି ଅଧ୍ୟକ୍ଷ ମହନ୍ତ ରାମକୃଷ୍ଣ ଦାସ ମହାରାଜ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ହରେକୃଷ୍ଣ ଶତପଥୀ ଯୋଗଦେଇଥିଲେ। ବାବା ବୈକୁଣ୍ଠନାଥଙ୍କ ପଟ୍ଟଶିଷ୍ୟ ତଥା ଭାଷ୍ୟକାର ବାବା ସତ୍ୟାନନ୍ଦ ଦାସ ମହାରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ଆକାଶବାଣୀ କଟକର ପୂର୍ବତନ ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ସାମଲ ସଂଯୋଜନା କରିଥିଲେ। ଆଲୋଚନାରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ନୀଳାଚଳ ସେବା ସଂଘର ସମ୍ପାଦକ ରବୀନ୍ଦ୍ର ପ୍ରଧାନ, ବାବା ବୈକୁଣ୍ଠନାଥଙ୍କ ଅନୁଗାମୀ ନିର୍ମଳ ଧଳ, ଦେବେନ୍ଦ୍ର ନାଥ ପରିଡ଼ା, ରବୀନ୍ଦ୍ର ନାଥ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।



ପ୍ରତି ମାସ ଭଳି ଚଳିତ ମାସ ମଧ୍ୟ ଆନ୍ଧ୍ର ବ୍ୟାଙ୍କର ଅବସରପ୍ରାପ୍ତ କଲ୍ୟାଣ ସଂଘ ଓଡ଼ିଶା ଶାଖା ପକ୍ଷରୁ ଉମିଦ୍ ଇନ୍ ଚାଇଲ୍ଡ କେୟାର ରିହାବିଲିଟେଶନ ସେଣ୍ଟର ସହ ଦିବ୍ୟାଙ୍ଗ ଆଦର୍ଶ ଟ୍ରଷ୍ଟକୁ ଗ୍ରୋସରି ସାମଗ୍ରୀ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସଂଘର ବରିଷ୍ଠ ସଦସ୍ୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଗତ ୨ବର୍ଷ ହେବ ପ୍ରତ୍ୟେକ ମାସରେ ବିଭିନ୍ନ ସଂସ୍ଥାକୁ ବିଭିନ୍ନ ପ୍ରକାର ଜରୁରୀ ସାମଗ୍ରୀ ପ୍ରଦାନ କରାଯାଉଛି।

## ୨୦ସୁଦ୍ଧା ଡ୍ରେନ୍ କାମ ସାରିବାକୁ ମେୟରଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୭।୬ (ବନ୍ଦନା ସେଠୀ)

ଆସନ୍ତା ୯ ତାରିଖରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ହେଲେ ରାଜଧାନୀ ଭୁବନେଶ୍ୱରରେ ଏଯାଏ ଡ୍ରେନ୍ ସଫେଇ ସରିନାହିଁ। ଅସରାଏ ବର୍ଷା ହେଲେ ସହରରେ ଜଳବନ୍ଦୀ ସୃଷ୍ଟି ହେଉଥିବାରୁ ପ୍ରତିଥର ବିଏମ୍‌ସିକୁ ସମାଲୋଚନାର ଶୀକାର ହେବାକୁ ପଡୁଛି। ତେଣୁ ଆସନ୍ତା ୨୦ ତାରିଖ ସୁଦ୍ଧା ଡ୍ରେନ୍ ସଫେଇ ସାରିବାକୁ ମେୟର ସୁଲୋଚନା ଦାସ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ବିଏମ୍‌ସି କାର୍ଯ୍ୟାଳୟରେ ମେୟରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଡ୍ରେନ୍ ସଫେଇ ସାଙ୍ଗକୁ ମୁକ୍ତା ଯୋଜନାରେ ଚାଲିଥିବା କାମର ସମୀକ୍ଷା କରାଯାଇଥିଲା।

ଚଳିତ ବର୍ଷ ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଥିବା ସମସ୍ତ ଡ୍ରେନ୍‌ର ସଫେଇ କାର୍ଯ୍ୟ ବିଏମ୍‌ସିକୁ ଦିଆଯାଇଛି। ୭୭କି.ମି. ବିଶିଷ୍ଟ ୧୦ଟି ମୁଖ୍ୟ ଡ୍ରେନ ମଧ୍ୟରୁ ମାତ୍ର ୨୨କି.ମି. ସଫା ହୋଇଛି। ଆର୍‌ଆଣ୍ଡ୍‌ବି ଅଧିନରେ ଥିବା ୫ଟି ଡିଭିଜନ୍ ଅନ୍ତର୍ଗତ ୩୬୦କି.ମିରୁ ମାତ୍ର ୫୨କି.ମି. ସଫେଇ କରାଯାଇଛି। ସେହିପରି ୯୨୪.୨୭କି.ମି ଆଭ୍ୟନ୍ତରୀଣ ଡ୍ରେନ୍ ମଧ୍ୟରୁ ଏବେସୁଦ୍ଧା ୬୫% ଡ୍ରେନ୍ ସଫା ହୋଇଛି। ଡ୍ରେନ୍ ସଫେଇ ପାଇଁ ମୋଟ୍ ୩୪ଟି ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଏହାବାଦ୍ ସଫେଇ କାମ ଅଧା ସରି ନ ଥିବାରୁ ମେୟର ଅସନ୍ତୋଷ ପ୍ରକାଶ କରିଥିଲେ। ଯୁଦ୍ଧକାଳୀନଭିତ୍ତିରେ କାମ ସାରିବାକୁ ମେୟର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଯେଉଁ ସଂସ୍ଥା ଠିକ୍ ଭାବେ କାମ ନ କରିବେ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି। ସେହିପରି ସହରରେ 'ମୁକ୍ତା' ଯୋଜନାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ ନିର୍ବାଚନ ପାଇଁ ବିଭିନ୍ନ କାମ ଧିମେଇ ଯାଇଥିଲା। ମାତ୍ର ଏବେ ନିର୍ବାଚନ ଆଚରଣବିଧି ଉଠି ସାରିଥିବାରୁ ପୂର୍ବବତ୍ ସମସ୍ତ କାମ କରିବାକୁ ମେୟର ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ୱାର୍କ୍ସ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ୍ ଅମରେଶ ଜେନା, ରାଜସ୍ୱ ଡେପୁଟି କମିଶନର ପ୍ରିୟବ୍ରତ ପାଢୀ, ସିଟି ଇଞ୍ଜିନିୟର ବିକାସ ବେହେରା, କର୍ପୋରେଟର ସନ୍ତୋଷ ସିଂ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।



# ଅର୍ପଣ ଚାଉଳରେ ପ୍ରସ୍ତୁତ ମହାପ୍ରସାଦ ବଣ୍ଟନ ବନ୍ଦ

## ଭକ୍ତଙ୍କ ଅସନ୍ତୋଷ, ପ୍ରଶାସନର ନିଷ୍ପତ୍ତିକୁ ନାପସନ୍ଦ



**ପୁରୀ,୭।୬(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଅର୍ପଣ ରଥ ମାଧ୍ୟମରେ ମିଳିଥିବା ଚାଉଳରେ ମହାପ୍ରସାଦ ପ୍ରସ୍ତୁତ କରାଯାଇ ଭକ୍ତଙ୍କୁ ବଣ୍ଟନ କରାଯାଉଥିଲା। ଗତ ଫେବୃଆରୀରୁ ପ୍ରତିଦିନ ସୁଆର ମହାସୁଆର ନିଯୋଗ ପକ୍ଷରୁ ଶ୍ରୀମନ୍ଦିର ରୋଷଶାଳାରେ ଏହି ଖେଚୁଡ଼ି ଓ କାନିକା ମହାପ୍ରସାଦ ପ୍ରସ୍ତୁତ କରାଯାଇ ଉତ୍ତର, ପଶ୍ଚିମ ଏବଂ ଦକ୍ଷିଣ ଦ୍ୱାର ନିକଟରେ ବଣ୍ଟାଯାଇଆସୁଥିଲା। ଫଳରେ ଭକ୍ତମାନେ ମାଗଣାରେ ମହାପ୍ରସାଦ ପାଇବା ସହ କେହି କେହି ଘରକୁ ନେଉଥିଲେ। ଏଥିଯୋଗୁ ଭକ୍ତଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଉଥିଲା। ତେବେ ଗୁରୁବାରଠାରୁ ଏହି ମହାପ୍ରସଦ ବଣ୍ଟନ ବନ୍ଦ କରିଦିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି କ୍ରମେ ମହାପ୍ରସାଦ ବଣ୍ଟନ ବନ୍ଦ କରାଯାଇଥିବା ସୁଆର ମହାସୁଆର ନିଯୋଗ ପକ୍ଷରୁ କୁହାଯାଇଛି। ରାଜ୍ୟରେ ସରକାର ବଦଳିବା ପରେ ଶ୍ରୀମନ୍ଦିର ପ୍ରଶାସନ ଏଭଳି ନିଷ୍ପତ୍ତି ନେଇଥିବା ସାଧାରଣରେ ଆଲୋଚନା ହେଉଛି। ତେବେ ଏହି ନିଷ୍ପତ୍ତିକୁ ଭକ୍ତ ଏବଂ ଜଗନ୍ନାଥପ୍ରେମୀ ନାପସନ୍ଦ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ଗତ ଜାନୁଆରୀ ମାସରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କରାଯାଇଥିଲା। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ସାରା ରାଜ୍ୟରେ ଅର୍ପଣ ରଥ ବୁଲିଥିଲା। ଭକ୍ତମାନେ ଉକ୍ତ ଅର୍ପଣ ରଥରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଚାଉଳ, ନଡ଼ିଆ, ଗୁଆ ଓ ଟଙ୍କା ଆଦି ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଭକ୍ତଙ୍କଠାରୁ ସଂଗୃହୀତ ଅର୍ପଣ ଚାଉଳ କ'ଣ ହେବ ବୋଲି ବିଭିନ୍ନ ମହଲରୁ ସରକାରଙ୍କୁ ପ୍ରଶ୍ନ କରାଯିବା ସହ ଏପରି କାର୍ଯ୍ୟକୁ ସମାଲୋଚନା କରାଯାଇଥିଲା। ପରେ ଶ୍ରୀମନ୍ଦିର ପ୍ରଶାସନ ଓ ସରକାରଙ୍କ ନିଷ୍ପତ୍ତି କ୍ରମେ ଉକ୍ତ ଚାଉଳରେ ମହାପ୍ରସାଦ ପ୍ରସ୍ତୁତ କରି ଭକ୍ତଙ୍କୁ ବାଣ୍ଟିବାକୁ ସ୍ଥିର ହୋଇଥିଲା। ସୁଆର ମହାସୁଆର ନିଯୋଗ ମଧ୍ୟ ଉକ୍ତ ଚାଉଳରେ କାନିକା ଓ ଖେଚୁଡ଼ି ପ୍ରସ୍ତୁତ କରି ଭକ୍ତଙ୍କୁ ବାଣ୍ଟିବା ନିମନ୍ତେ ରାଜି ହୋଇଥିଲା। ସାରା ରାଜ୍ୟରୁ ସଂଗୃହୀତ ହୋଇଥିବା ଅର୍ପଣ ଚାଉଳ ପୁରୀରେ ପହଞ୍ଚିବା ପରେ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ରଖାଯାଇଥିଲା। ପ୍ରାୟ ୧୩ କୁଇଣ୍ଟାଲରୁ ଅଧିକ ଚାଉଳ ସଂଗୃହୀତ ହୋଇଥିଲା। ପ୍ରତ୍ୟେକ ଦିନ ଉକ୍ତ ଚାଉଳରେ କାନିକା ଓ ଖେଚୁଡ଼ି ପ୍ରସ୍ତୁତ କରାଯାଇ ଭକ୍ତଙ୍କୁ ବଣ୍ଟନ କରାଯାଉଥିଲା। ତେବେ ରାଜ୍ୟରେ ସରକାର ବଦଳିବା ପରେ ହଠାତ ଗୁରୁବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅର୍ପଣ ଚାଉଳରେ ପ୍ରସ୍ତୁତ ଖେଚୁଡ଼ି ଓ କାନିକା ବଣ୍ଟନ ବନ୍ଦ କରାଯିବାକୁ ନିଷ୍ପତ୍ତି ନିଆଯିବା ସହ ସୁଆର ମହାସୁଆର ନିଯୋଗକୁ ସୂଚନା ଦିଆଯାଇ ଥିଲା। ତେଣୁ ନିଯୋଗ ପକ୍ଷରୁ ଗୁରୁବାରଠାରୁ ଅର୍ପଣ ଚାଉଳରେ କାନିକା ଓ ଖେଚୁଡ଼ି ପ୍ରସ୍ତୁତ ଓ ବଣ୍ଟନ ବନ୍ଦ କରିଦିଆଯାଇଛି। ଏନେଇ ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ଅର୍ପଣ ଚାଉଳରେ ପ୍ରସ୍ତୁତ ହେଉଥିବା କାନିକା ଓ ଖେଚୁଡ଼ି ଗୁରୁବାରଠାରୁ ବଣ୍ଟନ ବନ୍ଦ କରିଦିଆଯାଇଛି। ଏହା ବନ୍ଦ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଯୋଗକୁ କୁହାଯାଇଛି। ତେବେ ରାଜ୍ୟରେ ନୂତନ ସରକାର ଗଠନ ହେବା ପରେ ନିଯୋଗ ପକ୍ଷରୁ ଏନେଇ ଶ୍ରୀମନ୍ଦିର ପ୍ରଶାସନ ଓ ସରକାରଙ୍କୁ ଭେଟି ଆଲୋଚନା କରାଯିବ। ଭକ୍ତଙ୍କୁ ଯେପରି ମହାପ୍ରସାଦ ପୂର୍ବଭଳି ମିଳିପାରିବ ସେନେଇ ପ୍ରସ୍ତାବ ଦିଆଯିବ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କିଛି ଜାଣି ନ ଥିବା କହିଛନ୍ତି। ପ୍ରଶାସନ ପକ୍ଷରୁ କିଛି ନିଷ୍ପତ୍ତି ହୋଇନାହିଁ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଯାହା କିଛି ନିଷ୍ପତ୍ତି ନିଆଯାଇଛି ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ମହାପ୍ରସାଦ ବଣ୍ଟନ ବନ୍ଦ ହେବାକୁ ନେଇ ଭକ୍ତଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁ ଚରଣ ଦାସ ନାମକ ଭକ୍ତ କହିଛନ୍ତି, ଅର୍ପଣ ଚାଉଳରୁ ପ୍ରସ୍ତୁତ ହେଉଥିବା ମହାପ୍ରସାଦକୁ ଭକ୍ତମାନେ ପାଇ ଖୁସି ହେଉଥିଲେ। ତାହାକୁ ହଠାତ ଏପରି ବନ୍ଦ କରିଦେବା ଉଚିତ ହୋଇନାହିଁ। ଭକ୍ତଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ପୁନର୍ବାର ଏହି ବ୍ୟବସ୍ଥା କାର୍ଯ୍ୟକ୍ଷମ କରାଯାଉ ବୋଲି ଦାସ ମତବ୍ୟକ୍ତ କରିଛନ୍ତି।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବିଶ୍ୱଜିତ୍



@ ଓମ୍ପ୍ରକାଶ



@ ରାଜେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ବଜ୍ରପାତରେ ଚାଷୀ ମୃତ

**ନରସିଂହପୁର,୭।୬(ନିରଞ୍ଜନ ଦେବକୁମାର):** ନରସିଂହପୁର ବ୍ଲକ ଅନ୍ତର୍ଗତ ନୂଆପାଟଣା ଗ୍ରାମରେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ତ୍ରିଲୋଚନ ରାଉତ ( ୫୭)। ସେ ସକାଳେ ବିଲକୁ ଯାଇଥିବାବେଳେ ହଠାତ୍ ବର୍ଷା ସହ ବଜ୍ରପାତ ହୋଇଥିଲା। ସେ ତଳେ ପଡ଼ି ଚେତାଶୂନ୍ୟ ହୋଇଯାଇଥିଲେ। ନିକଟରେ କାମ କରୁଥିବା ଲୋକେ ତ୍ରିଲୋଚନଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବଡ଼ମ୍ବା ନରସିଂହପୁର ନବନିର୍ବାଚିତ ବିଧାୟକ ବିଜୟ କୁମାର ଦଳ ବେହେରା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପରିବାର ବର୍ଗକୁ ଭେଟି ସମବେଦନା ଜଣାଇବା ସହ ମୃତକ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ନିମନ୍ତେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ନରସିଂହପୁର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବଡ଼ମ୍ବା ପଠାଇଛି।

### ମାସେ ଯାଏ ମଟନ ଫେଷ୍ଟିଭାଲ୍



**ଭୁବନେଶ୍ୱର,୭।୬(ଶର୍ମିଷ୍ଠା ପାଣିଗ୍ରାହୀ):** ଏସ୍ପ୍ଲାନେଡ୍‌ସ୍ଥିତ ସିଗ୍ରିଠାରେ 'ମଟନ ଇ ଗୋଷ୍ଟ' ନାମକ ଏକ ମଟନ ଫେଷ୍ଟିଭାଲ ଆରମ୍ଭ ହୋଇଛି। ପ୍ରାୟ ୧୦ଟି ୟୁନିକ ଆଇଟମକୁ ନେଇ ଆରମ୍ଭ ହୋଇଛି ଏହି ସ୍ୱତନ୍ତ୍ର ତଥା ନିଆରା ଖାଦ୍ୟ ପ୍ରଦର୍ଶନୀ। ମଟନ ଚମ୍ପାରନ, ମଟନ ରେଜାଲା, ୟାଖନୀ ପୁଲାଓ, ମଟନ ରୋଗନ ଜୋଶ, ମଟନ ବୋଟି କବାବ, ମଟନ ଗଲଉଟି କବାବ ଆଦି ରହିଥିବା ବେଳେ ଚମ୍ପାରନ ମଟନ ହେଉଛି ଏହି ଫେଷ୍ଟିଭାଲର ମୁଖ୍ୟ ଆକର୍ଷଣ। କୋଲକାତାରୁ ଗେଷ୍ଟ ସେଫ୍ ଆସି ଫେଷ୍ଟିଭାଲରେ ନିଜର ରେସିପି ଦେଇଛନ୍ତି। ମାସେ ଧରି ଏହି ଫେଷ୍ଟିଭାଲ ଚାଲିବ।

### ସୁରେନ୍ଦ୍ର ପାତ୍ର ପାଇବେ 'ରାମକୃଷ୍ଣ ପତି' ସମ୍ମାନ

**ଭୁବନେଶ୍ୱର, ୭।୬ (ବନ୍ଦନା ସେଠୀ):** କମ୍ୟୁନିଷ୍ଟ ଆନ୍ଦୋଳନର ନେତା, ମାର୍କ୍ସବାଦୀ ତତ୍ତ୍ୱବିତ୍ ତଥା ପୂର୍ବତନ ବିଧାୟକ ରାମକୃଷ୍ଣ ପତିଙ୍କ ୩୮ତମ ସ୍ମୃତି ସମାରୋହ ଆସନ୍ତା ୧୫ ତାରିଖରେ ପାଳିତ ହେବ। ଏନେଇ ଶୁକ୍ରବାର ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଭଗବତୀ ଭବନଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ପାତ୍ରଙ୍କୁ ୨୦୨୪ ପାଇଁ 'ରାମକୃଷ୍ଣ ପତି' ସମ୍ମାନ ଅର୍ପଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ସ୍ମୃତି କମିଟିର ସମ୍ପାଦକ ସୁର ଜେନା, ପ୍ରମୋଦିନୀ ପାଇକରାୟ, ଶଙ୍କର ବାରିକ, ବିଜୟ ଜେନା, ପ୍ରଫୁଲ୍ଲ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



ମଧ୍ୟପ୍ରଦେଶରେ ଆରମ୍ଭ ହୋଇଥିବା ମହୁଆ ମହୋତ୍ସବରେ କଳାକାରମାନେ ଲୋକନୃତ୍ୟ ପରିବେଷଣ କରାଯାଉଛି।

# ଓଡ଼ିଶା କଳା ଦେଖିବେ ମଧ୍ୟପ୍ରଦେଶବାସୀ

## ମହୁଆ ମହୋତ୍ସବ ଉଦ୍‌ଘାଟିତ

**ଭୁବନେଶ୍ୱର,୭।୬ (ଅନୁରାଧା ମହାରଣା)**



ମହୋତ୍ସବରେ ଆଦିବାସୀ ଚିତ୍ରକଳାକୁ ନେଇ ଖୋଲିଥିବା ସଂଗ୍ରହାଳୟ।

ଓଡ଼ିଶାର କଳା ଦେଖିବା ସହ ସୁଆଦିଆ ଖାଦ୍ୟ ଚାଖିବେ ମଧ୍ୟପ୍ରଦେଶବାସୀ। ଭୋପାଳସ୍ଥିତ ଜନଜାତି ସଂଗ୍ରହାଳୟର ୧୧ତମ ପ୍ରତିଷ୍ଠା ଦିବସ ଅବସରରେ ୫ ଦିନିଆ ମହୁଆ ମହୋତ୍ସବ ଉଦ୍‌ଘାଟିତ ହୋଇଥିବାବେଳେ ଏଥିରେ ଓଡ଼ିଶା ସହ ଗୁଜରାଟ, ତେଲଙ୍ଗାନା ଓ ମଣିପୁରର କଳାକାରମାନେ କଳା ପ୍ରଦର୍ଶନ କରିବେ। ନିଜ ରାଜ୍ୟର ଖାଦ୍ୟ ଖୁଆଇବା ସହ ବାଉଁଶ, ମେଟାଲ, ପୋଷାକ, ଗହଣା ସହ ଅନ୍ୟାନ୍ୟ କଳା ପ୍ରଦର୍ଶନ ତଥା ବିକ୍ରିର ସୁଯୋଗ ପାଇଛନ୍ତି କଳାକାର। ଶୁକ୍ରବାର ଜନଜାତି ବ୍ୟାପାର ମନ୍ତ୍ରୀ ଡ. କୁଁୱର ବିଜୟ ଶାହ ଏହି ୫ ଦିନିଆ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଛନ୍ତି, ଜନଜାତିଙ୍କ କଳା ଓ ସଂସ୍କୃତିକୁ ଲୋକଲୋଚନକୁ ଆଣିବା ପାଇଁ ଏହି ମହୋତ୍ସବର ଆୟୋଜନ କରାଯାଇଛି। ଏହି ସମ୍ପ୍ରଦାୟର କଳାକୁ ଲୋକମାନେ ଅନୁଭବ କରିବା ଉଦ୍ଦେଶ୍ୟରେ ସଂଗ୍ରହାଳୟ ନିର୍ମାଣ କରାଯାଇଛି। ଏହା କୌଣସି ବଡ଼ ଆର୍କିଟେକ୍ଟ ଦ୍ୱାରା ନୁହେଁ, ବରଂ ଖୋଦ୍ ସେହି କଳାକାର ଓ ଶିଳ୍ପୀଙ୍କ ଦ୍ୱାରା ତିଆରି ହୋଇଛି। କାର୍ଯ୍ୟକ୍ରମରେ ସଂସ୍କୃତି ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଏନ୍.ପି. ନାମଦେବ, ଜନଜାତି ଲୋକକଳା ଓ ଉପଭାଷା ଉନ୍ନୟନ ଏକାଡେମୀର ନିର୍ଦ୍ଦେଶକ ଡ. ଧର୍ମେନ୍ଦ୍ର ପରେ, ସଂଗ୍ରହାଳୟ ଅଧୀକ୍ଷକ ଅଶୋକ ମିଶ୍ରଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ପପେଟ୍ ଶୋ', ଆଦିବାସୀ ଲୋକନୃତ୍ୟ, ଖାଦ୍ୟମେଳା ଆଦିକୁ ଲୋକମାନେ ଉପଭୋଗ କରିଥିଲେ। ପ୍ରଥମ ଦିନରେ ଉଜ୍ଜୟିନୀର ସ୍ୱାତୀ ଉଖଲେ ସହ କଳାକାର ଅଜୟ ଗାଭୁଲିଆ ଓ ଅନ୍ୟ କଳାକାରଙ୍କ ଦ୍ୱାରା ମାଲୱା ଲୋକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହାପରେ ଭୋପାଳର ରାମଚନ୍ଦ୍ର ସିଂହଙ୍କ ନିର୍ଦ୍ଦେଶନାରେ ବୀରାଙ୍ଗନା ରାଣୀ ଦୁର୍ଗାବତୀ ନୃତ୍ୟନାଟିକା ଦର୍ଶକଙ୍କ ମନୋରଞ୍ଜନ କରିଥିଲା। ଯୋଗେଶ ତ୍ରିପାଠୀ ଏହାର ରଚନା କରିଛନ୍ତି।

# ରେଳଧାରଣାରୁ ନାବାଳକଙ୍କ ମୃତଦେହ ଜବତ

**ଭୁବନେଶ୍ୱର,୭।୬(ସୂର୍ଯ୍ୟକାନ୍ତ ବେହେରା)**

ମଞ୍ଚେଶ୍ୱର ଷ୍ଟେଶନ ନିକଟ ରେଳଧାରଣାରୁ ଜଣେ ନାବାଳକଙ୍କ ମୃତଦେହ ଭୁବନେଶ୍ୱର ଜିଆରପି ଜବତ କରିଛି। ମୃତ ନାବାଳକ ହେଲେ ଆଲୋକ ଗୁପ୍ତା (୧୬) ଓ ତାଙ୍କ ଘର ଉତ୍ତରପ୍ରଦେଶ। ତେବେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିନାହିଁ। ଟ୍ରେନରେ ଯାଉଥିବାବେଳେ କୌଣସି କାରଣରୁ ଖସି ପଡି ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଘଟଣା ସମ୍ପର୍କରେ ଖବର ପାଇ ଭୁବନେଶ୍ୱର ଜିଆର୍‌ପି ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖି ଅଧିକ ତଦନ୍ତ ଚଳାଇଛି। ଏଥିସହ ପରିବାର ଲୋକଙ୍କୁ ଘଟଣା ବିଷୟରେ ଜଣାଇବାକୁ ଉଦ୍ୟମ ଚଳାଇଛି। ମୃତଦେହକୁ ୩ ଦିନ ରଖାଯିବ। କେହି ନ ଆସିଲେ ବ୍ୟବଚ୍ଛେଦ ପରେ ଭୁବନେଶ୍ୱରରେ ଶବଦାହ କରାଯିବ ବୋଲି ସୂଚନା ମିଳିଛି।

# ରାଜଧାନୀରେ ନାବାଳିକାଙ୍କୁ ଅପହରଣ

**ଭୁବନେଶ୍ୱର,୭।୬(ସତ୍ୟଜିତ୍ ରାଉତ)**

ରାଜଧାନୀରେ ଜଣେ ନାବାଳିକାଙ୍କୁ ଗୁରୁବାର ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ବୟସ ୧୩ ବର୍ଷ ହୋଇଥିବା ବେଳେ ବଡ଼ଗଡ ଥାନାରେ ଏନେଇ ତାଙ୍କ ମା' ଏତଲା ଦେଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ଅଞ୍ଚଳରେ ପୋଲିସ ଟିମ୍ ପଚରାଉଚରା କରିବା ସହ ସିସିଟିଭିକୁ ଯାଞ୍ଚ କରୁଛି। ନାବାଳିକାଙ୍କ ମା'ଙ୍କ ରବି ଟକିଜ୍ ନିକଟରେ ଏକ ଟେଲର ଦୋକାନ ରହିଛି। ସେଠାରୁ କିଛି ଦୂରରେ ତାଙ୍କ ଘର। ଅପରାହ୍ନରେ ନାବାଳିକା ଜଣକ ତାଙ୍କ ମା'ଙ୍କ ଦୋକାନକୁ ଆସିଥିଲେ। ସନ୍ଧ୍ୟା ପ୍ରାୟ ୭ଟା ୩୦ ବେଳେ ନାବାଳିକା ସେ ଏକା ଚାଲି ଚାଲି ଘରକୁ ଯିବା ପାଇଁ ବାହାରିଥିଲେ। ସେପଟେ ରାତି ପ୍ରାୟ ୮ଟା ବେଳେ ନାବଳିକାଙ୍କ ଘରକୁ ଟ୍ୟୁଶନ ଦିଦି ଆସିଥିଲେ। ହେଲେ ଘରେ ନାବାଳିକାଙ୍କୁ ନ ପାଇ ସେ ତାଙ୍କ ମା'ଙ୍କୁ କଲ୍ କରି ଏହା ଜଣାଇଥିଲେ। ଏହାପରେ ପରିବାର ଲୋକ ଓ ଅନ୍ୟମାନେ ସ୍ଥାନୀୟ ଅଞ୍ଚଳରେ ପଚରାଉଚରା କରି ମଧ୍ୟ ନାବାଳିକାଙ୍କ ବାବଦରେ କୌଣସି ସୂଚନା ପାଇ ନ ଥିଲେ। ଶେଷରେ ସେମାନେ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ତେବେ ନାବାଳିକାଙ୍କୁ ଖୋଜାଖୋଜି ଜାରି ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ସିନେମା ସଂସ୍କୃତିର ଏକ ଶକ୍ତିଶାଳୀ ପ୍ରତିଫଳନ

## ଭୁବନେଶ୍ୱର ଚଳଚ୍ଚିତ୍ର ଉତ୍ସବ ଆରମ୍ଭ

### ସମ୍ବର୍ଦ୍ଧିତ ହେଲେ ୬ ବ୍ୟକ୍ତିତ୍ୱ





ଅତିଥିମାନେ ଗବେଷଣାମୂଳକ ପୁସ୍ତକ 'ଓଡ଼ିଆ ସିନେମା ଏଟ୍ ୯୦'କୁ ଲୋକାର୍ପଣ କରୁଛନ୍ତି।

**ଭୁବନେଶ୍ୱର,୭।୬(ଶର୍ମିଷ୍ଠା ପାଣିଗ୍ରାହୀ)**

'ଭୁବନେଶ୍ୱର ଚଳଚ୍ଚିତ୍ର ଉତ୍ସବ' ଶୁକ୍ରବାର ସୂଚନାଭବନଠାରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ବିଶିଷ୍ଟ ଫିଲ୍ମ ନିର୍ଦ୍ଦେଶକ କେତନ ମେହେଟ୍ଟା ଯୋଗଦେଇ କହିଲେ, ସିନେମା ହେଉଛି ଆମ ସଂସ୍କୃତି ଏବଂ ସମୟର ଏକ ଶକ୍ତିଶାଳୀ ପ୍ରତିଫଳନ। ସଂସ୍କୃତିର ପ୍ରସାର ପାଇଁ ସିନେମା ଏକ ବଡ଼ ଭୂମିକା ଗ୍ରହଣ କରିଥାଏ। ତେଣୁ ଚଳଚ୍ଚିତ୍ର ନିର୍ମାଣ ବେଳେ ଆମକୁ ବ୍ୟବସାୟ ସହିତ ସଂସ୍କୃତି ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼ିବ। ଅଭିନେତ୍ରୀ ତଥା ଫିଲ୍ମ ନିର୍ମାତା ଦୀପା ସାହି ବର୍ତ୍ତମାନର ଏଆଇ ଯୁଗରେ ସିନେମା କିଭଳି ତିଷ୍ଠିବ ଓ ବିନା ନିର୍ଭରଶୀଳ ହୋଇ ଆଗକୁ ଯିବ, ତତ୍‌ସହିତ ସମସ୍ତେ ଜଣେ ଜଣେ କିଭଳି ସ୍ୱାଧୀନ ଫିଲ୍ମ ନିର୍ମାତା ହୋଇପାରିବେ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅଭିନେତା ତଥା ନ୍ୟାଶନାଲ୍ ସ୍କୁଲ ଅଫ୍ ଡ୍ରାମାର ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠୀ କହିଲେ, ଦର୍ଶକ ପ୍ରେକ୍ଷାଳୟକୁ ଆସି ସିନେମା ଦେଖିଲେ ହିଁ ଆମ ଚଳଚ୍ଚିତ୍ରର ବିକାଶ ହୋଇପାରିବ। ଅଭିନେତା ଓ ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ ଏବଂ ନିର୍ଦ୍ଦେଶକ ଅପୂର୍ବ କିଶୋର ବୀର୍ ଯୋଗଦେଇ ଚଳଚ୍ଚିତ୍ର ଜଗତର ବିଶେଷତ୍ୱ ଓ ବିଭିନ୍ନ ଆହ୍ୱାନ ସମ୍ପର୍କରେ କହିଥିଲେ। ଭୁବନେଶ୍ୱର ଚଳଚ୍ଚିତ୍ର ଉତ୍ସବ ଭଳି କାର୍ଯ୍ୟକ୍ରମ ଚଳଚ୍ଚିତ୍ର ନିର୍ମାତା ଓ କଳାକାରଙ୍କୁ ପ୍ରୋତ୍ସାହିତ କରିବା ସହ ଆଜିର ସିନେମାକୁ ଦର୍ଶକଙ୍କ ସହ ଯୋଡ଼ିବାରେ ବିଶେଷ ସାହାଯ୍ୟ କରିବ ବୋଲି ସେ କହିଥିଲେ।

ଏହି ଅବସରରେ ଅତିଥିଙ୍କ ଦ୍ୱାରା ଓଡ଼ିଆ ସିନେମାର ୯ ଦଶନ୍ଧିର ଯାତ୍ରାକୁ ନେଇ ପ୍ରସ୍ତୁତ ଏକ ଗବେଷଣାମୂଳକ ପୁସ୍ତକ 'ଓଡ଼ିଆ ସିନେମା ଏଟ୍ ୯୦' ଲୋକାର୍ପଣ କରାଯାଇଥିଲା। ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ବିଶେଷ ଅବଦାନ ପାଇଁ ଅଭିନେତ୍ରୀ ନମ୍ରତା ଦାସ, ସିନେମାଟୋଗ୍ରାଫର ସୁରେନ୍ଦ୍ର ସାହୁ, ସଙ୍ଗୀତ ନିର୍ଦ୍ଦେଶକ ମହମ୍ମଦ ମୁସିର, ଗୀତିକାର ସଚ୍ଚି ମହାନ୍ତି ଏବଂ ବରିଷ୍ଠ ମେକଅପ ଆର୍ଟିଷ୍ଟ ସମରେଶ ପାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବଲିଉଡ୍‌ର ପ୍ରସିଦ୍ଧ ନିର୍ଦ୍ଦେଶକ ଅମିତ ରାଏଙ୍କୁ ମଧ୍ୟ ଉତ୍ସବ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବର ଆବାହକ ତଥା ଚଳଚ୍ଚିତ୍ର ନିର୍ଦ୍ଦେଶକ ସଞ୍ଜୟ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅଭିନେତା ସୁକାନ୍ତ ରଥ ଏବଂ ଅଭିନେତ୍ରୀ ମଧୁମିତା ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବଲିଉଡ୍‌ର ବିଶିଷ୍ଟ ସାଉଣ୍ଡ ଡିଜାଇନର ତଥା ଉତ୍ସବର ସହ-ଆବାହକ ସୁବାସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ଦିନରେ ୫ ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶିତ

ସକାଳରୁ ସନ୍ଧ୍ୟା ଯାଏ ୫ଟି ଓଡ଼ିଆ କ୍ଲାସିକ୍ ଓ ଆୱାର୍ଡ ୱିନିଙ୍ଗ୍ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ନୀରଦ ମହାପାତ୍ରଙ୍କ 'ମାୟା ମିରିଗ', ପାର୍ବତୀ ଘୋଷଙ୍କ 'ଛ' ମାଣ ଆଠ ଗୁଣ୍ଠ, ମନମୋହନ ମହାପାତ୍ରଙ୍କ 'ଭିଜାମାଟିର ସ୍ୱର୍ଗ', ସମ୍ବିତ୍ ମହାନ୍ତିଙ୍କ 'ହାଲୋ ଆର୍ସି' ଏବଂ ଫିଲ୍ମସ ଡିଭିଜନ ପ୍ରସ୍ତୁତ 'ରିମେମ୍ବରିଂ ପ୍ରମୋଦ ପତି' ସିନେମାଗୁଡ଼ିକ ପ୍ରଦର୍ଶିତ ହୋଇଥିଲା। ଚଳଚ୍ଚିତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ବରିଷ୍ଠ ସିନେ ସାମ୍ବାଦିକ ତଥା ଉତ୍ସବର ଅନ୍ୟତମ ଆୟୋଜକ ଅଶୋକ ପାଲିତ। ଭୁବନେଶ୍ୱର ଫିଲ୍ମ ସର୍କଲ ବ୍ୟାନରରେ ଆୟୋଜିତ ଏହି ଉତ୍ସବ ୩ଦିନ ଧରି ଚାଲିବ।



ଓଡ଼ିଆ ଚଳଚ୍ଚିତ୍ର 'ମାୟା ମିରିଗ'ର ଏକ ଦୃଶ୍ୟ।

# ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ

## ଅଧିସୂଚନା

ନୂଆଦିଲ୍ଲୀ, 6 ସେପ୍ଟେମ୍ବର, 2023

No.MM-07:- ଏସ୍.ଓ. 3974 (ଇ) - ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଚିଠା ଅଧିସୂଚନା ସଂଖ୍ୟା ଏସ୍.ଓ. 821 (ଇ), ତାରିଖ 23 ଫେବୃଆରୀ, 2022 ଏବଂ ଅନ୍ତିମ ଅଧିସୂଚନା ସଂଖ୍ୟା ଏସ୍.ଓ. 1601 (ଇ), ତାରିଖ 16 ଜୁନ୍ 2015 କୁ ବାତିଲ କରି, ପରିବେଶ (ସଂରକ୍ଷଣ) ଅଧିନିୟମ, 1986 (1986 ର 29) ର ଧାରା 3 ଉପ-ଧାରା (2) ର ଖଣ୍ଡ (v) ଏବଂ ଖଣ୍ଡ (xiv) ତଥା ଉପ-ଧାରା (3) ସହିତ ପଠିତ ଉପ-ଧାରା (1) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତାର ପ୍ରୟୋଗରେ କେନ୍ଦ୍ର ସରକାର ଅଧିସୂଚନାର ନିମ୍ନଲିଖିତ ଚିଠା ଜାରି କରିବା ପାଇଁ ପ୍ରସ୍ତାବ ଦେଉଛନ୍ତି । ପରିବେଶ (ସଂରକ୍ଷଣ) ଅଧିନିୟମ, 1986 ର ପରିବେଶ ନିୟମ 5 ର ଉପ-ନିୟମ (3) ଅନୁଯାୟୀ ଏହାଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ଥିବା ଜନସାଧାରଣଙ୍କର ସୂଚନା ପାଇଁ ପ୍ରକାଶିତ ହୋଇଛି ; ଏବଂ ଏହାଦ୍ୱାରା ଅଧିସୂଚନା ପ୍ରଦାନ କରାଯାଇଛି ଯେ ଉକ୍ତ ଚିଠା ଅଧିସୂଚନା ଷାଠିଏ ଦିନର ଅବଧି ସମାପ୍ତ ହେବା ପରେ କିମ୍ବା ପରେ ଚିଠା ଅଧିସୂଚନା ଉଲ୍ଲେଖ ଥିବା ରାଜପତ୍ରର ନକଲ ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ ହେବା ଦିନଠାରୁ ବିଚାରକୁ ନିଆଯିବ ।

ଚିଠା ଅଧିସୂଚନାରେ ଥିବା ପ୍ରସ୍ତାବ ଉପରେ କୌଣସି ଆପତ୍ତି କିମ୍ବା ପରାମର୍ଶ ଦେବାକୁ ଆଗ୍ରହୀ ବ୍ୟକ୍ତି , ନିର୍ଦ୍ଧାରିତ ଅବଧି ମଧ୍ୟରେ, କେନ୍ଦ୍ର ସରକାରଙ୍କ ବିଚାର ପାଇଁ, ସଚିବ, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ , ଇନ୍ଦିରା ପର୍ଯ୍ୟାବରଣ ଭବନ, ଜୋରବାଗ ରୋଡ, ଆଲିଗଞ୍ଜ, ନୂଆଦିଲ୍ଲୀ -101 003 ଠିକଣାରେ ଲିଖିତ ଆକାରରେ କିମ୍ବା ମନ୍ତ୍ରଣାଳୟର ଇ-ମେଲ ଠିକଣା esz-mef@nic.inରେ ପଠାଇପାରିବେ ।

### ଚିଠା ଅଧିସୂଚନା

ଯେହେତୁ, ଭିତରକନିକା ଜାତୀୟ ଉଦ୍ୟାନ 145 ବର୍ଗ କିଲୋମିଟର ଅଞ୍ଚଳରେ ବ୍ୟାପିଛି, ଏବଂ ଯାହାକୁ ଅଧିସୂଚନା ସଂଖ୍ୟା 19686 / ଏଫ୍ ଓ ଇ ତା 16.09.1998 ରିଖ ଦ୍ୱାରା ଅଧିସୂଚିତ ହୋଇଛି ଏବଂ ଏହା ଓଡ଼ିଶା ରାଜ୍ୟର କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ତହସିଲରେ ଅବସ୍ଥିତ;

ଏବଂ ଯେହେତୁ, ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ 673 ବର୍ଗ କିଲୋମିଟର ଅଞ୍ଚଳରେ ବ୍ୟାପିଛି ଏବଂ ଏହା ଓଡ଼ିଶା ରାଜ୍ୟର କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର, କନିକା ଏବଂ ମହାକାଳପଡ଼ା ତହସିଲରେ ଅବସ୍ଥିତ ।

ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାରଙ୍କ ଅଧିସୂଚନା ସଂଖ୍ୟା ଏଫ ଇ-ଡବ୍ଲ୍ୟୁ ଏଲ- ଡବ୍ଲ୍ୟୁ ଏଲ ଏଫ-0054 - 2015 - 2289 ତାରିଖ 01.02.2020 ଦ୍ୱାରା ବନ୍ୟପ୍ରାଣୀ (ସଂରକ୍ଷଣ) ଅଧିନିୟମ, 1972 ର ବିଭାଗ 26 କ ର ଉପବିଭାଗ (1) ସହିତ ଧାରା (ଖ) ଅଧୀନରେ 54.45 ବର୍ଗ କିମି ବିଶିଷ୍ଟ 52 ଟି ଗାଁକୁ ବାଦ ଦେଇ ଏବଂ 55.45 ବର୍ଗ କିଲୋମିଟର କ୍ଷେତ୍ର ବିଶିଷ୍ଟ ମହାକାଳପଡ଼ା ତହସିଲର 8 ଟି ବନ ବ୍ଲକକୁ ଅନ୍ତର୍ଭୁକ୍ତ କରି ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟର ସୀମାକୁ ପୁନର୍ଗଠିତ ଏବଂ ପୁନଃ ଅଧିସୂଚିତ କରାଯାଇଛି;

ଏବଂ ଯେହେତୁ, ଗହୀରମଥା (ସାମୁଦ୍ରିକ) ବନ୍ୟପ୍ରାଣୀ ଅଭୟାରଣ୍ୟ 1435 ବର୍ଗ କିଲୋମିଟର ଅଞ୍ଚଳରେ ବ୍ୟାପିଛି, ଯାହା ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ଅଧିସୂଚନା ସଂଖ୍ୟା 8 ଏଫ (ଡବ୍ଲ୍ୟୁ ଏଲ) 4 / 97-18805 / ଏଫ୍ ଓ ଇ ତା 27.02.1997 ରିଖ ରେ ଅଧିସୂଚିତ କରାଯାଇଛି ଏବଂ ଏହା ଓଡ଼ିଶା ରାଜ୍ୟର କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ଏବଂ ମହାକାଳପଡ଼ା ତହସିଲରେ ଅବସ୍ଥିତ;

ଏବଂ ଯେହେତୁ, ଭିତରକନିକା ଜାତୀୟ ଉଦ୍ୟାନ ସୀମା ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ ମଧ୍ୟରେ ଅଛି ଏବଂ ଗହିରମଥା (ସାମୁଦ୍ରିକ) ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରକନିକା ବନ୍ୟଜନ୍ତୁ ଅଭୟାରଣ୍ୟର ପୂର୍ବ ସୀମା ସହିତ ସଂଯୁକ୍ତ ଏବଂ ଏହି ସଂରକ୍ଷିତ ଅଞ୍ଚଳଗୁଡିକର ଏକ ସଂଲଗ୍ନ ଭୂମି ଏବଂ ଜଳାଶୟକୁ ନେଇ ଗଠିତ ଯାହା ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳ ଭାବରେ ଚିହ୍ନିତ ;

ଏବଂ ଯେହେତୁ, ଏହି ସଂରକ୍ଷିତ ଅଞ୍ଚଳ ଜୈବ ବିବିଧତାରେ ସମୃଦ୍ଧ ଏବଂ ଉଚ୍ଚ ଉତ୍ପାଦନକାରୀ ପରିସଂସ୍ଥା ପରିସଂସ୍ଥା ସେଥିମଧ୍ୟରେ ମୁହାଣ ଓ ସମୁଦ୍ର ପରିସଂସ୍ଥା ସହିତ 61 ପ୍ରଜାତିର ଅମେରୁଦଣ୍ଡୀ ପ୍ରାଣୀ ଯଥା- ପ୍ରୋଟୋଜୋଆ (2 ପ୍ରଜାତି), କୋଏଲେଣ୍ଟେରେଟ୍ସ (3 ପ୍ରଜାତି), ମୋଲୁସ୍କା (7 ପ୍ରଜାତି), ଆନାଲିଡସ୍ (34 ପ୍ରଜାତି), ଆର୍ଥ୍ରୋପୋଡସ୍ (15 ପ୍ରଜାତି) ଏବଂ ମେରୁଦଣ୍ଡୀ ପ୍ରାଣୀ ଯଥା- ମାଛ (20 ପ୍ରଜାତି), ଉଭୟଚର (5 ପ୍ରଜାତି) ଏବଂ ସରୀସୃପ (42 ପ୍ରଜାତି), ପକ୍ଷୀ (280 ରୁ ଅଧିକ ପ୍ରଜାତି), ସ୍ତନ୍ୟପାୟୀ ପ୍ରାଣୀ (ସେଟାସିଆନ୍ ସମେତ 28 ପ୍ରଜାତି) ରେ ପରିପୂର୍ଣ୍ଣ ଅଟେ ;

ଏବଂ ଯେହେତୁ, ଭିତରକନିକା ଅଞ୍ଚଳରେ ଭାରତରେ ଇଷ୍ଟୁଆରିନ୍ କୁମ୍ଭୀରର ସର୍ବାଧିକ ପ୍ରାକୃତିକ ଜନସଂଖ୍ୟା ରହିଛି ଏବଂ ସରୀସୃପ ବିବିଧତା ପାଇଁ ବିଖ୍ୟାତ । ଏହି ଅଞ୍ଚଳର ଏସିଆର ସର୍ବ ବୃହତ ବଗ (ହେରୋନ୍) ରହିଛି, ଯାହା ବର୍ଷା ଏବଂ ଶୀତ ଋତୁରେ ପ୍ରତିବର୍ଷ ଭିତରକନିକା ଆର୍ଦ୍ରଭୂମି ପରିଦର୍ଶନ କରୁଥିବା ଏକଲକ୍ଷରୁ ଅଧିକ ବିଦେଶାଗତ ବଗ (ହିରୋନ୍)ମାନଙ୍କର ଏକ ବାର୍ଷିକ କାର୍ଯ୍ୟକଳାପ;

ଏବଂ ଯେହେତୁ, ଭିତରକନିକା ହେଉଛି ଓଡ଼ିଶାର ଦ୍ୱିତୀୟ ରାମସର ସ୍ଥାନ ଯାହାକି ଆନ୍ତର୍ଜାତିକ ଗୁରୁତ୍ୱପୂର୍ଣ୍ଣ ଆର୍ଦ୍ରଭୂମି ଏବଂ ଗହିରମଥା (ସାମୁଦ୍ରିକ) ବନ୍ୟପ୍ରାଣୀ ଅଭୟାରଣ୍ୟ ସର୍ବଜାତୀୟ ସ୍ତରରେ ଅଲିଭ୍ ରିଡଲେ ସମୁଦ୍ର କଇଁଛମାନଙ୍କର ସାମୂହିକ ବସା ବାନ୍ଧିବା ପାଇଁ ବିଖ୍ୟାତ । ବନ୍ୟପ୍ରାଣୀ(ସଂରକ୍ଷଣ) ଅଧିନିୟମ, 1972 ରେ ତାଲିକାଭୁକ୍ତ ଏବଂ ପ୍ରକୃତିର ସଂରକ୍ଷଣ ନିମିତ୍ତ ଆନ୍ତର୍ଜାତିକ ୟୁନିଅନ (ଆଇୟୁସିଏନ) ରେଡ ଡାଟା ପୁସ୍ତକରେ ତାଲିକାଭୁକ୍ତ ବିଲୁପ୍ତପ୍ରାୟ ପ୍ରଜାତିର ଉଦ୍ଭିଦ ଏବଂ ଜୀବଜନ୍ତୁ ଏହି ସଂରକ୍ଷିତ ଅଞ୍ଚଳରେ ଉପଲବ୍ଧ;

ଏବଂ ଯେହେତୁ, ଏହି ଅଞ୍ଚଳରେ ଉପଲବ୍ଧ ଥିବା ବିରଳ, ବିଲୁପ୍ତ ତଥା ବିପଦପୂର୍ଣ୍ଣ ଜୀବଜନ୍ତୁ ପ୍ରଜାତିଗୁଡିକ ହେଉଛି ଙ୍କାଏ ଦେଖିବାକୁ ମିଳୁଥିବା ଲିଜାର୍ଡ (ଭାରାନସ୍ ସାଲଭେଟର), ଗ୍ରେଟ କର୍ମୋରାଣ୍ଟ (ଫାଲାକ୍ରୋକାରାକ୍ସ କାର୍ବୋ), ଲିଟିଲ ଗ୍ରେବ (ଟାଚିବାପଟସ୍ ରୁଫିକୋଲିସ), ବ୍ରାହ୍ମଣୀ କାଇଟ୍ (ହାଲିଆଷ୍ଟୁର ଇଣ୍ଡସ), ସ୍ମଲ ପ୍ରାଟିନକୋଲ୍ (ଗ୍ଲେରେଓଲା ଲାକ୍ଟିଆ), ଇଣ୍ଡିଆନ୍ ସ୍କିମର୍ (ରିନ୍ଚପ୍ସ ଆଲବିକୋଲିସ), ବଲ୍ଲଭ କୁମ୍ଭୀର (ଗ୍ରୋକୋଡାଇଲସ୍ ପୋରୋସସ), ଅଲିଭ୍ ରିଡଲେ କଇଁଛ (ଲେପିଡୋଚେଲିସ୍ ଅଲିଭାସିଆ), ପାଣି ଗୋଧି (ଭାରାନସ୍ ସାଲଭେଟର), ଅଜଗର (ପାଇଥନ୍ ମଲୁରସ୍), ବାଟାଗୁର କଇଁଛ (ବାଟାଗୁର ବାସ୍କ) ନଗରଙ୍ଗୀ (ଫିସା ମେଗାରିନ୍ଚା);

ଏବଂ ଯେହେତୁ, ସଂରକ୍ଷିତ ଅଞ୍ଚଳରେ ଥିବା ସ୍ତନ୍ୟପାୟୀ ପ୍ରାଣୀଗୁଡ଼ିକ ହେଉଛନ୍ତି ଚିତ୍ରି ହରିଣ (ଆକ୍ସିସ୍ ଆକ୍ସିସ୍), ସମ୍ବର (ସର୍ଭସ୍ ୟୁନିକଲର୍), ଭାରତୀୟ ବଣୁଆ ଘୁଷୁରୀ (ସୁସ୍ ସ୍କ୍ରୋଫା), ଏସିଆଟିକ୍ ଜ୍ୟାକଲ୍ (କାନିସ୍ ଅରେଉସ୍), ଫିସିଂ କ୍ୟାଟ୍ (ଫେଲିସ୍ ଭିଭେରିନା), ଜଙ୍ଗଲ କ୍ୟାଟ୍ (ଫେଲିସ୍ ଚାଉସ୍), ଲିଓପାର୍ଡ କ୍ୟାଟ୍ (ଫେଲିସ୍ ବେଙ୍ଗାଲେନସିସ୍), ହାଇନା (ହାଇନା ହାଇନା) ସାଧାରଣ ନେଉଳ (କମନ ମଙ୍ଗୁଜ) (ହରପେଷ୍ଟେସ ଏଡ୍‌ୱାର୍ଡସି), ଓଟର (ଲୁଟ୍ରା ପର୍ସପିସିଲାଟା), ଛୋଟ ଭାରତୀୟ ସିଭେଟ୍ (ଭିଭେରିକୁଲା ଇଣ୍ଡିକା), ଇଣ୍ଡିଆନ ପର୍କୁପାଇନ୍ (ହାଇଷ୍ଟ୍ରିକ୍ସ ଇଣ୍ଡିକା) ରେସସ୍ ମାକେକ୍ (ମାକାକା ମୁଲାଟା ମୁଲାଟା), ଗାଙ୍ଗେଟିକ୍ ଡଲଫିନ୍ (ପ୍ଲାଟାନିଷ୍ଟା ଗାଙ୍ଗେଟିକା), ହମ୍ପବ୍ୟାକ୍ ଡଲଫିନ୍ (ସୋସା ଚିନ୍‌ସିସ୍), ଇରାୱାଡି ଡଲଫିନ୍ (ଓରେକେଲା ବ୍ରେଭିରୋଷ୍ଟ୍ରିସ୍) ଏବଂ ଭାରତୀୟ ମୋଲ୍ ରାଟ୍ (ବ୍ୟାଣ୍ଡିକୋଟା ବେଙ୍ଗାଲେନସିସ୍) ଇତ୍ୟାଦି;

ଏବଂ ଯେହେତୁ, ଏହି ଅଞ୍ଚଳରେ ଥିବା ବିରଳ, ବିପଦ ତଥା ସଙ୍କଟାପନ୍ନ ପୁଷ୍ପ ପ୍ରଜାତିଗୁଡ଼ିକ ହେଉଛି ପାନିଅମ୍ବା (ସେରବେରା ଓଡୋଲାମ), ଓଟ୍ରା (ଆଗ୍ଲାଇଆ କୁକୁଲାଟା), ମାଏଁଆ (ଇଣ୍ଡସିଆ ବିଗୁଣା), ହରକଞ୍ଚା (ଆକାନଥସ୍ ଇଲିସିଫୋଲିୟସ୍), ବନରୁଆ (ଏଭିଲାଇସେସ୍ ରୋଟୁଣ୍ଡିଫୋଲିଆ), ଖାରି (ଏଭିସେରସ କର୍ଣ୍ଣିକୁଲାଟମ୍), ବଡ ବାନି (ଆଭିସେନିଆ ଅଫିସିନାଲିସ୍), ଲତି ସୁନ୍ଦରୀ ( ବ୍ରାଉନଲୋଭିଆ ଟେରସା), କାଳିଆଗୁଆ ( ବ୍ରୁଗୁଇରା ସିଲିଣ୍ଡ୍ରିକା) ଗରନି (ସେରିଓପ୍ସ ଡେକାଣ୍ଡ୍ରା), କଳା କାଠିଆ (ଡେରିସ ଟ୍ରିଫୋଲିଆଟା), ସୁନ୍ଦରୀ (ହେରିଟିଆରା ଫୋମ୍ସ), ସିନ୍ଧୁକ (କଣ୍ଡେଲିଆ କ୍ୟାଣ୍ଡେଲ୍), ଟୁକ୍ଟୁକ ଲୁମନିଜେରା ରେସେମୋସା), ନାଲିଆ ଘସା (ମିରିସ୍ଟିକା ୱାଇଟିଆନା), ରାଇ (ରିଜୋଫୋରା ଆପିକୁଲାଟା), ହେନ୍ତାଳ (ଫିନିକ୍ସ ପାଲୁଡୋସା), ଗୋଡା ବାନି (ସେସୁଭିୟମ୍ ପୋର୍ଟୁଲାକାଷ୍ଟ୍ରମ୍), ଓରୁଆ (ସୋନେରାଟିଆ ଆଲବା), କେରୁଆନ୍ (ସୋନେରାଟିଆ ଆପେଟେଲା), ଓରୁଆ (ସୋନେରାଟିଆ କ୍ୟାସିଓଲାରିସ୍), ଗିରିଆ ( ସୁଏଡା ମାରିଟିମା), ଗିରିଆ (ସୁଏଡା ନୁଡିଫ୍ଲୋରା), ଜାଗୁଳ (ଟାମାରିକ୍ସ ଟ୍ରୋପି), ପିତାମାରି (ଜାଇଲୋକାରପସ ମେକନ୍‌ଜେନସିସ) ଧଳା ବାନି (ଆଭିସେନିଆ ଆଲବା), ବାଉରା (ବ୍ରୁଗୁଇରା ଜାଇମ୍ନୋରିଜା), ଡବ୍ (ବ୍ରୁଗୁଇରା ପର୍ଭିଫ୍ଲୋରା), ଖାସାଇ ଲତା (ଫିନଲେସୋନିଆ ଆବୋଭାଟା), ବଟୁଲା (ସାଲିକର୍ନିଆ ବ୍ରାକିଆଟା);

ଏବଂ ଯେହେତୁ, ଭିତରକନିକା ଆର୍ଦ୍ରଭୂମି ଅଞ୍ଚଳରେ ହେନ୍ତାଳଗଛର ଜୈବ ବିବିଧତା ଉଚ୍ଚତମ ଜୈବ ବିବିଧତା ମଧ୍ୟରେ ଅନ୍ୟତମ ଅଟେ, ଏଠାରେ ଅନେକ 88 ପ୍ରଜାତିର ଉଦ୍ଭିଦ ଏବଂ ସେଗୁଡିକର ସହଯୋଗୀଙ୍କୁ ଚିହ୍ନଟ କରି ବର୍ଗୀକରଣ କରାଯାଇଛି । ଭିତରକନିକା ରେ ଏହି ଅଞ୍ଚଳରେ ଏକ ସ୍ଥାନୀୟ ପ୍ରଜାତି କନିକା ସୁନ୍ଦରୀ (ହେରିଟାଇରା କନିକେନସିସ) ଦେଖିବାକୁ ମିଳେ ;

ଏବଂ ଯେହେତୁ, ଭିତରକନିକା ଜାତୀୟ ଉଦ୍ୟାନ, ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଗହୀରମଥା (ସାମୁଦ୍ରିକ) ବନ୍ୟପ୍ରାଣୀ ଅଭୟାରଣ୍ୟର ବ୍ୟାପ୍ତି ଓ ସୀମାକୁ ସଂରକ୍ଷଣ ଏବଂ ସୁରକ୍ଷା କରିବା ଆବଶ୍ୟକ, ଯାହା ପର୍ଯ୍ୟାବରଣ, ପରିବେଶ ଏବଂ ଜୈବ ବିବିଧତା ଦୃଷ୍ଟିକୋଣରୁ ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳ ଭାବରେ ଅନୁଚ୍ଛେଦ 1 ରେ ଉଲ୍ଲେଖ କରାଯାଇଛି ଏବଂ ଉକ୍ତ ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳରେ ଶିଳ୍ପ କିମ୍ବା କୌଣସି ବର୍ଗର ଶିଳ୍ପ ଏବଂ ସେଗୁଡିକର କାର୍ଯ୍ୟ ସମ୍ପାଦନ ଏବଂ ପ୍ରକ୍ରିୟାକୁ ନିଷେଧ କରିବା ଆବଶ୍ୟକ ।

ବର୍ତ୍ତମାନ, ସେଥିପାଇଁ ମନ୍ତ୍ରଣାଳୟର ଚିଠା ଅଧିସୂଚନା ସଂଖ୍ୟା ଏସ୍.ଓ. 821 (ଇ), ତାରିଖ 23 ଫେବୃଆରୀ, 2022 ଏବଂ ଅନ୍ତିମ ଅଧିସୂଚନା ସଂଖ୍ୟା ଏସ୍.ଓ. 1601 (ଇ), ତାରିଖ 16 ଜୁନ୍ 2015 କୁ ବାତିଲ କରି , ଅଧିସୂଚନାର ନିମ୍ନଲିଖିତ ଚିଠା ...କେନ୍ଦ୍ର ସରକାର, ପରିବେଶ (ସଂରକ୍ଷଣ) ଅଧିନିୟମ, 1986 ର ନିୟମ 5 ର ଉପନିୟମ ସହିତ ପଠିତ ପରିବେଶ (ସଂରକ୍ଷଣ) ଅଧିନିୟମ, 1986 (1986 ର 29) (ପରବର୍ତ୍ତୀ ସମୟରେ ଏହି ଅଧିସୂଚନାରେ ପରିବେଶ ଅଧିନିୟମ ଭାବରେ ଉଲ୍ଲେଖ କରାଯାଇଛି), ର ଧାରା 3 ଉପ-ଧାରା (2) ର ଖଣ୍ଡ (v) ଏବଂ ଖଣ୍ଡ (xiv) ତଥା ଉପ-ଧାରା (୩) ସହିତ ପଠିତ ଉପ-ଧାରା (1) ଦ୍ୱାରା ପ୍ରଦତ୍ତ କ୍ଷମତାର ପ୍ରୟୋଗ କରି, ଓଡ଼ିଶା ରାଜ୍ୟର ଭିତରକନିକା ଜାତୀୟ ଉଦ୍ୟାନ, ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଗହିରମଥା (ସାମୁଦ୍ରିକ) ବନ୍ୟପ୍ରାଣୀ ଅଭୟାରଣ୍ୟର ସୀମା ପାଖାପାଖି 0.10 କିଲୋମିଟରରୁ 8.7 କିଲୋମିଟର ପର୍ଯ୍ୟନ୍ତ ଏକ କ୍ଷେତ୍ରକୁ ଭିତରକନିକା ଜାତୀୟ ଉଦ୍ୟାନ, ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଗହିରମଥା (ସାମୁଦ୍ରିକ) ବନ୍ୟପ୍ରାଣୀ ଅଭୟାରଣ୍ୟର ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳ (ପରବର୍ତ୍ତୀ ସମୟରେ ଏହି ଅଧିସୂଚନାରେ ପର୍ଯ୍ୟାବରଣ -ସମ୍ବେଦନଶୀଳ ଅଞ୍ଚଳ ଭାବରେ ଉଲ୍ଲେଖ କରାଯାଇଛି) ଭାବରେ ଅଧିସୂଚିତ କରେ, ଯାହାର ବିବରଣୀ ନିମ୍ନରେ ଉଲ୍ଲେଖ ହୋଇଛି, ଯଥା:

**୧. ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳର (ଇକୋ ସେନ୍‌ସିଟିଭ ଜୋନ୍) ବିସ୍ତାର ଏବଂ ସୀମା**

(୧) ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳ 497.67 ବର୍ଗ କିଲୋମିଟର ହେବ ଏବଂ ଏହା ଭିତରକନିକା ଜାତୀୟ ଉଦ୍ୟାନ, ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଗହିରମଥା (ସାମୁଦ୍ରିକ) ବନ୍ୟପ୍ରାଣୀ ଅଭୟାରଣ୍ୟର ସୀମା ମଧ୍ୟରେ 0.10 କିଲୋମିଟରରୁ 8.7 କିଲୋମିଟର ପର୍ଯ୍ୟନ୍ତ ବିସ୍ତୃତ ହେବ ।

(୨) ଭିତରକନିକା ଜାତୀୟ ଉଦ୍ୟାନ, ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଗହିରମଥା (ସାମୁଦ୍ରିକ) ବନ୍ୟପ୍ରାଣୀ ଅଭୟାରଣ୍ୟର ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳର ସୀମାର ବିବରଣୀ ପରିଶିଷ୍ଟ 1 ରେ ଉଲ୍ଲେଖ ହୋଇଛି ।

(୩) ଭିତରକନିକା ଜାତୀୟ ଉଦ୍ୟାନ, ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଗହୀରମଥା (ସାମୁଦ୍ରିକ) ବନ୍ୟପ୍ରାଣୀ ଅଭୟାରଣ୍ୟର ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳର ସୀମା ନିର୍ଦ୍ଧାରଣ କରିବା ସହିତ ସୀମାର ସବିଶେଷ ବିବରଣୀ ଏବଂ ଅକ୍ଷାଂଶ ଓ ଦ୍ରାଘିମାର ମାନଚିତ୍ର ପରିଶିଷ୍ଟ – 2 କ, ପରିଶିଷ୍ଟ -2 ଖ ଓ ପରିଶିଷ୍ଟ -2 ଗରେ ଉଲ୍ଲେଖ ହୋଇଛି ।

(୪) ଭିତରକନିକା ଜାତୀୟ ଉଦ୍ୟାନ, ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଗହୀରମଥା (ସାମୁଦ୍ରିକ) ବନ୍ୟପ୍ରାଣୀ ଅଭୟାରଣ୍ୟର ସୀମାର ଭୂ ସ୍ଥାନାଙ୍କର (ଜିଓ କୋ-ଅର୍ଡିନେଟ)ର ତାଲିକା ପରିଶିଷ୍ଟ – 3 ର ସାରଣୀ କ ଓ ସାରଣୀ ଖରେ ଦିଆଯାଇଛି ।

(୫) ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳରେ ଆସୁଥିବା ଗ୍ରାମଗୁଡିକର ତାଲିକା ସହିତ ସେମାନଙ୍କର ପ୍ରମୁଖ ସ୍ଥାନଗୁଡିକରେ ଭୂ ସ୍ଥାନାଙ୍କ ପରିଶିଷ୍ଟ -4ରେ ଉଲ୍ଲେଖ ହୋଇଛି ।

**୨. ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳ (ଇକୋ-ସେନ୍‌ସିଟିଭ ଜୋନ୍) ପାଇଁ ଆଞ୍ଚଳିକ ପ୍ରମୁଖ ଯୋଜନା (ଜୋନାଲ ମାଷ୍ଟର ପ୍ଲାନ୍)**

(୧) ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳର ଫଳପ୍ରଦ ପରିଚାଳନା ଉଦ୍ଦେଶ୍ୟରେ ସରକାରୀ ରାଜପତ୍ର (ଗେଜେଟ)ରେ ଏହି ଅଧିସୂଚନା ପ୍ରକାଶ ପାଇବା ଦିନଠାରୁ ଦୁଇ ବର୍ଷ ମଧ୍ୟରେ ସ୍ଥାନୀୟ ଲୋକଙ୍କ ସହିତ ପରାମର୍ଶ କରି ରାଜ୍ୟ ସରକାର ଏକ ଜୋନାଲ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବେ ଏବଂ ରାଜ୍ୟ ସରକାରଙ୍କ ଦକ୍ଷ ଅଧିକାରୀଙ୍କ ଅନୁମୋଦନ ପାଇଁ ଏହି ଅଧିସୂଚନାରେ ପ୍ରଦତ୍ତ ସର୍ତ୍ତାବଳୀକୁ ପାଳନ କରିବେ।

(୨) ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳ ନିମିତ୍ତ ଜୋନାଲ ମାଷ୍ଟର ପ୍ଲାନ ଏହି ଅଧିସୂଚନାରେ ଉଲ୍ଲେଖ କରାଯାଇଥିବା ଅନୁସାରେ ଏବଂ ପ୍ରାସଙ୍ଗିକ କେନ୍ଦ୍ର ଓ ରାଜ୍ୟ ନିୟମାବଳୀ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ଯଦି କିଛି ନିର୍ଦ୍ଦେଶାବଳୀ ଜାରି କରାଯାଇଥିବ ତାହାକୁ ପରାମର୍ଶ କରି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯିବ ।

(୩) ଉକ୍ତ ଯୋଜନାରେ ପର୍ଯ୍ୟାବରଣ ଏବଂ ପରିବେଶ ସମ୍ପର୍କୀୟ ବିଚାରକୁ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କ ନିମ୍ନଲିଖିତ ବିଭାଗଗୁଡ଼ିକ ସହିତ ପରାମର୍ଶ କରି ଜୋନାଲ ମାଷ୍ଟର ପ୍ଲାନ ପ୍ରସ୍ତୁତ ହେବ: -

(କ) ପରିବେଶ;
(ଖ) ଜଙ୍ଗଲ ଏବଂ ବନ୍ୟପ୍ରାଣୀ;
(ଗ) କୃଷି;
(ଘ) ରାଜସ୍ୱ;
(ଙ) ସହରୀ ବିକାଶ;
(ଚ) ପର୍ଯ୍ୟଟନ;
(ଛ) ଗ୍ରାମୀଣ ବିକାଶ;
(ଜ) ଜଳସେଚନ ଏବଂ ବନ୍ୟା ନିୟନ୍ତ୍ରଣ;
(ଝ) ମ୍ୟୁନିସିପାଲିଟି;
(ଞ) ପଞ୍ଚାୟତି ରାଜ; ଏବଂ
(ଟ) ସାଧାରଣ ନିର୍ମାଣ ବିଭାଗ

(୪) ଯେ ପର୍ଯ୍ୟନ୍ତ ଏହି ଅଧିସୂଚନାରେ ଉଲ୍ଲେଖ କରାଯାଇ ନାହିଁ , ଅନୁମୋଦିତ ବିଦ୍ୟମାନ ଜମି ବ୍ୟବହାର, ଭିତ୍ତିଭୂମି ଏବଂ କାର୍ଯ୍ୟକଳାପ ଉପରେ ଜୋନାଲ ମାଷ୍ଟର ପ୍ଲାନ କୌଣସି ପ୍ରତିବନ୍ଧକ ଲଗାଇବ ନାହିଁ, ଏବଂ ଜୋନାଲ ମାଷ୍ଟର ପ୍ଲାନ ସମସ୍ତ ଭିତ୍ତିଭୂମିର ଉନ୍ନତି ତଥା କାର୍ଯ୍ୟକଳାପରେ ସୁଧାର ଆଣି ଅଧିକ ପ୍ରଭାବଶାଳୀ ଏବଂ ପରିବେଶ ଅନୁକୂଳ କରିବା ନିମିତ୍ତ ବ୍ୟବସ୍ଥା କରିବ ।

(୫) ଜୋନାଲ ମାଷ୍ଟର ପ୍ଲାନ୍‌ରେ ଅବ୍ୟବହୃତ ଅଞ୍ଚଳର ପୁନରୁଦ୍ଧାର, ବିଦ୍ୟମାନ ଜଳ ସଂସ୍ଥାର ସଂରକ୍ଷଣ, ଅବବାହ କ୍ଷେତ୍ରର ପରିଚାଳନା, ଜଳବିଭାଜିକା/ଅବବାହିକା ପରିଚାଳନା, ଭୂତଳ ଜଳ ପରିଚାଳନା, ମୃତ୍ତିକା ଏବଂ ଆର୍ଦ୍ରତା ସଂରକ୍ଷଣ, ସ୍ଥାନୀୟ ଜନସାଧାରଣଙ୍କର ଆବଶ୍ୟକତା ଏବଂ ପର୍ଯ୍ୟାବରଣ ଏବଂ ପରିବେଶର ଅନ୍ୟାନ୍ୟ ଦିଗ ପାଇଁ ଧ୍ୟାନ ଦିଆଯିବା ଆବଶ୍ୟକ ।

(୬) ଜୋନାଲ ମାଷ୍ଟର ପ୍ଲାନ୍ ସମସ୍ତ ବିଦ୍ୟମାନ ପୂଜାପାଠ ସ୍ଥାନ , ଗ୍ରାମ ଏବଂ ସହରାଞ୍ଚଳର ବସ୍ତି , ଜଙ୍ଗଲର ପ୍ରକାର ଏବଂ କିସମ, କୃଷି କ୍ଷେତ୍ର, ପାର୍କ ଏବଂ ସେହି ଜାତୀୟ ସବୁଜିମା କ୍ଷେତ୍ର , ଉଦ୍ୟାନ କୃଷି କ୍ଷେତ୍ର, ବଗିଚା, ହ୍ରଦ ଏବଂ ଅନ୍ୟାନ୍ୟ ଜଳାଶୟକୁ ବିଦ୍ୟମାନ ତଥା ପ୍ରସ୍ତାବିତ ଜମି ବ୍ୟବହାର ବିବରଣୀଗୁଡିକର ସବିଶେଷ ତଥ୍ୟ ପ୍ରଦାନ କରୁଥିବା ମାନଚିତ୍ରଗୁଡିକ ସହିତ ଚିହ୍ନିତ କରିବ ।

(୭) ଜୋନାଲ ମାଷ୍ଟର ପ୍ଲାନ ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳର ବିକାଶକୁ ନିୟନ୍ତ୍ରିତ କରିବ ଏବଂ ସାରଣୀରେ ଥିବା ଅନୁଚ୍ଛେଦ ୪ ରେ ତାଲିକାଭୁକ୍ତ ନିଷିଦ୍ଧ ଓ ନିୟନ୍ତ୍ରିତ କାର୍ଯ୍ୟକଳାପକୁ ପାଳନ କରିବ ଏବଂ ସ୍ଥାନୀୟ ଜନସାଧାରଣଙ୍କର ଜୀବିକାକୁ ସୁରକ୍ଷା କରିବା ପାଇଁ ପରିବେଶ ଅନୁକୂଳ ବିକାଶକୁ ନିଶ୍ଚିତ ଓ ପ୍ରୋତ୍ସାହିତ କରିବ ।

(୮) ଜୋନାଲ ମାଷ୍ଟର ପ୍ଲାନ କ୍ଷେତ୍ରୀୟ ବିକାଶ ଯୋଜନା ସହିତ ସହ-କାଳୀନ (ସହ-ଟର୍ମିନାସ) ହେବ ।

(୯) ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ଜୋନାଲ ମାଷ୍ଟର ପ୍ଲାନ ଏହି ଅଧିସୂଚନାର ନିୟମାବଳୀ ଅନୁଯାୟୀ ତଦାରଖ କାର୍ଯ୍ୟ କରିବା ପାଇଁ ତଦାରଖ କମିଟି ପାଇଁ ସହାୟକ ଦଲିଲ (ରେଫରେନ୍ସ ଡକ୍ୟୁମେଣ୍ଟ) ହେବ ।

(୧୦) ଜୋନାଲ ମାଷ୍ଟର ପ୍ଲାନର ପ୍ରସ୍ତୁତି ଏବଂ ଅନୁମୋଦନ ପର୍ଯ୍ୟନ୍ତ, ଯେକୌଣସି ନୂତନ ବିକାଶମୂଳକ କାର୍ଯ୍ୟକଳାପ ଅନୁଚ୍ଛେଦ ରେ ଉପ-ଅନୁଚ୍ଛେଦ (1) ଏବଂ (2) ରେ ଉଲ୍ଲେଖିତ ବ୍ୟବସ୍ଥା ଦ୍ୱାରା ପରିଚାଳିତ ହେବ ।

**୩. ରାଜ୍ୟ ସରକାର ଗ୍ରହଣ କରିବାକୁ ଥିବା ପଦକ୍ଷେପ-** ଏହି ଅଧିସୂଚନାର ନିୟମାବଳୀକୁ ପ୍ରଭାବଶାଳୀ କରିବା ପାଇଁ ରାଜ୍ୟ ସରକାର ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବେ, ଯଥା: -

**(୧) ଭୂ ଉପଯୋଗ-** ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳରେ ଜଙ୍ଗଲ, ଉଦ୍ୟାନ, କୃଷି କ୍ଷେତ୍ର, ମନୋରଞ୍ଜନ ନିମିତ୍ତ ଚିହ୍ନିତ ପାର୍କ ଏବଂ ଖୋଲା ସ୍ଥାନ କୁ ବ୍ୟବସାୟିକ, ଆବାସିକ କିମ୍ବା ଶିଳ୍ପ କାର୍ଯ୍ୟକଳାପ ପାଇଁ ବ୍ୟବହାର କରାଯାଇପାରିବ ନାହିଁ କିମ୍ବା ପରିବର୍ତ୍ତନ କରାଯାଇପାରିବ ନାହିଁ ।

ପରନ୍ତୁ, ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳ ମଧ୍ୟରେ କୃଷି ଏବଂ ଅନ୍ୟାନ୍ୟ ଜମିର ରୂପାନ୍ତର ନିମିତ୍ତ ମନିଟରିଂ କମିଟିର ସୁପାରିଶ କ୍ରମେ ଅନୁମତି ଦିଆଯାଇପାରେ ଏବଂ ନିମ୍ନୋକ୍ତ କାର୍ଯ୍ୟକଳାପ ନିମିତ୍ତ ସ୍ଥାନୀୟ ବାସିନ୍ଦାମାନଙ୍କର ଆବାସିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଅଧିସୂଚନାର ବ୍ୟବସ୍ଥା ଅନୁସାରେ ଯେପରି ପ୍ରଯୁଜ୍ୟ ରାଜ୍ୟ ସରକାରଙ୍କ ପୂର୍ବ ଅନୁମୋଦନ ସହିତ ଅନୁମତି ଦିଆଯାଇପାରେ ।

(କ) ବିଦ୍ୟମାନ ସଡ଼କଗୁଡିକର ସମ୍ପ୍ରସାରଣ ଏବଂ ସୁଦୃଢ କରିବା ଏବଂ ନୂତନ ସଡ଼କ ନିର୍ମାଣ କରିବା;
(ଖ) ଭିତ୍ତିଭୂମି ଏବଂ ନାଗରିକ ସୁବିଧାଗୁଡ଼ିକର ନିର୍ମାଣ ଏବଂ ନବୀକରଣ;
(ଗ) ପ୍ରଦୂଷଣ ସୃଷ୍ଟି କରୁ ନଥିବା କ୍ଷୁଦ୍ରଶିଳ୍ପଗୁଡିକ ;
(ଘ) ଗ୍ରାମ୍ୟ ଶିଳ୍ପ ସମେତ କୁଟୀର ଶିଳ୍ପ; ପର୍ଯ୍ୟାବରଣ-ପର୍ଯ୍ୟଟନକୁ ସହାୟତା କରୁଥିବା ଦୋକାନ ଏବଂ ରହିବା ଘର ସହିତ ସ୍ଥାନୀୟ ସୁବିଧା ଉପଲବ୍ଧ କରିବା; ଏବଂ
(ଙ) ଅନୁଚ୍ଛେଦ 4 ରେ ପ୍ରଦତ୍ତ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା:

ଅଧିକନ୍ତୁ , କ୍ଷେତ୍ରୀୟ ସହରୀକରଣ ଯୋଜନା (ଟାଉନ୍ ପ୍ଲାନିଂ) ଅଧିନିୟମ (ଆକ୍ଟ) ତଥା ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ନିୟମାବଳୀ ଅନୁଯାୟୀ ଦକ୍ଷ ଅଧିକାରୀଙ୍କର ପୂର୍ବ ଅନୁମୋଦନ ବିନା ଏବଂ ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପାରିକ ଜଙ୍ଗଲ ନିବାସୀ (ଜଙ୍ଗଲ ଅଧିକାରର ସ୍ୱୀକୃତି) ଅଧିନିୟମ, 2006 (2007 ର 2) ସହିତ ସମ୍ବିଧାନ କିମ୍ବା ଆଇନ ବଳବତ୍ତର ରହିଥିବା ସମ୍ବିଧାନର ଧାରା 244 ଆଇନର ନିୟମ ପାଳନ ନକରି ବାଣିଜ୍ୟିକ ତଥା ଶିଳ୍ପ ବିକାଶ କାର୍ଯ୍ୟକଳାପ ପାଇଁ ଆଦିବାସୀ ଜମିର ବ୍ୟବହାର ଅନୁମତି ଦିଆଯିବ ନାହିଁ।

ପୁନଶ୍ଚ, ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳ ମଧ୍ୟରେ ଥିବା ଜମି ରେକର୍ଡରେ ଯେକୌଣସି ତ୍ରୁଟି ଦେଖା ଦେଲେ, ତଦାରଖ କମିଟିର ମତାମତ ପାଇବା ପରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତ୍ୟେକ ମାମଲାରେ ଥରେ ସଂଶୋଧନ କରାଯିବ, ଏବଂ ଏହି ତ୍ରୁଟିର ସଂଶୋଧନ କେନ୍ଦ୍ର ସରକାରଙ୍କର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟକୁ ଅବଗତ କରାଯିବ:

ପୁନଶ୍ଚ, ଉପର୍ଯ୍ୟୁକ୍ତ ତ୍ରୁଟି ସଂଶୋଧନ ଏହି ଉପ-ଅନୁଚ୍ଛେଦ ଅନୁଯାୟୀ ପ୍ରଦାନ କରାଯାଇଥିବା ନିୟମ ବ୍ୟତୀତ କୌଣସି କ୍ଷେତ୍ରରେ ଜମିର ବ୍ୟବହାର ପରିବର୍ତ୍ତନକୁ ଅନ୍ତର୍ଭୁକ୍ତ କରିବ ନାହିଁ;

ପୁନଶ୍ଚ, ଜଙ୍ଗଲ କ୍ଷେତ୍ର ଏବଂ କୃଷି କ୍ଷେତ୍ର ପରି ସବୁଜିମା ଅଞ୍ଚଳର ପରିମାଣ ହ୍ରାସ ହେବ ନାହିଁ ଏବଂ ଅବ୍ୟବହୃତ କିମ୍ବା ଅଣ-ଉତ୍ପାଦିତ କୃଷି କ୍ଷେତ୍ରକୁ ପୁନଃ ବନୀକରଣ କରିବାକୁ ଉଦ୍ୟମ କରାଯିବ ।

**(୨) ପ୍ରାକୃତିକ ଜଳାଶୟ -** ସମସ୍ତ ପ୍ରାକୃତିକ ଝରଣାଗୁଡ଼ିକର ଅବବାହ କ୍ଷେତ୍ରଗୁଡିକ ଚିହ୍ନଟ କରାଯିବ ଏବଂ ସେମାନଙ୍କର ସଂରକ୍ଷଣ ଏବଂ ନବୀକରଣ ପାଇଁ ଯୋଜନାଗୁଡିକ ଜୋନାଲ ମାଷ୍ଟର ପ୍ଲାନରେ ଅନ୍ତର୍ଭୂକ୍ତ କରାଯିବ ଏବଂ ଏହି ଅଞ୍ଚଳରେ କିମ୍ବା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ କ୍ଷତିକାରକ ସାବ୍ୟସ୍ତ ହେଉଥିବା ବିକାଶ କାର୍ଯ୍ୟକଳାପକୁ ନିଷିଦ୍ଧ କରାଯିବା ନିମିତ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶନାମା ପ୍ରସ୍ତୁତ ହେବ ।

**(୩) ପର୍ଯ୍ୟଟନ କିମ୍ବା ପର୍ଯ୍ୟାବରଣ ପର୍ଯ୍ୟଟନ (ଇକୋ-ଟୁରିଜମ୍)**

(କ) ପର୍ଯ୍ୟାବରଣ -ସମ୍ବେଦନଶୀଳ ଅଞ୍ଚଳ ମଧ୍ୟରେ ଥିବା ସମସ୍ତ ନୂତନ ପର୍ଯ୍ୟାବରଣ ପର୍ଯ୍ୟଟନ କାର୍ଯ୍ୟକଳାପ କିମ୍ବା ପର୍ଯ୍ୟଟନ କାର୍ଯ୍ୟକଳାପର ସମ୍ପ୍ରସାରଣ ପର୍ଯ୍ୟାବରଣ -ସମ୍ବେଦନଶୀଳ ଅଞ୍ଚଳ ପାଇଁ ପର୍ଯ୍ୟଟନ ମାଷ୍ଟର ପ୍ଲାନ୍ ଅନୁଯାୟୀ ହେବ;

(ଖ) ରାଜ୍ୟ ପରିବେଶ ଏବଂ ଜଙ୍ଗଲ ବିଭାଗ ସହିତ ପରାମର୍ଶ କରି ରାଜ୍ୟ ପର୍ଯ୍ୟଟନ ବିଭାଗ ଦ୍ୱାରା ପର୍ଯ୍ୟଟନ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ହେବ;

(ଗ) ପର୍ଯ୍ୟଟନ ମାଷ୍ଟର ପ୍ଲାନ୍ ଜୋନାଲ ମାଷ୍ଟର ପ୍ଲାନର ଏକ ଅଂଶ ହେବ;

(ଘ) ପର୍ଯ୍ୟାବରଣ -ସମ୍ବେଦନଶୀଳ ଜୋନ୍‌ର ବହନ କରିବାର କ୍ଷମତା ଉପରେ ଆଧାର କରି ପର୍ଯ୍ୟଟନ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ହେବ;

(ଙ) ପର୍ଯ୍ୟାବରଣ ପର୍ଯ୍ୟଟନର କାର୍ଯ୍ୟକଳାପ ନିମ୍ନୋକ୍ତ ଅଧୀନରେ ନିୟନ୍ତ୍ରିତ ହେବ, ଯଥା: -

(୧) ସଂରକ୍ଷିତ ଅଞ୍ଚଳର ସୀମାଠାରୁ ଏକ କିଲୋମିଟର ମଧ୍ୟରେ କିମ୍ବା ପର୍ଯ୍ୟାବରଣ -ସମ୍ବେଦନଶୀଳ ଅଞ୍ଚଳ ସୀମା ପର୍ଯ୍ୟନ୍ତ, ଏହା ମଧ୍ୟରୁ ଯାହା ନିକଟତର, ସେ ପର୍ଯ୍ୟନ୍ତ ହୋଟେଲ ଏବଂ ରିସୋର୍ଟଗୁଡିକର ନୂତନ ନିର୍ମାଣକୁ ଅନୁମତି ଦିଆଯିବ ନାହିଁ; ପରନ୍ତୁ ଇକୋ-ଟୁରିଜିମ୍ ସୁବିଧା ପାଇଁ ସଂରକ୍ଷିତ ଅଞ୍ଚଳର ସୀମାଠାରୁ ଏକ କିଲୋମିଟରର ଦୂରତ୍ୱରୁ ଇକୋ-ସମ୍ବେଦନଶୀଳ ଜୋନ ସୀମା ପର୍ଯ୍ୟନ୍ତ, ପୂର୍ବ ନିର୍ଦ୍ଧାରିତ ଏବଂ ନିର୍ଦ୍ଦିଷ୍ଟ ଅଞ୍ଚଳରେ ପର୍ଯ୍ୟଟନ ମାଷ୍ଟର ପ୍ଲାନ୍ ଅନୁଯାୟୀ ନୂତନ ହୋଟେଲ ଏବଂ ରିସୋର୍ଟ ପ୍ରତିଷ୍ଠା ପାଇଁ କେବଳ ଅନୁମତି ପ୍ରଦାନ କରାଯିବ;

(୨) ଇକୋ-ସମ୍ବେଦନଶୀଳ ଜୋନ୍ ମଧ୍ୟରେ ସମସ୍ତ ନୂତନ ପର୍ଯ୍ୟଟନ କାର୍ଯ୍ୟକଳାପ କିମ୍ବା ବିଦ୍ୟମାନ ପର୍ଯ୍ୟଟନ କାର୍ଯ୍ୟକଳାପର ସମ୍ପ୍ରସାରଣ କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଏବଂ ପର୍ଯ୍ୟାବରଣ ପର୍ଯ୍ୟଟନ, ପର୍ଯ୍ୟାବରଣ ଶିକ୍ଷା ଏବଂ ପର୍ଯ୍ୟାବରଣ ବିକାଶ ଉପରେ ଗୁରୁତ୍ୱ ଦେଇ ଜାତୀୟ ବ୍ୟାଘ୍ର ସଂରକ୍ଷଣ ଅଧିକାରୀ ଦ୍ୱାରା ଜାରି କରାଯାଇଥିବା ଇକୋ-ଟୁରିଜମ୍ ନିର୍ଦ୍ଦେଶାବଳୀ (ସମୟ ସମୟରେ ସଂଶୋଧିତ) ଅନୁଯାୟୀ ହେବ;

(୩) ଜୋନାଲ ମାଷ୍ଟର ପ୍ଲାନ ଅନୁମୋଦନ ହେବା ପର୍ଯ୍ୟନ୍ତ, ପର୍ଯ୍ୟଟନ ପାଇଁ ବିକାଶ ଏବଂ ବିଦ୍ୟମାନ ପର୍ଯ୍ୟଟନ କାର୍ଯ୍ୟକଳାପର ସମ୍ପ୍ରସାରଣ ସଂପୃକ୍ତ ନିୟାମକ କର୍ତ୍ତୃପକ୍ଷଙ୍କ ଦ୍ୱାରା ବାସ୍ତବିକ ସ୍ଥଳବିଶିଷ୍ଟ ସମୀକ୍ଷା ଏବଂ ତଦାରଖ କମିଟିର ସୁପାରିଶ ଉପରେ ଆଧାର କରି ଅନୁମତି ପ୍ରଦାନ କରାଯିବ ଏବଂ ଇକୋ-ସମ୍ବେଦନଶୀଳ ଜୋନ୍ ଅଞ୍ଚଳରେ କୌଣସି ନୂତନ ହୋଟେଲ, ରିସର୍ଟ କିମ୍ବା ବାଣିଜ୍ୟିକ ପ୍ରତିଷ୍ଠାନ ନିର୍ମାଣ ପାଇଁ ଅନୁମତି ପ୍ରଦାନ କରାଯିବ ନାହିଁ ।

**(୪) ପ୍ରାକୃତିକ ଐତିହ୍ୟ –** ଇକୋ ସମ୍ବେଦନଶୀଳ ଜୋନ୍‌ରେ ମୂଲ୍ୟବାନ ପ୍ରାକୃତିକ ଐତିହ୍ୟର ସମସ୍ତ ସ୍ଥାନ ଯେପରିକି ଜିନ୍ ପୁଲ୍ ରିଜର୍ଭ ଅଞ୍ଚଳ, ଶିଳା ସଂରଚନା , ଜଳପ୍ରପାତ, ଝରଣା, ଘାଟ, ଉପବନ, ଗୁମ୍ଫା, ସ୍ଥଳ, ବନପଥ, ଆରୋହଣ ମାର୍ଗ, ଶିଖର ଇତ୍ୟାଦି ଚିହ୍ନଟ ହେବ ଏବଂ ସେଗୁଡିକର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଜୋନାଲ ମାଷ୍ଟର ପ୍ଲାନର ଏକ ଅଂଶ ଭାବରେ ଏକ ଐତିହ୍ୟ ସଂରକ୍ଷଣ ଯୋଜନା ପ୍ରସ୍ତୁତ କରାଯିବ ।

**(୫) ମନୁଷ୍ୟକୃତ ଐତିହ୍ୟ ସ୍ଥଳ-** କୋଠାଘର, ସଂରଚନା, କଳାକୃତି କ୍ଷେତ୍ର ତଥା ଐତିହାସିକ, ସ୍ଥାପତ୍ୟ ସମ୍ବନ୍ଧୀୟ, ସୌନ୍ଦର୍ଯ୍ୟାତ୍ମକ ଏବଂ ସାଂସ୍କୃତିକ ମହତ୍ତ୍ୱର କ୍ଷେତ୍ରଗୁଡିକ ଇକୋ ସମ୍ବେଦନଶୀଳ ଜୋନ୍ ରେ ଚିହ୍ନଟ ହେବ ଏବଂ ସେଗୁଡିକର ସଂରକ୍ଷଣ ପାଇଁ ଜୋନାଲ ମାଷ୍ଟର ପ୍ଲାନର ଅଂଶ ଭାବରେ ଐତିହ୍ୟ ସଂରକ୍ଷଣ ଯୋଜନା ପ୍ରସ୍ତୁତ ହେବ ।

**(୬) ଶବ୍ଦ ପ୍ରଦୂଷଣ -** ପରିବେଶ ଅଧିନିୟମ ଅଧୀନସ୍ଥ ଶବ୍ଦ ପ୍ରଦୂଷଣ (ନିୟମାବଳୀ ଏବଂ ନିୟନ୍ତ୍ରଣ) ନିୟମ, 2000 ର ନିୟମାବଳୀ ଅନୁଯାୟୀ ଇକୋ-ସମ୍ବେଦନଶୀଳ ଜୋନ୍ ରେ ଶବ୍ଦ ପ୍ରଦୂଷଣକୁ ରୋକାଯିବ ଏବଂ ନିୟନ୍ତ୍ରଣ କରାଯିବ ।

**(୭) ବାୟୁ ପ୍ରଦୂଷଣ -** ବାୟୁ (ପ୍ରଦୂଷଣର ପ୍ରତିରୋଧ ଏବଂ ନିୟନ୍ତ୍ରଣ) ଅଧିନିୟମ, 1981 (1981 ର 14) ଏବଂ ପରିବେଶ (ସୁରକ୍ଷା) ଅଧିନିୟମ, 1986 ଏବଂ ଏହି ଅଧିନିୟମ ଅଧିନରେ ତିଆରି ହୋଇଥିବା ନିୟମ ଅନୁଯାୟୀ ଇକୋ-ସମ୍ବେଦନଶୀଳ ଜୋନ୍ ରେ ବାୟୁ ପ୍ରଦୂଷଣକୁ ରୋକାଯିବ ଏବଂ ନିୟନ୍ତ୍ରଣ କରାଯିବ।

**(୮) ଦୂଷିତ ଜଳ ନିଷ୍କାସନ -** ଜଳ (ପ୍ରଦୂଷଣର ପ୍ରତିରୋଧ ଏବଂ ନିୟନ୍ତ୍ରଣ) ଅଧିନିୟମ, 1974 (1974 ର 6) ଏବଂ ପରିବେଶ (ସଂରକ୍ଷଣ) ଅଧିନିୟମ, 1986 ଏବଂ ଏହି ଅଧିନିୟମ ଅଧିନରେ ତିଆରି ହୋଇଥିବା ନିୟମ ଅନୁଯାୟୀ ଇକୋ-ସମ୍ବେଦନଶୀଳ ଜୋନ୍ ରେ ବିଶୋଧିତ ଜଳର ନିଷ୍କାସନ କରାଯିବ।

**(୯) କଠିନ ବର୍ଜ୍ୟବସ୍ତୁ -** କଠିନ ବର୍ଜ୍ୟବସ୍ତୁ ନିଷ୍କାସନ ଏବଂ ପରିଚାଳନା ନିମ୍ନୋକ୍ତ ଉପାୟରେ କରାଯିବ : -

(କ) ଇକୋ-ସମ୍ବେଦନଶୀଳ ଜୋନ୍‌ରେ କଠିନ ବର୍ଜ୍ୟବସ୍ତୁ ନିଷ୍କାସନ ଏବଂ ପରିଚାଳନା ସମୟ ସମୟରେ ସଂଶୋଧିତ ହୋଇଥିବା କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016 ଯାହା ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଅଧିସୂଚନା ସଂଖ୍ୟା ଏସ୍.ଓ 1357 (ଇ), 8 ଏପ୍ରିଲ, 2016 ତାରିଖ ଦ୍ୱାରା ପ୍ରକାଶିତ ନିୟମ ଅନୁଯାୟୀ କରାଯିବ; ଇକୋ-ସମ୍ବେଦନଶୀଳ ଜୋନ୍ ବାହାରେ ଚିହ୍ନଟ ହୋଇଥିବା ସ୍ଥାନରେ ଅଜୈବିକ ପଦାର୍ଥ ଏକ ପରିବେଶ ଗ୍ରହଣୀୟ ପଦ୍ଧତିରେ ନିଷ୍କାସିତ କରାଯାଇପାରେ;

(ଖ) ସ୍ଥାନୀୟ କର୍ତ୍ତୃପକ୍ଷ କଠିନ ବର୍ଜ୍ୟବସ୍ତୁକୁ ଜୈବ ନିମ୍ନୀକରଣ ଯୋଗ୍ୟ ଏବଂ ଜୈବ ନିମ୍ନୀକରଣ ଅଯୋଗ୍ୟ ଉପାଦାନ ଭାବରେ ପୃଥକ କରିବା ପାଇଁ ଯୋଜନା ପ୍ରସ୍ତୁତ କରିବେ;

(ଗ) ଜୈବ ନିମ୍ନୀକରଣ ଯୋଗ୍ୟ ସାମଗ୍ରୀକୁ ଖତ (କମ୍ପୋଷ୍ଟିଂ) କିମ୍ବା ଜିଆଖତ (ଭର୍ମିକଲଚର) ମାଧ୍ୟମରେ ପୁନଃ ବ୍ୟବହାର କରାଯିବ;

(ଘ) ଅଜୈବ ପଦାର୍ଥଗୁଡିକ ପରିବେଶ ଅନୁକୂଳ ପଦ୍ଧତିରେ ଇକୋ-ସମ୍ବେଦନଶୀଳ ଜୋନ୍ ବାହାରେ ଚିହ୍ନଟ ହୋଇଥିବା ସ୍ଥାନରେ ନିଷ୍କାସିତ ହେବ । ଇକୋ-ସମ୍ବେଦନଶୀଳ ଜୋନ୍ ରେ କଠିନ ବର୍ଜ୍ୟବସ୍ତୁକୁ ଜାଳିବା କିମ୍ବା ଦହନ କରିବା ନିମିତ୍ତ ଅନୁମତି ପ୍ରଦାନ କରାଯିବ ନାହିଁ ।

**(୧୦) ଜୈବ-ଚିକିତ୍ସାଳୟ ବର୍ଜ୍ୟବସ୍ତୁ -** ଇକୋ-ସମ୍ବେଦନଶୀଳ ଜୋନ୍‌ରେ ଜୈବ-ଚିକିତ୍ସାଳୟ ବର୍ଜ୍ୟବସ୍ତୁ ନିଷ୍କାସନ, ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଅଧିସୂଚନା ନମ୍ବର ଜି.ଏସ୍.ଆର୍. 343 (ଇ), 28 ମାର୍ଚ୍ଚ, 2016 ତାରିଖ ମାଧ୍ୟମରେ ଦ୍ୱାରା ପ୍ରକାଶିତ ହୋଇଥିବା ଜୈବ-ଚିକିତ୍ସାଳୟ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016 ଅନୁଯାୟୀ କରାଯିବ ।

**(୧୧) ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା-** ଇକୋ-ସମ୍ବେଦନଶୀଳ ଜୋନ୍ ରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା, ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଅଧିସୂଚନା ନମ୍ବର ଜି.ଏସ୍. ଆର୍. 340 (ଇ), 18 ମାର୍ଚ୍ଚ, 2016 ତାରିଖ ଦ୍ୱାରା ପ୍ରକାଶିତ ଏବଂ ସମୟ ସମୟରେ ସଂଶୋଧିତ ହୋଇଥିବା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016 ଅନୁଯାୟୀ କରାଯିବ ।

**(୧୨) ନିର୍ମାଣ ଏବଂ ଭାଙ୍ଗିବା କାର୍ଯ୍ୟ ଜନିତ ବର୍ଜ୍ୟବସ୍ତୁ ପରିଚାଳନା –** ଇକୋ-ସମ୍ବେଦନଶୀଳ ଜୋନ୍ ରେ ନିର୍ମାଣ ଏବଂ ଭାଙ୍ଗିବା କାର୍ଯ୍ୟ ଜନିତ ବର୍ଜ୍ୟବସ୍ତୁ ପରିଚାଳନା, ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଅଧିସୂଚନା ନମ୍ବର ଜି.ଏସ୍.ଆର୍. 317 (ଇ), 29 ମାର୍ଚ୍ଚ, 2016 ତାରିଖ ଦ୍ୱାରା ପ୍ରକାଶିତ ଏବଂ ସମୟ ସମୟରେ ସଂଶୋଧିତ ହୋଇଥିବା ନିର୍ମାଣ ଏବଂ ଭାଙ୍ଗିବା କାର୍ଯ୍ୟ ଜନିତ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016 ଅନୁଯାୟୀ କରାଯିବ ।

**(୧୩) ଇ-ବର୍ଜ୍ୟବସ୍ତୁ -** ଇକୋ-ସମ୍ବେଦନଶୀଳ ଜୋନ୍ ରେ ଇ-ବର୍ଜ୍ୟବସ୍ତୁ ପରିଚାଳନା, ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଦ୍ୱାରା ପ୍ରକାଶିତ ଏବଂ ସମୟ ସମୟରେ ସଂଶୋଧିତ ହୋଇଥିବା ଇ-ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016 ଅନୁଯାୟୀ କରାଯିବ।

**(୧୪) ଯାନବାହନ ଯାତାୟାତ –** ଯାନବାହନ ଚଳାଚଳ ଏକ ପ୍ରାକୃତିକ ବାସସ୍ଥାନ ଅନୁକୂଳ ପଦ୍ଧତିରେ ନିୟନ୍ତ୍ରିତ ହେବ ଏବଂ ଏହା ସମ୍ପର୍କରେ ଜୋନାଲ ମାଷ୍ଟର ପ୍ଲାନରେ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଅନ୍ତର୍ଭୁକ୍ତ ହେବ ଏବଂ ଜୋନାଲ ମାଷ୍ଟର ଯୋଜନା ପ୍ରସ୍ତୁତ ହେବା ଏବଂ ରାଜ୍ୟ ସରକାରଙ୍କ ଦକ୍ଷ ଅଧିକାରୀଙ୍କ ଦ୍ୱାରା ଅନୁମୋଦିତ ହେବା ପର୍ଯ୍ୟନ୍ତ, ତଦାରଖ କମିଟି ପ୍ରାସଙ୍ଗିକ ଅଧିନିୟମ ଏବଂ ଏହା ଅଧିନରେ କରାଯାଇଥିବା ନିୟମାବଳୀ ଅନୁଯାୟୀ ଯାନବାହନର ଗତିବିଧି ଉପରେ ନଜର ରଖିବ ।

**(୧୫) ଯାନବାହନ ପ୍ରଦୂଷଣ -** ଯାନବାହନ ପ୍ରଦୂଷଣକୁ ରୋକିବା ଏବଂ ନିୟନ୍ତ୍ରଣ ପ୍ରଯୁଜ୍ୟ ନିୟମ ଅନୁଯାୟୀ ହେବ ଏବଂ ସ୍ୱଚ୍ଛ ଇନ୍ଧନ ବ୍ୟବହାର ପାଇଁ ପ୍ରୟାସ କରାଯିବ ।

**(୧୬) ଶିଳ୍ପ ସଂସ୍ଥା (ଇଣ୍ଡଷ୍ଟ୍ରିଆଲ୍ ୟୁନିଟ୍)**

(କ) ସରକାରୀ ରାଜପତ୍ରରେ (ଅଫିସିଆଲ୍ ଗେଜେଟ) ଏହି ଅଧିସୂଚନା ପ୍ରକାଶ ପାଇବା ଦିନ କିମ୍ବା ପରେ, ଇକୋ-ସମ୍ବେଦନଶୀଳ ଜୋନ୍ ମଧ୍ୟରେ କୌଣସି ନୂତନ ପ୍ରଦୂଷଣକାରୀ ଶିଳ୍ପକୁ ସ୍ଥାପନ କରିବାକୁ ଅନୁମତି ଦିଆଯିବ ନାହିଁ;

(ଖ) କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଫେବୃଆରୀ, 2016 ରେ ଜାରି ଏବଂ ସମୟ ସମୟରେ ସଂଶୋଧିତ କରାଯାଇଥିବା ନିର୍ଦ୍ଦେଶାବଳୀରେ ଶିଳ୍ପଗୁଡିକର ବର୍ଗୀକରଣ ଅନୁଯାୟୀ, ଯେ ପର୍ଯ୍ୟନ୍ତ ଏହି ଅଧିସୂଚନାରେ ଉଲ୍ଲେଖ କରାଯାଇ ନାହିଁ , କେବଳ ପ୍ରଦୂଷଣ ବିହୀନ ଶିଳ୍ପଗୁଡିକୁ ଇକୋ-ସମ୍ବେଦନଶୀଳ ଜୋନ୍ ମଧ୍ୟରେ ଅନୁମତି ଦିଆଯିବ, ଏବଂ ଏହା ସହିତ, ପ୍ରଦୂଷଣବିହୀନ କୁଟୀର ଶିଳ୍ପକୁ ପ୍ରୋତ୍ସାହିତ କରାଯିବ ।

**(୧୭) ପାହାଡ଼ ଢାଲୁର ସୁରକ୍ଷା -** ପାହାଡ ଢାଲୁର ସୁରକ୍ଷା ନିମ୍ନୋକ୍ତ ପ୍ରକାରେ ହେବ: -

(କ) ଜୋନାଲ ମାଷ୍ଟର ପ୍ଲାନ ପାହାଡ ଢାଲୁରେ ଥିବା ସ୍ଥାନଗୁଡ଼ିକୁ ସୂଚିତ କରିବ, ଯେଉଁଠାରେ କୌଣସି ନିର୍ମାଣ କରିବା ପାଇଁ ଅନୁମତି ଦିଆଯିବ ନାହିଁ;

(ଖ) ଯେଉଁ ଢାଲୁ କିମ୍ବା ବିଦ୍ୟମାନ ତୀଖ ପାହାଡ ଢାଲୁରେ ଅତ୍ୟଧିକ ଭୂସ୍ଖଳନ ହେଉଥିବ,ସେଠାରେ ନିର୍ମାଣ କରିବାକୁ ଅନୁମତି ଦିଆଯିବ ନାହିଁ ।

**୪. ଇକୋ-ସମ୍ବେଦନଶୀଳ ଜୋନ୍ ମଧ୍ୟରେ ନିଷେଧ କିମ୍ବା ନିୟନ୍ତ୍ରିତ କାର୍ଯ୍ୟକଳାପଗୁଡିକର ତାଲିକା** - ଇକୋ-ସମ୍ବେଦନଶୀଳ ଜୋନ୍‌ର ସମସ୍ତ କାର୍ଯ୍ୟକଳାପ ପରିବେଶ ଅଧିନିୟମ ଏବଂ ଏହା ଅଧିନରେ ସୃଷ୍ଟ ନିୟମ ଯଥା-ଉପକୂଳ ବିନିୟମ ଜୋନ (କୋଷ୍ଟାଲ୍ ରେଗୁଲେସନ୍ ଜୋନ୍), 2011 ଏବଂ ପରିବେଶ ପ୍ରଭାବ ଆକଳନ ଅଧିସୂଚନା, 2006 ଏବଂ ଅନ୍ୟାନ୍ୟ ନିୟମାବଳୀ ଯଥା-ଜଙ୍ଗଲ (ସଂରକ୍ଷଣ) ଅଧିନିୟମ, 1980 (1980 ର 69) , ଭାରତୀୟ ଜଙ୍ଗଲ ଅଧିନିୟମ, 1927 (1927 ର 16), ବନ୍ୟଜନ୍ତୁ (ସଂରକ୍ଷଣ) ଅଧିନିୟମ 1972 (1972 ର 53) ଏବଂ ଏଥିରେ ହୋଇଥିବା ସଂଶୋଧନ ଅନୁସାରେ ଏବଂ ନିମ୍ନ ସାରଣୀରେ ଉଲ୍ଲେଖ ହୋଇଥିବା ନିର୍ଦ୍ଦିଷ୍ଟ ପଦ୍ଧତିରେ ନିୟନ୍ତ୍ରିତ ହେବ, ଯଥା: -

### ସାରଣୀ

| କ୍ର.ସଂ. | କାର୍ଯ୍ୟକଳାପ | ବର୍ଣ୍ଣନା |
|---|---|---|
| | | କ. ନିଷେଧ କାର୍ଯ୍ୟକଳାପ |
| ୧. | ବାଣିଜ୍ୟିକ ଖଣି ଖନନ, ପଥର ଖନନ ଏବଂ ଚୂର୍ଣ୍ଣ (କ୍ରସିଙ୍ଗ) ୟୁନିଟ୍ । | (କ) ଇକୋ-ସମ୍ବେଦନଶୀଳ ଜୋନ୍ ମଧ୍ୟରେ ପ୍ରକୃତ ସ୍ଥାନୀୟ ବାସିନ୍ଦାଙ୍କ ଘରୋଇ ଆବଶ୍ୟକତା ପୂରଣ ଯଥା ଘର ନିର୍ମାଣ କିମ୍ବା ମରାମତି ପାଇଁ ମାଟି ଖୋଳିବା ବ୍ୟତୀତ ସମସ୍ତ ନୂତନ ଏବଂ ବିଦ୍ୟମାନ ଖଣି ଖନନ (ଗୌଣ ଏବଂ ପ୍ରମୁଖ ଖଣିଜ ପଦାର୍ଥ), ପଥର ଖନନ ଏବଂ ଚୂର୍ଣ୍ଣ (କ୍ରସିଙ୍ଗ) ୟୁନିଟ୍ ତୁରନ୍ତ ନିଷେଧ ହେବ; |
| | | (ଖ) ନିମ୍ନଲିଖିତ ମାମଲାରେ ମାନ୍ୟବର ସର୍ବୋଚ୍ଚ କୋର୍ଟଙ୍କ ପ୍ରଦତ୍ତ ନିର୍ଦ୍ଦେଶ ଅନୁଯାୟୀ ଖଣି ଖନନ କାର୍ଯ୍ୟ କରାଯିବ:<br>(i) 1995 ର ଡବ୍ଲ୍ୟୁ.ପି. (ସି) ସଂଖ୍ୟା 202, 4 ଅଗଷ୍ଟ, 2006 ତାରିଖରେ ଟି.ଏନ୍. ଗୋଦାବର୍ମନ ଥିରୁମୁଲପାଦ ବନାମ ୟୁଓଆଇ ମାମଲାରେ ପ୍ରଦତ୍ତ ଆଦେଶ।<br>(ii) 2012 ର ଡବ୍ଲ୍ୟୁ.ପି. (ସି) ସଂଖ୍ୟା 435, 21 ଏପ୍ରିଲ୍, 2014 ତାରିଖରେ ଗୋଆ ଫାଉଣ୍ଡେସନ ବନାମ ୟୁଓଆଇ ମାମଲାରେ ପ୍ରଦତ୍ତ ଆଦେଶ।<br>(iii) 1995 ର ଡବ୍ଲ୍ୟୁ.ପି. (ସି) ସଂଖ୍ୟା 202, 28 ଏପ୍ରିଲ୍, 2023 ତାରିଖରେ ଟି.ଏନ୍. ଗୋଦାବର୍ମନ ଥିରୁମୁଲପାଦ ବନାମ ୟୁଓଆଇ ମାମଲାରେ ପ୍ରଦତ୍ତ ଆଦେଶ। |
| ୨. | ପ୍ରଦୂଷଣ (ଜଳ, ବାୟୁ, ମୃତ୍ତିକା, ଶବ୍ଦ ଇତ୍ୟାଦି)ସୃଷ୍ଟି କରୁଥିବା ଉଦ୍ୟୋଗଗୁଡିକର ସ୍ଥାପନ । | ଇକୋ-ସମ୍ବେଦନଶୀଳ ଜୋନ୍ ରେ କୌଣସି ନୂତନ ପ୍ରଦୂଷଣକାରୀ ଉଦ୍ୟୋଗଗୁଡିକର ସ୍ଥାପନ କିମ୍ବା ବର୍ତ୍ତମାନ ପ୍ରଦୂଷଣ କରୁଥିବା ଉଦ୍ୟୋଗର ବିସ୍ତାରକୁ ଅନୁମତି ଦିଆଯିବ ନାହିଁ । ବିଦ୍ୟମାନ ଉଦ୍ୟୋଗଗୁଡିକ ଦ୍ୱାରାବ ପ୍ରଦୂଷଣ ପ୍ରତିରୋଧ ପ୍ରଯୁକ୍ତିବିଦ୍ୟା ଏବଂ ଶବ୍ଦ ଅବରୋଧକ ସ୍ଥାପନ କରାଯିବା ଉଚିତ । |
| ୩. | ବୃହତ୍ ଜଳ ବିଦ୍ୟୁତ୍ ପ୍ରକଳ୍ପର ସ୍ଥାପନା । | ନିଷେଧ । |
| ୪. | ଏକ ବିପଜ୍ଜନକ ପଦାର୍ଥର ବ୍ୟବହାର କିମ୍ବା ଉତ୍ପାଦନ କିମ୍ବା ପ୍ରକ୍ରିୟାକରଣ । | ନିଷେଧ। |
| ୫. | ପ୍ରାକୃତିକ ଜଳାଶୟରେ କିମ୍ବା ସ୍ଥଳଭାଗରେ ଅଶୋଧିତ ଦୂଷିତ ଜଳପ୍ରବାହର ନିଷ୍କାସନ । | ନିଷେଧ । |
| ୬. | କରତ କଳ ସ୍ଥାପନ। | ଇକୋ-ସମ୍ବେଦନଶୀଳ ଜୋନ୍ ମଧ୍ୟରେ କୌଣସି ନୂତନ କରତ କଳର ସ୍ଥାପନ କିମ୍ବା ବିଦ୍ୟମାନ କରତ କଳର ବିସ୍ତାର ନିମିତ୍ତ ଅନୁମତି ଦିଆଯିବ ନାହିଁ । |
| ୭. | ଇଟାଭାଟିର ସ୍ଥାପନ। | ନିଷେଧ । |

| | | |
|---|---|---|
| ୮. | ପଲିଥିନ ବ୍ୟାଗ ବ୍ୟବହାର । | ନିଷେଧ । |
| ୯. | ଜାଳେଣୀକାଠର ବ୍ୟବସାୟିକ ବ୍ୟବହାର। | ନିଷେଧ। |
| | **ଖ. ନିୟନ୍ତ୍ରିତ କାର୍ଯ୍ୟକଳାପ** | |
| ୧୦. | ହୋଟେଲ ଏବଂ ରିସୋର୍ଟଗୁଡ଼ିକର ବ୍ୟବସାୟ ପାଇଁ ସ୍ଥାପନ । | ଇକୋ-ଟୁରିଜିମ୍ କାର୍ଯ୍ୟକଳାପ ପାଇଁ କ୍ଷୁଦ୍ର ଅସ୍ଥାୟୀ ସଂରଚନା ବ୍ୟତୀତ ସଂରକ୍ଷିତ ଅଞ୍ଚଳର ସୀମାର ଏକ କିଲୋମିଟର ମଧ୍ୟରେ କିମ୍ବା ଇକୋ-ସମ୍ବେଦନଶୀଳ ଜୋନ ସୀମା ମଧ୍ୟରୁ ଯାହା ନିକଟତର, ସେହି ସ୍ଥାନ ପର୍ଯ୍ୟନ୍ତ କୌଣସି ନୂତନ ବାଣିଜ୍ୟିକ ହୋଟେଲ ଏବଂ ରିସୋର୍ଟ ସ୍ଥାପନକୁ ଅନୁମତି ଦିଆଯିବ ନାହିଁ, ପରନ୍ତୁ, ସଂରକ୍ଷିତ ଅଞ୍ଚଳର ସୀମାଠାରୁ ଏକ କିଲୋମିଟର ଅତିକ୍ରମ କରି କିମ୍ବା ଇକୋ-ସମ୍ବେଦନଶୀଳ ଜୋନର ସୀମା ପର୍ଯ୍ୟନ୍ତ, ଯାହା ନିକଟତର, ସମସ୍ତ ନୂତନ ପର୍ଯ୍ୟଟନ କାର୍ଯ୍ୟକଳାପ କରିବା କିମ୍ବା ବିଦ୍ୟମାନ କାର୍ଯ୍ୟକଳାପର ସମ୍ପ୍ରସାରଣ କରିବା, ପର୍ଯ୍ୟଟନ ମାଷ୍ଟର ପ୍ଲାନ୍ ଏବଂ ପ୍ରଯୁଜ୍ୟ ନିର୍ଦ୍ଦେଶାବଳୀ ଅନୁସାରେ ହେବ। |
| ୧୧. | ନିର୍ମାଣ କାର୍ଯ୍ୟ। | (କ) ସଂରକ୍ଷିତ ଅଞ୍ଚଳର ସୀମାଠାରୁ ଏକ କିଲୋମିଟର ମଧ୍ୟରେ କିମ୍ବା ଇକୋ-ସମ୍ବେଦନଶୀଳ ଜୋନର ସୀମା ପର୍ଯ୍ୟନ୍ତ, ଯାହା ନିକଟତର, ସେ ପର୍ଯ୍ୟନ୍ତ କୌଣସି ପ୍ରକାରର ନୂତନ ବ୍ୟବସାୟିକ ନିର୍ମାଣକୁ ଅନୁମତି ଦିଆଯିବ ନାହିଁ: ପରନ୍ତୁ, ସ୍ଥାନୀୟ ବାସିନ୍ଦାଙ୍କ ଆବାସିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଅନୁଚ୍ଛେଦ 3 ର ଉପ-ଅନୁଚ୍ଛେଦ (1) ରେ ତାଲିକାଭୁକ୍ତ କାର୍ଯ୍ୟକଳାପ ସହିତ ସ୍ଥାନୀୟ ଲୋକଙ୍କୁ ସେମାନଙ୍କ ଜମିରେ ନିର୍ମାଣ କାର୍ଯ୍ୟ କରିବାକୁ, କୋଠା ନିର୍ମାଣ ନିୟମାବଳୀ (ବାଇ-ଲ) ଅନୁଯାୟୀ ଅନୁମତି ଦିଆଯିବ: ପରନ୍ତୁ, ଦକ୍ଷ ଅଧିକାରୀଙ୍କ ପୂର୍ବ ଅନୁମତି ସହିତ ପ୍ରଯୁଜ୍ୟ ନିୟମ, ଯଦି କିଛି ଥାଏ, ସେ ଅନୁସାରେ ପ୍ରଦୂଷଣ ସୃଷ୍ଟି କରୁ ନଥିବା କ୍ଷୁଦ୍ର ଶିଳ୍ପ ସହ ଜଡିତ ନିର୍ମାଣ କାର୍ଯ୍ୟକଳାପ ନିୟନ୍ତ୍ରିତ କରାଯିବ ଏବଂ ସର୍ବନିମ୍ନ ସ୍ତରରେ ରଖାଯିବ, (ଖ) ଏକ କିଲୋମିଟର ପରେ ଏହା ଜୋନାଲ ମାଷ୍ଟର ପ୍ଲାନ ଅନୁଯାୟୀ ନିୟନ୍ତ୍ରିତ ହେବ । |
| ୧୨. | ଅଣ ପ୍ରଦୂଷଣକାରୀ କ୍ଷୁଦ୍ରଶିଳ୍ପ। | ଫେବୃଆରୀ, ୨୦୧୬ ରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଜାରି କରାଯାଇଥିବା ଏବଂ ସମୟ ସମୟରେ ସଂଶୋଧିତ ହୋଇଥିବା ଶିଳ୍ପଗୁଡ଼ିକର ବର୍ଗୀକରଣ ଅନୁଯାୟୀ ଅଣ ପ୍ରଦୂଷଣକାରୀ ଶିଳ୍ପଗୁଡ଼ିକ ଏବଂ ଅଣ ବିପଜ୍ଜନକ, କ୍ଷୁଦ୍ର ଏବଂ ସେବା ଶିଳ୍ପ, କୃଷି, ପୁଷ୍ପଚାଷ, ଉଦ୍ୟାନ କୃଷି କିମ୍ବା କୃଷି ଭିତ୍ତିକ ଶିଳ୍ପ ମଧ୍ୟରୁ ଯେଉଁଗୁଡ଼ିକ ଇକୋ-ସମ୍ବେଦନଶୀଳ ଜୋନରୁ ସ୍ୱଦେଶୀ ସାମଗ୍ରୀରୁ ଉତ୍ପାଦ ଉତ୍ପାଦନ କରୁଥିବେ, ସେହି ଶିଳ୍ପଗୁଡ଼ିକକୁ ଅନୁମତି ଦିଆଯିବ । |
| ୧୩. | ଗଛ କାଟିବା | (କ) ରାଜ୍ୟ ସରକାରଙ୍କ ଦକ୍ଷ ଅଧିକାରୀଙ୍କ ପୂର୍ବ ଅନୁମତି ବିନା ଜଙ୍ଗଲ କିମ୍ବା ସରକାରୀ କିମ୍ବା ରାଜସ୍ୱ କିମ୍ବା ବେସରକାରୀ ଜମିରେ ଗଛ କଟାଯିବ ନାହିଁ। (ଖ) ଗଛ କାଟିବା ସମ୍ବନ୍ଧିତ କେନ୍ଦ୍ରୀୟ କିମ୍ବା ରାଜ୍ୟ ଅଧିନିୟମ ଏବଂ ତା ଅଧୀନରେ ତିଆରି ହୋଇଥିବା ନିୟମ ଅନୁଯାୟୀ ଗଛ କାଟିବା ନିୟନ୍ତ୍ରିତ ହେବ । |
| ୧୪. | ଜଙ୍ଗଲ ଉତ୍ପାଦ କିମ୍ବା ଅଣ କାଠ ଜଙ୍ଗଲ ଉତ୍ପାଦ ସଂଗ୍ରହ | ପ୍ରଯୁଜ୍ୟ ନିୟମ ଅନୁଯାୟୀ ନିୟନ୍ତ୍ରିତ ହେବ । |
| ୧୫. | ବୈଦ୍ୟୁତିକ ଏବଂ ଯୋଗାଯୋଗ ଟାୱାର ନିର୍ମାଣ ଏବଂ କେବୁଲ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ସ୍ଥାପନ | ଭୂତଳ କେବୁଲ ସ୍ଥାପନ ପ୍ରଯୁଜ୍ୟ ନିୟମ ଅନୁଯାୟୀ ନିୟନ୍ତ୍ରିତ କରିବା ନିମନ୍ତେ ପ୍ରୋତ୍ସାହିତ କରାଯାଇପାରେ । |
| ୧୬. | ନାଗରିକ ସୁବିଧା ସହିତ ଭିତ୍ତିଭୂମି | ପ୍ରଯୁଜ୍ୟ ନିୟମ, ଏବଂ ଉପଲବ୍ଧ ନିୟମାବଳୀ ଅନୁଯାୟୀ ନ୍ୟୁନୀକରଣ ପଦକ୍ଷେପ ଗ୍ରହଣ କରିବା । |
| ୧୭. | ବିଦ୍ୟମାନ ରାସ୍ତାଗୁଡ଼ିକର ପ୍ରଶସ୍ତିକରଣ ଏବଂ ସୁଦୃଢ଼ କରିବା ଏବଂ ନୂତନ ରାସ୍ତା ନିର୍ମାଣ କରିବା । | ପ୍ରଯୁଜ୍ୟ ନିୟମ, ଏବଂ ଉପଲବ୍ଧ ନିୟମାବଳୀ ସହିତ ଉପଯୁକ୍ତ ପରିବେଶ ପ୍ରଭାବ ଆକଳନ ଅନୁଯାୟୀ ନ୍ୟୁନୀକରଣ ପଦକ୍ଷେପ ଗ୍ରହଣ କରିବା । |
| ୧୮. | ପର୍ଯ୍ୟଟନ ସହିତ ଜଡିତ ଅନ୍ୟାନ୍ୟ କାର୍ଯ୍ୟକଳାପକୁ ଗ୍ରହଣ କରିବା ଯେପରିକି ଗରମ ବାୟୁ ବେଲୁନ୍, ହେଲିକପ୍ଟର, ଡ୍ରୋନ୍, ମାଇକ୍ରୋଲାଇଟ୍ ଇତ୍ୟାଦି ଦ୍ୱାରା ଇକୋ-ସମ୍ବେଦନଶୀଳ ଜୋନ୍ ଅଞ୍ଚଳରେ ଉଡ଼ିବା । | ପ୍ରଯୁଜ୍ୟ ନିୟମ ଅନୁଯାୟୀ ନିୟନ୍ତ୍ରିତ ହେବ । |
| ୧୯. | ପାହାଡ ଢାଲୁ ଏବଂ ନଦୀ କୂଳର ସଂରକ୍ଷଣ | ପ୍ରଯୁଜ୍ୟ ନିୟମ ଅନୁଯାୟୀ ନିୟନ୍ତ୍ରିତ ହେବ । |
| ୨୦. | ରାତିରେ ଯାନବାହନ ଯାତାୟାତର ଗତି | ପ୍ରଯୁଜ୍ୟ ନିୟମ ଅନୁଯାୟୀ ବ୍ୟବସାୟିକ ଉଦ୍ଦେଶ୍ୟ ପାଇଁ ନିୟନ୍ତ୍ରିତ ହେବ । |
| ୨୧. | ସ୍ଥାନୀୟ ସମ୍ପ୍ରଦାୟ ଦ୍ୱାରା କରାଯାଉଥିବା କୃଷି ଏବଂ ଉଦ୍ୟାନ କୃଷି ପଦ୍ଧତି ସହିତ ଗୋଶାଳା, ଦୁଗ୍ଧ ଉତ୍ପାଦନ, ଜଳୀୟ ଚାଷ ଏବଂ ମତ୍ସ୍ୟଚାଷ । | ସ୍ଥାନୀୟ ଲୋକଙ୍କ ବ୍ୟବହାର ପାଇଁ ପ୍ରଯୁଜ୍ୟ ନିୟମ ଅନୁଯାୟୀ ଅନୁମତିପ୍ରାପ୍ତ ହେବ । |
| ୨୨. | ପ୍ରାକୃତିକ ଜଳାଶୟ କିମ୍ବା ସ୍ଥଳଭାଗରେ ବିଶୋଧିତ ବର୍ଜ୍ୟଜଳ / ନିର୍ଗତ ଜଳ ନିଷ୍କାସନ । | ବିଶୋଧିତ ବର୍ଜ୍ୟଜଳ କିମ୍ବା ନିର୍ଗତ ଜଳ ନିଷ୍କାସନକୁ ଜଳାଶୟରେ ପ୍ରବେଶ କରାଇ ଦିଆଯିବ ନାହିଁ ଏବଂ ବିଶୋଧିତ ବର୍ଜ୍ୟଜଳର ପୁନଃଚକ୍ରଣ ଏବଂ ପୁନଃ ବ୍ୟବହାର ପାଇଁ ପ୍ରୟାସ କରାଯିବ । ଅନ୍ୟଥା, ବିଶୋଧିତ ବର୍ଜ୍ୟଜଳ / ନିର୍ଗତ ଜଳ ନିଷ୍କାସନ ପ୍ରଯୁଜ୍ୟ ନିୟମ ଅନୁଯାୟୀ ନିୟନ୍ତ୍ରିତ ହେବ । |
| ୨୩. | ଭୂପୃଷ୍ଠ ଏବଂ ଭୂତଳ ଜଳର ବ୍ୟବସାୟିକ ଉତ୍ତୋଳନ । | ପ୍ରଯୁଜ୍ୟ ନିୟମ ଅନୁଯାୟୀ ନିୟନ୍ତ୍ରିତ ହେବ । |
| ୨୪. | ଫାର୍ମ, କର୍ପୋରେଟ୍ କମ୍ପାନୀଗୁଡ଼ିକ ଦ୍ୱାରା ବୃହତ ଆକାରର ବାଣିଜ୍ୟିକ ପଶୁପାଳନ ଏବଂ କୁକୁଡ଼ା ଫାର୍ମ ସ୍ଥାପନ । | ସ୍ଥାନୀୟ ଲୋକଙ୍କ ବ୍ୟବହାର ପାଇଁ ପ୍ରଯୁଜ୍ୟ ନିୟମ ଅନୁଯାୟୀ ଅନୁମତିପ୍ରାପ୍ତ ହେବ। |
| ୨୫. | କୃଷି କିମ୍ବା ଅନ୍ୟାନ୍ୟ ବ୍ୟବହାର ପାଇଁ ଖୋଲା କୂଅ, ନଳ କୂଅ ଇତ୍ୟାଦି । | ନିୟନ୍ତ୍ରିତ କରାଯିବ ଏବଂ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି କାର୍ଯ୍ୟକଳାପକୁ କଡା ନଜର ରଖିବା ଉଚିତ୍ । |
| ୨୬. | କଠିନ ବର୍ଜ୍ୟବସ୍ତୁ ପରିଚାଳନା । | ପ୍ରଯୁଜ୍ୟ ନିୟମ ଅନୁଯାୟୀ ନିୟନ୍ତ୍ରିତ ହେବ । |
| ୨୭. | ବିଦେଶୀ ପ୍ରଜାତିକୁ ଆଣିବା । | ପ୍ରଯୁଜ୍ୟ ନିୟମ ଅନୁଯାୟୀ ନିୟନ୍ତ୍ରିତ ହେବ । |
| ୨୮. | ପରିବେଶ ପର୍ଯ୍ୟଟନ | ପ୍ରଯୁଜ୍ୟ ନିୟମ ଅନୁଯାୟୀ ନିୟନ୍ତ୍ରିତ ହେବ । |
| ୨୯. | ବାଣିଜ୍ୟିକ ସାଇନ୍ ବୋର୍ଡ ଏବଂ ହୋର୍ଡିଂ। | ପ୍ରଯୁଜ୍ୟ ନିୟମ ଅନୁଯାୟୀ ନିୟନ୍ତ୍ରିତ ହେବ । |
| | **ଗ. ପ୍ରୋତ୍ସାହନମୂଳକ କାର୍ଯ୍ୟକଳାପ ।** | |
| ୩୦. | ବର୍ଷା ଜଳ ଅମଳ । | ସକ୍ରିୟ ଭାବରେ ପ୍ରୋତ୍ସାହିତ କରାଯିବ । |
| ୩୧. | ଜୈବିକ କୃଷି । | ସକ୍ରିୟ ଭାବରେ ପ୍ରୋତ୍ସାହିତ କରାଯିବ । |
| ୩୨. | ସମସ୍ତ କାର୍ଯ୍ୟକଳାପ ପାଇଁ ସବୁଜ ପ୍ରଯୁକ୍ତିବିଦ୍ୟା ଗ୍ରହଣ । | ସକ୍ରିୟ ଭାବରେ ପ୍ରୋତ୍ସାହିତ କରାଯିବ। |
| ୩୩. | ଗାଁ କାରିଗରୀ ସହିତ କୁଟୀର ଶିଳ୍ପ । | ସକ୍ରିୟ ଭାବରେ ପ୍ରୋତ୍ସାହିତ କରାଯିବ। |
| ୩୪. | ଅକ୍ଷୟ ଶକ୍ତି ଏବଂ ଇନ୍ଧନର ବ୍ୟବହାର । | ବାୟୋ-ଗ୍ୟାସ୍, ସୌର ଆଲୋକ ଇତ୍ୟାଦି କୁ ସକ୍ରିୟ ଭାବରେ ପ୍ରୋତ୍ସାହିତ କରାଯିବ । |
| ୩୫. | କୃଷିଭିତ୍ତିକ ଜଙ୍ଗଲ । | ସକ୍ରିୟ ଭାବରେ ପ୍ରୋତ୍ସାହିତ କରାଯିବ । |
| ୩୬. | ଉଦ୍ୟାନ କୃଷି ଏବଂ ଔଷଧୀୟ ବୃକ୍ଷରୋପଣ । | ସକ୍ରିୟ ଭାବରେ ପ୍ରୋତ୍ସାହିତ କରାଯିବ । |
| ୩୭. | ପରିବେଶ ଅନୁକୂଳ ପରିବହନର ବ୍ୟବହାର । | ସକ୍ରିୟ ଭାବରେ ପ୍ରୋତ୍ସାହିତ କରାଯିବ । |
| ୩୮. | ଦକ୍ଷତା ବିକାଶ | ସକ୍ରିୟ ଭାବରେ ପ୍ରୋତ୍ସାହିତ କରାଯିବ । |
| ୩୯. | ଅବକ୍ଷୟୀ ଜମି / ଜଙ୍ଗଲ / ବାସସ୍ଥାନର ପୁନରୁଦ୍ଧାର । | ସକ୍ରିୟ ଭାବରେ ପ୍ରୋତ୍ସାହିତ କରାଯିବ । |
| ୪୦. | ପରିବେଶ ସଚେତନତା । | ସକ୍ରିୟ ଭାବରେ ପ୍ରୋତ୍ସାହିତ କରାଯିବ । |

**୫. ତଦାରଖ କମିଟି-** କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ମନିଟରିଂ କମିଟି ନାମରେ ଏକ କମିଟି ରହିବ ଯାହାକି ନିମ୍ନ ସାରଣୀରେ ଉଲ୍ଲେଖିତ ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ନେଇ ଗଠିତ ହେବ, ଯଥା: -

| କ୍ର.ସଂ. | ମନିଟରିଂ କମିଟିର ନିର୍ବାଚିତ ସଦସ୍ୟ | ପଦବୀ |
|---|---|---|
| ୧. | ଜିଲ୍ଲା କଲେକ୍ଟର, କେନ୍ଦ୍ରାପଡା | ଅଧ୍ୟକ୍ଷ, ପଦାଧିକାରୀ; |
| ୨. | ଭଦ୍ରକ ଜିଲ୍ଲା କଲେକ୍ଟରଙ୍କ ପ୍ରତିନିଧି । | ସଦସ୍ୟ, ପଦାଧିକାରୀ; |
| ୩. | ପୋଲିସ ଅଧୀକ୍ଷକ, କେନ୍ଦ୍ରାପଡା | ସଦସ୍ୟ, ପଦାଧିକାରୀ; |
| ୪. | ଭଦ୍ରକ ଜିଲ୍ଲା ପୋଲିସ ଅଧୀକ୍ଷକଙ୍କ ପ୍ରତିନିଧି | ସଦସ୍ୟ, ପଦାଧିକାରୀ; |
| ୫. | ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର ସଦସ୍ୟ ସଚିବଙ୍କ ପ୍ରତିନିଧି, | ସଦସ୍ୟ, ପଦାଧିକାରୀ; |
| ୬. | ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଣ-ସରକାରୀ ସଂଗଠନର ଜଣେ ପ୍ରତିନିଧି ଓଡ଼ିଶା ସରକାରଙ୍କ ଦ୍ୱାରା ମନୋନୀତ ହେବେ, ଯାହାଙ୍କର କାର୍ଯ୍ୟକାଳ ୩ ବର୍ଷରୁ ଅଧିକ ହେବ ନାହିଁ । | ଅଣ ସରକାରୀ ସଦସ୍ୟ; |
| ୭. | ପରିବେଶ, ବନ୍ୟପ୍ରାଣୀ ଏବଂ ପର୍ଯ୍ୟାବରଣ (ଇକୋଲୋଜି) କ୍ଷେତ୍ରରେ ଜଣେ ଜଣେ ବିଶେଷଜ୍ଞ ଓଡ଼ିଶା ସରକାରଙ୍କ ଦ୍ୱାରା ମନୋନୀତ ହେବେ ଯେଉଁମାନଙ୍କ କାର୍ଯ୍ୟକାଳ ୩ ବର୍ଷରୁ ଅଧିକ ହେବ ନାହିଁ; | ଅଣ ସରକାରୀ ସଦସ୍ୟ; |
| ୮. | ଜୈବ ବିବିଧତାର ଜଣେ ବିଶେଷଜ୍ଞ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହେବେ । | ସଦସ୍ୟ, ପଦାଧିକାରୀ; |
| ୯. | ବିଭାଗୀୟ ବନ ଅଧିକାରୀ, ଭଦ୍ରକ ବନ୍ୟପ୍ରାଣୀ ବିଭାଗ | ସଦସ୍ୟ, ପଦାଧିକାରୀ; |
| ୧୦. | ବିଭାଗୀୟ ବନ କାର୍ଯ୍ୟାଳୟ ତଥା ବନ୍ୟପ୍ରାଣୀ ୱାର୍ଡେନ, ହେନ୍ତାଳ ବନ ବିଭାଗ, (ବନ୍ୟପ୍ରାଣୀ) ରାଜନଗର | ସଦସ୍ୟ ସଚିବ, ପଦାଧିକାରୀ; |

**୬. ମନିଟରିଂ କମିଟିର କାର୍ଯ୍ୟ -**

(୧) ମନିଟରିଂ କମିଟି, ପ୍ରକୃତ ସ୍ଥାନ ନିର୍ଦ୍ଦିଷ୍ଟ ଅବସ୍ଥା କୁ ଆଧାର କରି, ଭାରତ ସରକାରଙ୍କର ତତ୍କାଳୀନ ପରିବେଶ ଏବଂ ଜଙ୍ଗଲ ମନ୍ତ୍ରଣାଳୟର ଅଧିସୂଚନା ସଂଖ୍ୟା ଏସ୍.ଓ. 1533 (ଇ), 14 ସେପ୍ଟେମ୍ବର, 2006 ତାରିଖର ଅନୁସୂଚୀର ଅଧିନରେ ସମ୍ମିଳିତ କରାଯାଇଥିବା କାର୍ଯ୍ୟକଳାପ ଏବଂ ଏହି ଅଧିସୂଚନାର ଅନୁଚ୍ଛେଦ 4 ଅନୁଯାୟୀ ସାରଣୀରେ ଉଲ୍ଲେଖ କରାଯାଇଥିବା ନିଷେଧ କାର୍ଯ୍ୟକଳାପ ବ୍ୟତୀତ ଅଧିସୂଚନାରେ ସୂଚୀତ ହୋଇଥିବା କାର୍ଯ୍ୟକଳାପକୁ ଯାଞ୍ଚ କରିବ ଏବଂ ଉକ୍ତ ଅଧିସୂଚନା ଅନୁଯାୟୀ ପୂର୍ବ ପରିବେଶ ମଞ୍ଜୁର ପାଇଁ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, କେନ୍ଦ୍ର ସରକାର କିମ୍ବା ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣଙ୍କୁ ସୂଚିତ କରିବ ।

(୨) ଏହି ଅଧିସୂଚନାର ଅନୁଚ୍ଛେଦ 4 ଅନୁଯାୟୀ ସାରଣୀରେ ଉଲ୍ଲେଖ କରାଯାଇଥିବା ନିଷେଧ କାର୍ଯ୍ୟକଳାପ ବ୍ୟତୀତ ଭାରତ ସରକାରଙ୍କର ତତ୍କାଳୀନ ପରିବେଶ ଏବଂ ଜଙ୍ଗଲ ମନ୍ତ୍ରଣାଳୟର ଅଧିସୂଚନା ସଂଖ୍ୟା ଏସ୍.ଓ. 1533 (ଇ), 14 ସେପ୍ଟେମ୍ବର, 2006 ତାରିଖର ଅନୁସୂଚୀ ଅଧିନରେ ସମ୍ମିଳିତ କରାଯାଇ ନଥିବା କାର୍ଯ୍ୟକଳାପ ମାତ୍ର ଏହା ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳରେ ଅନ୍ତର୍ଭୁକ୍ତ, ଏହି ପ୍ରକାର କାର୍ଯ୍ୟକଳାପ ପ୍ରକୃତ ସ୍ଥାନ ନିର୍ଦ୍ଦିଷ୍ଟ ଅବସ୍ଥା ଉପରେ ଆଧାର କରି ମନିଟରିଂ କମିଟି ଦ୍ୱାରା ଯାଞ୍ଚ କରାଯିବ ଏବଂ ସମ୍ପୃକ୍ତ ନିୟାମକ କର୍ତ୍ତୃପକ୍ଷଙ୍କୁ ପଠାଯିବ ।

(୩)ମନିଟରିଂ କମିଟିର ସଦସ୍ୟ-ସଚିବ କିମ୍ବା ସଂପୃକ୍ତ କଲେକ୍ଟର କିମ୍ବା ଜଙ୍ଗଲ ସହ ବନ ସଂରକ୍ଷକ ଜଙ୍ଗଲ ପରିବେଶ (ସଂରକ୍ଷଣ) ଅଧିନିୟମ, 1986 ଅନୁଯାୟୀ ଏହି ଅଧିସୂଚନାର ନିୟମକୁ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ ଦାଖଲ କରିପାରିବେ ।

(୪) ମନିଟରିଂ କମିଟି ସଂପୃକ୍ତ ବିଭାଗର ପ୍ରତିନିଧୀ କିମ୍ବା ବିଶେଷଜ୍ଞ, ଶିଳ୍ପ ସଙ୍ଗଠନର ପ୍ରତିନିଧୀ କିମ୍ବା ସଂପୃକ୍ତ ହିତାଧିକାରୀଙ୍କୁ ପ୍ରତ୍ୟେକ ମାମଲାରେ ଆବଶ୍ୟକତା ଅନୁଯାୟୀ ଏହାର ବିଚାରବିମର୍ଶରେ ସହାୟତା କରିବାକୁ ଆମନ୍ତ୍ରଣ କରିପାରନ୍ତି ।

(୫) ମନିଟରିଂ କମିଟି ପ୍ରତିବର୍ଷ 31 ମାର୍ଚ୍ଚ ପର୍ଯ୍ୟନ୍ତ ଏହାର କାର୍ଯ୍ୟକଳାପର ବାର୍ଷିକ କାର୍ଯ୍ୟାନୁଷ୍ଠାନ ରିପୋର୍ଟକୁ ସେହି ବର୍ଷ 30 ଜୁନ୍ ସୁଦ୍ଧା ଏହି ଅଧିସୂଚନାରେ ସଂଯୁକ୍ତ ପରିଶିଷ୍ଟ -4 ରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ପ୍ରୋ-ଫର୍ମା ଅନୁସାରେ ରାଜ୍ୟର ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନଙ୍କ ନିକଟରେ ଦାଖଲ କରିବ ।

(୬) କେନ୍ଦ୍ର ସରକାର ଏହାର କାର୍ଯ୍ୟଗୁଡ଼ିକର ପ୍ରଭାବଶାଳୀ ନିର୍ବାହନ କରିବା ପାଇଁ ମନିଟରିଂ କମିଟିକୁ ଲିଖିତ ଆକାରରେ ଦେଇପାରନ୍ତି ଯାହା ସେ ଉଚିତ ମନେ କରିବେ ।

**Relax, Refresh your body, mind at Saikrupa Spa with best therapies. 8984068077.** D-416

Newly open health benefits SPA special offer @ 999 Bapujinagar. 8018429809. D-76126

Fully relaxed body massage trained therapist. Central SPA. 9556483961. D-75747

Newly open Jyoti SPA positively health benefits (Expert therapist). 8458067955. D-76125

LOST

I Dasari Pratap, S/o- Late Dasari Veer Raju, R/o- Bargarh Railway Station Road, P.S./Dist.- Bargarh, Trustee of Kalahandi Vikash Charitable Trust have purchased the land bearing Khata No.-100/91, Mouza- Dunguripali, Tah- Belpada, Dist.- Balangir. That on 27.05.2024 while I was going to Tahasil Office Belpada from Laxmi Vikas Concept School, Dunguripali. I lost the document i.e. record of right Khata No.-100/91, Mouza- Dunguripali and Redg. sale deed bearing No.- 520 dt. 11.03.1994. That out of my sincere search I could not found the same any where. If any body found please contact Mob- 9778889999. D-469

AFFIDAVIT

By virtue of an affidavit sworn before the Executive Magistrate, Bhubaneswar on dated 7th June 2024, I, Mr. AKHANDAL NAYAK, Address- Plot No. N5/410, IRC Village, Bhubaneswar have changed my name from "AKHANDAL NAIK" to "AKHANDAL NAYAK". Henceforth, I shall be known as "Akhandal Nayak" for all purposes. D-467

## ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ



✓ସତ୍ୟଭାମା ତ୍ରିପାଠୀ
୫୬୨-ଏକାମ୍ରବିହାର, ଭୁବନେଶ୍ୱର
ଆବିର୍ଭାବ-୧୪.୦୭.୧୯୪୫
ତିରୋଧାନ-୧୧.୦୬.୨୦୨୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମର ସର୍ବଦା ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ :
ପୁତ୍ର, ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପରିବାର ବର୍ଗ, ଆତ୍ମୀୟସ୍ୱଜନ ଏବଂ କର୍ମଚାରୀବୃନ୍ଦ
ସୌଜନ୍ୟ - ଗଣେଷ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜି (ଗ୍ରୁପ୍ ଅଫ୍ ଇନିଷ୍ଟିଚ୍ୟୁସନ୍ସ)
ଧ-୪୬୨

ଶ୍ରାଦ୍ଧ ଦିବସ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ସରୋଜିନୀ ମହାନ୍ତି
ହଣ୍ଡପା, ଅନୁଗୋଳ
ଆବିର୍ଭାବ: ୦୬।୦୬।୧୯୩୯
ତିରୋଧାନ: ୦୮।୦୬।୨୦୨୦
ତୁମେ ଅଭିମାନ କରି ଆମ ସମସ୍ତଙ୍କୁ କନ୍ଦାଇ ସବୁ ଦିନ ପାଇଁ ଆରପାରିକୁ ଚାଲିଗଲ। ତୁମେ ଥିଲ ଦୃଢ଼ମନା, କର୍ମଠ, ସ୍ନେହୀ। ଘରର ରକ୍ଷକ ଥିଲ ତୁମେ। ତମର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଧର୍ମ ପରାୟଣତା ଚିରସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସପରିବାର ଓ ଆତ୍ମୀୟସ୍ୱଜନ।
ଧ-୪୬୩

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ମାନସ କୁମାର ମହାନ୍ତି
ଆବିର୍ଭାବ: ୨୦।୧୦।୧୯୮୬
ତିରୋଧାନ: ୨୭।୦୫।୨୦୨୪
ତୁମର ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ।
ଶୋକସନ୍ତପ୍ତ: ପରିବାର ଓ ନେତାଜୀ କ୍ଲବ୍ ସଦସ୍ୟଗଣ, ଦେଉଳସାହି, ଢେଙ୍କାନାଳ ଟାଉନ୍।
ଧ-୭୫୪୩୪

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q19972384@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ବଜାରରେ ହସ୍କଭର୍ନାର ନୂତନ ମଡେଲ



ଭୁବନେଶ୍ୱର,୭।୬

ହସ୍କଭର୍ନା ମୋଟରସାଇକେଲର ନୂତନ ମଡେଲ 'ଭିଟ୍‌ପିଲେନ୍-୨୫୦ ଏବଂ ସର୍ଟପିଲେନ୍ ୪୦୧'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏପରିକି ହସ୍କଭର୍ନା ମୋଟରସାଇକେଲ ନିକଟରେ କେଟିଏମ୍ ଇଣ୍ଡିଆ ସହ ସହଭାଗିତା ସ୍ଥାପନ କରିଥିଲାବେଳେ ଉଭୟ କମ୍ପାନୀ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଜରିଆରେ ଏହାର ବ୍ୟବସାୟିକ ବୁଝାମଣା କରିଛନ୍ତି। ଅପରପକ୍ଷରେ କେଟିଏମ୍ ଇଣ୍ଡିଆର ସର୍ବଭାରତୀୟ ଡିଲର ପଏଣ୍ଟ ଜରିଆରେ ଉଭୟ ମଡେଲର ଡେଲିଭରି ଓ ଅନାବରଣ କରାଯାଇଛି। ଏହି ପରିପ୍ରେକ୍ଷୀରେ କେଟିଏମ୍ ଇଣ୍ଡିଆର ସ୍ୱୀକୃତିପ୍ରାପ୍ତ ଡିଲର ସନ୍ଥାଲିଆ ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍ (କେଟିଏମ୍ ମଞ୍ଚେଶ୍ୱର ଏବଂ ଖଣ୍ଡଗିରି) ଜରିଆରେ ଉଭୟ ମଡେଲର ଅନାବରଣ ଉତ୍ସବ ଶୁକ୍ରବାର ୟୁନିଟ୍‌ସ୍ଥିତ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପରିସରରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ କେଟିଏମ୍ ଇଣ୍ଡିଆର ଏଏସ୍‌ଏମ୍ ହିମାଂଶୁ ଲାଗୁରୁଙ୍କ ସମେତ ଏଚ୍‌ଡିଏଫ୍‌ସି ୟୁନିଟ୍ ୮ ଶାଖାର ଶାଖା ପରିଚାଳକ ଅଭିଷେକ ମହାପାତ୍ର ଏବଂ କେଟିଏମ୍ ଖଣ୍ଡଗିରି ଶୋ'ରୁମ୍‌ର ମ୍ୟାନେଜର ଭାଗ୍ୟଧର ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ତନିସ୍କର ଶତ ପ୍ରତିଶତ ଗୋଲ୍ଡ ଏକ୍ସଚେଞ୍ଜ ପ୍ରୋଗ୍ରାମ



ଭୁବନେଶ୍ୱର,୭।୬

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ଜାତୀୟସ୍ତରର ଗହଣା ରିଟେଲ ବ୍ରାଣ୍ଡ 'ତନିସ୍କ'ର ବହୁ ପ୍ରତୀକ୍ଷିତ ଅଫର 'ଗୋଲ୍ଡ ଏକ୍ସଚେଞ୍ଜ ପ୍ରୋଗ୍ରାମ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ସୁନାର ବର୍ଦ୍ଧିତ ଦର ମଧ୍ୟରେ ଗହଣା ରିଟେଲ ବ୍ରାଣ୍ଡ ତନିସ୍କ ଶତ ପ୍ରତିଶତ ଗୋଲ୍ଡ ଏକ୍ସଚେଞ୍ଜ ପ୍ରୋଗ୍ରାମ ଆରମ୍ଭ କରିଛି। ଅସ୍ଥିର ସୁନା ଦର ମଧ୍ୟରେ ଗ୍ରାହକଙ୍କ ପରିବର୍ଦ୍ଧିତ ଆବଶ୍ୟକତା ପୂରଣ କରିବା ଏହି ଅଫରର ମୂଳ ଉଦ୍ଦେଶ୍ୟ ବୋଲି ତନିସ୍କ ପକ୍ଷରୁ କୁହାଯାଇଛି। ସେହିଭଳି ଜିରୋ ଡିଡକ୍ସନ ଜରିଆରେ ଗ୍ରାହକଙ୍କୁ ସର୍ବୋତ୍ତମ ମୂଲ୍ୟ ପ୍ରଦାନ କରିବା ଏହାର ଲକ୍ଷ୍ୟ ହୋଇଥିବାବେଳେ ଏହି ଏକ୍ସଚେଞ୍ଜ ପ୍ରୋଗ୍ରାମ ଗ୍ରାହକଙ୍କୁ ସେମାନଙ୍କ ପୁରୁଣା ସୁନାକୁ ବଦଳାଇ ତନିସ୍କର ଅତ୍ୟାଧୁନିକ ତଥା ନୂଆ ଡିଜାଇନ ସହ ଅପ୍‌ଗ୍ରେଡ୍ ହେବାର ସୁଯୋଗ ପ୍ରଦାନ କରୁଛି। ଏହି ପରିପ୍ରେକ୍ଷୀରେ ତନିସ୍କର ଭୁବନେଶ୍ୱର ଆଉଟ୍‌ଲେଟ ତନିସ୍କ ଚନ୍ଦ୍ରଶେଖରପୁର ପକ୍ଷରୁ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ତନିସ୍କ (ଟାଟା)ର ଏଏସ୍‌ଏମ୍ ଆର୍ଯ୍ୟେନ୍ଦୁ ବୁନ୍ଦେଲ,ବୁଦ୍ଧାଦିତ୍ୟ ଭୌମିକଙ୍କ ସମେତ ବିଏ ମାଣିକ ହଂସ, ଅକ୍ଷୟ ହଂସ ଏବଂ ବିବେକ ହଂସ ପ୍ରମୁଖ ଯୋଗଦେଇ ସମ୍ମିଳନୀର ଆଭିମୁଖ୍ୟ ଓ ଅଫର ଏବଂ ଗୋଲ୍ଡ ଏକ୍ସଚେଞ୍ଜ ପ୍ରୋଗ୍ରାମ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଅପରପକ୍ଷରେ ଏକ ଉପଭୋକ୍ତା-କୈନ୍ଦ୍ରିକ ବ୍ରାଣ୍ଡ ଭାବେ ତନିସ୍କ ତା'ର କାରବାରରେ ଗ୍ରାହକଙ୍କୁ ସର୍ବାଗ୍ରେ ରଖିଥାଏ।

# ସୁସ୍ଥ ମସ୍ତିଷ୍କ ପାଇଁ ସତର୍କତା ଜରୁରୀ

## ଆଜି ବିଶ୍ୱ ବ୍ରେନ୍ ଟ୍ୟୁମର ଦିବସ



ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଲା ବ୍ରେନ୍ ବା ମସ୍ତିଷ୍କ। ଏହା ଏତେ ଗୁରୁତ୍ୱପୂର୍ଣ୍ଣ ଯେ, ୨୮ଟି ଛୋଟବଡ଼ ହାଡ଼କୁ ନେଇ ଗଠିତ ଖପୁରି ଭିତରେ ଏହାକୁ ସୁରକ୍ଷିତ କରି ରଖିଛି ପ୍ରକୃତି। ମସ୍ତିଷ୍କଟି ବେଶ୍ ନରମ ଓ ଏହାର ଭିତର ଅଂଶ ଧଳା। ମସ୍ତିଷ୍କର ବିଭିନ୍ନ ଅଂଶ ହେଲା ସିରିବ୍ରମ, ସେରିବେଲମ୍, ବ୍ରେନ୍ ଷ୍ଟେମ୍ ଇତ୍ୟାଦି। ଅଂଶଭେଦରେ ସେଗୁଡ଼ିକର କାର୍ଯ୍ୟ ମଧ୍ୟ ଭିନ୍ନ ଭିନ୍ନ। ବ୍ରେନ୍ ଟ୍ୟୁମର ସଂକ୍ରାନ୍ତରେ ଜନ ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଜୁନ୍ ୮ ତାରିଖରେ ପାଳିତ ହୋଇଥାଏ 'ୱାର୍ଲ୍ଡ ବ୍ରେନ୍ ଟ୍ୟୁମର ଡେ' ବା 'ବିଶ୍ୱ ମସ୍ତିଷ୍କ ଅର୍ବୁଦ ଦିବସ'। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ମସ୍ତିଷ୍କ ସ୍ୱାସ୍ଥ୍ୟ ଓ ନିବାରଣ' (ବ୍ରେନ୍ ହେଲ୍‌ଥ ଆଣ୍ଡ ପ୍ରିଭେନ୍‌ଶନ)। ଏ ସମ୍ପର୍କରେ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, ''ମସ୍ତିଷ୍କର କ୍ରିୟା ସମ୍ପୂର୍ଣ୍ଣ ବନ୍ଦ ହୋଇଗଲେ ଆମେ ତାହାକୁ 'ମସ୍ତିଷ୍କ ମୃତ୍ୟୁ' ବା ବ୍ରେନ୍ ଡେଡ୍ ବୋଲି କହିଥାଉ। ସେପରି ଅବସ୍ଥା ଉପୁଜିଲେ ବିଭିନ୍ନ ଯାନ୍ତ୍ରିକ ଉପକରଣ ବିନିଯୋଗ କରି ରୋଗୀକୁ ବଞ୍ଚେଇ ରଖିହେଲେ ମଧ୍ୟ ମୃତ୍ୟୁ ହିଁ ହେଉଛି ଅବଶ୍ୟମ୍ଭାବୀ ପରିଣତି। ଏହି ବ୍ରେନ୍ ଡେଡ୍ ଅବସ୍ଥାରେ ହିଁ ଅଙ୍ଗ ପ୍ରତିରୋପଣ ପାଇଁ ତା'ର ଶରୀରରୁ ବିଭିନ୍ନ ଅଙ୍ଗ ସଂଗ୍ରହ କରାଯାଇଥାଏ। ଅନ୍ୟାନ୍ୟ ଅଙ୍ଗ ଭଳି ମସ୍ତିଷ୍କଟି ମଧ୍ୟ ଜୀବକୋଷଗୁଡ଼ିକକୁ ନେଇ ଗଠିତ ହୋଇଥିବାରୁ ମସ୍ତିଷ୍କରେ ମଧ୍ୟ ଅର୍ବୁଦ ବା 'ଟ୍ୟୁମର' ଜାତ ହୋଇଥାଏ। ତେବେ ମସ୍ତିଷ୍କଟି ଖପୁରି ହାଡଗୁଡ଼ିକ ଦ୍ୱାରା ଆବଦ୍ଧ ହୋଇଥିବାରୁ ମସ୍ତିଷ୍କରେ ଅର୍ବୁଦ ଶରୀରର ଅନ୍ୟ ଅଙ୍ଗଗୁଡ଼ିକୁ ପ୍ରସରି ପାରେ ନାହିଁ। କିନ୍ତୁ ଶରୀରର ଅନ୍ୟ ଅଙ୍ଗଗୁଡ଼ିକରେ କ୍ୟାନ୍‌ସର ବା କର୍କଟ ରୋଗ ହେଲେ ତାହା ମସ୍ତିଷ୍କକୁ ପ୍ରସରି ଯାଇପାରେ। ମସ୍ତିଷ୍କରେ ବିଭିନ୍ନ ପ୍ରକାର ଟ୍ୟୁମର ହେଉଥିଲେ ମଧ୍ୟ 'ଗ୍ଲାୟୋମା' ନାମକ ଟ୍ୟୁମର ସବୁଠାରୁ ବେଶି ମାରାତ୍ମକ। ମସ୍ତିଷ୍କରେ କାହିଁକି ଟ୍ୟୁମର ହୋଇଥାଏ ତାହାର ସ୍ପଷ୍ଟ କାରଣ ଜଣାପଡ଼ିନି। କେବଳ ଆମେରିକାରେ ରହିଛନ୍ତି ପାଖାପାଖି ୭ ଲକ୍ଷ ବ୍ରେନ୍ ଟ୍ୟୁମର ରୋଗୀ।

ପିଲାଠାରୁ ବୁଢ଼ା-ସମସ୍ତେ ବ୍ରେନ୍ ଟ୍ୟୁମରରେ ଆକ୍ରାନ୍ତ ହୋଇପାରନ୍ତି। ମହିଳାମାନଙ୍କ ଅପେକ୍ଷା ବେଶି ଆକ୍ରାନ୍ତ ହୋଇଥାଆନ୍ତି ପୁରୁଷ । ତେବେ ବ୍ରେନ୍ ଟ୍ୟୁମର କହିଲେ ଆମେ ସାଧାରଣତଃ ବ୍ରେନ୍ କ୍ୟାନ୍‌ସରକୁ ହିଁ ବୁଝିଥାଉ। ଖପୁରି ପରିବେଷ୍ଟିତ ହୋଇଥିବାରୁ ବ୍ରେନ୍‌ରେ ଟ୍ୟୁମର ହେଲେ ବ୍ରେନ୍‌ଟି ପ୍ରସାରିତ ହେବାର ବାଟ ନ ଥାଏ। ଫଳରେ ଟ୍ୟୁମରର ଅବସ୍ଥିତି ଯୋଗୁ ବ୍ରେନ୍‌ରେ ଚାପ ବଢ଼ି ବଢ଼ି ଯାଏ। ଭୀଷଣ ମୁଣ୍ଡ ବ୍ୟଥା, ବାନ୍ତି ହେବା, ଆଖିକୁ ଭଲ ଦେଖା ନଯିବା, କାନରେ ଭଲ ଶୁଣି ନ ହେବା ଆଦି ଲକ୍ଷଣ ଦେଖାଦିଏ। ରୋଗୀ ସ୍ୱଚ୍ଛନ୍ଦରେ ଚଲାବୁଲା କରି ନପାରି ଟଳଟଳ ହୁଏ। ଭଲ ଭାବରେ କଥା କହିପାରେନି। କୌଣସି କଥା ମନେ ରଖିପାରେନି। ପରିଲକ୍ଷିତ ହୁଏ ମାନସିକ ଅସ୍ଥିରତା। ମସ୍ତିଷ୍କର କେଉଁ ସ୍ଥାନରେ ଟ୍ୟୁମର ହୋଇଛି ତାହା ଉପରେ ହିଁ ଲକ୍ଷଣମାନ ନିର୍ଭର କରିଥାଏ।

ରୋଗ ନିର୍ଣ୍ଣୟ ପାଇଁ ଡାକ୍ତରମାନେ ରୋଗୀର ଶାରୀରିକ ପରୀକ୍ଷା କରନ୍ତି। ଖପୁରିକୁ ଏକ୍ସ-ରେ, ମସ୍ତିଷ୍କର ସିଟି ସ୍କାନ୍, ଏମ୍‌ଆର୍‌ଆଇ ସ୍କାନ୍, ପେଟ ସ୍କାନ, ଇସିଜି, ଆଞ୍ଜିଓଗ୍ରାମ୍, ଭେଣ୍ଟିକ୍ୟୁଲୋଗ୍ରାମ ଇତ୍ୟାଦି ପରୀକ୍ଷା କରେଇ ନିଅନ୍ତି। ଅପରେଶନ କରିବା ସମୟରେ ଆକ୍ରାନ୍ତ ଅଂଶରୁ ତନ୍ତୁ ସଂଗ୍ରହ କରି ତା'ର ବାୟୋଲୋଜି ପରୀକ୍ଷା କରେଇଥାନ୍ତି।

# 'ଦିଲ୍‌ବର୍-୨'ରେ ଜଲୱା ଦେଖାଇବେ ନୋରା ଫତେହି

ମୁମ୍ବାଇ



ଚମତ୍କାର ନୃତ୍ୟରୁ ଅଭିନେତ୍ରୀ ଭାବେ ବେଶ୍ ଲୋକପ୍ରିୟତା ପାଇଛନ୍ତି ନୋରା ଫତେହି। ହଟ୍‌କେ ଡ୍ୟାନ୍ସ ସହ ଚୁଲବୁଲି ବ୍ୟକ୍ତିତ୍ୱ ପାଇଁ ସେ ସବୁବେଳେ ଫ୍ୟାନ୍ସଙ୍କ ହୃଦୟରେ ରାଜ୍ କରନ୍ତି। ଦିଲବର ହେଉ କି ସାକିସାକି ଆହୁରି ଅନେକ ଆଇଟମ ଗୀତ ସେ ଦର୍ଶକଙ୍କୁ ଭେଟି ଦେଇଛନ୍ତି । ଆଉ ଏହିସବୁ ଗୀତରେ ତାଙ୍କର ସିଗ୍ନେଚର ଷ୍ଟେପ ସର୍ବଦା ଟ୍ରେଣ୍ଡରେ ଥାଏ। ଏବେ ଚର୍ଚ୍ଚା ହେଉଛି କି, 'ଦିଲ୍‌ବର୍ ୨.୦' ରେ ଏକ ନୂଆ ଅବତାରରେ ସେ ନଜର ଆସିବେ। ଯାହାକୁ ନେଇ ଫ୍ୟାନ୍‌ମାନେ ଖୁସି ହୋଇଯାଇଛନ୍ତି। ନୋରାଙ୍କୁ ଏକ ମ୍ୟୁଜିକ ଭିଡିଓରେ କାଷ୍ଟ କରାଯାଇଛି। ଏଥିରେ ଏକ ପାର୍ଟି ଗୀତରେ ନଜର ଆସିବେ ନୋରା।

# କାର୍ ବନେଟରେ ବସି ଏଣ୍ଟ୍ରି କଲେ କନ୍ୟା



ଆଜିକାଲି, ବିବାହରେ କିଛି ଅଲଗା କରିବା ଏକ ଟ୍ରେଣ୍ଡରେ ପରିଣତ ହୋଇଯାଇଛି। ବେଳେବେଳେ କନ୍ୟା ଏବଂ ବର ଭିନ୍ନ ନୃତ୍ୟ କରିବା ଆରମ୍ଭ କରନ୍ତି ଏବଂ ବେଳେବେଳେ ସେମାନଙ୍କର ଭିନ୍ନ ଷ୍ଟାଇଲର ଏଣ୍ଟ୍ରି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ସୋସିଆଲ ମିଡିଆରେ ଏମିତି ଏକ ଭିଡିଓରେ କନ୍ୟା ଏକ କାରର ବନେଟରେ ବସି ବିବାହ ମଣ୍ଡପରେ ପହଞ୍ଚିଛନ୍ତି। ତାଙ୍କର ଅନନ୍ୟ ଶୈଳୀ ସୋସିଆଲ ମିଡିଆରେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଭିଡିଓଟି ଇନ୍‌ଷ୍ଟାଗ୍ରାମରେ aman. vlogs_ ନାମକ ଏକ ପୃଷ୍ଠାରୁ ଶେୟାର କରାଯାଇଛି। ଭିଡିଓରେ କନ୍ୟା ପକ୍ଷର ଲୋକମାନେ କନ୍ୟାଙ୍କୁ ସମ୍ପୂର୍ଣ୍ଣ ଫିଲ୍ମ ଷ୍ଟାଇଲରେ ଆଣୁଛନ୍ତି। ଜଣେ ଯୁବକ କାର ଉପରେ ଠିଆ ହୋଇ ବାଣ ଫୁଟାଉଥିବା ଦେଖାଯାଇଛି। ସେ ଆତସବାଜି ସହିତ ଆସୁଛନ୍ତି ଏବଂ କନ୍ୟା ତାଙ୍କ ଭାରୀ ଲେହେଙ୍ଗା ପିନ୍ଧି ସାମ୍ନାରେ କାରର ବନେଟରେ ବସିଛନ୍ତି। ତାଙ୍କ ଲେହେଙ୍ଗା ସହିତ ସେ ଏକ ମୂର୍ତ୍ତି ପରି ଦେଖାଯାଉଛନ୍ତି। ଏହି ଗ୍ରାଣ୍ଡ ଏଣ୍ଟ୍ରିର ଉତ୍ସାହରେ କନ୍ୟା ପକ୍ଷର ଲୋକମାନେ କାର ଆଗରେ ବାଣ ଫୁଟାଇବା ଆରମ୍ଭ କରିଛନ୍ତି। ଏହି ଭିଡିଓକୁ ୫.୩ ନିୟୁତ ଥର ଦେଖାଯାଇଛି ଏବଂ ଏହା ପ୍ରାୟ ୨ ଲକ୍ଷ ଲାଇକ୍ ପାଇଛି। ଅନେକ ଲୋକ ଏହି ଭିଡିଓ ଉପରେ ମନ୍ତବ୍ୟ ମଧ୍ୟ ଦେଇଛନ୍ତି। ମନ୍ତବ୍ୟ ଦେବାବେଳେ ଜଣେ ସୋସିଆଲ ମିଡିଆ ୟୁଜର ଲେଖିଛନ୍ତି, ଆପଣ ବିବାହ କରିବାକୁ ଆସିଛନ୍ତି ନା ଗାଁ ଲୁଟିବାକୁ ଆସିଛନ୍ତି। ଅନ୍ୟ ଜଣେ ଲେଖିଛନ୍ତି, ଏହା କେଉଁ ଗ୍ୟାଙ୍ଗର ବିବାହ? ତୃତୀୟ ୟୁଜର ଲେଖିଛନ୍ତି, ଲାଗୁଛି ଯେମିତି ଶୋଲେ ଫିଲ୍ମର ଡାକୁ ଆସିଛି। ଅନ୍ୟ ଜଣେ ଲେଖିଛନ୍ତି, ଏହିପରି ନମୁନା କେଉଁଠୁ ଆସନ୍ତି।

# ସାମୁଦ୍ରିକ ସମ୍ପଦର ସଂରକ୍ଷଣ ଜରୁରୀ

## ଆଜି ବିଶ୍ୱ ମହାସାଗର ଦିବସ



ପ୍ରତିବର୍ଷ ଜୁନ ୮ ତାରିଖକୁ ବିଶ୍ୱ ମହାସାଗର ଦିବସ ଭାବେ ପାଳନ କରାଯାଏ। ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମୁଦ୍ରର ମହତ୍ତ୍ୱ ଏବଂ ସାମୁଦ୍ରିକ ସମ୍ପଦର ସଂରକ୍ଷଣ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା। ସମୁଦ୍ର କେବଳ ଜଳର ଉତ୍ସ ନୁହେଁ ବରଂ ଖାଦ୍ୟ ଏବଂ ପୋଷଣର ଉତ୍ସ ମଧ୍ୟ। ଅନେକ ଲୋକଙ୍କ ଜୀବିକା ସମୁଦ୍ର ସହ ଜଡିତ। ତେଣୁ ସାମୁଦ୍ରିକ ସମ୍ପଦର ସଂରକ୍ଷଣ ଜରୁରୀ। ୨୦୦୮ ମସିହାରୁ ବିଶ୍ୱ ମହାସାଗର ଦିବସ ପାଳନ ଆରମ୍ଭ ହୋଇଥିଲା, ଯାହାର ଭିତ୍ତିପ୍ରସ୍ତର ୧୯୯୨ ମସିହାରେ ପୃଥିବୀ ଶିଖର ସମ୍ମିଳନୀରେ ରଖାଯାଇଥିଲା। ଓସେନ ଇନଷ୍ଟିଚ୍ୟୁଟ ଅଫ୍ କାନାଡା ଏବଂ କାନାଡାର ଇଣ୍ଟରନ୍ୟାସନାଲ ସେଣ୍ଟର ଫର ଡେଭଲପ୍‌ମେଣ୍ଟ ଏହି ଦିବସ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ। ପୃଥିବୀ ଓ ଆମ ଜୀବନରେ ମହାସାଗରର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି। ତଥାପି ଆମେ ଏହାର ସଂରକ୍ଷଣ ଉପରେ ବିଶେଷ ଧ୍ୟାନ ଦେଉନାହୁଁ। ସଂରକ୍ଷଣ କରିବା ପରିବର୍ତ୍ତେ ଆମେ ଏହାକୁ ଦୂଷିତ କରିବାରେ ଲାଗିଛୁ। ଯେଉଁ କାରଣରୁ ସାରା ବିଶ୍ୱର ସମୁଦ୍ର ଭୟଙ୍କର ଭାବେ ପ୍ରଦୂଷିତ ହେବାରେ ଲାଗିଛି। ଜୈବ ବିବିଧତା, ଖାଦ୍ୟ ନିରାପତ୍ତା, ପରିବେଶ ସନ୍ତୁଳନ, ଜଳବାୟୁ ପରିବର୍ତ୍ତନ, ସାମୁଦ୍ରିକ ସମ୍ପଦର ଅହେତୁକ ବ୍ୟବହାର ଇତ୍ୟାଦି ବିଷୟ ଉପରେ ଆଲୋକପାତ କରିବା ଏବଂ ସମୁଦ୍ର ଦ୍ୱାରା ସୃଷ୍ଟି ହେଉଥିବା ଆହ୍ୱାନଗୁଡ଼ିକ ବିଷୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ପ୍ରତିବର୍ଷ ମହାସାଗର ଦିବସ ଏକ ସ୍ୱତନ୍ତ୍ର ଥିମ୍ ସହ ପାଳନ କରାଯାଏ। ଚଳିତବର୍ଷ ଏହାର ଥିମ ରହିଛି 'ନୂତନ ଗଭୀରତା ଜାଗ୍ରତ କର'।

## ଅନ୍ୟାନ୍ୟ ଖବର

# ୯ ମାଓବାଦୀ ଗିରଫ

ମାଲକାନଗିରି,୭।୬(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ର ବିଭିନ୍ନ ସ୍ଥାନରୁ ୯ ମାଓବାଦୀଙ୍କୁ ପୋଲିସ ଗିରଫ କରିଛି। ଛତିଶଗଡ଼ ବିଜାପୁର ଜିଲାରେ ଚାଲିଥିବା ମାଓବାଦୀ ବିରୋଧୀ ଅଭିଯାନରେ ପୋଲିସ ଫରସେଗଡ ଏବଂ ମଦେଡ ଷ୍ଟେଶନର ବିଭିନ୍ନ ସ୍ଥାନରେ ତଲାସି କରୁଥିବା ବେଳେ ମାଓବାଦୀ ସଙ୍ଗଠନର ଏସିଏମ୍ ସଦସ୍ୟ ଓ ଏସିଏମ୍ ସଦସ୍ୟଙ୍କ ସହ ୯ ମାଓବାଦୀଙ୍କୁ ଗିରଫ କରିଛି। ମାଦେଡ ଅଞ୍ଚଳର ସୋମାନପାଲି ଏବଂ ବାନ୍ଦେପାରା ରାସ୍ତାରୁ ୪ ଜଣଙ୍କୁ ଗିରଫ କରାଯାଇଥିଲା। ସେମାନେ ହେଲେ ଲାଞ୍ଛୁ ପୁନେମର ଯିଏକି ଏସିଏମ୍ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ନାଁରେ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା। ସେହିପରି ଅନ୍ୟମାନେ ହେଲେ ରମେଶ କୁଦିଆମ୍, ରମେଶ କୁମ୍ମା ଓ କୁମ୍ମା ପେଣ୍ଟା। ସେମାନଙ୍କ ନିକଟରୁ ବିସ୍ଫୋରକ ସାମଗ୍ରୀ ମଧ୍ୟ ଜବତ କରାଯାଇଥିଲା। ଅପରପକ୍ଷରେ ଫରେସଗଡ ପୋଲିସ ଷ୍ଟେଶନ ଅଞ୍ଚଳରୁ ୫ ମାଓବାଦୀ ଗୁଡୁ କୁମ୍ମା, ବୁଦ୍ଧ କୁମ୍ମା, ସୁରେଶ ଓୟାମ, ବିନୋଦ କୋରସା ଓ ମୁନ୍ନା କୁମ୍ମାଙ୍କୁ ଗିରଫ କରାଯାଇଥିଲା। ଏହି ସମସ୍ତଙ୍କ ନାମରେ ୧୦ ହଜାର ଟଙ୍କା ଲେଖାଏ ପୁରସ୍କାର ଘୋଷଣା କରାଯାଇଥିଲା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପାଟି ସୁଆଦ**
**ପେଟ କି ଜାଣଇ ତହିଁର ଭେଦ ।**

ପାଟି ସୁଆଦିଆ ଚିଜ ବାରିପାରେ। ପରନ୍ତୁ ପେଟରେ ସ୍ୱାଦ ଅସ୍ୱାଦର ଭେଦ ନାହିଁ। ପେଟ ମଧ୍ୟ ପାଟିର ସ୍ୱାଦ ଜାଣିବାକୁ ଅକ୍ଷମ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ପଥ ପଚାରି ପିତା ଘର ଯିବ**
**ଆଉ ଅଯୋଧ୍ୟାକୁ ମନ ନ କରିବ ।**

କଷ୍ଟ ଭୋଗିଲା ପରେ ଆଉ ସେ କର୍ତ୍ତବ୍ୟ ପ୍ରତି ମନ ବଳେଇବା ସମ୍ଭବପର ହୋଇ ନ ଥାଏ। ସକଳ ସମ୍ପର୍କ, ମୋହ, ବନ୍ଧନ ତୁଚ୍ଛ ଲାଗିଥାଏ। ସମ୍ପୂର୍ଣ୍ଣ ଭାବେ ପାଖରୁ ଦୂରେଇଯିବା ବା ପ୍ରତ୍ୟାଖ୍ୟାନ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ନିଉତା ଦେଲେ ନୃସିଂହ ଠାକୁର

## ଜ୍ୟେଷ୍ଠ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ବାଲୁଙ୍କେଶ୍ୱର ବାବାଙ୍କ ବିବାହ

ସମ୍ବଲପୁର, ୭।୬(ବି. ଶଙ୍କର)

ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାରେ ଅନନ୍ୟ ପରମ୍ପରା ହେଉଛି ନୃସିଂହ ନିଉତା। ଏହି ପରମ୍ପରା ଅନୁସାରେ ଦେବ ବିବାହରେ ଦେବୀଦେବ ସାମିଲ ହେବାକୁ ଶୁକ୍ରବାର ରାତିରେ ନୃସିଂହ ନିଉତା (ଦେବ ନିମନ୍ତ୍ରଣ) ସମ୍ପନ୍ନ ହୋଇଛି। ଦେବ ନିମନ୍ତ୍ରଣାନୁସାରେ, ଚଳିତ ମାସ ୧୦ ତାରିଖ ସୋମବାର ନନ୍ଦପଡ଼ାର ଶ୍ରୀ ଶ୍ରୀ ବମ ବରାଡ଼ ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀଙ୍କ ଲୌକିକ ବିବାହରେ ଦେବୀଦେବଗଣ ସାମିଲ ହେବା କାର୍ଯ୍ୟକ୍ରମ ରହିଛି। ସୋମବାର ରାତି ୮ଟାରେ ବରପିତା ରାମଚରଣ ମିଶ୍ର ରଥାରୂଢ଼ ନୃସିଂହ ଠାକୁରଙ୍କୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ମହାଆଳତି କରିଥିଲେ। ଶୋଭାଯାତ୍ରାରେ ଦୁଲ୍‌ଦୁଲି, ଧମାଲବାଦ୍ୟ, ଗୌରବାଡ଼ି ନୃତ୍ୟ ସହ ଶଙ୍ଖ, ଝଣ୍ଡା, ଛତ୍ର, ବୈରଖି ତାଳରେ ମହାପ୍ରଭୁ ନୃସିଂହ ସୁସଜ୍ଜିତ ବିମାନରେ ଉପବିଷ୍ଟ ହୋଇ ନଗର ପରିକ୍ରମା କରିଥିଲେ। ରୌପ୍ୟ ଓ ସ୍ୱର୍ଣ୍ଣ ଅଳଙ୍କାରରେ ଭୂଷିତ ହୋଇ ଭକ୍ତଙ୍କ କାନ୍ଧରେ ବାଲୁଙ୍କେଶ୍ୱର ମନ୍ଦିର ପରିସରସ୍ଥ ପଞ୍ଚବକ୍ତ୍ର ଓ ହନୁମାନଙ୍କୁ ପ୍ରଥମେ ନିଉତା ଦିଆଯାଇଥିଲା। ଏହାପରେ ସୁସଜ୍ଜିତ ବିମାନରେ ଆରୂଢ଼ ହୋଇ ନନ୍ଦପଡ଼ା ଯଜ୍ଞବରାହ, ବ୍ରହ୍ମପୁରା ଜଗନ୍ନାଥ, ଶ୍ରୀ ଶ୍ରୀ ଲୋକନାଥ ବାବା, ଦକ୍ଷିଣେଶ୍ୱର ହନୁମାନ, ଭୈରବୀ, କୋଶଲେଶ୍ୱର ମନ୍ଦିର, ମାରୱାଡିପଡ଼ା ରାମ, ମହାଦେବ, ହାଟପଦା ସତ୍ୟବାଦୀ, ଦଲେଇପଡ଼ା ମଦନମୋହନ, ଭାଗବତ ମନ୍ଦିର, ଲିଆଖାଇ, ବାଟମଙ୍ଗଳା,



ଦେବ ବିବାହରେ ଦେବଦେବୀ ସାମିଲ ହେବାକୁ ଶୁକ୍ରବାର ରାତ୍ରିରେ ସମ୍ବଲପୁର ନନ୍ଦପଡ଼ା ବାଲୁଙ୍କେଶ୍ୱର ବାବାଙ୍କ ପକ୍ଷରୁ ନୃସିଂହ ନିଉତା।

ଗୁପ୍ତେଶ୍ୱର, ମ୍ୟୁନିସିପାଲିଟି ଛକ ହନୁମାନ ମନ୍ଦିର, ପୀରବାବା ଛକ ଭୁବନେଶ୍ୱରୀ ମନ୍ଦିର, ବୈଦ୍ୟନାଥ ଛକ ହନୁମାନ ଓ କାଞ୍ଚ ଦୁର୍ଗା, କଂସାରିପଡ଼ା ରାଧାକୃଷ୍ଣ, ମହାନ୍ତିପଡ଼ା ଦଧିବାମନ ମନ୍ଦିରରେ ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବରେ ଯୋଗଦେବାକୁ ଦେବ ନିମନ୍ତ୍ରଣ (ଗୁଆଗୁଣ୍ଡା) ଦେଇଥିଲେ। ଦେବୀଦେବଙ୍କୁ ଗୁଆ, ହଳଦୀ ଓ ମିଠାଇ, ନାରିକେଳ, ନୂଆବସ୍ତ୍ର ଅର୍ପଣ କରି ନିଉତା ଦିଆଯାଇଥିଲା। ସେହିପରି ଶନିବାର ସକାଳେ ଇଷ୍ଟଦେବୀ ସମଲେଶ୍ୱରୀ, ପାଟଣେଶ୍ୱରୀ, ବାଲିବନ୍ଧା ସୋମନାଥ ବାବା, ଗୋପାଳଜୀ ମଠ, ଦୁର୍ଗାପାଲି ଗୁଡ଼େଶ୍ୱର ମହାଦେବଙ୍କ ସମେତ ସହରର ସମସ୍ତ ଦେବଦେବୀଙ୍କୁ ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି କର୍ମକର୍ତ୍ତା ନିମନ୍ତ୍ରଣ କରିବା କାର୍ଯ୍ୟକ୍ରମ ରହିଛି। ଅଭିନାଶ ମିଶ୍ର, ସନତ୍ ନନ୍ଦ ଓ ସିଦ୍ଧାନ୍ତ ମିଶ୍ର ନୃସିଂହ ମହାପ୍ରଭୁଙ୍କୁ ବିଭିନ୍ନ ପ୍ରକାର ଫୁଲ, ସୁନା ଓ ରୁପା ଅଳଙ୍କାରରେ ସଜାଇଥିଲେ। ଅପରାହ୍ନ ୩ଟାରୁ ରାତି ୭ଟା ପର୍ଯ୍ୟନ୍ତ ଠାକୁରଙ୍କୁ ସଜା ଯାଇଥିଲା। ରାତି ୯ଟାରେ ପଣ୍ଡିତ ଶଶାଙ୍କ ଶେଖର ମିଶ୍ର ମନ୍ତ୍ର ଉଚ୍ଚାରଣ କରିଥିଲେ। ଏହାପରେ ଯାତ୍ରା କମିଟି କର୍ମକର୍ତ୍ତା ପୂଜାର୍ଚ୍ଚନା ଓ ମହାଆଳତିରେ ସାମିଲ ଥିଲେ। ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ଫଣିଭୂଷଣ ମିଶ୍ର, ଉପସଭାପତି ଆଶିଷ ବାବୁ ଓ ବିଷ୍ଣୁ ପ୍ରସାଦ ପାଢ଼ୀ, ସାଧାରଣ ସମ୍ପାଦକ ପ୍ରଭୁଦତ୍ତ ପଣ୍ଡା, ଯୁଗ୍ମ ସମ୍ପାଦକ ରାଜୀବ ଲୋଚନ ମାଝି, କୋଷାଧ୍ୟକ୍ଷ ଭୁବନ ମୋହନ ମିଶ୍ର, ଅମୂଲ୍ୟ ମିଶ୍ର, ସମୀର ରଞ୍ଜନ ବାବୁ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସ୍ଥାନୀୟ ଶିଳ୍ପୀ ସତ୍ୟଜିତ୍ ନାଏକ ଥର୍ମୋକୁଲରେ ସହାୟତାରେ ଥ୍ରିଡି ପରଭା ନିର୍ମାଣ କରିଥିଲେ।

# ପୋଖରୀରେ ବୁଡ଼ି ସ୍କୁଲ ଛାତ୍ରଙ୍କ ମୃତ୍ୟୁ

ଉମରକୋଟ,୭।୬(ସନ୍ତୋଷ ଶତପଥୀ)

ପୋଖରୀରେ ବୁଡ଼ି ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉମରକୋଟ ବ୍ଲକ ବକଡାବେଡ଼ା ପଞ୍ଚାୟତ ତୁରୁଞ୍ଜି ଗ୍ରାମର ରାକେଶ ହରିଜନ।

ଏତଲା ଅନୁଯାୟୀ, ରାକେଶ ସବୁ ଦିନ ପରି ଶୁକ୍ରବାର ଅପରାହ୍ନ ୪ ଟାରେ ଖେଳିବା ପାଇଁ ଘରୁ ବାହାରିଥିଲେ। ଖେଳିସାରି ନିକଟସ୍ଥ ପୋଖରୀକୁ ଗାଧେଇବାକୁ ଯାଇଥିବାବେଳେ ପାଣିରେ ବୁଡ଼ି ଯାଇଥିଲେ। ତାଙ୍କୁ ଦେଖି ରବି ପନକା ନାମକ ଜଣେ ବ୍ୟକ୍ତି ଉଦ୍ଧାର କରିବାକୁ ପାଣିକୁ ଯାଇଥିଲେ। ସେ ମଧ୍ୟ ପୋଖରୀରେ ବୁଡ଼ି ଯାଇଥିଲେ। ଖବରପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିବାକୁ ପୋଖରୀ ଭିତରକୁ ଯାଇଥିଲେ। ଉଭୟଙ୍କୁ ଗ୍ରାମବାସୀ ଉଦ୍ଧାର କରି ଉମରକୋଟ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ଡାକ୍ତର ରାକେଶଙ୍କୁ ମୃତ ଘୋଷଣା କରିଥିଲେ। ରବି ଗୁରୁତର ଥିବାରୁ ତାଙ୍କର ଚିକିତ୍ସା ଆରମ୍ଭ କରାଯାଇଥିଲା। ଏବେ ସେ ଥିବା ଜଣାପଡ଼ିଛି। ରାକେଶଙ୍କ ମୃତଦେହ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଛି। ଶନିବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

# ଆର୍‌ଜିଏଚ୍‌ରେ ଶିଶୁ ମୃତ୍ୟୁ

## ଚିକିତ୍ସା ଅବହେଳା ନେଇ ପରିବାର ଲୋକଙ୍କ ଅଭିଯୋଗ

ରାଉରକେଲା,୭।୬(ଦିନେଶ ମିଶ୍ର)

ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ର ମାତୃଶିଶୁ ବିଭାଗ କକ୍ଷରେ ଶୁକ୍ରବାର ୮ମାସର ଶିଶୁ ପୁତ୍ରଙ୍କ ମୃତ୍ୟୁ ଘଟିଛି। ଏନେଇ ପରିବାର ପକ୍ଷରୁ ଡାକ୍ତରଖାନାରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, ବୀରମିତ୍ରପୁର ରାୟପୁରା ଅଞ୍ଚଳର ସୁସ୍ମିତା ଜୟପୁରିଆଙ୍କ ୮ ମାସର ପୁଅଙ୍କ ଶରୀର ଓଜନ ବଢୁ ନ ଥିବାରୁ ଗତ ୨୪ ତାରିଖରେ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରାଇବାକୁ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ଆର୍‌ଜିଏଚ୍‌କୁ ପଠାଇଥିଲେ। ଶିଶୁଟି ଡାକ୍ତରଖାନାରେ ୧୫ ଦିନ ଧରି ଚିକିତ୍ସିତ ହେଉଥିଲା। ଶୁକ୍ରବାର ସକାଳେ ଡିସ୍‌ଚାର୍ଜ ହେବାର ଥିଲା। ମାତ୍ର ଡିସ୍‌ଚାର୍ଜ ହେବାରେ ବିଳମ୍ବ ଯୋଗୁ ମା' ସୁସ୍ମିତା ଶିଶୁଙ୍କୁ ଦେଖିବାକୁ ଚାହିଁଥିଲେ। କିନ୍ତୁ ମାତୃଶିଶୁ ବିଭାଗ ସମ୍ମୁଖରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ ତାଙ୍କୁ ଭିତରକୁ ଛାଡି ନ ଥିଲେ। ଏହି କଥାକୁ ନେଇ ସ୍ୱାମୀ ଶେଖର ବିରୋଧ କରି ପାଟିତୁଣ୍ଡ କରିଥିଲେ। ପରେ ଉକ୍ତ ବିଭାଗର ଦାୟିତ୍ୱରେ ଥିବା ଡାକ୍ତର ଆସି ଶିଶୁର ମୃତ୍ୟୁ ଘଟିଥିବା ସୂଚନା ଦେଇଥିଲେ। ଚିକିତ୍ସାରେ ଅବହେଳା ଯୋଗୁ ଶିଶୁର ମୃତ୍ୟୁ ଘଟିଥିବା ମା' ସୁସ୍ମିତା ଅଭିଯୋଗ କରିଛନ୍ତି। ଏନେଇ ଡାକ୍ତରଖାନା ନିର୍ଦ୍ଦେଶକ ଜି.ପି. ଦାସଙ୍କ ସହ ନମ୍ବର ୯୪୩୭୦୫୧୪୦୮ରେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଡାକ୍ତରଖାନା ଉପ ନିର୍ଦ୍ଦେଶକ ପଣ୍ଡିତ ସାହୁଙ୍କ ସହ ଯୋଗାଯୋଗ କରିବାରୁ, ସେ ଘଟଣା ବିଷୟରେ ଜାଣି ନ ଥିବା କହିଥିଲେ।

# ୨ ମାସ ପରେ ଧରାପଡ଼ିଲେ ଅଭିଯୁକ୍ତ

## ରେଲୱେ କର୍ମଚାରୀଙ୍କୁ ହତ୍ୟା ଘଟଣା

ବାରିପଦା,୭।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ବାଘଡାରୋଡ୍‌ସ୍ଥିତ ରେଳ ଫାଟକରେ କାର୍ଯ୍ୟରତ କର୍ମଚାରୀଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା ଅଭିଯୋଗରେ ଫେରାରଥିବା ଜଣେ ଅଭିଯୁକ୍ତଙ୍କୁ ୨ ମାସ ପରେ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ସୁରେଶ ସାହ। ସୁରେଶ ବାରିପଦା ୱାର୍ଡ ନଂ. ୧୯ରେ ଭଡାଘରେ ରହୁଥିଲେ। ଭଞ୍ଜପୁର ଥାନା ଅଧୀନ ବାଘଡାରୋଡ୍ ରେଳ ଫାଟକରେ ପଶ୍ଚିମବଙ୍ଗ ରାଜ୍ୟ ଖଡଗପୁର ଅଞ୍ଚଳର ରେଲୱେ କର୍ମଚାରୀ ଏ.ରବି ଜଗୁଆଳୀ ଭାବେ କାର୍ଯ୍ୟରତ ଥିଲେ। ହୋଲିଖେଳକୁ ନେଇ ନିଶାଗ୍ରସ୍ତ ଅବସ୍ଥାରେ କିଛି ସ୍ଥାନୀୟ ଯୁବକଙ୍କ ସହ କୌଣସି କାରଣକୁ ନେଇ ଏ.ରବିଙ୍କ ବଚସା ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ଯୁବକମାନେ ସଂଘବଦ୍ଧ ଭାବେ ରେଲୱେ କର୍ମଚାରୀ ଏ.ରବିଙ୍କୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତିକରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଲକ୍ଷ୍ମୀ ବସ୍ ଡ୍ରାଇଭରଙ୍କୁ ମାଡ଼

## ଥାନାରେ ଲିଖିତ ଅଭିଯୋଗ

ବାସୁଦେବପୁର,୭।୬(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଆର୍ଡୁ ଛକଠାରୁ ଅନତି ଦୂରରେ ଏକ ଲକ୍ଷ୍ମୀ ବସ୍ ଡ୍ରାଇଭରଙ୍କୁ ଶୁକ୍ରବାର ଅପରାହ୍ନରେ ୨ଜଣ ଯୁବକ ମାଡ଼ ମାରିଛନ୍ତି। ଏନେଇ ବାସୁଦେବପୁର ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ସୋର ବ୍ଲକରୁ ବାଲିଛନ୍ଦା ଘାଟ ଗୁଡ୍ ଗ୍ରାମ ରାସ୍ତାରେ ଛକ ପର୍ଯ୍ୟନ୍ତ ଏହି ବସ୍ ଆସିଥାଏ। ପ୍ରତିଦିନ ଭଳି ବସ୍‌ଟି ଏହି ବ୍ଲକରୁ ବାହାରି ସୋର ନିର୍ବାଚନମଣ୍ଡଳୀର ଗୁଡ୍ ଗ୍ରାମକୁ ଆସିଥିଲା। ରାସ୍ତାରେ ଗାଡ଼ି ପାସ୍ କଲା ବେଳେ ୨ ଯୁବକଙ୍କ ସହ ବସ୍ ଡ୍ରାଇଭରଙ୍କ ଯୁକ୍ତିତର୍କ ହୋଇଥିଲା। ସେମାନେ ଡ୍ରାଇଭରଙ୍କୁ ମାଡ଼ ମାରିଥିଲେ। ଏନେଇ ଲକ୍ଷ୍ମୀ ବସ୍‌ର ସୁପରଭାଇଜର ନିରାକାର ଜେନା ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ପାକିସ୍ତାନ ହାରିବା ପଛରେ ଭାରତୀୟ ବଂଶୋଦ୍ଭବ

**ଟି୨୦ ବିଶ୍ୱକପ୍**

**ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଗୁରୁବାର ପାକିସ୍ତାନକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛି ଆମେରିକା। ପଦାର୍ପଣରେ ଆମେରିକାର ଏପରି ପ୍ରଦର୍ଶନ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଆମେରିକା କ୍ରିକେଟପ୍ରେମୀଙ୍କୁ ଏହା ଉଲ୍ଲସିତ କରିଥିବାବେଳେ ପାକିସ୍ତାନ କ୍ରିକେଟ ସମୁଦାୟ ଏହାକୁ 'କଳା ଦିବସ' ଭାବେ ଅଭିହିତ କରିଛି। ଅନେକେ ସମ୍ଭବତଃ ଜାଣି ନ ଥିବେ ଯେ ପାକିସ୍ତାନକୁ ଆମେରିକା ହରାଇବା ପଛରେ ଅନେକ ଭାରତୀୟ ବଂଶୋଦ୍ଭବଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିବା ଆମେରିକା ଦଳର ଅଧିନାୟକ ମଧ୍ୟ ଜଣେ ଭାରତୀୟ। ଏପରି କେତେଜଣ ଖେଳାଳିଙ୍କୁ ନେଇ ରିପୋର୍ଟ...**

## ମୋନାକ ପଟେଲ

ଅହମଦାବାଦ ଜନ୍ମିତ ମୋନାକ ପଟେଲ ଆମେରିକା କ୍ରିକେଟ ଦଳର ଅଧିନାୟକ। ମ୍ୟାଚ ବିଜୟୀ ଅର୍ଦ୍ଧଶତକ ପାଇଁ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିବା ମୋନାକ ଭାରତରେ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିଲେ ଏବଂ ପରେ ଆମେରିକାର ପେସାଦାର ଖେଳାଳି ହୋଇଥିଲେ। ୨୦୧୦ରେ ସେ ଗ୍ରୀନ୍‌କାର୍ଡ ପାଇଥିଲେ ଏବଂ ୨୦୧୬ରେ ସ୍ଥାୟୀଭାବେ ନ୍ୟୁ ଜର୍ସିରେ ବସବାସ କରିଥିଲେ। ଜଣେ ହାର୍ଡ ହିଟିଂ ଡାହାଣହାତୀ ବ୍ୟାଟରଭାବେ ପରିଚିତ ମୋନାକ ଯେତେବେଳେ ଜାତୀୟ ଦଳ ପକ୍ଷରୁ ଖେଳୁ ନ ଥାନ୍ତି ସପ୍ତାହରେ ୩ ଦିନ ପିଲାମାନଙ୍କୁ ନେଇ କୋଚିଂ କ୍ଲିନିକ୍ କରି କ୍ରିକେଟ ଶିକ୍ଷା ଦେଇଥାନ୍ତି। ପୂର୍ବରୁ ଆମେରିକାରେ ବହୁତ କମ୍ ଟର୍ଫ ଉଇକେଟ ଥିଲା। ତେଣୁ ମୋନାକ ଦେଶର ବିଭିନ୍ନ ସ୍ଥାନରେ ମ୍ୟାଟିଂ ଉଇକେଟରେ ୨୦ ଓ ୩୦ ଓଭର ବିଶିଷ୍ଟ କ୍ଲବ କ୍ରିକେଟ ଖେଳୁଥିଲେ।

## ସୌରଭ ନେତ୍ରାଭଲ୍କର

ସୁପର ଓଭରରେ ଚମତ୍କାର ବୋଲିଂ କରି ପାକିସ୍ତାନକୁ ପରାଜୟ ସ୍ୱାଦ ଚଖାଇଥିବା ମ୍ୟାନ ଅଫ୍ ଦି ମୋମେଣ୍ଟ ହେଉଛନ୍ତି ସୌରଭ ନେତ୍ରାଭଲ୍କର। ପୂର୍ବରୁ ପାକିସ୍ତାନ ଇନିଂସ ସମୟରେ ମଧ୍ୟ ସେ ଘାତକ ବୋଲିଂ କରି ଆଉଟ ସୁଇଙ୍ଗର ମାଧ୍ୟମରେ ମହମ୍ମଦ ରିଜୱାନ ଏବଂ ସ୍ଲୋ ଫୁଲଟସ ସହାୟତାରେ ଇଫ୍ତିକାର ଅହମଦଙ୍କୁ ଆଉଟ କରି ପାକିସ୍ତାନକୁ ବ୍ୟାକ୍‌ଫୁଟରେ ରଖିଥିଲେ। ପାଠପଢ଼ା ଏବଂ ଖେଳ ମଧ୍ୟରେ ସେ ଉତ୍ତମ ସମନ୍ୱୟ ରଖି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ମୁମ୍ବାଇର ସୌରଭ ୨୦୧୦ରେ ଭାରତୀୟ ୧୯ ବର୍ଷରୁ କମ୍ ବିଶ୍ୱକପ ଦଳର ସଦସ୍ୟ ଥିଲେ। ସେତେବେଳେ ସେ 'ନେତ୍ରା' ଭାବେ ଭାରତୀୟ କ୍ରିକେଟ ମହଲରେ ପରିଚିତ ଥିଲେ ଏବଂ ୧୯ ବର୍ଷରୁ କମ୍ ଇଂଲଣ୍ଡ କ୍ରିକେଟର ଗୋଲ୍ଡେନ ବ୍ୟାଟ୍ ଜୋ ରୁଟ୍, ଜୋସ ବଟଲର, ବେନ୍ ଷ୍ଟୋକ୍ସ ପ୍ରଭୃତି ଇଂଲଣ୍ଡ ଖେଳାଳିଙ୍କୁ ବୋଲିଂ କରିଥିଲେ। ବିଶ୍ୱକପ୍‌ରେ ସେ ଜୟଦେବ ଉନାଡକଟ୍ ଏବଂ ସନ୍ଦୀପ ଶର୍ମାଙ୍କ ବୋଲିଂ ପାର୍ଟନର ଥିଲେ। କେବଳ ଭଲ ଖେଳିଲେ ମୁମ୍ବାଇ କ୍ରିକେଟରେ ତିଷ୍ଠି ରହିବା କଷ୍ଟକର ହୋଇଥାଏ। ଏଥିପାଇଁ ସବୁବେଳେ ଶ୍ରେଷ୍ଠ ଦେଖାଇବାକୁ ପଡ଼ିଥାଏ। ସୌରଭ ଭଲ ପଢୁଥିଲେ ଏବଂ କମ୍ପ୍ୟୁଟର ସାଇନ୍ସରେ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଥିଲେ। ସୌଭାଗ୍ୟକ୍ରମେ ସେ ଆମେରିକାର କର୍ନେଲ ବିଶ୍ୱବିଦ୍ୟାଳୟରେ ଏମ୍‌ଏସ୍ କରିବା ପାଇଁ ସ୍କଲାରଶିପ୍ ପାଇ ଯାଇଥିଲେ। ତେବେ ସେ କ୍ରିକେଟ ଛାଡ଼ି ନ ଥିଲେ। ଆମେରିକା କ୍ରିକେଟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କଲେ ଏବଂ ଆଗକୁ ବଢ଼ିଲେ। ମେଜର ଲିଗ୍ କ୍ରିକେଟର ପ୍ରଥମ ସଂସ୍କରଣରେ ସେ ପ୍ରଭାବୀ ପ୍ରଦର୍ଶନ କଲେ ଏବଂ ବିଶ୍ୱକପ୍ ପାଇଁ ଆମେରିକା ଦଳରେ ସ୍ଥାନ ପାଇବାର ସୁଯୋଗ ହାସଲ କଲେ। କ୍ରିକେଟ କ୍ୟାରିୟର ଛାଡ଼ିଦେଲେ ସିଲିକନ ଭାଲିରେ ଥିବା ଓରାକ୍‌ଲ ଅଫିସରେ ସେ ଜଣେ ସିନିୟର ଟେକ୍ନିସିଆନ।


ହରମିତ ସିଂ

## ହରମିତ ସିଂ

୨୦୧୨ରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍‌ରେ କରିସ୍ମା ଦେଖାଇବା ପରେ ଇଆନ ଚାପେଲ ଚାହୁଁଥିଲେ ସେ ଭାରତୀୟ କ୍ରିକେଟ ଦଳର ଜଣେ ସଦସ୍ୟ ହୁଅନ୍ତୁ। ମାତ୍ର ଭାଗ୍ୟରେ ଅନ୍ୟକିଛି ଲେଖା ଥିଲା। ସେ ପଥହରା ହେଲେ। ରେଲୱେ ଷ୍ଟେଶନ ଭିତରେ କାର ଡ୍ରାଇଭିଂ ଅଭିଯୋଗରେ ସୁରକ୍ଷାକର୍ମୀମାନେ ତାଙ୍କୁ ଅଟକ ରଖିଲେ। ବିଶୃଙ୍ଖଳିତ ଆଚରଣ ପାଇଁ ମୁମ୍ବାଇ କ୍ରିକେଟରେ ତିଷ୍ଠିବା ତାଙ୍କ ପାଇଁ ଅସମ୍ଭବ ହେଲା। ସେ ପେସାଦାର କ୍ରିକେଟ ଖେଳିବା ପାଇଁ ତ୍ରିପୁରା ଗଲେ, ମାତ୍ର ସେଠାରେ ମଧ୍ୟ ବିଶେଷ ସଫଳତା ପାଇଲେ ନାହିଁ। ସେ ଦେଶ ଛାଡ଼ିବା ପାଇଁ ନିଷ୍ପତ୍ତି ନେଇଥିଲେ ଏବଂ ଏହା ତାଙ୍କ ଭାଗ୍ୟ ବଦଳାଇଲା। ଆମେରିକାରେ ସେ ନିଜ କ୍ରିକେଟ ପ୍ରତିଭାକୁ ବିକଶିତ କରିବାରେ ସକ୍ଷମ ହେଲେ ଏବଂ ଗତ ବାଂଲାଦେଶ ବିପକ୍ଷ ସିରିଜରେ ଜଣେ ସ୍ଥିର ପ୍ରଦର୍ଶନକାରୀଭାବେ ଉଭା ହେଲେ। ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷ ସୁପର ଓଭରରେ ବିଚକ୍ଷଣ ଫିଲ୍ଡିଂ ତାଙ୍କ ଫିଟ୍‌ନେସର ପରିଚୟ ଦିଏ।

## ନସ୍ତୁସ କେଞ୍ଜେ

ଜଣେ ତାମିଲ-ଆମେରିକାନ ଭାବେ ନସ୍ତୁସ କେଞ୍ଜେଙ୍କ କ୍ରିକେଟ ଯାତ୍ରା ସଫଳ ରହିଛି। ସେ ଛୋଟ ଥିବାବେଳେ ପରିବାରବର୍ଗଙ୍କ ସହ ଉଟି ଯାଇ ବାମହାତୀ ମିଡିୟମ ପେସର ଭାବେ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିଲେ। ମାତ୍ର ପରେ ୧୩ ବର୍ଷ ବୟସରେ ସେ ସ୍ପିନ୍ ବୋଲିଂକୁ ଆପଣେଇଲେ। ୧୮ ବର୍ଷ ବୟସରେ କେଞ୍ଜେଙ୍କ ପରିବାର ତାଙ୍କୁ ବେଙ୍ଗାଲୁରୁ ପଠାଇଲେ। ସେଠାରେ ସେ କର୍ଣ୍ଣାଟକ ଷ୍ଟେଟ୍ କ୍ରିକେଟ ଆସୋସିଏଶନ ପକ୍ଷରୁ ପ୍ରଥମ ଡିଭିଜନ ଲିଗ୍ ଖେଳିଲେ। କର୍ଣ୍ଣାଟକ ରାଜ୍ୟ ପକ୍ଷରୁ ଖେଳିବା କଷ୍ଟକର ଜାଣିବା ପରେ ସେ ଜନ୍ମସ୍ଥାନକୁ ଫେରିଆସି ବାୟୋ-ମେଡିକାଲ ଇଞ୍ଜିନିୟରିଂ ପଢ଼ିଲେ। ନିଜ ରାଜ୍ୟକୁ ଆସିଲେ ତାଙ୍କୁ କ୍ରିକେଟ ଅନ୍ଧକାର ହେବ ବୋଲି ଜାଣି ମଧ୍ୟ ଚିନ୍ତିତ ନ ଥିଲେ। ମାତ୍ର ତାଙ୍କ ମା' ସୁଟ୍‌କେଶ୍‌ରେ ଏକ କ୍ରିକେଟ ବଲ୍ ରଖି ଦେଇଥିଲେ ଏବଂ ଏହାପରେ ଯାହା ହେଲା ତାହା ଇତିହାସ ପାଲଟିଗଲା। ସେ ୱାଶିଂଟନରେ ଚାକିରି ପାଇ ଆମେରିକା ଆସିଲେ। ସନ୍ଧ୍ୟା ସମୟରେ ସ୍କ୍ୱାଶ୍ ଖେଳିବାବେଳେ ସେ ନ୍ୟୁ ୟର୍କ କ୍ଲବ କ୍ରିକେଟ ସମ୍ପର୍କରେ ଜାଣିବାକୁ ପାଇଲେ। ଏହାପରେ ସମୟକ୍ରମେ ସେ ବାୟୋ-ମେଡିକାଲ ଅଫିସର ଚାକିରି ଛାଡ଼ିଦେଲେ ଏବଂ ଆମେରିକା ପକ୍ଷରୁ ଆଇସିସିର ଡବ୍ଲ୍ୟୁସିଏଲ୍ ଡିଭିଜନ୍-୪ କ୍ରିକେଟ ଖେଳିଲେ। ପାକିସ୍ତାନ ବିପକ୍ଷରେ ସେ ବୋଲିଂ ଆକ୍ରମଣ ଆରମ୍ଭ କରି ଉସମାନ ଖାଁ, ଶଦାବ ଖାଁ, ଆଜମ ଖାଁଙ୍କ ଉଇକେଟ ନେଇ ଆମେରିକାର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।

## ମିଲିନ୍ଦ କୁମାର

ପିଲାବେଳେ ମିଲିନ୍ଦ କୁମାର ଦିଲ୍ଲୀ ସର୍କିଟରେ ଜଣେ ପ୍ରତିଭାସମ୍ପନ୍ନ କ୍ରିକେଟରଭାବେ ପରିଚିତ ଥିଲେ। ମାତ୍ର ପରେ ଭଲ ପ୍ରଦର୍ଶନ ନ ରହିବାରୁ ତାଙ୍କୁ ରଣଜୀ ଟ୍ରଫିରେ ଲୋୟର ଅର୍ଡରରେ ବ୍ୟାଟିଂ ସୁଯୋଗ ମିଳିଲା। ଫଳରେ ସିକ୍କିମ ଶିଫ୍ଟ ହୋଇ ପ୍ଲେଟ୍ ଲିଗ୍‌ରେ ଖେଳିଲେ। ୧୩୦୦ରୁ ଊର୍ଦ୍ଧ୍ୱ ରନ କଲେ ମଧ୍ୟ ତାଙ୍କୁ ଆଶାନୁରୂପ ଲୋକପ୍ରିୟତା ମିଳି ନ ଥିଲା। କୋଭିଡ୍-୧୯ ପରେ ସେ ଆମେରିକା ଚାଲି ଯାଇଥିଲେ ଏବଂ ସେଠାରେ ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କଲେ। ଫଳସ୍ୱରୂପ ଆମେରିକା ବିଶ୍ୱକପ ଦଳରେ ତାଙ୍କୁ ସୁଯୋଗ ମିଳିଲା। ସେ ଜଣେ ବିଚକ୍ଷଣ ଫିଲ୍ଡରଭାବେ ପରିଚିତ। ସୁପର ଓଭରରେ ତାଙ୍କର ଡାଇଭିଂ କ୍ୟାଚ୍ ଇଫ୍ତିକାର ଅହମଦଙ୍କୁ ପ୍ୟାଭିଲିୟନ ପଥ ଦେଖାଇଥିଲା ଏବଂ ପାକିସ୍ତାନର ବିଜୟ ସମ୍ଭାବନା ଶେଷ ହୋଇଯାଇଥିଲା।

## ନୀତୀଶ କୁମାର

ଭାରତୀୟ ବଂଶୋଦ୍ଭବ ନୀତୀଶ କୁମାର ପ୍ରଥମେ କାନାଡ଼ା ଏବଂ ପରେ ଆମେରିକା ପକ୍ଷରୁ କ୍ରିକେଟ ଖେଳୁଛନ୍ତି। ୨୦୧୧ରେ ଯେତେବେଳେ ମହେନ୍ଦ୍ର ସିଂ ଧୋନୀ ବିଶ୍ୱକପ୍ ବିଜୟୀ ଛକା ମାରିଲେ ଏବଂ ବିରାଟ କୋହଲି ଭାରତର ପରବର୍ତ୍ତୀ ଶ୍ରେଷ୍ଠ କ୍ରିକେଟରଭାବେ ଉଭା ହେଲେ ସେତେବେଳେ ସ୍କୁଲ ଯାଉଥିବା ନୀତୀଶ ଏକ ବିଶ୍ୱରେକର୍ଡର ଅଧିକାରୀ ହୋଇଥିଲେ। ସେ ୧୬ ବର୍ଷ ୨୮୩ ଦିନର ହୋଇଥିବାବେଳେ କାନାଡ଼ା ପକ୍ଷରୁ ଜିମ୍ବାୱେ ବିପକ୍ଷରେ ୫୦ ଓଭର ବିଶ୍ୱକପ ମ୍ୟାଚ ଖେଳି ବିରଳ ରେକର୍ଡ କରିଥିଲେ। ଏହାର ୧୩ ବର୍ଷ ପରେ ଗତ ପାକିସ୍ତାନ ବିପକ୍ଷ ଟି୨୦ ବିଶ୍ୱକପ ମ୍ୟାଚରେ ହାରିସ ରୌଫଙ୍କ ଶେଷ ବଲ୍‌କୁ ବାଉଣ୍ଡାରୀ ମାରି ସେ ଉଲ୍ଲସିତ ହୋଇଥିଲେ।


ମୋନାକ ପଟେଲ

## ଯଶଦୀପ ସିଂ

ପଞ୍ଜାବର ଯଶପ୍ରୀତ୍ ସିଂ ନ୍ୟୁ ଜର୍ସିରେ ଜନ୍ମିତ। କଠିନ ପରିଶ୍ରମ ଯୋଗୁ ସେ ଏବେ ଆମେରିକା କ୍ରିକେଟ ଦଳର ଜଣେ ନିୟମିତ ସଦସ୍ୟ। ପାକିସ୍ତାନ ବଂଶୋଦ୍ଭବ ଅଲୀ ଖାଁଙ୍କ ସହ ଆମେରିକା ଦଳର ପେସ୍ ଆକ୍ରମଣ ସମ୍ଭାଳି ଆସୁଛନ୍ତି। ଗତ ବିଶ୍ୱକପ୍ ମ୍ୟାଚରେ ସେ ପାକିସ୍ତାନ ଅଧିନାୟକ ବାବର ଆଜମଙ୍କ ଉଇକେଟ ନେଇ ନିଜ ଦକ୍ଷତାର ପ୍ରମାଣ ଦେଇଛନ୍ତି। ଏହା ବର୍ତ୍ତମାନ ସୁଦ୍ଧା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ବଲ୍ ବୋଲି ବିବେଚନା କରାଯାଉଛି।


ପରିବାରବର୍ଗ ସହ ସୌରଭ ନେତ୍ରାଭଲ୍କର।


ନସ୍ତୁସ କେଞ୍ଜେ

# ପାକିସ୍ତାନ କ୍ରିକେଟ ପାଇଁ 'କଳା ଦିବସ'

କରାଚୀ, ୭।୬(ପି.ଟି.)

ପ୍ରଥମ ଥର ଟି୨୦ କ୍ରିକେଟ ବିଶ୍ୱକପ୍ ଖେଳୁଥିବା ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍)ଠାରୁ ପରାଜୟ ପାକିସ୍ତାନ କ୍ରିକେଟ ସମାଜକୁ ଖୁବ୍ ବ୍ୟଥିତ କରିଛି। ସେମାନେ ଏହି ଦିନକୁ ଏକ 'କଳା ଦିବସ' ବୋଲି ଆଖ୍ୟା ଦେଇଛନ୍ତି। ଡଲାସର ଗ୍ରାଣ୍ଡ ପ୍ରେରୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଉଭୟ ଦଳ ନିର୍ଦ୍ଧାରିତ ଓଭରରେ ସମାନ ସ୍କୋର କରିବାରୁ ମ୍ୟାଚ ଟାଇ ରହିଥିଲା। ସୁପର ଓଭରରେ ପାକିସ୍ତାନକୁ ହରାଇ ୟୁଏସ୍ ବିଜୟୀ ହୋଇଥିଲା। ପୂର୍ବତନ ଅଧିନାୟକ ୟୁନିସ ଖାନ୍ କହିଛନ୍ତି, ପାକିସ୍ତାନ ଏହାର ରଣନୀତିରେ କେତୋଟି ତ୍ରୁଟି କରିବାରୁ ପରିଣତି ଭୋଗିବାକୁ ପଡ଼ିଲା। ବାମହାତୀ ସ୍ପିନର ବିପକ୍ଷ ସୁପର ଓଭରରେ ବ୍ୟାଟିଂରେ ଫଖର ଜମାନଙ୍କୁ ପଠାଇବା ଉଚିତ ଥିଲା। ୟୁଏସ୍‌ଏରେ ବହୁ ସଂଖ୍ୟାରେ ପାକିସ୍ତାନୀ ବସବାସ କରନ୍ତି। ପଡ଼ିଆରେ ସେମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ଦଳକୁ ଉତ୍ସାହିତ କରିଥିଲେ। ପରାଜୟ ସେମାନଙ୍କୁ ନୈରାଶ୍ୟ କରିଛି। ପେସ୍ କିମ୍ବଦନ୍ତୀ ୱାସିମ ଆକ୍ରମ ଦଳର ପ୍ରଦର୍ଶନକୁ ଦୟନୀୟ କହିଛନ୍ତି। ଟପ୍ ଦଳଗୁଡ଼ିକ ବିପକ୍ଷରେ ସୀମିତ ଅନୁଭବ ଥିବା ଦଳର ପରାଜୟ ଗ୍ରହଣୀୟ ନୁହେଁ। ପଡ଼ିଆରେ କେତେଜଣ ଖେଳାଳିଙ୍କ ପ୍ରଦର୍ଶନ ପ୍ରୟାସ ଯଥେଷ୍ଟ ନ ଥିଲା। ପୂର୍ବତନ ଓପନର ମହସିନ ଖାନ୍ କହିଛନ୍ତି, ପାକିସ୍ତାନ କ୍ରିକେଟର ଭବିଷ୍ୟତକୁ ନେଇ ସେ ଚିନ୍ତିତ। ଏହା କେବଳ ପରାଜୟ ନୁହେଁ, ଆମ ଖେଳାଳିଙ୍କ ମାନସିକ ଶକ୍ତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ମୋ ଦୃଷ୍ଟିରେ ଆମ ଖେଳାଳିମାନେ ୟୁଏସ୍‌ଏକୁ ହେୟଜ୍ଞାନ କରିଥିଲେ। ଖାନ୍ ୨୦୧୦ରୁ ୨୦୧୨ ମୁଖ୍ୟ କୋଚ୍ ଓ ମୁଖ୍ୟ ଚୟନକର୍ତ୍ତା ରହିଥିଲେ। ସେ କହିଛନ୍ତି, ଏହି ପରାଜୟ ଦ୍ୱାରା ଆଗାମୀ ଭାରତ ବିପକ୍ଷ ମ୍ୟାଚ ଆମ ଲାଗି କର ଅବା ମର ପରିସ୍ଥିତି ସୃଷ୍ଟି କରିଛି। ଏହି ମ୍ୟାଚ ଯେନତେନ ଭାବେ ଆମକୁ ଜିତିବାକୁ ହେବ, ତା' ନ ହେଲେ ଆମେ ସୁପର -୮ ଦୌଡ଼ରୁ ବାଦ୍ ପଡ଼ିବୁ।


ୱାସିମ ଆକ୍ରମ

# ରୌଫ୍‌ଙ୍କ ବିରୋଧରେ ବଲ୍ ଟ୍ୟାମ୍ପରିଂ ଅଭିଯୋଗ



**ଡଲାସ, ୭।୬(ପି.ଟି.):** ପାକିସ୍ତାନ ପେସର ହାରିସ ରୌଫ୍‌ଙ୍କ ବିରୋଧରେ ବଲ୍ ଟ୍ୟାମ୍ପରିଂ ଅଭିଯୋଗ ଆଣିଛନ୍ତି ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ୍‌ଏ) ବୋଲର ରଷ୍ଟି ଥେରନ। ଚଳିତ ଟି୨୦ ବିଶ୍ୱକପ୍ ଟୁର୍ନାମେଣ୍ଟରେ ଗୁରୁବାର ପାକିସ୍ତାନ ଓ ୟୁଏସ୍‌ଏ ମଧ୍ୟରେ ମ୍ୟାଚ ପରେ ସେ ଏହି ଅଭିଯୋଗ ଆଣିଛନ୍ତି। ଥେରନ ୟୁଏସ୍‌ଏ ଦଳର ପ୍ଲେଇଂ ଇଲେଭେନରେ ସ୍ଥାନ ପାଇ ନ ଥିଲେ। ସେ ଅଭିଯୋଗ କରିଥିଲେ ଯେ, ବଲ୍‌ଟିରେ ମାତ୍ର ୨ଓଭର ବୋଲିଂ ହୋଇଥିବା ବେଳେ ରୌଫ ତାଙ୍କ ବୃଦ୍ଧାଙ୍ଗୁଳିର ନଖରେ ବଲ୍‌ଟିକୁ ରାମ୍ପୁଥିବାର ସେ ଦେଖିଛନ୍ତି। ଫଳତଃ ସେ ରିଭର୍ସ ସୁଇଂ ବୋଲିଂ କରିପାରୁଥିଲେ। ୩୮ବର୍ଷୀୟ ଏହି ସିମର ପୂର୍ବରୁ ଦକ୍ଷିଣ ଆଫ୍ରିକା ପାଇଁ ଖେଳୁଥିଲେ। ଏହି ଅଭିଯୋଗକୁ ନେଇ ଆଇସିସି ଆଖି ବୁଜି ଦେଇଥିବାରୁ ତାହାର ସେ ସମାଲୋଚନା କରିଛନ୍ତି।

# ଇଣ୍ଡିଆନ ୟୁନିଭର୍ସିଟି ଦଳରେ କିଟ୍-କିସ୍‌ର ୬ ଖେଳାଳି

**ୱାର୍ଲ୍ଡ ୟୁନିଭର୍ସିଟି ରଗ୍‌ବୀ ୭ଏସ୍**

ଭୁବନେଶ୍ୱର, ୭।୬ (ତପନ ସ୍ୱାଇଁ)

ଚଳିତ ମାସ ୧୦ରୁ ୧୨ ପର୍ଯ୍ୟନ୍ତ ଫ୍ରାନ୍ସର ଏକ୍ସ-ଏନ୍-ପ୍ରୋଭିନ୍ସରେ ହେବାକୁ ଯାଉଥିବା ଏଫ୍‌ଆଇଏସ୍‌ୟୁ ୱାର୍ଲ୍ଡ ୟୁନିଭର୍ସିଟି ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍ ପାଇଁ ଇଣ୍ଡିଆନ ୟୁନିଭର୍ସିଟି ଦଳରେ କିଟ୍ ଓ କିସ୍‌ର ୬ ଖେଳାଳି ସାମିଲ ହୋଇଛନ୍ତି। ମହିଳା ଓ ପୁରୁଷ ଦଳପାଇଁ ଇଣ୍ଡିଆନ ୟୁନିଭର୍ସିଟିର ଚୟନ ଟ୍ରାଏଲ୍ ଓ କ୍ୟାମ୍ପ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଇଣ୍ଡିଆନ ୟୁନିଭର୍ସିଟି ଦଳରେ କିଟ୍‌ର ବିନୋଦ ମାର୍ଣ୍ଡି, ଆଶିଷ ସବର, ଗଣେଷ ଧାଙ୍ଗଡ଼ା ମାଝି ଓ ନିର୍ମାଲ୍ୟ ରାଉତ ଏବଂ କିସ୍‌ର ମରକନ୍ଦ ପ୍ରଧାନ ଓ ଡୁମୁନି ମାର୍ଣ୍ଡି ସ୍ଥାନ ପାଇଛନ୍ତି। ଦଳର କୋଚ୍‌ଭାବେ କିସ୍‌ର ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରାକେଶ ଜେନା ମନୋନୀତ ହୋଇଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ଇଣ୍ଡିଆନ ୟୁନିଭର୍ସିଟି ଦଳରେ ସ୍ଥାନ ପାଇଥିବା କିଟ୍ ଓ କିସ୍‌ର ଖେଳାଳିଙ୍କ ସହ ଅଚ୍ୟୁତ ସାମନ୍ତ।

# ନୀଳକଇଁ

## ଗଳ୍ପ

**କୃଷ୍ଣା ମିଶ୍ର**

ସମୟ ମଧ୍ୟରାତ୍ରି। ଶ୍ୟାମଳୀ ବେଡ୍ ଉପରେ ଶୋଇ ନ ପାରି ଛଟପଟ ହେଉଛି। କାରଣ ଝରକା ଦେଇ ପ୍ରବେଶ କରିଛି ସେଇ ଦୁଷ୍ଟ ଜହ୍ନର ଆଲୁଅ। ଛୋଟିଆ ରୁମ୍‌ଟି ଭିତରେ ସତେକି ଜ୍ୟୋତ୍ସ୍ନାର ଫୁଆରା!

ଏଇତ କିଛି ସମୟ ପୂର୍ବରୁ, ଶୁଭ୍ରଙ୍କ ସହ ଗପୁଥିଲା ସେ। କେତେ ଯେ କଥା! ଗପ ପେଡ଼ିରୁ ବାହାରିଲା ଭଳି ଅସରନ୍ତି ଗପି ଚାଲିଥିଲେ ଦୁହେଁ। କିନ୍ତୁ ଏଇ ଜହ୍ନକୁ ଦେଖି, ଆଜି ମନରେ ତା' ଛନକା ପଶିଲାଣି।

ଏମିତି ପରା ହୁଏ!

ଏଇ ଜହ୍ନଟା କ'ଣ କାଲିକି ଆଜି ଭଳି ଶୀତଳ ନିଆଁରେ ଜଳୁଥିବ?

ଆଜି ଯେ ପୂର୍ଣ୍ଣିମା! ସେଇଥିପାଇଁ ତ ଏତେ ରୋମାଞ୍ଚ ଘେନି ପ୍ରବେଶିଛି ତା' କୋଠରିରେ... କାଲିଠାରୁ ପୁଣି କ୍ଷୀଣ ହେବାକୁ ଆରମ୍ଭିବ।

ହଁ, ଶୁଭ୍ର ମଧ ସେଇଭଳି କରନ୍ତି। ଯେଉଁଦିନ ଅନେକ ସମୟ ଧରି ଗପୁ ଗପୁ ନିଜର ପ୍ରୀତି ରୀତି ଅଜାଡ଼ି ଦିଅନ୍ତି ତା' ଉପରେ, ତା'ପରେ ଧୀରେ ଧୀରେ କମ୍ ହୋଇଯାଏ ତାଙ୍କର ବାର୍ତ୍ତାଳାପ। ସତେ କି ସୁଦୂର କେଉଁ ଆକାଶରେ ଲୁଚି ଯାଆନ୍ତି ସେ! ଶ୍ୟାମଳୀର ମାନସ ପଟରେ ନାଚିଗଲା ଅନେକ ସ୍ମୃତି... ଶୈଶବ, ଯୌବନ, ଆଉ ଜୀବନର ମଧ୍ୟାହ୍ନର...

ଛୋଟବେଳୁ ଜହ୍ନ ତା' ସାଥୀ। ତାକୁ ହିଁ ଦେଖି, ଶ୍ୟାମଳୀ ହସେ, ଖେଳେ, ଖାଏ ଆଉ ଶୁଏ...

ସେ ଅଗଣାକୁ ଧାଇଁଲେ, ଆକାଶରେ ଜହ୍ନଟା ତା' ପଛେ ପଛେ ଧାଏଁ।

ସେ ପଦାକୁ ବାହାରିଲେ, ମାଆଙ୍କ ହାତ ଧରି ରାସ୍ତା କଡ଼ରେ ଚାଲୁଥିବା ବେଳେ ଜହ୍ନ ତା' ସାଥେ ସାଥେ ଚାଲେ...

ଭାରି ଖୁସି ହୁଏ କୁନି ଝିଅ ଶ୍ୟାମଳୀ। ହେଲେ ସେଇ ଜହ୍ନଟା, ସବୁଦିନ ତାକୁ ଦିଶେ ନାହିଁ। ସେ ନେଇ ଝିଅ ମନରେ ଦୁଃଖ, ଜହ୍ନ ଉପରେ ରାଗ, ଅଭିମାନ... ଅମାବାସ୍ୟାରେ ତ ଆଦୌ ଦୃଶ୍ୟ ହୁଏ ନାହିଁ। କାନ୍ଦି କାନ୍ଦି ମାଆଙ୍କୁ ପଚାରେ ସେ। ମାଆ ଭାରି ଅଡୁଆରେ ପଡ଼ନ୍ତି। ତା' ପ୍ରଶ୍ନର ଉତ୍ତର ସେ କ'ଣ ବା ଦିଅନ୍ତେ! ଟିକି ଝିଅଟିକୁ କ'ଣ ବୋଲି ବୁଝାନ୍ତେ! ଶେଷରେ ମାଆ କୁହନ୍ତି, "ସେ ପରା ତୋ ସହ ଲୁଚକାଳି ଖେଳୁଛି! ଆକାଶର କେଉଁ କୋଣରେ ଲୁଚି ଯାଇଥିବ। ଦେଖିବୁ ରହ, କାଲିଠାରୁ ପୁଣି ଆଖିମିଟିକା ମାରିବ ଯେ! ତୋତେ ଛାଡ଼ି ସେ କୁଆଡ଼େ ଯିବନି ମ! ତୁ ଆମର ନୀଳକଇଁଟା ପରା!" ମଥାରେ ଚୁମ୍ବନଟିଏ ଦେଇ କଥା ବାଆଁରେଇ ଦିଅନ୍ତି ମାଆ।

କ୍ରମେ ଶ୍ୟାମଳୀ ସ୍କୁଲ୍‌ରେ ନାମ ଲେଖାଏ। ପାଠପଢ଼ା ମଧ୍ୟରେ ଅନେକ ଜ୍ଞାନ ବିଜ୍ଞାନର କଥା... "ଦିନରେ ସୂର୍ଯ୍ୟ ଆମକୁ ଦିଶନ୍ତି ମାତ୍ର ରାତିରେ ଦିଶନ୍ତି ନାହିଁ। କାରଣ, ସାର୍ କହିଛନ୍ତି, ପୃଥିବୀ ଘୂରୁଛି। ଆମ ଦେଶରେ ରାତି ହେଲେ ଅନ୍ୟ କେଉଁ ଦେଶରେ ଦିନ ହୋଇଥିବ।" କଥାଟି ତ ବୁଝି ହୁଏ। କିନ୍ତୁ ବୁଝିପାରେନା ସେ ଜହ୍ନ କଥା... "ପୂର୍ଣ୍ଣଚନ୍ଦ୍ରର ସେ କମନୀୟ କାନ୍ତି ଦେଖାଇ, କ୍ରମେ କ୍ଷୀଣ ହୋଇ ହୋଇ ଅଦୃଶ୍ୟ ହୋଇଯାଏ ଜହ୍ନ! ପୁଣି ନୀଳ ଗଗନରେ ଉଙ୍କି ମାରୁ ମାରୁ ପୂର୍ଣ୍ଣ ସ୍ୱରୂପ ପ୍ରାପ୍ତ କରେ..."

କେବଳ ସେତିକି ନୁହେଁ! ଚନ୍ଦ୍ରଗ୍ରହଣ, ସୂର୍ଯ୍ୟୋପରାଗ ପଡ଼ିଲା ବେଳକୁ ମାଆ କହୁଥିଲେ, "ରାହୁ ଗୋଟିଏ ରାକ୍ଷସ! ସେ କୁଆଡ଼େ ଚନ୍ଦ୍ରକୁ ଗ୍ରାସ କରିନିଏ ଓ କିଛି ସମୟ ପରେ ଛାଡ଼ିଦିଏ! କେବଳ ସେତିକି ନୁହେଁ, ସୁନ୍ଦର କୋମଳ ବାଦଲ ମଧ ବେଳେବେଳେ ଜହ୍ନକୁ ଢାଙ୍କିଦିଏ!"

ଜହ୍ନ ପାଇଁ ଶ୍ୟାମଳୀ ମନରେ ଦୟା ଆସେ।

ବୟସ ଯମୁନାରେ ଭାସି ଯାଉ ଯାଉ ଯୁବତୀ ଶ୍ୟାମଳୀ କଲେଜ ମାଟିରେ ପାଦ ଦିଏ। ପ୍ରତ୍ୟେକ ଦିନ ବିଭିନ୍ନ ଚାଲିଚଳଣ, ଭିନ୍ନ ଭିନ୍ନ ଚିନ୍ତାଧାରାର ଯୁବକ ଯୁବତୀ ସହ ତା'ର ଭେଟହୁଏ। ଅନେକ ସମୟରେ ଝିଅମାନଙ୍କ ଫେଶନ ଦେଖି ସେ ଅନେଇ ରହିଥାଏ। ପାଖକୁ ଯାଇ କଥା ହେବାର ସାହସ ହୁଏ ନାହିଁ ତା'ର। ଯଦି ସେମାନେ କିଛି କହିଦେବେ! ନିଜେ ସାଧାରଣ ଝିଅଟିଏ ବୋଲି ଭାରି ସଙ୍କୋଚ ତା'ର। ପ୍ରାୟତଃ ସେ ଚୁପ୍‌ଚାପ୍ ରୁହେ। ସତ କହିବାକୁ ଗଲେ ତା' ସହ କେହି ସାଙ୍ଗ ହୁଅନ୍ତି ନାହିଁ। ଏମିତିକି ହଠାତ୍ ଯଦି କୌଣସି ପ୍ରଫେସରଙ୍କ କ୍ଲାସ୍ ଥାଏ, କେହି ତାକୁ ଖବର ମଧ କରନ୍ତି ନାହିଁ।

ଏହିଭଳି ଅନେକ ଅସୁବିଧାର ସମ୍ମୁଖୀନ ହେଉଥାଏ ସେ। ଦିନେ ପ୍ରଥମ ବର୍ଷର ଛାତ୍ର ଶୁଭ୍ରାଂଶୁ ଆଗେଇ ଆସନ୍ତି ତାକୁ ସାହାଯ୍ୟ କରିବାକୁ। ଜଣେ ସରଳ, ନିଷ୍କପଟ, ସାଧାରଣ ପରିପାଟୀର।

ନିରୀହ ପିଲା ସେଇ ଶୁଭ୍ରାଂଶୁ, ଏକ ସାଧାରଣ ପରିବାରରେ ଜନ୍ମିତ, ମେଧାବୀ ଛାତ୍ର। ପରିଚୟ ଆଦାନ ପ୍ରଦାନ...



ବୋଧହୁଏ ଉଭୟେ ଉଭୟଙ୍କର ସ୍ୱଭାବ, ଚାଲି ଚଳଣକୁ ପସନ୍ଦ କରନ୍ତି, ଆପଣେଇ ନିଅନ୍ତି ଏବଂ ଅଜାଣତରେ ପରସ୍ପରକୁ ଭଲପାଇ ବସନ୍ତି।

କେବେ କୃଷ୍ଣଚୂଡ଼ାର ଛାଇରେ ତ କେବେ କଲେଜ କ୍ୟାଣ୍ଟିନ୍‌ରେ ଦୁହେଁ ଦୁହିଁଙ୍କ ଦୁଃଖ ସୁଖ ଗପନ୍ତି। ଶୁଭ୍ରଙ୍କୁ ନିଜଠାରୁ ଅଧିକ ବିଶ୍ୱାସ କରେ ଶ୍ୟାମଳୀ। ଶୁଭ୍ର ମଧ ଶ୍ୟାମଳୀ ପାଇଁ ପାଦେ ପାଦେ ସୁରକ୍ଷାର ବଳୟ ସୃଷ୍ଟି କରନ୍ତି। କଲେଜରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅଥବା ପରୀକ୍ଷା ସମ୍ବନ୍ଧୀୟ କାର୍ଯ୍ୟ ଯୋଗୁଁ ଅନେକ ସମୟରେ ଘରକୁ ଫେରିବାରେ ବିଳମ୍ବ ହୁଏ। ସନ୍ଧ୍ୟା ହୋଇଗଲେ ଶ୍ୟାମଳୀକୁ ସୁରକ୍ଷିତ ଭାବରେ ଘରେ ପହଞ୍ଚାଇବାର ଦାୟିତ୍ୱ ନିଅନ୍ତି ଶୁଭ୍ରାଂଶୁ।

କଲେଜ ଗଲାଦିନଠାରୁ ଶ୍ୟାମଳୀକୁ ଆଉ ଆକାଶର ଜହ୍ନ କଥା ଭାବିବାକୁ ସମୟ ହୁଏନାହିଁ। ଏଇ ଅନ୍ତରଙ୍ଗତା ଭିତରେ ଶୁଭ୍ରାଂଶୁଙ୍କର ଟିକେ ସ୍ୱାଭାବିକ ସାମାନ୍ୟ ଦୁଷ୍ଟାମି ବଢୁଥିଲା ନିଶ୍ଚୟ। ଥରେ ସେ ପିଲାଦିନର କଥା ସବୁ ଶୁଭ୍ରାଂଶୁ ସହ ଗପିଲା ବେଳେ ଶୁଭ୍ର ହସି ହସି ଥଟ୍ଟାରେ କହିଲେ, ଆଗୋ ନୀଳକଇଁ! ତୁମେ ଆକାଶରେ ଜହ୍ନଟାକୁ କାହିଁକି ଖୋଜ ଗୋ? ମୁଁ ପରା ଜହ୍ନଟିଏ, ସଶରୀରେ ତୁମ ପାଖେ ପାଖେ ଅଛି। ତୁମେ କ'ଣ ଆଉ ସେଇ କୁନିଝିଅ ହୋଇ ରହିଛ? ତୁମେ ଯେ ଯୌବନଶ୍ରୀ, ନୀଳକଇଁ!

ଲାଜରେ ରାଗି ପାଚି ଲାଲ ହୁଏ ଶ୍ୟାମଳୀ। କ୍ଷଣିକ ଲାଗି ବାତାବରଣ ଶାନ୍ତ। ପରମୁହୂର୍ତ୍ତରେ ପରିସ୍ଥିତିକୁ ହାଲୁକା କରି ନିଅନ୍ତି ଶୁଭ୍ର।

କଲେଜରେ ବର୍ଷ କେତୋଟି କେଇଟି ଦିନ ଭଳି ବିତିଯାଏ। ଅଜଣା ପ୍ରୀତି, କୋହ, ଲୁହ ସବୁ ଚାପି ପରସ୍ପରକୁ ବିଦାୟ ଦିଅନ୍ତି ଦୁହେଁ। ଭବିଷ୍ୟତରେ କେବେ ଭେଟ ହେଉ ବା ନ ହେଉ, ଯୋଗାଯୋଗର ପ୍ରତିଶ୍ରୁତି ଦିଅନ୍ତି ଉଭୟେ।

ବର୍ଷ ଅନେକ ବିତିଯାଇଛି ଏଇ ଭିତରେ...

ଯୋଗାଯୋଗ ହୋଇପାରି ନାହିଁ। ଶ୍ୟାମଳୀ ନିଜ ପାରିବାରିକ ଜଞ୍ଜାଳରେ ଗୁଡ଼େଇ ତୁଡ଼େଇ ହୋଇଛି। ଜୀବନର ଖାଲଢିପ, କଣ୍ଟକିତ ରାସ୍ତାରେ ଦଉଡ଼ି ଦଉଡ଼ି ଅଣନିଃଶ୍ୱାସୀ ହୋଇପଡ଼ିଛି। ତେଣେ ଶୁଭ୍ରାଂଶୁ ମଧ ଉଚ୍ଚ ଶିକ୍ଷା ପ୍ରାପ୍ତି ପରେ ଆର୍ଥିକ, ମାନସିକ ଚାପର ଶିକାର ହୋଇ ପରିବାରର ବୋଝ ନିଜ କାନ୍ଧକୁ ନେଇଛନ୍ତି।

ବୟସର ମଧ୍ୟାହ୍ନରେ ପୁଣି ଥରେ ଯୋଗାଯୋଗ ହୋଇଛି ଉଭୟଙ୍କ ମଧ୍ୟରେ।

ଶ୍ୟାମଳୀ ଏଇ ସହରରେ ଏକ ଛୋଟ ଘରଟିଏ ଭଡ଼ାରେ ନେଇ ରହୁଛି। ଚାକିରି କରୁଥିଲା, ହେଲେ ବର୍ତ୍ତମାନ ଆଉ ନାହିଁ। ପାଖ ଗାଁର ଗରିବ ଝିଅଟିକୁ ସାଙ୍ଗରେ ଧରି ଆସିଛି। ସେ ହିଁ ତା'ର ନିଃସଙ୍ଗ ଜୀବନର ସାଥୀ।

ସ୍ମୃତିପଟରେ ଗୋଟି ଗୋଟି ହୋଇ ସବୁ ଝଲସି ଉଠୁଛି ଆଜି...

"କେଉଁ ତାରା ରାଇଜରେ ଲୁଚି ଯାଇଥିଲ ଶୁଭ୍ରାଂଶୁ! ଏତେ ଖୋଜିଲି–ଧରା ଦେଇ ନ ଥିଲ। ଦୀର୍ଘ ପ୍ରତୀକ୍ଷା ପରେ ଆସିଲ! ପୁଣି ସେଇ କରୁଣ ମହ୍ଲାର ତୋଳି ଦେଲ। କିନ୍ତୁ ଆଜି ଖାଲି ତୁମକୁ ଦୂରରୁ ଶୁଣି ପାରିବି ସିନା, ପାଖରେ ପାଇବାର ସମସ୍ତ ସମ୍ଭାବନା ଯେ ମୁଁ ହରାଇ ସାରିଛି...।"

ଭାବନାରେ ହଜିଗଲା ସେ। ସେଦିନର ସେଇ ପୂର୍ଣ୍ଣ ଯୌବନା ଫୁଟନ୍ତା ଗୋଲାପ, ନା' ନା' ନୀଳକଇଁ ଆଜି ସମୟର ଧକ୍କାରେ ବୃନ୍ତଚ୍ୟୁତ। ଲୁହର ଲୁଣି ସାଗରରେ ଉବୁଟୁବୁ...

ଅସହ୍ୟ ଯନ୍ତ୍ରଣାରେ ଛଟପଟ...

ଲୁହଲାଳ, ହସକାନ୍ଦ ଯେମିତି ସବୁ ଏକାକାର...

ଆଖି ଖୋଲିଲା ବେଳକୁ ଝରକା ଫାଙ୍କରେ ଜହ୍ନ ଆଉ ଦିଶୁନି। କୋଠରି ଭିତରେ କେବଳ ଅନ୍ଧକାର! ଶ୍ୱାସରୁଦ୍ଧ ହେଲା ଭଳି ଅନୁଭବ କରୁଥିଲା ସେ। ବିଛଣା କଡ଼ରେ ଅଣ୍ଡାଳି ହେଲା। ଆଶାବାଡ଼ିଟି ବୋଧହୁଏ ତଳେ ପଡ଼ିଯାଇଥିଲା...

ମୋ: ୯୩୦୧୦୧୨୩୩୩

---

## ପୁସ୍ତକ ପରିଚୟ

### ନିଷିଦ୍ଧ ନୀଳାଚଳ




**ଲେଖକ:** ଡ. ରଜତ କୁମାର କର
**ପ୍ରକାଶକ:** ପଦ୍ମଶ୍ରୀ ରଜତ କୁମାର କର ସ୍ମୃତି ସଂସଦ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୦୦/–

ଆଲୋଚ୍ୟ ନାଟକଟି ଲେଖକ ଡ. କରଙ୍କ ମୁଦ୍ରିତ ଶେଷ ନାଟକ, ଯାହା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ କୃତି ଓ କରଣୀକୁ ନେଇ ପରିକଳ୍ପିତ। ଇଂରେଜ ସରକାରଙ୍କ ପରିଚାଳନା ଅଧୀନକୁ ଚାଲିଯାଇଥିବା ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ପରିଚାଳନା ଭାର କିପରି ପୁନଶ୍ଚ ଗଜପତିଙ୍କ ହାତକୁ ଫେରିଆସିବ, ଏଇ ମହତ୍ ଲକ୍ଷ୍ୟରେ ଆଇନର ଲଢ଼େଇ ଲଢ଼ି ସଫଳକାମ ହୋଇଥିବା ମଧୁବାବୁଙ୍କ ସଂଗ୍ରାମର କାହାଣୀକୁ ଅତି ଜୀବନ୍ତ ଭାବେ ନାଟକରେ ରୂପାୟିତ କରାଯାଇଛି। ନାଟକରେ ରହିଛି ମୋଟ ୧୮ଟି ଦୃଶ୍ୟ ଓ ଏହାର ସମସ୍ତ ଚରିତ୍ର ଐତିହାସିକ। ପ୍ରତ୍ୟେକ ଦୃଶ୍ୟରେ ଉତ୍କଳ ଜନନୀ ପ୍ରତି ମଧୁବାବୁଙ୍କ ଉତ୍ସର୍ଗିତ ଜାତୀୟ ଭାବନା, ଗଭୀର ଆତ୍ମବିଶ୍ୱାସ, ସତ୍ୟର ପ୍ରତିଷ୍ଠା ପାଇଁ ନିଷ୍ଠା ଓ ସାହସର ଯେପରି ପ୍ରତିଫଳନ ଘଟିଛି, ତାହା ନାଟକକୁ ପ୍ରଭାବଶାଳୀ କେବଳ କରିନାହିଁ, ଦର୍ଶକଙ୍କୁ ଜାତୀୟ ଭାବନାରେ ଉଦ୍‌ବୁଦ୍ଧ କରିଛି। 'ପଞ୍ଚମ ଦୃଶ୍ୟ'ରେ କଲେକ୍ଟର ଆର୍ମଷ୍ଟ୍ରଙ୍ଗ୍ ଓ ମଧୁବାବୁଙ୍କ ମଧ୍ୟରେ ହୋଇଥିବା ବାଚନିକ ଯୁକ୍ତିର ଆଦାନପ୍ରଦାନକୁ ପ୍ରତ୍ୟକ୍ଷ କଲେ ଆମ ଭିତରେ ମଧୁବାବୁଙ୍କ ପରି ଜଣେ ଅଭୀକ ନେତା ଓ ଅକୁଣ୍ଠ ଜନସେବୀ ଯେ ଜନ୍ମ ନେଇଥିଲେ– ଏହି ଭାବନାରେ ମନ ପୂରିଉଠେ। ପୁରୀର ଗଜପତି ରାଜା ବ୍ରିଟିଶ୍ ସରକାର କର୍ତ୍ତୃକ ଆଣ୍ଡାମାନରେ ନିର୍ବାସିତ ଓ ତାଙ୍କ ଅନୁପସ୍ଥିତିରେ ଶିଶୁପୁତ୍ରଙ୍କ ତରଫରୁ ରାଣୀ ସୂର୍ଯ୍ୟମଣିଙ୍କୁ ଶ୍ରୀମନ୍ଦିର ପରିଚାଳନା ଭାର ପ୍ରତ୍ୟର୍ପଣ କରାଯାଉ– ଏହି ଦାବିକୁ ମଧୁବାବୁ ଯେପରି ସାବ୍ୟସ୍ତ କରିଛନ୍ତି, ତାହା ସ୍ତରେ ସ୍ତରେ, ସଂଳାପେ ସଂଳାପେ ନାଟକୀୟ ହୋଇଉଠିଛି। ଆଶା, 'ନିଷିଦ୍ଧ ନୀଳାଚଳ' ଲୋକପ୍ରିୟ ହେବ ଓ ମଞ୍ଚାଭିନୟ ଦ୍ୱାରା ଦର୍ଶକଙ୍କୁ ଅଭିଭୂତ କରିଚାଲିଥିବ।

### ଜଳନ୍ତର ଇତିହାସ

(ଏକ ଛିନ୍ନ ପୃଷ୍ଠାର ଆତ୍ମକଥା)




**ଲେଖକ:** ସ୍ୱଦେଶ ସୁନ୍ଦର ପଟ୍ଟନାୟକ
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୭୯/–

'ଜଳନ୍ତର', ଯାହା ଦିନେ ଓଡ଼ିଶାର ଥିଲା ଓ ଔପନିବେଶିକ ଷଡ଼ଯନ୍ତ୍ର ଯୋଗୁଁ ଓଡ଼ିଶାରୁ ବିଚ୍ଛିନ୍ନ ହୋଇ ଆନ୍ଧ୍ରର ପରିସରଭୁକ୍ତ ହୋଇଗଲା– ସେହି ଜଳନ୍ତରର ଅଙ୍ଗେନିଭା କାହାଣୀ ହେଉଛି ଆଲୋଚ୍ୟ ପୁସ୍ତକ। ଲେଖକଙ୍କର ଜନ୍ମ ଜଳନ୍ତରଗଡ଼ରେ ଓ ସେଇଠି କଟିଛି ତାଙ୍କର ଶୈଶବ ଓ କୈଶୋର। ଏହି କାରଣରୁ ଲେଖକ ଜଳନ୍ତରର ମାଟି, ପାଣି, ପବନ ତଥା ଓଡ଼ିଆ ଭାଷା ଓ ସଂସ୍କୃତିକୁ ତୃଣମୂଳସ୍ତରରୁ ଜାଣିଛନ୍ତି। ୧୯୩୯ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ଲଗ୍ନରେ ଓଡ଼ିଶା ହରାଇଛି ଟିକଲି, ମଞ୍ଜୁଷା ଓ ଜଳନ୍ତରକୁ। ଏଥି ସହିତ ସେହି ମାଟି ସହ ସଂଯୁକ୍ତ ଓଡ଼ିଆ ଭାଷା ଓ ଐତିହ୍ୟକୁ। ଦେଶ ସ୍ୱାଧୀନ ପରେ ଭାରତବର୍ଷରେ ଯେଉଁ ପ୍ରାଦେଶିକତାର ଉଗ୍ର ଉଦ୍‌ଭବ ହୋଇଛି, ତାହା ଫଳରେ ତେଲୁଗୁ ସଂସ୍କୃତି ଭିତରେ ଓଡ଼ିଶାର ନାମ ଓ ପରିଚୟ ଧୀରେ ଧୀରେ ବିଲୁପ୍ତ ହେବାରେ ଲାଗିଛି। ପୁସ୍ତକଟି ଦୁଇ ଭାଗରେ ବିଭକ୍ତ। ପ୍ରଥମ ଭାଗରେ ରହିଛି ଜଳନ୍ତର ତଥା ବିଚ୍ଛିନ୍ନାଞ୍ଚଳର ସଂକ୍ଷିପ୍ତ ଇତିହାସ ଓ ଦ୍ୱିତୀୟ ଭାଗରେ 'ଗଲାଣି ତ ଗଲା କଥା' ଶୀର୍ଷକରେ ଲେଖକଙ୍କ ସ୍ୱକୀୟ ତିକ୍ତ ମଧୁର ଅନୁଭୂତିର ବର୍ଣ୍ଣନା। ବିଚ୍ଛିନ୍ନାଞ୍ଚଳ, ବିଶେଷକରି ଜଳନ୍ତର ସମ୍ପର୍କରେ ପୁସ୍ତକଟି ହେଉଛି ଏକ ବିଶ୍ୱସ୍ତ ଦଲିଲ, ଯାହା ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଣକୁ ବ୍ୟଥିତ କରିବ। ପୂର୍ଣ୍ଣାଙ୍ଗ ଓଡ଼ିଶାର ସ୍ୱପ୍ନ ଦେଖି, ସେହି ସ୍ୱପ୍ନକୁ ବିପ୍ଲବର ଆଧାର ପ୍ରଦାନ ସହ ବାସ୍ତବତାରେ ପରିଣତ କରିବାର ସଂକଳ୍ପ ନେବା ନିମିତ୍ତ ଗ୍ରନ୍ଥଟି ହେଉଛି ବର୍ତ୍ତମାନର ପିଢ଼ି ପାଇଁ ଏକ ଆହ୍ୱାନ।

---

## କାଳକାଳକୁ

"ଜୀବନ ଏକ ଦୀର୍ଘ ପ୍ରସ୍ତୁତି ତା'ରି ପାଇଁ, ଯାହା କେବେ ଘଟେ ନାହିଁ"

– ଡବ୍ଲ୍ୟୁ. ବି. ୟେଟ୍‌ସ



**ଉଇଲିୟମ୍ ବଟ୍‌ଲର୍ ୟେଟ୍‌ସଙ୍କ** ଜନ୍ମ ୧୩ ଜୁନ୍ ୧୮୬୫ରେ ଓ ପରଲୋକ ୨୮ ଜାନୁୟାରୀ ୧୯୩୯ରେ। ସେ ଏକାଧାରରେ କବି, ନାଟ୍ୟକାର ଓ ବିଂଶ ଶତାବ୍ଦୀର ଆଇରିଶ୍ ସାହିତ୍ୟର ଜଣେ ତୁଙ୍ଗିମ ସ୍ରଷ୍ଟା। ତାଙ୍କୁ ଯେତେବେଳେ ୧୭ ବର୍ଷ ବୟସ, ସେତେବେଳେ ସେ ଲେଖା ଆରମ୍ଭ କଲେ। ଆଇରିଶ୍ ସାହିତ୍ୟକୁ ନବଜୀବନ ଦେବାରେ ୟେଟ୍‌ସଙ୍କ ଅବଦାନ ସର୍ବାଗ୍ରେ ସ୍ୱୀକୃତ। 'ଅନ୍ ବେଲ୍‌ସ ଷ୍ଟ୍ରାଣ୍ଡ୍', 'ଡେୟିରଡ୍ରେ', 'ଦ କିଙ୍ଗ୍ ଅଫ୍ ଦ ଗ୍ରେଟ୍ କ୍ଲକ୍ ଟାୱାର' ପ୍ରଭୃତି ତାଙ୍କର କେତେକ ଜନପ୍ରିୟ ନାଟକ। ଆଇରିଶ୍ ଫ୍ରି ଷ୍ଟେଟ୍‌ର ସିନେଟର ଭାବେ ସେ ଦୁଇଥର ସଫଳତାର ସହ କାର୍ଯ୍ୟ କରିଥିଲେ। ସାହିତ୍ୟକୁ ନିଜର ମୂଲ୍ୟବାନ୍ ଅବଦାନ ପାଇଁ ୧୯୨୩ରେ ତାଙ୍କୁ ମିଳିଥିଲା ସାହିତ୍ୟରେ ନୋବେଲ। ସେ କହନ୍ତି: "ଜ୍ଞାନୀଲୋକ ଭଳି ଚିନ୍ତାକର, କିନ୍ତୁ ଲୋକଙ୍କ ଭାଷାରେ ତାକୁ ବାଣ୍ଟ।"

---

## କବିତା

### ଦ୍ରୌପଦୀର ସ୍ମିତହାସ୍ୟ

**ଡ. ସୁଧାଂଶୁବାଳା ତ୍ରିପାଠୀ**

ଜନ୍ମ ଯାହାର ଅଗ୍ନି ଜଠରୁ
ଯନ୍ତ୍ରଣା ଯା'ର ଟିକା
ମୃତ୍ୟୁକୁ ଯିଏ ଫୁତ୍କାରିଦିଏ
ଅପମାନ ଯା'ର ସଖା।
ଦୁଃଖ ଯାହାର ପ୍ରସୂନର ମାଳ
ଭାଗ୍ୟ ବି ଦେଲା ଧୋକା
ତୁମରି କରୁଣା ପ୍ରେମର ପରଶ
ଜୀବନିକା ତା'ର ଏକା।

ସତେ କି କେଶବ ଜୀବନେ ମୋହର
ଇଚ୍ଛା ବୋଲି କିଛି ନାହିଁ
ଅପର ଖିଆଲେ ଅପର ନିର୍ଦ୍ଦେଶେ
ବଞ୍ଚୁଥିବି ଖାଲି ମୁହିଁ।
ସ୍ରଷ୍ଟା ବୋଲି ଯା'କୁ ଭାବିଥିଲି ଦିନେ
କଲା ମୋତେ ଅଭିଶପ୍ତ
ହାତ ଧରି ଯା'ରେ ଆଶ୍ରିତ ହେଲି
କଲା ମୋ' ସତୀତ୍ୱ ନଷ୍ଟ।

ବୀର ବୋଲି ମଣି ଭାବିଥିଲି ଯା'ରେ
ହୋଇଗଲେ କାପୁରୁଷ
କୁରୁସଭା ତଳେ ବିବସନା ହେଲି
କୁହ କ'ଣ ମୋର ଦୋଷ?

କୁତ୍ସିତ ଏହି ଦାନବ ଦଳର
ସଭିଏଁ ରକତମୁଖା
ଧନ୍ୟ ପ୍ରଭୁ ହେ ଗିରିଧର ତୁମେ
ତୁମେ ହିଁ ଜୀବନ ସଖା।
ସତ୍ୟ ନ୍ୟାୟର ଦ୍ୱାହି ଦେଉଥିବା
ବୀର ପୁଙ୍ଗବ ଦଳ
ଭଗ୍ନ ଜାନୁ ନେଇ ଧରାରେ ଲୋଟନ୍ତି
ଏହା ତ କାଳର ଖେଳ।
କାମନା ଫାଶରେ ଫାନ୍ଦିବାକୁ ଦିନେ
ରଚିଲେ ବିଷ ବଳୟ

ସେଇ ବଳୟର ଚକ୍ରବ୍ୟୂହେ ସେ
ଦେଖନ୍ତି ମରଣ ଭୟ।

ଧନ୍ୟ ବାସୁଦେବ ମହିମା ତୁମର
ସତ୍ୟସାରଥି ତୁମେ
ଯୁଗେଯୁଗେ ତୁମେ ଧର୍ମ ରୂପରେ
ଅବତର ଏହି ଧାମେ।
ବେଣୀର ବନ୍ଧନ କରିବ ନିଶ୍ଚୟ
ବିଶ୍ୱାସ ମୋହର ଅଛି
ଅରିଗଣ ସବୁ କାଳର ସୁଅରେ
ସରିଯିବେ ହୋଇ ପୋଛି।
ତୁମ ଇଙ୍ଗିତେ କ୍ରିଷ୍ଣା ତୁମର
ହସଇ ହେ ପ୍ରାଣସଖା
ଦିବସ ରଜନୀ ଏକାକାର କରି
ସଦା ଦେଉଥାଅ ଦେଖା।

ମୋ: ୮୨୪୯୫୩୩୯୧୬

### ତୁମେ ନଥିଲ

**ଭବାନୀ ଶଙ୍କର ଦାଶ**

ଭାଗ୍ୟ ଆଉ ଭଗବାନ
ପାଚିଲା ଫଳଟେ ଭଳି
ମତେ ବାଣ୍ଟି ଖାଇଲେ ଯେ ଦିନ
ତୁମେ କିନ୍ତୁ ନ ଥିଲ ସେଦିନ।

ବାଧ ହେଲି ଫାଳ ଫାଳ
ହେଇଯିବା ପାଇଁ
ନିଜଠାରୁ ସେ ଦିନଠୁ
ନିଜକୁ ମୁଁ ରଖିଛି ଦୂରେଇ।

ଦେଖିବ ଆସିଲେ
କେତେ ଲକ୍ଷ ପ୍ରଜାପତି
ମହୁମାଛି କେତେ କୋଟି
ତୁମେ ନ ଥିବାରୁ ଏଠି
ମରିପଡ଼ିଥିଲେ।

ମୋ: ୮୯୧୭୬୨୪୩୮୬

---

# ବୋଉର ଆଲମାରି

## ଲଘୁଗଳ୍ପ

**ସୁନିତା ପ୍ରଧାନ**

ଶାଗୁଆନ୍ ପଟାର କଳା ମଚମଚ ଓଜନିଆ କାଠ ଆଲମାରିଟି ଆମ ବାରିଘରେ ସଗର୍ବେ ମୁଣ୍ଡ ଟେକି ଠିଆ ହୋଇଥିଲା କୋଉ କାଳୁ। ବୋଉ ବାହା ହୋଇ ଆସିବା ବେଳେ ତା' ବାପଘରୁ ଏଇଟିକୁ ନେଇ ଆସିଥିଲା। ଅତି ସାଧାରଣ ଦେଖାଯାଉଥିବା ଏଇ ଆଲମାରି ପ୍ରତି ବୋଉର ଗୋଟେ ଅଦ୍ଭୁତ ଆକର୍ଷଣ! ଏ ଆଲମାରିରେ ତା'ର ଏକଚାଟିଆ ଅଧିକାର। ତା' ଅଣ୍ଟାରେ ଅତି ଯତ୍ନରେ ଖୋସିଥାଏ ସେ ଚାବିଟିକୁ। ଏହାର ଚାବି ସେ କାହାରିକି କେବେ ଛୁଆଁଇ ଦିଏନି। ଏପରିକି ବାପାଙ୍କୁ ମଧ ନୁହଁ। ବୋଉ ଯେତେବେଳେ ବି ଆଲମାରି ଖୋଲେ, ଗନ୍ଧକର୍ପୂର ଓ ନୂଆଲୁଗାର ଏକ ଫେଣ୍ଟାଫେଣ୍ଟି ମିଠା ବାସ୍ନା ସାରା କୋଠରିରେ ଖେଳେଇ ହୋଇଯାଏ। ସେ ବାସ୍ନା ଟିକକ ପାଇବା ପାଇଁ ଛୁଆ ବେଳେ ଆମେ ସବୁ ଭାଇଭଉଣୀମାନେ ଉତ୍କଣ୍ଠିତ ହୋଇ ଅନେଇ ବସିଥାଉ ବୋଉର ଆଲମାରି ଖୋଲିବା ନେଇ। ବୋଉ ପାଇଁ ଏଇଟି କେବଳ ଗୋଟିଏ ଆଲମାରି ନଥିଲା। ଏଇଟି ଥିଲା ତା' ବୋଉର ସନ୍ତକ। ମୋ' ଆଈ କାଳେ ଆଣିଥିଲା ତା' ବାପଘରୁ। ତା'ପରେ ବୋଉ ନେଇ ଆସିଥିଲା ଏଇଟିକି।

ପିଉସୀମାନଙ୍କ ବାହାଘର ବେଳେ ବୋଉ ତା'ର ସମସ୍ତ ସୁନାଗହଣା, ପିତଳ ବାସନକୁସନ, ବଡ଼ କାଠ ପେଡ଼ି ସବୁ ଦେଇ ସାରିଥିଲା; କେବଳ ଏଇ ଗୋଟିକ ବ୍ୟତୀତ।

ଏଇଟି ଥିଲା ତା'ର ଲକ୍ଷ୍ମୀ ଭଣ୍ଡାର। ତା' ସୁଖ, ଦୁଃଖ, ଅଭାବ ଅସୁବିଧା, ଲୁହ କାନ୍ଦ, ହସ ଖୁସି, ସ୍ମୃତି ଅନୁଭୂତିର କୁବେର ପେଡ଼ି। ଆମ ପିଲାବେଳର ସବୁ ଫଟୋ, ଆମ କୃତୀ କୃତିତ୍ୱର ଛବି, ଆମ ନୂଆ ଶାର୍ଟ ପ୍ୟାଣ୍ଟ, ଜାମା ସବୁ ତା'ରି ଭିତରେ ରହୁଥିଲା।

ଘରକୁ କୁଣିଆ ମୈତ୍ର, ବନ୍ଧୁ ବେଭାର ସବୁଠି ଦେବା ନେବାରେ ବୋଉ ତା' ଆଲମାରିରୁ ନୂଆ ଲୁଗାପଟା ବାହାର କରେ। ଘରର ସଉଦା ପତ୍ର, ଚାଷବାସ, ମୂଲିଆ ହଳିଆ, ପୂଜା ପର୍ବ ପାଇଁ ଯାହାକୁ ଯେତେବେଳେ ଯାହା ଟଙ୍କା ପଇସା ଦରକାର ହୁଏ, ବୋଉ ତା'ର ଏଇ ଲକ୍ଷ୍ମୀଭଣ୍ଡାର ଖୋଲି ଟଙ୍କା ବାହାର କରି ଦିଏ। ଏଇ ଆଲମାରିକୁ ନେଇ ବେଳେବେଳେ ମୁଁ ବୋଉକୁ ଚିଡ଼ାଏ। ବୋଉ ଏ କାଠ ଆଲମାରି କେତେବେଳେ ଉଇ ଖାଇଦେବ, ଚୋର ଭାଙ୍ଗି ସବୁ ନେଇଯିବ। ଏଇଟିକୁ କାହିଁକି ତୁ ଏତେ ଭଲପାଉ ଯେ! ବାପାଙ୍କୁ କହି ନୂଆ ଲୁହା ଆଲମାରିଟେ ଆଣୁନୁ। କୋଉ ଗୋଟେ ମାନ୍ଧାତା ଅମଳର ଜିନିଷ ପାଇଁ ତୋର ଏତେ ଲୋଭ।

ଅନ୍ୟ ବେଳେ ପ୍ରାୟ ଶାନ୍ତ ରହୁଥିବା ବୋଉ ତା' ବାପଘର ବିଷୟରେ କିଛି କଥା କିମ୍ବା ଜିନିଷ କଥା ଉଠିଲେ ଆଦୌ ସମ୍ଭାଳି ପାରେନା। ସେ ରାଗି କି ନାଲି ପାଚି ଯାଏ। ତା' ବାପଘର ସପକ୍ଷରେ ଅଣ୍ଟାଭିଡ଼ି ଓକିଲାତି କରିବାକୁ ବାହାରିପଡ଼େ। ମୋ' ବୋଉର ସ୍ମୃତିକୁ ତୁ ମାନ୍ଧାତା ଅମଳର ଜିନିଷ ବୋଲି କେମିତି କହିପାରିଲୁ କହି ବୋଉ ମୋତେ ଧୁମ୍ ଗାଳିଦିଏ। ସବୁ ଝିଅମାନେ ବୋଧେ ଏମିତି! ଦୁନିଆର ସବୁ ଦୁଃଖ କଷ୍ଟ ସହିଯିବେ ପଛକେ ବାପଘର ବିରୁଦ୍ଧରେ ପଦେ କଥା ସହି ପାରିବେନି। ବୋଉର ଗାଳି ଶୁଣି ମୁଁ କିଛିଦିନ ଚୁପ୍ ରହିଯାଏ। ପୁଣି କିଛିଦିନ ପରେ ସେଇ କଥାର ପୁନରାବୃତ୍ତି ହୁଏ।

ପରିବର୍ତ୍ତନ ତ ଦୁନିଆର ନିୟମ। ଆମେ ବା ଏଥିରୁ କେମିତି ବାଦ୍ ପଡ଼ିଥା'ନ୍ତୁ। ଯାରି ଭିତରେ ବିତିଯାଇଛି ଅନେକ ବର୍ଷ। ଗାଁର ନୁଆଁଣିଆ ଚାଳଘର ବଦଳରେ ଛିଡ଼ା ହୋଇଥିଲା ଏକ ପକ୍କା ଘର। ମୁଁ ବାହା ହୋଇ ଚାଲିଯାଇଥିଲି ମୋ' ଶାଶୁଘରକୁ। ଭାଇମାନେ ବାହା ସାହା ହୋଇ ନିଜ ନିଜ କର୍ମ କ୍ଷେତ୍ରରେ। ବାପା ଆମକୁ ଛାଡ଼ି ଚାଲିଯାଇଥିଲେ ଅନେକ ଦିନ ତଳୁ। ବଦଳି ଯାଇଥିଲା ଘରର ଚାଲିଚଳଣି। ପୁରୁଣା ଆସବାବପତ୍ରର ସ୍ଥାନ ନେଇଥିଲା ନୂଆ ଡିଜାଇନର ଫର୍ନିଚର ସବୁ। କେବଳ ବଦଳି ନଥିଲା ବୋଉର ଏଇ ଆଲମାରିଟି। ବୋଉ ସମସ୍ତଙ୍କୁ ତାଗିଦା କରି ଦେଇଥିଲା, ସେ ବଞ୍ଚି ଥାଉଥାଉ ତା' ଆଲମାରିରେ କେହି ଯେମିତି ହାତ ନ ଲଗାନ୍ତି! ଅଗତ୍ୟା ବୋଉ ଆଉ ତା' ଆଲମାରି ଗାଆଁରେ ସେମିତି ହିଁ ଥିଲେ, ବୋଉର ସୁଖ ଦୁଃଖର ଏକମାତ୍ର ସାକ୍ଷୀ ଥିଲା ଏଇ ଆଲମାରି।



ବୋଉ ଯିବାର ଆଜକୁ ବାର ଦିନ ହୋଇ ସାରିଥିଲା। କୁଣିଆ ମଇତ୍ର ସବୁ ଚାଲି ଯାଇଥିଲେ। କେବଳ ରହିଯାଇଥିଲୁ ଆମେ ଭାଇ ଭଉଣୀମାନେ। ମୁଁ ବି କିଛି ଘଣ୍ଟାର ଅତିଥି ଏ ଘରେ। ତା'ପରେ ଚାଲିଯିବି ମୋ' ଶାଶୁଘରକୁ। ଜାଣେନା ପୁଣି ଥରେ କେବେ ଫେରିବି କି ନାହିଁ ଏଠିକି? କାରଣ ବାପା ମା' ଚାଲିଯିବା ପରେ ଗୋଟେ ଝିଅର ଆଉ ବାପଘର ବୋଲି କିଛି ଥାଏ କି?

ଲୁହ ଛଳଛଳ ଆଖିରେ ମୁଁ ଚାହିଁଥାଏ ଘରର ଚତୁର୍ଦ୍ଦିଗକୁ। ବୋଉର ଆଲମାରି ସେମିତି ସେଇ ବାରିଘରେ କାନ୍ଥକୁ ଆଉଜି ଛିଡ଼ା ହୋଇଥିଲା। ଆଲମାରି ଦେଖିବାକ୍ଷଣି ମୋ' ବୋଉ କଥା ମୋର ଆହୁରି ବେଶୀ ମନେପଡୁଥିଲା।

ଭାଇମାନଙ୍କ ଭିତରେ ଜମିବାଡ଼ି, ଘରଦ୍ୱାର ସବୁ ଭାଗ ବଣ୍ଟା ସରିଯାଇଥିଲା। ବୋଉର ଆଲମାରିକୁ ପୁରୁଣାକାଳିଆ ଅଦରକାରୀ ପଦାର୍ଥ କହି କାହାରିକି ବିକି ଦେବାକୁ କହୁଥିଲେ ଭାଉଜମାନେ। ଏଯାଏ କବାଟ ପାଖରେ ରହି ସବୁ କିଛି ନୀରବରେ ଦେଖୁଥିଲି, ଶୁଣୁଥିଲି ମୁଁ। ବୋଉର ଆଲମାରି କଥା ଉଠିବାରୁ କିନ୍ତୁ ମୁଁ ଆଉ ନିଜକୁ ଅଟକେଇ ପାରିଲିନି। ଭାଇମାନଙ୍କୁ ନେହୁରା ହେଲି କାହାକୁ ଏଇଟିକୁ ନ ବିକିବା ପାଇଁ। ପାରୁତ ଯଦି ମୋ' ବୋଉର ସନ୍ତକ ହିସାବରେ ଏଇଟାକୁ ମୋତେ ଦେଇଦିଅ। ବଡ଼ ଭାଉଜ ତାଚ୍ଛଲ୍ୟଭରା ହସ ହସି ଆଲମାରି ଚାବିକାଠିଟି ମୋ' ହାତକୁ ବଢ଼େଇ ଦେଇ କହୁଥିଲେ, ଝିଅମାନଙ୍କର ବାପଘରର ସବୁ ଜିନିଷରେ ଭାରି ଲୋଭ। ଦେଖୁନ ଏଇ କେଇଖଣ୍ଡ କାଠପଟାକୁ ବି ନେବା ପାଇଁ କେମିତି ଚାହିଁ ବସିଛନ୍ତି! ସେପଟ ଘରୁ ଦୁଇ ଭାଉଜଙ୍କ ଖିଲିଖିଲି ହସ ଶୁଭୁଥିଲା ବେଳେ ମୋ' ଆଖିପତା ଦୁଇଟି ମୁଦି ହେଇ ଯାଉଥିଲା ଲୁହରେ। ମୁଁ ଚାବି ନେଇ ଦୌଡ଼ିଯାଇଥିଲି ସେଇ ଆଲମାରି ପାଖକୁ। ଚାବି ଖୋଲି ଦେବାମାତ୍ରେ ଏକ ଅଦ୍ଭୁତ ବାସ୍ନା ସଞ୍ଚରି ଯାଉଥିଲା ମୋ' ସମସ୍ତ ଶିରା ପ୍ରଶିରାରେ।

ମୋ: ୭୭୪୯୮୫୦୫୭୫

# କିରଣ ଭାରତୀୟ ଦଳର କୋଚ୍

ଭୁବନେଶ୍ୱର, ୭।୬
(ତପନ ସ୍ୱାଇଁ)

ଓଡ଼ିଶାର ପ୍ରଥମ ମହିଳା ଗ୍ରାଣ୍ଡମାଷ୍ଟର (ଡବ୍ଲ୍ୟୁଜିଏମ୍) କିରଣ ମନୀଷା ମହାନ୍ତିଙ୍କୁ ମିଳିଛି ଆଉ ଏକ ଗୁରୁଦାୟିତ୍ୱ। କାଜାଖସ୍ତାନର ଅଲ୍‌ମାଟିରେ ହେବାକୁଥିବା ଏସିଆନ ୟୁଥ୍ ଚେସ୍ ଚାମ୍ପିୟନଶିପ୍ ପାଇଁ ସେ ଭାରତୀୟ ଦଳର କୋଚ୍ ମନୋନୀତ ହୋଇଛନ୍ତି। ପ୍ରତିଯୋଗିତା ଚଳିତ ମାସ ୯ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ସର୍ବଭାରତୀୟ ଚେସ୍ ଫେଡେରେଶନ ପକ୍ଷରୁ କିରଣଙ୍କ ନିଯୁକ୍ତି ସଂସ୍ଥା ଏଲ୍‌ଆଇସିକୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି। ଏଥିରେ କିରଣ ଖୁସି ବ୍ୟକ୍ତ

**ଏସିଆନ ୟୁଥ୍ ଚେସ୍**

କରିବା ସହ ଆଗାମୀ ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ଥିବାକଥା କହିଛନ୍ତି।

କାଜାଖସ୍ତାନ ଚେସ୍ ଫେଡେରେଶନ ଆନୁକୂଲ୍ୟରେ ଆୟୋଜନ ହେବାକୁଥିବା ଏସିଆନ ୟୁଥ୍ ଚାମ୍ପିୟନଶିପ୍‌ରେ ୮, ୧୦, ୧୨, ୧୪, ୧୬ ଓ ୧୮ ବର୍ଷରୁ କମ୍ ବର୍ଗରେ ଉଭୟ ବାଳିକା ଓ ବାଳକ ବିଭାଗରେ ପ୍ରତିଯୋଗିତା ହେବ। ସଂଯୋଗ ବଶତଃ କିରଣ ମନୀଷା ଏସିଆନ୍ ୟୁଥ୍ ଚାମ୍ପିୟନଶିପ୍‌ରେ ହିଁ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ପ୍ରତିଯୋଗିତା ୨୦୦୩ରେ କେରଳର କାଲିକଟରେ ଅନୁଷ୍ଠିତ ହୋଇଥିଲା। ୪ ବର୍ଷ ପରେ ସେ ଉଜବେକିସ୍ତାନର ତାସକେଣ୍ଟରେ ଅନୁଷ୍ଠିତ ଏସିଆନ ୟୁଥ୍ ଚାମ୍ପିୟନଶିପ୍‌ର ୧୮ ବର୍ଷରୁ କମ୍ ବାଳିକା ବର୍ଗରେ ବ୍ରୋଞ୍ଜ ପଦକ ପାଇଥିଲେ।

ଜାତୀୟ ଦଳର କୋଚ୍‌ଭାବେ କିରଣ ଦ୍ୱିତୀୟ ଥରପାଇଁ ଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି। ପୂର୍ବରୁ ୨୦୨୩ରେ କାଜାଖସ୍ତାନର ଅଲ୍‌ମାଟିରେ ଅନୁଷ୍ଠିତ ଏସିଆନ କଣ୍ଟିନେଣ୍ଟାଲ ଚେସ୍ ଚାମ୍ପିୟନଶିପ୍‌ରେ ସେ ଭାରତୀୟ ମହିଳା ଦଳର କୋଚ୍ ଦାୟିତ୍ୱକୁ ସଫଳତାର ସହ ତୁଲାଇଥିଲେ। ତାଙ୍କ ତତ୍ତ୍ୱାବଧାନରେ ମହିଳା ଗ୍ରାଣ୍ଡମାଷ୍ଟର ଦିବ୍ୟା ଦେଶମୁଖ ଓ ମାରୀ ଆନ୍ ଗୋମ୍ସ ଯଥାକ୍ରମେ ମହିଳା କାଟେଗୋରିରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ। ଏହି ଦୁଇ ଖେଳାଳି ୨୦୨୩ ଫିଡେ ବିଶ୍ୱକପ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଥିଲେ।


କିରଣ ମନୀଷା ମହାନ୍ତି

# କାନାଡ଼ାର ପ୍ରଥମ ବିଜୟ

**ଟି୨୦ ବିଶ୍ୱକପ**

ନ୍ୟୁୟର୍କ, ୭।୬

ଚଳିତ ଟି୨୦ କ୍ରିକେଟ ବିଶ୍ୱକପରେ କାନାଡ଼ା ପ୍ରଥମ ବିଜୟ ହାସଲ କରିଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୧୨ ରନରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ନିକୋଲାସ କିର୍ଟନଙ୍କ ୪୯ ଓ ଶ୍ରେୟସ ମୋଭାଙ୍କ ୩୭ ରନ ସହାୟତାରେ କାନାଡ଼ା ୨୦ ଓଭରରେ ୭ ଉଇକେଟ ହରାଇ ୧୩୭ ରନ କରିଥିଲା। ଆୟର୍ଲାଣ୍ଡ ବୋଲରଙ୍କ ମଧ୍ୟରେ କ୍ରେଗ୍ ୟଙ୍ଗ୍ ଓ ବାରୀ ମ୍ୟାକକାର୍ଥୀ ୨ଟି ଲେଖାଏ ଏବଂ ମାର୍କ ଆଡେର ଓ ଗାରେଥ ଡେଲାନି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୩୮ ରନ ବିଜୟ ଲକ୍ଷ୍ୟରେ ପିଛା କରି ଆୟର୍ଲାଣ୍ଡ ୨୦ ଓଭରରେ ୭ ଉଇକେଟ ହରାଇ ୧୨୫ ରନ କରିବାକୁ ସକ୍ଷମ ହୋଇଥିଲା। ୫୯ ରନ ମଧ୍ୟରେ ୬ ଉଇକେଟ ହରାଇବା ସତ୍ତ୍ୱେ ଜର୍ଜ ଡକରେଲଙ୍କ ୩୦* ଓ ମାର୍କ ଆଡେରଙ୍କ ୩୪ ରନ ସହାୟତାରେ ଲଢ଼େଇ କରିଥିଲା ଆୟଲାଣ୍ଡ। ମାତ୍ର ଶେଷରେ ବିଜୟ ଲକ୍ଷ୍ୟଠାରୁ ୧୨ ରନ ଦୂରରେ ରହି ଯାଇଥିଲା। କାନାଡ଼ା ପକ୍ଷରୁ ଜେରେମି ଗର୍ଡନ ଓ ଡିଲୋନ ହେଲିଗେର ୨ଟି ଲେଖାଏ ଏବଂ ଜୁନାଇଦ୍ ସିଦ୍ଦିକ ଓ ସାଦ୍ ବିନ୍ ଜାଫର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। କାନାଡ଼ା ଏହାର ପ୍ରଥମ ମ୍ୟାଚରେ ଆମେରିକାଠାରୁ ୭ ଉଇକେଟରେ ହାରି ଯାଇଥିଲା। ଆୟର୍ଲାଣ୍ଡକୁ ହରାଇ ପଏଣ୍ଟ ଖାତା ଖୋଲିଛି ଏହି ଦଳ। ଅନ୍ୟପକ୍ଷରେ ଆୟର୍ଲାଣ୍ଡ ୨ଟି ଯାକ ମ୍ୟାଚରେ ପରାଜୟ ସ୍ୱାଦ ଚାଖିଛି। ନିଜର ପ୍ରଥମ ମ୍ୟାଚରେ ଏହି ଦଳ ଭାରତଠାରୁ ୮ ଉଇକେଟରେ ହାରିଥିଲା।

# ସ୍କଟଲାଣ୍ଡ ୫ ଉଇକେଟରେ ବିଜୟୀ

ବ୍ରିଜଟାଉନ୍, ୭।୬(ଏପି)

ନାମିବ୍ୟା ବିପକ୍ଷରେ ୫ ଉଇକେଟରେ ବିଜୟ ହାସଲ କରିବା ପରେ ଏଠାରେ ଚାଲିଥିବା ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ର ଗ୍ରୁପ୍ 'ବି'ରେ ଶୀର୍ଷ ସ୍ଥାନ ଅଧିକାର କରିନେଇଛି ସ୍କଟଲାଣ୍ଡ। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ନାମିବ୍ୟା ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ୧୫୫ ରନ କରିଥିଲା। ସ୍କଟଲାଣ୍ଡ ୯ଟି ବଲ୍ ବାକି ଥାଇ ୫ ଉଇକେଟ ବିନିମୟରେ ମ୍ୟାଚ ଜିତି ନେଇଥିଲା। ନାମିବ୍ୟା ଅଧିନାୟକ ଗେରହାର୍ଡ ଇରାସମସ (୨/୧୪)ଙ୍କ ଚମତ୍କାର ବୋଲିଂ ଯୋଗୁ ସ୍କଟଲାଣ୍ଡ ଏକଦା ୬୯ରନରେ ୩ ଉଇକେଟ ହରାଇଥିଲା। ତେବେ ଦଳ ପକ୍ଷରୁ ୩୫ ବଲରୁ ୪୭ରନ କରିଥିବା ଅଧିନାୟକ ରିଚି ବରିଙ୍ଗଟନ ଏବଂ ମାଇକେଲ ଲିସ୍କ (୧୭ ବଲ୍‌ରୁ ୩୫)ଙ୍କ ମଧ୍ୟରେ ୫ମ ଉଇକେଟରେ ୭୪ ରନର ପାର୍ଟନରଶିପ୍ ଯୋଗୁ ବିଜୟ ପଥ ସୁଗମ ହୋଇଯାଇଥିଲା। ଦୁଇ ଦଳ ମଧ୍ୟରେ ଏହା ଚତୁର୍ଥ ଅନ୍ତର୍ଜାତୀୟ ଟି୨୦ ହୋଇଥିବା ବେଳେ ନାମିବ୍ୟା ବିପକ୍ଷରେ ସ୍କଟଲାଣ୍ଡର ଏହା ପ୍ରଥମ ବିଜୟ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ବିଜୟୀ ଦଳର ମାଇକେଲ ଲିସ୍କ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବରୁ ଇଂଲଣ୍ଡ ବିପକ୍ଷ ଓପନିଂ ମ୍ୟାଚ ବର୍ଷା ଯୋଗୁ ସମ୍ଭବ ନ ହେବାରୁ ପଏଣ୍ଟ ବଣ୍ଟାଆରା ହୋଇଥିଲା।

# ଫାଇନାଲରେ ଅଲକାରାଜ

**ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ**

ପ୍ୟାରିସ, ୭।୬

ତୃତୀୟ ସିଡ୍ ସ୍ପେନ୍‌ର କାର୍ଲୋସ ଅଲ୍‌କାରାଜ ଚଳିତ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ୫ ସେଟ୍ ବିଶିଷ୍ଟ ଏକ କଡ଼ା ମୁକାବିଲାରେ ଅଲ୍‌କାରେଜ ଦ୍ୱିତୀୟ ସିଡ୍ ଇଟାଲିର ଜାନିକ ସିନରଙ୍କୁ ୨-୬, ୬-୩, ୩-୬, ୬-୪, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ଚମତ୍କାର ପ୍ରଦର୍ଶନ କରି ସିନର ପ୍ରଥମ ସେଟ୍‌କୁ ୬-୨ରେ ଜିତିଥିଲେ। ମାତ୍ର ସହଜରେ ହାର ମାନିବାକୁ ପ୍ରସ୍ତୁତ ନ ଥିବା ଅଲ୍‌କାରାଜ ଦ୍ୱିତୀୟ ସେଟ୍‌କୁ ୬-୩ରେ ଜିତିବାରୁ ମ୍ୟାଚ ବରାବରସ୍ଥିତିକୁ ଆସିଥିଲା। ତୃତୀୟ ସେଟ୍‌ରେ କିନ୍ତୁ ବାଜି ମାରିଥିଲେ ସିନର। ସେ ୬-୩ରେ ବିଜୟ ହାସଲ କରି ପୁଣି ଅଗ୍ରଣୀ ହାସଲ କରିଥିଲେ। ମାତ୍ର ଅଲ୍‌କାରାଜ ୪ର୍ଥ ସେଟ୍‌କୁ ୬-୪ରେ ଜିତିବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ୫ମ ତଥା ନିର୍ଣ୍ଣାୟକ ସେଟ୍‌କୁ ୬-୩ ସେଟ୍‌ରେ ଜିତି ଫାଇନାଲରେ ପ୍ରବେଶ କରିଥିଲେ ଅଲ୍‌କାରାଜ। ଅଲ୍‌କାରାଜଙ୍କ ପାଇଁ ଏହା ପ୍ରଥମ ଫାଇନାଲ ପ୍ରବେଶ। ଏହା ପୂର୍ବରୁ ୨୦୨୩ ଫ୍ରେଞ୍ଚ୍ ଓପନରେ ସେ ସେମିଫାଇନାଲରୁ ବିଦାୟ ନେଇଥିଲେ। ଏଠାରେ ଫାଇନାଲରେ ପ୍ରବେଶ କରିଥିବାରି ସ୍ପାନିଶ୍ ଖେଳାଳିଙ୍କ ନିକଟରେ କ୍ୟାରିୟରର ୩ୟ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ସମ୍ଭାବନା ରହିଛି। ପୂର୍ବରୁ ସେ ୨୦୨୨ରେ ୟୁଏସ୍ ଓପନ ଏବଂ ୨୦୨୩ରେ ୱିମ୍ବେଲଡନ ଓପନ ଗ୍ରାଣ୍ଡସ୍ଲାମ ଟାଇଟଲ ବିଜୟୀ ହୋଇଥିଲେ। ଅନ୍ୟପକ୍ଷରେ ପରାଜୟ ଦ୍ୱାରା ଚଳିତ ବର୍ଷର ଅଷ୍ଟ୍ରେଲିଆନ ଓପନ ବିଜେତା ସିନରଙ୍କ ଫ୍ରେଞ୍ଚ ଓପନ ଅଭିଯାନ ସେମିଫାଇନାଲରୁ ଶେଷ ହୋଇଛି।


ମ୍ୟାଚ୍ ଜିତିବା ପରେ ଉଲ୍ଲସିତ କାର୍ଲୋସ ଅଲ୍‌କାରାଜ।

# ଆରେଭାଲୋ-ପାଭିକ୍‌ଙ୍କୁ ପୁରୁଷ ଡବଲ୍ସ ଟାଇଟଲ

ପ୍ୟାରିସ, ୭।୬

ସାଲ୍‌ଭାଡୋରର ମାର୍ସେଲୋ ଆଲେଭାରୋ ଓ କ୍ରୋଏସିଆର ମେଟ୍ ପାଭିକ୍ ଚଳିତ ବର୍ଷର ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ଡବଲ୍ସ ଟାଇଟଲ ଜିତିଛନ୍ତି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଏହି ଯୋଡ଼ି ଆର୍ଜେଣ୍ଟିନାର ହୋରାସିଓ ଜେବାଲୋସ ଓ ମାର୍ସେଲ ଗ୍ରାନୋଲେର୍ସଙ୍କୁ ୩-୬, ୬-୪, ୭-୫ ସେଟ୍‌ରେ ପରାସ୍ତ କରିଛନ୍ତି। ପ୍ରଥମ ସେଟ୍‌ରେ ପରାଜିତ ରହିଥିଲେ ହେଁ ଚାପଗ୍ରସ୍ତ ନ ହୋଇ ଆଲେଭାରୋ-ପାଭିକ୍ ଯୋଡ଼ି ସଫଳ ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ସେଟ୍ ଜିତିଥିଲେ। ତୃତୀୟ ତଥା ଅନ୍ତିମ ସେଟ୍‌ରେ କଡ଼ା ଟକ୍କର ହୋଇଥିଲେ ହେଁ ଶେଷରେ ସାଲ୍‌ଭାଡୋର-କ୍ରୋଏସିଆ ଯୋଡ଼ି ବାଜି ମାରିଥିଲେ।

# କ୍ୱାର୍ଟରରୁ ଲକ୍ଷ୍ୟ ସେନ୍‌ଙ୍କ ବିଦାୟ

ଜାକର୍ତ୍ତା, ୭।୬ (ପି.ଟି.): ଭାରତର ଷ୍ଟାର ଶଟଲର ଲକ୍ଷ୍ୟ ସେନ୍ ଇଣ୍ଡୋନେସିଆ ଓପନ ସୁପର ୧୦୦୦ ବ୍ୟାଡ୍‌ମିଣ୍ଟନରେ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ଫଳରେ ଟୁର୍ନାମେଣ୍ଟରେ ଭାରତର ଚ୍ୟାଲେଞ୍ଜ ଶେଷ ହୋଇଛି। ବିଶ୍ୱର ୧୪ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ସେନ୍ ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ କ୍ୱାର୍ଟରଫାଇନାଲରେ ବିଶ୍ୱର ୫ ନମ୍ବର ତଥା ଡେନ୍‌ମାର୍କର ଆଣ୍ଡର୍ସ ଆଣ୍ଟନସେନଙ୍କଠାରୁ ୨୨-୨୪, ୧୮-୨୧ରେ ହାରିଯାଇଛନ୍ତି। ଏହି ମ୍ୟାଚ ୧ ଘଣ୍ଟା ୧ ମିନିଟ ଧରି ଚାଲିଥିଲା। ମ୍ୟାଚରେ ବିଜୟ ଦ୍ୱାରା ଭାରତୀୟ ଖେଳାଳିଙ୍କ ବିପକ୍ଷରେ ଆଣ୍ଟନସେନଙ୍କ ବିଜୟ ପରାଜୟ ରେକର୍ଡ ୩-୨ରେ ପହଞ୍ଚିଛି। ଆଣ୍ଟନସେନ ସେମିଫାଇନାଲରେ ୮ମ ସିଡ୍ ତଥା ଥାଇଲାଣ୍ଡର କୁନ୍‌ଲାଭଟ ଭିଦିତସରନଙ୍କୁ ଭେଟିବେ।

# ଜାତୀୟ ଶକ୍ତିଉତ୍ତୋଳନ ପାଇଁ ଓଡ଼ିଶା ଦଳ


ଜାତୀୟ ଜୁନିୟର ଓ ସବ୍‌ଜୁନିୟର ଶକ୍ତିଉତ୍ତୋଳନ ପାଇଁ ମନୋନୀତ ଓଡ଼ିଶା ପ୍ରତିଯୋଗୀ।

**ଜାତୀୟ ସବ୍-ଜୁନିୟର, ଜୁନିୟର**

ଭୁବନେଶ୍ୱର, ୭।୬ (ବିଜୟ ରଣା)

ରାଜସ୍ଥାନର ଶ୍ରୀଗଙ୍ଗନଗରଠାରେ ପାୱାର ଲିଫ୍ଟିଂ ଇଣ୍ଡିଆ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଜାତୀୟ ସବ୍-ଜୁନିୟର ଓ ଜୁନିୟର ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ୨୫ ଜଣିଆ ଦଳ ଭାଗ ନେଉଛି। ତନ୍ମଧ୍ୟରେ ୧୪ଜଣ ପୁରୁଷ ଓ ୧୦ ମହିଳା ପ୍ରତିଯୋଗୀ ସାମିଲ ଅଛନ୍ତି। ଦଳ ସହିତ କୋଚ୍ ଓ ପ୍ରବନ୍ଧକ ଭାବେ ଗଙ୍ଗାଧର ବିଶୋଇ ଗସ୍ତ କରିଛନ୍ତି। ଏହି ଅବସରରେ ଓଡ଼ିଶା ଶକ୍ତିଉତ୍ତୋଳକ ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ଉପ-ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ପ୍ରଦୀପ କୁମାର ପାତ୍ର ସମରେନ୍ଦ୍ର ରାଉତରାୟ, ଦେବାଶିଷ ମହାନ୍ତି ଓ ଅନ୍ୟମାନେ ଦଳର ଶୁଭକାମନା କରିଛନ୍ତି।

**ଟି୨୦ ବିଶ୍ୱକପ**
(ଆଜିର ମ୍ୟାଚ)

**ନ୍ୟୁଜିଲାଣ୍ଡ ବନାମ ଆଫଗାନିସ୍ତାନ**
ସ୍ଥାନ: ଗୁଏନା
ସମୟ: ପ୍ରାତଃ ୫ଟା

**ଶ୍ରୀଲଙ୍କା ବନାମ ବାଂଲାଦେଶ**
ସ୍ଥାନ: ଡଲାସ
ସମୟ: ସକାଳ ୬ଟା

**ନେଦରଲାଣ୍ଡ୍ସ ବନାମ ଦକ୍ଷିଣ ଆଫ୍ରିକା**
ସ୍ଥାନ: ନ୍ୟୁୟର୍କ
ସମୟ: ରାତି ୮ଟା

**ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ**
ସ୍ଥାନ: ବାର୍ବାଡୋସ
ସମୟ: ରାତି ୧୦ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ରାଜ୍ୟ ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ଆରମ୍ଭ

କେନ୍ଦୁଝର,୭।୬
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରଠାରେ ଶୁକ୍ରବାର ସନ୍ଧ୍ୟାରୁ ୩୭ତମ ରାଜ୍ୟସ୍ତରୀୟ ମହିଳା ଓ ପୁରୁଷ ହ୍ୟାଣ୍ଡବଲ୍ ଚାମ୍ପିୟନଶିପ ଆରମ୍ଭ ହୋଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟସଭା ସଦସ୍ୟ ତଥା ପୂର୍ବତନ ଜାତୀୟ ହ୍ୟାଣ୍ଡବଲ ଖେଳାଳି ସୁବାଶିଷ ଖୁଣ୍ଟିଆ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରବଳ ବର୍ଷା ଯୋଗୁ ସନ୍ଧ୍ୟା ୫ଟା ପରିବର୍ତ୍ତେ ମ୍ୟାଚ ରାତି ୮ଟା ୩୦ରେ ଆରମ୍ଭ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚ୍ କେନ୍ଦୁଝର ଓ ଭୁବନେଶ୍ୱର ମଧ୍ୟରେ ଖେଳାଯାଇଥିଲା। କେନ୍ଦୁଝର ୨୩-୧୨ ଗୋଲରେ ଭୁବନେଶ୍ୱରକୁ ପରାସ୍ତ କରିଛି। ମ୍ୟାଚ୍‌କୁ ଗଞ୍ଜାମର ସନ୍ଦିପ୍ ଓ ପ୍ରମୋଦ ପରିଚାଳନା କରିଥିଲେ।

ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ହ୍ୟାଣ୍ଡ୍‌ବଲ୍ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, ଉପ ସଭାପତି ସୁରେଶ ପାଢ଼ୀ, କୋଷାଧ୍ୟକ୍ଷ ସିତେନ୍ଦ୍ର ନାଥ ଦାଶ ଉପସ୍ଥିତ ଥିଲେ। ସଭାକୁ ଜିଲା ସଂଘର ସଭାପତି ଇଂ. ବସନ୍ତ ଧାନୀ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ରିତିକ ଅଧିକାରୀ ଧନ୍ୟବାଦ ଭାଷଣ ଦେଇଥିଲେ। ଏଥିରେ ଚିରଶ୍ରୀ ସାଗରିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ ମ୍ୟାଚ୍ ଜୁନ୍ ୭ରୁ ୯ ପର୍ଯ୍ୟନ୍ତ କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡ଼ିୟମରେ ଚାଲିବାକୁ ଥିବା ବେଳେ ରାଜ୍ୟର ୧୬ଟି ପୁରୁଷ ଓ ୧୨ ମହିଳା ଦଳ ଭାଗ ନେଇଛନ୍ତି। ଯେଉଁଥିରେ ୪୫୦ରୁ ଊର୍ଦ୍ଧ୍ୱ ଖେଳାଳି ଓ ୨୦ରୁ ଊର୍ଦ୍ଧ୍ୱ ଅଫିସିଆଲ ସାମିଲ ଅଛନ୍ତି। ପୁରୁଷ ଖେଳାଳି ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ଓ ମହିଳା ଖେଳାଳି ଗୁଜରାଟୀ ସମାଜରେ ରହିବାର ବ୍ୟବସ୍ଥା ହୋଇଛି। ଅଫିସିଆଲ ତଥା ରାଜ୍ୟ ସଂଘର ଅତିଥି ବିଭିନ୍ନ ହୋଟେଲରେ ରହିବା ବ୍ୟବସ୍ଥା ହୋଇଛି।


ରାଜ୍ୟ ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ଆରମ୍ଭ ଅବସରରେ ଉପସ୍ଥିତ କ୍ରୀଡ଼ାବିତ୍, ପ୍ରଶିକ୍ଷକ ଓ ଅତିଥିମାନେ।






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ